RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | •VOLUME- 43 •ISSUE-333 •MONDAY •1 JUNE 2026 •PAGE-12 •₹ 7.00

•ବର୍ଷ-୪୩ •ସଂଖ୍ୟା-୩୩୩ •ସୋମବାର •୧ ଜୁନ୍ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦




**ଆଇପିଏଲ୍-୧୯ ସଂସ୍କରଣ: ୫ ୱିକେଟ୍‌ରେ ଗୁଜରାଟ ପରାସ୍ତ | କିମ୍ବଦନ୍ତୀ କୋହଲିଙ୍କ ଅପରାଜିତ ୭୫ ରନ୍**

# ଆର୍‌ସିବି ପୁଣି ଚାମ୍ପିଅନ

■ **ଅହମ୍ମଦାବାଦ୍, ୩୧।୫ (ଏଜେନ୍ସି):** ଡିଫେଣ୍ଡିଂ ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)୨୦୨୬-ଆଇପିଏଲ୍ (ଇଣ୍ଡିଆନ୍ ପ୍ରିମିୟର ଲିଗ୍) ଚାମ୍ପିଅନ ହେବା ସହ ଦୀର୍ଘ ଅଢ଼େଇ ମାସ ଧରି ଚାଲିଥିବା ଫଟାଫଟ୍ କ୍ରିକେଟରେ ସର୍ବବୃହତ୍ ମହୋତ୍ସବର ପରିସମାପ୍ତି ଘଟିଛି। ବିଶ୍ୱର ଏହି ସର୍ବବୃହତ୍ ଓ ସବୁଠାରୁ ଲୋକପ୍ରିୟ ଟୁର୍ଣ୍ଣାମେଣ୍ଟର ୧୯ତମ ସଂସ୍କରଣର ଆଜି ଖେଳାଯାଇଥିବା ଫାଇନାଲରେ ଆର୍‌ସିବି ୫ ୱିକେଟରେ ଗୁଜରାଟ ଟାଇଟାନ୍ସକୁ ପରାସ୍ତ କରିଛି। ଏହା ଫଳରେ ରଜତ ପାଟିଦାରଙ୍କ ନେତୃତ୍ୱରେ ଆର୍‌ସିବି କ୍ରମାଗତ ଦ୍ୱିତୀୟଥର ଆଇପିଏଲ୍ ଟାଇଟଲ ଜିତିବାରେ ସମର୍ଥ ହୋଇଛି। ପୁରସ୍କାର ବାବଦରେ ଆର୍‌ସିବିକୁ ଟ୍ରଫି ସହ ୨୦ କୋଟି ଟଙ୍କା ମିଳିଛି। ବୋଲରଙ୍କୁ ସହାୟତା ଦେଉଥିବା ଏହି ପିଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ଟାଇଟାନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୫୫ରନ୍ କରିଥିଲା। ଜବାବରେ ବିରାଟ କୋହଲିଙ୍କ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ସହାୟତାରେ ଆର୍‌ସିବି ୧୨ଟି ବଲ ଓ ୫ଟି ୱିକେଟ ବାକି ଥାଇ ଫାଇନାଲ ମ୍ୟାଚ୍‌କୁ ଜିତିନେଇଥିଲା। କୋହଲି ୪୨ବଲରୁ ୯ଚୌକା ଓ ୩ଛକା ସହ ୭୫ ରନ୍ କରି ଅପରାଜିତ ରହିଥିଲେ। ସୂଚନାଯୋଗ୍ୟ ଅହମ୍ମଦାବାଦ୍‌ରେ ଅନୁଷ୍ଠିତ ୨୦୨୫ ଆଇପିଏଲ୍ ଫାଇନାଲକୁ ଆର୍‌ସିବି ୬ ରନ୍‌ରେ ପଞ୍ଜାବ କିଙ୍ଗ୍‌ସକୁ ପରାସ୍ତ କରି ୧୮ ବର୍ଷରେ ପ୍ରଥମ ଟାଇଟଲ ବିଜୟୀ ହୋଇଥିଲା। କୋହଲିଙ୍କୁ ପ୍ଲେୟର୍ ଅଫ୍ ଦ ଫାଇନାଲ୍ ଓ ବୈଭବ ସୂର୍ଯ୍ୟବଂଶୀଙ୍କୁ ପ୍ଲେୟର୍ ଅଫ୍ ଦ ଟୁର୍ଣ୍ଣାମେଣ୍ଟ ବିବେଚିତ କରାଯାଇଛି। ସୂର୍ଯ୍ୟବଂଶୀଙ୍କୁ ଅରେଞ୍ଜ ଓ କଗିସୋ ରାବାଡ଼ାଙ୍କୁ ପର୍ପଲ୍ କ୍ୟାପ୍ ମିଳିଛି।

**ଶୁଖିଲା ପଡ଼ିଛି ଦେଶର ୧୫ ପ୍ରମୁଖ ଜଳଭଣ୍ଡାର**

# ଜଳସଙ୍କଟ ଜଳଜଳ

■ **ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି):** ପ୍ରଚଣ୍ଡ ଖରା, ଭୟଙ୍କର ଉତ୍ତାପ ସାରା ଦେଶରେ ଜଳସଙ୍କଟ ସୃଷ୍ଟି କରିଛି। କୂଅ, ପୋଖରୀ, ନଦୀ ଶୁଷ୍କ ହେବାରେ ଲାଗିଛି। ଭୂତଳ ଜଳ ହ୍ରାସ ଯୋଗୁଁ ନଳକୂଅ ଅଚଳ ହୋଇ ପଡ଼ିଛି। ଏହି ସମୟରେ କେନ୍ଦ୍ରୀୟ ଜଳ ଆୟୋଗଙ୍କ ସଦ୍ୟତମ ତଥ୍ୟ ଆଗାମୀ ଦିନ ପାଇଁ ସତର୍କ ଘଣ୍ଟି ପରି ହୋଇଛି। ମେ ମାସ ଶେଷ ସୁଦ୍ଧା ଦେଶର ୧୬୬ଟି ପ୍ରମୁଖ ଜଳଭଣ୍ଡାରରେ ଜଳଧାରଣ କ୍ଷମତାର ମାତ୍ର ୨୪.୭୫% ଜଳ ମହଜୁଦ୍ ଥିବା ସଂକ୍ରାନ୍ତ ରିପୋର୍ଟ ଅନେକଙ୍କ ଆଖିରୁ ନିଦ ହଜାଇ ଦେଇଛି। ଜଳଭଣ୍ଡାରରେ କମ୍ ଜଳର ଉପଲବ୍ଧି ଓ ମୌସୁମୀରେ କମ୍ ବର୍ଷା ନେଇ ପାଣିପାଗ ବିଭାଗର ଆକଳନ ଆଗାମୀ ଦିନରେ ପରିସ୍ଥିତି ଗୁରୁତର ହୋଇପାରେ ବୋଲି ଆକଳନ କରାଯାଉଛି।

ଜଳ ଆୟୋଗଙ୍କ ରିପୋର୍ଟ ଅନୁସାରେ ଅତ୍ୟଧିକ ଗରମ ଏବଂ ଜଳର ଅଧିକ ବ୍ୟବହାର ଯୋଗୁଁ ମାତ୍ର ଏକ ମାସ ମଧ୍ୟରେ ଜଳାଶୟଗୁଡ଼ିକରୁ ପ୍ରାୟ ୨୧.୪୧୧ ବିଲିୟନ ଘନ ମିଟର ପାଣି ହ୍ରାସ, ଯାହା ଜଳ ସୁରକ୍ଷା ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରିଛି। ମେ ମାସ ଆରମ୍ଭରେ ଏହି ସମସ୍ତ ଜଳଭଣ୍ଡାରଗୁଡ଼ିକରେ ୩୬.୪୧ ପ୍ରତିଶତ ଜଳ ଥିଲା, ଯାହା ମାସ ଶେଷ ବେଳକୁ ହ୍ରାସ ପାଇ ୪୫.୪୧୯ ବିଲିୟନ କ୍ୟୁବିକ ମିଟରରେ ପହଞ୍ଚିଛି। ପାଣିପାଗ ବିଭାଗ ପୂର୍ବରୁ ହିଁ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା କରାଯାଇଥିବା ବେଳେ ବର୍ତ୍ତମାନ ୧୫ଟି ପ୍ରମୁଖ ଜଳଭଣ୍ଡାରରେ ପାଣିର ସ୍ତର ସ୍ୱାଭାବିକଠାରୁ ଅଧାକୁ ଖସି ଆସିଛି।



**▶ ଗଚ୍ଛିତ ଜଳ ପରିମାଣ ମାତ୍ର ୨୪.୭୫ ପ୍ରତିଶତ**

**▶ ଏଲ୍‌ନିନୋ ଯୋଗୁଁ ଚଳିତବର୍ଷ କମ୍ ବର୍ଷା ଆକଳନ**

**▶ ପ୍ରଭାବିତ ହେବ ଜଳ ଯୋଗାଣ, ବିଜୁଳି ଉତ୍ପାଦନ**

ମଇ ମାସ ଆରମ୍ଭରେ ୧୧ଟି ବନ୍ଧ ସଙ୍କଟଜନକ ସ୍ଥିତିରେ ଥିବା ବେଳେ ଗରମ ବଢ଼ିବା ଯୋଗୁଁ ଏହି ସଂଖ୍ୟା ୧୫କୁ ବୃଦ୍ଧି ପାଇଛି। ଦେଶର କେତେକ ବଡ଼ ଜଳଭଣ୍ଡାର, ଯେପରିକି ମହାରାଷ୍ଟ୍ରର ଭୀମା ଉଜ୍ଜୟନୀ ବନ୍ଧ ଏବଂ ବିହାରର ଚନ୍ଦନ ବନ୍ଧ ସମ୍ପୂର୍ଣ୍ଣ ରୂପେ ଶୁଖି ଯାଇଥିବା ରେକର୍ଡ କରାଯାଇଛି। ବିଶେଷ କରି ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକରେ ଏହି ଜଳାଶୟ ସଙ୍କଟ ସବୁଠାରୁ ଭୟଙ୍କର ରୂପ ଧାରଣ କରିଛି। କର୍ଣ୍ଣାଟକ ଏବଂ ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟଗୁଡ଼ିକରେ ଜଳସ୍ତର ମେ ମାସ ଆରମ୍ଭରେ ୨୬.୮୩ ପ୍ରତିଶତ ଥିବା ବେଳେ ମାସ ଶେଷ ସୁଦ୍ଧା ତାହା ମାତ୍ର ୧୭.୫୫ ପ୍ରତିଶତକୁ ▶ପୃଷ୍ଠା-୭

# ଲଘୁଚାପକୁ ଅନେଇଛି ଦୁର୍ବଳ ମୌସୁମୀ

■ **ଭୁବନେଶ୍ୱର, ୩୧।୫ (ସମିସ):** କେରଳରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଆଗମନ ପୂର୍ବ ଆକଳନ ଅପେକ୍ଷା ଆହୁରି ବିଳମ୍ବ ହେବାରେ ଲାଗିଛି। ଭାରତୀୟ ପାଣିପାଗ ବିଭାଗ ପ୍ରଥମେ ମେ ୨୬ ତାରିଖ ଆଖପାଖରେ ମୌସୁମୀ ଆସିବା ନେଇ ପୂର୍ବାନୁମାନ କରିଥିଲା। ଏହାପରେ ଆଜି ସୁଦ୍ଧା ମୌସୁମୀ ଆଗମନ ନେଇ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ। ବିଶ୍ୱସ୍ତରୀୟ ଏସେମ୍ବଲ୍ ମଡେଲ୍ ଏବଂ ଚଳିତ ପାଣିପାଗ ସ୍ଥିତିର ସମୀକ୍ଷା ଅନୁଯାୟୀ ବର୍ତ୍ତମାନ ମୌସୁମୀ ଛୁଇଁବାର ସମ୍ଭାବ୍ୟ ସମୟ ଜୁନ୍ ୧ ରୁ ୪ ତାରିଖ ମଧ୍ୟରେ ରହିଛି। ବାୟୁମଣ୍ଡଳୀୟ ସଂରଚନା ଯଦି ଏହିପରି ମନ୍ଥର ରହେ, ତେବେ ଏହା ଜୁନ୍ ୫ ରୁ ୬ ତାରିଖ ପର୍ଯ୍ୟନ୍ତ ମଧ୍ୟ ଘୁଞ୍ଚିଯାଇପାରେ ବୋଲି ବରିଷ୍ଠ ପାଣିପାଗ ବିଜ୍ଞାନୀ ଡ. ସୁରେନ୍ଦ୍ର ନାଥ ପଶୁପାଳକ ଆକଳନ କରିଛନ୍ତି।

**କେରଳ ଛୁଇଁବା ହୋଇପାରେ ବିଳମ୍ବ**

ଡ. ପଶୁପାଳକଙ୍କ ଅନୁଯାୟୀ ଏହି ବିଳମ୍ବର କାରଣ ବର୍ଷାର ଅଭାବ ନୁହେଁ। କେରଳ, ଲାକ୍ଷାଦ୍ୱୀପ ଏବଂ ସଂଲଗ୍ନ ଆରବ ସାଗର ଅଞ୍ଚଳରେ ପୂର୍ବରୁ ହିଁ ବ୍ୟାପକ ବର୍ଷା, ଘନ ମେଘମାଳା, ଝଟ୍‌କା ପବନ ଏବଂ ଦିନର କମ୍ ତାପମାତ୍ରା ଅନୁଭୂତ ହେଉଛି। ତେବେ, ମୌସୁମୀର ଆନୁଷ୍ଠାନିକ ଘୋଷଣା କେବଳ ବର୍ଷା ଉପରେ ନିର୍ଭର କରେନାହିଁ, ଏଥିପାଇଁ ବାୟୁମଣ୍ଡଳରେ ଏକ ସମ୍ପୂର୍ଣ୍ଣ ସୁସଂଗଠିତ ମୌସୁମୀ ପ୍ରବାହ ସୃଷ୍ଟି ହେବା ଆବଶ୍ୟକ। ପାଣିପାଗ ବିଭାଗର ମାପଦଣ୍ଡ ଅନୁଯାୟୀ ପଶ୍ଚିମା ବାୟୁର ପ୍ରବାହ ବାୟୁମଣ୍ଡଳର ୬୦୦ଏଚପିଏ ସ୍ତର (ସମୁଦ୍ର ପତନଠାରୁ ପ୍ରାୟ ୪ ରୁ ୪.୫ କିଲୋମିଟର ଉଚ୍ଚତା) ପର୍ଯ୍ୟନ୍ତ ନିରନ୍ତର ଓ ଗଭୀର ହେବା ଆବଶ୍ୟକ। ବର୍ତ୍ତମାନ ବାୟୁମଣ୍ଡଳର ନିମ୍ନ ଭାଗରେ ପଶ୍ଚିମା ବାୟୁ ସକ୍ରିୟ ଥିଲେ ମଧ୍ୟ, ଏହାର ଗଭୀରତା ଏବଂ ନିରନ୍ତରତା ଏକ ସମ୍ପୂର୍ଣ୍ଣ ପ୍ରତିଷ୍ଠିତ ମୌସୁମୀ ପରି ସୁସଂଗଠିତ ହୋଇପାରି ନାହିଁ ▶ପୃଷ୍ଠା-୭

# ୨୦୩୪କୁ ଘୁଞ୍ଚିବ ଏକ ଦେଶ, ଏକ ନିର୍ବାଚନ

■ **ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି):** ଦେଶରେ 'ଏକ ଦେଶ, ଏକ ନିର୍ବାଚନ' ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାର ଏକ ଦୁଇ-ପର୍ଯ୍ୟାୟ ବିଶିଷ୍ଟ ଯୋଜନା ଉପରେ ବିଚାର କରୁଛନ୍ତି। ରାଜ୍ୟ ବିଧାନସଭାଗୁଡ଼ିକର କାର୍ଯ୍ୟକାଳରେ ସମସ୍ୟା ଏବଂ ବାରମ୍ବାର ନିର୍ବାଚନକୁ ଏଡ଼ାଇବା ପାଇଁ ଏହି ପଦକ୍ଷେପ ନିଆଯାଉଛି। ମିଳିତ ସଂସଦୀୟ କମିଟିର ସୂତ୍ର ଅନୁଯାୟୀ ସମଗ୍ର ଦେଶରେ ଏକାଥରକେ ନିର୍ବାଚନ ନ କରି ୨୦୨୯ ଓ ୨୦୩୪ ମସିହା ମଧ୍ୟରେ ଦୁଇଟି ପର୍ଯ୍ୟାୟରେ ଏହାକୁ ଶେଷ କରାଯିବ। ସୂଚନା ଅନୁସାରେ ୨୦୨୯ ମସିହା ସାଧାରଣ ନିର୍ବାଚନ ସହିତ ଦେଶର ପ୍ରାୟ ୨୦ଟି ରାଜ୍ୟର ବିଧାନସଭା ନିର୍ବାଚନକୁ ଏକତ୍ର କରାଯିବ। ଅବଶିଷ୍ଟ ରାଜ୍ୟଗୁଡ଼ିକୁ ୨୦୩୪ ମସିହା ସୁଦ୍ଧା ଏହି ସମାନ ନିର୍ବାଚନ ପ୍ରକ୍ରିୟା ମଧ୍ୟକୁ ଅଣାଯିବ ଓ ଯାହାଦ୍ୱାରା ସମଗ୍ର ▶ପୃଷ୍ଠା-୭

**୨୦୨୯ରେ ୨୦ ବିଧାନସଭା ଓ ଲୋକସଭା ନିର୍ବାଚନ**

**ଜେଇଇ ଆଡଭାନ୍ସଡ୍ ପରୀକ୍ଷା ଫଳ**

# ଶୁଭମ୍ କୁମାର ଟପ୍ପର

■ **ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି):** ଦେଶର ଅନ୍ୟତମ ପ୍ରତିଷ୍ଠିତ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ଜେଇଇ ଆଡଭାନ୍ସଡ୍-୨୦୨୬ର ପରୀକ୍ଷାଫଳ ରବିବାର ବିଳମ୍ବିତ ରାତିରେ ପ୍ରକାଶ ପାଇଛି। ଭାରତୀୟ ପ୍ରଯୁକ୍ତି ସଂସ୍ଥାନ (ଆଇଆଇଟି) ରୁର୍କୀ ପକ୍ଷରୁ ଫଳାଫଳ ଘୋଷଣା କରାଯାଇଥିବା ବେଳେ ଆଇଆଇଟି ଦିଲ୍ଲୀ ଜୋନ୍‌ର ଶୁଭମ କୁମାର ୩୬୦ରୁ ୩୩୦ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଆଇଆଇଟି ଦିଲ୍ଲୀ ଜୋନ୍‌ର ଆରୋହୀ ଦେଶପାଣ୍ଡେ ମହିଳା ବର୍ଗରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଫଳାଫଳ ଜୁନ୍ ୧ରେ ପ୍ରକାଶ ପାଇବାକୁ ଥିବାବେଳେ ଏହାକୁ ଏକ ରାତି ପୂର୍ବରୁ ଘୋଷଣା କରାଯାଇଛି। ପରୀକ୍ଷାର୍ଥୀମାନେ ଅଧିକାରିକ ୱେବସାଇଟ୍ jeeadv.ac.in ରେ ନିଜର ସ୍କୋରକାର୍ଡ ଯାଞ୍ଚ କରିପାରିବେ। ▶ପୃଷ୍ଠା-୭



**୫୬ ହଜାରରୁ ଅଧିକ କୃତକାର୍ଯ୍ୟ**

**ପେଟ୍ରୋଲ, ଡିଜେଲ, ଏଟିଏଫ୍‌ରୁ ରପ୍ତାନୀ ଶୁଳ୍କ ହ୍ରାସ**



# ଲାଭରେ କମ୍ପାନୀ; ଖାଉଟି ନିରାଶ

■ **ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି):** ଦେଶରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ଆକାଶଛୁଆଁ ହେବାରେ ଲାଗିଛି। ଦେଶର ଅଧିକାଂଶ ସହରରେ ପେଟ୍ରୋଲ ଏବଂ ଡିଜେଲ ଲିଟର ପିଛା ୧୦୦ ଟଙ୍କା ଉପରେ ରହିଛି। ଠିକ୍ ଏହି ସମୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ବୃହତ୍ ହ୍ରାସ ଘଟିଛି। ଏହି ନିଷ୍ପତ୍ତି ପରେ ସରକାର ପେଟ୍ରୋଲ, ଡିଜେଲ ଏବଂ ଏଟିଏଫ୍ (ବିମାନ ଇନ୍ଧନ) ଉପରୁ ରପ୍ତାନି ଶୁଳ୍କ ହ୍ରାସ କରିଛନ୍ତି। ଫଳରେ ପେଟ୍ରୋଲ ଉପରେ ରପ୍ତାନି ଶୁଳ୍କ ଲିଟର ପିଛା ୧.୫ ଟଙ୍କା, ଡିଜେଲ ଉପରେ ୧୩.୫ ଟଙ୍କା ଏବଂ ଏଟିଏଫ୍ ଉପରେ ୯.୫୦ ଟଙ୍କା ହ୍ରାସ ହୋଇଛି। ତେବେ ଏଠାରେ ସମସ୍ତଙ୍କ ମନରେ ପ୍ରଶ୍ନ ଉଠୁଛି ଯେ, ଉଭୟ ତୈଳର ରପ୍ତାନି ଶୁଳ୍କରେ ଏହି ହ୍ରାସ ପରେ ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ କମିବ କି। ତେବେ ବାସ୍ତବ କଥା ହେଉଛି, ଉଭୟ ତୈଳ ଉପରେ ଟିକସ ହ୍ରାସ ପରେ ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ କୌଣସି ହ୍ରାସ ଘଟିବ ନାହିଁ। କାରଣ ସରକାର ଘରୋଇ ସ୍ତରରେ ଟିକସରେ କୌଣସି ପରିବର୍ତ୍ତନ କରିନାହାଁନ୍ତି। ସରକାରଙ୍କ ଏହି ନିଷ୍ପତ୍ତିରେ ବରଂ ବଡ଼ ବଡ଼ ସରକାରୀ ଏବଂ ଘରୋଇ ତୈଳ କମ୍ପାନୀ ଲାଭବାନ୍ ହେବେ। ଏ କ୍ଷେତ୍ରରେ ତେଲ କମ୍ପାନୀଙ୍କୁ ଆଶ୍ୱସ୍ତି ▶ପୃଷ୍ଠା-୭

**ବାଲିଅନ୍ତା ଭିଡ଼ହତ୍ୟା: ଆଜିଠାରୁ ଏନ୍‌ଏଚ୍‌ଆର୍‌ସିର ତଦନ୍ତ**

# ଜେରା ହେବେ ଏଡିଜିଙ୍କଠୁ କନେଷ୍ଟବଲ

■ **ଭୁବନେଶ୍ୱର, ୩୧।୫ (ସମିସ):** ବାଲିଅନ୍ତା ଭିଡ଼ ହତ୍ୟା ମାମଲାରେ ତଦନ୍ତ କରିବେ ଜାତୀୟ ମାନବାଧିକାର କମିସନ (ଏନ୍‌ଏଚ୍‌ଆର୍‌ସି)। ରାଜେନ୍ଦ୍ର ସିଂ ଓ ଅଭିନାଶ କୁମାରଙ୍କୁ ନେଇ ଗଠିତ ଏନ୍‌ଏଚ୍‌ଆର୍‌ସି ଟିମ୍ ସୋମବାର ଘଟଣାସ୍ଥଳ ପରିଦର୍ଶନ କରିବେ। ସୌମ୍ୟଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗରେ ଏଡିଜିଙ୍କଠାରୁ ଦ୍ୱୈତନଗରୀ ପୁଲିସ କମିସନର ଓ ଘଟଣାସ୍ଥଳରେ ଉପସ୍ଥିତ ଏସ୍‌ଆଇ, କନେଷ୍ଟବଳ ପ୍ରମୁଖଙ୍କୁ ଏନ୍‌ଏଚଆର୍‌ସି ଜେରା କରିବେ। ଏ ସଂକ୍ରାନ୍ତରେ ରାଜ୍ୟ ମୁଖ୍ୟ ସଚିବ, ପୁଲିସ ଡିଜି ଓ ରେଳବାଇ ଏଡିଜିଙ୍କୁ ମାନବାଧିକାର କମିଶନ ଆଗୁଆ ସୂଚନା ଦେଇଛନ୍ତି।



ସୂଚନା ଅନୁସାରେ ଦ୍ୱୈତନଗରୀ ପୁଲିସ କମିସନର, ଭୁବନେଶ୍ୱର ଡିସିପି, ଏସିପି, ଜିଆର୍‌ପି ସୁପରିଟେଣ୍ଡେଣ୍ଟଙ୍କୁ ତଦନ୍ତ ପରିସରଭୁକ୍ତ କରିଛନ୍ତି ଏନ୍‌ଏଚ୍‌ଆରସି। ଏହା ସହ ବାଲିଅନ୍ତା ଥାନା ଅଧିକାରୀ, ତଦନ୍ତକାରୀ ଅଧିକାରୀ, ଘଟଣାସ୍ଥଳରେ ଉପସ୍ଥିତ ଏସ୍‌ଆଇ, ଏଏସ୍‌ଆଇ, ଦୁଇ କନେଷ୍ଟବଳ, ଆଇନଶୃଙ୍ଖଳା ପାଇଁ ଦାୟୀ ଅଫିସର, କ୍ୟାପିଟାଲ ହସ୍ପିଟାଲ ଡାକ୍ତର ଏବଂ ବ୍ୟବଚ୍ଛେଦରେ ସାମିଲ ଥିବା ଡାକ୍ତରୀ ଟିମ୍ ଓ ସୌମ୍ୟଙ୍କୁ ନିଜ ଘରେ ବ୍ୟକ୍ତିଗତ କାମ କରାଇବା ସହ ଶାରୀରିକ ଶୋଷଣ କରୁଥିବା ବରିଷ୍ଠ ଆଇପିଏସ୍‌ଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରି ଜେରା କରାଯିବ। ଅନୁରୂପ ଭାବରେ ଅଭିଯୋଗକାରୀ ଭଜମନ ▶ପୃଷ୍ଠା-୭




## ବୀରନୀଳକଣ୍ଠପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣଦେଖା ଅଭିଯୋଗ

# କେବେ ପୂରଣ ହେବ ଖାଲିଥିବା ଫାର୍ମାସିଷ୍ଟ ଓ ମହିଳା ସ୍ୱାସ୍ଥ୍ୟସେବିକା ପଦ

ଡେରାବିଶ, ୩୧।୫(ସମିସ)

ଡେରାବିଶ ବ୍ଲକ ଅଞ୍ଚଳରେ ଆବଶ୍ୟକୀୟ ଡାକ୍ତର ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ଅଭାବରୁ ବ୍ଲକ୍ ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ବ୍ଲକ୍ ଅଧୀନସ୍ଥ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବ୍ୟାହତ ହେଉଥିବାବେଳେ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ବୀରନୀଳକଣ୍ଠପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବସ୍ଥାପିତ ଡାକ୍ତର ଧର୍ମେନ୍ଦ୍ର ସିଂଙ୍କ ନିଷ୍ଠାପର ରୋଗୀସେବା ପାଇଁ ଏଠାରେ ଦୈନିକ ୨୦୦ରୁ ଅଧିକ ରୋଗୀ ସେମାନଙ୍କ ଚିକିତ୍ସା ପାଇଁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଅଛନ୍ତି। ସକାଳ ୮ଟାରୁ ରାତି ୮ଟା ଯାଏ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲା ରହୁଥିବାବେଳେ ରୋଗୀ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥା'ନ୍ତି। ମାତ୍ର ଏଠାରେ କାର୍ଯ୍ୟରତ ଥିବା ଫାର୍ମାସିଷ୍ଟଙ୍କ ବଦଳି ହେବା ପରେ ନବନିଯୁକ୍ତ ଫାର୍ମାସିଷ୍ଟ କୌଣସି ସୂଚନା ନ ଦେଇ ଛୁଟିରେ ରହିବା ଦ୍ୱାରା ନିରାମୟ କେନ୍ଦ୍ରରେ ରୋଗୀଙ୍କୁ ପ୍ରଦାନ କରାଯାଉଥିବା ଔଷଧ ଓ ଅନ୍ୟାନ୍ୟ ଚିକିତ୍ସାରେ ବ୍ୟାହାତ ହୋଇଛି। ଏ ସମ୍ପର୍କରେ ୧୮ ତାରିଖରେ ଡେରାବିଶ ବ୍ଲକ୍‌ରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଅଞ୍ଚଳବାସୀ ଜିଲ୍ଲାପାଳଙ୍କୁ ଭେଟି ସ୍ୱାସ୍ଥ୍ୟକେନ୍ଦ୍ରର ଅଚଳାବସ୍ଥା ସମ୍ପର୍କରେ ଅଭିଯୋଗ କରିଥିଲେ।

ଜିଲ୍ଲାପାଳ ରଘୁରାମ ଆର ଆୟର ସେହିଦିନ ସନ୍ଧ୍ୟାରେ ହଠାତ୍ ସମ୍ପୃକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଚାନକ ପରିଦର୍ଶନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ସମସ୍ୟା ବୁଲି ଦେଖିବା ସହ ସେଠାରେ ଉପସ୍ଥିତ ଥିବା ସ୍ଥାନୀୟ ଲୋକଙ୍କ ସହ ଜିଲ୍ଲାପାଳ ଆଲୋଚନା କରିଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ଜଣେ ଫାର୍ମାସିଷ୍ଟ ଓ ଏକ ମହିଳା ସେବିକା ପଦବୀକୁ ତୁରନ୍ତ ପୂରଣ କରିବା ପାଇଁ ଅଞ୍ଚଳବାସୀ ଜିଲ୍ଲାପାଳଙ୍କ ନିକଟରେ ଦାବି ଜଣାଇଥିଲେ। ଜିଲ୍ଲାପାଳ ୧୯ ତାରିଖ ସୁଦ୍ଧା ତୁରନ୍ତ ଫାର୍ମାସିଷ୍ଟ ଓ ମହିଳା ସେବିକା ପଦବୀ ପୂରଣ କରିବା ପାଇଁ ଏଠାରେ ଉପସ୍ଥିତ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଇତିମଧ୍ୟରେ ୧୦ ଦିନ ବିତିଯାଇଥିଲେ ମଧ୍ୟ ଏହି ପଦବୀ ପୂରଣ ନ ହେବା ଯୋଗୁଁ ରୋଗୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ବିଷୟରେ ସମାଜସେବୀ ନାରାୟଣ ଲେଙ୍କା, ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ତୁରନ୍ତ ସମାଧାନ ନ ହେଲେ ଖୁବ୍‌ଶୀଘ୍ର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରୁ ସେ କହିଲେ, ଶୁକ୍ରବାର ଜଣେ ମହିଳା ସେବିକା ଓ ଫାର୍ମାସିଷ୍ଟଙ୍କୁ ସେଠାରେ ନିଯୁକ୍ତି ପାଇଁ ବ୍ୟବସ୍ଥା କରିଛନ୍ତି ବୋଲି କହିଥିଲେ।

## କବି ଗୋଲାପ ରାଉତଙ୍କ କବିତା ସଙ୍କଳନ 'ଫୁଟପାଥର ସ୍କେଚ୍' ଉନ୍ମୋଚିତ



କେନ୍ଦ୍ରାପଡ଼ା,୩୧।୫(ସମିସ): ଯୁବ କବି ଗୋଲାପ ରାଉତଙ୍କ ପ୍ରଥମ କବିତା ସଙ୍କଳନ 'ଫୁଟପାଥର ସ୍କେଚ୍' ସ୍ଥାନୀୟ ସାନ୍ଧ୍ୟ ମହାବିଦ୍ୟାଳୟ ଅଡିଟୋରିୟମରେ ଉନ୍ମୋଚନ କରାଯାଇଛି। ସାହିତ୍ୟପ୍ରେମୀ, କବି ଓ ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ଆୟୋଜିତ ଏହି ଉତ୍ସବ ସାହିତ୍ୟ ଜଗତରେ ଏକ ସ୍ମରଣୀୟ ଅଧ୍ୟାୟ ଯୋଡ଼ିଛି। ମୁଖ୍ୟଅତିଥି ଭାବେ ଯୋଗଦେଇ କବି ଡକ୍ଟର ମମତାମୟୀ ଚୌଧୁରୀ କହିଥିଲେ, ଗୋଲାପ ରାଉତଙ୍କ କବିତାରେ ଜୀବନର ବିଭିନ୍ନ ଅନୁଭବ, ସଂଘର୍ଷ ଓ ଯନ୍ତ୍ରଣାର ସ୍ୱର ଅତ୍ୟନ୍ତ ସଜୀବ ଭାବେ ପ୍ରତିଫଳିତ ହୋଇଛି। କବିଙ୍କ ସମ୍ବେଦନଶୀଳ ଚିନ୍ତାଧାରା ଓ ଭାଷାର ସରଳତା ପାଠକଙ୍କ ହୃଦୟକୁ ସ୍ପର୍ଶ କରିବ ବୋଲି ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଡକ୍ଟର ଶ୍ରୀଧର ସାମଲ କବିତା ସଙ୍କଳନର ସମୀକ୍ଷା କରି କହିଥିଲେ, କବିତା କେବଳ ଭାବନାର ଅଭିବ୍ୟକ୍ତି ନୁହେଁ, ବରଂ ସମାଜର ଅନ୍ତର୍ନିହିତ ଚେତନାର ପ୍ରତିନିଧିତ୍ୱ କରେ। ଫୁଟପାଥର ସ୍କେଚ୍‌ର କବିତାରେ ସାମାଜିକ ବାସ୍ତବତା, ମାନବୀୟ ମୂଲ୍ୟବୋଧ ଓ ସମୟର ସ୍ପନ୍ଦନ ସ୍ପଷ୍ଟ ଭାବେ ପରିଲକ୍ଷିତ ହୋଇଛି। କବି ରମେଶ ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଶିକ୍ଷାବିତ୍ ପ୍ରଫେସର ନନ୍ଦକିଶୋର ପରିଡା, କବି ବୃନ୍ଦାବନ ଦାସ, କବି ସ୍ୱପ୍ନାଂଶ ଦାସ, କବି ସୁରେନ୍ଦ୍ର ନାଥ ଜେନା, କବି ପ୍ରେମାନନ୍ଦ ଖଣ୍ଡୁଆଳ ଓ କଥାକାର ମାତୃଦତ୍ତ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ କବିତା ଓ ସାହିତ୍ୟର ସାମାଜିକ ଭୂମିକା ଉପରେ ଆଲୋକପାତ କରିଥିଲେ। ମୁହାଣ ପ୍ରକାଶନୀ ପକ୍ଷରୁ ପ୍ରକାଶିତ ଏହି କବିତା ସଙ୍କଳନରେ ୪୩ଟି କବିତା ସ୍ଥାନ ପାଇଛି । ଜୀବନ, ସମାଜ, ସଂଘର୍ଷ ଓ ମାନବୀୟ ଅନୁଭୂତିକୁ ନେଇ ରଚିତ ଏହି କବିତା ପାଠକଙ୍କ ମନରେ ସ୍ୱତନ୍ତ୍ର ଛାପ ଛାଡ଼ିବ ବୋଲି ଉପସ୍ଥିତ ସାହିତ୍ୟପ୍ରେମୀ ଆଶା ପ୍ରକାଶ କରିଥିଲେ। କବି ଗୋଲାପ ରାଉତଙ୍କ ଏହି ପ୍ରଥମ କବିତା ସଙ୍କଳନ ଓଡ଼ିଆ ସାହିତ୍ୟକୁ ନୂତନ ସ୍ୱର ପ୍ରଦାନ କରିବ ବୋଲି ଉତ୍ସବରେ ବକ୍ତାମାନେ ମତ ପ୍ରକାଶ କରିଥିଲେ।

## ବଜ୍ରପାତରେ କଲେଜ ଛାତ୍ରଙ୍କ ମୃତ୍ୟୁ



ରାଜକନିକା, ୩୧।୫(ସମିସ): ଆଜି ଅପରାହ୍ନରେ ଝଡ଼ତୋଫାନ ସହ ବଜ୍ରାଘାତରେ ରାଜକନିକା ଥାନା ଅନ୍ତର୍ଗତ ଦେଉଳତରା ଗ୍ରାମର +୨ ପଢୁଥିବା ଛାତ୍ର ଅଂଶୁମାନ ସୂତାର (୧୬)ଙ୍କ ମୃତ୍ୟୁ ହୋଇଛି। ଅପରାହ୍ନରେ ଅଂଶୁମାନ ଗାଧୋଇ ଘରକୁ ଫେରୁଥିବାବେଳେ ବଜ୍ରପାତର ଶିକାର ହୋଇ ଘର ଆଗରେ ଟଳିପଡ଼ିଥିଲେ। ଗାଁ ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ରାଜକନିକା ମେଡିକାଲକୁ ନେଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଅଂଶମାନଙ୍କ ବାପା କୈଳାସ ସୂତାର ହାଇଦ୍ରାବାଦରେ ଶ୍ରମିକ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିବାବେଳେ ପୁଅକୁ ଯାଜପୁରର ଏକ ଘରୋଇ କଲେଜରେ ପଢ଼ାଉଥିଲେ । ଗ୍ରୀଷ୍ମ ଅବକାଶରେ ଅଂଶୁମାନ ଘରକୁ ଆସିଥିବାବେଳେ ଏହି ଘଟଣା ଘଟିଛି। ଅଂଶୁମାନଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

## ଗୋପାଳପୁରରୁ ୨ ସାପ ସହ ୩୦ ଅଣ୍ଡା ଉଦ୍ଧାର

ରାଜକନିକା,୩୧।୫(ସମିସ): ଆଜି ଗୋପାଳପୁରରୁ ରାଜନଗର ବନ ବିଭାଗ ପକ୍ଷରୁ ଦୁଇଟି ଗୋଖର ସାପ ସହ ୩୦ଟି ଅଣ୍ଡା ଉଦ୍ଧାର କରାଯାଇଛି। ଗତ କିଛିଦିନ ହେବ ନହୁଣୀ ପଞ୍ଚାୟତର ଗୋପାଳପୁର ଗ୍ରାମର ତ୍ରିଲୋଚନ ନାୟକଙ୍କ ଘର ପାଖରେ ଗୋଖର ସାପ ବୁଲୁଥିବା ଦେଖି ଲୋକେ ଭୟଭୀତ ହେବା ସହ ସ୍ନେକ ହେଲ୍ପ ଲାଇନ ଓ ବନ ବିଭାଗକୁ ଖବର ଦିଆଯାଇଥିଲା। ଆଜି ସକାଳେ ରାଜନଗର ବନ ବିଭାଗର ଖୋଲା ସେକ୍ସନର ଦୁଇଜଣ କର୍ମଚାରୀ ଆସି ତ୍ରିଲୋଚନ ନାୟକଙ୍କ ଘର ପାଖରେ ଗାତ କରି ରହୁଥିବା ଦୁଇ ଗୋଖର ସାପ ସହ ଅଣ୍ଡା ଉଦ୍ଧାର କରିଛନ୍ତି। ଉଦ୍ଧାର ହୋଇଥିବା ସାପ ଦୁଇଟିର ଲମ୍ବ ସାଢେ ଚାରି ଫୁଟ ହୋଇଥିବାବେଳେ ଉଦ୍ଧାର ସାପ ଓ ଅଣ୍ଡାକୁ ବନବିଭାଗ କର୍ମଚାରୀ ଜଙ୍ଗଲରେ ଛାଡ଼ିଥିବା ଜଣାପଡ଼ିଛି।

## ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ବୈଠକ



ଡେରାବିଶ,୩୧।୫(ସମିସ): ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର କେନ୍ଦ୍ରାପଡ଼ା ଜିଲ୍ଲା ଶାଖାର ଏକ କାର୍ଯ୍ୟକାରୀ ବୈଠକ ଚାନ୍ଦୋଳସ୍ଥ ସଂଘର ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାନେତ୍ରୀ କାମିନୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶ୍ରମିକ ନେତା ତଥା ସାଧାରଣ ସମ୍ପାଦକ ଅଶୋକ ତ୍ରିପାଠୀ ଯୋଗଦେଇ ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟଶୈଳୀ ଉପରେ ମନ୍ତବ୍ୟ ରଖିଥିଲେ। ବର୍ଷ ବର୍ଷ ଧରି ଶ୍ରମିକଙ୍କ ନାମରେ ମଞ୍ଜୁରୀପ୍ରାପ୍ତ ହୋଇ ପଡ଼ିରହିଥିବା ବିଭିନ୍ନ ଅନୁଦାନକୁ ତୁରନ୍ତ ପ୍ରଦାନ, ଶ୍ରମିକଙ୍କ ଝିଅ ବିଭାଘର ନିମନ୍ତେ ମିଳୁଥିବା ଅନୁଦାନ ରାଶି ପ୍ରଦାନ ଓ ୪ ବର୍ଷ ହେବ ଆବେଦନ କରିଥିବା ଶହ ଶହ ମହିଳା ନିର୍ମାଣ ଶ୍ରମିକଙ୍କ ପରିଚୟପତ୍ର ଦିଆଯାଇ ନ ଥିବାକୁ ନେଇ ସଂଘ ଆସନ୍ତା ୨ ତାରିଖରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ୧୫ ଦିନ ମଧ୍ୟରେ ଯଦି କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନ ନିଅନ୍ତି, ତେବେ ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ସଂଘ ଧାରଣା ଦେବ ବୋଲି ଚେତାବନୀ ଦେଇଥିଲେ। ଏ ସମ୍ପର୍କରେ ଉପସ୍ଥିତ ସଂଘ କର୍ମକର୍ତ୍ତା ନିତ୍ୟାନନ୍ଦ ସାମଲ, ମହେଶ୍ୱର ନାୟକ, ପ୍ରଦୀପ୍ତ ସାମଲ, ଜଗଦୀଶ କଟାଳ, ଦ୍ୱିତୀରଞ୍ଜନ ପଣ୍ଡା ପ୍ରମୁଖ ଶ୍ରୀ ତ୍ରିପାଠୀଙ୍କ ବକ୍ତବ୍ୟକୁ ସମର୍ଥନ ଜଣାଇଥିଲେ। ଚନ୍ଦ୍ରମଣି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ମହାନଦୀ କୂଳରେ ବେଆଇନ ଚିଙ୍ଗୁଡ଼ି ଘେରି ଅଭିଯୋଗ

ମହାକାଳପଡ଼ା, ୩୧।୫(ସମିସ): ମହାକାଳପଡ଼ା ତହସିଲ ଅନ୍ତର୍ଗତ ପାଟଲିପଙ୍ଗ ପଞ୍ଚାୟତର ନୀଳାଚଳ ଛକରୁ ରୋମିତ ଯିବା ରାସ୍ତା କଡ଼ରେ ମହାନଦୀ କୂଳରେ ବହୁ ସଂଖ୍ୟକ ବେଆଇନ ଚିଙ୍ଗୁଡ଼ି ଘେରି ଗଢ଼ିଉଠିଥିବା ଅଭିଯୋଗ ହୋଇଛି। ସରକାରଙ୍କ



ଦ୍ୱାରା ବେଆଇନ ଚିଙ୍ଗୁଡ଼ି ଚାଷ ଉପରେ କଟକଣା ଥିବା ସତ୍ତ୍ୱେ ଏ ଅଞ୍ଚଳରେ ଚିଙ୍ଗୁଡ଼ି ଘେରି କରାଯାଇଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଏହି ଚିଙ୍ଗୁଡ଼ି ଘେରିରେ ଉତ୍ପାଦନ ବୃଦ୍ଧି ପାଇଁ ବିଭିନ୍ନ ରାସାୟନିକ ପଦାର୍ଥ ବ୍ୟବହାର କରାଯାଉଛି। ପରେ ସେହି ଦୂଷିତ ପାଣିକୁ ସିଧାସଳଖ ମହାନଦୀକୁ ଛାଡ଼ି ଦିଆଯାଉଥିବାରୁ ନଦୀ ଜଳ ଦୂଷିତ ହେଉଛି। ଏହା ଜଳଜୀବ, ପରିବେଶ ଓ ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ମତ ପ୍ରକାଶ ପାଇଛି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଏତେ ବଡ଼ଧରଣର ବେଆଇନ ଘେରି ଚାଷ ଚାଲିଥିବା ସତ୍ତ୍ୱେ ମହାକାଳପଡ଼ା ତହସିଲଦାର ଓ ସମ୍ପୃକ୍ତ ରେଭେନ୍ୟୁ ଇନ୍ସପେକ୍ଟର ଏ ସମ୍ପର୍କରେ କିପରି ଅବଗତ ନୁହଁନ୍ତି? ନା ଜାଣିଶୁଣି ଚୁପ୍ ବସି ରହିଛନ୍ତି? ଏହାକୁ ନେଇ ସାଧାରଣରେ ବିଭିନ୍ନ ପ୍ରଶ୍ନ ଉଠୁଛି। ପରିବେଶ ଦୂଷଣ ସହିତ ସରକାରୀ ଜମି ଜବରଦଖଲ ଓ ରାଜସ୍ୱ କ୍ଷତି ହେଉଥିବା ଅଭିଯୋଗ ମଧ୍ୟ ହେଉଛି। ତୁରନ୍ତ ଏହାର ତଦନ୍ତ କରି ବେଆଇନ ଘେରି ଉଚ୍ଛେଦ ସହ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ମନୋଜ ପରିଡ଼ା ପଟ୍ଟାମୁଣ୍ଡାଇ କଲେଜ ନୂତନ ଅଧ୍ୟକ୍ଷ



ପଟ୍ଟାମୁଣ୍ଡାଇ,୩୧।୫(ସମିସ): ପଟ୍ଟାମୁଣ୍ଡାଇ କଲେଜର ନୂତନ ଅଧ୍ୟକ୍ଷ ଭାବେ ସମାଜ ବିଜ୍ଞାନ ବିଭାଗ ବରିଷ୍ଠ ପ୍ରଫେସର କ୍ୟାପଟେନ ମନୋଜ ପରିଡ଼ାଙ୍କୁ ନିଯୁକ୍ତ କରାଯାଇଛି। ସେ ବିଦାୟୀ ଅଧ୍ୟକ୍ଷ ସର୍ବେଶ୍ୱର ସାହୁଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବରୁ ଶ୍ରୀ ପରିଡ଼ା ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ଦାୟିତ୍ୱରେ ଥିଲେ। ନୂତନ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ ସମୟରେ କଲେଜର ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ରହି ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ପଟ୍ଟାମୁଣ୍ଡାଇ କଲେଜର ନୂତନ ଅଧ୍ୟକ୍ଷ ଭାବେ ପ୍ରଫେସର ଶ୍ରୀ ପରିଡ଼ାଙ୍କ ଯୋଗଦାନକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

## ବଜ୍ରପାତରେ ଆଦିବାସୀ ଯୁବକଙ୍କ ମୃତ୍ୟୁ

- ଶ୍ରମିକ ଶୋଷଣ ଅଭିଯୋଗକୁ ନେଇ ଉଠିଲା ପ୍ରଶ୍ନ
- ଗଦାଧର ହାଟ ନିକଟ ଚିତ୍ରୋତ୍ପଳା ନଦୀ ପଠାରେ ଅଘଟଣ
- ଦଲାଲଙ୍କ ମାଧ୍ୟମରେ ଆସିଥିବା ଶ୍ରମିକଙ୍କ ସୁରକ୍ଷା ନେଇ ଚିନ୍ତା

କେନ୍ଦ୍ରାପଡ଼ା,୩୧।୫(ସମିସ): କୁଦାନଗରୀ ଥାନା ଅନ୍ତର୍ଗତ ଗଦାଧର ହାଟ ନିକଟସ୍ଥ ଚିତ୍ରୋତ୍ପଳା ନଦୀ ପଠାରେ ବଜ୍ରାଘାତରେ ଜଣେ ୨୨ ବର୍ଷୀୟ ଆଦିବାସୀ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଏହି ଘଟଣାକୁ ନେଇ ଶ୍ରମିକ ସୁରକ୍ଷା ଓ ଶ୍ରମିକ ଶୋଷଣ ପ୍ରସଙ୍ଗ ପୁଣିଥରେ ସାମ୍ନାକୁ ଆସିଛି। ମୃତ ଯୁବକ କେନ୍ଦୁଝର ଜିଲ୍ଲାର ଦୁଷ୍ମନ୍ତ ମାଝୀଙ୍କ ପୁଅ ସାଲୁକା ମାଝୀ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ମଇଁଷି ଚରାଉଥିବାବେଳେ ବଜ୍ରପାତର ଶିକାର ହୋଇ ସାଲୁକାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ତାଙ୍କ ସହ ଥିବା ବଡ଼ଭାଇ ମୃତଦେହ ନିକଟରେ ବସି କାନ୍ଦୁଥିବା ଦୃଶ୍ୟ ଉପସ୍ଥିତ ଲୋକଙ୍କୁ ମର୍ମାହତ କରିଥିଲା। ଏ ଘଟଣା ପରେ ମୃତକଙ୍କ ପରିବାର ସହ ଯୋଗାଯୋଗ କରିବାରେ ସମସ୍ୟା ଉପୁଜିଛି। ପରିବାରର କିଛି ସଦସ୍ୟ ମାମୁଁଘରେ ରହୁଥିବାବେଳେ ଭାଷାଗତ ସମସ୍ୟା ଯୋଗୁଁ ଯୋଗାଯୋଗରେ ଅସୁବିଧା ହେଉଥିବା କୁହାଯାଉଛି। ତେବେ ଘଟଣାର ଅନ୍ୟଏକ ଦିଗକୁ ନେଇ ସ୍ଥାନୀୟ ମହଲରେ ଚର୍ଚ୍ଚା ଜୋର ଧରିଛି। ସାଲୁକା ଓ ତାଙ୍କ ଭାଇ ଦଲାଲଙ୍କ ମାଧ୍ୟମରେ ଏଠାକୁ କାମ କରିବାକୁ ଆସିଛନ୍ତି। ଅର୍ଥନୈତିକ ଭାବେ ଦୁର୍ବଳ ଓ ସମସ୍ୟାଗ୍ରସ୍ତ ପରିବାରର ଯୁବକଙ୍କୁ ଟାର୍ଗେଟ କରି କମ୍ ମଜୁରି କିମ୍ବା କେବଳ ଖାଦ୍ୟର ପ୍ରଲୋଭନ ଦେଖାଇ କାମରେ ନିୟୋଜିତ କରାଯାଉଥିବା ଅଭିଯୋଗ ଉଠିଛି। ସ୍ଥାନୀୟ ସୂଚନା ଅଧିକାର କର୍ମୀଙ୍କ ମତରେ, ବର୍ଷା ଓ ପବନ ସମୟରେ ନଦୀପଠାରେ ମଇଁଷି ଜଗିବା ଭଳି ବିପଦପୂର୍ଣ୍ଣ କାର୍ଯ୍ୟରେ ଯୁବକଙ୍କୁ ନିୟୋଜିତ କରାଯିବା ସେମାନଙ୍କ ସୁରକ୍ଷା ପ୍ରତି ଅବହେଳାକୁ ସୂଚିତ କରୁଛି। ଶ୍ରମିକଙ୍କ ପାଇଁ ନ୍ୟୁନତମ ସୁରକ୍ଷା ବ୍ୟବସ୍ଥା, ଆଶ୍ରୟସ୍ଥଳ ଓ ଜରୁରୀ ସହାୟତା ବ୍ୟବସ୍ଥା ଥିଲା କି ନାହିଁ, ତାହାର ତଦନ୍ତ ଦାବି ହେଉଛି। ଏହି ଘଟଣା ପରେ ଅଞ୍ଚଳରେ ଚାଲିଥିବା ଶ୍ରମିକ ନିଯୁକ୍ତି ପ୍ରକ୍ରିୟା, ଦଲାଲଙ୍କ ଭୂମିକା ଓ ଶ୍ରମିକଙ୍କ କାର୍ଯ୍ୟ ପରିବେଶ ଉପରେ ପ୍ରଶ୍ନ ଉଠିଛି। ପ୍ରଶାସନ ଏହାର ନିରପେକ୍ଷ ତଦନ୍ତ କରି ମୃତକ ପରିବାରକୁ ସହାୟତା ପ୍ରଦାନ କରିବା ସହ ଶ୍ରମିକଙ୍କ ସୁରକ୍ଷା ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ତରାସ ଉଚ୍ଚବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ



ରାଜକନିକା, ୩୧।୫(ସମିସ): ତରାସ ନୋଡାଲ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଆଜି ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ବିଜୟ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ସର୍ବେଶ୍ୱର ସାମଲ ଆଗାମୀ ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମ ଓ ଆୟୋଜନ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ବିଦ୍ୟାଳୟର ୫୧ଟି ଶିକ୍ଷାବର୍ଷର ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ସଫଳ ଓ ସ୍ମରଣୀୟ କରିବା ନେଇ ନିଜ ନିଜ ମତାମତ ରଖିଥିଲେ। ଏଥିରେ ପ୍ରାକ୍ତନ ଶିକ୍ଷକ ତଥା ଉପଦେଷ୍ଟା କାଳୀପ୍ରସାଦ ନାୟକ, ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ ରାଉତ, ପୂର୍ବତନ ଛାତ୍ର ପ୍ରସନ୍ନ ସାହୁ, ସଚ୍ଚିଦାନନ୍ଦ ନାୟକ, ମୁରଲୀଧର ନାୟକ, ମଧୁସୂଦନ ନାୟକ, ଭାଗୀରଥି ମହାଳିକ, ଜୟଦେବ ରାଉତ, ବୀରେନ ଜେନା, ସଞ୍ଜୀବ ମହାପାତ୍ର, ସତ୍ୟନାରାୟଣ ଜେନା, ଭରତ ବାରିକ, ବୃନ୍ଦାବନ ରାଉତ, ଭାଗୀରଥି ରାଉତ, ତ୍ରିଲୋଚନ ଜେନା ଓ ଲଳିତ ବଳ ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ଅଭିମନ୍ୟୁ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ଜୁନ୍ ୧୨, ୧୩ ଓ ୧୪ ତାରିଖରେ ବିଦ୍ୟାଳୟ ପ୍ରାଙ୍ଗଣରେ ତିନିଦିନିଆ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନକୁ ନେଇ କାର୍ଯ୍ୟକାରୀ ସମ୍ପାଦକ ଶୁଭ୍ରଜିତ୍ ବିଶ୍ୱାଳ ସୂଚନା ଦେଇଥିଲେ।

## ବିଆର୍‌ସିସି ପ୍ରେମବାଳା ମହାପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ପଟ୍ଟାମୁଣ୍ଡାଇ, ୩୧।୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ବିଆରସିସି ପ୍ରେମବାଳା ମହାପାତ୍ର ଅବସର ଗ୍ରହଣ କରିଥିବାରୁ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କଷଣଅଣ୍ଡା ପଞ୍ଚାୟତ ହାଇସ୍କୁଲରେ ଶିକ୍ଷକନେତା ମଳୟ ଜେନାଙ୍କ ପୌରୋହିତ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକ୍‌ର ସମସ୍ତ ସିଆରସିସିଙ୍କ ପକ୍ଷରୁ ସେବା ନିବୃତ୍ତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ୍ ଶିକ୍ଷାଧିକାରୀ ଅଜିତ ବାରିକ ମୁଖ୍ୟଅତିଥି, ଶିକ୍ଷାବିତ ତଥା କବି ସଚିତ୍ର ବେହୁରା ମୁଖ୍ୟବକ୍ତା, ସହକାରୀ ଶିକ୍ଷା ଅଧିକାରିଣୀ ସୁନୀତା ଦାଶ, ଶିକ୍ଷାବିତ ସୁରେଶ ଜେନା, ପଟ୍ଟାମୁଣ୍ଡାଇ ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା ଜେନା, ପୂର୍ବତନ ପ୍ରଧାନଶିକ୍ଷକ ଅଶୋକ ପରିଡ଼ା, ଗାଳ୍ପିକ ପ୍ରଦୀପ ନାୟକ, ବିଇଓ ଅଫିସର ପୂର୍ବତନ ବରିଷ୍ଠ କିରାଣି ହିମାଂଶୁ ଶେଖର ବେହୁରା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ସିଆରସିସି ଆଶିଷ ମହାପାତ୍ର ସ୍ୱାଗତ ଭାଷଣ ଓ ନୋଡାଲ ସିଆରସିସି ସଂଘମିତ୍ରା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସିଆରସିସି ଅରବିନ୍ଦ ବଳ, ନମିତା ସାହୁ, ମନୋଜ ସେଠୀ, ନୀଳମଣି ବେହେରା, ଲକ୍ଷ୍ମଣ ବିହାରୀ ସେଠୀ, ସତ୍ୟବ୍ରତ ସାମନ୍ତରାୟ, ରଞ୍ଜନ ବେହେରା, ଶୁଭଶ୍ରୀ ମାଝି, ବିନୟ ଦାଶ, ଲୋକନାଥ ନାୟକ ପ୍ରମୁଖ ବିଦାୟୀ ବିଆରସିସି ଶ୍ରୀମତୀ ମହାପାତ୍ରଙ୍କ କାର୍ଯ୍ୟ ଧାରା ସମ୍ପର୍କରେ ଆଲୋକପାତ କରିଥିବାବେଳେ ତାଙ୍କୁ ମାନପତ୍ର, ଉପଢୌକନ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସିଆରସିସି ଶ୍ରୀରାମ ଜେନା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଏମ୍‌ଆଇଏସ୍ ଆମ୍ରପଲ୍ଲି ସାହୁ, ଆକାଉଣ୍ଟାଣ୍ଟ ହିମାଂଶୁ ଜେନା, ସରୋଜ ଦାସ, ରଜନୀକାନ୍ତ ପ୍ରଧାନ, ବିଆର୍‌ଟି ବ୍ରଜକିଶୋର ଦାଶ ଓ ଝୁଲାଦିନ ସେଠୀ, ବରିଷ୍ଠ କିରାଣି ଭୋଳନଥ ଜୀବନ ଦାଶ ଓ ପୂର୍ବତନ ସିଆରସିସି ମହମ୍ମଦ ମସିଉଲ୍ଲା ପ୍ରମୁଖ ପରିଚାଳନା କରିଥିଲେ।

## ଜମ୍ବୁ ମଣ୍ଡଳରେ ପ୍ରଧାନମନ୍ତ୍ରୀଙ୍କ 'ମନ କି ବାତ୍' କାର୍ଯ୍ୟକ୍ରମ

ମହାକାଳପଡ଼ା,୩୧।୫(ସମିସ): ମହାକାଳପଡ଼ା ବ୍ଲକ୍ ଜମ୍ବୁ ପଞ୍ଚାୟତର ୨୬୯ନଂ ବୁଥ୍‌ରେ ଆଜି ପ୍ରଧାନମନ୍ତ୍ରୀଙ୍କ ୧୩୪ତମ "ମନ କି ବାତ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି "ମନ କି ବାତ' କାର୍ଯ୍ୟକ୍ରମକୁ ଦେଖିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟର ଟେଲିଭିଜନ ମାଧ୍ୟମରେ ଦେଖିଥିଲେ। ଏ ଅବସରରେ ଦଳୀୟ କାର୍ଯ୍ୟକର୍ତ୍ତା ଉଦୟ ନାଥ ଘଡେଇଙ୍କ ବାସଭବନରେ ଏକ ସଭା ଆୟୋଜିତ ହୋଇଥିଲା। ଜମ୍ବୁ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶରତ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବିଧାୟକ ଶ୍ରୀ ନାୟକ, ମହାକାଳପଡ଼ା ନିର୍ବାଚନମଣ୍ଡଳୀ ସଂଯୋଜକ ସରୋଜ ସାହୁ, ୨୨ନଂ ବିଜେପି ସଭାପତି ପବିତ୍ର ଚୌଧୁରୀ, ବ୍ଲକ ଆତ୍ମା ଅଧ୍ୟକ୍ଷ ହିମାଂଶୁ ପ୍ରଧାନ, ଜିଲ୍ଲା ବିଜେପି ସମ୍ପାଦକ ପ୍ରଶାନ୍ତ ସେଠୀ, ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ବିକ୍ରମ ରାଉତରାୟ, ରାଷ୍ଟ୍ରୀୟ ପରିଷଦ ସଦସ୍ୟ କୁମାରକାନ୍ତ ମହାନ୍ତି, ପୂର୍ବତନ ଓବିସି ସଭାପତି ସତ୍ୟପ୍ରକାଶ ସାମଲ, ନାରୀନେତ୍ରୀ ଜାନକୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ଦଲୁଆଣି-ପଦ୍ମପୁର ରାସ୍ତା କାମରେ ଅନିୟମିତତା ଅଭିଯୋଗ

ଗରଦପୁର,୩୧।୫(ସମିସ): ଦଲୁଆଣିଠାରୁ ପଦ୍ମପୁର ପର୍ଯ୍ୟନ୍ତ ୫.୫୦୦ କିଲୋମିଟର ରାସ୍ତା ନିର୍ମାଣ କାମକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତା ପାର୍ଶ୍ୱରେ ଚାଲିଥିବା କଂକ୍ରିଟ ୱାଲ୍ ନିର୍ମାଣ କାମ ନିମ୍ନମାନର ହେଉଥିବା ନେଇ ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। କଂକ୍ରିଟ କାମରେ ଆବଶ୍ୟକ ପରିମାଣର ସିମେଣ୍ଟ ବ୍ୟବହାର ନ କରି ଅଧିକ ପରିମାଣରେ ଗୋଡ଼ି ଓ ବାଲି ମିଶାଯାଉଛି। ଫଳରେ କାର୍ଯ୍ୟର ଗୁଣବତ୍ତା ଉପରେ ପ୍ରଶ୍ନ ଉଠିଛି। ଭବିଷ୍ୟତରେ ଏହି ୱାଲ୍ ସ୍ଥାୟିତ୍ୱ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ କାର୍ଯ୍ୟସ୍ଥଳରେ ଦାୟିତ୍ୱରେ ଥିବା ଯନ୍ତ୍ରୀ ନିୟମିତ ଉପସ୍ଥିତ ରହୁ ନ ଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ଯନ୍ତ୍ରୀଙ୍କ ତତ୍ତ୍ୱାବଧାନ ଅଭାବରୁ ଠିକାଦାର ମନଇଚ୍ଛା କାମ କରୁଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। କାର୍ଯ୍ୟର ଗୁଣବତ୍ତା ଯାଞ୍ଚ କରିବାକୁ କୌଣସି ପ୍ରଭାବଶାଳୀ ନଜରଦାରି ବ୍ୟବସ୍ଥା ନ ଥିବାରୁ ଅନିୟମିତତା ବଢୁଥିବା ଅଭିଯୋଗ ହେଉଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରକଳ୍ପ ସମ୍ବନ୍ଧୀୟ ସୂଚନା ଥିବା ଫଳକ ମଧ୍ୟ କାର୍ଯ୍ୟସ୍ଥଳରେ ଲଗାଯାଇନାହିଁ। ପ୍ରକଳ୍ପର ମୂଲ୍ୟ, କାର୍ଯ୍ୟ ଅବଧି, ଠିକାଦାରଙ୍କ ନାମ ଓ ବିଭାଗୀୟ ତଥ୍ୟ ସାଧାରଣ ଲୋକଙ୍କ ପାଇଁ ଉପଲବ୍ଧ ନ ଥିବାରୁ ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି। ଉକ୍ତ କାର୍ଯ୍ୟର ତୁରନ୍ତ ତଦନ୍ତ କରାଯିବା ସହ ନିର୍ମାଣ ସାମଗ୍ରୀର ଗୁଣବତ୍ତା ପରୀକ୍ଷା କରିବାକୁ ଦାବି ହୋଇଛି। ଏ ନେଇ ସମ୍ପୃକ୍ତ ବିଭାଗର ପ୍ରତିକ୍ରିୟା ମିଳିପାରିନାହିଁ।

## ପକ୍ଷୀଙ୍କ ପାଇଁ ସ୍ୱାସ୍ଥ୍ୟକର୍ମୀଙ୍କ ପାଣି ବ୍ୟବସ୍ଥା

ଆଳି,୩୧।୫(ସମିସ): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବାବେଳେ ମଣିଷଙ୍କ ସହିତ ଟୋପାଏ ପାଣି ପାଇଁ ତହଳବିକଳ ହେଉଛନ୍ତି ପଶୁପକ୍ଷୀ। ଏ ସମୟରେ



ପକ୍ଷୀଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା କରୁଛନ୍ତି ପରିବେଶବିତ ତଥା ପ୍ରାଣୀପ୍ରେମୀ ଯୁବକ ରଶ୍ମିରଞ୍ଜନ ବାରିକ। ଆଳି ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଭାବେ କାର୍ଯ୍ୟରତ ରଶ୍ମିରଞ୍ଜନ ପ୍ରତିଦିନ ସକାଳୁ କେନ୍ଦ୍ରାପଡ଼ାରୁ ଆଳି ୩୫ କିମି ରାସ୍ତା ଯାତାୟାତ କରନ୍ତି। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ସମୟରେ ରଶ୍ମିରଞ୍ଜନ ମାଟି ପାତ୍ର ଓ ଶିକା କିଣି କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱର ବିଭିନ୍ନ ଗଛରେ ୩୦ଟି ଠେକି ଲଗାଇ ପାଣି ଓ ଖାଦ୍ୟ ଭର୍ତ୍ତି କରୁଛନ୍ତି। ପୂର୍ବ ବର୍ଷ ୫୩୪ଟି ପାଣି ପାତ୍ର ବସାଇ ଥିବାବେଳେ ଏ ବର୍ଷ ଏକ ହଜାର ଏକ ମାଟିହାଣ୍ଡିରେ ପକ୍ଷୀଙ୍କ ପାଇଁ ଜଳବ୍ୟବସ୍ଥା କରିବେ ଓ ପ୍ରତିଦିନ ସେଥିରେ ପାଣିଭର୍ତ୍ତି କରିବେ ବୋଲି ରଶ୍ମିରଞ୍ଜନ ପ୍ରକାଶ କରିଛନ୍ତି। ରଶ୍ମିରଞ୍ଜନ କଟକ-ଚାନ୍ଦବାଲି ରାସ୍ତାରୁ ମୃତ ପଶୁ ଉଠାଇବା ସହ ୮୬ ଥର ରକ୍ତଦାନ କରିଛନ୍ତି। ଭବିଷ୍ୟତରେ ଅଙ୍ଗଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

## ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

# ନାହିଁ ଷ୍ଟ୍ରେଚର, ରୋଗୀଙ୍କୁ ହାତରେ ହାତ ଛନ୍ଦି ନେଉଛନ୍ତି ସମ୍ପର୍କୀୟ

ରାଜକନିକା,୩୧।୫(ସମିସ)

ନାମକୁ ମାତ୍ର ବ୍ଲକ ମୁଖ୍ୟାଳୟର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ଚିକିତ୍ସା ସେବା କଥା କହିବା ଆଗରୁ ଏଠାରେ ଅତି ଗୁରୁତର ହୋଇ ଜୀବନ ରକ୍ଷା ପାଇଁ ଆସୁଥିବା ରୋଗୀଙ୍କୁ ଡାକ୍ତରଙ୍କ ପାଖରେ ପହଞ୍ଚିବା ପାଇଁ ଷ୍ଟ୍ରେଚର ନାହିଁ। ବିନା ଷ୍ଟ୍ରେଚରରେ ଦିନେ ଅଧେ ନୁହେଁ, ମାସ ମାସ ରୋଗୀ ସେବା ଚାଲିଛି। ସରକାରୀ ଡାକ୍ତରଖାନାରେ ରୋଗୀଙ୍କ ଚିକିତ୍ସା ଏଠାରେ ଦାୟିତ୍ୱ ନୁହେଁ, ଦୟାରେ ଚାଲିବା ଭଳି ପ୍ରତିଦିନ ହେଉଥିବା ଭିଡ଼ରୁ ଜଣାପଡ଼େ। ତେବେ ସ୍ୱାସ୍ଥ୍ୟସେବାକୁ ଗୁଣାତ୍ମକ ମାନର କରି ରୋଗୀଙ୍କୁ ସବୁପ୍ରକାର ସୁବିଧା ଯୋଗାଇବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ମିଶନ ଦାୟିତ୍ୱ ସମ୍ପନ୍ନ ଭାବେ ସବୁ କାମ ତୁଲାଇ ବାହାବା ନେବାର ପ୍ରତିଯୋଗିତା ଚାଲିଥିବାବେଳେ



ରାଜକନିକା ବ୍ଲକ୍ ମୁଖ୍ୟାଳୟ ମେଡ଼ିକାଲରେ ଗୁରୁତର ରୋଗୀଙ୍କୁ ବୋହି ନେବାକୁ ଷ୍ଟ୍ରେଚର ନାହିଁ। ଫଳରେ ରୋଗୀଙ୍କ ସମ୍ପର୍କୀୟ ହାତରେ ହାତ ଛନ୍ଦି ନେଉଛନ୍ତି। ଏ ଚିତ୍ର ହେଉଛି ରାଜକନିକା ତରାସ ଗାଁର ଜଣେ ରୋଗୀଙ୍କୁ ତାଙ୍କ ସମ୍ପର୍କୀୟ ଓ ସାଙ୍ଗସାଥି ଟେକି ଟେକି ମେଡିକାଲକୁ ନେଉଥିବା ବେଳର। ଏଭଳି ଏକ ଜରୁରୀ ଚିକିତ୍ସା ହେବାକୁ ଆସୁଥିବା ରୋଗୀଙ୍କୁ ଚିକିତ୍ସା ଯାଏ ପହଞ୍ଚିବାକୁ ମଧ୍ୟ ସାହାରା ନାହିଁ। ଏହା ପୂର୍ବରୁ ଏହି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଇନଭାର୍ଟର ନ ଥାଇ ଲାଇନ ଯିବା ପରେ ଟର୍ଚ୍ଚ ଲାଇଟରେ ରୋଗୀ ଚିକିତ୍ସା ହେବା ଖବର ପ୍ରକାଶ ପାଇଥିଲା। ତେଣୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅତ୍ୟାବଶ୍ୟକ ଉପକରଣ ଉପଲବ୍ଧ କରାଯିବାକୁ ସାଧାରଣରେ ଦାବି ହେଉଛି।

କାନ୍ଥବାଡ଼ରେ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ସେବାକୁ ପ୍ରଚାରମୁଖୀ କରାଇ ଚାଲିଥିବା ଭାଷାଣ ବାଜିର ପ୍ରତିଯୋଗିତା ଯଦି ଷ୍ଟ୍ରେଚରଟିଏ ଯୋଗାଇ ପାରିନାହିଁ ଓ ରୋଗୀଙ୍କ ସମ୍ପର୍କୀୟ ଷ୍ଟ୍ରେଚର ପାଇଁ ମେଡିକାଲ ଇନଚାର୍ଜ ବାଦଲ ମହାନ୍ତିଙ୍କୁ ପଚାରିବାରୁ ଆମର ଷ୍ଟ୍ରେଚର ଅଛି କହିବାରୁ ରୋଗୀ ସମ୍ପର୍କୀୟ କେଉଁଠି ଅଛି ବୋଲି କହିବାରୁ ଉଭୟ ଡାକ୍ତର ଓ କର୍ମଚାରୀ ଚୁପ ରହିଥିଲେ। ପରେ ସେହି ସମ୍ପର୍କୀୟ ସିଡିଏମଓଙ୍କୁ ପଚାରିବାରୁ ଷ୍ଟ୍ରେଚର ଭାଙ୍ଗିଯାଇଛି, ନୂଆଟିଏ କିଣି ଦେବା ଭଳି ଉତ୍ତର ଦେବାରୁ ରୋଗୀଙ୍କ ସମ୍ପର୍କୀୟ ଚୁପ୍ ରହିବା ପରେ ଗଣମାଧ୍ୟମକୁ ଜଣାଇଛନ୍ତି। ତେବେ ବ୍ଲକ ମୁଖ୍ୟାଳୟର ମେଡିକାଲରେ ଷ୍ଟ୍ରେଚର ରହିବା ଭଳି ଅତି ସାଙ୍ଘାତିକ ଅବହେଳା ଖାମଖିଆଲ ମନୋଭାବ ପାଇଁ ମେଡିକାଲ ଇନଚାର୍ଜଙ୍କୁ ପଚାରିବାକୁ ମୋବାଇଲରେ ଚେଷ୍ଟା କରିଥିଲେ ହେଁ ସେ ଫୋନ ଉଠାଇ ନ ଥିଲେ। ରାଜକନିକା ଭଳି ଗ୍ରାମାଞ୍ଚଳର ଲୋକଙ୍କ ପାଇଁ ରହିଥିବା ଏହି ସରକାରୀ ଚିକିତ୍ସା ବ୍ୟବସ୍ଥାକୁ ଲୋକଙ୍କ ହିତରେ ସମର୍ପିତ କରିବାକୁ ଦାବି ହୋଇଛି।

୩୧/୫/୨୦୨୬ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୮,୩୧,୦୧୧/- ସୁନା:୦୦.୦୬୦ ଗ୍ରାମ୍ ରୁପା: ୧୯.୦୦୦ ଗ୍ରାମ୍





**ଦଇତାପତି ନିଯୋଗ-ପୁଲିସ ସମନ୍ୱୟ ବୈଠକ**

# ରଥଯାତ୍ରାରେ ସମନ୍ୱୟ ରକ୍ଷାକୁ ଗୁରୁତ୍ୱ

ପୁରୀ,୩୧।୫(ସମିସ)



ଆସନ୍ତା ସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା ଯେପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ତା' ଉପରେ ଗୁରୁତ୍ୱ ଦେଇ ପ୍ରସ୍ତୁତି ଚଳାଇଛି ପୁରୀ ପୁଲିସ। ଏହି କ୍ରମରେ ରବିବାର ପୁଲିସ ପକ୍ଷରୁ ଦଇତାପତି ନିଯୋଗ ସଦସ୍ୟମାନଙ୍କ ସହ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ପି ପ୍ରତୀକ୍ ସିଂ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସ୍ନାନପୂର୍ଣ୍ଣିମା, ନବଯୌବନ ଦର୍ଶନ, ରଥଯାତ୍ରା, ଧୂଳିଆଗୁଣ୍ଡିଚା, ଆଡ଼ପ ମଣ୍ଡପରେ ଦର୍ଶନ, ସନ୍ଧ୍ୟା ଦର୍ଶନ, ବାହୁଡ଼ାଯାତ୍ରା, ସୁନାବେଶ ଏବଂ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ପୁଲିସ ସମ୍ପୃକ୍ତ ବ୍ୟବସ୍ଥା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ପୁଲିସ ଦଇତାପତି ଓ ଅନ୍ୟ ସେବାୟତଙ୍କ ସହିତ ସମନ୍ୱୟ ରକ୍ଷାକରି ପହଣ୍ଡି ଶୃଙ୍ଖଳା, ସ୍ନାନପୂର୍ଣ୍ଣିମାରେ ମହାପ୍ରଭୁଙ୍କ ଦର୍ଶନ ଏବଂ ରଥାରୂଢ଼ ଠାକୁରମାନଙ୍କ ଦର୍ଶନ କିପରି ଭଲ ଭାବେ ହୋଇପାରିବ ଏବଂ ସେବାୟତମାନେ ମହାପ୍ରଭୁଙ୍କ ସେବା ପୂଜା ପାଇଁ ଯିବାବେଳେ ପୁଲିସର କଟକଣା କିପରି ନ ରହିବ, ପରିମାଣିକ ଟିକଟ କିପରି ସଠିକ୍ ଭାବେ ଯାଞ୍ଚ କରାଯିବ, ସେବାୟତଙ୍କ ଯିବାଆସିବା ପାଇଁ ଗାଡ଼ି ପାସ୍‌ର ବ୍ୟବସ୍ଥା ବିଷୟରେ ଆଲୋଚନା ହୋଇଥିଲା। ଏସ୍‌ପି ଶ୍ରୀ ସିଂ ଦଇତାପତି ନିଯୋଗର ସହଯୋଗ ଓ ପରାମର୍ଶକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ। ଆଗାମୀ ଦିନରେ ମଧ୍ୟ ପୁଲିସ ପ୍ରଶାସନ ଓ ଦଇତାପତି ନିଯୋଗ ମଧ୍ୟରେ ନିୟମିତ ସମନ୍ୱୟ ବୈଠକ ଜାରି ରହିବ ଏବଂ ସମସ୍ତ ଆବଶ୍ୟକ ପଦକ୍ଷେପ ସମୟ ପୂର୍ବରୁ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା।

ଆଲୋଚନା ଚାଲିଥିବାବେଳେ କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ୍ ନାୟକ ପହଞ୍ଚି ରଥଯାତ୍ରା କିପରି ସୁରୁଖୁରୁରେ ହେବ ସେ ନେଇ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ବୈଠକରେ ବରିଷ୍ଠ ଦଇତାପତି ରାମକୃଷ୍ଣ ଦାସ ମହାପାତ୍ର, ବିନାୟକ ଦାସ ମହାପାତ୍ର, ରାମଚନ୍ଦ୍ର ଦାସ ମହାପାତ୍ରଙ୍କ ସମେତ ନିଯୋଗର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପୁଲିସ ପକ୍ଷରୁ କମାଣ୍ଡାଣ୍ଟ ତପସ ଦାସ, ଅତିରିକ୍ତ ଏସ୍‌ପି ସୁଶୀଲ ମିଶ୍ର, ଦେବୀ ପ୍ରତାପ, ସଚିନ ପଟେଲ, ସୌମ୍ୟରଞ୍ଜନ ମଲ୍ଲିକ, ଏସ୍‌ଏସ୍‌ଏମ୍‌ଏସ୍‌ଭିର ଡିସି କୌଶିକ ନାୟକ, ଦୀପକ ଗଡ଼ନାୟକ ପ୍ରମୁଖ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

**● ଛତିଶା ନିଯୋଗ, ନୀତି ସବ୍ କମିଟି ବୈଠକ**

## ଗତବର୍ଷ ଅଘଟଣ ପୁନରାବୃତ୍ତି ନ ହେବା ଉପରେ ଗୁରୁତ୍ୱ

ପୁରୀ,୩୧।୫(ସମିସ): ୨୦୨୪ ରଥଯାତ୍ରାରେ ଆଡ଼ପମଣ୍ଡପକୁ ବିଜେ ସମୟରେ ଚାରମାଳ ଉପରୁ ଖସି ପଡ଼ିଥିଲେ ବଡ଼ଠାକୁର ଶ୍ରୀବଳଭଦ୍ର। ଏହି ଘଟଣା କୋଟି କୋଟି ଭକ୍ତଙ୍କ ଭାବାବେଗକୁ ଶକ୍ତ ଆଘାତ ପହଞ୍ଚାଇଥିଲା। ସେହିପରି ଗତବର୍ଷ ମଧ୍ୟ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ଆଗରେ ଦଳାଚକଟାରେ ୩ ଜଣ ଭକ୍ତଙ୍କ ଜୀବନ ଯାଇଥିଲା। ତେଣୁ ଚଳିତବର୍ଷ ରଥଯାତ୍ରାରେ ଯେପରି ସେହିଭଳି କିଛି ତ୍ରୁଟି ବା ଅଘଟଣର ପୁନରାବୃତ୍ତି ନ ହୁଏ ତା' ଉପରେ ସ୍ୱତନ୍ତ୍ର ଫୋକସ୍ ଦେଇଛି ଶ୍ରୀମନ୍ଦିର ପ୍ରଶାସକ। ରବିବାର ଅନୁଷ୍ଠିତ ଛତିଶା ନିଯୋଗ ଏବଂ ନୀତି ସବ୍ କମିଟି ବୈଠକରେ ରାଜେନ୍ଦ୍ରାଭିଷେକଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ କିପରି ସୁରୁଖୁରୁରେ ସମ୍ପନ୍ନ ହେବ ସେ ନେଇ ପ୍ରସ୍ତୁତ ନୀତିକାନ୍ତି ଉପରେ ଆଲୋଚନା କରାଯାଇ ସେଥିରେ ମୋହର ବାଜିଛି। ତେବେ ଏଥର ଠାକୁରଙ୍କ ନୀତିକାନ୍ତି ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ବୈଠକ ଶେଷରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଥିଲେ, ଏଥର ରଥଯାତ୍ରାରେ କୌଣସି ପ୍ରକାର ବିଶୃଙ୍ଖଳା ନ ହୁଏ ତା' ଉପରେ ଆଲୋଚନା ହୋଇଥିଲା। ଗତବର୍ଷ ହୋଇଥିବା ଗୁଣ୍ଡିଚା ମନ୍ଦିର ଆଗରେ ଯେଉଁ ଅଘଟଣ ଘଟିଥିଲା ତାହାର ଯେପରି ପୁନରାବୃତ୍ତି ନ ହେବ ସେଥିଲାଗି ସମସ୍ତଙ୍କୁ ଅବଗତ କରାଯାଇଛି। ସେବାୟତ, ପୁଲିସ, ଅଧିକାରୀ ସମସ୍ତଙ୍କ ଭିତରେ ସୁସମନ୍ୱୟ ରହିଲେ କୌଣସି ଅଘଟଣକୁ ଏଡ଼ାଇ ଦେଇହେବ। ଜିଲ୍ଲାପାଳଙ୍କ ସ୍ତରରେ ବିଭିନ୍ନ ନିଯୋଗ କର୍ମକର୍ତ୍ତା ମଧ୍ୟ ବିଭିନ୍ନ ପ୍ରସଙ୍ଗ ନେଇ ଆଗାମୀ ଦିନରେ ଆଲୋଚନା କରିବେ। ବୈଠକରେ ଶୃଙ୍ଖଳିତ ନୀତି ଓ ଶୃଙ୍ଖଳିତ ଘୋଷଯାତ୍ରା ଉପରେ ସମସ୍ତେ ସହମତି ପ୍ରକାଶ କରିଥିଲେ। ନୀତି ସବ୍ କମିଟିରେ ବିଭିନ୍ନ ନୀତି ସମ୍ପାଦନ ଉପରେ ସମସ୍ତ ସଦସ୍ୟ ଗୁରୁତ୍ୱାରୋପ କରିଥିଲେ। ଦ୍ୱାରଫିଟା ନୀତି ଏବଂ ସକାଳରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ବଡିଭୋରୁ ହେବା ପାଇଁ କହିଥିଲେ। ସମ୍ପୃକ୍ତ ସେବକ ଏଥିରେ ସହଯୋଗ କରିବେ ଆଶା କରୁଛୁ ବୋଲି କହିଥିଲେ ମୁଖ୍ୟ ପ୍ରଶାସକ। ତେବେ ଛତିଶା ନିଯୋଗ ଏବଂ ନୀତି ସବ୍ କମିଟିରେ ଯେଉଁ ନୀତି ନିର୍ଘଣ୍ଟ ହୋଇଛି ତାହା ଆସନ୍ତା ୫ ତାରିଖ ପରିଚାଳନା କମିଟି ବୈଠକରେ ଅନୁମୋଦନ ଲାଭ କରିବ ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି।

**ବଡ଼ିଭୋରୁ ଦ୍ୱାରଫିଟା ଓ ମଙ୍ଗଳ ଆଳତି କରିବାକୁ ଆସିଲା ପ୍ରସ୍ତାବ**

**● ଚାଙ୍ଗଡ଼ା ଘର ନିକଟରେ ବାନ୍ତି**

## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

**ପୁରୀ,୩୧।୫(ସମିସ):** ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଚାଙ୍ଗଡ଼ା ଘର ନିକଟରେ ବାନ୍ତି ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି। ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ହୋଇଛି। ରବିବାର ରାତି ୮ଟା ୧୫ରେ ମଧ୍ୟାହ୍ନ ଧୂପ ଭୋଗ ଶେଷ ହୋଇଥିଲା। ଏହା ପରେ ଶ୍ରଦ୍ଧାଳୁମାନେ ଭିତରକାଠରେ ଦର୍ଶନ କରୁଥିଲେ। ମାତ୍ର କେହି ଜଣେ ବେହେରଣ ଦ୍ୱାର ନିକଟ ଚାଙ୍ଗଡ଼ା ଘର ପାଖରେ ବାନ୍ତି କରି ଦେଇଥିଲେ। ଏହା ନଜରକୁ ଆସିବା ପରେ ସେହିଠାରେ ନୀତି ଅଟକାଯାଇ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ରତ୍ନସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୂନପାଣି ପଡ଼ିଥିଲା। ଏହାପରେ ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ମହାସ୍ନାନ ପୂଜା ବଢ଼ିବା ପରେ ଯେଉଁଠାରେ ନୀତି ଅଟକାଯାଇଥିଲା ପୁନଶ୍ଚ ସେହିଠାରୁ ନୀତିକାନ୍ତି ଆରମ୍ଭ ହୋଇଥିଲା। ମହାସ୍ନାନ ପାଇଁ ଦର୍ଶନ ବି ବନ୍ଦ ରହିଥିଲା। ଫଳରେ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ନୀତିକାନ୍ତିରେ ବିଳମ୍ବ ହୋଇଥିଲା। ସୂଚନାଥାଉ କି, ଶନିବାର ମଧ୍ୟ ବଡ଼ ମହାସ୍ନାନ ହୋଇଥିଲା। ଭିତରକାଠରେ ଛେପ ପଡ଼ିଥିବାରୁ ସ୍ୱତନ୍ତ୍ର ବିଧି ସମ୍ପନ୍ନ କରାଯାଇଥିଲା।

## ଧୂପରେ ଅଧିକ ଭୋଗ ତୋଳିଲେ ହେବ କାର୍ଯ୍ୟାନୁଷ୍ଠାନ

**ପୁରୀ,୩୧।୫(ସମିସ):** ଶ୍ରୀମନ୍ଦିର ସ୍ୱତ୍ୱଲିପି ତଥା ଆଇନକୁ ଅବମାନନା କରି ଧୂପରେ ନିର୍ଦ୍ଧାରିତ ପରିମାଣଠାରୁ ଅଧିକ ମହାପ୍ରସାଦ ପ୍ରସ୍ତୁତ କରି ଭୋଗ ଲଗାଇଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏ ନେଇ ସ୍ପଷ୍ଟ ସୂଚନା ଦେଇଛନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ମହାପ୍ରଭୁଙ୍କ ପ୍ରତି ଧୂପରେ ନିର୍ଦ୍ଦିଷ୍ଟ ପରିମାଣର ମହାପ୍ରସାଦ ହିଁ ପ୍ରସ୍ତୁତ ହୋଇ ଭୋଗ ଲାଗି ହେବ। କିନ୍ତୁ କିଛି ସେବାୟତ ନିଜ ବରାଦି ରଖିଥିବା ମହାପ୍ରସାଦକୁ ମଧ୍ୟ ଧୂପ ସହ ମିଶାଇ ଭୋଗ ପାଇଁ ପଠାଉଛନ୍ତି, ଯାହାକି ସ୍ୱତ୍ୱଲିପିର ଉଲ୍ଲଂଘନ। ଗତ ଶୁକ୍ରବାର ସକାଳ ଧୂପ ସମୟରେ ଜଣେ ସେବାୟତ ନିୟମଠାରୁ ଅଧିକ ମହାପ୍ରସାଦ ତୋଳିଥିବା ଜଣାପଡ଼ିଥିଲା। ଖବର ପାଇବା ପରେ ଶ୍ରୀମନ୍ଦିର ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଶ୍ରୀମନ୍ଦିରରୁ ୧୯ ହାଣ୍ଡି ମହାପ୍ରସାଦ ଜବତ କରାଯାଇଥିଲା। ଜବତ ହୋଇଥିବା ଅନ୍ନ, ଖେଚୁଡ଼ି, କାନିକା ଓ ଡାଲମା ଆଦିକୁ ବ୍ୟାଟେରୀ ଗାଡ଼ିରେ ନେଇ ବାଳାଶ୍ରମର ଅନ୍ତେବାସୀଙ୍କ ନିମନ୍ତେ ପଠାଯାଇଥିଲା। ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, 'ଶ୍ରୀମନ୍ଦିରର ନୀତିକାନ୍ତିକୁ ଶୃଙ୍ଖଳିତ କରିବା ନିମନ୍ତେ ଅନେକ ବ୍ୟବସ୍ଥା କରାଯାଇଛି। ଯଦି କୌଣସି ଧୂପ ସମୟରେ ଅଧିକ ମହାପ୍ରସାଦ ତୋଳାଯାଏ, ତେବେ ଶୃଙ୍ଖଳିତ ବ୍ୟବସ୍ଥା ଅନୁଯାୟୀ ତାହାକୁ ଜବତ କରାଯିବ। ନିୟମ ଉଲ୍ଲଂଘନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମସ୍ତଙ୍କୁ ନିବେଦନ ଯାହା ବି ନୀତି ନିୟମ ରହିଛି ତାହାକୁ ସମସ୍ତେ ମାନି ଚଳନ୍ତୁ। ଏହି ନିର୍ଦ୍ଦେଶ ସମ୍ପର୍କରେ ସୁଆର ମହାସୁଆର ନିଯୋଗକୁ ମଧ୍ୟ ଅବଗତ କରାଯାଇଛି। ଭବିଷ୍ୟତରେ କୌଣସି ଧୂପରେ ଅଧିକ ମହାପ୍ରସାଦ ତୋଳିବାକୁ ବାରଣ କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନ ଏହା ଉପରେ କଡ଼ା ନଜର ରଖିଛି।

## ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଜଳକ୍ରୀଡ଼ା

**ପୁରୀ,୩୧।୫(ସମିସ):** ଶ୍ରୀମନ୍ଦିରରେ ଭିତର ଚନ୍ଦନ ଚାଲିଥିବାବେଳେ ରବିବାର ମହାପ୍ରଭୁ ଜଳକ୍ରୀଡ଼ା କରିଛନ୍ତି। ମହାପ୍ରଭୁଙ୍କ ଯାତ ଭୋଗ ସରିବା ପରେ ମଦନମୋହନ ଓ ଶ୍ରୀଦେବୀ ଆଜ୍ଞାମାଳ ପାଇଥିଲେ। ଏହାପରେ ଦେବଦେବୀଙ୍କୁ ବଟମୂଳେ ଥିବା ପାଲିଙ୍କିରେ ବିଜେ କରାଯାଇଥିଲା। ପାଲିଙ୍କିକୁ ବିମାନବଡୁ ସେବକମାନେ ବିମଳା ମନ୍ଦିର ସମ୍ମୁଖରେ ଥିବା ଜଳକ୍ରୀଡ଼ା ମଣ୍ଡପକୁ ନେଇଥିଲେ। ମହାଜନ ସେବକମାନେ ମଦନମୋହନ ଓ ଶ୍ରୀଦେବୀଙ୍କୁ ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରାଇଥିଲେ। ପୂର୍ବରୁ ଜଳକୁ ପବିତ୍ର କରାଯାଇ କୁଣ୍ଡରେ ପୂର୍ଣ୍ଣ କରାଯାଇଥିଲା। ଠାକୁର ଠାକୁରାଣୀ ସେହି ଜଳ କୁଣ୍ଡରେ ସ୍ନାନ କରିଥିଲେ। ଜଳକୁଣ୍ଡରେ ଥିବା ଅବସ୍ଥାରେ ତାଙ୍କ ନିକଟରେ ପଞ୍ଚୋପଚାର ବିଧିରେ ଶୀତଳଭୋଗ ମଣୋହି ଏବଂ ବନ୍ଦାପନା କରାଯାଇଥିଲା। ଏହାପରେ ଠାକୁର ଠାକୁରାଣୀ ଜଳକୁଣ୍ଡରୁ ବାହାର କରାଯିବା ପରେ ବେଶ କରାଯାଇଥିଲା। ଏହି ସମସ୍ତ ନୀତି ସାରି ମଦନମୋହନ ଓ ଶ୍ରୀଦେବୀ ପାଲିଙ୍କିରେ ବିଜେ ହୋଇ ପ୍ରତ୍ୟାବର୍ତ୍ତନ କରିଥିଲେ। ଶ୍ରୀଦେବୀ ରତ୍ନସିଂହାସନକୁ ଏବଂ ମଦନମୋହନ ଦକ୍ଷିଣୀଘରକୁ ବିଜେ କରିଥିଲେ। ମହାପ୍ରଭୁଙ୍କ ଭିତର ଚନ୍ଦନ ଯାତ୍ରାକାଳୀନ ଏହା ହେଉଛି ପଞ୍ଚମ ଜଳକ୍ରୀଡ଼ା।

## ଫେରାର୍ କୁଖ୍ୟାତ ଅସ୍ତ୍ର ବେପାରୀ କାଳିଆ ପଲେଇ ଗିରଫ

**ପୁରୀ,୩୧।୫(ସମିସ):** ଦୀର୍ଘଦିନ ଧରି ଫେରାର୍ ଥିବା କୁଖ୍ୟାତ ଅସ୍ତ୍ର ବେପାରୀ କାଳିଆ ପଲେଇ ଓରଫ କୃଷ୍ଣଚନ୍ଦ୍ର ପଲେଇ (୩୬)କୁ ଟାଉନ ଥାନା ପୁଲିସ ରବିବାର ଗିରଫ କରିଛି। ହାଇକୋର୍ଟରୁ ଅଗ୍ରୀମ ଜାମିନ ଖାରଜ ହେବା ପରେ ସେ ଲୋକନାଥ ରୋଡ୍ ଷଣ୍ଢ ଜଗାରେ ଲୁଚି ରହିଥିଲାବେଳେ ପୁଲିସ କାବୁ କରିଛି। ମାମଲା ଅନୁଯାୟୀ, ଗତ ଫେବୃଆରୀ ୮ ତାରିଖ ରାତି ୮ଟା ୩୦ରେ କୁଖ୍ୟାତ ଅପରାଧୀ ଜୁଲୁ ମାଣିଆ ବାରବାଟୀ ଜଗା ପୁରୁଣା ପାର୍କରେ ଦେଶୀ ପିସ୍ତଲ ସହ ମ୍ୟାଗାଜିନ୍ ବିକ୍ରି ପାଇଁ ଅପେକ୍ଷା କରିଥିଲା। ପୁଲିସ ଚଢ଼ଉ କରି ତାକୁ ଧରିଥିଲା। ତା' ନିକଟରୁ ଦେଶୀ ପିସ୍ତଲ, ଲାପଟପ୍ ଓ ଅନ୍ୟ ଆପତ୍ତିଜନକ ସାମଗ୍ରୀ ଜବତ ହୋଇଥିଲା। ପଚରାଉଚରାରେ ସେ ଅସ୍ତ୍ରଟିକୁ କୁନା ଓରଫ ଶିବାନୀ ଶଙ୍କର ମହାପାତ୍ରଙ୍କଠାରୁ ଆଣିଥିବା କହିଥିଲା। ଉଭୟଙ୍କୁ ଗତ ଫେବୃଆରୀ ୮ ତାରିଖରେ ଗିରଫ କରାଯାଇ ୯ ତାରିଖରେ କୋର୍ଟ ଚାଲାଣ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଲା କାଳିଆ ଶିବାନୀଙ୍କୁ ୫୦ ହଜାର ଟଙ୍କାରେ ଉକ୍ତ ଅସ୍ତ୍ର ଯୋଗାଇଥିଲା। ସେବେଠାରୁ ସେ ଫେରାର୍ ଥିଲା। ସେ ଜଣେ ଅଭ୍ୟାସଗତ ଅସ୍ତ୍ର ଯୋଗାଣକାରୀ ଓ ପୁରୀ ଜିଲ୍ଲାର ବିଭିନ୍ନ ଥାନାରେ ଏକାଧିକ ମାମଲା ଥିବାରୁ ହାଇକୋର୍ଟ ତା'ର ଅଗ୍ରୀମ ଜାମିନ ଖାରଜ କରିଥିଲେ। ରବିବାର ପୁଲିସ ତାକୁ ଷଣ୍ଢ ଜଗାରୁ ଗିରଫ କରିଛି। ତା'ର ଘର ସଦର ଥାନା ବୀରହରେକୃଷ୍ଣପୁର ରାହାଙ୍ଗିରିଆରେ। ବର୍ତ୍ତମାନ ସେ ଖୁଣ୍ଟିଆ କଲୋନୀରେ ରହୁଥିଲା। ଗିରଫ ପରେ ପୁଲିସ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାକୁ ତାକୁ ଜେଲ୍ ପଠାଯାଇଛି। ଅଭିଯୁକ୍ତ ବାସେଳୀସାହି, ସଦର ଓ ଟାଉନ ଥାନା ଅଞ୍ଚଳରେ ଡକାୟତି ଯୋଜନା, ଦାଦାବଟି ଓ ଅସ୍ତ୍ର ମାମଲାରେ ସମ୍ପୃକ୍ତ। ବିଏନ୍‌ଏସ୍‌ଏସ୍ ଧାରା ୧୨୯ ଅନୁଯାୟୀ ତା' ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୁଲିସ କହିଛି।

**■ ରଥଖଳାରୁ...**

## ତିନିରଥର ୪୨ ଚକ ସହ ୨୧ ଅଖର ସଂଯୋଗ ଶେଷ



**ପୁରୀ,୩୧।୫(ସମିସ):** ଦ୍ରୁତ ଗତିରେ ଆଗେଇ ଚାଲିଛି ବିଶ୍ୱ ନିଅନ୍ତାଙ୍କ ରଥନିର୍ମାଣ କାର୍ଯ୍ୟ। ୪୧ ଦିନରେ ଚଳଚଞ୍ଚଳ ରଥଖଳା। ସମାନ୍ତରାଳ ଭାବରେ ତିନି ରଥର ଚାଲିରେ ଜାରି ରହିଛି କାର୍ଯ୍ୟ। ଭଉଁରୀ ତିଥିରେ ହୋଇଥିଲା ଚକ ଅଖ ଡେରା ନୀତି। ପରମ୍ପରା ଅନୁସାରେ, ଭଉଁରୀ ତିଥିରେ ତିନି ରଥର ଗୋଟିଏ ଲେଖାଏଁ ଅଖରେ ଦୁଇଟି ଲେଖାଏଁ ଚକ ଡେରା ହୋଇଥିଲା। ତେବେ ରବିବାର ଅନ୍ୟ ସମସ୍ତ ଅଖ, ଚକ ଡେରା ସମ୍ପନ୍ନ ହୋଇଛି। ତିନିରଥର ୪୨ ଚକ ସହ ୨୧ ଅଖର ସଂଯୋଗ ହୋଇଛି। ତିନିରଥର ମୁଖ୍ୟ ମହାରଣା ଏବଂ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ତିନିରଥର ଭୋଇ ସେବକମାନଙ୍କ ସହାୟତାରେ ଚକ-ଅଖ ସଂଯୋଗ ସମ୍ପୂର୍ଣ୍ଣ ହୋଇଥିଲା। ସୋମବାର ତିନିରଥର ଚକ ଥାକ ସହ ଚକ ଅଖକୁ ନିର୍ଦ୍ଦିଷ୍ଟ ସ୍ଥାନରେ ରଖାଯାଇ ଦିଗ ନିର୍ଣ୍ଣୟ କାର୍ଯ୍ୟ ସମ୍ପନ୍ନ ହେବ। ଆବଶ୍ୟକ ଅନୁଯାୟୀ ଅଖ ସଂଶୋଧନ କାର୍ଯ୍ୟ ସହ ଚକ ଆଗକୁ ନ ଗଡ଼ି ଯିବା ପାଇଁ ଚକ ଦୁଇ ପାଖରେ ବାନ୍ଧ ଲାଗି କରାଯିବ। ଏଥିସହ ତାଳଧ୍ୱଜ ରଥ ଏବଂ ନନ୍ଦିଘୋଷ ରଥର ୧୨ଟି ଲେଖାଏଁ ଗୟଳରୁ ୫ଟି ଲେଖାଏଁ ଗୟଳର ଚଉପଟ କାର୍ଯ୍ୟ ଶେଷ ହୋଇଛି। ଦର୍ପଦଳନ ରଥର ୮ଟି ଗୟଳ ମଧ୍ୟରୁ ଦୁଇଟି ଗୟଳର ଚଉପଟ କାର୍ଯ୍ୟ ଶେଷ ହେବା ସହ ଆଉ ଦୁଇଟି ଗୟଳର ଚଉପଟ କାର୍ଯ୍ୟ ଜାରି ରହିଛି। ଏଥିସହ ମହାରଣା ସେବକମାନେ ତିନିରଥର ଦଣ୍ଡା ଅଂଶଗୁଡ଼ିକର କଳସା କାର୍ଯ୍ୟ ଜାରି ରଖିଛନ୍ତି। ରୂପକାର ସେବକମାନେ ତିନିରଥର ବେଦୀ ସିଂହାସନ ମୁହାଁଟିରେ କୁମ୍ଭ, ଡାଳି ଲତା ଚିତ୍ର ଖୋଦେଇ ସହ ରବିବାର ତିନିରଥର ନାଟଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଚିତ୍ର ଅଙ୍କନ ପରେ ଖୋଦେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳଠାରେ ତିନି ରଥର ଓଝା କମାର ସେବକମାନେ ଦଣ୍ଡା କଣ୍ଟା ନିର୍ମାଣ ଶେଷ କରି ତିନିରଥର ପୋଟଳ ପାଇଁ ଜଙ୍ଘା କଣ୍ଟା ସହ ନନ୍ଦାବାଗିଆ କଣ୍ଟା ସେବନ ଗୟଳ କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ଦୋଳବେଦୀଠାରେ ପାହି ମହାରଣାମାନେ ଅଣସର ତଥା ରଥଯାତ୍ରାରେ ସେବା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରି ରଖିଛନ୍ତି।

## ନନ୍ଦ ସାହିରେ ପହଞ୍ଚିଲା ପାଣି

**ପୁରୀ,୩୧।୫(ସମିସ):** ପୁରୀ ସଦର ବ୍ଲକ୍ ଜମାରସୁଆଁ ପଞ୍ଚାୟତ ନୀଳକଣ୍ଠପୁର ଗାଁ ନନ୍ଦ ସାହି। ୪୦ ପରିବାରର ୧୫୦ରୁ ଅଧିକ ଲୋକ ପିଇବା ପାଣି ପାଇଁ ଦହଗଞ୍ଜ ହେଉଥିଲେ। ପୂରା ଗାଁ ପାଇଁ ଭରସା ଥିବା ଏକମାତ୍ର ନଳକୂଅର ଜଳସ୍ତର ଖସିଯିବାରୁ ଆବଶ୍ୟକ ପାଣି ଯୋଗାଇପାରୁ ନ ଥିଲା। ପ୍ରବଳ ଖରାରେ ପାଣି ମୁନ୍ଦିଏ ପାଇଁ ହନ୍ତସନ୍ତ ହେଉଥିଲେ ନନ୍ଦ ସାହିର ଲୋକେ। ସ୍ଥାନୀୟ ଜନପ୍ରତିନିଧିଙ୍କୁ ବାରମ୍ବାର ଗୁହାରି କଲେ ବି ଶୁଣୁ ନ ଥିଲେ। ବାଧ୍ୟ ହୋଇ ଗାଁର ମହିଳାମାନେ ପ୍ରତିଦିନ ପ୍ରାୟ ୧ କିମି ଦୂର ରାସ୍ତାକଡ଼ରେ ଥିବା ଏକ ଟ୍ୟୁବ୍‌ୱେଲ୍‌ରୁ ପାଣି ଆଣି ଶୋଷ ମେଣ୍ଟାଉଥିଲେ। ପ୍ରଚଣ୍ଡ ଖରାରେ ଏତେବାଟ ଚାଲି ଚାଲି ପାଣି ବୋହିବା ସେମାନଙ୍କ ପାଇଁ ନିତିଦିନିଆ ଯନ୍ତ୍ରଣା ପାଲଟିଥିଲା। ଏ ନେଇଗତ ଶୁକ୍ରବାର 'ସକାଳ'ରେ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇଥିଲା। ଶେଷରେ ପ୍ରଶାସନର ନିଦ ଭାଙ୍ଗିଥିଲା। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଗାଁକୁ ଟ୍ୟାଙ୍କର ଯୋଗେ ପାଣି ପହଞ୍ଚାଯାଉଛି। ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି ଓ ସାଧାରଣ ସମ୍ପାଦକ ସତ୍ୟଜିତ ମହାନ୍ତି ନନ୍ଦସାହିକୁ ଯାଇ ବାସ୍ତବ ସ୍ଥିତି ଅନୁଧ୍ୟାନ କରିଥିଲେ। ତେଣୁ ପ୍ରଶାସନ ପାଣି ପହଞ୍ଚାଇଥିବାରୁ ଉଭୟେ ପ୍ରଶାସନକୁ ଧନ୍ୟବାଦ ଦେବା ସହ ଖରାଦିନେ ଯେଉଁ ଗାଁରେ ପିଇବା ପାଣିର ସମସ୍ୟା ରହିଛି ତୁରନ୍ତ ସମାଧାନ କରିବାକୁ ଅନୁରୋଧ କରିଛନ୍ତି।




## ସେବାୟତ ପରିବାରର ୩୬ ମେଧାବୀ ପୁରସ୍କୃତ



**ପୁରୀ,୩୧।୫(ସମିସ):** ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତ ପରିବାରର ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। ଦଶମରେ ୮୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ୫ ଜଣ ଛାତ୍ରୀ ଓ ୫ ଜଣ ଛାତ୍ରଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଅର୍ଥରାଶି ସହ ପୁରସ୍କୃତ କରାଯାଇଛି। ଦଶମରେ ୭୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ୧୦ ଜଣଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଛି। ଏଥିସହ ଯୁକ୍ତ ୨ରେ ୭୦ ପ୍ରତିଶତରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ୧୬ ଛାତ୍ରଛାତ୍ରୀଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପୁରସ୍କୃତ କରାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂ, ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ରଙ୍କ ସମେତ ବିଭିନ୍ନ ସେବାୟତ ପ୍ରତିନିଧି ଓ ଅନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

# ଆଜିଠୁ ଜାତୀୟ ଲୋକମେଳା, କୃଷିମେଳା

ପୁରୀ,୩୧।୫(ସମିସ)




ସୋମବାରଠାରୁ ପୁରୀର ସ୍ୱର୍ଣ୍ଣାଭ ବେଳାଭୂମିରେ ଆରମ୍ଭ ହେବାକୁ ଯାଉଛି ଜାତୀୟ ୨୪ତମ ଲୋକମେଳା ଓ ୧୭ତମ କୃଷିମେଳା। ଏହି ୫ ଦିନିଆ ମେଳାରେ ଦେଶର ୨୫ ରାଜ୍ୟର ପାରମ୍ପରିକ ଲୋକ କଳାକାରଙ୍କୁ ନେଇ ଅନୁଷ୍ଠିତ ହେବ ଲୋକନୃତ୍ୟ ମହାକୁମ୍ଭ। ୫୦୦ରୁ ଊର୍ଦ୍ଧ୍ୱ କଳାକାର ଯୋଗଦେଇ ବିଭିନ୍ନ ପ୍ରକାର ଲୋକନୃତ୍ୟ ପରିବେଷଣ କରିବେ। ସେହିପରି ଆଧୁନିକ ଚାଷ ପ୍ରଣାଳୀ ସମ୍ପର୍କରେ ଜ୍ଞାନ ବିତରଣ କରିବ ୧୭ତମ ଜାତୀୟ କୃଷି ମେଳା। ଆୟୋଜକ ଅନୁଷ୍ଠାନ 'ଶ୍ରୀ ଶ୍ରୀକ୍ଷେତ୍ର ସୂଚନା' ପକ୍ଷରୁ ରବିବାର ୟୁଥ୍ ହଷ୍ଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି।

**ଲୋକକଳାରେ ୨୫ ରାଜ୍ୟର ୫୦୦ରୁ ଊର୍ଦ୍ଧ୍ୱ କଳାକାର**

ଅନୁଷ୍ଠାନର ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି କହିଛନ୍ତି, ଜାତୀୟ ଲୋକମେଳାରେ ଓଡ଼ିଶା ସମେତ ଆନ୍ଧ୍ର, ଉତ୍ତରପ୍ରଦେଶ, ରାଜସ୍ଥାନ, ଗୁଜରାଟ, ମହାରାଷ୍ଟ୍ର, ଜମ୍ମୁ ଓ କାଶ୍ମୀର, ହରିୟାଣା, ତାମିଲନାଡୁ, କେରଳ, ଆସାମ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଆଦି ରାଜ୍ୟର କଳାକାରମାନେ କଳା ପରିବେଷଣ କରିବେ। ଲୋକମେଳା ପ୍ରଦର୍ଶନୀରେ ଗୁଜରାଟର ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ନିଗମ, ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଭାରତୀୟ ରେଳବାଇ, ଟ୍ରାଇଫେଡ୍, ଓଡ଼ିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ବୟନଶିଳ୍ପ ବିଭାଗ, ବନ୍ୟଜନ୍ତୁ, ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଆଦି ଯୋଗଦେବେ। ସେହିପରି କୃଷିମେଳାରେ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ବୈଜ୍ଞାନିକ ଓ ଔଦ୍ୟୋଗିକ ଅନୁସନ୍ଧାନ ପରିଷଦ, ଜୈବ ପ୍ରଯୁକ୍ତି ବିଭାଗ, ଜାତୀୟ ଉଦ୍ୟାନ କୃଷି ବୋର୍ଡ, କେନ୍ଦ୍ରୀୟ ମତ୍ସ୍ୟ ବିଭାଗ, ଜଳଜୀବ କୃଷି ସଂସ୍ଥାନ, ଓଡ଼ିଶା କୃଷି ଓ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟ, ଓଡ଼ିଶା ଦୁଗ୍ଧ ଉତ୍ପାଦକ ସମବାୟ ମହାସଂଘ, ବାଉଁଶ ବିକାଶ ସଂଘ, କୃଷି, ମତ୍ସ୍ୟ, ପଶୁପାଳନ ଓ ଗ୍ରାମୀଣ ବିକାଶ ସଂସ୍ଥାନର ପ୍ରଦର୍ଶନୀ ଦେଖିବାକୁ ମିଳିବ। ଆଖପାଖର କୃଷକମାନେ କୃଷି ମେଳା ପରିଦର୍ଶନ କରିବା ସହ ୩ ଜଣ ସଫଳ ଚାଷୀଙ୍କୁ ପୁରସ୍କୃତ କରାଯିବ। ଉଦ୍‌ଘାଟନୀ ପର୍ବରେ ବିଭିନ୍ନ ରାଜ୍ୟର କଳାକାରମାନେ ବଡ଼ଦାଣ୍ଡରେ ଶୋଭାଯାତ୍ରା କରିବେ। ପୁରୀରେ ବ୍ରିକ୍ସ ସମ୍ମିଳନୀ ହେଉଥିବାରୁ ୧୧ ଦେଶର ପ୍ରତିନିଧି ଏହି ମେଳା ପରିଦର୍ଶନ କରିବା ପାଇଁ ସରକାରଙ୍କ ମାଧ୍ୟମରେ ଅନୁରୋଧ କରାଯାଇଛି ବୋଲି ସାଧାରଣ ସମ୍ପାଦକ ଶ୍ରୀ ମହାନ୍ତି ସୂଚନା ଦେଇଥିଲେ।

ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆୟୋଜନ କମିଟି ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଅନୁଷ୍ଠାନର ଅଧ୍ୟକ୍ଷ ତଥା ପୂର୍ବତନ କୁଳପତି ହରେକୃଷ୍ଣ ଶତପଥୀ, ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ଡ. ବଦ୍ରି ମିଶ୍ର, ବିଶ୍ୱନାଥ ମିଶ୍ର, ସନ୍ତୋଷ ମହାନ୍ତି, ଚକ୍ରଧର ମହାପାତ୍ର, ନାରାୟଣ ପାତ୍ର, ବିଦ୍‌ରୋହ କେଶରୀ ସିଂହ, ସତ୍ୟବ୍ରତ ଦାଶ, ଶ୍ୟାମପ୍ରକାଶ ସେନାପତି, ଚନ୍ଦ୍ର ବିଜୟୀ ମିଶ୍ର, ରିତେଶ କୁମାର ମହାନ୍ତି, ଭବାନୀ ଶଙ୍କର ପ୍ରମୁଖ ବିବିଧ ସୂଚନା ଦେଇଥିଲେ।

## ଚନ୍ଦନ ନାଁରେ ରାଜ୍ୟର ୮ ଥାନାରେ ରହିଛି ୨୩ ମାମଲା: ଏସ୍‌ପି

**ପୁରୀ,୩୧।୫(ସମିସ):** ପୁରୀ ପୁଲିସ ଶନିବାର ବିଳମ୍ବିତ ରାତିରେ ଦୁର୍ଦ୍ଦାନ୍ତ ଅପରାଧୀ ଚନ୍ଦନ ଜେନାକୁ ଏନ୍‌କାଉଣ୍ଟର କରିଥିଲା। ବାସେଳୀ ସାହି ଥାନା ଅନ୍ତର୍ଗତ ଓଁକାରେଶ୍ୱର ମନ୍ଦିର ନିକଟ ଜଙ୍ଗଲଠାରେ ଚନ୍ଦନକୁ ପୁଲିସ ଏନ୍‌କାଉଣ୍ଟର କରିଥିଲା। ଏନ୍‌କାଉଣ୍ଟରରେ ଚନ୍ଦନର ଡାହାଣ ଗୋଡ଼ରେ ଗୁଳି ଲାଗିଥିବାବେଳେ ପୁଲିସ ତାକୁ ଉଦ୍ଧାର କରି ପ୍ରଥମେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟ ପରେ ଅଧିକ ଚିକିତ୍ସା ନିମନ୍ତେ କଟକ ମେଡିକାଲକୁ ସ୍ଥାନାନ୍ତର କରିଥିଲା। ତେବେ ଏନ୍‌କାଉଣ୍ଟର ନେଇ ଏସ୍‌ପି ପ୍ରତୀକ୍ ସିଂ ପ୍ରତିକ୍ରିୟା ଦେଇ କହିଛନ୍ତି କି ଶନିବାର ବାସେଳୀ ସାହି ଥାନାକୁ ଏକ ଖବର ମିଳିଥିଲା କି ଦୁର୍ଦ୍ଦାନ୍ତ ଅପରାଧୀ ଥାନା ଅଞ୍ଚଳରେ ଅପରାଧିକ କାର୍ଯ୍ୟ ଘଟାଇବା ଉଦ୍ଦେଶ୍ୟରେ ରହିଛି। ଖବରପାଇ ବାସେଳୀ ସାହି ଥାନା ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳକୁ ଯିବା ସମୟରେ ପୁଲିସକୁ ଦେଖି ଚନ୍ଦନ ସେଠାରୁ ଖସି ଯିବାକୁ ଚେଷ୍ଟା କରିଥିଲା। ପୁଲିସ ତା'ର ପିଛା କରିଥିଲା। ଖସିଯିବା ସମୟରେ ଚନ୍ଦନର ବାଇକ୍ ସ୍ଲିପ୍ ହୋଇଥିଲା। ଏହି ସମୟରେ ସେ ପୁଲିସ ଉପରକୁ ଗୁଳି ଚାଳନା କରିଥିଲା। ପୁଲିସ ନିଜକୁ ବଞ୍ଚାଇବା ପାଇଁ ପାଲଟା ଗୁଳିଚାଳନା କରିଥିଲା। ପୁଲିସ ଚନ୍ଦନ ନିକଟରୁ ବନ୍ଧୁକ ଓ ଜୀବନ୍ତ ଗୁଳି ସହ ଏକ ବାଇକ୍ ମଧ୍ୟ ଜବତ କରିଛି। ପର୍ଯ୍ୟଟକମାନଙ୍କୁ ଚନ୍ଦନ ଟାର୍ଗେଟ କରିଥିଲା। ଚନ୍ଦନ ଜେନା ନାଁରେ ରାଜ୍ୟର ୮ଟି ଥାନାରେ ରହିଛି ୨୩ ସଙ୍ଗୀନ ମାମଲା। କେବଳ ଖଣ୍ଡଗିରି ଥାନାରେ ରହିଛି ୧୨ ମାମଲା, ସହିଦ୍ ନଗର, ବଡ଼ଗଡ଼, ନୟାପଲ୍ଲୀ, ପିପିଲି ଥାନାରେ ମଧ୍ୟ ରହିଛି ଏକାଧିକ ମାମଲା। ୨୦୨୧ରୁ ୨୦୨୪ ମଧ୍ୟରେ ଚନ୍ଦନ ନାଁରେ ଡକାୟତି, ଚୋରି ଜିନିଷ ରଖିବା ଆଦି ବିଭିନ୍ନ ମାମଲା ରହିଛି। ବଳିଆପଣ୍ଡା ଥାନାରେ କେସ୍ ନଂ ୧୪୩/୨୬ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗାଁ ଗାଁରେ ରହିଥିବା ଅପରାଧୀଙ୍କୁ କଡ଼ା ଚେତାବନୀ ଦେଇଛନ୍ତି ଏସ୍‌ପି। କ୍ରିମିନାଲ ବିରୋଧରେ କଡ଼ା ଆକ୍ସନ ନିଆଯିବ। ପୁଲିସ ଅଭିଯୁକ୍ତମାନଙ୍କ ଉପରେ କଡ଼ା ନଜର ରଖାଯାଇଛି ବୋଲି ଏସ୍‌ପି କହିଛନ୍ତି।

## ଆଗକୁ ବର୍ଷା ଋତୁ
# ହରିଗଙ୍ଗା ପୋଲ ତଳେ ଆବର୍ଜନା ଭର୍ତ୍ତି

ବନ୍ତ/ଆଗରପଡ଼ା,୩୧।୫(ସମିସ)

ଆଗରପଡ଼ା ମୁଖ୍ୟ ବଜାର କଲେଜ ଛକ ସନ୍ନିକଟ ହରିଗଙ୍ଗା ପୋଲ ଅପରପାଶ୍ୱର୍ରେ ବିଭିନ୍ନ ଅଳିଆ ଆବର୍ଜନା ପଡୁଥିବାରୁ ଚାଷ ଜମିରୁ ଜଳ ନିଷ୍କାସନ ହୋଇ ନ ପାରି ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ଉକ୍ତ ସମସ୍ୟାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଉଥିଲେ ସୁଦ୍ଧା ବିଭାଗ ତରଫରୁ କୋ÷ଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଏହା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିବା ସହ ଆଗକୁ ବର୍ଷା ଋତୁ ଆସୁଥିବାରୁ ଏହା ଅଞ୍ଚଳ ପାଇଁ ଏକ ବଡ଼ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ଦେଖାଦେଇଛି ।

ସୂଚନା ଅନୁଯାୟୀ, ହରିଗଙ୍ଗା ପୋଲ ଅପରପାଶ୍ୱର୍ରେ ବିଭିନ୍ନ ଅଳିଆ ଆବର୍ଜନା ପଡୁଥିବାରୁ ବିଭିନ୍ନ ସମୟରେ ଚାଷ କାର୍ଯ୍ୟ କରିବାରେ ଚାଷୀମାନେ ନାନାଦି ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥା'ନ୍ତି । ବର୍ଷାଦିନେ ବିଟିପୁର ପଞ୍ଚାୟତସ୍ଥିତ ଗଡ଼ସାହି, ବଙ୍ଗାଳିସାହି, ମଥାପାଗିଆ, ହଳଦୀପହଣି ଆଦି ଗ୍ରାମବାସୀଙ୍କ ଏକର ଏକର ଜମିରେ ବର୍ଷା ଜଳ

### ଡ୍ରେନ୍ ନିର୍ମାଣ ଚାଲିଛି; କିନ୍ତୁ ଆବର୍ଜନା ସଫା ହେଉନି

ନିଷ୍କାସନ ହୋଇ ନ ପାରି ଜମି ରହିଥାଏ । ଯଦ୍ୱାରା ପ୍ରତିବର୍ଷ ଧାନଚାଷ ଅମଳ ଠିକ୍ ଭାବେ ହୋଇପାରି ନ ଥାଏ । ବେଳେବେଳେ ଚାଷୀମାନେ ନିଜ ପ୍ରଚେଷ୍ଟାରେ ପୋଲ ନିକଟରୁ ପାହାଡ଼ ପରି ରହିଥିବା ଅଳିଆ ଅବର୍ଜନାକୁ ସଫା କରିବା ପରେ ଜଳ ନିଷ୍କାସନ ହୋଇଥାଏ । ମୁଖ୍ୟ କେନାଲ ବାମ ପାଶ୍ୱର୍ ଅଞ୍ଚଳ ରାଉତରାପୁର, ପୁରୁଷଣ୍ଡ, ବିଟିପୁର ଧୋବାସାହି, ଭବାନୀଗଞ୍ଜ, ହାଟ ଆଦି ଅଞ୍ଚଳ ଜଳ ବାହାରି ଚାଷ ଜମି ଦେଇ ପୋଲ ନିକଟରେ ନିଷ୍କାସନ ହୋଇଥାଏ । ରାସ୍ତା ପ୍ରଶସ୍ତୀକରଣ ସମୟରେ ବିଭାଗ ତରଫରୁ ଉକ୍ତ ପୋଲକୁ ଅଧିକ ଉଚ୍ଚତା ଓ ଚଉଡ଼ା କରାଯାଇ ନିର୍ମାଣ କରାଯାଇଥିଲେ ସୁଦ୍ଧା ଏହି ପୋଲ ନିକଟରେ ଦୈନିକ ମାଛ ହାଟ ଓ ଅନ୍ୟ ଆମିଷ ଦୋକାନମାନ ଖୋଲାଯାଇଥିବାରୁ ଉକ୍ତ ଅଞ୍ଚଳରେ ଜଳ ନିଷ୍କାସନ ନ ହେବାରୁ ପରିବେଶ ଦୁର୍ଗନ୍ଧମୟ ହୋଇପଡୁଛି । ସରକାର ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ବାର୍ଷିକ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବା ସ୍ଥଳେ ବିଭାଗୀୟ ଅଧିକାରୀଙ୍କ ଅଣଦେଖା ଯୋଗୁଁ ଉକ୍ତ ଯୋଜନା ଏଠାରେ ସମ୍ପୂର୍ଣ୍ଣ ଫେଲ୍ ମାରିଥିବା ଜଣାପଡ଼ିଛି । ସେହିପରି ଉକ୍ତ ଅଞ୍ଚଳରେ ଜଳ ନିଷ୍କାସନ ପାଇଁ ବିଭାଗ ପକ୍ଷରୁ ବର୍ତ୍ତମାନ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ହରିଗଙ୍ଗା ପୋଲ ତଳ ଆବର୍ଜନା ଉକ୍ତ ଯୋଜନାର ସଫଳ ରୂପାୟଣ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି । ସରକାରୀସ୍ତରରେ ଯଦି ଏହି ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ କିଛି ପଦକ୍ଷେପ ନିଆ ନ ଯାଏ, ତେବେ ଆଗାମୀ ଦିନରେ ଉକ୍ତ ସମସ୍ୟା ଅଞ୍ଚଳରେ ବଡ଼ଧରଣର ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିବ ବୋଲି ବୁଦ୍ଧିଜୀବୀଙ୍କ ସମେତ ଅଞ୍ଚଳବାସୀ ଚିନ୍ତା ପ୍ରକଟ କରିଛନ୍ତି । ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

## ଶିଶୁପୁତ୍ରର ଚିକିତ୍ସାରେ ଅର୍ଥାଭାବ ବାଧକ

ଧର୍ମଶାଳା,୩୧।୫(ସମିସ): ଧର୍ମଶାଳା ବ୍ଲକ୍ କୁମାରୀ ପଞ୍ଚାୟତ କୁମାରୀ ଗ୍ରାମର ଶ୍ରୀନାଥ ଜେନାଙ୍କ ପୁଅ ଆନିଷ (୭) ଦୁନିଆ କ'ଣ ବୁଝିବା ପୂର୍ବରୁ ଏକ ଜଟିଳ ରୋଗରେ ଆକ୍ରାନ୍ତ ହୋଇ ଏବେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛି । ଚିକିତ୍ସା ପାଇଁ ଏବେ ଅର୍ଥଭାବ ବାଧକ ସାଜିଛି । ସୂଚନା ଅନୁସାରେ, ଗତ ୧୩ତାରିଖରେ ଆନିଷ୍ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲା । ଚାଲିବା କଷ୍ଟକର ହୋଇଥିଲା । ଚିକିତ୍ସା ପାଇଁ ପରିବାର ଲୋକେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ତାଙ୍କୁ କଟକ ଶିଶୁ ଭବନ ନେବାକୁ ପରାମର୍ଶ ଦେଇଥିଲେ । ସେଠାକାର ଡାକ୍ତର ଆନିଷ୍‌କୁ ପକ୍ଷାଘାତ ରୋଗ ସହିତ ଜିବିଏସ୍ ଭାଇରସ୍ ସଂକ୍ରମଣ ହୋଇଥିବା ସୂଚନା ଦେଇଥିଲେ । ପରେ ଅଧିକ ଚିକିତ୍ସା ନିମନ୍ତେ ଆନିଷ୍‌କୁ ଭୁବନେଶ୍ୱରର ଏକ ଘରୋଇ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଦୁଇ ସପ୍ତାହ ହେଲା ଚିକିତ୍ସିତ ହେଉଥିବା ବେଳେ ପ୍ରତ୍ୟହ ୯୦ହଜାର ଟଙ୍କା ଖର୍ଚ୍ଚ ହେଉଛି । ଏହା ମଧ୍ୟରେ ଚିକିତ୍ସା ପାଇଁ ୧୫ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି । ତାର ସ୍ୱାସ୍ଥ୍ୟଗତ ସମସ୍ୟା ଲାଗି ବିଭିନ୍ନ ପରୀକ୍ଷାନିରୀକ୍ଷା ପାଇଁ ସ୍ୱାସ୍ଥ୍ୟ ନମୁନା କେରଳକୁ ପଠାଯାଇଥିଲା । ସେଠାରୁ ରିପୋର୍ଟ ଆସିବା ପରେ ତାର ଆବଶ୍ୟକ ଚିକିତ୍ସା ଆରମ୍ଭ ହୋଇଛି । ଆନିଷ୍‌ର ବାପା ଶ୍ରୀନାଥ (କାଳିଆ) ଜଣେ କ୍ଷୁଦ୍ର ବ୍ୟବସାୟୀ ହୋଇଥିବାରୁ ତାଙ୍କ ପକ୍ଷେ ଅଧିକ ଅର୍ଥ ଖର୍ଚ୍ଚ କରିବା ଆଉ ସମ୍ଭବ ହେଉ ନାହିଁ । ନିଜ ପାଖରେ ଥିବା ଅର୍ଥ ଓ ଧାରକରଜ ଟଙ୍କା ସରିଗଲାଣି । ଏକମାତ୍ର ପୁଅକୁ ଭଲ କରିବାକୁ ସେ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ କାମନା କରିଛନ୍ତି । ଏଭଳି ଏକ ଜଟିଳ ସମୟରେ କୌଣସି ସହୃଦୟ ବ୍ୟକ୍ତି ଓ କିମ୍ବା ଅନୁଷ୍ଠାନ ଆନିଷ୍‌ଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଶ୍ରୀନାଥଙ୍କ ମୋବାଇଲ ନମ୍ବର ୯୯୩୭୩୬୨୮୭୦ରେ ଯୋଗଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି ।



## କଂକ୍ରିଟ୍ ରାସ୍ତାରେ କାଦୁଅ ପଚପଚ; ଲୋକେ ହନ୍ତସନ୍ତ



ବାରିକପୁର,୩୧।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ କଣ୍ଟିଠାରୁ କୁରିଗାଁ ହନୁମାନ ଛକ ଯାଏଁ ଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାଟିର ଏବେ ନବୀକରଣ କାର୍ଯ୍ୟ ଆରମ୍ଭ ହୋଇଛି । ପାଖାପାଖି ୫ କି.ମି. ବିଶିଷ୍ଟ ଉକ୍ତ ରାସ୍ତାଟିର ପୂର୍ବବର୍ଷ ପିଚୁ ମରାମତି କାର୍ଯ୍ୟ ହୋଇଥିବାବେଳେ ଚଳିତ ବର୍ଷ ବିଭାଗ ପକ୍ଷରୁ ଏହାକୁ ସମ୍ପୂର୍ଣ୍ଣ ନବୀକରଣ କରାଯାଉଛି । ଏଥିପାଇଁ ଟେଣ୍ଡର ନେଇଥିବା ଠିକା ସଂସ୍ଥା ୧୫ଦିନ ହେବ କାର୍ଯ୍ୟ ଆରମ୍ଭ କରିଛି । ପ୍ରଶସ୍ତୀକରଣ ପାଇଁ ରାସ୍ତା ଦୁଇ ପାର୍ଶ୍ୱରେ ପ୍ରାଥମିକ ପର୍ଯ୍ୟାୟରେ ମାଟି ଢଳାଯାଉଛି । ନିକଟସ୍ଥ କୁରିଗାଁ ଗ୍ରାମ୍ୟ ଜଙ୍ଗଲ ପଡ଼ିଆରୁ ମାଟି ଆସୁଥିବାବେଳେ ଗାଡ଼ିଗୁଡ଼ିକ ଅତି ବେପରୁଆ ଭାବେ ରାସ୍ତାରେ ଯାଉଛନ୍ତି । ତେଣୁ ଡାଲାରୁ କିଛି ମାଟି ରାସ୍ତା ଉପରେ ପଡ଼ି ରହୁଛି । ଏହାଛଡ଼ା ଦୁଇ ପାର୍ଶ୍ୱରେ ପଡୁଥିବା ମାଟିରୁ ଅର୍ଦ୍ଧାଧିକ ଭାଗ ମଧ୍ୟ ଗମନାଗମନ ପଥ ଉପରେ ବିସ୍ତାରିତ ଭାବେ ରହୁଛି । ମେସିନ୍ ଦ୍ୱାରା କଂକ୍ରିଟ ଓ ପିଚୁ ଉପରେ ଥିବା ମାଟିକୁ ସଫା କରାଯାଉନାହିଁ । ଫଳରେ ସାମାନ୍ୟ ବର୍ଷା ହେଲେ ରାସ୍ତାଟି କାଦୁଅ ପଚପଚ ହୋଇଯାଉଛି । ଗତ ସପ୍ତାହେ ମଧ୍ୟରେ ପ୍ରାୟ ଦୁଇ ଥର କାଳବୈଶାଖୀ ଜନିତ ବର୍ଷା ହେବା କାରଣରୁ ରାସ୍ତା ଉପରେ ପଡ଼ିଥିବା ଶୁଖିଲା ମାଟି କାଦୁଅରେ ପରିଣତ ହୋଇଛି । ଯେଉଁଥିପାଇଁ କୁରିଗାଁ, କଣ୍ଟି, ବାଇଗଡ଼ିଆ, ଗୌଡ଼ବିଶିନୂଆପଡ଼ା, ଖରିଗଡ଼ିଆ ଗ୍ରାମର ଲୋକମାନେ ଯାତାୟାତରେ ଘୋର୍ ଯନ୍ତ୍ରଣା ଭୋଗୁଛନ୍ତି । ଏହାଛଡ଼ା ସାଇକଲ ଓ ମୋଟର ସାଇକଲ ଯୋଗେ ଯେଉଁମାନେ ଧାମନଗରରୁ ଭଣ୍ଡାରିପୋଖରୀ ଯାତାୟାତ କରୁଛନ୍ତି ସେମାନେ ମଧ୍ୟ ଘୋର୍ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଅନେକ ଛୋଟମୋଟ ଦୁର୍ଘଟଣାର ଶିକାର ହେଉଛନ୍ତି । ଦିନବେଳା ଯେନତେନ ଉପାୟରେ ଲୋକେ ରାସ୍ତା ଅତିକ୍ରମ କରୁଥିବାବେଳେ ରାତି ହେଲେ ଦୁର୍ଦ୍ଦଶା ବଢ଼ିଯାଉଛି । ତେଣୁ ଏହା ଉପରେ ବିଭାଗୀୟ ଯନ୍ତ୍ରୀ ଦୃଷ୍ଟିଦେବାକୁ ଦୃଢ଼ ଦାବି ହେଉଛି ।

## ଯନ୍ତ୍ରଣା ସହି ନ ପାରି ବୃଦ୍ଧଙ୍କ ଆତ୍ମହତ୍ୟା

ଧର୍ମଶାଳା,୩୧।୫(ସମିସ): ଧର୍ମଶାଳା ଥାନା ସୁନ୍ଦରିଆ ଗ୍ରାମର ଜଣେ ବୃଦ୍ଧବ୍ୟକ୍ତି ଆଖି ଯନ୍ତ୍ରଣା ସହି ନପାରି ଆତ୍ମହତ୍ୟା କରିଥିବା ଜଣାପଡିଛି । ସୂଚନା ମୁତାବକ ସୁନ୍ଦରିଆ ଗ୍ରାମର ବିଶନ ଦାସ (୯୨) ଗତ ଫେବୃଆରୀ ମାସରେ ନିଜ ଚକ୍ଷୁର ଅସ୍ତ୍ରୋପଚାର କରାଇଥିଲେ । ହେଲେ ଅସ୍ତ୍ରୋପଚାର ପରେ ମଧ୍ୟ ତାଙ୍କୁ ଭଲ ଭାବେ ଦେଖା ଯାଇ ନ ଥିଲା । ସମୟକ୍ରମେ ତାଙ୍କ ଆଖିରେ ବିନ୍ଧା ଛିଟିକା ଆରମ୍ଭ ହୋଇଥିଲା । ଏହି ଯନ୍ତ୍ରଣା ସେ ସହି ନ ପାରି ନିକଟସ୍ଥ କାଜୁ ଜଙ୍ଗଲରେ ବେକରେ ରଶିଲଗାଇ ଆତ୍ମହତ୍ୟା କରିଥିଲେ । ପରିବାର ଲୋକେ ସକାଳୁ ଖୋଜାଖୋଜି କରି ତାଙ୍କ ମୃତଦେହ ଏକ କାଜୁ ଗଛରେ ଝୁଲୁଥିବା ଦେଖିଥିଲେ । ଏନେଇ ପରିବାର ଲୋକେ ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏନେଇ ପୁଲିସ ୨୧/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ବୋଲି ତଦନ୍ତକାରୀ ଅଧିକାରୀ ଏସ୍ଆଇ ଦିଲିପ କୁମାର ଦେଉରୀ ସୂଚନା ଦେଇଛନ୍ତି ।

## ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ

ଧର୍ମଶାଳା,୩୧।୫(ସମିସ): ଧର୍ମଶାଳା ଥାନା କ୍ଷେତ୍ରପାଳ ଗ୍ରାମରେ ଜଣେ ବୟସ୍କା ମହିଳା ନିଜ ଘରେ ରଶିଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ସୂଚନା ମୁତାବକ ଆଜି ଅପରାହ୍ନ ପ୍ରାୟ ୪ଟା ସମୟରେ କ୍ଷେତ୍ରପାଳ ଗ୍ରାମର ପ୍ରକାଶ ଚନ୍ଦ୍ର ସେନାପତିଙ୍କ ପତ୍ନୀ ପୁଷ୍ପଲତା ମହାପାତ୍ର (୫୦) କୌଣସି କାରଣ ବସତଃ ନିଜ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି । ଖବର ପାଇ ଧର୍ମଶାଳା ପୁଲିସ ଏଏସଆଇ ପ୍ରତାପ ଚନ୍ଦ୍ର ଦେବତା ସେଠାରେ ପହଞ୍ଚି ପଞ୍ଚନାମା କରିବା ସହିତ ମୃତଦେହକୁ ଜବତ କରି ଧର୍ମଶାଳା ଡାକ୍ତରଖାନାକୁ ଆଣିଥିବା ଜଣାପଡିଛି । ତେବେ ପୁଷ୍ପଲତା ହଠାତ କ'ଣ ପାଇଁ ଏଭଳି ଚରମ ନିଷ୍ପତି ନେଲେ ତାହା ରହସ୍ୟ ହୋଇ ରହିଛି । ତେବେ ପୁଲିସ ଏନେଇ ୨୨/୨୬ନଂରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ତଦନ୍ତକାରୀ ଅଧିକାରୀ ସୂଚନା ଦେଇ କହିଛନ୍ତି ।

## ଅଲୁକୁଣ୍ଡ ଥାନା ଘେରିଲେ ଗ୍ରାମବାସୀ



ବିଞ୍ଝାରପୁର,୩୧।୫(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଗଣ୍ଡକୂଳ ଗ୍ରାମରେ ଜଣେ ନାବାଳିକାଙ୍କୁ ଅସଦାଚରଣ ଏବଂ ତାଙ୍କ ପରିବାର ଲୋକଙ୍କୁ ମାଡ଼ ମାରିବା ଘଟଣାରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ଶନିବାର ଗ୍ରାମବାସୀ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସୂଚନା ଅନୁଯାୟୀ, ଗତ ୨୭ ତାରିଖରେ ଗଣ୍ଡକୂଳ ଗ୍ରାମରେ କିଛି ବ୍ୟକ୍ତି ଜଣେ ନାବାଳିକାଙ୍କ ସହ ଅସଦାଚରଣ କରୁଥିବା ବେଳେ ସେ ଚିତ୍କାର କରିଥିଲେ । ଏହା ଶୁଣି ନାବାଳିକାଙ୍କ ବାପା ଓ ମା' ତାଙ୍କୁ ଉଦ୍ଧାର କରିବାକୁ ଯାଇଥିବା ସମୟରେ ଅଭିଯୁକ୍ତମାନେ ସେମାନଙ୍କ ଉପରେ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ଉଭୟ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି । ଘଟଣାକୁ ନେଇ ପରିବାର ପକ୍ଷରୁ ଅଲୁକୁଣ୍ଡ ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଥିଲା । ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ ମଧ୍ୟ ଅନ୍ୟ ଅଭିଯୁକ୍ତମାନେ ଏପର୍ଯ୍ୟନ୍ତ ଗିରଫ ହୋଇନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏହାର ପ୍ରତିବାଦରେ ଗ୍ରାମବାସୀ ଥାନାରେ ପହଞ୍ଚି ଅବିଳମ୍ବେ ବାକି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ଦାବି ଜଣାଇଛନ୍ତି । ପୁଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଥିବା ସୂଚନା ମିଳିଛି ।

## ନିଶା ପ୍ରଚଳନ ବନ୍ଦ ଦାବିରେ ଧାରଣା



ଯାଜପୁର, ୩୧।୫(ସମିସ): ରାଜ୍ୟରେ ନିଶା ବନ୍ଦ କରିବା ଦାବିରେ ମିଳିତ ଓଡ଼ିଶା ନିଶା ନିବାରଣ ସମିତି ପକ୍ଷରୁ ଯାଜପୁର ଜିଲ୍ଲାପାଳ ଅଫିସ ସମ୍ମୁଖରେ ପ୍ରତିବାଦ ଓ ଧାରଣା ଦିଆଯାଇଛି । ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପୂର୍ବରୁ ନିଶା କାରବାର ବନ୍ଦ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ବେଳେ ଏବେ ସରକାର ମଦ ବ୍ୟବସାୟକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହୋଇଛି । ଏହି ଅବସରରେ ଜିଲ୍ଲା ନିଶା ନିବାରଣ ସମିତିର ସଭାପତି ବିଶ୍ୱଜିତ ମହାନ୍ତିଙ୍କ ନେତୃତ୍ୱରେ ଜିଲ୍ଲା ବିଭିନ୍ନ ବ୍ଲକ କମିଟିର ସଦସ୍ୟ ମାନେ ତୁରନ୍ତ ମଦ ପ୍ରଚଳନ ବନ୍ଦ କରିବାକୁ ଦାବି କରି ସରକାର ବିରୋଧୀ ସ୍ଲୋଗାନ ଦେଇ ପ୍ରତିବାଦ କରିଥିଲେ । ପରେ ଏ ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜସ୍ୱ ବିଭାଗ ଅତିରିକ୍ତ ଜିଲ୍ଲାପାଳକୁ ପ୍ରଦାନ କରିଥିଲେ । ଆଗାମୀ ଦିନରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି ।

## ଦୁରାରୋଗ୍ୟ ପୀଡ଼ିତଙ୍କୁ ସହାୟତା

ବାରିକପୁର,୩୧।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ନାଆମୀ ପଞ୍ଚାୟତ କୋଚିଳାପତି ଗ୍ରାମର ଟୁନା ଜେନା ଦୀର୍ଘ ଦିନ ଧରି ଦୁରାରୋଗ୍ୟ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ନିଜେ ରୋଜଗାର କରି ପରିବାର ପ୍ରତିପୋଷଣ କରୁଥିବାବେଳେ ଏବେ ରୋଗର ଚିକିତ୍ସା ପାଇଁ ସେ ଅସହାୟ ହୋଇଛନ୍ତି । ଏପରିସ୍ଥଳେ ତାଙ୍କ ଚିକିତ୍ସା ପାଇଁ ବଦାନ୍ୟ ବ୍ୟକ୍ତି ଓ ଅନୁଷ୍ଠାନ ସହାୟତାର ହାତ ବଢ଼ାଇଛନ୍ତି । ଏହି ପରିପ୍ରେକ୍ଷୀରେ ବ୍ଲକ୍ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉମିଦ ଫାଉଣ୍ଡେସନ ସଦସ୍ୟମାନେ ଟୁନାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ତାଙ୍କର ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରିଛନ୍ତି ।

## ବରିଷ୍ଠ ନାଗରିକ ସଂଘର ବୃକ୍ଷରୋପଣ

କାଳିଆପାଣି,୩୧।୫(ସମିସ): ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ କୁହିକା ପଞ୍ଚାୟତର ଗାନ୍ଧାପାଳ ମହାଦେବ ମନ୍ଦିର ପ୍ରାଙ୍ଗଣରେ ମହାଗିରି ବରିଷ୍ଠ ନାଗରିକ ସଂଘର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ମନ୍ଦିର ପ୍ରାଙ୍ଗଣରେ ବୃକ୍ଷରୋପଣ ଓ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରାଯାଇଥିଲା । ଏହି ବୈଠକରେ ୫୦ରୁ ଅଧିକ ସଦସ୍ୟ ଯୋଗଦାନ କରିଥିଲେ । ସଂଘର ସଭାପତି ନିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଉପସଭାପତି ଗୟାଧର ପରିଡା, ସମ୍ପାଦକ ଉଦୟନାଥ ନାୟକ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ଓଡିଶା ବରିଷ୍ଠ ନାଗରିକ ମହାସଂଘ, ଭୁବନେଶ୍ୱରର ଜୋନାଲ ସମ୍ପାଦକ ପ୍ରହ୍ଲାଦ ରାଉତ ବରିଷ୍ଠ ନାଗରିକଙ୍କ ସରକାରୀ ସୁବିଧା ଓ ପରସ୍ପର ମଧ୍ୟରେ ଭାଇଚାରା ସୃଷ୍ଟି ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ସଂଘର କୋଷାଧ୍ୟକ୍ଷ ଅଶେଷ କୁମାର ନାୟକ ସଂଘର ଆୟ-ବ୍ୟୟ ହିସାବ ପ୍ରଦାନ କରିଥିଲେ । ସହ-ସମ୍ପାଦକ ଗଗନ ବିହାରୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଜିଜୁଲ୍ଲା ସାରଙ୍କ ବିୟୋଗରେ ସ୍ମୃତିସଭା



ଧର୍ମଶାଳା,୩୧।୫(ସମିସ): ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ବଡ଼ମଙ୍ଗଳପୁର ନିବାସୀ ଅବସରପ୍ରାପ୍ତ ଶିକ୍ଷକ ମହମ୍ମଦ ଅଜିଜୁଲ୍ଲା (ଅଜିଜୁଲ୍ଲା ସାର)ଙ୍କ ବିୟୋଗରେ ବଡ଼ମଙ୍ଗଳପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆଜି ଅପରାହ୍ନ ସମୟରେ ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକ ଅବିନେଶ୍ୱର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଧର୍ମଶାଳା ବ୍ଲକର ପୂର୍ବତନ ଅଧ୍ୟକ୍ଷ କିଷାନ ପଣ୍ଡା, ଚୋରାମୁହାଁ ଗ୍ରାମପଞ୍ଚାୟତର ସମିତିସଭ୍ୟ ପ୍ରିୟବ୍ରତ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ଜେନା, ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ଦାଶ ଓ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣାମୟୀ ଖଟୁଆ ପରିଚାଳନା କମିଟିର ସଭାପତି ଚିତ୍ତରଞ୍ଜନ ଜେନା, ପ୍ରାକ୍ତନ ଶିକ୍ଷକ କ୍ଷେତ୍ରବାସୀ ଲେଙ୍କା ଓ କମିଟିର ସଭାପତି ହରିଶ ଚନ୍ଦ୍ର ସାମଲ ପ୍ରମୁଖ ଅତିଥିଭାବେ ଯୋଗଦେଇ ଅଜିଜୁଲା ସାର ଜଣେ ଆଦର୍ଶ ଶିକ୍ଷକ, ସଂସ୍କୃତି ପ୍ରେମୀ ତଥା ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ନିବାହୀ ଯନ୍ତ୍ରୀ ଇଂ. ନୀଳମଣି ନାୟକ, ବିପିନ ବିହାରୀ ପଣ୍ଡା, ସେକ ସାହାଜାହାନ, ନିର୍ମଳ ଚନ୍ଦ୍ର ପ୍ରଧାନ, ମହେଶ୍ୱର ବିଶ୍ୱାଳ, ଉଦୟନାଥ ପାଳ ଓ ଅଶୋକ କୁମାର ସାହୁ ପ୍ରମୁଖ ଯୋଗଦେଇ ତାଙ୍କର ଗୁଣଗାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସୌମ୍ୟପ୍ରକାଶ ବିଶ୍ୱାଳ, ପ୍ରକାଶ କୁମାର ନାୟକ, ସଂଜୀବ କୁମାର ପଣ୍ଡା, ରାମଚନ୍ଦ୍ର ମହାନ୍ତି, ଦେବାଶିଷ ସାହୁ ଓ ସତ୍ୟପ୍ରକାଶ ମଲ୍ଲିକ ପ୍ରମୁଖ ପରିଚାଳନା ରେ ସହାୟତା କରିଥିଲେ । ଶେଷରେ ପରିବାର ପକ୍ଷରୁ ଭାଇ ମହମ୍ମଦ ସଫିଉଲ୍ଲା ଧନ୍ୟବାଦ ଅର୍ପଣ କରିଥିଲେ ।

## ଅବ୍ୟବସ୍ଥା ଘେରରେ କୋଠାର ସରକାରୀ ଉଚ୍ଚ ବିଦ୍ୟାଳୟ

ଅସୁରାଳି,୩୧।୫(ସମିସ): ଧାମନଗର ବ୍ଲକ୍‌ର ପ୍ରତିଷ୍ଠିତ ତଥା ସର୍ବପୁରାତନ 'କୋଠାର ସରକାରୀ ଉଚ୍ଚ ବିଦ୍ୟାଳୟ' ଦୀର୍ଘ ଦିନ ହେବ ଚରମ ଅବହେଳାର ଶିକାର ହୋଇଛି । ୧୯୪୨ ମସିହାରେ ସ୍ଥାପିତ ହୋଇଥିବା ଏହି ଐତିହାସିକ ବିଦ୍ୟାଳୟଟିର ସାମ୍ପ୍ରତିକ ଦୁରବସ୍ଥାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଏବଂ ଛାତ୍ରଛାତ୍ରୀଙ୍କ ଅଭିଭାବକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବିଦ୍ୟାଳୟର ଶ୍ରେଣୀଗୃହଗୁଡ଼ିକର ଅବସ୍ଥା କହିଲେ ନସରେ । ସାମାନ୍ୟ ବର୍ଷା ହେଲେ କୋଠାର ଆଜ୍‌ବେଷ୍ଟ୍ସ ଓ ଟିଣ ଛାତରୁ ପାଣି ଗଳୁଛି, ଯାହା ଫଳରେ ପିଲାମାନଙ୍କ ପାଠପଢ଼ାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଛି । କେବଳ ସେତିକି ନୁହେଁ, ସ୍କୁଲର ରୋଷେଇ ଘରଟି ସମ୍ପୂର୍ଣ୍ଣ ଭିଜି ଯାଉଥିବାରୁ ମଧ୍ୟାହ୍ନଭୋଜନ ପ୍ରସ୍ତୁତିରେ ପ୍ରତିଦିନ ଅସୁବିଧାର ସାମ୍ନା କରିବାକୁ ପଡୁଛି । ଭିତ୍ତିଭୂମି ସାଙ୍ଗକୁ ବିଦ୍ୟାଳୟରେ ଶିକ୍ଷକ ସଙ୍କଟ ପାଠପଢ଼ାକୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ କରିଦେଇଛି ।

ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୫୪୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ନିୟମ ଅନୁଯାୟୀ, ଏଠାରେ ୧୪ ଜଣ ଶିକ୍ଷକଙ୍କ ଆବଶ୍ୟକତା ଥିବାବେଳେ ମାତ୍ର ୯ ଜଣ ଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନ ଚାଲିଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ବିଦ୍ୟାଳୟରେ କୌଣସି ସ୍ଥାୟୀ ପ୍ରଧାନଶିକ୍ଷକ ନାହାନ୍ତି । ୨୦୧୨ରୁ ଏହି ପଦ ଖାଲି ପଡ଼ିଥିବାରୁ ବର୍ତ୍ତମାନ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଭାବେ ସାରଳାବାଳା ପାଢ଼ୀ ଦାୟିତ୍ୱ ତୁଲାଉଛନ୍ତି । ଏହା ସହିତ ସ୍କୁଲରେ ଆବଶ୍ୟକ ୩ ଜଣ ପିଅନ ବଦଳରେ ମାତ୍ର ଜଣେ ପିଅନ ଅଛନ୍ତି ଏବଂ ରାତ୍ରି ଜଗୁଆଳି ପଦ ମଧ୍ୟ ଖାଲି ପଡ଼ିଛି । ଏହି ସମସ୍ତ ଅବ୍ୟବସ୍ଥା ବାବଦରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସାରଳାବାଳା ପାଢ଼ୀ କହିଛନ୍ତି, ସ୍କୁଲର ବିଭିନ୍ନ ସମସ୍ୟା ଓ ଅବ୍ୟବସ୍ଥା ସମ୍ପର୍କରେ ଉପରିସ୍ଥ ଅଧିକାରୀମାନଙ୍କୁ ବାରମ୍ବାର ଲିଖିତ ଭାବେ ଅବଗତ କରାଯାଇଛି । କିନ୍ତୁ ଦୁର୍ଭାଗ୍ୟବଶତଃ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ, ଯାହା ଫଳରେ ଶିକ୍ଷାଦାନ କ୍ଷେତ୍ରରେ ଆମେ ଅନେକ କଳବଳ ହେଉଛୁ । ଏହି ପୁରାତନ ବିଦ୍ୟାଳୟ ପ୍ରତି ସରକାର ଓ ଶିକ୍ଷା ବିଭାଗର ଏଭଳି ଉଦାସିନତାକୁ ନେଇ ସ୍ଥାନୀୟ ଜନସାଧାରଣ ଉଦ୍‌ବେଗ ପ୍ରକାଶ କରିଛନ୍ତି । ସ୍ଥାନୀୟ ଜନନେତା ଏବଂ ଅଭିଭାବକ ମହଲ ପକ୍ଷରୁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ବିଦ୍ୟାଳୟର ସମସ୍ୟା ସମାଧାନ କରିବାକୁ ଜୋର୍‌ଦାର ଦାବି ହେଉଛି ।

## ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଧୂଷୁରୀ,୩୧।୫(ସମିସ): ଧୂଷୁରୀ ମୁରଲୀଧର ସରକାରୀ ଉଚ୍ଚ ବିଦ୍ୟାଳୟର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଆଦର୍ଶ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ହୋତାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ରବିବାର ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ, ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ହୋଇଯାଇଛି । 'ଓଷ୍ଟା'ର ପ୍ରାକ୍ତନ ସଭାପତି ରମାକାନ୍ତ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଧାମନଗର ବ୍ଲକ୍ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ପ୍ରାକ୍ତନ ଶିକ୍ଷା ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ, ପ୍ରାକ୍ତନ ଜିଲ୍ଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ଭଦ୍ରକ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ମୁଖ୍ୟବକ୍ତା ଭାବେ 'ଓଷ୍ଟା'ର ସଭାପତି ଅକ୍ଷୟ କୁମାର ମିଶ୍ର, ପ୍ରଧାନଶିକ୍ଷକ ବିଜୟ ମିଶ୍ର, ଅଖିଳ ଭାରତୀୟ ଶିକ୍ଷକ ସଂଗଠନ ଉପସଭାପତି ପ୍ରକାଶ ମହାନ୍ତି, 'ଓଷ୍ଟା' କୋଷାଧ୍ୟକ୍ଷ ଅଶୋକ ମହାପାତ୍ର, ରମାକାନ୍ତ ମହାପାତ୍ର, ପ୍ରସନ୍ନ ରଥ, ଯାଜପୁର ଜିଲ୍ଲା ସଭାପତି ସୁନନ୍ଦ ରାଉତ, ସମ୍ପାଦକ ପବିତ୍ର ପଣ୍ଡା, ରମେଶ ବେହେରା, ପ୍ରେମାନନ୍ଦ ଜେନା, ଲକ୍ଷ୍ମୀଧର ସାହୁ, ରଞ୍ଜନ ଘଡ଼େଇ, ମୃତ୍ୟୁଞ୍ଜୟ ବେହେରା, କାହ୍ନୁ ସାମଲ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ହୋତାଙ୍କ ଶିକ୍ଷାଦାନ ଓ କାର୍ଯ୍ୟଧାରା ନେଇ ଆଲୋଚନା କରିଥିଲେ । ପରେ ତାଙ୍କୁ ଉପଢୌକନ, ମାନପତ୍ର, ଉପହାର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଇତିଶ୍ରୀ ସାମଲ ପ୍ରଦାନ କରିଥିବାବେଳେ ହେମନ୍ତ ସୂତାର ଧନ୍ୟବାଦ ଅର୍ପଣ କରିଥିଲେ ।

### ବଡ଼ତ୍ରିଲୋଚନପୁର ସବସେଣ୍ଟର ନିର୍ମାଣରେ ଅନିୟମିତତା ଅଭିଯୋଗ
## ଅଭିଯୋଗକାରୀଙ୍କ ବିରୋଧରେ ଥାନାରେ ମିଥ୍ୟା ମାମଲା

ଯାଜପୁର,୩୧।୫(ସମିସ):

ଯାଜପୁରବ୍ଲକଅନ୍ତର୍ଗତଜାଫରପୁର ପଞ୍ଚାୟତ ବଡ଼ତ୍ରିଲୋଚନପୁର ଠାରେ ନିର୍ମାଣ କରାଯାଉଥିବା ସବସେଣ୍ଟର (ସ୍ୱାସ୍ଥ୍ୟ କେନ୍ଦ୍ର)ରେ ନାନା ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ କରାଯାଉଥିବା ଏହି ସବସେଣ୍ଟର ପାଇଁ ୫୫ ଲକ୍ଷ ବ୍ୟୟ ବରାଦ ହୋଇଛି । କିନ୍ତୁ ଏହି ନିର୍ମାଣ କାର୍ଯ୍ୟ ଏଷ୍ଟିମେଟ ଅନୁଯାୟୀ କରାଯାଉନଥିବାରୁ ଏହାର ସ୍ଥାୟୀତ୍ୱ ନେଇ ସନ୍ଦେହ କରିଛନ୍ତି ଗ୍ରାମବାସୀ । ଠିକାଦାର ଜଣକ ମନଇଚ୍ଛା କାମ କରୁଥିବା ବେଳେ ଏହାକୁ ଦେଖାଶୁଣା କରିବାକୁ କେହି ନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ନିମ୍ନମାନର ସିମେଣ୍ଟ ସାଙ୍ଗକୁ, ନିମ୍ନମାନର ଟାଇଲ ବ୍ୟବହାର ହୋଇଥିବା ଅଭିଯୋଗ ହୋଇଛି । ଏପରିକି କାନ୍ଥରେ କୌଣସି ପ୍ରାଇମର ନ ମାରି ସିଧାସଳଖ ରଙ୍ଗ ମରାଯାଉଥିବା ବେଳେ ଗ୍ରାମବାସୀ ଏହାର ବିରୋଧ କରିଥିଲେ । ଗ୍ରାମବାସୀଙ୍କ ପକ୍ଷରୁ ବିଶ୍ୱଜିତ୍ ନାୟକ ରଙ୍ଗଦେବା ସମୟରେ ନିଜ ମୋବାଇଲରେ ଫଟୋ ଉତ୍ତୋଳନ କରିଥିଲେ । ଏଥିରେ ବ୍ୟସ୍ତବିବ୍ରତ ହୋଇ ସଂପୃକ୍ତ ଠିକାଦାରଙ୍କ ପକ୍ଷରୁ ବିଶ୍ୱଜିତ୍‌ଙ୍କ ନାମରେ ଯାଜପୁର ସଦର ଥାନାରେ ମାମଲା ରୁଜୁ କରାଯାଇଛି । ପୁଲିସ ମଧ୍ୟ କୌଣସି ଅନୁସନ୍ଧାନ ନ କରି ମାମଲା ରୁଜୁ କରିଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ସବସେଣ୍ଟରରେ ହେଉଥିବା କାମ ନିମ୍ନମାନର ଅଭିଯୋଗ ହେବା ପରେ କାମ ବନ୍ଦ ଥିବା ବେଳେ ଗ୍ରାମବାସୀ ଏ ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି । ତୁରନ୍ତ ଏହି ଅଭିଯୋଗର ତଦନ୍ତ କରାଯାଇ ଦୋଷୀ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ମିଥ୍ୟା ମକଦ୍ଦମାକୁ ଶୀଘ୍ର ପ୍ରତ୍ୟାହାର କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି ।



## ପାରାଦୀପ ପୌରାଧ୍ୟକ୍ଷଙ୍କ ଘର ଉପରକୁ ବୋମା ମାଡ଼ ଘଟଣା

# ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୁଲିସ ହାତ ଖାଲି

ପାରାଦୀପ, ୩୧।୫ (ସମିସ)



- ୬ ଜଣଙ୍କୁ ସନ୍ଦେହରେ ଅଟକ; ପଚାର ଉଚରା ଜାରି
- ଅପରାଧୀଙ୍କୁ ଧରିବାକୁ ପୁଲିସର ସ୍ୱତନ୍ତ୍ର ଟିମ୍
- ତୁରନ୍ତ ଅପରାଧୀଙ୍କୁ ଧରିବାକୁ ବିଜେଡିର ଦାବି

ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ଘର ଉପରକୁ ଗତକାଲି ସନ୍ଧ୍ୟାରେ ବୋମା ମାଡ଼ ଘଟଣାକୁ ୨୪ ଘଣ୍ଟା ପୂରି ଯାଇଥିଲେ ମଧ୍ୟ ପୁଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ତେବେ ସନ୍ଦେହରେ ୬ ଜଣଙ୍କୁ ଆଣି ଅଟକ ରଖି ପଚରା ଉଚରା କରୁଛି। ଅପରାଧୀଙ୍କୁ ଧରିବାକୁ ପୁଲିସ୍ ସ୍ୱତନ୍ତ୍ର ଟିକ୍ କରି ଚଢ଼ଉ କରୁଛି।

ଏନେଇ ଆଜି ପାରାଦୀପ ନଗର ବିଜେଡି ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟଠାରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ପାରାଦୀପର ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ ଉପସ୍ଥିତ ହୋଇ କହିଲେ ପାରାଦୀପ ଭଳି ଶାନ୍ତିପୂର୍ଣ୍ଣ ସହରକୁ ଅଶାନ୍ତି କରିବାକୁ କିଛି ମୁଷ୍ଟିମେୟ ଲୋକ ଷଡ଼ଯନ୍ତ୍ର କରିଛନ୍ତି। ଯାହା ଗତକାଲିର ଘଟଣାକୁ ସ୍ପଷ୍ଟ ପ୍ରମାଣିତ କରୁଛି। ସନ୍ଧ୍ୟାରେ ତିନି ଜଣ ଦୁର୍ବୃତ୍ତ ପୌରାଧ୍ୟକ୍ଷଙ୍କ ଘର ଉପରକୁ ତିନୋଟି ପେଟ୍ରୋଲ ବୋମା ପକାଇ ବିନା ବାଧାରେ ଫେରାର ହୋଇଯାଇଛନ୍ତି। ଖବର ପାଇ ସଙ୍ଗେ ଆଦର୍ଶ ଥାନା ଅଧିକାରୀ ଓ ଆଡିସିନାଲ ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ରାତି ୧୦ ପରେ ଏସ୍‌ପି ମଧ୍ୟ ପହଞ୍ଚି ସାଇଣ୍ଟିଫିକ ଟିମ ଦ୍ୱାରା ତଦନ୍ତ କରି ଫେରିଯାଇଥିଲେ। ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳ ପାରାଦୀପର ଜଣେ ବିଜେଡିର ଅଗଧାଡିର ନେତୃତ୍ୱ। ତାଙ୍କ ଘର ଉପରକୁ ଏଭଳି ବୋମାମାଡ଼ ହେବା ଏକ ଦୁର୍ଭାଗ୍ୟଜନକ ଘଟଣା। ତେବେ ଏଭଳି ସମ୍ବେଦନଶୀଳ ଘଟଣାକୁ ପୁଲିସ ଗୁରୁତର ଭାବେ ନେଇ ପ୍ରକୃତ ଦୋଷୀକୁ ଧରିବାକୁ ସେ ଦାବି କରିଥିଲେ। ନହେଲେ ପାରାଦୀପ ନଗର ବିଜେଡି ତାର ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବା ନେଇ ପୂର୍ବତନ ବିଧାୟକ ଶ୍ରୀ ରାଉତରାୟ କହିଥିଲେ। ଏହି ଘଟଣାର ରହସ୍ୟ ଉନ୍ମୋଚନ ନ କଲେ ପାରାଦୀପ ଲୋକଙ୍କର ପୁଲିସ ଉପରୁ ଭରସା ତୁଟିଯିବ ବୋଲି ସେ ଅଭିଯୋଗ କରିଥିଲେ।

ଅନ୍ୟ ପକ୍ଷରେ ଏହି ଘଟଣା ପଛରେ ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ। ରାଜନୈତିକ ଆକ୍ରୋଶ ନା ବ୍ୟବସାୟିକ ଶତ୍ରୁତା ତାକୁ ନେଇ ସାଧାରଣରେ ଚାଲିଛି ଆଲୋଚନା। ପାରାଦୀପକୁ ଅଶାନ୍ତ କରୁଥିବା ଅସାମାଜିକ ତତ୍ତ୍ୱଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ନଗର ପକ୍ଷରୁ ଦାବି ହୋଇଛି।

ଏହି ସାମ୍ବାଦିକ ସମ୍ମିଳନୀରେ ନଗର ବିଜେଡି ପକ୍ଷରୁ ପୂର୍ବତନ ସାଂସଦ ଡା. କୁଳମଣି ସାମଲ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ବିଜେଡି ନଗର ସଭାପତି କୁମରବର ନାୟକ, ନାରୀନେତ୍ରୀ ସବିତା ମହାପାତ୍ର, ଅରୁଣ କୁମାର ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ରାଉତ, ସାଧାରଣ ସମ୍ପାଦକ ନଗର ବିଜେଡି ଆଲୋକ କୁମାର ମହାପାତ୍ର, ଯୁବ ସଭାପତି ପାରାଦୀପ ସତ୍ୟବାନ ମୁଦୁଲି, ପୋତାନାଇ ପଞ୍ଚାୟତ ସମିତିସଭ୍ୟ ଚିନ୍ମୟ ରଞ୍ଜନ ପରିଡା, ଜିଲ୍ଲା ସାଧାରଣ ସମ୍ପାଦକ ରଶ୍ମି ରଞ୍ଜନ ପରିଡା, ପୂର୍ବତନ ବିଧାୟକଙ୍କ ପ୍ରତିନିଧି ବିଚିତ୍ରନନ୍ଦ ପ୍ରଧାନ, ପାରିଷଦ ଅଜିତ କୁମାର ଷଡ଼ଙ୍ଗୀ, ଜଗନ୍ନାଥ ରାଓ, ନବ କୁମାର ବେହେରା, ସୁଶାନ୍ତ ଦାସ, ସମୀର ସାହୁ ଅନନ୍ତ ଜେନା, ଚକ୍ରଧର ପରିଡା, ଅଟଳ ପରିଡା, ବିଭୁତି ମହାରଣା, କପିଳାଶ ପଟନାୟକ, କମଳ ଦାସ, ଚିତ୍ତରଞ୍ଜନ ମଲ୍ଲିକ ଓ ଦୀପକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

■ ସାଗରଆଙ୍କଳନପୁରସ୍କାର

# ଶୀର୍ଷ ସ୍ଥାନରେ ପାରାଦୀପ ବନ୍ଦର



**ପାରାଦୀପ,୩୧।୫(ସମିସ):** ପାରାଦୀପ ବନ୍ଦର ପ୍ରାଧିକରଣ କେନ୍ଦ୍ର ସରକାରଙ୍କ ବନ୍ଦର, ଜାହାଜ ଓ ଜଳପଥ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ପ୍ରତିଷ୍ଠିତ ସାଗର ଆଙ୍କଳନ ପୁରସ୍କାରରେ ଶୀର୍ଷ ସ୍ଥାନ ଅର୍ଜନ କରି ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ସଫଳତା ସାଧନ କରିଛି। ଏହି ସଫଳତା ପାରାଦୀପ ବନ୍ଦରର ଦେଶର ସର୍ବଶ୍ରେଷ୍ଠ କାର୍ଯ୍ୟଦକ୍ଷ ବନ୍ଦରମାନଙ୍କ ମଧ୍ୟରୁ ପ୍ରଥମ ବନ୍ଦର ଭାବେ ନିଜ ସ୍ଥିତିକୁ ମଜବୁତ କରିବା ସହ କାର୍ଗୋ ହ୍ୟାଣ୍ଡଲିଂ, ପରିଚାଳନା ଦକ୍ଷତା ଓ ଲଜିଷ୍ଟିକ୍ସ କ୍ଷେତ୍ରରେ ଉତ୍କର୍ଷକୁ ପ୍ରକାଶ କରିଛି। ଏହି ପୁରସ୍କାର ମୁମ୍ବାଇରେ ଆୟୋଜିତ ଏକ ବିଶେଷ ସମାରୋହରେ ପ୍ରଦାନ କରାଯାଇଛି। ଯେଉଁଠାରେ ପାରାଦୀପ ବନ୍ଦର ପ୍ରାଧିକରଣର ଅଧ୍ୟକ୍ଷ ପି.ଏଲ୍. ହରନାଦ କେନ୍ଦ୍ର ବନ୍ଦର, ଜାହାଜ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ଠାରୁ ସାଗର ଆଙ୍କଳନ ପୁରସ୍କାର ଗ୍ରହଣ କରିଥିଲେ। ଏଥିସହ ପାରାଦୀପ ବନ୍ଦର ୫ ମିଲିୟନ୍ ଟନ୍ ଓ ତର୍ଦ୍ଧ୍ୱ କାର୍ଗୋ ହ୍ୟାଣ୍ଡଲିଂ ବର୍ଗରେ ଡ୍ରାଇ ବଲ୍କ କାର୍ଗୋ ପରିଚାଳନାରେ ଭାରତରେ ୧ ନମ୍ବର ସ୍ଥାନ ଅର୍ଜନ କରିଛି। ସେହିପରି କଣ୍ଟେନର କାର୍ଗୋ ପରିଚାଳନାରେ ୦.୫ ମିଲିୟନ୍ ଟିଇୟୁ ଠାରୁ କମ୍ ବର୍ଗରେ ପାରାଦୀପ ବନ୍ଦର ପ୍ରାଧିକରଣ ତୃତୀୟ ସ୍ଥାନ ଅଧିକାର କରିଛି। ସମାରୋହରେ କେନ୍ଦ୍ର ମନ୍ତ୍ରୀ ଲଜିଷ୍ଟିକ୍ସ ପୋର୍ଟ ପରଫର୍ମାନ୍ସ ଇଣ୍ଡେକ୍ସ ଉନ୍ମୋଚନ କରିଥିଲେ। ତେବେ ଏହି ସଫଳତାରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହରନାଦ କହିଛନ୍ତି ଯେ "ଏହି ସମ୍ମାନ ପାରାଦୀପ ବନ୍ଦର ପରିବାରର ସମସ୍ତ କର୍ମଚାରୀ, ଷ୍ଟକହୋଲ୍ଡର, ପୋର୍ଟ ୟୁଜର୍ସ ଏବଂ ବ୍ୟବସାୟିକ ସହଯୋଗୀଙ୍କ ଅବଦାନର ପ୍ରତିଫଳନ। ଡ୍ରାଇ ବଲ୍କରେ ପ୍ରଥମ ସ୍ଥାନ ଏବଂ କଣ୍ଟେନର କାର୍ଗୋରେ ତୃତୀୟ ସ୍ଥାନ ହାସଲ କରିବା ଆମର ଦକ୍ଷତା, କାର୍ଯ୍ୟକ୍ଷମତା ଏବଂ ଗ୍ରାହକ ସନ୍ତୋଷ ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି।

# ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା



**ନାଉଗାଁ,୩୧।୫(ସମିସ):** ସ୍ଥାନୀୟ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ନାଉଗାଁର ଅଧ୍ୟକ୍ଷ ଜ୍ୟୋତିପ୍ରକାଶ ଲେଙ୍କାଙ୍କ ଅବସର ଉପଲକ୍ଷେ ମହାବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର କର୍ମଚାରୀମାନଙ୍କ ପକ୍ଷରୁ ବର୍ତ୍ତମାନ ଅଧ୍ୟକ୍ଷ ବିଭୁତି ଭୂଷଣ ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ସଭାରେ ପ୍ରାଧ୍ୟାପକ ଚନ୍ଦ୍ରଶେଖର ପୁହାଣ, ପ୍ରଭାତ କୁମାର ଶତପଥି, ତୁଷାର କାନ୍ତ ଦାସ, ହୃଦାନନ୍ଦ ସ୍ୱାଇଁ, ମନଲୋଭା ପ୍ରଧାନ, ଡା. ନିକୁଞ୍ଜ ରଞ୍ଜନ ଦାଶ, ସୁରେଶ କୁମାର ବାରିକ ଓ ଚୈତନ୍ୟ ଚରଣ ପରିଡା ଉପସ୍ଥିତ ରହିଥିଲେ। ଶ୍ରୀ ଲେଙ୍କା ୧୯୮୯ ମସିହାରୁ ଏହି ମହାବିଦ୍ୟାଳୟରେ ଓଡ଼ିଆ ବିଭାଗର ଅଧ୍ୟାପକ ଭାବେ ନିଜ କର୍ମଜୀବନ ଆରମ୍ଭ କରି ପରବର୍ତ୍ତୀକାଳରେ ପ୍ରାଧ୍ୟାପକ ଏବଂ ଅଧ୍ୟକ୍ଷ ପଦବୀ ପର୍ଯ୍ୟନ୍ତ ଉନ୍ନତି ଲାଭ କରିଥିଲେ। ଏହି ସଭାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଏକ ଶୋଭାଯାତ୍ରା ମାଧ୍ୟମରେ ଶ୍ରୀ ଲେଙ୍କାଙ୍କୁ ତାଙ୍କ ବାସଗୃହ ପର୍ଯ୍ୟନ୍ତ ଏକ ବିରାଟ ପଟୁଆରରେ ଅଣାଯାଇଥିଲା।

# ସ୍ୱାମୀର ଅନ୍ୟତ୍ର ବିବାହକୁ ନେଇ ପତ୍ନୀଙ୍କ ଅଭିଯୋଗ

**ବାଲିକୁଦା,୩୧।୫(ସମିସ):** ବାଲିକୁଦା ଥାନା ଅନ୍ତର୍ଗତ ଅପଣ୍ଡରା ପଞ୍ଚାୟତ ନଲରା ଗ୍ରାମର ବିବାହିତ ମହିଳା ବିସ୍ମୟିନୀ ପାତ୍ର ସ୍ୱାଇଁ ତାଙ୍କ ସ୍ୱାମୀ ସ୍ୱରୂପ ସ୍ୱାଇଁ ଅନ୍ୟତ୍ର ବିବାହ କରିଥିବା ନେଇ ବାଲିକୁଦା ଥାନାରେ ଅଭିଯୋଗ କରିଛନ୍ତି। ବିସ୍ମୟିନୀଙ୍କ ଅଭିଯୋଗ ଅନୁଯାୟୀ ସେ ସେହି ଗ୍ରାମର ସ୍ୱରୂପ ସ୍ୱାଇଁଙ୍କୁ ଗତ ୨୦୧୯ ଜୁନରେ ବୈଦିକ ରୀତିନୀତି ଅନୁଯାୟୀ ବିବାହ କରିଥିଲେ। ଏପରିକି ତାଙ୍କର ପ୍ରେମ ବିବାହ ହୋଇଥିଲେ ମଧ୍ୟ ଉଭୟ ପରିବାରଙ୍କ ସହମତି ଅନୁଯାୟୀ ବିବାହ ହୋଇଥିଲା। ବିବାହ ସମୟରେ ସେ ଯୌତୁକ ଆକାରରେ ସମସ୍ତ ଅଳଙ୍କାର ଓ ଟଙ୍କା ମଧ୍ୟ ନେଇଥିଲେ। ହେଲେ କିଛି ଦିନ ପରେ ତାଙ୍କର ଏକ ଦିବ୍ୟାଙ୍ଗ ପୁତ୍ର ଜନ୍ମ ଲାଭ କରିଥିଲା। ଯାହାର ବୟସ ବର୍ତ୍ତମାନ ୬ ବର୍ଷ ଅଟେ। ଏହାପରେ ଶାଶୂଘର ଲୋକଙ୍କ ପକ୍ଷରୁ ଯୌତୁକ ନିର୍ଯାତନା ଆରମ୍ଭ ହୋଇଥିଲା। ଯେଉଁଥିରେ ଶାଶୁ, ଶଶୁର, ନଣନ୍ଦ, ନଣନ୍ଦେଇ ଓ ମାଡ଼ ମାରିବା ସହ ଅଧିକ ୩ ଲକ୍ଷ ଯୌତୁକ ଦାବି କରି ଅନେକ ଥର ମାଡ଼ ମାରିଥିଲେ। ଏପରିକି ଏହା ସ୍ୱାମୀଙ୍କୁ ଜଣାଇଥିଲେ ମଧ୍ୟ ସେ ଏହାର ସମାଧାନ କରିବା ପରିବର୍ତ୍ତେ ମାଡ଼ ମାରି ଗତ ଦେଢ଼ ବର୍ଷ ହେବ ଘରୁ ବାହାର କରି ଦେଇଥିଲେ। ସେହିଦିନ ଠାରୁ ବିସ୍ମୟିନୀ ବାପ ଘରେ ରହି ଆସୁଥିବା ବେଳେ ଶଶୁର ଘର ଲୋକ ଷଡ଼ଯନ୍ତ୍ର କରି ତାଙ୍କ ପୁଅକୁ ମାଛଗାଁ ପଞ୍ଚାୟତର ଅନ୍ୟ ଏକ ଝିଅ ସହ ବିବାହ କରାଇ ଦେଇଥିବା ଖବର ଫଟୋ ଦେଖି ଜାଣିବାକୁ ପାଇଲି ବୋଲି ଅଭିଯୋଗ କରିଛନ୍ତି ବିସ୍ମୟିନୀ। ଏପରିକି ଉକ୍ତ ଝିଅର ପରିବାରର ଅଜାଣତରେ ଏହି ବିବାହ ହୋଇଥିବାରୁ ସେମାନେ ମଧ୍ୟ ନ୍ୟାୟ ପାଇଁ ବାଲିକୁଦା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏଣୁ କିଭଳି ଜଣେ ଦିବ୍ୟାଙ୍ଗ ପୁତ୍ରର ଭରଣ ପୋଷଣ ସେ ସାରା ଜୀବନ କରିବେ ଓ ତାଙ୍କୁ ତାଙ୍କର ଅଧିକାର ଫେରାଇ ଦେବା ସହ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିବେଦନ କରିଛନ୍ତି। ଏପରିକି ଅଭିଯୋଗ କରିବାର ଏକ ସପ୍ତାହ ହୋଇଥିଲେ ମଧ୍ୟ ପୁଲିସ ପକ୍ଷରୁ ମାମଲା ରୁଜୁ ହୋଇ ନାହିଁ। ସେ ଏସ୍‌ପିଙ୍କ କାର୍ଯ୍ୟଳୟଙ୍କୁ ଯାଇ ଏସପି ନଥିବା କାରଣରୁ ଫେରି ଆସିଥିବା ପ୍ରକାଶ କରିଛନ୍ତି। ଏନେଇ ବାଲିକୁଦା ଥାନା ଅଧିକାରୀ କାବୁଲି ବାରିକ କହିଛନ୍ତି ଆଜି ଏନେଇ ମାମଲା ରୁଜୁ ହେବ। ଆମେ ତାଙ୍କୁ ଆଣି ପଚରା ଉଚରା କରିବୁ ବୋଲି କହିଥିଲେ।

## ମହିଳା ଶୌଚାଳୟରୁ ସିସିଟିଭି କ୍ୟାମେରା ଜବତ ଘଟଣା

# ଅଭିଯୁକ୍ତ ସଞ୍ଜୟ ଅଧେକ ଗିରଫ



**ଜଗତସିଂହପୁର,୩୧।୫(ସମିସ):** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ସଁଅରା ସ୍ଥିତ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ପ୍ରଥମ ମହଲାରେ ଥିବା ଏକ ମହିଳା ଶୌଚାଳୟରୁ ସିସିଟିଭି କ୍ୟାମେରା ଜବତ ଘଟଣାର ୫ ଦିନ ପରେ ପୁଲିସ ଅଭିଯୁକ୍ତ ସଞ୍ଜୟ ଅଧେକକୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣାରେ ବ୍ୟବହୃତ କ୍ୟାମେରା, ହାର୍ଡ ଡିସ୍କ, ପେନ୍‌ଡ୍ରାଇଭ, ମୋବାଇଲ ଏବଂ କ୍ୟାମେରା। କିଣା ଯାଇଥିବା ବିଲ୍ ପୁଲିସ ଜବତ କରିଥିବା ଏସ୍‌ପି ଅଙ୍କିତ କୁମାର ବର୍ମା ସୂଚନା ଦେଇଛନ୍ତି।

**ଅଭିଯୁକ୍ତ ହାତରେ ଥାନାକୁ ପଠାଯାଇଥିଲା ଏତଲା**

ଆଜି ପୂର୍ବାହ୍ନରେ ଜଗତସିଂହପୁର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଶ୍ରୀ ବର୍ମା ପୂରା ଘଟଣା ବିଷୟରେ ସୂଚନା ଦେଇଥିଲେ। ଏହି ତଥ୍ୟ ଅନୁସାରେ ୩୫ ବର୍ଷୀୟ ସଞ୍ଜୟ ଅଧେକଙ୍କ ଘର ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ନୂଆଗାଁ ଅଞ୍ଚଳରେ ହୋଇଥିବା ବେଳେ ସେ ପ୍ରାୟ ୩ ବର୍ଷ ହେବ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ କନିଷ୍ଠ ରାଜସ୍ୱ ସହାୟକ ଭାବେ କାର୍ଯ୍ୟ କରୁଥିଲେ। କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କର ପ୍ରିୟପାତ୍ର ଥିଲେ ସଞ୍ଜୟ। ଏପରିକି ଶୌଚାଳୟରେ କ୍ୟାମେରା ଲାଗିବା ଘଟଣା ଜଣାପଡିବା ପରେ ସଞ୍ଜୟଙ୍କ ହାତରେ ହିଁ ଏତଲା ତିର୍ତ୍ତୋଲ ଥାନାକୁ ପଠାଯାଇଥିଲା। ତେବେ ଏଭଳି ଘୃଣ୍ୟ କାର୍ଯ୍ୟ ସଞ୍ଜୟ କାହିଁକି କଲେ ତାହା ଅଧିକ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

ଗତ ଜାନୁଆରୀ ମାସରେ ଏହି ସ୍ପାଏ କ୍ୟାମେରା ସଞ୍ଜୟ କ୍ରୟ କରିଥିବା ବେଳେ ମାର୍ଚ୍ଚ ମାସରେ ଉକ୍ତ ମହିଳା ଶୌଚାଳୟର ବେସିନ ତଳେ ଏହାକୁ ଲଗାଇଥିଲେ। ଏହି କ୍ୟାମେରାଟି ଥରେ ଚାର୍ଜ ହେଲେ ପ୍ରାୟ ୭ ଦିନ ଚାଲିବ। ତେଣୁ ପ୍ରତି ସପ୍ତାହରେ ସଞ୍ଜୟ ଏହାକୁ କୌଶଳ କ୍ରମେ ଚାର୍ଜ କରି ପୁଣି ଲଗାଇ ଆସୁଥିଲା। ଉକ୍ତ ଶୌଚାଳୟ ପାଖାପାଖି ଲାଗିଥିବା ସମସ୍ତ ସିସିଟିଭି କ୍ୟାମେରା ଯାଞ୍ଚ ପରେ ସଞ୍ଜୟ ହିଁ ମୁଖ୍ୟ ଅଭିଯୁକ୍ତ ଏହା ସ୍ପଷ୍ଟ ହୋଇଥିଲା। ସେହିପରି ପୁଲିସର ତନାଘନା ଚାଲିଥିବା ବେଳେ ସଞ୍ଜୟ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ଭାରପ୍ରାପ୍ତ ଅତିରିକ୍ତ ନିର୍ବାହୀ ଅଧିକାରୀଙ୍କୁ ଭେଟି ଭୁଲ ସ୍ୱୀକାର କରିବା ସହିତ ତାଙ୍କୁ କ୍ଷମା ପ୍ରାର୍ଥନା କରିଥିଲେ। ତେବେ ସଞ୍ଜୟ ଏକା ନା ଆଉ କିଏ ଏଥିରେ ସମ୍ପୃକ୍ତ ଅଛନ୍ତି ସେ ସମ୍ପର୍କରେ ତଦନ୍ତ ଜାରି ରହିଛି ବୋଲି ଏସ୍‌ପି ଶ୍ରୀ ବର୍ମା ସୂଚନା ଦେଇଛନ୍ତି।

# ୨୦୫ ବୁଥ୍‌ରେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ

**ଜଗତସିଂହପୁର,୩୧।୫(ସମିସ):** ଜଗତସିଂହପୁର ସହରର ଗୋପାଳସାଗର ସ୍ଥିତ ଜଗତସିଂହପୁର ବିଧାୟକଙ୍କ ବାସଭବନ ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୩୪ତମ 'ମନ କି ବାତ୍' କାର୍ଯ୍ୟକ୍ରମ ସ୍ଥାନୀୟ ଜନସାଧାରଣଙ୍କ ସହିତ ଶୁଣିଛନ୍ତି ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ଦାସ। ତତ୍‌ସହିତ ବିଧାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଗତସିଂହପୁର ନିର୍ବାଚନ ମଣ୍ଡଳୀର ନାଉଗାଁ ବ୍ଲକ, ଜଗତସିଂହପୁର ବ୍ଲକ, ଜଗତସିଂହପୁର ପୌରାଞ୍ଚଳର ୨୦୫ ବୁଥ୍‌ରେ ସାଧାରଣ ଜନତାଙ୍କୁ ନେଇ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ଏହି ଅବସରରେ ଓଡ଼ିଶାର ବେଲପଣା ଏବଂ ଓ ଆମ୍ବର ସ୍ୱାଦ ଓ ଗୁଣବତ୍ତାକୁ ମଧ୍ୟ ପ୍ରଶଂସା କରିଥିଲେ। ଓଡିଶାର ବିଭିନ୍ନ ସ୍ଥାନର ଉତ୍ପାଦିତ ଆମ୍ବ ଦେଶରେ ବିଭିନ୍ନ ସ୍ଥାନରେ ଲୋକପ୍ରିୟ ହୋଇଥିବା ବେଳେ ଏହା ଚାଷୀଙ୍କ ଆର୍ଥିକ ସ୍ଥିତିକୁ ମଧ୍ୟ ସୁଦୃଢ଼ କରିଛି ବୋଲି କହିଥିଲେ। ଗ୍ରୀଷ୍ମ ପ୍ରବାହ ସମୟରେ ଅଧିକ ପରିମାଣରେ ପାଣି ପିଇବା, ପାରମ୍ପରିକ ପାନୀୟର ବ୍ୟବହାର ବଢ଼ାଇବାକୁ ଆହ୍ୱାନ ଦେଇଥିଲେ।

# ମହିମା ଅଲେଖ ମାନବସେବା ସମିତି ସମାବେଶ

**କୁଜଙ୍ଗ,୩୧।୫(ସମିସ):** ମହିମା ଅଲେଖ ମାନବ ସେବା ସମିତି, ଅଗପାଳଙ୍କ ମୁଖ୍ୟ ମାର୍ଗଦର୍ଶକ ସାଧୁ ସୁଦର୍ଶନ ଦାସଙ୍କ ମାର୍ଗଦର୍ଶନରେ ସମିତିର ମୁଖ୍ୟ କାର୍ଯ୍ୟାଳୟ ଅଗପାଳ ପଞ୍ଚାୟତ ଅନ୍ତର୍ଗତ ପଥୁରିଆରେ ସପ୍ତମ ବାର୍ଷିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ତଥା ପ୍ରବୀଣ ଶିକ୍ଷାବିତ୍ ଶେଷଦେବ ସ୍ୱାଇଁଙ୍କ ସଭାପତିତ୍ୱରେ ଏହି ସମାବେଶରେ ସମିତି ପକ୍ଷରୁ ଅନୁଗୃହିତ ହୋଇଥିବା ସମସ୍ତ ଛାତ୍ରଛାତ୍ରୀ ଓ ତାଙ୍କ ପରିବାର ସଦସ୍ୟ ଯୋଗ ଦେଇଥିଲେ। ସମିତି ପକ୍ଷରୁ ହେଉଥିବା ପିଲାଙ୍କ ଶିକ୍ଷା ଓ ଅନ୍ୟାନ୍ୟ ପ୍ରଗତି ନେଇ ସଭାପତି ଓ ଅନ୍ୟାନ୍ୟ କର୍ମକର୍ତ୍ତା ସମୀକ୍ଷା କରିବା ସହ ଆଗାମୀ ବର୍ଷ ପାଇଁ ଏହି ଅସହାୟ ଅନାଥ ପିଲା ମାନ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ପ୍ରାରମ୍ଭରେ ସମିତି ସମ୍ପାଦକ ବିଭୂତି ଭୂଷଣ ଦାସ ସ୍ୱାଗତ ଭାଷଣ ସହ ଗତ ବର୍ଷ ବିବରଣୀ ପାଠ କରିଥିଲେ।

# ଝଙ୍କଡ଼ଶ୍ରୀ କାଳୀ ପ୍ରସନ୍ନ ପରିଜାଙ୍କ ସ୍ମୃତିସଭା




**ତିର୍ତ୍ତୋଲ,୩୧।୫(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସାରଦା ଏକାଡେମୀ କନକପୁରର ରାଜ୍ୟପାଳ ପୁରସ୍କାରପ୍ରାପ୍ତ କୃତୀଶିକ୍ଷକ ତଥା ଝଙ୍କଡ଼ ସାହିତ୍ୟ ସଂସଦ ପ୍ରତିଷ୍ଠାତା ସଭାପତି ଝଙ୍କଡ଼ଶ୍ରୀ କାଳୀପ୍ରସନ୍ନ ପରିଜାଙ୍କ ୭ମ ବାର୍ଷିକ ଶ୍ରାଦ୍ଧୋତ୍ସବ ଝଙ୍କଡ଼ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ତେନ୍ତୁଳିପଦା ସ୍ଥିତ ମୁନିଗୋସାଇଁ ମଠ ଆଦିକବି ଭବନରେ ଅନୁଷ୍ଠିତ ଏଇ ଶ୍ରାଦ୍ଧୋତ୍ସବରେ ଅନୁଷ୍ଠାନର ସଭାପତି ମହେନ୍ଦ୍ର କୁମାର ଆଚାର୍ଯ୍ୟ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ପ୍ରାଧ୍ୟାପିକା ଡ. ବିଷ୍ଣୁପ୍ରିୟା ଦାସ, ମୁଖ୍ୟବକ୍ତା ଡ. ଆରତି ତ୍ରିପାଠୀ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନାରାୟଣ ନାୟକ, କବି ହେମନ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଏଇ ଉତ୍ସବରେ ସଂଗଠନ ସଂପାଦକ ପଣ୍ଡିତ ବାସବ କୁମାର ନନ୍ଦ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ପ୍ରତିଷ୍ଠାତା ସଂପାଦକ ଗୋଲୋକ ବିହାରୀ ପଲାଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଚଳିତବର୍ଷ ଝଙ୍କଡ଼ଶ୍ରୀ କାଳୀପ୍ରସନ୍ନ ପରିଜା ସାରସ୍ୱତ ସମ୍ମାନ ବିଶିଷ୍ଟ ଶିକ୍ଷାବିତ୍ ତଥା ସାରସ୍ୱତ ସାଧକ ପଣ୍ଡିତ ଭାସ୍କର ଚନ୍ଦ୍ର ଶତପଥୀଙ୍କୁ ପ୍ରଦାନ କରାଯାଇଥିଲା। କବୟିତ୍ରୀ ସବିତା ନାୟକଙ୍କ ସଂଯୋଜନାରେ କବି କବୟିତ୍ରୀ ସ୍ୱରଚିତ କବିତାମାନ ପାଠ କରିଥିଲେ। ଏଇ ଅବସରରେ ପ୍ରାବନ୍ଧିକ ପ୍ରଭାତ ପରିଜାଙ୍କ ରଚିତ ପୁସ୍ତକ "ଆମରି କୃଷି ପିଲାଙ୍କ ଖୁସି' ଉନ୍ମୋଚିତ ହୋଇଥିଲା। ପ୍ରବଚକ ଦିଗମ୍ବର ରାଉତ, କବି ନିତ୍ୟାନନ୍ଦ ନାୟକ, ପ୍ରଭାତ ପରିଜା, ଅଂଜନା ମହାନ୍ତି, ଦେବେନ୍ଦ୍ରନାଥ କର, ନିର୍ମଳା କୁମାରୀ ସାହୁ, ଆଦିକବି ସାଂସ୍କୃତିକ ପରିଷଦ ସଂପାଦକ ଚିତ୍ତରଞ୍ଜନ ପରିଜା, ଅବସରପ୍ରାପ୍ତ ବ୍ୟାଙ୍କ୍ ଅଧିକାରୀ ଗୌରାଙ୍ଗ ଚରଣ ଦାସ, ନିତ୍ୟାନନ୍ଦ ଦାସ ଓ ବିକାଶ ପରିଜା ପ୍ରମୁଖ ଯୋଗଦେଇଥିଲେ। ସଂସଦର କୋଷାଧ୍ୟକ୍ଷ ଝୁଲରାମ ଦାସ ଧନ୍ୟବାଦ ଦେଇଥିଲେ।

# ଏସ୍‌ସିଏସ୍‌ଟି ନିର୍ଯାତନା ନିବାରଣ ଓ ପର୍ଯ୍ୟବେକ୍ଷଣ କମିଟି ବୈଠକ

ଜଗତସିଂହପୁର,୩୧।୫(ସମିସ)

ଜଗତସିଂହପୁର ଜିଲ୍ଲାରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ନିର୍ଯାତନା ନିବାରଣ ଅଧିନିୟମ-୧୯୮୯ର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା ନିମନ୍ତେ ଜିଲ୍ଲାସ୍ତରୀୟ ନିର୍ଯାତନା ନିବାରଣ ଓ ପର୍ଯ୍ୟବେକ୍ଷଣ କମିଟ ବୈଠକ ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଗତ ତିନି ବର୍ଷ ମଧ୍ୟରେ ଜିଲ୍ଲାର ବିଭିନ୍ନ ଥାନାରେ ଦରଜ ହୋଇଥିବା ନିର୍ଯାତନା ମାମଲା ଗୁଡିକର ସ୍ଥିତି, ପୀଡ଼ିତଙ୍କ ପାଇଁ ସରକାରୀ ସହାୟତା ପ୍ରଦାନ, ନିର୍ଯାତନା ମାମଲାର ଯୁଗ୍ମ ତଦନ୍ତ ରିପୋର୍ଟ ଦାଖଲ, ଭିନ୍ନ ଜାତିରେ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ ଏବଂ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ପଛୁଆ ବର୍ଗର ଲୋକମାନଙ୍କ ନିମନ୍ତେ ସରକାରୀ ଚାକିରିରେ ସଂରକ୍ଷଣ ଅଧିନିୟମର କାର୍ଯ୍ୟକାରିତା ସଂପର୍କରେ ସମୀକ୍ଷା ହୋଇଥିଲା। କମିଟିର ଆବାହକ ତଥା ଜିଲ୍ଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ ନିର୍ଯାତନା ମାମଲା ସଂପର୍କିତ ତଥ୍ୟ ଉପସ୍ଥାପନା କରି କମିଟିକୁ ଜଣେଇ ଥିଲେ ଯେ ବିଗତ ୨୦୨୩, ୨୦୨୪ ଏବଂ ୨୦୨୫ ବର୍ଷରେ ଜିଲ୍ଲାରେ ଯଥାକ୍ରମେ ୧୫୧, ୨୧୧ ଓ ୧୬୭ ନିର୍ଯାତନା ମାମଲା ରୁଜୁ ହୋଇଛି। ଏହି କ୍ଷେତ୍ରରେ ଜଗତସିଂହପୁର ଜିଲ୍ଲା ଓଡିଶାର ୩୦ ଜିଲ୍ଲା ମଧ୍ୟରେ ଉକ୍ତ ୩ ବର୍ଷରେ ଯଥାକ୍ରମେ ଅଷ୍ଟମ, ପଞ୍ଚମ ଓ ସପ୍ତମ ସ୍ଥାନରେ ରହି ଆସିଛି। ଆନ୍ତଃ ଜାତି ବିବାହ ଯୋଜନାରେ ଗତ ୨୦୨୦ରୁ ଆଜି ପର୍ଯ୍ୟନ୍ତ ସମୁଦାୟ ୧୦୪୬ଟି ଦରଖାସ୍ତ ଦାଖଲ ହୋଇ ୬୭୪ ଜଣ ଦମ୍ପତିଙ୍କୁ ପ୍ରୋତ୍ସାହନ ରାଶି ଆକାରରେ ୨ଲକ୍ଷ ୫୦ ହଜାର ଲେଖାଏଁ ଦିଆଯାଇଛି। ବାକି ଦରଖାସ୍ତ ଗୁଡିକ ବିଭିନ୍ନ ସ୍ତରରେ ତର୍ଜମା ଚାଲିଛି। ଜିଲ୍ଲାପାଳ ଜେ. ସୋନାଲ ସମସ୍ତ ନିର୍ଯାତନା ମାମଲା ଗୁଡିକର ସମୟ ସୀମା ଭିତରେ ଯୁଗ୍ମ ତଦନ୍ତ ରିପୋର୍ଟ ଦାଖଲ କରିବା, ନ୍ୟାୟାଳୟରେ ବିଚାରକୁ ତ୍ୱରାନ୍ୱିତ କରିବା, ପୀଡ଼ିତଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ସହିତ ନିୟମ ମୁତାବକ ସମସ୍ତ ପ୍ରକାର ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଜିଲ୍ଲା ପୁଲିସ୍, ଜିଲ୍ଲା ମଙ୍ଗଳ ବିଭାଗ, ଜିଲ୍ଲା ପବ୍ଲିକ ପ୍ରସେକ୍ୟୁସନ୍ କାର୍ଯ୍ୟାଳୟ ଏବଂ ଉପ-ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରେଇ, ପବ୍ଲିକ୍ ପ୍ରସେକ୍ୟୁସନ୍ ଉପନିର୍ଦ୍ଦେଶକ ହେମନ୍ତ କୁମାର ସ୍ୱାଇଁ, ବିଭିନ୍ନ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା ଦେବେନ୍ଦ୍ର ମଲିକ, ବାମଦେବ ମଲିକ, ରତ୍ନାକର ତରାଇ, ରଞ୍ଜିତ କୁମାର ଦାସ ଏବଂ ଖୁଲଣା ବିଶ୍ୱାଳ ଉପସ୍ଥିତ ରହି ନିର୍ଯାତନା ଅଧିନିୟମ ଜିଲ୍ଲାରେ ସୁଚାରୁ ରୂପେ କାର୍ଯ୍ୟକରି ନିର୍ଯାତନା ସମ୍ପର୍କିତ ଘଟଣା ହ୍ରାସ କରିବା ସହିତ ପୀଡ଼ିତଙ୍କୁ ଯଥା ସମୟରେ ନ୍ୟାୟ ପ୍ରଦାନ କରିବା ନିମନ୍ତେ ନିଜ ନିଜର ସୁଚିନ୍ତିତ ମତାମତ ଦେଇଥିଲେ।

# ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା ସଭା



**ଏରସମା,୩୧।୫(ସମିସ):** ସ୍ଥାନୀୟ ବରିଷ୍ଠ ନାଗରିକ ମଞ୍ଚ ପୋଖରିଆପଡା ପକ୍ଷରୁ ଏକ ଭବ୍ୟ ସମ୍ବର୍ଦ୍ଧନା ସଭା ପଞ୍ଚାୟତ କାର୍ଯ୍ୟାଳୟ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଅଞ୍ଚଳର ବିଭିନ୍ନ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଧାୟକ ଶାରଦା ପ୍ରସନ୍ନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ସମାଜ ଗଠନରେ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ବିଜେଡି ସଭାପତି ପୀତବାସ ଗୋଛାୟତ, ଜିଲ୍ଲା ପରିଷଦ ସଦସ୍ୟ ପ୍ରଣବ କୁମାର ସ୍ୱାଇଁ, ସରପଞ୍ଚ ଗଦାଧର ମଲ୍ଲିକ, ସରପଞ୍ଚ ଦୀପ୍ତିରାଣୀ ପ୍ରଧାନ, ପ୍ରମୋଦ କୁମାର ଦାସ, ପ୍ରଧାନ ଶିକ୍ଷକ ଅନିଲ କୁମାର ଜେନା, ପୂର୍ବତନ ସରପଞ୍ଚ ପ୍ରଦୀପ୍ତ ପରିଡ଼ା ଓ ରୁନୁବାଳା ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ୮୨ ବର୍ଷୀୟ ବରିଷ୍ଠ ନାଗରିକ ସଚ୍ଚିଦାନନ୍ଦ ନାୟକଙ୍କୁ ବିଶେଷ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିସହ ଆଖପାଖ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଶିକ୍ଷାଗତ ସଫଳତା ପାଇଁ ସମ୍ମାନିତ କରାଯାଇଥିଲା। ଅତିଥି ପରିଚୟ ଧୀରେନ୍ଦ୍ର କୁମାର ରାଉତ ପ୍ରଦାନ କରିଥିବାବେଳେ ସମ୍ପାଦକ ନିରୋଦ କୁମାର ବେଉରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ଦୋଳଗୋବିନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଜୈବିକ ଖତ; ମାଟିର ରକ୍ତ
# କମ୍ ମୂଲ୍ୟରେ ପ୍ରସ୍ତୁତ ଓ ପ୍ରୟୋଗ କରି ରୁଦ୍ରନାରାୟଣ ସଫଳ

ପାରଳାଖେମୁଣ୍ଡି,୩୧।୫(ସମିସ)





ପୂର୍ବେ ଦେଶରେ ଚାଷରେ ଜୈବିକ ଖତ ତିଆରି ଓ ପ୍ରୟୋଗ ହୋଇ ଆସୁଥିଲା। ଏହା ସୁସ୍ଥ ସମାଜ ଗଠନରେ ସହାୟକ ହେଉଥିଲା। ସଂପ୍ରତି ଚାଷରେ ରସାୟନିକ ସାରର ବ୍ୟାପକ ବ୍ୟବହାର ହେଉଛି। କିନ୍ତୁ ଏବେ ଚାଷୀ ସେହି ପୁରୁଣା ପଦ୍ଧତିରେ ଜୈବିକ ଚାଷ ନିମନ୍ତେ ଖତ ପ୍ରସ୍ତୁତ କରିବା ଆରମ୍ଭ କରିଛନ୍ତି। ଆଧୁନିକ ଯୁଗରେ ଜୈବିକ ଖତ ତିଆରି କରିବା ଆଉ ଏହାର ପ୍ରୟୋଗ ପଦ୍ଧତି କଷ୍ଟକର ବ୍ୟାପାର ହୋଇପଡିଛି।

ଏବେ ଚାଷୀ ଜୈବିକ ଖତରେ ଚାଷ କରିବା ପାଇଁ ମନ ବଳାଇଥିଲେ ମଧ ଚାଷବାସ ପରିବେଶ ଅନୁକୂଳ ହେଉନଥିବା ଯୋଗୁଁ ବାଧ ହୋଇ ରସାୟନିକ ସାର ପ୍ରୟୋଗ କରିବା ସହ ଜମିରେ ହଳଲଙ୍ଗଳ ବୁଲାଇବା ପରିବର୍ତ୍ତେ ଟ୍ରାକ୍ଟର ବା ପାୱାରଟିଲର ବା କୃଷିଯନ୍ତ୍ରପାତି ବ୍ୟବହାର କରୁଛନ୍ତି। ହେଲେ କିଛି ସହରୀ ଚାଷୀ ଜୈବିକ ଖତ ପ୍ରସ୍ତୁତ କରିବା ଆଉ ଏହାକୁ ନିଜର ସ୍ୱଳ୍ପ ଚାଷ ଜମିରେ ପ୍ରୟୋଗ କରି ଚାଷ କରି ସଫଳତା ଲାଭ କରିଛନ୍ତି। ପାରଳାଖେମୁଣ୍ଡି ଖଞ୍ଜାସାହିର ଏ.ରୁଦ୍ରନାରାୟଣ ଜୈବିକ ଖତ ପ୍ରସ୍ତୁତ ଓ ପ୍ରୟୋଗରେ ସଫଳତା ଲାଭ କରିଛନ୍ତି।

ରୁଦ୍ରନାରାୟଣ ଜଣେ ସରକାରୀ କର୍ମଚାରୀ ହୋଇଥିଲେ ହେଁ ନିଜର ସ୍ୱଳ୍ପ ଚାଷ ଜମିପାଇଁ ସମୟ ବାହାର କରି ଜୈବିକ ଖତ ପ୍ରସ୍ତୁତ କରୁଛନ୍ତି। ବିଶେଷ କରି ଛୁଟି ଦିନେ ସେ ନିଜ ଘର ସମ୍ମୁଖରେ ଥିବା ସ୍ଥାନରେ ଜୈବିକ ଖତ ପ୍ରସ୍ତୁତି ପାଇଁ ସମସ୍ତ ସୁବିଧା କରିଛନ୍ତି। ଘର ସମ୍ମୁଖରେ ଛୋଟ ପଡିଆ ଓ ଚାଳିଆ ଘର ସମ୍ମୁଖରେ ରଖିଛନ୍ତି। ଏହି ପରିବେଶ ମଧ୍ୟରେ ସେ ନିଜର ସ୍ୱଳ୍ପ ଜମି ପାଇଁ ଜୈବିକ ଖତ ପ୍ରସ୍ତୁତ କରୁଛନ୍ତି। ଏପରି ସେ ୮ ବର୍ଷ ହେଲା କରୁଛନ୍ତି। ଜୈବିକ ଖତ ପ୍ରସ୍ତୁତ ପାଇଁ ସେ ପ୍ରାକୃତିକ ଉପାୟରେ ଗୋବର, ପତ୍ର, ପନିପରିବା ଚୋପା ଏବଂ ଜିଆ ଇତ୍ୟାଦି ଏକ ସ୍ଥାନରେ ଜମା କରି ରଖିଛନ୍ତି। ସେହିପରି ତରଳ ଜୈବିକ ସାର ପାଇଁ ବହୁ ପରିମାଣର ବ୍ୟାରେଲରେ ଗୋମୂତ୍ର, ଗୋବର, ଗୁଡ଼ ଏବଂ ଡାଲି ଜାତୀୟ ଶସ୍ୟର ମିଶ୍ରଣରେ ତିଆରି ରଖିଛନ୍ତି। ଏହି ଜୈବିକ ଖତର ପ୍ରୟୋଗ ଦ୍ୱାରା ମାଟିର ଜଳଧାରଣ କ୍ଷମତା ବୃଦ୍ଧି ସହ ଫସଲ ପାଇଁ ଆବଶ୍ୟକ ସମସ୍ତ ପୋଷକ ତତ୍ତ୍ୱ ଯୋଗାଇଥାଏ। ଏନେଇ ବିଶିଷ୍ଟ ପରିବେଶ ପ୍ରେମୀ ମନୋଜ କୁମାର ଦାସ କହିଛନ୍ତି ଜୈବିକ ଖତ ପ୍ରୟୋଗ ଦ୍ୱାରା ମାଟିରେ ଥିବା ଉପକାରୀ ଜୀବାଣୁ ଏବଂ କେଞ୍ଚୁଆଙ୍କ ସଂଖ୍ୟା ବୃଦ୍ଧି କରି ମାଟିକୁ ପ୍ରାକୃତିକ ଭାବରେ ଉର୍ବର କରେ। ଯାହାକି ନିରାପଦ ଓ ସ୍ୱାସ୍ଥ୍ୟକର। ଏହାଦ୍ୱାରା ଉତ୍ପାଦିତ ପନିପରିବା ଓ ଫଳ ଅଧିକ ସ୍ୱାଦିଷ୍ଟ ଏବଂ ସ୍ୱାସ୍ଥ୍ୟକର ହୋଇଥାଏ। ପରିବେଶ ପ୍ରଦୂଷଣ ମଧ ହ୍ରାସ ପାଇଥାଏ। ଏହି ଜୈବିକ ଚାଷ ସଭିଏ ଚାଷୀ ଆପଣାଇଲେ ରସାୟନିକ ସାର ପାଇଁ ଅନ୍ୟଦେଶ ଉପରେ ନିର୍ଭର କରିବାକୁ ପଡିବନି ବୋଲି କହିଛନ୍ତି। ରାସାୟନିକ ସାରର ଅଧିକ ବ୍ୟବହାର ଫସଲକୁ ଦୁର୍ବଳ କରିଦେଇଥାଏ ବୋଲି କହିବା ସହ ଏପରି ପ୍ରତ୍ୟେକ ଚାଷୀ ଜୈବିକ ଖତ ତିଆରି କରି ବ୍ୟବହାର କଲେ ବହୁ ସମସ୍ୟାର ସମାଧାନ ହୋଇପାରିବ ବୋଲି କହିଛନ୍ତି।

# ମା' କୁମାରୀ ମାରିଆଙ୍କ ସାକ୍ଷାତକାର ପର୍ବ

**ଦାରିଙ୍ଗବାଡ,୩୧।୫(ସମିସ):** ଦାରିଙ୍ଗବାଡ଼ି ବ୍ଲକ ଗ୍ରୀନବାଡ଼ି ପଞ୍ଚାୟତ ସିକପାଟା ଗ୍ରାମରେ କୁମାରୀ ମାରିଆଙ୍କ ପାରମ୍ପରିକ ସାକ୍ଷାତକାର ପର୍ବ ଆଡମ୍ବର ସହକାରେ ପାଳିତ ହୋଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଏହାକୁ ଏକ ପ୍ରମୁଖ ଗ୍ରାମ୍ୟ ଉତ୍ସବ ଭାବେ ଶ୍ରଦ୍ଧାର ସହ ଆୟୋଜନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ପବିତ୍ର ଦିବ୍ୟଯଜ୍ଞରେ ଦାରିଙ୍ଗବାଡ଼ି ପାରିସର ମୁଖ୍ୟଯାଜକ କରୁଣାକର ଦିଗାଲ ପୌରୋହିତ୍ୟ ସହିତ ବାକ୍ୟ ପ୍ରଚାର କରିଥିଲେ। ଯଜ୍ଞର ରୀତିନୀତି ଅନୁଯାୟୀ ପ୍ରାର୍ଥନା ଉତ୍ସର୍ଗ କରାଯାଇଥିବା ବେଳେ କିରଣ ମନ୍ତ୍ରୀ ପ୍ରଥମ ପଠନ ଓ ପୂଜା ଦ୍ୱିତୀୟ ପଠନ କରିଥିଲେ। ଗ୍ରାମ୍ୟ ପ୍ରଚାରକ କାମେଲ ମନ୍ତ୍ରୀ ଓ ଜନତି ଦିଗାଲଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ଉତ୍ସବରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଖ୍ରୀଷ୍ଟଭକ୍ତ ଉପସ୍ଥିତ ରହି ସାମୂହିକ ମାନସିକ ପ୍ରାର୍ଥନା କରିଥିଲେ। ଦିବ୍ୟଯଜ୍ଞ ସମୟରେ ଅକ୍ଷୟ ପରିଚ୍ଛା ଏବଂ ଅନୁରଞ୍ଜନ ମନ୍ତ୍ରୀଙ୍କ ନେତୃତ୍ୱରେ ଗଠିତ ସଙ୍ଗୀତ ଦଳ ସୁମଧୁର ଭକ୍ତି ସଙ୍ଗୀତ ଗାନ ଏବଂ ନୃତ୍ୟ ପରିବେଷଣ କରି ଏକ ଭାବପୂର୍ଣ୍ଣ ପ୍ରାର୍ଥନା ପରିବେଶ ସୃଷ୍ଟି କରିଥିଲେ। ପ୍ରାରମ୍ଭରେ କିରଣ ମନ୍ତ୍ରୀ ମୁଖ୍ୟ ଯାଜକଙ୍କ ସମେତ ଅନ୍ୟାନ୍ୟ ଅତିଥି, ସେବାଭଗ୍ନୀ ଓ ଜନସାଧାରଣଙ୍କୁ ସ୍ୱାଗତ କରିବା ସହିତ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟା ମାଳା ପ୍ରାର୍ଥନାରେ ଯାଜକ ରାଜୀବ ବଳିଆରସିଂ ବାକ୍ୟ ପ୍ରଚାର କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଯୁବକ, ଯୁବତୀ ଓ କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



# ଉଠା ଦୋକାନୀଙ୍କୁ ସଚେତନ; ପଥୀକଙ୍କୁ ପଣା ବର୍ଣ୍ଟନ



**ଦାରିଙ୍ଗବାଡ଼ି,୩୧।୫(ସମିସ):** ରାସ୍ତା ପାଶ୍ୱର୍ରେ ଅସୁରକ୍ଷିତ ଭାବେ ବ୍ୟବସାୟ କରୁଥିବା ଉଠା ଦୋକାନୀଙ୍କୁ ନୂତନ ଭେଣ୍ଡିଂ ଜୋନକୁ ସ୍ଥାନାନ୍ତର ପାଇଁ ସଚେତନ କରାଯାଇଛି। ରବିବାର ଦାରିଙ୍ଗବାଡ଼ି ବଜାର ଅଞ୍ଚଳରେ କିଛି ସମାଜସେବୀଙ୍କ ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ରାସ୍ତାକଡ଼ର ବିପଦପୂର୍ଣ୍ଣ ସ୍ଥାନ ଛାଡ଼ି ନୂତନ ଭାବେ ନିର୍ମିତ ସୁରକ୍ଷିତ ଭେଣ୍ଡିଂ ଜୋନରେ ଦୋକାନ ଖୋଲିବାକୁ ବ୍ୟବସାୟୀଙ୍କୁ ବୁଝାଯାଇଥିଲା। ପ୍ରଚଣ୍ଡ ଖରାରେ ଯାତାୟାତ କରୁଥିବା ପଥଚାରୀ ଏବଂ ସ୍ଥାନୀୟ ଦୋକାନୀମାନଙ୍କୁ ମଧ ସମାଜସେବୀ ଥଣ୍ଡା ପଣା ବର୍ଣ୍ଟନ କରିଥିଲେ। ଏହି ମହତ କାର୍ଯ୍ୟରେ ସମାଜସେବୀ ହରେନ୍ ସାହୁ, ପ୍ରଭାକର ସାହୁ, ସିସାପା ପ୍ରଧାନ ଏବଂ ମହେଶ୍ୱର ସାହୁ ସାମିଲ ହୋଇଥିଲେ। ଦାରିଙ୍ଗବାଡ଼ି ଅଞ୍ଚଳରେ ଏଭଳି ଜନହିତକର କାର୍ଯ୍ୟ ପାଇଁ ସମାଜସେବୀମାନଙ୍କୁ ବିଭିନ୍ନ ମହଲରୁ ଉଚ୍ଚ ପ୍ରଶଂସା କରାଯାଇଛି।

# ବିଭିନ୍ନ ଥାନା ପକ୍ଷରୁ ଯାନବାହନ ଯାଞ୍ଚ ଜୋର୍‌ଦାର





**ପାରଳାଖେମୁଣ୍ଡି,୩୧।୫(ସମିସ):** ଜନସାଧାରଣଙ୍କ ସୁରକ୍ଷା ଏବଂ ଅପରାଧ ରୋକିବା ପାଇଁ ଆଜି ଗଜପତି ଜିଲ୍ଲାର ବିଭିନ୍ନ ପୁଲିସ ଷ୍ଟେସନରେ ନାକା ଚେକିଂ କରାଯାଉଛି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନାଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ଥାନା ପକ୍ଷରୁ ପାଟ୍ରୋଲିଂ, ଯାଞ୍ଚ ଆଦି କାର୍ଯ୍ୟକ୍ରମକୁ ଆହୁରି କଡାକଡି କରାଯାଉଛି। ଜିଲ୍ଲାର ସମସ୍ତ ଥାନା ଅଞ୍ଚଳରେ ବିଶେଷ କରି ଯାନବାହାନ ଯାଞ୍ଚ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ ପକ୍ଷରୁ ଦୁଇ ଚକିଆ ଯାନରେ ତିନିଜଣ ଯାତାୟତ କରୁଥିବା ବ୍ୟକ୍ତି ବିଶେଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ, ଚାରିଚକିଆ ଯାନରେ ସିଟ ବେଲ୍ଟ ପରିଧାନ ନକରି ଯାଉଥିବା ଚାଳକଙ୍କୁ, ମଦ୍ୟପ ଚାଳକଙ୍କୁ ଧରପଗଡ ସମେତ ଅମାନିଆ ଗାଡି ଚାଳକଙ୍କୁ ସାବାଡ କରିବା ଆଦି ସହ ସର୍ବସାଧାରଣ ସ୍ଥାନରେ ମଦୁଆଙ୍କ ଆଡ୍ଡା ଭଙ୍ଗ କରିବା ଆଦି ବ୍ୟାପକ କରାଯାଇଛି। ଗତକାଲି ସନ୍ଧ୍ୟାରୁ ସହରର ବିଭିନ୍ନ ସ୍ଥାନରେ ପୁଲିସ ଏଭଳି କାର୍ଯ୍ୟକ୍ରମ ଜାରି ରଖିଥିବା ବେଳେ କେତେକ ମଦ୍ୟପ ଚାଳକଙ୍କୁ ଧରି ଥାନାକୁ ନେଇ ଅଣ୍ଡରଟେକିଂ ଲେଖାଇ ଛାଡିଥିବା ବେଳେ ଡ୍ରିଙ୍କ ଆଣ୍ଡ ଡ୍ରାଇଭ ମାମଲା ରୁଜୁ କରି ଛାଡିଥିବାର ଜଣାପଡିଛି। ସେହିପରି ଆଜି ଜିଲ୍ଲାର ବିଭିନ୍ନ ନାକା ପଏଣ୍ଟରେ ସମ୍ପୃକ୍ତ ଥାନା ଅଧିକାରୀଙ୍କ ନେତୃତ୍ୱରେ ସମସ୍ତ ଯାନବାହାନ ଗୁଡିକୁ ଯାଞ୍ଚ କରାଯାଇଥିବା ଜଣାପଡିଛି। ଏପରି କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ ଜାରି ରହିବ ବୋଲି ପୁଲିସ ସୂତ୍ରରୁ ଜଣାପଡିଛି।

# ବିଏଡ୍ ପ୍ରବେଶିକା ପରୀକ୍ଷା ଦେଲେ ୧୩୩୯ ଜଣ



**ପାରଳାଖେମୁଣ୍ଡି, ୩୧।୫ (ସମିସ):** ରାଜ୍ୟ ଚୟନ ବୋର୍ଡର ବିଏଡ୍ ପ୍ରବେଶିକା ପରୀକ୍ଷା ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗଜପତିର ୬ କେନ୍ଦ୍ରରେ ୧୩୩୯ ଜଣ ପରୀକ୍ଷା ଦେଇଛନ୍ତି। ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ୬ କେନ୍ଦ୍ର ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ, ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମହାରାଜାଙ୍କ ବାଳିକା ଉଚ୍ଚ ବିଦ୍ୟାଳୟ, ସେଞ୍ଚୁରିୟନ ପବ୍ଲିକ ସ୍କୁଲ ଓ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟରେ ଏହି ପରୀକ୍ଷା ପାଇଁ ବ୍ୟବସ୍ଥା କରାଯାଇଥିଲା। ବିଜ୍ଞାନରେ ୪୧୫ ଏବଂ କଳାରେ ୯୨୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ସେହିପରି ଏହି କେନ୍ଦ୍ର ଗୁଡିକରେ ପ୍ରଶାସନ ପକ୍ଷରୁ ୬ ଜଣ ପର୍ଯ୍ୟବେକ୍ଷଙ୍କୁ ନିଯୁକ୍ତ କରାଯାଇଥିଲା।

# ଗୋରକ୍ଷଙ୍କ ଦ୍ୱାରା ଆହତ ଗାଈ ଉଦ୍ଧାର



**ଜି.ଉଦୟଗିରି,୩୧।୫(ସମିସ):** ଜି.ଉଦୟଗିରିରେ ରାସ୍ତାଘାଟରେ ଗୋରୁଗାଈ ଅବାଧ ବିଚରଣ କରୁଥୁବା ବେଳେ ଦୁର୍ଘଟଣାର ଶିକାର ହେଲେ ମଧ ଗୋ ମାଲିକ ଯତ୍ନ ନେଉନାହାନ୍ତି। ସେମିତି ପଡ଼ି ପଡ଼ି ଜୀବନ ଯାଉଛି। ମାତ୍ର ଶ୍ରୀରାମପଦା ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ର ସମ୍ମୁଖରେ ଏକ ଗାଈ ଆହତ ହୋଇ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ବେଳେ ଖବର ପାଇ ଜି.ଉଦୟଗିରି ଗୋରକ୍ଷକ ରବୀନ୍ଦ୍ର ଦାସ୍, ରୋହିତ ସ୍ୱାଇଁ, ଗଗନ ସାହୁ, ବିଷ୍ଣୁ ଶଙ୍କର ପାଳ, ଶମ୍ଭୁ ମହାରଣା, ମହେଶ ପାତ୍ର ଓ ବୁଲୁ ସାହୁ ପହଞ୍ଚି ଆହତ ଗାଈକୁ ଉଦ୍ଧାର କରି ଗାଡ଼ିରେ ଜି.ଉଦୟଗିରି ପଶୁ ଚିକିତ୍ସାଳୟକୁ ଆଣି ଚିକିତ୍ସା କରାଇଥିଲେ। ଏହି ଭଳି ମହତ କାର୍ଯ୍ୟ କରୁଥିବାରୁ ସାଧାରଣରେ ପ୍ରଶଂସା କରାଯାଇଛି।

# ସେତୁରେ ଲଟାବୁଦା; ବଢୁଛି ଦୁର୍ଘଟଣା



**ଜି.ଉଦୟଗିରି,୩୧। ୫(ସମିସ):** ଜି.ଉଦୟଗିରି କଳିଙ୍ଗା ରାସ୍ତା ଶଙ୍ଖସାହି ନିକଟରେ ଥିବା ବ୍ରିଜ ଏକ ପ୍ରମୁଖ ବ୍ୟସ୍ତ ବହୁଳ ଯାତାୟାତ ରାସ୍ତା ହୋଇଥିବା ବେଳେ ଏବେ ଗାଈଗୋରୁଙ୍କ ପାଇଁ ବିପଦ ସାଜିଛି। ବ୍ରିଜକୁ ଲଟାବୁଦା ଢାଙ୍କି ରହିଥିବା ବେଳେ ଗୋରୁଗାଈ ଏହାକୁ ଖାଇବାକୁ ଯାଇ ବ୍ରିଜ ମଧରେ ପଡ଼ିଯାଉଛନ୍ତି। ଆଗରୁ ଏମିତି ବହୁ ଘଟଣା ଘଟିଥିବା ବେଳେ ବହୁ ଗାଈଗୋରୁଙ୍କ ଜୀବନ ମଧ ଯାଇଛି। ଏହି ଲଟାବୁଦା ସଫା କରିବାକୁ ସାଧାରଣରେ ଦାବି ହୋଇଛି।

## ■ ପୁଲିସ ପାଟ୍ରୋଲିଂ କଡ଼ାକଡ଼ି
# ୧୨ ଯାତ୍ରୀବାହୀ ଅଟୋ ଜବତ; ବାଇକ୍ ଚାଳକ ଅଟକ



**ଦାରିଙ୍ଗବାଡି, ୩୧।୫(ସମିସ):** ଦାରିଙ୍ଗବାଡି ବଜାରରେ ବେଆଇନ ଯାନବାହାନ ଚଳାଚଳ ଏବଂ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ପୁଲିସ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ପକ୍ଷରୁ ଚାଲିଥିବା ନିୟମିତ ପାଟ୍ରୋଲିଂ ଏବଂ ଗାଡ଼ି ଯାଞ୍ଚ ସମୟରେ ଏକ ବଡ଼ ସଫଳତା ମିଳିଛି। ବୈଧ ଇନ୍ସୁରାନ୍ସ (ବୀମା) ନଥାଇ ବିପଦପୂର୍ଣ୍ଣ ଭାବେ ଚଳାଚଳ କରୁଥିବା ୧୨ ଯାତ୍ରୀବାହୀ ଅଟୋକୁ ପୁଲିସ ଜବତ କରିଛି। ଏହା ସହିତ ସହରରେ ଦ୍ରୁତ ଗତି ଓ ବିକଟାଳ ଶବ୍ଦ କରି ଜନସାଧାରଣଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଥିବା ଏକ ବାଇକ୍‌କୁ ମଧ ପୁଲିସ ଜବତ କରିବା ସହ ଏହାର ଚାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି।

ମିଳିଥିବା ସୂଚନା ମୁତାବକ, ଜବତ ହୋଇଥିବା ସମସ୍ତ ଯାତ୍ରୀବାହୀ ଅଟୋର କୌଣସି ବୈଧ ବୀମା କାଗଜପତ୍ର ନଥିଲା। ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି ଯେ, ଗାଡ଼ି ମାଲିକ ନୂତନ ଭାବେ ଇନ୍ସୁରାନ୍ସ ପ୍ରସ୍ତୁତ କରି ଥାନାରେ ଦେଖାଇବା ପରେ ହିଁ ସମସ୍ତ ଅଟୋକୁ ଥାନାରୁ ରିଲିଜ୍ କରାଯିବ। ପୁଲିସର ଏଭଳି କଡ଼ା ଯାଞ୍ଚ ଯୋଗୁଁ ନିୟମ ଉଲ୍ଲଂଘନକାରୀ ଚାଳକଙ୍କ ମଧ୍ୟରେ ଛନକା ପଶିଛି। ଆଗାମୀ ଦିନରେ ମଧ ଏହି ପାଟ୍ରୋଲିଂ ଓ ଯାଞ୍ଚ ପ୍ରକ୍ରିୟାକୁ ଅଧିକ ଜୋରଦାର କରାଯିବ ବୋଲି ଥାନା ଅଧିକାରୀ ସଂଗ୍ରାମ କେଶରୀ ଜେନା କହିଛନ୍ତି।

# ଆଜିଠାରୁ ମହେନ୍ଦ୍ର ମେଳା; ପ୍ରସ୍ତୁତ ମହେନ୍ଦ୍ରଗିରି

ପାରଳାଖେମୁଣ୍ଡି/ରାୟଗଡ଼,୩୧।୫(ସମିସ)



ଯୋଡା ଜ୍ୟୋଷ୍ଠ ମାସ ବା ପୁରୁଷୋତ୍ତମ ମାସରେ ଗଜପତି ଜିଲ୍ଲାର ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରିରେ ପ୍ରଥମ କରି ମହେନ୍ଦ୍ରମେଳା ଆୟୋଜିତ ହେଉଛି। ଏହି ମେଳା ସୋମବାର ଠାରୁ ଆରମ୍ଭ ହୋଇ ଆଗାମୀ ୯ ଦିନ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ସମସ୍ତ ଆୟୋଜନ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

ଜୁନ୍ ୧ରୁ ୯ ତାରିଖ ପର୍ଯ୍ୟନ୍ତ ଏହି ମେଳାରେ ସାଧୁସନ୍ଥଙ୍କ ଠାରୁ ଆରମ୍ଭ କରି ଭକ୍ତ ତଥା ଶ୍ରଦ୍ଧାଳୁମାନଙ୍କ ସମାଗମ ହେବ। ଏନେଇ ନିଜେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମହେନ୍ଦ୍ରଗିରିରେ ଉପସ୍ଥିତ ରହି ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଚୂଡ଼ାନ୍ତ କରିଛନ୍ତି। ଏହି ମେଳାରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ମହେନ୍ଦ୍ରଗିରିରେ ଅସ୍ଥାୟୀ ଶିବିର କରାଯାଇଥିବା ବେଳେ ୫ ହଜାର ଲୋକ ରହିବା ଭଳି ବ୍ୟବସ୍ଥା କରାଯାଇଛି। ପାଣି, ଶୌଚାଳୟ ବ୍ୟବସ୍ଥା, ପାର୍କିଂସ୍ଥଳରୁ ଯଜ୍ଞସ୍ଥଳ ପର୍ଯ୍ୟନ୍ତ ଆସିବା ପାଇଁ ଇଲେକ୍ଟ୍ରି ଭେଇକିଲର ସୁବିଧା ମଧ କରାଯାଇଛି। ସେହିପରି ଜିଲ୍ଲା ପ୍ରଶାସନର ସମସ୍ତ ବିଭାଗ ପ୍ରସ୍ତୁତ ଥିବା ଜଣାପଡିଛି। ମହେନ୍ଦ୍ରମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ବିଶିଷ୍ଟ ସାଧୁସନ୍ଥଙ୍କ ସମାଗମ ହେବ। ଏହି କାର୍ଯ୍ୟକ୍ରମରେ କଳସ ଯାତ୍ରା, ମହାଯଜ୍ଞ, ଅନ୍ନଯଜ୍ଞ ଏବଂ ଅହୋରାତ୍ର ନାମ ସଙ୍କୀର୍ତ୍ତନ ଭଳି ଆଧାତ୍ମିକ କାର୍ଯ୍ୟକ୍ରମ ହେବ। ଏଠାକୁ ଆସୁଥିବା ବ୍ୟକ୍ତିଙ୍କ ସୁବିଧା ପାଇଁ ବିଭିନ୍ନ କମିଟି ଗଠନ କରାଯିବା ସହିତ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏପରିକି ମେଳାକୁ ଆସୁଥିବା ଲୋକେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ତାହାକୁ ଦୃଷ୍ଟିରେ ରଖି ପରିବହନ ବ୍ୟବସ୍ଥା ସହିତ ପାନୀୟଜଳ, ଆଲୋକୀକରଣ, ସ୍ୱାସ୍ଥ୍ୟସେବା, ପ୍ରସାଦସେବନ ଓ ଶୃଙ୍ଖଳା ରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡିଛି। ପ୍ରଥମ କରି ହେଉଥିବା ଏହି ମହେନ୍ଦ୍ର ମେଳାକୁ ନେଇ ଶ୍ରଦ୍ଧାଳୁ ବା ପର୍ଯ୍ୟଟକଙ୍କ ମନରେ ବେଶ ଉତ୍ସାହିତ ରହିଥିବା ବେଳେ ଏନେଇ ସମସ୍ତ ସୁବ୍ୟବସ୍ଥିତ କରାଯାଇଥିବା ପାରଳାଖେମୁଣ୍ଡିର ବରିଷ୍ଠ ଆଇନଜୀବୀ ସିଦ୍ଧେଶ୍ୱର ମିଶ୍ର କହିଛନ୍ତି। ମହେନ୍ଦ୍ର ମେଳାକୁ ନେବା ଆଣିବା କରିବା ପାଇଁ ସୋମବାର ଠାରୁ ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ଗୋଟିଏ ଲେଖାଏଁ ବସ୍ ବାହାରିବ।

ସେହିପରି ପାରଳାଖେମୁଣ୍ଡି ସହରରୁ ୩ ବସ୍‌ର ବ୍ୟବସ୍ଥା ହୋଇଥିବାର ସୂଚନା ପ୍ରଦାନ କରାଯାଇଛି। ଶ୍ରଦ୍ଧାଳୁଙ୍କ ମହେନ୍ଦ୍ର ନେବା ଆଣିବା କରିବା ସେଠାରେ ରହିବା ଖାଇବା ସହ ପୁଣି ସେଠାରୁ ନେଇ ଆସିବା ପାଇଁ ବ୍ୟବସ୍ଥା କରାଯାଇଥିବା ଜଣାଯାଇଛି। ଶ୍ରୀ ମିଶ୍ର ଗଣମାଧ୍ୟମକୁ ଏହି ସୂଚନା ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ ସେବା ଦଳର ଦୁର୍ଗାମାଧବ ପାଣିଗ୍ରାହୀ ଓ ଲୋକନାଥ ମିଶ୍ର ଉପସ୍ଥିତ ଥିଲେ।

# କାଳବୈଶାଖୀ ପ୍ରଭାବିତଙ୍କୁ ସରପଞ୍ଚଙ୍କ ରିଲିଫ ବର୍ଣ୍ଟନ



**ତୁମୁଡିବନ୍ଧ,୩୧।୫(ସମିସ):** ଗତ କିଛିଦିନ ହେବ କନ୍ଧମାଳ ଜିଲ୍ଲାର ଏକାଧିକ ବ୍ଲକ ଅଞ୍ଚଳରେ କାଳବୈଶାଖୀର କରାଳରୂପ ଦେଖିବାକୁ ମିଳିଛି। ତୁମୁଡିବନ୍ଧ ପଞ୍ଚାୟତ ସମେତ ବିଭିନ୍ନ ପଞ୍ଚାୟତରେ ଗଛ ଭାଙ୍ଗି ରାସ୍ତା ଅବରୋଧ ହେବା ସହିତ ଆଜବେଷ୍ଟସ ଛପର ଉଡ଼ିଯାଇଛି। କିଛି କିଛି ଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ନଷ୍ଟ ହୋଇବେଳେ ଘରେ ବସବାସ କରୁଥିବା ଲୋକେ ପ୍ରାଣ ବିକଳେ ସୁରକ୍ଷିତ ସ୍ଥାନକୁ ଚାଲିଯାଇଛନ୍ତି। କିଛି ଲୋକ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଥିଲେ। କାଳବୈଶାଖୀ ପ୍ରଭାବରେ ଘର ଭାଙ୍ଗି ଅନେକ ଅତ୍ୟାବଶକ ଦ୍ରବ୍ୟ ନଷ୍ଟ ହେଉଥିବା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହେଇପଡିଛି। ଏହି ସବୁ ଅସୁବିଧାକୁ ଦୃଷ୍ଟିରେ ରଖି ତୁମୁଡିବନ୍ଧ ସରପଞ୍ଚ ପ୍ରିୟଙ୍କା ପତ୍ରା ପଞ୍ଚାୟତ ସମିତିର ପ୍ରତ୍ୟେକ ଗ୍ରାମକୁ ଯାଇ କାଳବୈଶାଖୀରେ ପ୍ରଭାବିତ ଲୋକଙ୍କୁ ରିଲଫ ବର୍ଣ୍ଟନ କରିଛନ୍ତି। ପାଲ ପାଇ ନଥିବା ଲୋକଙ୍କୁ ତହସିଲଦାରଙ୍କ ସହିତ ଆଲୋଚନା କରି ଯଥା ସମ୍ଭବ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ରାଇରଙ୍ଗପୁରରେ ଏସ୍ଆଇଆର୍ ପ୍ରକ୍ରିୟା ଆରମ୍ଭ

# ପୌରାଞ୍ଚଳରେ ସମ୍ପୂର୍ଣ୍ଣ ପ୍ରକ୍ରିୟା ସମ୍ପାଦନ ସହ ଇଏଫ୍ ପ୍ରଦାନ

**ରାଇରଙ୍ଗପୁର, ୩୧।୫(ସମିସ)**



ମୁଖ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)-୨୦୨୬ ପ୍ରକ୍ରିୟା ରାଇରଙ୍ଗପୁରରେ ଆରମ୍ଭ ହୋଇଛି। ଶନିବାରଠାରୁ ରାଇରଙ୍ଗପୁର ପୌରପାଳିକାରେ ଏହା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୱାର୍ଡ ନମ୍ବର ୧୨ ଓ ୧୩ରେ ଜନସାଧାରଣଙ୍କ ଘରକୁ ଯାଇ ତଥ୍ୟ ସଂଗ୍ରହ କରିଛନ୍ତି ବିଏଲଓ। ଏହାସହିତ ସମ୍ପୂର୍ଣ୍ଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ଇଏଫ ସାର୍ଟିଫିକେଟ ପ୍ରଦାନ କରିଛନ୍ତି।

ଏସ୍ଆଇଆର୍ ନେଇ ପ୍ରଶିକ୍ଷଣ ଗ୍ରହଣ କରିବା ପରେ ବିଏଲଓ ଓ ସୁପରଭାଇଜରମାନେ ରାଇରଙ୍ଗପୁର ନିର୍ବାଚନମଣ୍ଡଳୀରେ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଭୋଟର ପଞ୍ଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ଉଗ୍ରସେନ ଓରାମ ଓ ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଜାରି ରହିଛି। ଏହି ଏସ୍ଆଇଆର୍ ପ୍ରକ୍ରିୟାରେ କ୍ଷେତ୍ର ସ୍ତରରେ ବିସ୍ତୃତ ଭାବେ ଆଲୋଚନା କରି ତଥ୍ୟ ସଂଗ୍ରହ କରୁଛନ୍ତି। ଏହି ପ୍ରକ୍ରିୟାରେ ବିଶେଷକରି ମତଦାତା ତାଲିକାକୁ ତ୍ରୁଟିଶୂନ୍ୟ, ସ୍ୱଚ୍ଛ ଓ ଅଧୁନାତନ କରିବା ସହିତ ଯୋଗ୍ୟତା ସୂଚକ ତାରିଖ ଅନୁଯାୟୀ ସମସ୍ତ ଯୋଗ୍ୟ ମତଦାତାଙ୍କ ନାମ ସଠିକ୍ ଭାବେ ଅନ୍ତର୍ଭୁକ୍ତ କରିବା କାର୍ଯ୍ୟ ଜାରି ରହିଛି। ବିଏଲ୍ଓ ଓ ସୁପରଭାଇଜର ଘରକୁ ଘର ଯାଇ ସର୍ବେକ୍ଷଣ ପ୍ରକ୍ରିୟା, ନୂତନ ଯୋଗ୍ୟ ମତଦାତାଙ୍କ ନାମ ସଂଯୁକ୍ତ କରିବା, ମୃତ ଓ ସ୍ଥାନାନ୍ତରିତ ଓ ଅଯୋଗ୍ୟ ମତଦାତାଙ୍କ ନାମକୁ ଚିହ୍ନଟ କରି ଭୋଟର ତାଲିକାରୁ ବାଦ୍ ଦେବା, ମତଦାତାଙ୍କ ତଥ୍ୟ ସଂଶୋଧନ, ଉଦ୍ଦିଷ୍ଟ ଫର୍ମ ପୂରଣ ସହିତ ଅନଲାଇନ୍ ଓ ଅଫଲାଇନ୍ ଆବେଦନ ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ତଥ୍ୟ ସଂଗ୍ରହ କରୁଛନ୍ତି। ଏକ ସୁଦୃଢ ଗଣତନ୍ତ୍ର ପ୍ରତିଷ୍ଠା ନିମନ୍ତେ ନିର୍ବାଚନୀ ପ୍ରକ୍ରିୟାରେ ସ୍ୱଚ୍ଛତା, ତ୍ରୁଟିଶୂନ୍ୟତା ବଜାୟ ରଖିବା ପାଇଁ କ୍ଷେତ୍ରସ୍ତରୀୟ କର୍ମଚାରୀ ଏସ୍ଆଇଆର ପ୍ରକ୍ରିୟାକୁ ସ୍ୱଚ୍ଛ, ସରଳ ଓ ଗୁଜବ ମୁକ୍ତ ରଖି ଅତ୍ୟନ୍ତ ଯତ୍ନଶୀଳର ସହିତ ସଠିକ ଭାବେ ଏହି କାର୍ଯ୍ୟକୁ ସମ୍ପାଦନ କରିବା ପାଇଁ ପରାମର୍ଶ ଦିଆଯାଇଛି।

# ମାସିକ ସନ୍ଥ ଦିବସରେ ଓଁକାର ପ୍ରତୀକ ଲୋକାର୍ପଣ



**ବାରିପଦା, ୩୧।୫(ସମିସ):** ସେବା ଅର୍ଥ ଦେବା। ନେବା ଅର୍ଥ ଜାଣି ଜାଣି ପାପର ଲହରୀ ଗଣିବା। ବିଶ୍ୱ ଜନ ସମୁଦାୟକୁ ପ୍ରଥମ 'ଜୟ ସନ୍ଥ ଜୟ ସମାଜ'ର ସ୍ଲୋଗାନ୍ ଦେଇ ସ୍ଥାନୀୟ ଗୋପବନ୍ଧୁ ଭବନଠାରେ ସଦ୍ଭାବନା ସମିତି ପକ୍ଷରୁ ୫୬୪ତମ ମାସିକ ସନ୍ଥ ଦିବସ କୋଷାଧ୍ୟକ୍ଷ ସନ୍ଦୀପ ଚାନ୍ଦଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି। ଦିବସରେ ଅନ୍ୟ ସହ ନିଜକୁ ତୁଳନା କଲେ ଈର୍ଷଣୀୟ ବ୍ୟକ୍ତିତ୍ୱ ହେବାକୁ ପଡ଼ିଥାଏ। କିନ୍ତୁ ଆତ୍ମସମୀକ୍ଷା ପୂର୍ବକ ନିରବତାର ନିରାଜନାରେ ଉତ୍ତରଣର ମାର୍ଗ ଉନ୍ମୁକ୍ତ ହୁଏ ପ୍ରସଙ୍ଗ ରଖାଯାଇଥିଲା। ସମିତିର ପ୍ରତିଷ୍ଠାତା ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଯାହା ଦାନ କରାଯାଏ, ତାହା ପରଜନ୍ମ ପାଇଁ ନିଜର ସମ୍ପତ୍ତି ମାତ୍ର, ଯାହା ସାଇତି ରଖାଯାଏ, ତାହା ଅନ୍ୟମାନଙ୍କ ଭୋଗ ବିଳାସ ପାଇଁ ସମ୍ପତ୍ତି କହିଥିଲେ। ଗୋପବନ୍ଧୁଭବନଠାରେ ସଦଭାବନା ସମିତି ପକ୍ଷରୁ ପ୍ରତିଷ୍ଠିତ ଓଁକାର ପ୍ରତୀକର ଉଦଘାଟିକ ଭାବେ ବାରିପଦା ଉପନଗରପାଳ ସୀମା ଦାଶ, ମୁଖ୍ୟଅତିଥି ଭାବେ ବାରିପଦା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ମୁଖ୍ୟବକ୍ତା ଭାବେ ଡ ବିଜୟ ଅଗ୍ରୱାଲ, ଗାୟତ୍ରୀ ପରିବାରର ଗଗନ ବିହାରୀ ବେହେରା, ଅଜିତ କୁମାର କବାଟ, କୈବଲ୍ୟ ପ୍ରସାଦ ମହାପାତ୍ର, ନରସିଂହ ବାରିକ, ଡ ଶଶୀଧର ବିଶ୍ୱାଳ, ଡ ଦାମଦୋର ପତି, ସୁନୀଲ କୁମାର ଜେନା, ପଦ୍ମନାଭ ସାହୁ ଓ ଡ ଯୋଗେନ୍ଦ୍ର ନାଥ ପଣ୍ଡା ଯୋଗ ଦେଇଥିଲେ। ଏହି ଦିବସରେ ପୌରପାଳିକା ଅନୁମତିକ୍ରମେ ଗୋପବନ୍ଧୁଭବନର ଏକ ପ୍ରକୋଷ୍ଠରେ ଓଁକାର ପ୍ରତୀକ ଲୋକାର୍ପଣ କରାଯାଇଥିଲା। ଯାହାକି ସମଗ୍ର ଓଡ଼ିଶାରେ ନିଆରା। ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସଦସ୍ୟ ମନୋଜ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଜୁନ ୧୭ରୁ ଏକମାସ ଧରି ଜିଲ୍ଲାରେ ଭଞ୍ଜସେନାର ମଶାଲ ରାଲି

**ବାରିପଦା, ୩୧।୫(ସମିସ):** ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା, ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦର ଉପଯୋଗରେ ମୟୂରଭଞ୍ଜବାସୀଙ୍କୁ ଆତ୍ମନିର୍ଭରଶୀଳ କରିବା ପ୍ରସଙ୍ଗକୁ ନେଇ ଜିଲ୍ଲାର ଅଣରାଜନୈତିକ ସଙ୍ଗଠନ ଭଞ୍ଜସେନା ଆସନ୍ତା ଜୁନ୍ ୧୭ ତାରିଖରୁ ଏକମାସ ଧରି ମଶାଲ ଶୋଭାଯାତ୍ରା କରିବ। ବିଶ୍ୱବିଖ୍ୟାତ ଶିମିଳିପାଳ ଅଭୟାରଣ୍ୟ ଓ ଏହା ଭିତରେ ବସବାସ କରୁଥିବା ସବୁ ବର୍ଗର ପଶୁପକ୍ଷୀ, ଜନ୍ତୁ, ମୂଲ୍ୟବାନ୍ ବୃକ୍ଷ ସହିତ ପାହାଡ଼ ପର୍ବତକୁ ସୁରକ୍ଷିତ ରଖିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଅନୁଦାନ ରାଶି ଆସୁଥିବାବେଳେ ସେଗୁଡ଼ିକ ବାଟମାରଣା କରି ବନ ବିଭାଗ ବିଭିନ୍ନ ପ୍ରକାରର ପ୍ରକୃତି ବିରୋଧୀ କାର୍ଯ୍ୟ ଯୋଗୁଁ ଶିମିଳିପାଳ ଅସୁରକ୍ଷିତ ହୋଇଥିବା ନେଇ ଭଞ୍ଜସେନା ପ୍ରତିବାଦ କରିଆସୁଛି।

ମୟୂରଭଞ୍ଜ ଜିଲ୍ଲାର ଅନ୍ୟ ଗୋଟିଏ ପ୍ରମୁଖ ସମସ୍ୟା ହେଉଛି ବେକାରୀ। ଜିଲ୍ଲାରେ ଶିମିଳିପାଳ ସମେତ ରହିଥିବା ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ, ଐତିହ୍ୟ ସ୍ଥଳୀକୁ ନେଇ ପର୍ଯ୍ୟଟନ ଶିଳ୍ପ ମାଧ୍ୟମ ସମେତ ବନ୍ୟଜାତ ଦ୍ରବ୍ୟର ଉଚିତ୍ ବ୍ୟବସାୟୀକରଣ ସହ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପକୁ ନେଇ କୁଟୀର ଶିଳ୍ପ ମାଧ୍ୟମରେ ବେରୋଜଗାର ଯୁବକ/ଯୁବତୀଙ୍କୁ ସ୍ୱାବଲମ୍ବୀ କରାଇଲେ ଦାଦନ ସମସ୍ୟା ବହୁ ମାତ୍ରାରେ କମିଯାଇଥା'ନ୍ତା। ମାତ୍ର ଜିଲ୍ଲା ଜନପ୍ରତିନିଧିଙ୍କ ଇଚ୍ଛାଶକ୍ତି ଅଭାବ ଓ ଲୋକଙ୍କ ମଧ୍ୟରେ ସଚେତନତା ଅଭାବରୁ ଜିଲ୍ଲାରେ ବେରୋଜଗାର ସଂଖ୍ୟା ଉତ୍କଟ ରୂପ ଧାରଣ କଲାଣି। ଏଣୁ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନକ୍ରମେ ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା ସହିତ ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦର ଉପଯୋଗରେ ମୟୂରଭଞ୍ଜବାସୀଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ଜିଲ୍ଲାରୁ ଦାଦନ ସମସ୍ୟା ଦୂର କରିବା ଲକ୍ଷ୍ୟ ନେଇ ଲୋକଙ୍କୁ ସଚେତନ କରିବା ସହିତ ସରକାରଙ୍କ ଉପରେ ଚାପ ସୃଷ୍ଟି ନିମନ୍ତେ ଆସନ୍ତା ଜୁନ ୧୭ ତାରିଖ ମହାରାଣା ପ୍ରତାପଙ୍କ ଜୟନ୍ତୀରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇ ଜୁଲାଇ ୧୭ ତାରିଖ ଶୁକ୍ରବାର ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ସମଗ୍ର ଜିଲ୍ଲା ତମାମ ଆୟୋଜନ କରାଯିବ ବୋଲି ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି।

# ଦରଦାମ୍ ବୃଦ୍ଧି ପ୍ରତିବାଦରେ ବିଜେଡିର ବିକ୍ଷୋଭ



**ଯଶିପୁର, ୩୧।୫(ସମିସ):** ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ବିଜୁ ଯୁବଛାତ୍ର, ମହିଳା ଜନତା ଦଳ ଆହ୍ୱାନକ୍ରମେ ଯଶିପୁର ନିର୍ବାଚନମଣ୍ଡଳୀ ବିଜୁ ଯୁବ, ମହିଳା ଜନତା ଦଳ ପକ୍ଷରୁ ପେଟ୍ରୋଲ, ଡିଜେଲ ଓ ନିତ୍ୟ ବ୍ୟାବହାର୍ଯ୍ୟ ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଯଶିପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଜେଡି ବିଧାୟକ ପ୍ରାର୍ଥୀ ଚକ୍ରଧର ହେମ୍ବ୍ରମଙ୍କ ନେତୃତ୍ୱରେ ବ୍ଲକ ସଭାପତି ଦର୍ପ ମହାନ୍ତ, ମନ୍ମଥ ଗିରି, ସୁଲୋଚନା ହେମ୍ବ୍ରମ, ଜିଲ୍ଲା ପରିଷଦ ସଦସ୍ୟା ସୁଜାତା ହୋ, ପୁତୁଲ ହାଇବୁରୁ, ମିନତୀ ତିରିଆ, ସମସ୍ତ ପଞ୍ଚାୟତର ବିଜେଡି ସଭାପତ ଯୋଗ ଦେଇଥିଲେ। ପ୍ରଥମେ ଯଶିପୁର ହାଟ ପଡ଼ିଆସ୍ଥ ପେଟ୍ରୋଲ ପମ୍ପଠାରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇ ବାଇକ୍ ରାଲି ମାଧ୍ୟମରେ ଯଶିପୁର ବ୍ଲକ ବିଡିଓ ମାଧବ ବିରୁଆଙ୍କ ଜରିଆରେ ରାଷ୍ଟ୍ରପତି, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦର ବୃଦ୍ଧିକୁ ରୋକ ଲଗାଯାଇ ନିୟନ୍ତ୍ରଣକୁ ଆଣିବାକୁ ବିଜେଡି ପକ୍ଷରୁ ଦସ୍ତଖତ ସମ୍ବଳିତ ଦାବି ପତ୍ର ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ସଦର-୨ ଜିଲ୍ଲା ଯୁବ ସଭାପତି ଅଭିଷେକ ସାହୁ, ରରୁଆଁ ବ୍ଲକ ଉପାଧ୍ୟକ୍ଷା କମଳା ମହାନ୍ତ, ଜିଲ୍ଲା ପରିଷଦ ସଦସ୍ୟା ସୁଜାତା ହୋ, ମିନତୀ ତିରିୟା, ପୁତୁଲ ହାଇବୁରୁ, ବ୍ଲକ ସଭାପତି ମନ୍ମଥ ଗିରି, ସୁଲଚନା ହେମ୍ବ୍ରମ, ସାର୍ଥକ ମହାନ୍ତ, ତପନ ବେହେରା, ରଶାନ୍ତି ମହାକୁଡ଼ ପେଟ୍ରୋଲ, ଡିଜେଲ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ବୃଦ୍ଧି ବିରୁଦ୍ଧରେ ଓଡ଼ିଶା ସରକାରଙ୍କ ବିରୋଧରେ ବିକ୍ଷୋଦଗାର କରିଥିଲେ। ଶ୍ରୀ ହେମ୍ବ୍ରମ ଆଗାମୀ ଦିନରେ ଯଦି ଦରଦାମ ବୃଦ୍ଧିକୁ ରୋକା ନ ଯାଏ, ତେବେ ଜନସାଧାରଣଙ୍କ ହିତ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶମ୍ଭୁ ମହାକୁଡ଼, ଘାସିରାମ ହାଁସଦା, ସଂଗ୍ରାମ ମୁଣ୍ଡୁୟା, ପ୍ରଦୀପ ମହାନ୍ତ, ରାଜୁ ଗୁପ୍ତା, ନଳିନୀ ସାହୁ, କନ୍ଦର୍ପ ବାରିକ, ରହିତ ସାହୁ, ଅଜିତ ମହାକୁଡ଼, ନରହରୀ ମହାନ୍ତ, ଜନି ଖାନ, ରାଜୁ ତିୟୁ, ଅଭିରାମ ହେମ୍ବ୍ରମ, ବେଣୁଧର ମହାନ୍ତ, ସଞ୍ଜୟ ସେଠୀ, ହରିଶ ମହାନ୍ତ, ରାଜେନ୍ଦ୍ର ନାଏକ, ବିସିକେଶନ ନାଏକ, ତୋରାଫ ହୁସେନ, ବାହାଦୁଲ ବେହେରା, ତୁଫାନ ବେହେରା, ଏମଡି ସାହିଦ, ବିଶ୍ୱନାଥ ବାରିକ ପ୍ରମୁଖ ଯୋଗ ଦେଇଥିଲେ।

# ବିଜାତଳା ତହସିଲଦାର, ରାଇରଙ୍ଗପୁର ଏସିଏସ୍ଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ରାଇରଙ୍ଗପୁର, ୩୧।୫(ସମିସ):** ବାମନଘାଟି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଜାତଳା ତହସିଲଦାର ଓ ରାଇରଙ୍ଗପୁର ଏସିଏସଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦୀର୍ଘବର୍ଷ ଧରି ସରକାରୀ ଚାକିରିରେ ବିଭିନ୍ନ ସ୍ଥାନରେ ବିଭିନ୍ନ ପଦବୀରେ ଅବସ୍ଥାପିତ ହୋଇ ନିଜର ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିଛନ୍ତି। ବିଜାତଳା ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ଓ ରାଇରଙ୍ଗପୁର ଅତିରିକ୍ତ ବେସାମାରିକ ଯୋଗାଣ ଅଧିକାରୀ ସାରଙ୍ଗଧର ବେହେରା ଅବସର ଗ୍ରହଣ କରିଛନ୍ତି। ଉଭୟ ଅଧିକାରୀଙ୍କ ପାଇଁ ଉପଜିଲ୍ଲାପାଳ ଉଗ୍ରସେନ ଓରାମଙ୍କ ଅଧ୍ୟକ୍ଷତାରେ ଏକ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା ସ୍ୱାଗତ ଭାଷଣ ଦେବା ସହ ଉଭୟ ଅଧିକାରୀଙ୍କୁ ନିଷ୍ଠାପର, ଦାୟିତ୍ୱ ସମ୍ପନ୍ନ ଓ କର୍ତ୍ତବ୍ୟନିଷ୍ଠ ଭାବେ ଅଭିହିତ କରିବା ସହ ଶାନ୍ତ, ସରଳ, ମିଷ୍ଟଭାଷୀ ଓ ମେଳାପୀ ମଣିଷ ବୋଲି କହିଥିଲେ। ଉପଜିଲ୍ଲାପାଳ ଶ୍ରୀ ଓରାମ ଉଭୟ ଅଧିକାରୀଙ୍କୁ ସମ୍ବୋଧିତ କରି କହିଥିଲେ, ଚାକିରି କାର୍ଯ୍ୟକାଳ ସମୟରେ ନିଜ ନିଜ କାର୍ଯ୍ୟ ପରିସରରେ ସରକାରୀ ନିୟମକୁ ଅନୁପାଳନ ପୂର୍ବକ ଲୋକଙ୍କୁ ସେବା ପ୍ରଦାନ କ୍ଷେତ୍ରରେ ସେମାନଙ୍କର ଉତ୍ସର୍ଗୀକୃତ ଓ ସମ୍ବେଦନଶୀଳ ମନୋଭାବ ଓ ସମୟାନୁବର୍ତ୍ତୀ ସହ ଦାୟିତ୍ୱବୋଧ ନିଷ୍ଠାପୂର୍ଣ୍ଣ କାର୍ଯ୍ୟ ଶୈଳୀ ନିଶ୍ଚିତ ଭାବେ ବର୍ତ୍ତମାନ କାର୍ଯ୍ୟରତ ଥିବା ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ପ୍ରେରଣାଦାୟୀ ହେବ। ଉପଜିଲ୍ଲାପାଳ ଉଭୟ ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ଅବସର ପରବର୍ତ୍ତୀ ଜୀବନ ସୁସ୍ଥ, ନିରାମୟ କାମନା ଥିଲେ। ସଭାରେ ଉପସ୍ଥିତ ଥିବା ଅଧିକାରୀ ଓ କର୍ମଚାରୀ ଉଭୟ ଅଧିକାରୀଙ୍କ ସହିତ କାର୍ଯ୍ୟକ୍ଷେତ୍ରରେ ବିତାଇଥିବା ଅନୁଭୂତି ବାଣ୍ଟିଥିଲେ। ବିଦାୟୀ ଅଧିକାରୀ ଶ୍ରୀ ଭୂୟାଁ ଓ ଶ୍ରୀ ବେହେରା ମଧ୍ୟ ସେମାନଙ୍କ ଚାକିରି ଜୀବନର କିଛି ଅଭୁଲା ସ୍ମୃତି ବଖାଣି ଥିଲେ। ସଭାରେ ଉପଖଣ୍ଡ ଅଧୀନସ୍ଥ ବିଭିନ୍ନ ବ୍ଲକର ବିଡିଓ, ତହସିଲଦାର, ଅତିରିକ୍ତ ତହସିଲଦାର, ରାଇରଙ୍ଗପୁର ପିଏଆଇଟିଡିଏ, ରାଇରଙ୍ଗପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରିଣୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସମେତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ଉପବିଭଗୀୟ ପଦାଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ମାନବଧର୍ମ ସେବା ଟ୍ରଷ୍ଟର ରକ୍ତଦାନ ଶିବିର ଓ ସମ୍ବର୍ଦ୍ଧନା

**ବାରିପଦା, ୩୧।୫(ସମିସ):** ବାରିପଦା ବ୍ଲକ ସମ୍ମିଳନୀ କକ୍ଷରେ ମାନବଧର୍ମ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ବିଶିଷ୍ଟ ରକ୍ତଦାତା ତଥା ଟ୍ରଷ୍ଟର ଅଧ୍ୟକ୍ଷ ଡଃ ନିରୋଜ କୁମାର ପୋଥାଲଙ୍କ ଜନ୍ମଦିନ ଅବସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ଉପନଗରପାଳ ସୀମା ଦାସ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ, କିନ୍ନର ସମାଜର ଜିଲ୍ଲା ସଭାପତି ମନୀଷା ସାହୁ, ଶିକ୍ଷାବିତ ଭାଗବତ ପଣ୍ଡା ପ୍ରମୁଖ ଯୋଗଦେଇ ଏହି ଶିବିରକୁ ଉଦଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୨୪ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏ ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବହୁ ସ୍ୱେଚ୍ଛାସେବୀ ସଂଗଠନ, ସମାଜସେବୀ, ରକ୍ତଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତତସହିତ ଭାରତୀୟ ରଗ୍‌ବୀ ଦଳ ଅଧିନାୟିକା ଭାରତୀ ହାଁସଦା ଓ ତାଙ୍କ କୋଚ ତଥା ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡେମୀର ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ, +୨ ସିବିଏସଇ ପରୀକ୍ଷାରେ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରିୟ ପାଲବାବୁ, ଛଉଗୁରୁ ଲୋକନାଥ ଦାସ, ଯୋଗଗୁରୁ ଜ୍ୟୋତିରଞ୍ଜନ ଦାସ, ଭବାନୀ ଶଙ୍କର ବିଶ୍ୱାଳ, ନନ୍ଦ ଲାଲା ଟ୍ରଷ୍ଟର ମୁଖ୍ୟ ଶିବପ୍ରସାଦ ନନ୍ଦ, ଡ୍ରାଇଭର ମହାସଂଘର ବିନୋଦ ଲୋହାର, ନିୟମିତ ରକ୍ତଦାତା ଅକ୍ଷୟ କୁମାର ମହାନ୍ତି ଓ ବାରିପଦା ମ୍ୟୁନିସିପାଲିଟିର ସଫେଇ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟର ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସାଧାରଣ ସମ୍ପାଦକ ହିମାଂଶୁ ପ୍ରହରାଜ, ମୁଖ୍ୟ ଉପଦେଷ୍ଟା ସୋମନାଥ ସିଂହ, ଉପଦେଷ୍ଟା ଓ କୋଷାଧ୍ୟକ୍ଷ ଅସୀମ ଚକ୍ରବର୍ତ୍ତୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାମନଘାଟି ଉପଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ବୈଠକ

**ଗୋରୁମହିଷାଣି, ୩୧।୫(ସମିସ):** ବାମନଘାଟି ଉପଜିଲ୍ଲାପାଳ ଉଗ୍ରସେନ ଓରାମଙ୍କ ଆବାହକତ୍ୱରେ ଗୋରୁମହିଷାଣୀ ଆଇରନ୍ କଲେଜର ପୁରାତନ ଛାତ୍ର ସଂଘ ଓ କଲେଜ ପ୍ରାଧ୍ୟାପକଙ୍କ ଏକ ସ୍ୱତନ୍ତ୍ର ବୈଠକ ଗତକାଲି ପୂର୍ବାହ୍ନ ୧୧.୩୦ ଘଟିକାରେ ଆୟୋଜିତ ହୋଇଯାଇଛି। ଉକ୍ତ ବୈଠକରେ କଲେଜର କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇଥିଲା। ଦୀର୍ଘ ୮/୯ ବର୍ଷରୁ ଅନୁମତିପ୍ରାପ୍ତ ହୋଇଥିବା +୩ ବିଜ୍ଞାନ ବିଭାଗର ଶୁଭାରମ୍ଭ, ଜୁନିଅର +୨ ବିଭାଗରେ ଖାଲିପଡ଼ିଥିବା ଅଧ୍ୟାପକ ପଦବୀ ପୂରଣ, ଛାତ୍ରଛାତ୍ରୀଙ୍କ ହଷ୍ଟେଲ ନିର୍ମାଣ ଭଳି ଅତ୍ୟାବଶ୍ୟକ ବିଷୟରେ ସମ୍ପୃକ୍ତ ଭାରପ୍ରାପ୍ତ ଅଧ୍ୟକ୍ଷ ଓ ପୁରାତନ ଛାତ୍ର ସଂଘ କର୍ମକର୍ତ୍ତାଙ୍କ ସହିତ ଆଲୋଚନା ହୋଇଛି। ବୈଠକରେ କଲେଜ ପ୍ରତିଷ୍ଠାତା ସମ୍ପାଦକଙ୍କ ଦ୍ୱାରା ଉପସ୍ଥାପିତ ଅସୁବିଧା ବିଷୟରେ ବିସ୍ତୃତ ଭାବେ ଶୁଣାଣି ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଖଣି ଖାଦାନ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ପ୍ରସ୍ତାବିତ ଟାଟା ପ୍ରକଳ୍ପର ଅସମ୍ପୂର୍ଣ୍ଣ ଥିବା ଟାଟା ମେମୋରିଆଲ ପଲିଟେକନିକ୍ ଓ ପିଗ୍ ଆଇରନ୍ ପ୍ଲାଣ୍ଟ କିପରି ହୋଇପାରିବ, ଏ ନେଇ ମଧ୍ୟ ଆଲୋଚନା ହୋଇଥିଲା। ଉପଜିଲ୍ଲାପାଳ ତଥା କଲେଜର ସଭାପତି ଶ୍ରୀ ଓରାମ କଲେଜର ସମସ୍ତ ଅସୁବିଧା ଦୂର ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସବ୍‌କଲେକ୍ଟର ଶ୍ରୀମତୀ ବାସନ୍ତୀ ଲାକ୍ରା ସହଯୋଗ କରିଥିଲେ। ଏଥିରେ କଲେଜର ପ୍ରତିଷ୍ଠାତା ସମ୍ପାଦକ ତଥା ଆଇନଜୀବୀ ବୃଷ୍ଟି ବିଡଜା ମଣ୍ଡଳ, ପୁରାତନ ଛାତ୍ର ସଂଘ ସଭାପତି ତଥା ସମାଜସେବୀ ରମେଶ ସାହୁ, ସମ୍ପାଦକ ତଥା ସମ୍ବାଦ ପ୍ରତିନିଧି ତୁଷାରକାନ୍ତ ମହାନ୍ତ, ସମାଜସେବୀ ଦୟାନିଧି ମହାକୁଡ଼, ଦଶରଥ ମହାକୁଡ଼, କୋଷାଧ୍ୟକ୍ଷ ରାମକୃଷ୍ଣ ଦେ, ସଞ୍ଜୟ ମହାନ୍ତ, ସୁନାରାମ ମୁଣ୍ଡା, ସଲଖୁ ସୋରେନ, ଦେବାଶିଷ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ।

# ସାଇ କଳା ଏକାଡେମୀର ଗ୍ରୀଷ୍ମକାଳୀନ କଳା ଶିବିର

**ବାରିପଦା, ୩୧।୫(ସମିସ):** ବାରିପଦା ଷ୍ଟାଡ଼ିୟମ ସମ୍ମିଳନୀ କକ୍ଷରେ ସାଇ କଳା ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ଗ୍ରୀଷ୍ମକାଳୀନ କଳା ଶିବିର ଉଦଯାପିତ ହୋଇଯାଇଛି। ଚଳିତ ମାସ ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ୧୫ ଦିନ ଧରି ଆୟୋଜିତ ଏହି ଶିବିରରେ କଳା, ଚିତ୍ର, ବାଲୁକା କଳା, ପେପର କ୍ରାଫ୍ଟ, ବୋତଲ ପ୍ରିଣ୍ଟ, କାନଭାସ ପେଣ୍ଟିଂ ଓ ଗ୍ଲାସ୍ ପେଣ୍ଟିଂ ଦକ୍ଷ ପ୍ରଶିକ୍ଷକଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଇଥିଲା। ଶିବିରରେ ୧୩୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଶେଷ ଭାବେ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ଦଶରଥ ମହାନ୍ତ ମଧ୍ୟ ଦୁଇଦିନ ବାଲୁକା କଳା ଉପରେ ପ୍ରଶିକ୍ଷଣ ଦେଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ବାଲୁକା ଶିଳ୍ପୀ ଦଶରଥ ମହାନ୍ତ ଯୋଗଦେଇ କଳା କେବଳ ଏକ ଅଭ୍ୟାସ ନୁହେଁ, ବରଂ ଏହା ପିଲାଙ୍କ ସୁସ୍ଥ ମାନସିକତା ତିଆରି କରିବା ପାଇଁ ଏକ ମାଧ୍ୟମ ଏବଂ ମୋବାଇଲର ଅଧିକ ବ୍ୟବାହରରୁ ପିଲାଙ୍କୁ ଦୂରେଇ ରଖିବାର ଏକ ବିକଳ୍ପ ବୋଲି ପ୍ରକାଶ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ସମାଜସେବୀ ସୋମନାଥ ସିଂହ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଆନ୍ତର୍ଜାତିକ ରଗ୍‌ବୀ ରେଫରୀ ଦିବ୍ୟରଞ୍ଜନ ଦାସ, ଆନ୍ତର୍ଜାତିକ ରଗ୍‌ବୀ ଖେଳାଳୀ ପାର୍ବତୀ ହାଁସଦା ଯୋଗ ଦେଇଥିଲେ। ନିକଟ ଅତୀତରେ ପାର୍ବତୀ ହାଁସଦା ଭାରତୀୟ ମହିଳା ରଗ୍‌ବୀ ଦଳର ଅଧିନାୟିକା ଭାବେ ଦାୟିତ୍ୱ ତୁଲାଇ ଆମ ଓଡ଼ିଶା ପାଇଁ ଗୌରବ ଆଣିଥିବାରୁ ତାଙ୍କୁ ପ୍ରଥମେ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ହରେନ୍ଦ୍ର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଏକାଡେମୀର ନିର୍ଦ୍ଦେଶକ ଶିଳ୍ପୀ ରାଜକିଶୋର ମହାନ୍ତ ସ୍ୱାଗତ ଭାଷଣ ଦେଇ ସାଇ କଳା ଏକାଡେମୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏ ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ଅପର୍ଣ୍ଣା ପାତ୍ର, ଐଶଯ୍ୟା ବୁଲବୁଲ, ସୁଭ୍ରା ମହାନ୍ତି, ଅନୁଷ୍ଠାନର ସଦସ୍ୟ ରବୀନ୍ଦ୍ରନାଥ ଦାସ, ବିନୋଦ ପଲେଇ, ସତ୍ୟବ୍ରତ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟକ୍ଷା ବନପ୍ରଭା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ରାଜ୍ୟ ବ୍ରାହ୍ମଣ ମହାସଭା ମୟୂରଭଞ୍ଜ ଶାଖାର ଜିଲ୍ଲା ସମ୍ମିଳନୀ

# 'ବ୍ରାହ୍ମଣ ସମାଜ ଏକାଠି ହେଲେ କୌଣସି ସମସ୍ୟା ରହିବନି'

**ବାରିପଦା, ୩୧।୫(ସମିସ)**





ଓଡ଼ିଶା ରାଜ୍ୟ ବ୍ରାହ୍ମଣ ମହାସଭା ମୟୂରଭଞ୍ଜ ଶାଖାର ଜିଲ୍ଲା ସମ୍ମିଳନୀ ଓ ବନ୍ଧୁମିଳନ ସମାରୋହ ମହାସଭାର ସ୍ଥାୟୀ ସଭାପତି ଡା. ମହାଦେବ ଦାଶଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ରଘୁନାଥପୁରସ୍ଥ ଶ୍ରୀଶ୍ରୀ ହରିହର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାରୋହରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି, ଉଦଳା ପୌରପାଳିକା ଅଧ୍ୟକ୍ଷା ପ୍ରମିଳା ପଣ୍ଡା ମୁଖ୍ୟବକ୍ତା, ଶିକ୍ଷାବିତ ତଥା କେନ୍ଦ୍ରୀୟ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ଦାମୋଦର ପତି, ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ବରିଷ୍ଠ ନାଗରିକ ମଞ୍ଚ ସଭାପତି ଡ ଯୋଗେନ୍ଦ୍ର ନାଥ ପଣ୍ଡା, ବିଶିଷ୍ଟ ସମବାୟବିତ ରାଜକିଶୋର ଆଚାର୍ଯ୍ୟ, ରାଇରଙ୍ଗପୁର ବ୍ରାହ୍ମଣ ମହାସଭାର ମୁଖ୍ୟ ଦେବବ୍ରତ ରଥମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି, ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀ, ଆଇନଜୀବୀ ଅସିତ କୁମାର ଓତା ଓ ବିଜେପି ମୁଖପାତ୍ର କବିବିଷ୍ଣୁ ଶତପଥୀ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ବ୍ରାହ୍ମଣ ସମାଜ ଏକାଠି ହେଲେ କୌଣସି ସମସ୍ୟା ରହିବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ।

ପ୍ରାରମ୍ଭରେ ମହାସଭାର ସାଧାରଣ ସମ୍ପାଦକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ଦେଇ ବ୍ରାହ୍ମଣ ନିଜର ଅସୀମ ତ୍ୟାଗ ଓ ମହାନୁଭବତା ବଳରେ ସମାଜରେ ଅଗ୍ରପୂଜ୍ୟ ହେବା ସହିତ ଜାତି, ଧର୍ମ, ବର୍ଣ୍ଣ ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତଙ୍କ ମଙ୍ଗଳକାମନା କରିଥାଏ ବୋଲି ମତ ବ୍ୟକ୍ତ କରି ସରକାର ପୂଜକ ବ୍ରାହ୍ମଣଙ୍କୁ ସ୍ୱତନ୍ତ୍ର ଭତ୍ତା ପ୍ରଦାନ, ସଂସ୍କୃତ ଭାଷାକୁ ରାଷ୍ଟ୍ର ଭାଷାର ମର୍ଯ୍ୟାଦା, ବିଭିନ୍ନ କ୍ଷେତ୍ରରେ ରହିଥିବା ସଂରକ୍ଷଣକୁ ଉଚ୍ଛେଦ କରି ସମସ୍ତଙ୍କୁ ମେଧା ଭିତ୍ତିରେ ଶିକ୍ଷା ଓ ଚାକିରି, ପଦୋନ୍ନତି ସୁବିଧା ଦିଆଯାଉ ବୋଲି ଉଲ୍ଲେଖ କରିଥିଲେ। ଏ ଅବସରରେ ବ୍ରାହ୍ମଣ ମହାସଭାର ମୁଖପତ୍ର ବ୍ରହ୍ମ ସନ୍ଦେଶ -୨୦୨୬କୁ ମନ୍ତ୍ରୀ ଲୋକାର୍ପଣ କରିଥିଲେ। ବ୍ରାହ୍ମଣ ମହାସଭା ପକ୍ଷରୁ ଦୈନିକ ସମ୍ବାଦପତ୍ର 'ସକାଳ'ର ଜିଲ୍ଲା ପ୍ରତିନିଧି ମନୋଜ କୁମାର ପଣ୍ଡା ଓ ଦୈନିକ ସମ୍ବାଦପତ୍ର 'ପ୍ରମେୟ'ର ଜିଲ୍ଲା ପ୍ରତିନିଧି ସଞ୍ଜୟ କୁମାର ଚୌଧୁରୀଙ୍କୁ ମହାସଭା ପକ୍ଷରୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ମାନପତ୍ରକୁ ମହାସଭାର ଯୁଗ୍ମସମ୍ପାଦକ ନରୋମ ପାଣିଗ୍ରାହୀ ଓ ସଦସ୍ୟା ସନ୍ଧ୍ୟାରାଣୀ ପଣ୍ଡା ପାଠ କରିଥିଲେ। ପରେ ମୁଖ୍ୟଅତିଥି ମନ୍ତ୍ରୀ ବ୍ରାହ୍ମଣମାନେ ସମାଜର ଆଦର୍ଶ। ସ୍ଥାନୀୟ ଓ ସେମାନଙ୍କ ଭିତରେ ଥିବା ବ୍ରହ୍ମତ୍ୱକୁ ସୁପ୍ରତିଷ୍ଠିତ କରି ଏକାଠି ହେଲେ ସେମାନଙ୍କର କୌଣସି ସମସ୍ୟା ରହିବ ନାହିଁ। ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ବ୍ରାହ୍ମଣ ସମାଜ ସହଯୋଗର ହାତ ବଢ଼ାଉ ବୋଲି ନିବେଦନ କରିଥିଲେ। ମୁଖ୍ୟବକ୍ତା ଶ୍ରୀମତୀ ପଣ୍ଡା ବ୍ରାହ୍ମଣମାନେ ସମାଜର ମେରୁଦଣ୍ଡ ବୋଲି ଉଲ୍ଲେଖ କରି ସେମାନଙ୍କ ନୀତି ନିଷ୍ଠ ଜୀବନଯାପନ ପାଇଁ ନିବେଦନ କରିଥିଲେ। ସମ୍ମାନିତ ଅତିଥି ଓ ସମ୍ମାନିତ ବକ୍ତା ସେମାନଙ୍କ ନିଜ ନିଜର ବକ୍ତବ୍ୟରେ ବ୍ରାହ୍ମଣ ସମାଜର ଉଦାରତା ତଥା ବଦାନ୍ୟତା ସମ୍ପର୍କରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ମହାସଭାର କାର୍ଯ୍ୟକାରୀ ସଭାପତି ସୁଦର୍ଶନ ଦ୍ୱିବେଦୀ, ଉପସଭାପତି ସିଦ୍ଧେଶ୍ୱର ଶତପଥୀ, ସାରଥୀ ଦାଶ, ସମ୍ପାଦକ ସୟ କୁମାର ଗୋସ୍ୱାମୀ, କୋଷାଧ୍ୟକ୍ଷ ସୁରେଶ କୁମାର ପାଣିଗ୍ରାହୀ, ସହସମ୍ପାଦକ ବିଭୂତି ଭୂଷଣ ମିଶ୍ର ପ୍ରମୁଖ ବ୍ରାହ୍ମଣମାନେ ପର୍ଶୁରାମଙ୍କ ଆଦର୍ଶକୁ ଅନୁକରଣ କରି ନିଜର ନିଷ୍ଠା, ସତ୍ୟବାଦିତା, ନିର୍ଭିକତା ଓ ତ୍ୟାଗକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ସଭାପତି ଡା ଦାଶ ବ୍ରାହ୍ମଣମାନେ ସେମାନଙ୍କର ଦିବ୍ୟତ୍ୱକୁ ପ୍ରକାଶ କରିବା ପାଇଁ ଚେଷ୍ଟା କରନ୍ତୁ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ରାହ୍ମଣ ମହାସଭା ସଦସ୍ୟ ବିଜୟ ମହାପାତ୍ର, ଅଶ୍ୱିନୀ ପଣ୍ଡା, ସମ୍ବିତ ମହାପାତ୍ର, ଅସୀମ ଚକ୍ରବର୍ତ୍ତୀ, ହିମାଂଶୁ ଶେଖର ପ୍ରହରାଜ, ସଦସ୍ୟା ଭାସ୍ୱତୀ ପଣ୍ଡା, ସନ୍ଧ୍ୟାରାଣୀ ପଣ୍ଡା, ରୀନା ପଣ୍ଡା, ଭଗବତୀ ଦାଶ ପ୍ରମୁଖ ପରିଚାଳନା କରିଥିଲେ। ଯୁଗ୍ମସମ୍ପାଦକ ନରୋତ୍ତମ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସମ୍ମିଳନୀରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨୦୦ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ। ମହାସଭା ପକ୍ଷରୁ ସମସ୍ତ ପୂଜକ ବ୍ରାହ୍ମଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶିକ୍ଷା ବିଭାଗ ବରିଷ୍ଠ ସହାୟକଙ୍କୁ ବିଦାୟ ସମ୍ବର୍ଦ୍ଧନା



ଆନନ୍ଦପୁର, ୩୧।୫ (ସମିସ): ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁରସ୍ଥିତ ଲକ୍ଷ୍ମୀନାରାୟଣ ସରକାରୀ ଉଚ୍ଚବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ଅବସର ସମ୍ବର୍ଦ୍ଧନା ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟର ବରିଷ୍ଠ ସହାୟକ ଭାବେ ଦୀର୍ଘ ବର୍ଷ ଧରି ନିଷ୍ଠା, ସଚ୍ଚୋଟତା ଏବଂ ପରିଶ୍ରମର ସହ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ଅକ୍ଷୟ କୁମାର ଭଞ୍ଜଙ୍କୁ ଅବସରକାଳୀନ ବିଦାୟସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆନନ୍ଦପୁରର ପୂର୍ବତନ ବିଇଓ ଶରତ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଡିପିଓ ରାମଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଭାବେ ଜିଲ୍ଲା ଓଷ୍ଟା ସଂଘ ସମ୍ପାଦକ ରଞ୍ଜନ ଘଡ଼େଇ, ସ୍ୱତନ୍ତ୍ର ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟନାରାୟଣ ମହାନ୍ତ, ଶାନ୍ତନୁ ମିଶ୍ର, ମନ୍ମଥ ମହାନ୍ତ, ମୃତ୍ୟୁଞ୍ଜୟ ପଲେଇ, ସମ୍ମାନିତ ଅତିଥି ଭାବେ ସୁଧାକର ପଣ୍ଡା, କାହ୍ନୁଚରଣ ସାମଲ, ଜୟଦେବ ସାହୁ, ରକ୍ଷାକର ଦାସ, ରବିନାରାୟଣ ମିଶ୍ର, ଚିନ୍ତାମଣି ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ମାନପତ୍ର ପଠନ ଧର୍ମାଦୀ ସାହୁ, ଧନ୍ୟବାଦ ଅର୍ପଣ କଳ୍ପତରୁ ନାଥ, ମଞ୍ଚ ପରିଚାଳନା ମୃଣ୍ମୟୀ ପାତ୍ର କରିବା ସହ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ଶିକ୍ଷକ ଧର୍ମପଦଙ୍କୁ ବିଦାୟ ସମ୍ବର୍ଦ୍ଧନା



ହାଟଡ଼ିହୀ,୩୧।୫(ସମିସ): ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ରାମକୃଷ୍ଣପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଧର୍ମପଦ ବେହେରାଙ୍କ ଅବସର ଉପଲକ୍ଷେ ରବିବାର ବିଦ୍ୟାଳୟ ପରିସରରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ଶ୍ରୀ ବେହେରା ୨୬ ଡିସେମ୍ବର ୨୦୦୬ରେ ଶିକ୍ଷକତା ଜୀବନ ଆରମ୍ଭ କରିଥିବା ବେଳେ ୩୧ ମେ ୨୦୨୬ରେ ସରକାରୀ ସେବାରୁ ଅବସର ଗ୍ରହଣ କରିଛନ୍ତି। ଦୀର୍ଘ ପ୍ରାୟ ୨୦ ବର୍ଷର ସେବା କାଳ ମଧ୍ୟରେ ସେ ନିଷ୍ଠା, କର୍ତ୍ତବ୍ୟପରାୟଣତା ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସଦାସର୍ବଦା ଉଦ୍ୟମ କରିଆସିଥିଲେ। ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ପୂର୍ବତନ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଗ୍ରାମବାସୀ ଯୋଗ ଦେଇଥିଲେ। ଅତିଥିମାନେ ତାଙ୍କର ସରଳ ବ୍ୟକ୍ତିତ୍ୱ, ଶୃଙ୍ଖଳାପ୍ରିୟତା ଓ ଛାତ୍ରବତ୍ସଳ ମନୋଭାବକୁ ସ୍ମରଣ କରି ଅବସର ପରବର୍ତ୍ତୀ ଜୀବନ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଶ୍ରୀ ବେହେରା ଅନୁଭୂତି ବାଣ୍ଟିବା ସହ ସମସ୍ତଙ୍କ ସହଯୋଗ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ପୂର୍ବତନ ଛାତ୍ରଛାତ୍ରୀ, ଗ୍ରାମବାସୀ ଏବଂ ବିଦ୍ୟାଳୟ କର୍ମଚାରୀମାନେ ପରିଚାଳନା କରିଥିଲେ।

# ବାରିଗାଁରେ ଆଇନଜୀବୀଙ୍କ ସ୍ମୃତିସଭା



ଆନନ୍ଦପୁର, ୩୧।୫ (ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବାରିଗାଁର ସ୍ୱର୍ଗତ ଆଇନଜୀବୀ ରବୀନ୍ଦ୍ର ସାହୁଙ୍କର ଏକାଦଶ ସ୍ମୃତିସଭା ଆଇନଜୀବୀ ବିଚିତ୍ର କୁମାର ଚକ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଗିରିଜା ଶଙ୍କର ମିଶ୍ର, ଅଧ୍ୟାପକ ବିଜୟ କୁମାର ସାହୁ, କବି ଅଶୋକ ପୁହାଣ, ଓକିଲ ଅମର ମହାପାତ୍ର ଆଇନଜୀବୀ ଦୀପକ ମହାନ୍ତି ଶିକ୍ଷାବିତ୍ ନାରାୟଣ ସାହୁ, ପୂର୍ବତନ ଓକିଲ ସଂଘ ସଭାପତି ଚିତ୍ତରଂଜନ ଦାଶ, ଓକିଲ ଗୋପାଳ ମହାପାତ୍ର, ସରକାରୀ ଓକିଲ ବ୍ରଜବନ୍ଧୁ ସାହୁ, ଆନନ୍ଦପୁର ବାର ଆସୋସିଏସନ୍ ସଭାପତି ଦୟାନିଧି ଦାଶ ସମ୍ପାଦକ ମଧୁସ୍ମିତା ଦାସ ଆଇନଜୀବୀ ବାଇଧର ସେଠୀ ସଞ୍ଜୟ ମିଶ୍ର, ହରେକୃଷ୍ଣ ପଟ୍ଟନାୟକ ବିଜୟ ପଣ୍ଡା, ପୂର୍ବତନ ସରପଞ୍ଚ ଯଦୁମଣି ସାହୁ ସମାଜସେବୀ ଦେବରାଜ ସାହୁ ଉଦ୍ୟୋଗୀ ଦୁର୍ଯ୍ୟୋଧନ ସାହୁ ସାମାଜିକ କର୍ମୀ ଯୋଗେଶଚନ୍ଦ୍ର ସାହୁ ଓକିଲ ମନୋରଞ୍ଜନ ପାଣିଗ୍ରାହୀ, ରୁଦ୍ରପ୍ରସାଦ ନାୟକ ଭୁବନେଶ୍ୱର ଜେନା, ଯୁବ ଆଇନଜୀବୀ ସାଇ ତପନ ସାହୁ ରବୀନ୍ଦ୍ର ମାଝି ପ୍ରସନ୍ନ ମହାନ୍ତି ବିଶିଷ୍ଟ ଶିକ୍ଷାବିତ୍ ନିରଞ୍ଜନ ସାହୁ, ବରିଷ୍ଠ ନାଗରିକ ଲକ୍ଷ୍ମଣ ସାହୁ ପ୍ରମୁଖ ଏହି ସ୍ମୃତିଚାରଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ସ୍ଲରି ପାଇପ୍‌ଲାଇନ ଲିକ୍‌ରୁ ଚାଷଜମି ପ୍ରଦୂଷିତ

କେନ୍ଦୁଝର,୩୧।୫(ସମିସ)



କେନ୍ଦୁଝର ଜିଲ୍ଲାର କେତେକ ଚାଷୀଙ୍କ ପାଇଁ କାଳ ସାଜିଲାଣି ସ୍ଲରି ପାଇପଲାଇନ। ଏକାଧିକ ଖଣି କମ୍ପାନୀ ମାଟିତଳେ ଏହି ସ୍ଲରି ପାଇପ ଲାଇନ ନେଇ ଥିବାବେଳେ ଅନେକ ସମୟରେ ଏହା ସାଧାରଣ ଲୋକଙ୍କ ପାଇଁ ବିପଦର କାରଣ ହୋଇଛି। ସରକାର ଲୁହାପଥର ପରିବହନ ପାଇଁ ନିର୍ଦ୍ଦିଷ୍ଟ ନୀତି ଅନୁସରଣ କରି ଉପାôଦନର କେତେ ପରିମାଣର ରେଳ ଯୋଗେ, କେତେ ପରିମାଣ ଟ୍ରକ ଯୋଗେ ଓ କେତେ ଲୁହପଥର ସ୍ଲରି ପାଇପଲାଇନରେ ଯିବ ତାହା ସ୍ଥିର କରୁ ନ ଥିବା ଯୋଗୁଁ ଏବେ ଏକାଧିକ କମ୍ପାନୀ ମାଟିତଳେ ସ୍ଲରି ପାଇପଲାଇନ ନେଉଥିବାରୁ ସାଧାରଣ ଚାଷ ଜମିଠାରୁ ଆରମ୍ଭ କରି ବାସଗୃହଗୁଡିକ ମଧ୍ୟ ଅସୁରକ୍ଷିତ ହୋଇ ପଡୁଥିବା ଅଭିଯୋଗ ହେଉଛି।

କେନ୍ଦୁଝର ସଦର ବ୍ଲକ ଯୋଗୀମଠରେ ଆଇରନ ଓର ସ୍ଲରି ପାଇପ ଲିକ୍ ହୋଇ ବ୍ୟାପକ ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିଲା। ଯେଉଁ ସ୍ଥାନରେ ସ୍ଲରି ପାଇପ ଲିକ୍ ହେଉଛି ସେଠାରେ ମୃତ୍ତିକା ମଧ୍ୟ ପ୍ରଦୂଷିତ ହୋଇଛି। ଆର୍ସେଲର ମିତ୍ତଲ ନିପନ ଷ୍ଟିଲ କମ୍ପାନୀର ଆଇରନ ଓର ସ୍ଲରି ପାଇପଲାଇନ ୨୩/୦୧/୨୦୨୬ ରାତିରେ ଲିକ୍ ହୋଇ ୧ ଏକର ଚାଷ ଜମିରେ ଲୁହାପଥର ଗୁଣ୍ଡ ମିଶା ପାଣି ମାଡି ଚାଷ ନଷ୍ଟ କରିବା ସହ ଏହି ବର୍ଜ୍ୟ ପାଣି ନିକଟସ୍ଥ ଅରଡେଇ ନଦୀରେ ମିଶିଥିଲା। ଏଥିଯୋଗୁଁ ବ୍ୟାପକ ପରିବେଶଜନିତ କ୍ଷୟକ୍ଷତି ହୋଇଥିଲା। ସ୍ଲରି ଲିକ୍ ହୋଇ ନଦୀ ଓ ବିଲରେ ମିଶିବା ଘଟଣାରେ ୪ ମାସ ପରେ ମଧ୍ୟ ପରିବେଶ ଜନିତ କ୍ଷୟକ୍ଷତି ପାଇଁ କମ୍ପାନୀ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ଅସନ୍ତୋଷ ବଢୁଛି। କମ୍ପାନୀ ପକ୍ଷରୁ ଚାଷୀଙ୍କୁ କ୍ଷତିପୂରଣ ଦିଆଯାଇ ନଥିବା ଯୋଗିମଠ ଗ୍ରାମର ସଞ୍ଜୟ କୁମାର ବାରିକ ଏବଂ ଟୁନା ମୁଣ୍ଡା ଅଭିଯୋଗ କରିଛନ୍ତି। ଏବେ ବି ଲୁହାପଥର ଗୁଣ୍ଡ ଚାଷ ଜମି ଭିତରେ ପଡି ରହିଥିବାବେଳ ଠିକ୍ ଭାବରେ ସଫେଇ ହୋଇନାହିଁ। ଫଳରେ ବର୍ଷାରେ ସେସବୁ ଧୋଇ ହୋଇ ଅନ୍ୟ ଚାଷ ଜମି ଓ ନଦୀରେ ମିଶୁଛି। ଯାହାଫଳରେ ଏହା ଆଗାମୀ

## ମିଳୁନି କ୍ଷତିପୂରଣ; ଚିନ୍ତାରେ ଚାଷୀ

ଦିନରେ ଚାଷ କାର୍ଯ୍ୟ କ୍ଷତିଗ୍ରସ୍ତ ହେବା ଆଶଙ୍କାରେ ସ୍ଥାନୀୟ ଚାଷୀ ଭୟଭୀତ ହୋଇ ପଡିଛନ୍ତି। ଘଟଣା ପରେ କମ୍ପାନୀର ଦୁଇ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରି କ୍ଷତିପୂରଣ ଦିଆଯିବ ବୋଲି କହିଥିଲେ ହେଁ ଅଦ୍ୟାବଧି ତାଙ୍କୁ କ୍ଷତିପୂରଣ ବାବଦ ଅର୍ଥ ମିଳିନଥିବା ସେମାନେ କହିଛନ୍ତି। ଲୁହାପଥର ଗୁଣ୍ଡ ମିଶା ଲାଲ ପାଣି ଗାଁ ଶ୍ମଶାନରେ ପଡିଥିଲେ ହେଁ ତାହା ମଧ୍ୟ ସଫା କରାଯାଇନଥିବା ଯୋଗୀମଠ ଗ୍ରାମର ଦୁର୍ଯ୍ୟୋଧନ ମୁଣ୍ଡା ପ୍ରକାଶ କରିଛନ୍ତି।

ଏନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ ପ୍ରଶାନ୍ତ କର ଉକ୍ତ ସ୍ଥାନକୁ ସମ୍ପୂର୍ଣ୍ଣ ଭାବେ ପରିଷ୍କାର କରିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ କୁହାଯାଇଥିବା ସୂଚନା ଦେଇଛନ୍ତି। ସଦର ତହସିଲଦାର ଶୁଭେନ୍ଦୁ କୁମାର ସାହୁ କହିଛନ୍ତି, କ୍ଷତିଗ୍ରସ୍ତ ଜମି ଚିହ୍ନଟ ପରେ ଯେଉଁମାନଙ୍କର ଆରଓଆର ରହିଛି ସେମାନେ କ୍ଷତିପୂରଣ ପାଇଛନ୍ତି। ଅନ୍ୟପକ୍ଷରେ ସଞ୍ଜୟ ବାରିକ କହିଛନ୍ତି ଯେ ଆରଓଆର ରହିଛି କିନ୍ତୁ କମ୍ପାନୀ ତରଫରୁ କୌଣସି ପ୍ରକାର ସହାୟତା ମିଳିଲା ନାହିଁ। ଆଇରନ ଓର ସ୍ଲରି ପାଇପ ଲାଇନ ଲିକ୍ ହୋଇ ଅରଡେଇ ନଦୀ ପ୍ରଦୂଷିତ ହୋଇ ୧୫ ଦିନ ଧରି ନଦୀ ଜଳ ଲାଲ ହୋଇ ରହିଥିଲା। ଗାଁ ଲୋକ ଗାଧେଇବା ଏବଂ ଶୌଚ ପାଇ ହଇରାଣ ହୋଇଥିଲେ ହେଁ କମ୍ପାନୀ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନଦୀ ଜଳ ପ୍ରଦୂଷିତ ହୋଇ ମାଛ, ବେଙ୍ଗ, ସାପ, କଙ୍କଡା, କୋଚିଆ ଆଦି ଜଳଚର ଜୀବ ମୃତ୍ୟୁବରଣ କରିଥିଲେ। ଗୋରୁଗାଈ, ମଈଁଷି, ଜଙ୍ଗଲ ଜୀବଜନ୍ତୁ ପ୍ରଦୂଷିତ ଜଳ ପିଇଥିଲେ।

ସୂଚନାଯୋଗ୍ୟ ଯେ ଯୋଡା ବ୍ଲକ ଦୁବୁନାସ୍ଥିତ ଆଇରନ ଓର ବେନିଫିକେସନ ପ୍ଲାଣ୍ଟରୁ ସ୍ଲରି ପାଇପ ଯୋଗେ ୨୫୩ କିଲୋମିଟର ଦୂର ପାରାଦୀପସ୍ଥିତ ପିଲେଟ ପ୍ଲାଣ୍ଟକୁ ଲୁହାପଥର ଗୁଣ୍ଡ ପରିବହନ ହେଉଛି। ୨୦୧୪ରୁ ସ୍ଲରି ପାଇପ ଲାଇନରେ ଲୁହାପଥର ଗୁଣ୍ଡ ପରିବହନ ହେଉଛି। ତେବେ ୧୨ ବର୍ଷ ଏହି ପୁରୁଣା ପାଇପ ଲାଇନରେ ବାରମ୍ବାର ଲିକ୍ ହେଉଥିବାରୁ ଅନେକ ସ୍ଥାନରେ ଲୁହାପଥର ଗୁଣ୍ଡ ମିଶ୍ରିତ ଲାଲ ରଙ୍ଗର ଜଳ ନଦୀନାଳ ଓ ବିଲରେ ମିଶୁଛି। ଫଳରେ ନଦୀ ଓ ଚାଷ ଜମି ପ୍ରଦୂଷିତ ହେଉଛି। ଆଇରନ ଓର ସ୍ଲରି ପାଇପଲାଇନ ବାରମ୍ବାର ଲିକ ହେଉଥିବାରୁ ସ୍ଲରି ପାଇପଲାଇନର ପରୀକ୍ଷା ଠିକ ଭାବରେ କରାଯାଉ ନଥିବାରୁ ଏଭଳି ଅଘଟଣ ଘଟୁଥିବା ଅଭିଯୋଗ ହୋଇଛି। ପରିବେଶ ନିୟମର ଉଲ୍ଲଙ୍ଘନ ହେଉଥିଲେ ମଧ୍ୟ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ କିମ୍ବା ମୋଟା ଅଙ୍କର ଜରିମାନା ହେଉନାହିଁ। ଗତ ୩ ବର୍ଷ ମଧ୍ୟରେ ଅନେକ ଥର ସ୍ଲରି ପାଇପ ଲିକ୍ ହୋଇ ଲୁହାପଥର ଗୁଣ୍ଡ ମିଶା ପାଣି ସିଧାସଳଖ ନଦୀନାଳରେ ମିଶି ପ୍ରଦୂଷିତ କରୁଛି। ପରିବେଶ ଅନୁକୂଳ ବିଭିନ୍ନ ସର୍ତ୍ତ ପୂରଣ କରୁଥିବା ସ୍ଲରି ପାଇପ ବିଛାଇଥିବା କମ୍ପାନୀଗୁଡିକୁ କନସେଣ୍ଟ ଟୁ ଅପରେଟ (ସିଟିଓ) ପ୍ରମାଣପତ୍ର ଦିଆଯାଉଥିଲେ ହେଁ ପ୍ରକୃତପକ୍ଷେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମାର୍ଗଦର୍ଶିକା ପାଳନ କରାଯାଉନାହିଁ। ସେହିପରି ଖରା ଦିନରେ ବିଶେଷ କରି ଫେବୃଆରୀଠାରୁ ଜୁନ ମାସ ପର୍ଯ୍ୟନ୍ତ ସ୍ଲରିରେ ଲୁହାପଥର ଗୁଣ୍ଡ ପରିବହନ ପାଇଁ ନଦୀ ଜଳ ବ୍ୟବହାର ଉପରେ ରୋକ ଲଗାଯାଇଛି। ମାତ୍ର ଏହି ସମୟ ମଧ୍ୟରେ ବିଭିନ୍ନ କମ୍ପାନୀ ବେଧଡକ ନଦୀ ଜଳ ନଦୀ ଜଳ ବ୍ୟବହାର କରୁଛନ୍ତି। ଖରାଦିନରେ ଶିଳ୍ପ ସଂସ୍ଥାର ଆବଶ୍ୟକତା ହେଉଥିବା ଜଳକୁ ଭରଣା କରିବା ପାଇଁ ବର୍ଷା ଜଳ ଅମଳ ପ୍ରକଳ୍ପ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ହେଁ ଏହା କେବଳ କାଗଜ କଲମରେ ସୀମିତ ଥିବା ଆଲୋଚନା ହେଉଛି। ନଦୀତଟରେ ଇନ୍‌ଟେକ ୱେଲ କରି ନଦୀଜଳ ଶୋଷୁଥିଲେ ହେଁ ଜଳସମ୍ପଦ ବିଭାଗ ନିରବଦ୍ରଷ୍ଟା ସାଜିଛି।

# ବିଶ୍ୱ ତମାଖୁ ବର୍ଜନ ଦିବସ: ବିଭିନ୍ନ ସ୍ଥାନରେ ସଚେତନତା ବୈଠକ ଓ ଶୋଭାଯାତ୍ରା





କେନ୍ଦୁଝର, ୩୧।୫(ସମିସ): ରବିବାର ପୂର୍ବାହ୍ନରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୁରୁଷୋତ୍ତମ ମହାନ୍ତଙ୍କ ଅଧକ୍ଷତାରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ମହାନ୍ତ ତମାଖୁ ବା ଧୂମପାନ ବ୍ୟବହାରର କୁପରିଣାମ ଉପରେ ଆଲୋକପାତ କରିବା ସହ ତମାଖୁ ସେବନ ହିଁ ଅଧିକାଂଶ ଅଣସଂକ୍ରାମକ ଏବଂ କର୍କଟ ରୋଗର ମୁଖ୍ୟ କାରଣ ହୋଇଥାଏ ଓ ତମାଖୁ ସେବନର ଭୟାଭୟତା ଉପରେ ବିଶଦ ଭାବେ ଆଲୋଚନା କରିଥିଲେ। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବସନ୍ତ କୁମାର ପାତ୍ର ତମାଖୁ ସେବନ ସଂପୂର୍ଣ୍ଣ ଭାବେ ବର୍ଜନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନୀଲମ ମହାନ୍ତି, ଡାକ୍ତର ପୁଷ୍ପାଞ୍ଜଳି ପଟ୍ଟନାୟକ, ଡାକ୍ତର ଅଶୋକ କୁମାର ନାଏକ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଡାକ୍ତର ନିତ୍ୟରଞ୍ଜନ ବରାଳ, ସନ୍ତୋଷ କୁମାର ପଟ୍ଟନାୟକ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ କରିବାର ତାତ୍ପର୍ଯ୍ୟ, ପ୍ରଚାର ଓ ପ୍ରସାର ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଆଶା, ସ୍ୱାସ୍ଥ୍ୟକର୍ମୀ, ଏନ୍‌ଏମ୍‌ସିର ଛାତ୍ରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଜନସ୍ୱାସ୍ଥ୍ୟ ସଂଚାର ଅଧିକାରୀ ଭରତ କୁମାର ସାହୁ, ଏମ୍‌ଏନ୍‌ଡି ସନ୍ତୋଷ ପଟ୍ଟନାୟକ ଓ ପରିସଂଖ୍ୟାନ ସହାୟକ ବୃନ୍ଦାବନ ସାହୁ ସଂଚାଳନ କରିଥିଲେ।

ସେହିପରି କେନ୍ଦୁଝର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଏହାକୁ ଅବକାରୀ ବିଭାଗ ଡେପୁଟୀ ସୁପରିନଟେଣ୍ଡାଣ୍ଟ ଅଭିରାମ ବେହେରା, ପୁଲିସ ସବ୍‌ଇନ୍ସପେକ୍ଟର ଗୌରାଙ୍ଗ ବେହେରା ଓ ବ୍ରହ୍ମାକୁମାରୀଜ୍ କେନ୍ଦୁଝରର ମୁଖ୍ୟ ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ବିନ୍ଦୁ ଦିଦି ଉଦ୍‌ଘାଟନ କରିଥିଲେ। ସଚେତନତା ମୂଳକ ସ୍ଲୋଗାନ ଓ ପ୍ରଚାରପତ୍ର ଦ୍ୱାରା ଲୋକମାନଙ୍କୁ ତମାଖୁ ସେବନର କୁପ୍ରଭାବ ବିଷୟରେ ସଚେତନ କରାଯାଇଥିଲା। ଶୋଭାଯାତ୍ରା କେନ୍ଦୁଝର ସହରର ସାମନ୍ତରାୟପୁରସ୍ଥିତ ମୁଖ୍ୟ ସେବା କେନ୍ଦ୍ର ଶାନ୍ତି ସରୋବରରୁ ବାହାରି ଜେଲ ରୋଡ, ଧରଣୀଧର ଛକ, ଗାନ୍ଧୀ ଛକ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ, ଗଣେଶ ଛକ ଦେଇ ମୁଖ୍ୟ ସେବାକେନ୍ଦ୍ରରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ଅନ୍ୟୂନ ଦେଢଶହ ବ୍ରହ୍ମାକୁମାର ଓ ବ୍ରହ୍ମାକୁମାରୀ ଭାଇ ଭଉଣୀମାନେ ଯୋଗ ଦେଇଥିଲେ। ଅବକାରୀ ବିଭାଗ ଓ ପୁଲିସ କର୍ମଚାରୀ ସହଯୋଗ କରିଥିଲେ। ସନ୍ଧ୍ୟାରେ ପୁରୁଣାବଜାରସ୍ଥିତ ସୁଖଶାନ୍ତି ସରୋବରରେ ତମାଖୁ ସେବନ ଦ୍ୱାରା କିପରି ସ୍ୱାସ୍ଥ୍ୟ ଖରାପ ହେଉଛି ସେ ସଂପର୍କରେ ଏକ ସଭା ଆୟୋଜନ ହୋଇଥିଲା।

# ଅଙ୍ଗନବାଡ଼ି ଝରକା ଭାଙ୍ଗିଲା ଦନ୍ତା

ଚମ୍ପୁଆ, ୩୧।୫ (ସମିସ): ଚମ୍ପୁଆ ବନାଞ୍ଚଳରେ ହାତୀ ଉପଦ୍ରବ କମିବା ପରିବର୍ତ୍ତେ ବଢିବାରେ ଲାଗିଛି। ଜଙ୍ଗଲରେ ଥିବା ହାତୀ କେତେବେଳେ ଜଙ୍ଗଲ ଛାଡି ଗାଁ ମୁହାଁ ହେଲାଣି ତ କେତେବେଳେ ସହର ଭିତରକୁ ପଶି ଭୟର ବାତାବରଣ ସୃଷ୍ଟି କରୁଛନ୍ତି। ବିଶେଷ ଭାବରେ ଗୋଟିକିଆ ଗୋଠଛଡା ଦନ୍ତା ହାତୀ ଅଚାନକ ତଥା ବନ ବିଭାଗକୁ ଚଳମା ଦେଖାଇ ଉପଦ୍ରବ ଚଳାଇଛି। ଗତରାତି ୩ଟା ସମୟରେ ଏହି ଗୋଠଛଡା ଦନ୍ତା ହାତୀଟି ରଜିଆ ପଞ୍ଚାୟତ କଇଁତା ଗ୍ରାମରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରର ଝରକା ଭାଙ୍ଗି ବିଭିନ୍ନ ଜିନିଷପତ୍ର ନଷ୍ଟ କରିଥିବା ବେଳେ ଗ୍ରାମବାସୀ ହାତୀଟିକୁ ସେଠାରୁ ଘଉଡାଇବାରେ ସଫଳ ହୋଇଥିବା ଜଣାପଡ଼ିଛି।

# କାନପୁରରେ ପଞ୍ଚଦିବସୀୟ ପ୍ରବୋଧନ ପ୍ରଶିକ୍ଷଣ ଶିବିର



ଆନନ୍ଦପୁର, ୩୧।୫ (ସମିସ): ଘସିପୁରା ବ୍ଲକ କାନପୁରର ନନ୍ଦିନୀ ଦେବୀ ସରକାରୀ ଉଚ୍ଚବିଦ୍ୟାଳୟରେ ଏକ ୫ ଦିନିଆ ପ୍ରବୋଧନ ତାଲିମ ଶିବିର ହୋଇଯାଇଛି। ପ୍ରଥମ ଦିବସରେ ଘସିପୁରା ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ ଏହି ପ୍ରଶିକ୍ଷଣ ଶିବିରକୁ ଉଦଘାଟନ କରି ନୂତନ ପାଠ୍ୟକ୍ରମ ୨୦୨୫ ସମ୍ବନ୍ଧରେ ମାର୍ଗଦର୍ଶନ କରିବା ସହ ଏହାକୁ କିପରି ବିଦ୍ୟାଳୟରେ ଶିକ୍ଷକମାନଙ୍କ ଦ୍ୱାରା ଉପଯୋଗ କରାଯାଇପାରିବ ତାହା ବିଷୟରେ ବର୍ଣ୍ଣନା କରିଥିଲେ। ଉକ୍ତ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ତୃପ୍ତିମୟୀ ରାଉତ ମଧ୍ୟ ଏହି ପ୍ରଶିକ୍ଷଣ ଶିବିର ସମ୍ବନ୍ଧରେ ଆଲୋଚନା ରଖିଥିଲେ। ସମ୍ବଳ ଶିକ୍ଷକ ବରାଙ୍ଗ ସିଆରସିସି ବିସିକେଶନ ଭୂୟାଁ, ବାଲିବରୁଆଁ ସିଆରସିସି ପ୍ରଶାନ୍ତ କୁମାର ନାଥ, ଖାଲିଆମେଣ୍ଟା ସିଆରସିସି ଜଗନ୍ନାଥ ଜେନା ଓ ଭୋଳ ନୂଆଗାଁ ଉ.ପ୍ରା. ବିଦ୍ୟାଳୟର ସହକାରୀ ଶିକ୍ଷକ ଦୀପ୍ତିରଞ୍ଜନ ଜେନା ପାଞ୍ଚ ଦିନ ଧରି ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜାତୀୟ ଶିକ୍ଷାନୀତି ୨୦୨୦, ନୂତନ ପାଠ୍ୟକ୍ରମର ରୂପରେଖ, ଭାରତୀୟ ଜ୍ଞାନ ଓ ପରମ୍ପରା, ଓଡ଼ିଆଭାଷା ଶିକ୍ଷଣ, ଇଂରାଜୀ, ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ, ହିନ୍ଦୀ, ଉର୍ଦ୍ଦୁ, ସଂସ୍କୃତ, ଶାରୀରିକ, କଳା ଶିକ୍ଷା ଓ ଧନ୍ଦାମୂଳକ ଶିକ୍ଷା ଆଦି ବିଷୟରେ ଉଚ୍ଚକୋଟିର ଶିକ୍ଷା ପ୍ରଦାନ କରିଥିଲେ। କଳା ଶିକ୍ଷାରେ ସଙ୍ଗୀତ ଗୁରୁ ହରିହର ଜେନା ଅତିଥି ଶିକ୍ଷକ ଭାବେ ବିଭିନ୍ନ ବାଦ୍ୟଯନ୍ତ୍ର ସହ ଉପସ୍ଥିତ ରହି ସଙ୍ଗୀତ ଶିକ୍ଷା ପ୍ରଦାନ ଓ ତାର ଆବଶ୍ୟକତା ସମ୍ବନ୍ଧରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଏହି ପ୍ରଶିକ୍ଷଣରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୫୦ ଜଣ ଶିକ୍ଷକଶିକ୍ଷୟିତ୍ରୀ ଭାଗ ନେଇଥିଲେ। ସ୍ଥାନୀୟ କ୍ଲଷ୍ଟର ସିଆରସିସି ଆଲୋକ ରଞ୍ଜନ ବାରିକ ଓ ଶିକ୍ଷକ ଦେବେନ୍ଦ୍ର ଚକ୍ର ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମହିୟସୀ ମହିଳାଙ୍କ ଦେହାନ୍ତ

ଆନନ୍ଦପୁର, ୩୧।୫(ସମିସ): ମଦନପୁର ପଞ୍ଚାୟତ ହସନପୁର ନିବାସୀ ସ୍ୱର୍ଗତ ଲକ୍ଷ୍ମଣ ସାହୁଙ୍କ ଧର୍ମପତ୍ନୀ ହିନୀ ସାହୁ (୯୧)ଙ୍କର ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଛି। ସେ ଜଣେ ଆଧ୍ୟାତ୍ମିକ ଚେତନାସମ୍ପନ୍ନ ତଥା ଅତ୍ୟନ୍ତ ସ୍ନେହୀ ଓ ମହିୟସୀ। ତାଙ୍କର ପାଞ୍ଚ ପୁତ୍ର ଓ ଏକ କନ୍ୟା ଅଛନ୍ତି। ପରିବାର ବର୍ଗ ସହ ବହୁ ସଂଖ୍ୟାରେ ଗ୍ରାମବାସୀ ତାଙ୍କ ଅନ୍ତ୍ୟେଷ୍ଟି



କ୍ରିୟାରେ ସାମିଲ ହୋଇଥିଲେ। କନିଷ୍ଠ ପୁତ୍ର ଅଧ୍ୟାପକ ସୁଦର୍ଶନ ସାହୁ ମୁଖାଗ୍ନି ପ୍ରଦାନ କରିଥିଲେ। ଜ୍ୟୋଷ୍ଠ ପୁତ୍ର ଶ୍ରୀକାନ୍ତ ସାହୁ, ଅନ୍ୟ ପୁତ୍ର ଉମାକାନ୍ତ ସାହୁ, ରଘୁନାଥ ସାହୁ, ରମେଶଚନ୍ଦ୍ର ସାହୁ ଓ ପରିବାରବର୍ଗ ସହଯୋଗ କରିଥିଲେ। ଆନନ୍ଦପୁର ଅଞ୍ଚଳର ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ, ସମାଜସେବୀ ଏବଂ ତାଙ୍କୁ ସ୍ନେହ କରୁଥିବା ଅଗଣିତ ବ୍ୟକ୍ତି ସମୂହ ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେଇଥିଲେ। ତାଙ୍କର ଅପୂରଣୀୟ ଅଭାବ ସମଗ୍ର ଅଞ୍ଚଳରେ ଶୋକ ଖେଳାଇ ଦେଇଛି।

# ଦୁଇବର୍ଷ ହେଲା ଆନ୍ଧ୍ରରୁ ଘରକୁ ଫେରୁନି ପୁଅ

ଆନନ୍ଦପୁର, ୩୧।୫(ସମିସ)



## ଦାନ୍ତକାଠି ବିକି ଚଳୁଛି ବୁଢ଼ୀମା'



ସାଙ୍ଗହୋଇ ଆନ୍ଧ୍ର ଯାଇଥିଲେ; ହେଲେ ପୁଅ ହଠାତ୍ କେଉଁଆଡେ ଚାଲିଗଲା। ଇତିମଧ୍ୟରେ ଦୁଇବର୍ଷ ବିତିଗଲାଣି, ପୁଅ ଘରକୁ ଫେରୁନି। ପୁଅର ଫେରିବା ବାଟକୁ ବୁଢୀ'ମା ଚାହିଁ ବସିଥିବାବେଳେ ଅଦ୍ୟାବଧି ତାର କୌଣସି ଖବର ମିଳୁନି। ଏଭଳି ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ବୀରଗୋବିନ୍ଦପୁର ପଞ୍ଚାୟତ ଯୁଗଳକିଶୋରପୁର ଗ୍ରାମର କାଳାସାହିରେ। ଶନିବାର ଦାନ୍ତକାଠି ବିକ୍ରି କରିବାକୁ ଘସିପୁରା ବଜାରକୁ ଆସିଥିବା ଗ୍ରାମର କୁଇଲି ସୋରେନଙ୍କ ହଜିଲା ପୁଅ ପାଇଁ ଆକୁଳ ନିବେଦନ ସ୍ଥାନୀୟ ଲୋକମାନଙ୍କୁ ପ୍ରଭାବିତ କରିଥିଲା।

କୁଇଲିଙ୍କ କହିବାନୁସାରେ, ତାଙ୍କ ସ୍ୱାମୀ ଛୋଟରାୟ ସୋରେନ୍ ବହୁଦିନ ହେଲା ଘରଛାଡି ଚାଲି ଯାଇଛନ୍ତି। ଦୁଇବର୍ଷ ତଳେ ବଡପୁଅ ପାଣ୍ଡବ ସୋରେନ୍ ଆନ୍ଧ୍ରପ୍ରଦେଶକୁ କାମ କରିବାକୁ ଯାଇଥିବାବେଳେ ଆଉ ଘରକୁ ଫେରିନି। ଆକାଶ ନାମକ ଠିକାଦାର ତାଙ୍କୁ କାମ କରାଇବାକୁ ନେଇଥିଲେ। ପୁଅର କୌଣସି ଖବର ନଥିବାବେଳେ ଆକାଶଙ୍କର ଫୋନ୍ ମଧ୍ୟ ଆଉ ଲାଗୁନାହିଁ। ଗ୍ରାମବାସୀଙ୍କ ସୂତ୍ରରୁ ମିଳିଥିବା ଖବର ଅନୁସାରେ, କୁଇଲି ଓ ତାଙ୍କ ପୁଅ ପାଣ୍ଡବ ଏକ ସଙ୍ଗେ ଆନ୍ଧ୍ରାର ଏକ ବରଫକଳରେ କାମ କରିବାକୁ ଯାଇଥିଲେ। ସେଠାରେ କୁଇଲି ସହିତ ପାଣ୍ଡବର କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ସେଠାରୁ ପୁଅ ରାଗିକରି କେଉଁଆଡେ ଚାଲି ଯାଇଥିଲା। ସେ ଘରକୁ ଆସିଥିବା ଭାବି କୁଇଲି ଗାଁକୁ ଫେରି ଆସିଥିଲେ। ଆଜିପର୍ଯ୍ୟନ୍ତ ପାଣ୍ଡବର କୌଣସି ସନ୍ଧାନ ମିଳୁ ନଥିବାରୁ ସେ ଆଶା ଆଶଙ୍କା ମଧ୍ୟରେ ରହିଛନ୍ତି। ଏପଟେ କୁଇଲିଙ୍କର ବୟସ ୬୫ ଅତିକ୍ରମ କରି ସାରିଥିବାବେଳେ ତାଙ୍କୁ ଭତ୍ତା ମଧ୍ୟ ମିଳୁନାହିଁ। ସେ ଦୁଇଥର ଏଥିପାଇଁ ଆବେଦନ କରିଥିବାବେଳେ ତାଙ୍କୁ ଏଥିରୁ ବଞ୍ଚିତ କରାଯାଇଛି। କୁଇଲି ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଯାଇ ଦାନ୍ତକାଠି ସଂଗ୍ରହ କରି ଘସିପୁରା ବଜାରକୁ ବିକ୍ରି କରିବାକୁ ଆଣୁଛନ୍ତି। ଦାନ୍ତକାଠି ବିକ୍ରି କରିବାକୁ ଦୁଇରୁ ତିନି ଦିନ ଲାଗୁଛି। ୫୦କିମି ପାଦରେ ଚାଲିଚାଲି ଗଲେ ମାତ୍ର ୧୫୦ରୁ ୨ଶହ ଟଙ୍କା ମିଳୁଛି। ସେଇଥିରେ ଚଳିବାକୁ ପଡୁଛି। କୁଇଲିକୁ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ସାମିଲ କରିବାକୁ ଦାବି ହେଉଛି। ଏନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବୀରଗୋବିନ୍ଦପୁର ସରପଞ୍ଚ ଦିଲ୍ଲୀପ କୁମାର ମାଝୀ କହିଛନ୍ତି।

# ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲରେ କ୍ରାଉନ ଅଫ୍ ଏକ୍ସିଲେନ୍ସ

ଆନନ୍ଦପୁର, ୩୧।୫(ସମିସ)



ଆନନ୍ଦପୁର ଉପଖଣ୍ଡର ଘରୋଇ ସିବିଏସଇ ମାନ୍ୟତାପ୍ରାପ୍ତ ଶିକ୍ଷାନୁଷ୍ଠାନ ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲ ତରଫରୁ କ୍ରାଉନ ଅଫ ଏକ୍ସିଲେନ୍ସ କାର୍ଯ୍ୟକ୍ରମ ସଂପାଦିତ ହୋଇଛି। ଚଳିତ ବର୍ଷ ବିଏସଇ ବୋର୍ଡ, ଓଡ଼ିଶା ଓ ସିବିଏସଇ ବୋର୍ଡ, ନୂଆଦିଲ୍ଲୀର ଦଶମ ପରୀକ୍ଷାରେ ପଞ୍ଚାଅଶୀ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯିବା ସହ ସେମାନଙ୍କ ପରିଶ୍ରମ ସମ୍ପର୍କରେ ସେମାନଙ୍କ ମୁହଁରୁ ଶୁଣିବାକୁ ମିଳିଥିଲା। ଏହି ନିଆରା କାର୍ଯ୍ୟକ୍ରମରେ ଘସିପୁରା ବ୍ଲକର ଶିକ୍ଷା ଅଧିକାରୀ ସଦ୍ୟସ୍ନାନ ପଣ୍ଡା ମୁଖ୍ୟଅତିଥି ରୂପେ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଭବିଷ୍ୟତରେ ସେମାନଙ୍କ ଉତ୍ତରୋତ୍ତର ବିକାଶ କାମନା କରିଥିଲେ। ସ୍ମୃତିରେଖା ଚକ୍ର, ଆଶୁତୋଷ ସାହୁ, ଅମିତ ରାଉତ, ତାପସ ରଂଜନ ଦାସ, ମନିସ ଦାସ, ଜ୍ୟୋତିର୍ମୟୀ ସାହୁ, ଜୟଶ୍ରୀ ମହାପାତ୍ର, ଦେବସ୍ମିତା ଜେନା, ଦିବ୍ୟାଂଶୁ ଶେଖର ଘଡ଼େଇ, ସୁଶ୍ରୀୟା ସାହୁ, ଆର୍ଯ୍ୟକ୍ରିତୀ ସ୍ୱାଇଁ, ଆଶୁତୋଷ ମିଶ୍ର, ପ୍ରିୟାଂଶୁ ଶେଖର ଜେନା, ରୋଜାଲିନ ଶତପଥୀ, ପ୍ରିୟଙ୍କା ଦାସ, ଅମର କୁମାର ହେମ୍ବ୍ରମ ପ୍ରମୁଖ କୃତୀ ଛାତ୍ରଛାତ୍ରୀ ମାନପତ୍ର ଗ୍ରହଣ କରିଥିଲେ। ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲର ମ୍ୟାନେଜିଙ୍ଗ ଟ୍ରଷ୍ଟି ଡ.ଅଶୋକ କୁମାର ପୁହାଣ ଛାତ୍ରଛାତ୍ରୀ ତଥା ଉପସ୍ଥିତ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଛାତ୍ରଛାତ୍ରୀମାନେ ନିଜର ଶିକ୍ଷାକୁ ଦେଶର ହିତରେ ଲଗାଇବା ପାଇଁ ଆଶା ପୋଷଣ କରିଥିଲେ। ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲର ଅଧକ୍ଷା ଡ.ସୁଜାତ ଘୋଷ ସଫଳତା ଏକ କ୍ରମାନ୍ୱୟ ଧାରା ଏବଂ ଛାତ୍ରଛାତ୍ରୀମାନେ ଏଇ ଧାରାରେ ରହିଲେ ସେମାନଙ୍କ ଆଗାମୀ ଜୀବନ ସଫଳତାରେ ଭରପୂର ହେବ ବୋଲି ମତ ପ୍ରକାଶ କରିଥିଲେ। ସ୍କୁଲର ଶିକ୍ଷକଶିକ୍ଷୟିତ୍ରୀ ସତ୍ୟବ୍ରତ ସାହୁ, ପ୍ରଜେଶ କୁମାର ସାହୁ, ପାର୍ଥସାରଥୀ ମହାନ୍ତ, ନୟନ ଜାନା, ପ୍ରୀତି ଦାସ ଜାନା, ମିତିଶା ରାମ୍, ସୁବ୍ରତ ରାମ୍, ସୁଶାନ୍ତ କୁମାର ପାଣି, ଅନିଲ ଦାସ ପରିଚାଳନା କରିଥିଲେ। ସ୍କୁଲର ଉପାଧକ୍ଷା ରଂଜିତା ଜେନା ପାଟଶାଣୀ ଧନ୍ୟବାଦ ଅର୍ପଣ କରିଥିଲେ।





## ପାଟ୍ରୋଲିଂରେ ଲାଗି ରହିଛି ସମସ୍ୟା

# ଥାନା ବାବୁଙ୍କ ପାଇଁ ନୂଆ ସ୍କର୍ପିଓ: ପାଟ୍ରୋଲିଂ ପାଇଁ ଗାଡ଼ି ନାହିଁ

**କଟକ, ୩୧।୫(ସମିସ)**

ପାଟ୍ରୋଲିଂ ବ୍ୟବସ୍ଥାରେ ସୁଧାର ଆଣିବା ନିମନ୍ତେ କମିସନରେଟ୍ ପୁଲିସ ସଦାସର୍ବଦା ବୟାନବାଜି କରୁଛି ହେଲେ ବାସ୍ତବରେ ସ୍ଥିତି ସଙ୍ଗୀନ ହୋଇପଡ଼ିଛି। ନୂଆ ପୁଲିସ ଭ୍ୟାନ୍(ସ୍କର୍ପିଓ)ରେ ଥାନା ବାବୁ ବୁଲୁଥିବା ବେଳେ ପାଟ୍ରୋଲିଂ ପାଇଁ ଗାଡ଼ିର ଅଭାବ ଦେଖା ଦେଇଛି। କଟକ ୟୁପିଡିରେ ଅତିକମରେ ୬୦ଟି ପିସିଆର୍ ଭ୍ୟାନ୍ ଆବଶ୍ୟକତା ରହୁଛି। ମାତ୍ର ୨୪ଟିରେ କାମ ଚଳାଯାଉଛି। ଯେଉଁ କାରଣରୁ ଉଭୟ ଡେ' ଓ ନାଇଟ୍ ପାଟ୍ରୋଲିଂ ଠିକ୍ ଭାବେ ହୋଇ ପାରୁନାହିଁ। ନୂଆ ୩୦ଟି ସ୍କର୍ପିଓ ଗାଡ଼ି ଉଭୟ ପାଟ୍ରୋଲିଂ ଓ ଥାନାରେ ବ୍ୟବହାର କରିବା ପାଇଁ ପୁଲିସ କମିସ ନର ନିୟମ କରିଥିବା ବେଳେ ଏହାକୁ କେବଳ ଆଇଆଇସିମାନେ ବ୍ୟବହାର କରୁଥିବାର ଦେଖାଯାଉଛି। ଫଳରେ ଦିନକୁ ଦିନ କଟକ ସହରରେ ଅପରାଧ ବଢ଼ି ଚାଲିଥିବା ବେଳେ ଢ଼ିଲା ପାଟ୍ରୋଲିଂ ଯୋଗୁଁ ଅପରାଧୀମାନେ ସହଜରେ ଖସିଯାଉଛନ୍ତି।

ପୁଲିସ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁସାରେ, କଟକ ୟୁପିଡିକୁ ଆସିଥିବା ନୂଆ ସ୍କର୍ପିଓ ଏବଂ ପୂର୍ବରୁ ଚାଲୁଥିବା ପିସିଆର ଡ୍ରାଇଭରମାନଙ୍କୁ ଏକ ଘରୋଇ ସଂସ୍ଥା ନିଯୁକ୍ତ କରିଛି। ସମ୍ପୃକ୍ତ ଡ୍ରାଇଭରମାନେ ପୁଲିସ ନୁହଁନ୍ତି। ଘରୋଇ ସଂସ୍ଥା ନିଯୁକ୍ତ କରିଥିବା ଡ୍ରାଇଭରମାନେ ଗାଡି ଚଳାଉଛନ୍ତି। ଏହି ଗାଡିରେ ଆଇଆଇସିମାନେ ଯିବା ଆସିବା କରିବା ସହିତ ତଦନ୍ତ କାର୍ଯ୍ୟରେ ଏହି ଗାଡ଼ି ବ୍ୟବହାର କରାଯାଉଛି। ଏହାକୁ ନେଇ ପୁଲିସର ଗୋପନୀୟତା ଏବଂ ବିଶ୍ୱାସନୀୟତା ଉପରେ ପ୍ରଶ୍ନ ଉଠିଛି। ଗାଡି ଭିତରେ ପୁଲିସ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବା ସହିତ ତଦନ୍ତ ଓ ଅପରାଧିଙ୍କୁ ଗିରଫ କରିବା ସଂକ୍ରାନ୍ତୀୟ ବିଭିନ୍ନ କଥୋପକଥନ କରାଯାଉଛି। ଯେହେତୁ ଡ୍ରାଇଭର ଜଣକ ପୁଲିସ ନୁହନ୍ତି, ତେଣୁ ତଥ୍ୟ ପ୍ରଘଟର ସମ୍ଭାବନା ଅଧିକ ରହୁଛି। ପୁରୁଣା ପିସିଆର୍ ଏବଂ ନୂଆ ଆଇଆଇସିଙ୍କ ସ୍କର୍ପିଓରେ ପୁଲିସ ଡ୍ରାଇଭର ପରିବର୍ତ୍ତେ ଘରୋଇ ଡ୍ରାଇଭରଙ୍କ ନିଯୁକ୍ତିକୁ ନେଇ ଏବେ ପୁଲିସ କର୍ମଚାରୀଙ୍କ ମହଲରେ ଉଦବେଗ୍ ପ୍ରକାଶ ପାଇଛି।

**ଘରୋଇ ଡ୍ରାଇଭରଙ୍କ ବିଶ୍ୱାସନୀୟତାକୁ ନେଇ ଉଠିଲା ପ୍ରଶ୍ନ**

ଏ ସମ୍ପର୍କରେ ପୁଲିସ ଅଫିସରମାନେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଏହାର କୌଣସି ସମାଧାନ ହୋଇ ପାରୁନାହିଁ। ଅନ୍ୟପଟେ ପାଟ୍ରୋଲିଂ କଣ୍ଟ୍ରୋଲ୍ ରୁମ୍ ବ୍ୟବସ୍ଥାରେ ସୁଧାର ଆସି ପାରୁନାହିଁ। କଣ୍ଟ୍ରୋଲ୍ ରୁମ୍ ଦାୟିତ୍ୱରେ ଜଣେ ଆଇପିଏସ୍ ର୍ୟାଙ୍କ୍‌ର ଅଧିକାରୀ ରହିବାକୁ ସ୍ଥିର କରାଯାଇଥିବା ବେଳେ ତାହା ଏପର୍ଯ୍ୟନ୍ତ ହୋଇ ପାରିନାହିଁ। ୩ଜଣ ଇନ୍ସପେକ୍ଟର, ୧୫ଜଣ ଏସ୍‌ଆଇ ଓ ଏଏସଆଇ କାର୍ଯ୍ୟ କରିବାକୁ ପୂର୍ବରୁ ଯୋଜନା ପ୍ରସ୍ତୁତ ହୋଇଥିଲା, ଏବେ ତାହା କେବଳ ଯୋଜନା ଅଟକି ରହିଛି। କଣ୍ଟ୍ରୋଲ୍ ରୁମ୍ ଏବଂ ପିସିଆର୍ ଭ୍ୟାନ୍ ମଧ୍ୟରେ ଠିକ୍ ଯୋଗସୂତ୍ର ରଖାଯାଇ ପାଟ୍ରୋଲିଂକୁ କଡାକଡି କରାଯିବ ବୋଲି ବାରମ୍ବାର ପୁଲିସ କମିଶନର କହୁଥିବା ବେଳେ ତାହା ହୋଇ ପାରିନାହିଁ। ସହରରେ ନାମକୁ ମାତ୍ର ପୁଲିସ ପାଟ୍ରୋଲିଂ କରାଯାଉଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚିବାରେ ବିଳମ୍ବ ଓ ଦାୟିତ୍ୱରେ ଅବହେଳା ଯୋଗୁଁ ସମାଲୋଚନାର ଶିକାର ହେଉଛି। ଏବେ ବି ଚୁକ୍ତିଭିତ୍ତିକ(ଠିକା) ପୁଲିସ କର୍ମଚାରୀଙ୍କ ହାତରେ ପିସିଆର୍ ଭ୍ୟାନ୍ ଦାୟିତ୍ୱ ରହିଛି। ଜଣେ ଏସ୍‌ପିଓ(ଚୁକ୍ତିଭିତ୍ତିରେ ରହିଥିବା ସ୍ପେଶାଲ୍ ପୁଲିସ ଅଫିସର)ଙ୍କ ତତ୍ତ୍ୱାବଧାନରେ ପିସିଆର୍ ଭ୍ୟାନ୍ ପାଟ୍ରୋଲିଂ କରୁଛି। ପାଟ୍ରୋଲିଂ ଗାଡି ତଥା ପିସିଆର୍‌ରେ ଅବସରପ୍ରାପ୍ତ ପୁଲିସ ଓ ଠିକା ପୁଲିସ କର୍ମଚାରୀ ରହୁଥିବା ହେତୁ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଛି।

# 'ଏକତା: ଏକ ପରିବାର'ର ସାଙ୍ଗଠନିକ ବୈଠକ




**କଟକ, ୩୧।୫(ସମିସ):** ସ୍ଥାନୀୟ ନୂଆପାଟଣା ଡାକବଙ୍ଗଳା ପରିସରରେ ରବିବାର 'ଏକତା: ଏକ ପରିବାର' ସଂଗଠନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ବିଧାୟକ ତଥା ସଂଗଠନର ମୁଖ୍ୟ ଉପଦେଷ୍ଟା ଦେବୀରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଆୟୋଜିତ ଏହି ସଭାରେ ସଂଗଠନର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଏହି ସଂଗଠନ ସମଗ୍ର କଟକ ଜିଲ୍ଲାରେ ସାଧାରଣ ଜନସାଧାରଣଙ୍କ ହକ ଓ ସ୍ୱର ସାଜିବ ବୋଲି ବୈଠକରେ ସଂକଳ୍ପ ନିଆଯାଇଛି। ସମାଜର କଲ୍ୟାଣ ପାଇଁ ବ୍ୟାପକ ରକ୍ତଦାନ ଶିବିର, ବୃକ୍ଷରୋପଣ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ପ୍ରକାର ସଚେତନତାଧର୍ମୀ ଆଲୋଚନାଚକ୍ର ଆୟୋଜନ କରିବାକୁ ବୈଠକରେ ସ୍ଥିର କରାଯାଇଛି। ଜ୍ଞାନେନ୍ଦ୍ର ଗିରି ଗୋସ୍ୱାମୀ, ଜଗତଜ୍ୟୋତି ପଟ୍ଟନାୟକ, ସୌମ୍ୟାଦୀପ ଘୋଷ, ଇମ୍ରାନ ଖାନ୍, ଶୟଦ ଜାଲିଲ, ସନ୍ତୋଷ ମହାପାତ୍ର ଓ ଆସିଫ ଅମିନଙ୍କ ସମେତ ସଂଗଠନର ବହୁ ସଂଖ୍ୟକ ଯୁବ ସଦସ୍ୟ ନିଜର ବହୁମୂଲ୍ୟ ମତ ରଖିଥିଲେ। ଅମର ପ୍ରସାଦ ସିଂ ଧନ୍ୟବାଦ ଦେଇଥିଲେ।

# ମାତାମଠ ଛକରେ ସିରିଜ୍ ଦୁର୍ଘଟଣା: ସ୍କୁଟି ଚାଳକ ଗୁରୁତର

**କଟକ, ୩୧।୫(ସମିସ):** କ୍ୟାଣ୍ଟନ୍‌ମେଣ୍ଟ ଥାନା ଅନ୍ତର୍ଗତ ମାତାମଠ ଛକରେ ଆଜି ରାତି ୮ଟା ସମୟରେ ଏକ ସିରିଜ୍ ଦୁର୍ଘଟଣା ଘଟିଛି। ଜଣେ ମଦ୍ୟପ ପିକ୍‌ଅପ୍ ଡ୍ରାଇଭର୍ ୪ଟି ଗାଡ଼ିକୁ ଧକ୍କା ଦେଇ ଖସି ପଳାଇଯିବାକୁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକ କାବୁ କରି ତାକୁ ପୁଲିସ ଜିମାରେ ଦେଇଥିଲେ। ଏହି ଦୁର୍ଘଟଣାରେ ୨ଟି କାର୍, ଗୋଟିଏ ଅଟୋ ଏବଂ ସ୍କୁଟି ଭାଙ୍ଗି ଚୂରମାର୍ ହୋଇଯାଇଛି। ସ୍କୁଟି ଚଳାଉଥିବା ମହିଳା ଗୁରୁତର ହୋଇଥିବା ବେଳେ ତାଙ୍କୁ ଏସ୍‌ସିବିରେ ଭର୍ତ୍ତି କରାଯାଇଛି। ସେହିପରି ଅଟୋ ଚାଳକ ଜଣକ ଆହତ ହୋଇଥିବା ଜଣାପଡ଼ିଛି।

**୨ଟି କାର୍, ଗୋଟିଏ ଅଟୋ ଏବଂ ସ୍କୁଟି ଚୂରମାର୍**

ମିଳିଥିବା ସୂଚନା ଅନୁସାରେ, ହାୱାଡା ମୋଟର ଛକରୁ ମଦ୍ୟପ ଡ୍ରାଇଭର୍ ଜଣକ ପିକଅପ୍ ଭ୍ୟାନ ନେଇ ରେମଣ୍ଡ ସୋରୁମ୍ ଗଡ଼ା ଦେଇ ଯୋବ୍ରା ଆଡକୁ ଯାଉଥିଲା। ସେ ନିଶାସକ୍ତ ଅବସ୍ଥାରେ ମାତାମଠ ଛକରେ ଟ୍ରିଂବନ୍ଧରେ ଯାଉଥିବା ୨ଟି କାର୍, ଗୋଟିଏ ଅଟୋ ଏବଂ ସ୍କୁଟିକୁ ଧକ୍କା ଦେଇଥିଲା। ଏହାପରେ ତା'ନିଜ ଗାଡ଼ିକୁ ଟ୍ରିଂବନ୍ଧରେ ଧକ୍କା ଦେଇ ଗାଡ଼ି ଛାଡ଼ି ଖସିଯିବାକୁ ଉଦ୍ୟମ କରିଥିଲା। ସ୍ଥାନୀୟ ଲୋକ ତାକୁ ପିଛା କରି କାବୁ କରିବା ପରେ ପୁଲିସର ଜିମା ଦେଇଥିଲେ।

# କୁଖ୍ୟାତ ଚୋର ଗିରଫ

**କଟକ, ୩୧।୫(ସମିସ):** ଦରଘାବଜାର ଥାନା ପୁଲିସ ଆଜି ଜଣେ କୁଖ୍ୟାତ ଚୋରକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି, ସୂତାହାଟ ତଳସାହି ଅଞ୍ଚଳର କୃଷ୍ଣ ନାୟକ ଓରଫ୍ ଚଗଲା(୩୧)। ତା' ନିକଟରୁ ଗୋଟିଏ ହଳ ସୁନା କଙ୍କଣ, ହଳେ ସୁନା ଶଙ୍ଖା, ୩ଟି ସୁନା ଚେନ୍, ଗୋଟିଏ ସୁନା ମଙ୍ଗଳସୂତ୍ର, ୫ଟି ସୁନା ଲକେଟ୍, ଗୋଟିଏ ହଳ କାନ ଝୁମୁକା, ଗୋଟିଏ ସୁନା ମୁଦି,

**ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଜବତ**

୫ଟି ନାକ ଫୁଲ ସହିତ ନଗଦ ୭ହଜାର ୯୦୦ଟଙ୍କା ଜବତ କରାଯାଇଛି। ଅଭିଯୁକ୍ତ ଚଗଲାର ଜାମିନ ନାମଞ୍ଜୁର ହେବାରୁ ତାକୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି।

ପୁଲିସ ସୂଚନା ଅନୁସାରେ, ଗତ ୨୮ ତାରିଖରେ ସୂତାହାଟ ତଳସାହିର ମାୟା ନାୟକ(୬୫) ଥାନାରେ ଅଭିଯୋଗ କରିଥିଲେ ଯେ ସେ ହଠାତ୍ ତାଙ୍କ ଗୋଦ୍ରେଜ୍ ଆଲମିରା ଖୋଲିଲା ବେଳକୁ ତାଙ୍କର ସମସ୍ତ ସୁନା ଗହଣା ସହିତ ୮୫ହଜାର ଟଙ୍କା ନାହିଁ। ଆଲମିରାଟି ଭଙ୍ଗା ଯାଇନାହିଁ କିମ୍ବା କୌଣସି ସ୍ଥାନରୁ ତଡ଼ା ଯାଇନାହିଁ। ଏହାପରେ ପୁଲିସ ତଦନ୍ତ ଚଳାଇ ତାଙ୍କ ଘରକୁ ଅଧିକାଂଶ ସମୟ ଯିବା ଆସିବା କରୁଥିବା ଲୋକଙ୍କ ଉପରେ ନଜର ରଖିଥିଲା। ସ୍ଥାନୀୟ ସିସି କ୍ୟାମେରା ମଧ୍ୟ ଯାଞ୍ଚ କରିଥିଲା। ମାୟାଙ୍କ ଘରକୁ



ଆସୁଥିବା ସ୍ଥାନୀୟ କିଛି ଲୋକଙ୍କ ମଧ୍ୟରୁ ଚଗଲା ଉପରେ ପୁଲିସର ସନ୍ଦେହ ବଢ଼ିଥିଲା। ଏହାପରେ ତାକୁ କାବୁ କରି ପଚରାଉଚରା କଲା ପରେ ସେ ଚୋରି କରିଥିବା ସ୍ୱିକାର କରିଥିଲା। ସେ ଘରେ ଲୁଚାଇ ରଖିଥିବା ସୁନା ଅଳଙ୍କାର ଗୁଡ଼ିକୁ ପୁଲିସ ଜବତ କରିବା ସହିତ ଅଭିଯୁକ୍ତ ଚଗଲାକୁ ଗିରଫ କରିଥିବା ସୂଚନା ଦେଇଛି।

# ଜିଲ୍ଲା ବିଜେଡି ପକ୍ଷରୁ ମହାନଗର କାର୍ଯ୍ୟକାରୀ ସଭାପତିଦ୍ୱୟଙ୍କୁ ସମ୍ବର୍ଦ୍ଧନା



**କଟକ, ୩୧।୫(ସମିସ):** କଟକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଦୋଳମୁଣ୍ଡାଇସ୍ଥିତ ଜିଲ୍ଲା କାର୍ଯ୍ୟାଳୟଠାରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂହ କଟକ ମହାନଗରର ନବ ନିଯୁକ୍ତ କାର୍ଯ୍ୟକାରୀ ସଭାପତି ଜୟଦେବ ଜେନା ଓ ସଞ୍ଜୟ ବରାଡ଼ଙ୍କୁ ଉତ୍ତରୀୟ ପ୍ରଦାନ କରି ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଶ୍ରୀ ସିଂହ ଆଶା ପ୍ରକଟ କରିଛନ୍ତି ଯେ ଏହି ଦୁଇ ନେତାଙ୍କ ଦକ୍ଷ ନେତୃତ୍ୱରେ କଟକ ମହାନଗର ପରିଧି ମଧ୍ୟରେ ବିଜେଡି ସଂଗଠନ ଆଗାମୀ ଦିନରେ ଅଧିକ କ୍ରିୟାଶୀଳ ଓ ମଜବୁତ ହେବ। ଏହି କାର୍ଯ୍ୟକ୍ରମ ଅବସରରେ ଏକ ପ୍ରମୁଖ ଦଳୀୟ ମିଶ୍ରଣ

**ବିଜେଡିରେ ସାମିଲ ହେଲେ ବିଜେପି ନେତା**

ପର୍ବ ମଧ୍ୟ ସମ୍ପନ୍ନ ହୋଇଯାଇଛି। କଟକ ମହାନଗର ନିଗମ ଅନ୍ତର୍ଗତ ୩୬ ନମ୍ବର ୱାର୍ଡର ବରିଷ୍ଠ ବିଜେପି ନେତା ତଥା ଦୃଢ଼ ସଂଗଠକ ନୀଳକଣ୍ଠ ମହାନ୍ତି (ନିଲୁ), ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ମଳ ଶାସନ ଓ ଦକ୍ଷ ଆଦର୍ଶ ପ୍ରତି ଆସ୍ଥା ପ୍ରକଟ କରି ବିଜେପିରୁ ବିଧିବଦ୍ଧ ଭାବେ ଇସ୍ତଫା ଦେଇଛନ୍ତି। ଜିଲ୍ଲା ସଭାପତି ପ୍ରଫୁଲ୍ଲ କୁମାର ସିଂହ ତାଙ୍କୁ ଉତ୍ତରୀୟ ପିନ୍ଧାଇ ବିଜେଡିକୁ ସ୍ୱାଗତ କରିଥିଲେ। ଏହି ଉତ୍ସବରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ମହମ୍ମଦ ସକିଲ, ଜିଲ୍ଲା ସାଧାରଣ ସମ୍ପାଦକ (ସଂଗଠନ) ତାପସ ମହାନ୍ତି, ରାଜ୍ୟ ପରିଷଦ ସଦସ୍ୟ ପ୍ରକାଶ ସିଂହ, ରାଜେନ୍ଦ୍ର ରଣା, ବିଷ୍ଣୁ ସାହୁ, ଜନସନ ମହାପାତ୍ର ଓ ସଞ୍ଜୟ ବେହେରାଙ୍କ ସମେତ ଦଳର ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଭିନ୍ନ ମୋଡ଼ ନେଲା ଜାଭିୟର୍ସ ସ୍କୁଲ ବିବାଦ

**କଟକ, ୩୧।୫(ସମିସ):** ଆଠଗଡ଼ ସେଣ୍ଟ ଜାଭିୟର୍ସ ସ୍କୁଲ୍ ବିବାଦକୁ ନେଇ ଚାଲିଥିବା ଟଣା ଓଟରା ବେଳକୁ ବେଳ ଭିନ୍ନ ମୋଡ ନେଉଛି। ଗତ ଶୁକ୍ରବାର ଅଭିଭାବକ ମାନେ ଆଠଗଡ଼ ଉପଜିଲ୍ଲାପାଳଙ୍କୁ ଭେଟି ଏଥିରେ ହସ୍ତକ୍ଷେପ କରିବାକୁ ଜଣାଇଥିବା ବେଳେ ଏହାର ସମାଧାନ ପାଇଁ ଉଭୟ ଗୋଷ୍ଠୀର ପଦାଧିକାରୀଙ୍କୁ ଡକାଇଥିଲେ। ସେଣ୍ଟ ଜାଭିୟର ଏଜୁକେଶନାଲ ସ୍କୁଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏହାର ଚିଫ ମ୍ୟାନେଜିଂ ଟ୍ରଷ୍ଟି ସମ୍ୟକ୍ ମହାନ୍ତି ଓ ନୂତନ ଭାବେ ଦାୟିତ୍ୱ ନେଇଥିବା ଆଠଗଡ଼ ସ୍କୁଲର ଅଧ୍ୟକ୍ଷ ଅନିଲ ମହାନ୍ତି ପକ୍ଷ ରଖିଥିଲେ। ତେବେ ମ୍ୟାନେଜମେଣ୍ଟ ବିତାଡ଼ିତ କରିଥିବା ଅଧ୍ୟକ୍ଷ ପ୍ରେମରାଜ ପାତ୍ର ଏବଂ ନିର୍ଦ୍ଦେଶକ ନ ଥିବା ବାରବାଟି ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଅଧ୍ୟକ୍ଷ ପ୍ରିୟଦର୍ଶୀ ନାୟକ ନିଜକୁ ନିର୍ଦ୍ଦେଶକ ବୋଲି ମିଥ୍ୟା କଥା କହି ନିଜର ପକ୍ଷ ରଖିଥିଲେ। ଅଧ୍ୟକ୍ଷ ଥାଇ ନିଜକୁ ନିର୍ଦ୍ଦେଶକ କହିବାର ଯଥାର୍ଥତା ନାହିଁ ବୋଲି ଟ୍ରଷ୍ଟ ପକ୍ଷରୁ ପ୍ରତିବାଦରେ କୁହାଯାଇଛି। ସୂଚନା ଥାଉକି ବାରବାଟି ଅଧ୍ୟକ୍ଷ ପ୍ରିୟଦର୍ଶୀ ନାୟକଙ୍କୁ ସେଣ୍ଟ ଜାଭିୟର୍ସ ଗ୍ରୁପ୍ ଅଫ୍ ସ୍କୁଲର କର୍ପୋରେଟ ମୁଖ୍ୟ ସମ୍ୟକ୍ ମହାନ୍ତି ରେଫରେନ୍ସ ନମ୍ବର୍ ଏସଏକ୍ସଜିଏସ/୨୧-୨୨/୦୭୫ ରେ ଗତ ୨୦୨୨ ମସିହା ଫେବୃଆରୀ ୨୪ ତାରିଖରେ ବାର୍ଷିକ ୨ ଲକ୍ଷ ୨୫ ହଜାର ଟଙ୍କାରେ ନିଯୁକ୍ତି ଦେଇଥିଲେ। ଯିଏ କି ସ୍କୁଲରୁ ବର୍ତ୍ତମାନ ଦ୍ୱିଗୁଣ ଦରମା ନେଉଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା ଜଣେ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇ ମୋଟା ଅଙ୍କର ବେତନ ନେଉଥିବା ବେଳେ ନିଜକୁ କେଉଁ ଆଧାରରେ ନିର୍ଦ୍ଦେଶକ ଭାବେ ମିଥ୍ୟା କଥା କହି ଦର୍ଶାଉଛନ୍ତି ତାହା ତଦନ୍ତ ସାପେକ୍ଷ ବୋଲି ସେଣ୍ଟ ଜାଭିୟର୍ସ ଏଜୁକେଶନାଲ ଗ୍ରୁପ୍ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ଅପର ପକ୍ଷେ ପୂର୍ବରୁ ନିର୍ଦ୍ଦେଶକ ଥିବା ଜି.ଏସ ପଟ୍ଟନାୟକଙ୍କୁ ତାଙ୍କ ପଦବୀରୁ ଟ୍ରଷ୍ଟ ବିତାଡ଼ିତ କରି ସାରି ଥିବା ବେଳେ ସେ ମଧ୍ୟ ନିଜକୁ ଏହି ପଦବୀରେ ଅଛନ୍ତି କହି ବିଦ୍ୟାଳୟରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ବୋଲି ଚିଫ୍ ମ୍ୟାନେଜିଂ ଟ୍ରଷ୍ଟି ସମ୍ୟକ୍ ମହାନ୍ତି କହିଛନ୍ତି।

# କଂଗ୍ରେସ ନେତାଙ୍କ ପିତୃ ବିୟୋଗ



**କଟକ, ୩୧।୫(ସମିସ):** କଂଗ୍ରେସ ନେତା ମାନସ ପରିଡ଼ାଙ୍କ ପିତା ପଦନ ପରିଡ଼ାଙ୍କର ୮୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ଥିଲେ। ଜଣେ ଧୀର, ନମ୍ର ଓ ମେଳାପୀ ମଣିଷ ଭାବେ ଜଣାଶୁଣା ଶ୍ରୀ ପରିଡ଼ାଙ୍କ ମୃତ୍ୟୁ ଖବର ପାଇ ଜଗତପୁର ଭୁବନପୁରସ୍ଥିତ ବାସଭବନରେ ବହୁ ସ୍ଥାନୀୟ ମୂରବୀ ଓ ରାଜନୈତିକ ନେତୃବୃନ୍ଦ ପହଞ୍ଚି ମରଶରୀରର ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଶେଷ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ବରିଷ୍ଠ କଂଗ୍ରେସ ନେତା ମାନସ ଚୌଧୁରୀ, ନଗର କଂଗ୍ରେସ ସଭାପତି ସାନ୍ତାୟନ ମିଶ୍ର, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପିସିସି କୋଷାଧ୍ୟକ୍ଷ ସିଦ୍ଧାର୍ଥ ଦାସ, ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ ଦାସ, ବିଜେପି ନେତ୍ରୀ ଶର୍ମିଷ୍ଠା ପ୍ରିୟଦର୍ଶିନୀ ଏବଂ ବିଜେଡି ସଂଗଠନ ସମ୍ପାଦକ ତାପସ ମହାନ୍ତିଙ୍କ ସମେତ ବିଭିନ୍ନ ଦଳର ଅନେକ କର୍ପୋରେଟର ଓ ଗ୍ରାମ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ସ୍ୱର୍ଗତ ପରିଡ଼ାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ସ୍ଥାନୀୟ ନିମପୁର ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ଏକମାତ୍ର ପୁତ୍ର ମାନସ ପରିଡ଼ା ମୁଖାଗ୍ନି ଦେଇଥିବା ବେଳେ ଏହି ସମୟରେ ପରିବାର ବର୍ଗ, ଆତ୍ମୀୟସ୍ୱଜନ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ବୁଢ଼ାବାବା ହସ୍ପିଟାଲରେ ସିପିଆର୍ ତାଲିମ ଶିବିର



**କଟକ, ୩୧।୫(ସମିସ):** ବର୍ତ୍ତମାନ ସମାଜରେ ବଢୁଥିବା ହୃଦରୋଗର ଭୟାବହତା ଓ ଜରୁରୀକାଳୀନ ସ୍ଥିତିରେ ଜୀବନ ରକ୍ଷା କରିବା ଉଦ୍ଦେଶ୍ୟରେ ରବିବାର କଟକ ଜୋବ୍ରା ରେହେମାନ ଛକସ୍ଥିତ ବୁଢ଼ାବାବା ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ପରିସରରେ ଏକ ସିପିଆର ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ହସ୍ପିଟାଲର ସମସ୍ତ କର୍ମଚାରୀ ଓ ରୋଗୀମାନଙ୍କ ସମ୍ପର୍କୀୟଙ୍କୁ ନେଇ ଆୟୋଜିତ ଏହି ଶିବିରରେ ଅଭିଜ୍ଞ ଚିକିତ୍ସକଙ୍କ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଘରେ କିମ୍ବା ରାସ୍ତାରେ କୌଣସି ବ୍ୟକ୍ତି ହୃଦରୋଗ ଯୋଗୁଁ ଚେତାଶୂନ୍ୟ ହୋଇପଡ଼ିଲେ, ଜଣେ ସାଧାରଣ ମଣିଷ ତାର ଛାତିକୁ ନିର୍ଦ୍ଦିଷ୍ଟ ସମୟସୀମା ପର୍ଯ୍ୟନ୍ତ ବାରମ୍ବାର ଚାପ ଦେଇ କିପରି ଜୀବନ ବଞ୍ଚାଇ ପାରିବ, ତାହା ଡେମୋ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ପ୍ରତ୍ୟେକ ରୋଗୀର ଜୀବନ ଆମ ପାଇଁ ଅତ୍ୟନ୍ତ ମୂଲ୍ୟବାନ, ଏହା ହିଁ ଏହି ଶିବିରର ମୂଳ ଲକ୍ଷ୍ୟ ବୋଲି ହସ୍ପିଟାଲର ପ୍ରତିଷ୍ଠାତା ତଥା ସର୍ଜରୀ ବିଶେଷଜ୍ଞ ଡାକ୍ତର ଉମେଶ ରାୟ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ଅଧ୍ୟକ୍ଷା ଡାକ୍ତର ରେଖା ଦାସ, ଡାକ୍ତର ସତ୍ୟଶୀଷ କବି, ଡାକ୍ତର ସୌମ୍ୟଦୀପ ଘୋଷ, ଡାକ୍ତର ଗୌରଭ ସିଟ, ଡାକ୍ତର ଶ୍ରୀମାନ ଶ୍ରୀଚନ୍ଦନ ଅଗସ୍ତୀ, ଡାକ୍ତର ଅସିତ ବେହେରା ଏବଂ ହସ୍ପିଟାଲର ପରିଚାଳନା ଅଧିକାରୀ ଜ୍ୟୋତି ମିଶ୍ର ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ମହାନଦୀ ବିହାରରେ ଚର୍ମ ରୋଗ ଚିକିତ୍ସା ଶିବିର



**କଟକ, ୩୧।୫(ସମିସ):** ଇଣ୍ଡିଆନ ଆସୋସିଏସନ ଅଫ ଡର୍ମାଟୋଲୋଜି ଭେନେରୋଲୋଜି ଆଣ୍ଡ ଲେପରୋଲୋଜି, ସୁଦର୍ଶନ ଜେନା ମେମୋରିଆଲ ଫାଉଣ୍ଡେସନ ଏବଂ ୱାଇଟ ଉଇଙ୍ଗ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ କଟକ ମହାନଦୀ ବିହାରଠାରେ ଏକ ଚର୍ମ ସ୍ୱାସ୍ଥ୍ୟ ସଚେତନତା ଓ ମାଗଣା ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଚର୍ମ ରୋଗର ନିରାକରଣ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବା ସହ ରୋଗୀମାନଙ୍କୁ ନିଶୁଳ୍କ ଡାକ୍ତରୀ ପରାମର୍ଶ ଓ ଔଷଧ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଇଏଡିଭିଏଲର ସଭାପତି ଡା. ମନୋଜ ରାମ ଯୋଗଦେଇ ଉପସ୍ଥିତ ସାଧାରଣ ଜନତାଙ୍କୁ ଚର୍ମର ଯତ୍ନ ଓ ବିଭିନ୍ନ ରୋଗ ସମ୍ପର୍କିତ ଅନେକ ଦରକାରୀ ତଥ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଆଇଏଡିଭିଏଲର ଓଡ଼ିଶା ପକ୍ଷରୁ ଚାଲିଥିବା 'ଆଣ୍ଟି-କ୍ୱାକେରୀ' (ଭୁଆ ଚିକିତ୍ସା ବିରୋଧୀ) ଅଭିଯାନ ସମ୍ପର୍କରେ ଅବଗତ କରାଯାଇଥିଲା। ଅଣଯୋଗ୍ୟ ବ୍ୟକ୍ତି ବା ଭୁଆ ଡାକ୍ତରଙ୍କ ପ୍ରଲୋଭନରେ ନ ପଡ଼ି, କୌଣସି ବି ଚର୍ମ ସମସ୍ୟା ପାଇଁ କେବଳ ସରକାରୀ ସ୍ୱୀକୃତିପ୍ରାପ୍ତ ତଥା ଯୋଗ୍ୟ ଚର୍ମରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବାକୁ ସଂଘ ପକ୍ଷରୁ ସାଧାରଣ ଜନତାଙ୍କୁ ବିଶେଷ ଭାବେ ଆହ୍ୱାନ କରାଯାଇଛି।

# ୪୨ମୌଜାରେ ଓଡ଼ିଶା ଜନତା କଂଗ୍ରେସର ବିଶାଳ ସଭା

**କଟକ, ୩୧।୫(ସମିସ)**

ଓଡ଼ିଶା ଜନତା କଂଗ୍ରେସ ପାର୍ଟି ପକ୍ଷରୁ କଟକର ୪୨ ମୌଜା ସ୍ଥିତ କଳପଡ଼ା ଗ୍ରାମ ପଞ୍ଚାୟତଠାରେ ଏକ ବୃହତ ସାଧାରଣ ସଭା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଦଳୀୟ ନେତା ଦୀପକ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଓଡ଼ିଶା ଜନତା କଂଗ୍ରେସର ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଗଠନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଦଳର ଆଦର୍ଶ, ନୀତି ଏବଂ ଶ୍ରୀ ମୋକିମଙ୍କ ନେତୃତ୍ୱ ପ୍ରତି ଅନୁପ୍ରାଣିତ ହୋଇ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟକ ସଂଗ୍ରାମୀ ଯୁବକ ଅନ୍ୟ ଦଳ ପରିତ୍ୟାଗ କରି ଓଡ଼ିଶା ଜନତା କଂଗ୍ରେସ ପାର୍ଟିରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି। ମୁଖ୍ୟ ଅତିଥି ଶ୍ରୀ ମୋକିମ୍ ସମସ୍ତ ନବ ଯୋଗଦେଇଥିବା ଯୁବ ସଦସ୍ୟଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ଦଳକୁ ସ୍ୱାଗତ କରିବା ସହ ଆଗାମୀ ଦିନରେ ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼ ଓ କ୍ରିୟାଶୀଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ସେ ନିଜ ବକ୍ତବ୍ୟରେ ଦୃଢ଼ୋକ୍ତି ପ୍ରକାଶ କରି କହିଥିଲେ ଯେ, ଓଡ଼ିଶା ଜନତା କଂଗ୍ରେସ ଆଗାମୀ ଦିନରେ ରାଜ୍ୟର ଏକ ପ୍ରମୁଖ ଯୁବ ପ୍ରାଧାନ୍ୟ ଦଳ ଭାବେ ଉଭା ହେବ। ଦଳ ସବୁବେଳେ ଯୁବପିଢ଼ିଙ୍କୁ ସର୍ବାଧିକ ଗୁରୁତ୍ୱ ଓ ନେତୃତ୍ୱ ଦେବା ସହ ସେମାନଙ୍କ ଉର୍ଜା, ସାମର୍ଥ୍ୟ




ଓ ସାହସକୁ ପାଥେୟ କରି ସାଧାରଣ ଲୋକଙ୍କ ସେବା କରିବ ବୋଲି ସେ ପ୍ରକାଶ କରିଥିଲେ। ଏହି ସମାବେଶରେ ଉଦ୍‌ବୋଧନ ଦେଇ ଶ୍ରୀ ମୋକିମ୍ ୪୨ ମୌଜା ଅଞ୍ଚଳର ବିକାଶକୁ ନେଇ ସରକାରଙ୍କ ଉପରେ ବର୍ଷିବା ସହ ଗଭୀର କ୍ଷୋଭ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ଏହି ଅଞ୍ଚଳ ପାଇଁ ପୂର୍ବରୁ ଥିବା ସରକାର କିମ୍ବା ବର୍ତ୍ତମାନର ସରକାର କେହି ବି ସେଭଳି କୌଣସି ଉନ୍ନତିମୂଳକ କାର୍ଯ୍ୟ କରିନାହାନ୍ତି। ଦୀର୍ଘ ଦିନ ଧରି ଏହି ସମୃଦ୍ଧ ଅଞ୍ଚଳକୁ ପ୍ରଶାସନିକସ୍ତରରେ ଅବହେଳିତ କରି ରଖାଯାଇଛି, ଯାହା ଫଳରେ ସ୍ଥାନୀୟ ଜନସାଧାରଣ ସେମାନଙ୍କର ଅନେକ ସର୍ବନିମ୍ନ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଏହି ସ୍ଥାଣୁତା, ଶୋଷଣ ଓ ଅବହେଳା ବିରୋଧରେ ଏବଂ ସ୍ଥାନୀୟ ଅଞ୍ଚଳର ହକ୍ ଓ ପ୍ରଗତି ପାଇଁ ଯୁବପିଢ଼ିଙ୍କୁ ବହୁ ସଂଖ୍ୟାରେ ଆଗେଇ ଆସିବାକୁ ସେ ଅନୁରୋଧ କରିଥିଲେ। ଦଳ ସବୁବେଳେ ସାଧାରଣ ଗରିବ ଓ ମଧ୍ୟବିତ୍ତ ଲୋକଙ୍କ ସୁଖଦୁଃଖରେ ସାମିଲ ହୋଇ ସେମାନଙ୍କ ହକର ସ୍ୱର ସାଜିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସମ୍ମିଳନୀରେ ଦଳର ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ଯୋଗଦେଇ ଦଳୀୟ ସଂଗଠନକୁ ତୃଣମୂଳସ୍ତରରୁ କିପରି ମଜବୁତ କରାଯାଇପାରିବ ସେ ନେଇ ଗୁରୁତ୍ୱାରୋପ କରିଥିଲେ। ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ କର୍ମୀ ଏହି ସମ୍ମିଳନୀରେ ସାମିଲ ହୋଇ ଆଗାମୀ ଦିନରେ ଦଳୀୟ କାର୍ଯ୍ୟକ୍ରମକୁ ଏକ ବ୍ୟାପକ ଗଣଆନ୍ଦୋଳନର ରୂପ ଦେବା ପାଇଁ ସଂକଳ୍ପ କରିଥିଲେ। ସଭାର ଶେଷ ପର୍ଯ୍ୟାୟରେ ବରିଷ୍ଠ ଯୁବନେତା ଅନୀଲ କୁମାର ବେଉରା ଓ ସୂର୍ଯ୍ୟକାନ୍ତ ରାଉତ ସଭାରେ ଉପସ୍ଥିତ ଥିବା ସମସ୍ତ ନେତୃବୃନ୍ଦ, ଯୋଗଦେଇଥିବା ଯୁବକ ଓ କର୍ମୀମାନଙ୍କୁ ସେମାନଙ୍କର ଉତ୍ସାହଜନକ ଉପସ୍ଥିତି ଏବଂ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷାବିତ୍ ଖଲିକୁଜ ଜମାନ ଖାନ, ପ୍ରସନ୍ନ

- ଦଳରେ ସାମିଲ ହେଲେ ଶତାଧିକ ଯୁବକ
- ସରକାରଙ୍କ ଅବହେଳା ବିରୋଧରେ ଗର୍ଜିଲେ ମୋକିମ୍

ପତି, ମହେଶ୍ୱର ପତି, ଅଭୟ ମହାପାତ୍ର, ବିରଜା ଭୂଷଣ ପତି, ଅଶୋକ ଦାସ, ଅଜୟ ମଲ୍ଲିକ, ଦୀପକ ମଲ୍ଲିକ, ସୁଦର୍ଶନ ସଙ୍କୁଆ, ପ୍ରକାଶ ଭୋଇ, ସମ୍ବିତ ପରିଡ଼ା, ବିକାଶ ପରିଡ଼ା, ସମ୍ବିତ୍ ବିଶ୍ୱାଳ, ଅଶ୍ୱିନୀ ନାୟକ, ରମେଶ ମଲ୍ଲିକ, ଅମ୍ଳାନ ମାଝୀ, ପ୍ରତାପ ପତି, ଜୀବନ ଜେନା, ରାଜକିଶୋର ଭୋଇ, ସୁରେନ୍ଦ୍ର ଲେଙ୍କା, ପ୍ରତାପ ସ୍ୱାଇଁ, ବଂଶୀଧର ସାହୁ, ରମେଶ ମଲ୍ଲିକ, ଧନଞ୍ଜୟ ରଥ, ନୃସିଂହ ସାମନ୍ତରାୟ, ତପନ ବାରିକ ଓ ସାଲିଆ ଭୋଇଙ୍କ ସମେତ ବହୁ ବ୍ୟକ୍ତି ସହଯୋଗ କରିଥିଲେ।

## ଭତ୍ତା ପାଇଁ ଲୋକେ ହନ୍ତସନ୍ତ

# ଦୁଇମାସ ହେବ ଆକାଉଣ୍ଟକୁ ଆସୁନି ଭତ୍ତା

କଣ୍ୟାଁଗୋଲା, ୩୧।୫ (ସମିସ)

ଆଜିକୁ ପ୍ରାୟ ଦୁଇ ମାସ ହେବ ଦଶରଥପୁର ବ୍ଲକ ଅଧୀନରେ ଭତ୍ତା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଆସୁଥିବା ଭତ୍ତା ଟଙ୍କା ଆସୁନାହିଁ। ଫଳରେ ଭତ୍ତା ହିତାଧିକାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଫଳରେ ଏହାର ପ୍ରଭାବରେ ଭତ୍ତା ଜମାଖାତା ଯାଞ୍ଚ ପାଇଁ ପ୍ରତିଦିନ ବ୍ୟାଙ୍କ ସମ୍ମୁଖରେ ବୃଦ୍ଧବୃଦ୍ଧାଙ୍କ ସମେତ ଦିବ୍ୟାଙ୍ଗ, ବିଧବା ମହିଳାମାନେ ଲମ୍ବା ଲାଇନ୍ରେ ଛିଡ଼ା ହେଉଛନ୍ତି। ହେଲେ ବଡ଼ ଦୁଃଖ ଓ ପରିତାପର ବିଷୟ ଯେଉଁ ମାନେ ଭତ୍ତା ନେଲେ ତାଙ୍କ ଘରର ଚୁଲି ଜଳେ ସେମାନେ ମଧ୍ୟ ଆଜି ଅସହାୟ। ହେଲେ କେବେ ଏହି ଭତ୍ତା ଟଙ୍କା ଆସିବ, ସେ ସଂକ୍ରାନ୍ତରେ କେହି ଉତ୍ତର ଦେଇପାରୁ ନାହାନ୍ତି। ଫଳରେ ହିତାଧିକାରୀ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାହାର ଚା' ପାଣି ଖର୍ଚ୍ଚ ଅଟକି ଯାଇଛି ତ ଆଉ କିଛି ହିତାଧିକାରୀ ଔଷଧ କିଣିପାରୁନାହାନ୍ତି। ଗଲା ଦୁଇମାସ ହେବ ଲାଗି ରହିଥିବା ଏହି ସମସ୍ୟାରେ ପଞ୍ଚାୟତ ଅଫିସ୍ ଆଗରେ ଶତାଧିକ ହିତାଧିକାରୀଙ୍କ ଭିଡ଼ ଦେଖିବାକୁ ମିଳୁଛି। ସେଣ୍ଟ୍ରାଲ ସ୍କିମ ଅଧୀନରେ ବ୍ୟାଙ୍କ ଖାତାକୁ ଟଙ୍କା ପ୍ରେରଣ କରାଯାଉଥିବା ବେଳେ ଷ୍ଟେଟ ସ୍କିମରେ ହାତକୁ ହାତ ଭତ୍ତା ଟଙ୍କା ପ୍ରଦାନ କରାଯାଇଥାଏ। ବ୍ଲକର ୯୬୫୪ ଜଣ ସେଣ୍ଟ୍ରାଲ ସ୍କିମ ଭତ୍ତା ପାଇଥାନ୍ତି। ପୂର୍ବ ସରକାର ସମୟରେ ଏହି ଭତ୍ତା ଟଙ୍କା ୧୦ ତାରିଖରୁ ୧୫ ତାରିଖ ମଧ୍ୟରେ ମିଳୁଥିବା ବେଳେ ତାହା ଏବେ ୨୫ରୁ ୩୦ ତାରିଖରେ ପହଞ୍ଚିଲାଣି। ସେହିପରି ବ୍ୟାଙ୍କ ଖାତାକୁ ଭତ୍ତା ଟଙ୍କା ମାସେ ଯାଇ ଦୁଇ ମାସ ପୂରିବାକୁ ବସିଲାଣି; ହେଲେ ହିତାଧିକାରୀ ପଞ୍ଚାୟତ, ପଞ୍ଚାୟତରୁ ବ୍ଲକ ଏବଂ ପରିଶେଷରେ ବ୍ଲକରୁ ବ୍ୟାଙ୍କ ଯାଏଁ ଦୌଡ଼ି ଦୌଡ଼ି ନୟାନ୍ତ ହେଇ ଗଲେଣି। ପ୍ରଥମତଃ ପ୍ରାୟ ଦେଢ଼ ବର୍ଷ ହେବ ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀମାନେ ଠିକ୍ ସମୟରେ ବ୍ୟାଙ୍କ ଆକାଉଣ୍ଟରେ ପାଉନାହାନ୍ତି। ଦ୍ୱିତୀୟତଃ ମଧୁବାବୁ ପେନ୍ସନ୍ ଯୋଜନା ଅନ୍ତର୍ଗତ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା ଆଦି ପାଇବା ପାଇଁ ଯୋଗ୍ୟ ହିତାଧିକାରୀଙ୍କୁ ଆବେଦନ କରିବା ପରେ ମଧ୍ୟ ଆଜିକୁ ଦୁଇବର୍ଷ ଧରି ଅପେକ୍ଷା କରିବାକୁ ପଡୁଛି। ଏହଦ୍ୱାରା ବହୁ ଗରିବ ଯୋଗ୍ୟ ହିତାଧିକାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ପଛରେ ମୂଳ କାରଣ ଟାର୍ଗେଟ୍ ପୂରଣ, ପ୍ରତ୍ୟେକ ବ୍ଲକ ନିମନ୍ତେ କୋଟା ଧାର୍ଯ୍ୟ ହେଉଛି। କୋଟାରୁ ଅଧିକ ହିତାଧିକାରୀଙ୍କୁ ସେଥିରେ ସାମିଲ କରିବା ପାଇଁ ନିର୍ଦ୍ଦେଶନାମା ନାହିଁ। ଦୁଃଖଦୁର୍ଦ୍ଦଶାରେ କାଳାତିପାତ କରୁଥିବା ଗରିବ ଖଟିଖିଆ, ଭିନ୍ନକ୍ଷମଙ୍କ ପ୍ରତି କାହାରି ନିଘା ନାହିଁ। ଏଣୁ ସାମାଜିକ ନିରାପତ୍ତା ଦୃଷ୍ଟିରୁ ସମାଜର ଅବହେଳିତ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଭତ୍ତା ପ୍ରଦାନ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସହିତ ଅଟକିଥିବା ଦୁଇମାସର ଭତ୍ତା ତୁରନ୍ତ ଦେବାକୁ ସେ ସାଧାରଣରେ ଦାବି ହୋଇଛି।

ତେବେ ଏ ନେଇ ଦଶରଥପୁର ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସ୍ୱାଧୀନା କ୍ରିଷ୍ଟାବାଳାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଡିବିଟି ଫେଲ୍ ହେଇଯିବାରୁ ଟଙ୍କା ଆସିପାରିନାହିଁ। ଦୁଇ ମାସର ଟଙ୍କା ଏକାଥରକେ ହିତାଧିକାରୀଙ୍କ ଆକାଉଣ୍ଟକୁ ଆସିବ। ତତ୍‌ସହିତ ସମୟ କ୍ରମେ ଆସୁଥିବା ଟାର୍ଗେଟ ମୁତାବକ ଆବେଦନ କରି ରହିଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ଭତ୍ତା ଯୋଗାଇ ଦିଆଯାଉଛି। ଉଭୟ ସମସ୍ୟାର ସମାଧାନ ଦିଗରେ ବ୍ଲକର ସାମାଜିକ ସୁରକ୍ଷା ଅଧିକାରିଣୀ ସ୍ୱାଧୀନା କ୍ରିଷ୍ଟାବାଳା ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ସହ ଖୁବଶୀଘ୍ର ଏହାର ସମାଧାନ ହୋଇଯିବା ନେଇ ପ୍ରତିକ୍ରିୟା ଦେଇଛନ୍ତି।

# ସ୍କୁଲ ଖେଳପଡ଼ିଆରେ ବାତ୍ୟା ଆଶ୍ରୟସ୍ଥଳି ରାସ୍ତା ନିର୍ମାଣ ଅଭିଯୋଗ



ମଙ୍ଗଳପୁର, ୩୧।୫ (ସମିସ): ଦଶରଥପୁର ବ୍ଲକ କଣ୍ୟାଁ ପଞ୍ଚାୟତ ଦୁବକଣ ଗାଁ ନିକଟ ଜୟଚଣ୍ଡୀ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ନିକଟରେ ଏକ ବାତ୍ୟା ଆଶ୍ରୟ ସ୍ଥଳି ନିର୍ମାଣ କାର୍ଯ୍ୟ ଚାଲୁରହିଛି। ମାତ୍ର ନିୟମ ଅନୁଯାଇ ଯେକୌଣସି କାର୍ଯ୍ୟ ହେବା ପୂର୍ବରୁ କାର୍ଯ୍ୟ ସମ୍ପର୍କିତ ଏକ ସୂଚନା ଫଳକ ଲଗାଯାଇଥାଏ। ମାତ୍ର ଏହି ବାତ୍ୟା ଆଶ୍ରୟ ସ୍ଥଳିର ନିର୍ମାଣ କାର୍ଯ୍ୟ ପ୍ରାୟ ୪ ବର୍ଷ ହେବ ଚାଲିଥିବା ବେଳେ କାର୍ଯ୍ୟ ସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇ ନଥିବା ଦେଖିବା ପାଇଁ ମିଳିଛି। ବର୍ଷ ପରେ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟ ଖୁବ ମନ୍ଥର ଗତିରେ ହେଉଥିବା ଦେଖିବା ପାଇଁ ମିଳିଛି। ସେହିପରି ବାତ୍ୟା ଆଶ୍ରୟ ସ୍ଥଳୀକୁ ସଂଯୋଗ କରୁଥିବା ରାସ୍ତା କାର୍ଯ୍ୟ ଚାଲୁଥିବା ବେଳେ ଏହି ରାସ୍ତା ଜୟଚଣ୍ଡୀ ହାଇସ୍କୁଲ ଖେଳ ପଡ଼ିଆ ଉପରେ ନିର୍ମାଣ କରାଯାଉଛି ବୋଲି ଅଭିଯୋଗ ହୋଇଛି। ଖେଳ ପଡ଼ିଆଟିରେ ହାଇସ୍କୁଲର ଛାତ୍ରଛାତ୍ରୀ ଖେଳଖୁଦ କରୁଥିବା ବେଳେ ବର୍ତ୍ତମାନ ଖରା ଛୁଟି ପାଇଁ ବିଦ୍ୟାଳୟ ଛୁଟିଥିବାରୁ ଏହାର ସୁଯୋଗ ନେଇ ଠିକାଦାର ଖେଳପଡ଼ିଆ ଉପରେ ରାସ୍ତା ନିର୍ମାଣ କରିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଠିକାଦାର ମାପ ଚୁପ ନକରି ସ୍କୁଲ ଖେଳପଡ଼ିଆ ଉପରେ ରାସ୍ତା ନିର୍ମାଣ କଲେ ଏହାକୁ ନେଇ ସ୍ଥାନୀୟ ଲୋକେ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିବା ଶହ ଆବଶ୍ୟକ ସ୍ଥଳେ କୋର୍ଟର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ଏସଏମଡିସି କମିଟି ଶହ ଠିକାଦାର କୌଣସି ଆଲୋଚନା ନକରି ଖେଳପଡ଼ିଆ ଉପରେ ରାସ୍ତା ନିର୍ମାଣ କରିବା ପାଇଁ ଠିକାଦାରଙ୍କୁ କିଏ ଅନୁମତି ପ୍ରଦାନ କରିଛନ୍ତି ଏହାର ତଦନ୍ତ କରି ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଶହ ସ୍କୁଲ ଖେଳ ପଡ଼ିଆ ଉପରେ ବେଆଇନ ଭାବେ ନିର୍ମାଣ ହୋଇଥିବା ରାସ୍ତା କାର୍ଯ୍ୟ ବନ୍ଦ କରିବା ଶହ ଖେଳ ପଡ଼ିଆ ମୁକ୍ତ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏଥିନେଇ ବିଭାଗୀୟ ଜେଇଙ୍କ ସହ ଯୋଗାଯୋଗ କରାଯାଇଥିବା ବେଳେ ମୁଁ ଅଭିଯୋଗ ପାଇଛି ଓ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବି ବୋଲି କହିଥିଲେ।

# କାଳବୈଶାଖୀରେ ୩୦ରୁ ଊର୍ଦ୍ଧ୍ୱ ବାଦୁଡ଼ିଙ୍କ ମୃତ୍ୟୁ

କବାଟବନ୍ଧ, ୩୧।୫ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ କବାଟବନ୍ଧ ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ ହୋଇଥିବା କାଳବୈଶାଖୀରେ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିବା ସହିତ କିଛି ବିରଳ ପ୍ରଜାତିର ପକ୍ଷୀଙ୍କ ମଧ୍ୟ ମୃତ୍ୟୁ ହୋଇଯାଇଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଏବଂ ପକ୍ଷୀ ପ୍ରେମୀଙ୍କ ମନରେ ଗଭୀର ଆଘାତ ଲାଗିଛି। ଦୀର୍ଘ ପ୍ରାୟ ଶହେ ବର୍ଷରୁ ଊର୍ଦ୍ଧ୍ୱ ହେବ ଜେନାପୁର ଥାନା ଅଞ୍ଚଳ କବାଟବନ୍ଧ ବଣିଆସାହି ନିକଟରେ ହାଜର ହଜାର ସଂଖ୍ୟାରେ ବାଦୁଡ଼ି ରହି ଆସୁଛନ୍ତି। ବ୍ରାହ୍ମଣୀ ନଦୀ କୂଳରେ ଏହି ଗାଁ ନିକଟରେ ଥିବା ବରଗଛ, ଇନ୍ଦଗଛ ଆଦିରେ ରହି ଆସୁଛନ୍ତି। ଅସହ୍ୟ ଗ୍ରୀଷ୍ମ ପ୍ରବାହ କାରଣରୁ ବନ ବିଭାଗ ଉଦ୍ୟମରେ ଅଗ୍ନିଶମ ବିଭାଗ ଦ୍ୱାରା ପ୍ରତ୍ୟେକ ବର୍ଷ ଥରେ ଦୁଇ ଥର ପାଣି ଛିଞ୍ଚନ କରାଯାଏ ହେଲେ ସେମାନଙ୍କ ସୁରକ୍ଷା ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଏ ନାହିଁ। ଗ୍ରାମବାସୀଙ୍କ ଉଦ୍ୟମରେ ଏହି ବିରଳ ଏବଂ ବିଲୁପ୍ତ ପ୍ରାୟ ପକ୍ଷୀ ମାନଙ୍କୁ ଶିକାରୀମାନଙ୍କ କବଳରୁ ରକ୍ଷା କରାଯାଏ। ଶୁକ୍ରବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ଉକ୍ତ ଗଛରେ ରହିଥିବା ବାଦୁଡ଼ିମାନେ ଖସି ପଡ଼ି ମୃତାହତ ହୋଇଥିଲେ। କାଳବୈଶାଖୀ ସମୟରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ବାଦୁଡ଼ି ମୃତ୍ୟୁବରଣ କରିଥିଲେ। ଏହା ବ୍ୟତୀତ ଅନେକ ବାଦୁଡ଼ି ଖସି ପଡ଼ିବା ଫଳରେ ଡେଣା ଭାଙ୍ଗି ଆହତ ହୋଇ ଚିକିତ୍ସା ଅଭାବରୁ ମୃତ୍ୟୁବରଣ କରିଥିଲେ। ପ୍ରଶାସନ ତଥା ଜଙ୍ଗଲ ବିଭାଗ ପକ୍ଷରୁ ସେମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।



# ବାଲିଆ-ବାଲିକୁଦା ରାସ୍ତା ପାଲଟିଛି ମରଣ ଯନ୍ତା



ବରୀ, ୩୧।୫ (ସମିସ): ସରକାର ଗମନାଗମନ କ୍ଷେତ୍ରରେ ସର୍ବାଧିକ ଗୁରୁତ୍ୱ ଦେଉଥିବା ବେଳେ ଏଠାରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ବାଲିଆ ବାଲିକୁଦା ରାସ୍ତା କ୍ଷେତ୍ରରେ। କଟକ ବଡ଼ ଡାକ୍ତରଖାନା ଯିବାକୁ ହେଉ ଅବା ଯେକୌଣସି ସରକାରୀ କାର୍ଯ୍ୟାଳୟ ଯିବାକୁ ହେଲେ ଧାରପୁର, ଚନ୍ଦନପୁର, ଗୋଲକୁଣ୍ଡ, ସ୍ୱାଇଁଖଣ୍ଡ, ବାଲିଆ, ଇଶାଣପୁର, ସାହୁପଡ଼ା, ପଞ୍ଚାୟତର ଲୋକମାନେ ସାଧାରଣତଃ ଏହି ବାଲିଆ-ବାଲିକୁଦା ରାସ୍ତା ଦେଇ ହିଁ ଯାତାୟତ କରିଥାନ୍ତି। ସେପଟୁ ତାଲୁଆ, ବାଲିକୁଦା, ମୂଷାଟିକିରି, ରଇପୁର, ବଣିଆରି, ବରପଦା, ସାଉଡ଼ିଆ, ନିଆଳି, ଜନକ ପ୍ରଭୃତି ଗ୍ରାମର ଲୋକମାନେ ବାଲିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରି ଏହି ରାସ୍ତା ଦେଇ ଆସୁଥିବା ବେଳେ ଉପରୋକ୍ତ ଗ୍ରାମ ଗୁଡ଼ିକରୁ ଛାତ୍ରଛାତ୍ରୀ ଅଭିମନ୍ୟୁ ସାମନ୍ତସିଂହାର ମହାବିଦ୍ୟାଳୟକୁ ଅଧ୍ୟୟନ ପାଇଁ ଆସିଥାନ୍ତି। ଅନୁରୂପ ଭାବେ ଉକ୍ତ ରାସ୍ତା ଦେଇ ଚାରି ପାଞ୍ଚ ଗୋଟି ଯାତ୍ରୀବାହୀ ବସ୍ ଚାଲୁଥିବା ବେଳେ ଆମ୍ବୁଲାନ୍ସ, ଏଟିଏମ୍ ପରିଚାଳନା ପାଇଁ ପ୍ରତ୍ୟେହ ଦୁଇ ତିନିଟି ଗାଡ଼ି ଶିଶୁମନ୍ଦିର ପିଲାମାନଙ୍କୁ ନେବା ଆଣିବା କରିବାକୁ ଗାଡ଼ି ଏବଂ ପ୍ରତେକ ଦିନ ସହ ସହ ଯାନ ବାହାନ ଯାତାୟତ କରୁଥିବା ବେଳେ ପ୍ରତେକ ଦିନ ଛୋଟ ବଡ଼ ଦୁର୍ଘଟଣା ମାନ ଘଟୁଥିବା ଦେଖିବାକୁ ମିଳୁଛି। ବାଲିଆରୁ ବାଲିକୁଦାକୁ ଯାଇଥିବା ସଡ଼କଟିର ପ୍ରଥମ ୩.୩୫ କିମି ଅଞ୍ଚଳ ବରୀ ବ୍ଲକ ଅଧୀନରେ ଥିବା ବେଳେ ଅବଶିଷ୍ଟ ଅଞ୍ଚଳ ବଡ଼ଚଣା ବ୍ଲକ ଅଧୀନରେ ରହିଛି। ବାଲିଆ ଠାରୁ ବଡ଼ଚଣା ବ୍ଲକ ସୀମାନ୍ତ ପର୍ଯ୍ୟନ୍ତ ପିଚୁ ହୋଇଥିବା ବେଳେ ସେପଟୁ କିଛି ଅଂଶ ମଧ୍ୟ ପିଚୁ ହୋଇଛି, କିନ୍ତୁ ଏହାର ମଝିରେ ପ୍ରାୟ ୫୦୦ ମିଟର ଢଳେଇ ରାସ୍ତା ଅବସ୍ଥା ନ କହିଲେ ଭଲ ଆଣ୍ଠୁଏ ଆଣ୍ଠୁଏ ଖାଲ, ବଡ଼ ବଡ଼ ଗୋଡ଼ି ଗୁଡିକ ରାସ୍ତାରୁ ଉଠି ଏପରି ବିକ୍ଷିପ୍ତ ହୋଇପଡ଼ିଛି। ଗାଡ଼ି ମଟର କଥା ଅଲଗା ପାଦରେ ଚାଲି ଚାଲିଯିବା କଷ୍ଟକର ହୋଇପଡୁଛି। କିନ୍ତୁ ପରିତାପର ବିଷୟ ଉକ୍ତ ରାସ୍ତାର ଉନ୍ନତି କରଣ କାର୍ଯ୍ୟ ପାଇଁ ପ୍ରଶାସନିକ ଅଧିକାରୀ, ବିଭାଗୀୟ କର୍ତ୍ତୃପକ୍ଷ ବା ନିର୍ବାଚିତ ପ୍ରତିନିଧି କାହାରି ନଜର ନାହିଁ। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଉକ୍ତ ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ କରିବାକୁ ସାଧାରଣରେ ଦାବି ହେଉଛି।

# ରଣାଗୁଣ୍ଡିରେ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର



ଯଖପୁରା, ୩୧।୫ (ସମିସ): କଳିଙ୍ଗନଗର ଶିଳ୍ପାଞ୍ଚଳରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ହେଉଥିବାରୁ ଏହାକୁ ଦୃଷ୍ଟିରେ ରଖି ଶ୍ରୀବିନାୟକ ହସ୍ପିଟାଲ ଏବଂ ଷ୍ଟିଲ ସିଟି ପ୍ରେସ୍ କ୍ଲବର ମିଳିତ ଆନୁକୂଲ୍ୟରେ ଦାନଗଦି ବ୍ଲକର ରଣାଗୁଣ୍ଡି ଗ୍ରାମପଞ୍ଚାୟତରେ ଏକ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସ୍ଥାନୀୟ ଅଞ୍ଚଳରୁ ୫୦ରୁ ଊର୍ଦ୍ଧ୍ୱରୋଗୀ ଉପସ୍ଥିତ ଥିବା ବେଳେ ଭୁବନେଶ୍ୱର ଓ କଟକରୁ ଆସିଥିବା ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ନିଜେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏହି ଶିବିରରେ ବ୍ଲଡ୍ ପ୍ରେସର, ଡାଇବେଟିସ, ଇସିଜି, ହାର୍ଟ, ଦାନ୍ତ, ଚକ୍ଷୁ ଆଦି ରୋଗର ମାଗଣା ପରୀକ୍ଷା କରାଯାଇଥିଲା। କଳିଙ୍ଗନଗରରେ ମିଳିତ ସ୍ୱାସ୍ଥ୍ୟ ଶିବିରକୁ ଜନସାଧାରଣ ପ୍ରଶଂସା କରିଛନ୍ତି। ଉକ୍ତ ଶିବିରରେ ଷ୍ଟିଲ ସିଟି ପ୍ରେସ୍ କ୍ଲବର ସମସ୍ତ ସଦସ୍ୟ, ଶ୍ରୀବିନାୟକ ହସ୍ପିଟାଲର ମାଲିକ ଉମେଶ ସାମଲ ସମେତ କର୍ମଚାରୀ ଉପସ୍ଥିତ ଥିଲେ।

# ପୁରାତନ ଛାତ୍ରଛାତ୍ରୀଙ୍କ ପୂଜ୍ୟପୂଜା ସମାରୋହ



ବଡଚଣା, ୩୧।୫ (ସମିସ): ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ମହାବିଦ୍ୟାଳୟର ୧୯୯୨ ମସିହା ସ୍ନାତକ ବ୍ୟାଚ ପୁରାତନ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ ଓ ପୂଜ୍ୟ ପୁଜା ସମାରୋହ ବଡ଼ଚଣା ବ୍ଲକ ଅନ୍ତର୍ଗତ ଅଭୟପୁର ସ୍ଥିତ ଲୋକବିକାଶ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଙ୍ଘର ଉପସଭାପତି ପ୍ରଦୀପ କୁମାର ଧଳଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମହେନ୍ଦ୍ର କୁମାର ନାୟକ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଡିଏସ୍‌ପି ଭିଜିଲାନ୍ସ ବୈଦ୍ୟନାଥ ସାମଲ, ବିଜୟ କେତନ ସାମଲ, ଦେବରାଜ ବେହେରା, ସୀମାରଣୀ କର, ରେଣୁବାଳା ବିଶ୍ୱାଳ, ପ୍ରଜ୍ଞା ପାରମିତା ମାହାଲା, ଧ୍ରୁବଚରଣ ଗନ୍ତାୟତ, ବୈକୁଣ୍ଠ ସାହୁ, ସୁରେଶ୍ ଚନ୍ଦ୍ର ବରାଳ, ଦିଲ୍ଲୀପ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏଥିସହିତ ପ୍ରାକ୍ତନ ଅଧ୍ୟକ୍ଷ ଡ. ନରେନ୍ଦ୍ର କୁମାର ମହାନ୍ତି, ଡ. ଅଜୟ କୁମାର ଲେଙ୍କା, ଡ. କେଦାରନାଥ ଦାଶ, ଡ. ବିନାୟକ ପଣ୍ଡା, ସୁବାସ ଚନ୍ଦ୍ର ବିଶ୍ୱାଳ, ସୁରେନ୍ଦ୍ର ନାଥ ପଣ୍ଡା, ବିଜୟ କୁମାର ସାମଲ, ପୀତବାସ ମହାନ୍ତି, ପବିତ୍ର ମୋହନ ମାହାଲା, ଦେବୀ ପଟ୍ଟନାୟକ, ପ୍ରଭାବତୀ ପଣ୍ଡା, ପ୍ରମୋଦ କୁମାର କର, ଆଇନଜୀବୀ ସୁରେନ୍ଦ୍ର ନାଥ କର, ଲୋକବିକାଶ ର ଅଧ୍ୟକ୍ଷ ଅବଦୁଲ୍ ରଫିକ୍ ପ୍ରମୁଖଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ପୁରାତନ ଛାତ୍ର ଓ ଅଧ୍ୟାପକ ଅଧ୍ୟାପିକାଙ୍କ ବିୟୋଗରେ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ପୁରାତନ ଛାତ୍ର ରବୀନ୍ଦ୍ର ନାଥ ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନୂତନ ପ୍ରକଳ୍ପର ଶିଳାନ୍ୟାସ



ବାରୀ, ୩୧।୫ (ସମିସ): ଜାରକା ଜଳସେଚନ ବିଭାଗ, ଜାରକା ବିଭାଜନ ଅଧୀନରେ ଥିବା ଦୁଧେଇ ନଦୀର ବାମ ପାର୍ଶ୍ୱ ଢିଅସାହି ସେତୁ ନିକଟ ନଦୀ ତଟ ସୁରକ୍ଷା କାର୍ଯ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବନ୍ୟା ସମୟରେ ଏହି ନଦୀର କୂଳ ଖାଇ ଚାଷ ଜମି ଗୁଡିକ ନଦୀ ଗର୍ଭରେ ଲୀନ ହେଉଥିଲା। ତେଣୁ ସ୍ଥାନିୟ ଗ୍ରାମବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ ଏ ନେଇ ସେମାନେ ବରୀ ବିଧାୟକଙ୍କ ନିକଟରେ ଅଭିଯୋଗ ମଧ୍ୟ କରିଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ଅନୁରୋଧକୁ ଗୁରୁତ୍ୱ ଦେଇ ସଂପୃକ୍ତ ବିଭାଗ ସହିତ ଆଲୋଚନା କାରି ପ୍ରକଳ୍ପ ମଞ୍ଜୁରୀ ହେବା ପରେ ଆଜି ସମ୍ପୃକ୍ତ ବିଭାଗ ପକ୍ଷରୁ ସେଠାରେ ଏକ କୋଟି ୩୫ ଲକ୍ଷ ଟଙ୍କା ବ୍ୟୟରେ ୫୪୦ ଫୁଟ ଦୈର୍ଘ୍ୟର ଏକ ପଥର ପ୍ୟାକିଂ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ନଦୀ ବନ୍ଧର ପଥର ପ୍ୟାକିଂ ହେଲେ ନଦୀ ବନ୍ଧ ସୁରକ୍ଷା ହେବା ସହିତ ଚାଷ ଜମିର ସୁରକ୍ଷା ମଧ୍ୟ ହୋଇପାରିବ ବୋଲି ଉପସ୍ଥିତ ଅଧିକାରୀମାନେ କହିଛନ୍ତି। ସରପଞ୍ଚ ମଧୁସ୍ମିତା ସାମଲଙ୍କ ସମେତ ସ୍ଥାନୀୟ ଲୋକମାନେ ବରୀ ବିଧାୟକଙ୍କ ଏତାଦୃଶ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

# ବ୍ୟାଙ୍କରେ ନାହିଁ ଏସି, ଗ୍ରାହକ ହନ୍ତସନ୍ତ

କବାଟବନ୍ଧ, ୩୧।୫ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ଜେନାପୁର ଠାରେ ରହିଥିବା ଓଡ଼ିଶା ଗ୍ରାମୀଣ ବ୍ୟାଙ୍କରେ ଲୋକମାନେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁଁ ହନ୍ତସନ୍ତ ହେଉଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ଗ୍ରହଣ କରୁନାହାଁନ୍ତି। ଚଣ୍ଡିଖୋଲ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନରେ ରହିଥିବା ଜେନାପୁର ଶାଖାରେ ପ୍ରାୟ ହଜାର ଗ୍ରାହକ ରହିଛନ୍ତି। ପ୍ରତ୍ୟେକ ଦିନ ଶତାଧିକ ଗ୍ରାହକ ନିଜର ବ୍ୟାଙ୍କ କାରବାର କରିବାକୁ ଏହି ଶାଖାକୁ ଆସିଥାନ୍ତି। ମାତ୍ର ଉକ୍ତ ଶାଖାରେ ଗରମ ଗୁଳୁଗୁଳି ରେ ଗ୍ରାହକ ମାନେ ବହୁ ଅସୁବିଧା ଭୋଗ କରୁଥିବା ଅଭିଯୋଗ କରିଛନ୍ତି। ବିଶେଷ କରି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ପାଇଁ ସ୍କୁଲ କଲେଜ ଛାତ୍ରଛାତ୍ରୀ, ବାର୍ଦ୍ଧକ୍ୟ ଭତ୍ତା ଆଦି ପାଇଁ ନିୟମିତ ବ୍ୟାଙ୍କ କୁ ଆସିଥାନ୍ତି। ବିଭିନ୍ନ ପ୍ରକାର କାର୍ଯ୍ୟ ପାଇଁ ଗ୍ରାହକ ମାନେ ଅପେକ୍ଷା କରିଥାନ୍ତି। ପ୍ରବଳ ଗରମ ଏବଂ ଗୁଳୁଗୁଳି ସତ୍ତ୍ୱେ ଉକ୍ତ ଶାଖାରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ନାହିଁ। ଫଳରେ ଛାତ୍ରଛାତ୍ରୀଙ୍କ ଠାରୁ ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତେ ପ୍ରଭାବିତ ହେଉଛନ୍ତି। ପ୍ରବଳ ଗୁଳୁଗୁଳି କାରଣରୁ ମହିଳାମାନେ ଶାଖାର ବାହାରେ ବସିଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ପ୍ରବଳ ଗ୍ରାହକ ଅସନ୍ତୋଷ ଦେଖାଦେଇଛି। ତେଣୁ ଉକ୍ତ ଶାଖାରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା କରାଇବାକୁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାହକ ମହଲରେ ଦାବି ହୋଇଛି।

# ଶିକ୍ଷକଙ୍କ ଅବସର ଦିନରେ ରକ୍ତଦାନ ଓ ଚକ୍ଷୁ ଶିବିର



କଣ୍ୟାଁଗୋଲା, ୩୧।୫ (ସମିସ): ଦଶରଥପୁର ବ୍ଲକ ପାଳଟପୁର ପଞ୍ଚାୟତର ଗାନ୍ଧିଜୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅଶୋକ କୁମାର ନାୟକ ଆଜି ଚାକିରି ଜୀବନରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ବର୍ତ୍ତମାନ ଶିକ୍ଷକ-ଶିକ୍ଷୟିତ୍ରୀ ଓ ପୂର୍ବ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ଶ୍ରୀଯୁକ୍ତ ନାୟକଙ୍କ ଅବସର ଉପଲକ୍ଷେ ଦେବଜ୍ୟୋତି ଫାଉଣ୍ଡେସନ ପକ୍ଷରୁ ବିଦ୍ୟାଳୟରେ ଏକ ରକ୍ତଦାନ ଓ ଚକ୍ଷୁ ଶିବିର ଆୟୋଜନ କରାଯାଇଥିଲା। ଫାଉଣ୍ଡେସନର ମୁଖ୍ୟ ଉପଦେଷ୍ଟା ବିପ୍ଳବ ମଙ୍ଗରାଜ ଏହି ଶିବିର ପରିଚାଳନା କରିଥିଲେ। ଶିବିରରେ ୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ଗାନ୍ଧିଜୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜ୍ଞାନରଞ୍ଜନ ତ୍ରିପାଠୀ, ସମିତିସଭ୍ୟ ଧୀରେନ୍ଦ୍ର ମଲ୍ଲିକ, ସରୋଜ ବିଶ୍ୱାଳ, କହିଲାଷ ମଲ୍ଲିକ, ନିରଞ୍ଜନ ମଲ୍ଲିକ, ସମ୍ବାଦିକ ଚନ୍ଦ୍ରଶେଖର ସାହୁଙ୍କ ସହ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅଣଦେଖା

# ଦିନରାତି ଜଳୁଛି ବେଆଇନ ଇଟାଭାଟି

କୁଆଖିଆ, ୩୧।୫ (ସମିସ)

ରସୁଲପୁର ବ୍ଲକ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ବେଆଇନ ଇଟାଭାଟି ଜଳୁଛି। ଏମିତିକି ବାୟୁମଣ୍ଡଳ ତାପମାତ୍ରା ୪୨ ଡିଗ୍ରୀ ଉପରେ ରହୁଥିବା ବେଳେ ଅସାଧୁ ଇଟା ବ୍ୟବସାୟୀମାନେ ବେଧଡ଼କରେ ଇଟାଭାଟିରେ ନିଆଁ ଲଗାଇ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛନ୍ତି। ଏଥିପ୍ରତି ତହସିଲ ପ୍ରଶାସନର ନିଘା ରହୁନାହିଁ। ଏପିରିକି ଯାଜପୁର ଜିଲାପାଳ ଅମ୍ବର କୁମାର କର ବେଆଇନ ଇଟାଭାଟିକୁ ବନ୍ଦ କରିବାକୁ ଦେଇଥିବା ନିର୍ଦ୍ଦେଶକୁ ଅଣଦେଖା କରାଯାଉଛି। ଏଭଳି ଏକ ଘଟଣା ଭୋଟକା ପଞ୍ଚାୟତରେ ବେଆଇନ ଇଟାଭାଟି ବନ୍ଦ କରିବା ପାଇଁ ଜିଲାପାଳଙ୍କ ନିକଟରେ ହୋଇଥିବା ଅଭିଯୋଗରୁ ସ୍ପଷ୍ଟ ହେଉଛି। ଏହି ପଞ୍ଚାୟତ ଭୋଟକା ଗ୍ରାମରେ ଛିଣ୍ଡା ଖରସ୍ରୋତା ନଦୀ ପଠାରେ ବେଆଇନ ଇଟାଭାଟି ଜଳୁଛି। ନଦୀରୁ ବେଆଇନ ବାଲି ଉଠାଇବା ସହ ସରକାରୀ ଜମି ଉପରେ ବେଆଇନ ଇଟାଭାଟି କାରବାର କରୁଥିବାକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଯାଜପୁର ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଅଭିଯୋଗ କରାଯାଇଛି। ଉକ୍ତ ଅଭିଯୋଗକୁ ନେଇ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ପଞ୍ଜିକୃତ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ଜିଲ୍ଲାପାଳ ରସୁଲପୁର ତହସିଲଦାରଙ୍କୁ ବେଆଇନ ଇଟାଭାଟି ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାରି ଭିତରେ ସପ୍ତାହ ବିତିବାକୁ ବସିଲାଣି ତହସିଲ ପ୍ରଶାସନ ପକ୍ଷରୁ ବେଆଇନ ଇଟାଭାଟି ମାଲିକଙ୍କ ବିରୋଧରେ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ପ୍ରଶାସନର ଢିଲାପଣ ଯୋଗୁଁ ଇଟାଭାଟି ମାଲିକ ଦୁଇଦିନ ତଳେ ଆଉ ଏକ ନୂଆ ଇଟାଭାଟି ନିଆଁ ଲଗାଇଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ବେଆଇନ ଇଟାଭାଟି ବନ୍ଦ କରିବା ଦିଗରେ ଜିଲ୍ଲାପ୍ରଶାସନ ତ୍ୱରିତ ପଦକ୍ଷେପ ଗ୍ରହଣ ନ କରିଲେ ଗ୍ରାମବାସୀ ମାନବାଧିକାର କମିଶନର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି।



ଅଭିଯୋଗରୁ ଜଣାଯାଏ ଇଟାଭାଟିର ଚାରିପାଖକ୍ଷର ଜନବସତି, ବ୍ୟବସାୟିକ ପ୍ରତିଷ୍ଠାନ, ସ୍କୁଲ, ମନ୍ଦିର, ପଞ୍ଚାୟତ କାର୍ଯ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଆଦି ରହିଛି। ଏଭଳି ଏକ ଆପତ୍ତିଜନକ ସ୍ଥାନରେ ଖୋଲାଖୋଲି ଭାବରେ ବେଆଇନ ଇଟା କାରବାର ହେଉଛି। ଉକ୍ତ ବେଆଇନ କାର୍ଯ୍ୟକୁ ବନ୍ଦ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ତହସିଲଦାରଙ୍କୁ ଅବଗତ କରାଯାଇଆସୁଛି। ତହସିଲଦାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ବ୍ୟବସାୟୀ ବେଧଡ଼କ ଭାବରେ ଇଟା କାରବାର କରି ମାଲାମାଲ ହେଉଛନ୍ତି। ଏ ନେଇ ରସୁଲପୁର ତହସିଲ ମଧୁବନ ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷିକା ଲକ୍ଷ୍ମୀପ୍ରିୟା ପାତ୍ରଙ୍କୁ ପଚାରିବାରୁ ଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ହୋଇଥିବା ଅଭିଯୋଗ ଆଧାରରେ ଘଟଣାସ୍ଥଳକୁ ତଦନ୍ତ କରିବାକୁ ଯାଇ ଅଭିଯୋଗ ସତ୍ୟ ବୋଲି ଜାଣିବାକୁ ପାଇଥିଲେ। ବେଆଇନ ଇଟା କାରଖାନାରେ ନୂଆ ଭାଟି ନିଆଁ ଲଗାଇବା ପାଇଁ ପ୍ରସ୍ତୁତି ଜାରି ରହିଥିବା ଦେଖି ମାଲିକକୁ ଇଟାଭାଟିରେ ନିଆଁ ନ ଲଗାଇବା ପାଇଁ ନିର୍ଦ୍ଦେଶ ଦେଇ ଆସିଥିଲେ। ମାତ୍ର ମାଲିକ ରାଜସ୍ୱ ନିରୀକ୍ଷିକାଙ୍କ କଥାକୁ ଭ୍ରୂକ୍ଷେପ ନକରି ଇଟାଭାଟିରେ ନିଆଁ ଲଗାଇ ଦେଇଥିଲେ ବୋଲି ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ରାଜସ୍ୱ ନିରୀକ୍ଷିକା ତହସିଲଦାରଙ୍କୁ ୩ଦିନ ହେଲା ଲିଖିତ ଭାବରେ ରିପୋର୍ଟ କରିଥିବା ସୂଚନା ଦେଇଛନ୍ତି। ଉକ୍ତ ରିପୋର୍ଟ ଆଧାରରେ ତହସିଲଦାରଙ୍କ ପକ୍ଷରୁ ଏଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏ ଦିଗରେ ରସୁଲପୁର ତହସିଲଦାର ସିଦ୍ଧାର୍ଥ କୁମାର ବେହେରାଙ୍କୁ ପଚାରିବାରୁ ବେଆଇନ ଇଟାଭାଟି ବନ୍ଦ କରିବା ପାଇଁ ଇଟା ବ୍ୟବସାୟୀଙ୍କୁ ନିର୍ଦ୍ଦେଶ ଦିଆଯାଉଛି। ହେଲେ ସେମାନେ ପ୍ରଶାସନ କଥାକୁ ମାନୁ ନାହାଁନ୍ତି। ରାଜସ୍ୱ ନରୀକ୍ଷକଙ୍କ ଠାରୁ ରିପୋର୍ଟ ତଲବ କରାଯାଇଛି। ରିପୋର୍ଟ ଆଧାରରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

# ପୁଲିସ ପକ୍ଷରୁ ଜଳଛତ୍ର ଉଦ୍‌ଘାଟିତ



କାଳିମେଳା,୩୧।୫(ସମିସ): ପୁଲିସ ପକ୍ଷରୁ ପ୍ରଖର ରୌଦ୍ରତାପରୁ ରକ୍ଷା ପାଇଁ ଜଳଛତ୍ର ଉଦ୍‌ଘାଟିତ ହୋଇଛି। ପ୍ରଖର ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପଥିକ ଓ ସାଧାରଣ ଜନତାଙ୍କୁ ଶୋଷରୁ ଆଶ୍ୱସ୍ତି ଦେବା ପାଇଁ ଏମଭି -୭୯ ପୁଲିସ୍ ପକ୍ଷରୁ ଏକ ମାଗଣା ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଥାନା ଅଧିକାରିଣୀ ପୂର୍ଣ୍ଣିମା ଟେଟେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଜଳଛତ୍ରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନର ଅସହ୍ୟ ଖରା ସମୟରେ ଲୋକମାନେ ଯେପରି ସୁବିଧାରେ ବିଶୁଦ୍ଧ ପାନୀୟ ଜଳ ପାଇପାରିବେ, ସେଥିପାଇଁ ଏହି ପ୍ରୟାସ କରାଯାଇଥିବା ସେ କହିଛନ୍ତି। ଏହି ଜଳଛତ୍ରରେ ସାଧାରଣ ଲୋକଙ୍କ ପାଇଁ ଶୀତଳ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ଗ୍ରୀଷ୍ମ ଋତୁ ସରିବା ପର୍ଯ୍ୟନ୍ତ ଏହି ଜଳଛତ୍ର ପ୍ରତିଦିନ ଚାଲୁ ରହିବ ବୋଲି ସୂଚନା ମିଳିଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟ ସହଯୋଗୀ ପୁଲିସ୍ କର୍ମଚାରୀ ମାନେ ଉପସ୍ଥିତ ରହି ଜଳ ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ। ପୁଲିସ୍ ପ୍ରଶାସନର ଏଭଳି ଜନହିତକର କାର୍ଯ୍ୟକୁ ସ୍ଥାନୀୟ ଜନସାଧାରଣ ଓ ପଥିକମାନେ ଉଚ୍ଚ ପ୍ରଶଂସା କରିଛନ୍ତି।

## ଗ୍ରୀଷ୍ମ ଋତୁରେ ଜଳସଙ୍କଟ

# ପାଣି ପାଇଁ ରାସ୍ତା ଅବରୋଧ କଲେ ମହିଳା



ବିଷମ କଟକ, ୩୧।୫(ସମିସ): ରାୟଗଡ଼ ଜିଲ୍ଲା ବିଷମ କଟକ ସଦର ବ୍ଲକର ଡୁକୁମୁ ସାହିରେ ପାଣି ସମସ୍ୟା ନେଇ ଉତ୍ତେଜନା ଦେଖା ଦେଇଛି। ଗୋଟିଏ ପଟେ ବିଶୁଦ୍ଧ ଜଳ ଯୋଗାଣ ପାଇଁ ରାଜ୍ୟ ସରକାର ପ୍ରତିଶୃତିବଦ୍ଧ ଥିଲା ବେଳେ ଅନ୍ୟ ପଟେ ପାଣି ପାଇଁ ମହିଳାକୁ ରାସ୍ତା ଅବରୋଧ କରିବାକୁ ପଡୁଛି। ଗତ ଚାରିଦିନ ହେଲା ଡୁକୁମ୍ ସାହି ଅଞ୍ଚଳକୁ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବା ବେଳେ ଏଥିପାଇଁ ଅଞ୍ଚଳବାସୀ ନାହିଁ ନଥିବା ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଏହିଁ ଅଞ୍ଚଳରେ ପାଣିର ବିକଳ୍ପ ବ୍ୟବସ୍ଥା ନଥିବାରୁ ଲୋକେ ଦୂର ଦୁରାନ୍ତରେ ଥିବା ନଦୀ ନାଳରୁ ପାଣି ବୋହି ଗୁଜରାଣ ମେଣ୍ଟାଇବାକୁ ବାଧ ହେଉଛନ୍ତି। ଜଳ ଯୋଗାଣ ନିମନ୍ତେ ପଞ୍ଚାୟତ ଠାରୁ ବିଭାଗୀୟ ଅଧିକାରୀ ମାନଙ୍କୁ ଗୁହାରି କରୁଥିଲେ ମଧ ଜଳ ଯୋଗାଣ ପ୍ରତି ଗୁରୁତ୍ୱ ଦିଆଗଲା ନାହି। ପରିଶେଷରେ ରବିବାର ଦିନ ସକାଳେ ଡୁକୁମ୍ ସାହିର ମହିଳା ମାନେ ଗରା, ବାଲଟି ଧରି ରାସ୍ତାକୁ ଓହ୍ଲାଇ ରାସ୍ତା ଅବରୋଧ କରିଥିଲେ। ଫଳରେ ସାହାଡ଼ା, ରାଶିକଲା ଡୁକୁମ ଓ ଝିଗିଡି ସମେତ ୪ଟି ପଞ୍ଚାୟତକୁ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପାଣି ପାଇଁ ରାସ୍ତା ଅବରୋଧ ସଂକ୍ରାନ୍ତରେ ଖବର ପାଇଁ ବିଭାଗୀୟ ସହକାରୀ ଯନ୍ତ୍ରୀ ରାଜଶ୍ରୀ ପାତ୍ର ଘଟଣା ସ୍ଥଳରେ ପହଞ୍ଚିବା ସହ ଯେଉଁ ପମ୍ପ ହାଉସ୍‌ରୁ ଏହି ସାହିକୁ ଜଳ ଯୋଗାଣ ହେଉଛି, ସେଥିରେ ରହିଥିବା ସମସ୍ୟାର ତୁରନ୍ତ ସମାଧାନ କରି ଜଳ ଯୋଗାଣ ବ୍ୟବସ୍ଥାକୁ ସ୍ୱାଭାବିକ କରିବାର ପକ୍ରିୟା ଆରମ୍ଭ କରିଛନ୍ତି। ଜଳର ଆବଶ୍ୟକତାକୁ ସାମୂହିକ ଭାବେ ସମାଧାନ କରିବା ନିମନ୍ତେ ଟେଙ୍କର ଯୋଗେ ପାଣି ଯୋଗାଇ ଦିଆଯାଇଛି। ଅପରାହ୍ନ ସୁଦ୍ଧା ଜଳ ଯୋଗାଣ ସ୍ୱାଭାବିକ ହୋଇଯିବ ବୋଲି ସହକାରୀ ଯନ୍ତ୍ରୀ ଅଞ୍ଚଳବାସୀଙ୍କୁ ପ୍ରତିଶୃତି ଦେଇଛନ୍ତି। ସହକାରୀ ଯନ୍ତ୍ରୀଙ୍କ ଠାରୁ ପ୍ରତିଶୃତି ପାଇବା ପରେ ମହିଳା ମାନେ ରାସ୍ତ ଅବରୋଧରୁ ହଟିଥିଲେ। ଆଉ ଗାଡି ଚଳାଚଳ ସ୍ୱାଭାବିକ ହୋଇଛି। ସୂଚନା ଥାଉକି ଡୁକୁମ ସାହିରେ ମୋଟ ୩ ସହ ପରିବାର ବସବାସ କରୁଥିବା ବେଳେ ଏହି ସାହିରେ ଗୋଟାଏ ହେଲେ ନଳକୂପ ନାହିଁ। ଗୋଟାଏ କୂଅ ରହିଥିବା ବେଳେ ପଞ୍ଚାୟତ ତରଫରୁ ରକ୍ଷଣବେକ୍ଷଣ ଅଭାବ କାରଣ ରେ ତାହା ମଧ ଲୋକଙ୍କ କାମରେ ଆସିପାରୁନାହିଁ। ଏହି ସାହି ବାସିନ୍ଦାଙ୍କ ପାଇଁ କେବଳ ପାଇପ ପାଣି ହିଁ ସେମାନଙ୍କ ସାହା ଭରସା ରହିଥିବାରୁ ଜଳ ଯୋଗାଣ ବନ୍ଦ ହେଲେ ସମସ୍ୟା ଉପୁଜୁଥିବା ଅଞ୍ଚଳବାସୀ କହିଛନ୍ତି।

# ଅଣ-କ୍ୟାଡର ସରକାରୀ ଅଭିଯୋଜକଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ରାୟଗଡ଼,୩୧।୫(ସମିସ): ରାୟଗଡ଼ ଜିଲ୍ଲା ସଦର ମହକୁମା ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଶନିବାର ଓ ରବିବାର ଦୁଇ ଦିନ ଧରି ଅଣ-କ୍ୟାଡର ସରକାରୀ ଅଭିଯୋଜକମାନଙ୍କ ପାଇଁ ଏକ ଦୁଇଦିନିଆ ପ୍ରାରମ୍ଭିକ ଓ ସ୍ମାରକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଆଇନ ବିଭାଗ ଏବଂ ଭୁବନେଶ୍ୱର ସ୍ଥିତ ସରକାରୀ ଅଭିଯୋଜନ ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅପରାଧିକ ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଅଦାଲତଗୁଡ଼ିକରେ ଦଣ୍ଡବିଧାନ ବା ସଜା ହାର ବୃଦ୍ଧି କରିବା ବୋଲି ଶିବିରରେ କୁହାଯାଇଛି । ଶନିବାର ଦିନ କାର୍ଯ୍ୟକ୍ରମର ପ୍ରାରମ୍ଭରେ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ସୁରେନ୍ଦ୍ର କୁମାର ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ରାୟଗଡ ଡେପୁଟି ଡାଇରେକ୍ଟର ଅଫ୍ ପବ୍ଲିକ ପ୍ରସିକ୍ୟୁସନ ଅଜିତ କୁମାର ପଟ୍ଟନାୟକଙ୍କ ଅନୁମତି କ୍ରମେ ଶିବିର କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଶିବିରରେ ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ସରକାରୀ ଅଭିଯୋଜକମାନଙ୍କୁ ସରକାରଙ୍କ ତରଫରୁ ପରିଚୟ ପତ୍ର ପ୍ରଦାନ କରିବା ସହ ସେମାନଙ୍କର କର୍ତ୍ତବ୍ୟନିଷ୍ଠା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ପବ୍ଲିକ ପ୍ରସିକ୍ୟୁଟର ରାୟଗଡ ବିକ୍ରମ କୁମାର କୁଣ୍ଡ ଏବଂ ସରକାରୀ ପ୍ଲିଡର ପଦ୍ମନାଭ ଦାସ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଦିଗଦର୍ଶନ ଦେଇଥିଲେ। ଏହି ଅବସରରେ ନ୍ୟାୟିକ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ପ୍ରଭାବଶାଳୀ କରିବା ପାଇଁ ଅଭିଯୋଜନ ସହିତ ପୋଲିସ ଓ ପ୍ରଶାସନର ଉତ୍ତମ ସମନ୍ୱୟ ରକ୍ଷା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଶିବିରର ବିଭିନ୍ନ ବିଷୟଭିତ୍ତିକ ପ୍ରଶିକ୍ଷଣ ଅଧିବେଶନରେ ଦେଶର ନୂତନ ଆଇନ ବ୍ୟବସ୍ଥା ଏବଂ ଡିଜିଟାଲ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ଡେପୁଟି ଡାଇରେକ୍ଟର ଶ୍ରୀ ଅଜିତ କୁମାର ପଟ୍ଟନାୟକ ବିଏନଏସଏସ ଅଧୀନରେ ଅଭିଯୋଜକଙ୍କ ଭୂମିକା ଓ ଯାଞ୍ଚ ସମୟସୀମା ଏବଂ ପବ୍ଲିକ ପ୍ରସିକ୍ୟୁଟର ବିକ୍ରମ କୁମାର କୁଣ୍ଡୁ ଇ - ପ୍ରସକ୍ୟୁସନ ଓ ଆଇସିଜେଏସ ଭଳି ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ପ୍ରଭାବଶାଳୀ ଚୂଡ଼ାନ୍ତ ଯୁକ୍ତି ଉପସ୍ଥାପନ ଉପରେ ତାଲିମ ପ୍ରଦାନ କରିଥିଲେ। ସେହିପରି ଏସଡିପିଓ ଶ୍ରୀମତୀ ସନ୍ତୋଷିନୀ ଓରାମ ନୂତନ ବ୍ୟବସ୍ଥାରେ ପୀଡ଼ିତ-କେନ୍ଦ୍ରିକ ପ୍ରାବଧାନ ଓ ଜାମିନ ପ୍ରକ୍ରିୟା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ।

# ଅବସର ଦିନ ଶିକ୍ଷକଙ୍କୁ ମିଳିଲା ଚୂଡାନ୍ତ ପେନ୍‌ସନ



ରାୟଗଡ,୩୧।୫(ସମିସ): ରାୟଗଡ଼ ବ୍ଲକରେ ଶେଷ କାର୍ଯ୍ୟକାଳ ଦିବସରେ ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଚୂଡାନ୍ତ ପେନସନ ପ୍ରଦାନ କରାଯାଇଛି। ଜିଲ୍ଲା ଶିକ୍ଷାଅଧିକାରୀ ତଥା ଭାରପ୍ରାପ୍ତ ରାୟଗଡ଼ ବ୍ଲକ ବିଇଓ ଭଜନଲାଲ ମାଝୀ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଚୂଡାନ୍ତ ପେନସନ ଆଦେଶ ପତ୍ର ବଣ୍ଟନ କରିଛନ୍ତି। ଚଳିତ ମାସ ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦ୍ରାବତୀ ପାଢ଼ୀ ଶିକ୍ଷୟିତ୍ରୀ ହେମଲତା ପଟ୍ଟନାୟକ ଓ ନୀଳିମା ପଟ୍ଟନାୟକ, ପ୍ରଧାନ ଶିକ୍ଷକ ରଘୁନାଥ ମହାନ୍ତି ଏବଂ ବୃନ୍ଦାବନ ମାଣ୍ଡାଙ୍ଗି ଅବସର ନେଇଛନ୍ତି। ରବିବାର ସତ୍ତ୍ୱେ ବଣ୍ଟନ ସମୟରେ ଏବିଇଓ ଛବିଲାଲ ସିଂ, ବଳରାମ ହୁଇକା ତଥା ସୌମ୍ୟରଞ୍ଜନ ପଣ୍ଡା ପ୍ରମୁଖ ବିଇଓ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜିଲ୍ଲାପାଳ ରାୟଗଡ ଆଶୁତୋଷ କୁଲକର୍ଣ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ଶିକ୍ଷକଙ୍କ ଦୀର୍ଘ ଓ ସୁସ୍ଥ ଜୀବନ କାମନା କରିବାସହ ରାୟଗଡ ଶିକ୍ଷା ବିଭାଗର ଏତାଦୃଶ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଅନ୍ୟ ବିଇଓ ଏଥିରୁ ପ୍ରେରିତ ହେବାସହ ନିର୍ଦ୍ଧାରିତ ଦିନ ପୂର୍ବରୁ ଅବସର କାଳୀନ ପ୍ରାପ୍ୟ ପ୍ରଦାନ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ଅନ୍ୟ ସମସ୍ତ ବିଭାଗରେ ମଧ ଅବସର ଦିବସରେ କର୍ମଚାରୀଙ୍କୁ ଚୂଡାନ୍ତ ପେନସନ ପ୍ରଦାନ କରିବା ନିମନ୍ତେ କହିଛନ୍ତି। ଏଡିଇଓ ଭଜନଲାଲ ମାଝୀ ବହୁମୁଖୀ ଦାୟୀତ୍ୱ ନିର୍ବାହ ସତ୍ତ୍ୱେ ରାୟଗଡ଼ ବ୍ଲକ ବିଇଓ ଭାବେ ଅତିରିକ୍ତ ଦାୟିତ୍ୱରେ ରହି ଏଭଳି ଦୃଷ୍ଟାନ୍ତମୂଳକ କାର୍ଯ୍ୟ ଦ୍ୱାରା ହଜାର ହଜାର ଶିକ୍ଷକଙ୍କ ପ୍ରଶଂସାର ପାତ୍ର ହୋଇପାରିଥିବାରୁ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ତଥା ରାୟଗଡ଼ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଜିଲ୍ଲାର ଏଗାର ଗୋଟି ବ୍ଲକରେ ଏପରି ବ୍ୟବସ୍ଥା ଲାଗୁହେଲେ ଶିକ୍ଷକଙ୍କ ଜୀବନକାଳର ପରିଶ୍ରମ ସାର୍ଥକ ହେବ ବୋଲି ଜିଲ୍ଲା ସାଧାରଣ ସମ୍ପାଦକ ନିଳାଞ୍ଚଳ ମିଶ୍ର କହିଛନ୍ତି।

# ବିପୁଳ ଗଞ୍ଜେଇ ଜବତ



କୋରୁକୋଣ୍ଡା, ୩୧।୫(ସମିସ): ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ପୋଲିସକୁ ମିଳିଛି ବଡ଼ ସଫଳତା। ବାହାର ରାଜ୍ୟକୁ ଚାଲାଣ ପାଇଁ ଗଚ୍ଛିତ ଗଞ୍ଜେଇକୁ ପୁଲିସ ଜବତ କରିଛି। ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଗୁଣ୍ଡାବେଡା ପଞ୍ଚାୟତର ଅରଙ୍ଗି ଗାଁ ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ଗଞ୍ଜେଇ ଥିବା ନେଇ ବିଶେଷସୂତ୍ରରୁ ଖବର ପାଇ ଏହି ଚଢ଼ଉ କରାଯାଇଥିଲା। ଚିତ୍ରକୋଣ୍ଡା ଥାନା ଅଧିକାରୀ ଜୟନାରାୟଣ ଖଣ୍ଡେଇଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଲାସି ଅଭିଯାନ ଚଳାଇଥିଲା। ଅଭିଯାନ ସମୟରେ ଏକ ଟନ୍ ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇର ଅନୁମାନିକ ବଜାର ମୂଲ୍ୟ ପ୍ରାୟ ୧୫ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି। ପୋଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ, ଗଞ୍ଜେଇକୁ ବାହାର ରାଜ୍ୟକୁ ଚୋରା ଚାଲାଣ ପାଇଁ ଗଚ୍ଛିତ ରଖାଯାଇଥିଲା। ତେବେ ଏହି ଘଟଣାରେ କେଉଁମାନେ ସଂପୃକ୍ତ ଅଛନ୍ତି ଏବଂ ଗଞ୍ଜେଇ କେଉଁଠାରୁ ଆଣାଯାଇଥିଲା, ସେନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

# ଜିଲ୍ଲାରେ ଏସ୍‌ଆଇଆର କାର୍ଯ୍ୟକ୍ରମ ଆରମ୍ଭ



ରାୟଗଡ,୩୧।୫(ସମିସ): ଭାରତ ନିର୍ବାଚନ ଆୟୋଗଙ୍କ ଘୋଷଣା ଅନୁସାରେ ରାୟଗଡ଼ ଜିଲ୍ଲାରେ ଗତ ତିରିଶ ତାରିଖ ଠାରୁ ଆରମ୍ଭ ହୋଇଛି ଏସଆଇଆର କାର୍ଯ୍ୟକ୍ରମ। ବୁଥ ସ୍ତରୀୟ ଅଧିକାରୀ ସମ୍ପୃକ୍ତ ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କ ଠାରୁ ପରିଗଣନା ଫର୍ମ ନେଇ ଘରକୁ ଘର ବଣ୍ଟନ ଆରମ୍ଭ କରିଛନ୍ତି। ଜିଲ୍ଲାପାଳ ରାୟଗଡ଼ ଆଶୁତୋଷ କୁଲକର୍ଣ୍ଣୀ ବିଏଲ୍ଓ ଙ୍କୁ ପରିଗଣନା ଫର୍ମ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ବଣ୍ଟନ ଓ ସଂଗ୍ରହ ଶେଷ କରିବା ନିମନ୍ତେ ସମ୍ପୃକ୍ତ ବୁଥ ଅଞ୍ଚଳରେ ରହୁଥିବା ଅଙ୍ଗନୱାଡି କର୍ମୀ, ଆଶା କର୍ମୀ , ସିଆରପି, ଏମ୍ବିକେ, ଶିକ୍ଷକ, ଅନ୍ୟ ସରକାରୀ କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଂସ୍ଥାର କର୍ମକର୍ତ୍ତା, ଯୁବକ ସଂଘ, ମହିଳା ସଂଘ ଆଦିର ସଦସ୍ୟ ତଥା ଗ୍ରାମ୍ୟ ଯୁବପିଢ଼ି ବିଏଲଓଙ୍କୁ ସହଯୋଗ ପ୍ରଦାନ କରିବା ନିମନ୍ତେ ଅନୁରୋଧ କରିଛନ୍ତି। ଏଥିନିମନ୍ତେ ରାୟଗଡ଼ ବ୍ଲକ ସଦଭାବନା ଗୃହରେ ଶନିବାର ଦିନ ବ୍ଲକର ସମସ୍ତ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ଏମ ବି କେ ଓ ସି ଆର ପିଙ୍କ ଏକ ସଚେତନତା ବୈଠକ ତଥା ତାଲିମ ଅନୁଷ୍ଠିତ ହୋଇଥିଲା। ଫର୍ମ ପୂରଣ କୌଶଳ ସହ ଆବଶ୍ୟକ ଦସ୍ତାବିଜ ବିଷୟରେ ଅବଗତ କରାଯାଇଥିଲା। ଏଥିରେ ରାୟଗଡ଼ ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ, ବିଡ଼ିଓ ସୁଜିତ କୁମାର ମିଶ୍ର, ସମ୍ବଳ ଶିକ୍ଷକ ନିଳାଞ୍ଚଳ ମିଶ୍ର, ଜିପିଡିଓ ସ୍ମୃତିରେଖା ନାୟକ ପ୍ରମୁଖ ଯୋଗଦେଇ ଆଲୋଚନା କରିବା ସହ ବୁଥ ସ୍ତରୀୟ ଅଧିକାରୀଙ୍କୁ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ସମସ୍ତ ଭୋଟର ଯେପରି ଠିଠା ଭୋଟର ତାଲିକାରେ ସ୍ଥାନିତ ହେବେ ଏବଂ ଅଯୋଗ୍ୟ ଭୋଟର ବାଦ୍ ହେବେ, ସେଥିରେ ଗୁରୁତ୍ୱ ପ୍ରଦାନ କରାଯାଉଛି ବୋଲି ଉପଜିଲ୍ଲାପାଳ ରମେଶ କୁମାର ଜେନା କହିଛନ୍ତି। ଏଥି ନିମନ୍ତେ ରାୟଗଡ଼ ବିଧାନସଭା ମଣ୍ଡଳୀର ସମସ୍ତ ତିନିଶହ ଦୁଇଟି ବୁଥ ବିଏଲଓଙ୍କୁ ତାଲିମ ପ୍ରଦାନ କରାଯାଇଛି। ଇସିଆଇ ନେଟ୍‌ରେ ସଂଗୃହୀତ ତଥ୍ୟର ପୂରଣ ନିମନ୍ତେ ପ୍ରତି ବ୍ଲକ୍ ଓ ପୌରାଞ୍ଚଳର ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଶ୍ରୀ ଜେନା ପ୍ରକାଶ କରିଛନ୍ତି।

# କବୟିତ୍ରୀ ତ୍ରିବେଣୀ ମିଶ୍ରଙ୍କୁ 'ରତ୍ନବଟ କବି ମଞ୍ଜୁଳ' ସମ୍ମାନ



ରାୟଗଡ,୩୧।୫(ସମିସ): ରାୟଗଡ ଜିଲ୍ଲାର ଆବାହିକା ତଥା ସାରସ୍ୱତ ସାଧିକା କବୟିତ୍ରୀ ତ୍ରିବେଣୀ ମିଶ୍ରଙ୍କୁ 'ରତ୍ନବଟ କବି ମଞ୍ଜୁଳ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଛି। ଜଗତସିଂହପୁର ବିରିଡ଼ି ବ୍ଲକ୍ ଦରଡା ଶାସନ ସ୍ଥିତ ମାଳିକା ପ୍ରସିଦ୍ଧ ରତ୍ନବଟ ମହାପୁରୁଷଙ୍କ ପୀଠରେ ରତ୍ନବଟ ସାହିତ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଆୟୋଜିତ ପଞ୍ଚମ ରାଜ୍ୟ ସ୍ତରୀୟ ରତ୍ନବଟ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବରେ ତ୍ରିବେଣୀ ମିଶ୍ରଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି । ଏହି ଅବସରରେ ପରିଷଦ ତରଫରୁ ରାଜ୍ୟର ତିରିଶ ଗୋଟି ଜିଲ୍ଲା ମଧ୍ୟରୁ ୨୬ ଜଣ କବି, କବୟିତ୍ରୀ , ସାଧୁ ସନ୍ଥ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ସାହୁ, ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ସଭାପତିତ୍ୱରେ 'ରତ୍ନବଟ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି ଆଧ୍ୟାତ୍ମିକ ଅନୁଷ୍ଠାନ ତରଫରୁ ରାୟଗଡ ଜିଲ୍ଲା ପାଇଁ କବୟିତ୍ରୀ ତ୍ରିବେଣୀ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିବାରୁ ତାଙ୍କୁ ରାୟଗଡ ଜିଲ୍ଲାର ବିଭିନ୍ନ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ତଥା ବୁଦ୍ଧିଜୀବୀ ମହଲ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ସାରସ୍ୱତ ଉତ୍ସବରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା କବି କବୟିତ୍ରୀମାନଙ୍କୁ କବିତା ଆସରରେ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

## ଚାଷୀ ଓ ମହିଳାଙ୍କ ସ୍ୱାବଲମ୍ବନର ନୂଆ କାହାଣୀ

# ଆରମ୍ଭ ହେଲା ସୁଆଦିଆ ଆମ୍ବ ମେଳା




ମାଲକାନଗିରି, ୩୧।୫(ସମିସ): ମାଲକାନଗିରି ସହରର ସ୍ଥାନୀୟ ପୁରୁଣା ମେଡିକାଲ ପଡ଼ିଆ ଏବେ ପାଚିଲା ଆମ୍ବର ମହକରେ ମହକୁଛି। ଜିଲ୍ଲା ପ୍ରଶାସନ ଓ ଓର୍ମାସର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଆମ୍ବ ମେଳା କେବଳ ସୁଆଦିଆ ଆମ୍ବ ବିକ୍ରିର ମାଧ୍ୟମ ସାଜିନାହିଁ, ବରଂ ଏହା ମାଲକାନଗିରିର ଆଦିବାସୀ ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସଫଳତାର ଏକ ଜୀବନ୍ତ ଉଦାହରଣ ପାଲଟିଛି। ଗତ ୩୦ ମେ'ରୁ ଆରମ୍ଭ ହୋଇଥିବା ଏହି ମେଳା ଆସନ୍ତା ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ମେଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ କହିଛନ୍ତି, ଆମ ଜିଲ୍ଲାର ପ୍ରାକୃତିକ ପରିବେଶରେ ଉତ୍ପନ୍ନ ଆମ୍ବର ଚାହିଦା ବହୁତ ରହିଛି। ଏହି ମେଳା ମାଧ୍ୟମରେ ଆମେ ଆମର ସ୍ଥାନୀୟ ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ସଠିକ୍ ମୂଲ୍ୟ ଦେବା ସହ ସେମାନଙ୍କୁ ସିଧାସଳଖ ବଜାର ସହ ଯୋଡ଼ିବାକୁ ଚେଷ୍ଟା କରିଛୁ। ଏହା ଦ୍ୱାରା ଜିଲ୍ଲାର ଆର୍ଥିକ ବିକାଶ ଆହୁରି ମଜବୁତ ହେବ। ସେହିପରି ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଏହି ପ୍ରୟାସକୁ ପ୍ରଶଂସା କରି କହିଛନ୍ତି, ଏହି ମେଳା କେବଳ ବ୍ୟବସାୟ ନୁହେଁ, ବରଂ ଆମ ଗ୍ରାମୀଣ ମହିଳା ଓ ଚାଷୀଙ୍କ ପରିଶ୍ରମର ଏକ ସୁନ୍ଦର ପ୍ରଦର୍ଶନୀ। ବୈଦେଶିକ ତଥା ବୈଜ୍ଞାନିକ ପ୍ରଣାଳୀରେ ଆମ୍ବକୁ ସୁରକ୍ଷିତ ଭାବେ ପଚାଇ ଗ୍ରାହକଙ୍କୁ ବିଶୁଦ୍ଧ ଫଳ ଯୋଗାଇବା ଦିଗରେ ଓର୍ମାସ୍ ଏବଂ ଚାଷୀମାନେ ଯେଉଁ କାମ କରିଛନ୍ତି, ତାହା ପ୍ରଶଂସନୀୟ। ଏହି ମେଳାର ପ୍ରକୃତ କାର୍ଯ୍ୟକାରୀ ଶକ୍ତି ସାଜିଛନ୍ତି ଓର୍ମାସ୍ ଦ୍ୱାରା ଗଠିତ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ 'ମଲ୍ଲୀକେଶ୍?ର' ଓ 'ଗ୍ରାମଦେବୀ' କୃଷକ ଉତ୍ପାଦକ ସଂଗଠନ। ଏଫପିଓର ସଦସ୍ୟମାନେ ସିଧାସଳଖ ନିଜ ବଗିଚାରୁ ଆମ୍ରପାଲୀ, ବାଇଗଣପାଲୀ, ଟୋଟାପୁରୀ, ଜାମକୋଳି, ଦାଶରୀ ଓ ମଲ୍ଲିକା ଭଳି ବିଭିନ୍ନ କିସମର ଦେଶୀ ଆମ୍ବ ସଂଗ୍ରହ କରି ମେଳାକୁ ଆଣିଛନ୍ତି। ଏହା ଦ୍ୱାରା ମଧ୍ୟବର୍ତ୍ତୀ ଗ୍ରାହକ କିମ୍ବା ଦଲାଲଙ୍କ ଶୋଷଣରୁ ଚାଷୀମାନେ ରକ୍ଷା ପାଇଛନ୍ତି। ଅନ୍ୟପଟେ, କେବଳ କଞ୍ଚା କିମ୍ବା ପାଚିଲା ଆମ୍ବ ନୁହେଁ, ଏସଏଚଜି ର ମହିଳାମାନେ ନିଜ ହାତର ଜାଦୁ ଦେଖାଇ ଆମ୍ବରୁ ପ୍ରସ୍ତୁତ କରିଛନ୍ତି ବିଭିନ୍ନ ସୁଆଦିଆ ପାନୀୟ। ମେଳାକୁ ଆସୁଥିବା ଲୋକଙ୍କ ପାଇଁ ସେମାନେ ନିଜେ ତିଆରି କରିଥିବା ଖଟାମିଠା ଆମ୍ବ ପଣା ଏବଂ ମ୍ୟାଙ୍ଗୋ ସେକ୍ ପରଷୁଛନ୍ତି, ଯାହା ଏହି ଗ୍ରୀଷ୍ମ ଋତୁରେ ଲୋକଙ୍କୁ ବେଶ୍ ଆକୃଷ୍ଟ କରୁଛି। ଏହା ସେହି ମହିଳାମାନଙ୍କ ପାଇଁ ଏକ ବଡ଼ ସ୍ୱାବଲମ୍ବନ ଓ ରୋଜଗାରର ପନ୍ଥା ସାଜିଛି। ଓର୍ମାସର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱସ୍ତିକା ପ୍ରଧାନଙ୍କ ପ୍ରତ୍ୟକ୍ଷ ତଦାରଖରେ ଏହି ସମଗ୍ର ମେଳା ପରିଚାଳିତ ହେଉଛି। ତାଙ୍କ ସହ ବ୍ୟବସାୟ ପରିଚାଳକ ଜିତେନ୍ଦ୍ର କୁମାର ପାତ୍ର, ଅମିତ କୁମାର, ଏଫପିଓ ସଂଯୋଜିକା ମମତା ମହାପାତ୍ର ଓ ଶ୍ୟାମ ମୁଦୁଲି ପ୍ରମୁଖ ଦିନରାତି ଏହି କାର୍ଯ୍ୟରେ ସହଯୋଗ କରୁଛନ୍ତି। ଜିଲ୍ଲା ପରିଷଦର ଅଧିକାରୀ ବାଲାଜୀ ପଟ୍ଟନାୟକ, ମାନସ ମିଶ୍ର, ହିମାଂଶୁ ମହାରଣା ଓ ହର୍ଷାନନ୍ଦ ପ୍ରଧାନ ମଧ୍ୟ ମେଳାକୁ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ମାଲକାନଗିରିବାସୀଙ୍କୁ ଏହି ବିଶୁଦ୍ଧ ଓ କେମିକାଲ୍ ମୁକ୍ତ ସ୍ୱାଦିଷ୍ଟ ଆମ୍ବର ଆନନ୍ଦ ନେବା ସହ ଆମ ସ୍ଥାନୀୟ ମହିଳା ଓ ଚାଷୀ ଭାଇମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି।

## ■ ଘନ ଘନ ବିଦ୍ୟୁତ କାଟ୍,

# କର୍ମଚାରୀଙ୍କୁ ଅଟକ ରଖିଲେ ଲୋକେ, ଉଦ୍ଧାର କଲା ପୁଲିସ



ମାଲକାନଗିରି, ୩୧।୫(ସମିସ): ସମଗ୍ର ମାଲକାନଗିରି ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳୁଗୁଳିରେ ଲୋକେ ଅତିଷ୍ଠ ହୋଇ ପଡିଥିବା ବେଳେ ଗତ ତିନି ଦିନ ଧରି ଗ୍ରାମରେ ବିଦ୍ୟୁତ ନଥିବାରୁ ଉତ୍ୟକ୍ତ ଗ୍ରାମବାସୀ ବିଦ୍ୟୁତ କର୍ମଚାରୀଙ୍କୁ ଗ୍ରାମରେ ରାତି ତମାମ ଅଟକ ରଖିଥିଲେ। ପୁଲିସ ପହଞ୍ଚି ଗ୍ରାମବାସୀଙ୍କୁ ଉଦ୍ଧାର କରିବା ଘଟଣା ସମଗ୍ର ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରଚଣ୍ଡ ଗରମରେ ବିଦ୍ୟୁତ ସଂଯୋଗ ବ୍ୟାହତ ଯୋଗୁ ରାତିରେ ଟାଟା ପାୱାର ବିଦ୍ୟୁତ କର୍ମଚାରୀଙ୍କୁ ଅଟକ ରଖିଥିଲେ ଗ୍ରାମବାସୀ। ପରେ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ବିଦ୍ୟୁତ କର୍ମଚାରୀଙ୍କୁ ଉଦ୍ଧାର କରିଛନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲାରେ। ତିନି ଦିନ ତଳେ ମାଲକାନଗିରି ଜିଲ୍ଲାରେ କାଳ ବୈଶାଖୀ ଝଡରେ ଏମଭି-୫, ଏମଭି-୬ ଓ ଏମଭି-୪୫ ଭଳି ଅନେକ ଗାଁରେ ବିଦ୍ୟୁତ ସଂଯୋଗ ବନ୍ଦ ରହିଛି। ଝଡରେ ପଡିଥିବା ବିଦ୍ୟୁତ ଖୁଣ୍ଟ ବର୍ତ୍ତମାନ ସୁଦ୍ଧା ଲଗାଯାଇନାହିଁ। ଫଳରେ ଶନିବାର ରାତିରେ ଏମଭି-୬ ଗାଁକୁ ଯାଇଥିବା ଟାଟା ପାୱାର କର୍ମଚାରୀଙ୍କୁ ଦଶ ଖଣ୍ଡ ଗାଁ ଲୋକେ ମିଶି ଅଟକ ରଖିଥିଲେ। ସେଠାରେ ଉତ୍ତେଜନା ହେବା ପରେ ବିଳମ୍ବିତ ରାତିରେ ମାଲକାନଗିରି ଆଦର୍ଶ ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ବିଦ୍ୟୁତ କର୍ମଚାରୀ ମାନଙ୍କୁ ଉଦ୍ଧାର କରିଛନ୍ତି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ବିଦ୍ୟୁତ ସଂଯୋଗ କରିବା ଲାଗି ଟାଟା ପାୱାର ଲୋକଙ୍କୁ ପ୍ରତିଶୃତି ଦେଇଛି।

# ମା’ ଗ୍ରାମଦେବୀ ଠାକୁରାଣୀଙ୍କ ଘଣ୍ଟପର୍ବ ଉଦ୍‌ଯାପିତ





ଦୁର୍ଗୀ, ୩୧ା୫ (ସମିସ): ରାୟଗଡ଼ ଜିଲ୍ଲା ବିଷମକଟକ ବ୍ଲକ ଦୁର୍ଗୀ ସ୍ଥିତ ମା’ ଗ୍ରାମଦେବୀ ଠାକୁରାଣୀଙ୍କ ଘଣ୍ଟପର୍ବ ମହୋତ୍ସବ ଗତ ୨୨ତାରିଖ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ବେଳେ ୯ଦିନ ଧରି ହୋଇ ରବିବାର ଉଦ୍‌ଯାପିତ ହୋଇଯାଇଛି। ମା’ଙ୍କ ଉସାଣି ଉତ୍ସବ ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର କୁମାର ଦାସଙ୍କ ତତ୍ତ୍ୱାବଧାନରେ ବହୁ ଆଡମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ପୂଜା ମଣ୍ଡପରେ ମା’ଙ୍କ ପୂଜାର୍ଚ୍ଚନା ରୀତିନୀତି ଅନୁସାରେ ସରିବା ପରେ ଉସାଣି ଉତ୍ସବ ହୋଇଥିଲା। ଡ଼ମ୍ବ ବାଦ୍ୟ, ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ବେଶଭୂଷା, ନାଚଗୀତ ପାରମ୍ପରିକ ନୃତ୍ୟଦଳ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରାରେ ବିଭିନ୍ନ ବ୍ଲକ ସଦର ଏବଂ ସ୍ଥାନୀୟ ପଞ୍ଚାୟତରୁ ମାନସିକ କରି ଆସିଥିବା ପାଟହାଣ୍ଡି ଓ ଚାଙ୍ଗୁଡ଼ି ଧରି ମା’ଙ୍କ ପାଦ ଉଠାଣି ଘଟ ସ୍ଥାପନ ପୂଜାବିଧି ଅନୁଷ୍ଠିତ ହୋଇଥିଲା। ଗ୍ରାମର ପ୍ରତେକ ସାହି ବେଢ଼ୁ ନାଟରେ ଉସାଣି ଉତ୍ସବରେ ବାଣ ଫୁଟାଇ ବୁଲୁକିଲା। ସାହିରାସ୍ତାରେ ପରିକ୍ରମା କରବା ଦେଖିବାକୁ ମିଳିଥିଲା। ମାନସିକ କରିଥିବା ଭକ୍ତ ମା’ଙ୍କ ପାଖରେ ଛେଳି, କୁକୁଡ଼ା ବଳି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ହଜାର ହଜାର ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପୂଜା କମିଟି ସଭାପତି କୁନୁ ପାତ୍ର, ସାଧାରଣ ସମ୍ପାଦକ ଅନିରୁଦ୍ଧ ବେହେରା, ଉପସଭାପତି ରୁନୁପଣ୍ଡୁ ସାହୁ, ଶଙ୍କର ଗୌଡ଼, ବିଶ୍ୱ ମାଦଳା, ବିମ୍ବା ପରିଛା,କାବୁଜି, କିରଣ, ଶୁଭମ ଶାନ୍ତିଶୃଙ୍ଖଳା ନିମନ୍ତେ ମୁତୟନ ହୋଇଥିଲେ।

## ଅସହ୍ୟ ତାତି, ନନ୍ଦପୁର ରାଜନୀତି ବି!



ନନ୍ଦପୁର, ୩୧ା୫ (ସମିସ): ପଞ୍ଚାୟତ ନିର୍ବାଚନୀକୁ ଆଉ ହାତ ଗଣତି କିଛି ମାସ ରହିଥିବା ବେଳେ ନନ୍ଦପୁର ବ୍ଲକରେ ରାଜନୀତି ସରଗରମ ହୋଇଛି। ଅସହ୍ୟ ତାତ ସାଙ୍ଗକୁ ରାଜନୈତିକ ଉଷ୍ମତା ବି ବଢ଼ିଛି। ଦୀର୍ଘ ଦୁଇ ବର୍ଷ ପରେ ବିଜେଡି ତାର ରଣନୀତିକୁ କାର୍ଯ୍ୟରେ ଲଗାଇଛି । ନନ୍ଦପୁର ବ୍ଲକ୍‌ରେ ଶନିବାର ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନମୂଳକ ସମୀକ୍ଷା ନେଇ ବିଧାୟକଙ୍କ କାର୍ଯ୍ୟକ୍ରମ ଚାଲିଥିବା ବେଳେ ବିଭିନ୍ନ ସମସ୍ୟା ନେଇ ବିଜେଡ଼ି ଦାବିପତ୍ର ପ୍ରଦାନ ପାଇଁ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲା । ବ୍ଲକ ଅଧକ୍ଷା, ଉପାଧକ୍ଷ ଓ ଦଳୀୟ ସରପଞ୍ଚ ସମିତି ସଭ୍ୟଙ୍କୁ ନେଇ ବିଜେଡି ପୁରା ପ୍ରସ୍ତୁତ ରହିଥିଲା। ଏହି ସମୟରେ ବିଧାୟକ ବୈଠକରୁ ଆସି ସରପଞ୍ଚମାନଙ୍କ ନିକଟରେ ପହଞ୍ଚି ଦାବିପତ୍ର ଗ୍ରହଣ କରିବା ସମୟରେ କୌଣସି ଏକ କଥାକୁ କୁଳାର ସିଂ ସରପଞ୍ଚ ସ୍ୱାମୀଙ୍କ ସହ ତିକ୍ତତା ଆରମ୍ଭ ହୋଇଥିଲା। ଏକ ଛୋଟିଆ କଥାରେ କଥା କଟାକଟିକୁ ଚର୍ଚ୍ଚା ଜୋର ଧରିଛି। ଅସହ୍ୟ ଗରମରେ ବିଜେଡିର ତାତି ବଢ଼ିଥିବା ବେଳେ ଏହି ଘଟଣାରେ ଶାସକ ବିଜେପି ନରମ ରହିଥିବାବେଳେ କଂଗ୍ରେସ ଅସହ୍ୟ ହୋଇଛି। ସେପଟେ ବିଧାୟକ ଶ୍ରୀ କାଡ଼ାମ ଏହି ଘଟଣା ନେଇ ଦୁଃଖ ପ୍ରକାଶ କରିବା ସହ ଉନ୍ନୟନ ଓ ବିକାଶ କାର୍ଯ୍ୟ ଉପରେ ସରପଞ୍ଚ ସମିତି ସଭ୍ୟ ମାନେ ଆଗେଇ ନ ଆସି ଅଯଥା ହିନ ରାଜନୀତି କରାଯାଉଛି ବୋଲି କହିଛନ୍ତି। ସେପଟେ ଏହି ଘଟଣାକୁ ନେଇ ବିଜେଡି ବିଭିନ୍ନ ସାମାଜିକ ଗଣମଧ୍ୟମରେ ବିଧାୟକଙ୍କୁ ଟ୍ରୋଲ୍ କରିଛି । ସେପଟେ ବିଜେଡି ଏହି ଘଟଣାକୁ ନେଇ ନନ୍ଦପୁରରେ ନିକଟ ଭବିଷ୍ୟତରେ ଏକ ବିରାଟ ବିକ୍ଷୋଭ ଶୋଭାଯାତ୍ରା ଆୟୋଜନ କରି ଆଗକୁ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ପାଇଁ ଶଙ୍ଖନାଦ ଦେବା ପାଇଁ ପ୍ରୟାସ ଆରମ୍ଭ କରିଛି।

### ବିବାହ ବାର୍ଷିକୀରେ ରକ୍ତଦାନ ଶିବିର

## ୫୩ ୟୁନିଟ୍ ରକ୍ତ ସଂଗ୍ରହ

ସେମିଳିଗୁଡ଼ା,୩୧ା୫ (ସମିସ): ମୁନା ଓ ସୁଶିଲାଙ୍କ ତୃତୀୟ ବିବାହ ବାର୍ଷିକୀ ପାଳନ ଅବସରରେ ତଥା ବିଶ୍ୱ ନୋ-ଟୋବାକୋ ଡେ ପାଳନ ଅବସରରେ ଜେ. ପି. ଟ୍ୟୁଟୋରିଆଲ୍ ସେମିଳିଗୁଡାରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରିଥିଲେ। ଏହି ଶିବିରକୁ ଜେ.ପି. ଟ୍ୟୁଟୋରିଆଲ୍ ସେମିଳିଗୁଡା, ଶାବର ଶ୍ରୀକ୍ଷେତ୍ର ପଣ୍ଡାରା ସମାଜ କୋରାପୁଟ ଏବଂ ଏଫ୍‌ବିଡିଓ କୋରାପୁଟ ଚାପ୍ଟରଙ୍କ ସଂଯୁକ୍ତ ସହଯୋଗରେ ଆୟୋଜନ କରାଯାଇଥିଲା। ଉକ୍ତ ଶିବିରର ଉଦ୍‌ଘାଟନ ଶାବର ଶ୍ରୀକ୍ଷେତ୍ର କୋରାପୁଟ ଏବଂ ଏଫ୍‌ବିଡିଓ କୋରାପୁଟ ଚାପ୍ଟରର କାର୍ଯ୍ୟକାରୀ ସଭାପତ ପ୍ରଦୀପ ତ୍ରିପାଠୀଙ୍କ ଦ୍ୱାରା କରାଯାଇଥିଲା। ଏହି ଅବସରରେ ଆନନ୍ଦ ମୌଳି ପଟ୍ଟନାୟକ, ସୁରେନ୍ଦ୍ର ବେହେରା, ଅମର ବାଡ଼ତିଆ, ଜୟ ବାଡ଼ତିଆ ଏବଂ ଜେ.ପି. ଟ୍ୟୁଟୋରିଆଲ୍‌ର ମୁଖ୍ୟ ଉପସ୍ଥିତ ଥିଲେ। ପ୍ରବଳ ଖରା ସତ୍ତ୍ୱେ ଶିବିରରେ ମୋଟ ୫୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶିବାଙ୍ଗୀ ବେହେରା ପ୍ରଥମେ ରକ୍ତଦାନ କରିଥିଲେ। ଶିବିର ମୁଖ ଆକର୍ଷଣ ଥିଲା ୫ ଜଣ ଦମ୍ପତିଙ୍କ ଏକାସାଙ୍ଗେ ରକ୍ତଦାନ। ଯାହା ଗ୍ରୀଷ୍ମ ପ୍ରବାହ ସମୟରେ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ଓ ଆହ୍ୱାନ ଥିଲା। ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ, ଓଡ଼ିଶା ବ୍ଲଡ୍ ସେଣ୍ଟର୍ର ରଞ୍ଜିତ ସାହୁ, ଅଜିତ ଗୌଡ଼, ଗୀତାଞ୍ଜଳି ରାଉତ ଏବଂ ନର୍ସିଂ ଅଫିସରମାନେ ପ୍ରାୟ ୫୩ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଶାବର ଶ୍ରୀକ୍ଷେତ୍ର ପନ୍ଦରକ୍ଷ ସମାଜ, ଜେ. ପି. ଟ୍ୟୁଟୋରିଆଲ୍ ଏବଂ ଏଫ୍‌ବିଡିଓ କୋରାପୁଟ ଜିଲ୍ଲାର ସଦସ୍ୟମାନେ ଏହି ଶିବିରକୁ ସଫଳ କରିବା ପାଇଁ ପୂର୍ଣ୍ଣ ସହଯୋଗ କରିଥିଲେ। ମୁନା ଓ ସୁଶିଲାଙ୍କ ଏହି ସୁନ୍ଦର ପଦକ୍ଷେପ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛି। ଜୀବନ ବଞ୍ଚାଇବା ପାଇଁ ‘ରକ୍ତଦାନ’ କରିଥିବା ସମସ୍ତ ୫୩ ଜଣ ସାହସୀ ରକ୍ତଦାତାଙ୍କୁ ପ୍ରଶଂସା ପତ୍ର ଓ ସ୍ମୃତି ଚିହ୍ନ ଦେଇ ଉତ୍ସାହିତ କରିବା ସହ ଆନ୍ତରିକ ଧନ୍ୟବାଦ ଅର୍ପଣ କରଯାଇଥିଲା।




## ପୌରପାଳିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ

ନବରଙ୍ଗପୁର,୩୧ା୫ (ସମିସ): ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ଓଡ଼ିଶା ୨୦୨୬ ପରିପ୍ରେକ୍ଷୀରେ ଆଜି ୭୫- ନବରଙ୍ଗପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନବରଙ୍ଗପୁର ପୌରପାଳିକାର ବିଭିନ୍ନ ନିର୍ବାଚନ ବୁଥ ଅନ୍ତର୍ଗତ ୱାର୍ଡ ମାନଙ୍କରେ ଉପ ଜିଲ୍ଲାପାଳ ତଥା ଇଆର୍‌ଓ ପ୍ରକାଶ କୁମାର ମିଶ୍ର ବିଏଲଓ ମାନଙ୍କ ଘରକୁ ଘର ଯାଇ ପରିଗଣନା ଫର୍ମ ବିତରଣ କାର୍ଯ୍ୟ ତଦାରଖ କରିଥିଲେ। ଏହି ତଦାରଖ କାର୍ଯ୍ୟକ୍ରମରେ ପୌରପାଳିକା ନିର୍ବାହୀ ଅଧିକାରୀ ଅଶୋକ କର୍ଣ୍ଣ, ସୁପରଭାଇଜର୍ ସନ୍ତୋଷ ପାତ୍ର, ରାଜେଶ ତ୍ରିପାଠୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଏଲଓମାନେ ଯେଭଳି ପରିଗଣନା ଫର୍ମ ବିତରଣ ଏବଂ ଫର୍ମ ପୂରଣ ବାଦ ସଂଗ୍ରହ, ଭୋଟରମାନଙ୍କୁ ସଠିକ୍ ଓ ନିର୍ଭୁଲ ତଥ୍ୟ ତଥ୍ଯ ପ୍ରଦାନରେ ସହଯୋଗ କରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ଭୋଟର ତାଲିକା ଯେଭଳି ସ୍ୱଚ୍ଛ, ତ୍ରୁଟିଶୂନ୍ୟ ରହିବ ତାଉପରେ ବିଏଲଓ ମାନଙ୍କୁ ତାଲିମ ଦିଆଯାଇଛି। ଏହି ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟ ଆସନ୍ତା ଜୁନ୍ ମାସ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

### ଶେଷ ରବିବାର ଲକ୍ଷ୍ମୀପୁର ବଜାର ବନ୍ଦ

## ସଫେଇ କାମରେ ନିୟୋଜିତ ହେଲେ ବଣିକ ସଂଘ

ଲକ୍ଷ୍ମୀପୁର,୩୧ା୫ (ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ସଦର ମହକୁମା ପ୍ରତି ମାସର ଶେଷ ରବିବାର ବନ୍ଦ କରିବା ପାଇଁ ବଣିକ ସଂଘ ପକ୍ଷରୁ ନିଷ୍ପତ୍ତି କରାଯାଇଛି। ଚଳିତ ମାସର ଏହି ରବିବାର ପଡ଼ିଛି ଶେଷ ରବିବାର। ସବୁ ଦୋକାନ ବଜାର ବନ୍ଦ ରହିବା ବେଳେ ବଣିକ ସଂଘର ସଭାପତି ମନୋଜ କୁମାର ସାହୁ, ଉପ ସଭାପତି ଉମାଶଙ୍କର କର୍କରା, ସାଧାରଣ ସମ୍ପାଦକ ରଶ୍ମିରଞ୍ଜନ ନାଥ ଯୁଗ୍ମ ସମ୍ପାଦକ ବଳିଆ ବିଷୋୟୀଙ୍କ ନେତୃତ୍ୱରେ ଏକ ଟିମ୍ ବାହାରି ବଜାରରେ ଥିବା ଅଳିଆ ଆବର୍ଜନା ସବୁ ସଫା କରିଥିବା ଦେଖିବାକୁ ମିଳିଛି। ବଜାର ସମ୍ମୁଖରେ ଥିବା ଡ୍ରେନ୍ ଗୁଡ଼ିକ ଅଳିଆରେ ଭର୍ତ୍ତି ହୋଇ ଯାଇଥିଲା। ଜେସିବି ମେସିନ ଦ୍ୱାରା ଖୋଳି ବାହାର କରି ଟ୍ରାକ୍ଟର ଯୋଗେ ଅଳିଆ ସବୁ ବାହାରକୁ ନେଇ ଫିଙ୍ଗା ଯାଇଥିଲା। ଯେଉଁ ଦୋକାନ ସମ୍ମୁଖରେ ଅଳିଆ ରହିଥିଲା ଦୋକାନୀକୁ ପୁନର୍ବାର ସେଠି ଅଳିଆ ଜମା ନ କରିବା ପାଇଁ ତାଗିଦ କରାଯାଇଥିଲା। ଏଥିରେ ସତନ୍ତ୍ର ଭାବେ ଶିକ୍ଷକ ରମେଶ ଆଲେଙ୍କି ଓ କିରାଣି ବିଜୟ ସୂରଜ ସହଯୋଗ କରିଥିବା ବେଳେ ସାମ୍ବାଦିକ ପରମେଶ୍ୱର ସାହୁ ମଧ୍ୟ ଏହି ସଫେଇ କାର୍ଯ୍ୟରେ ଯୋଗ ଦେଇଥିଲେ। ସହରକୁ ପରିଷ୍କାର ପରିଚ୍ଛନ୍ନତା ରଖିବା ପାଇଁ ବଣିକ ସଂଘର କାମକୁ ସବୁ ମହଲରୁ ପ୍ରଶଂସା କରାଯାଇଛି।




## ମା’ ଠାକୁରାଣୀ ଟ୍ରାକ୍ଟର ମାଲିକ ସଂଘ ଗଠିତ

ଡାବୁଗାଁ,୩୧ା୫ (ସମିସ): ନବରଙ୍ଗପୁର ଜିଲ୍ଲା କୋଇଲାରୀ ଗ୍ରାମର ଆମ୍ବ ବଗିଚା ପରିସରରେ ରବିବାର ମାଁ ଠାକୁରାଣୀ ଟ୍ରାକ୍ଟର ମାଲିକ ସଂଘ ରବିବାର ଗଠିତ ହୋଇଯାଇଛି। ଏଥିରେ କୋଇଲାରୀ ପଞ୍ଚାୟତ ଓ ଜୁନାପାଣି ପଞ୍ଚାୟତର ଟ୍ରାକ୍ଟର ମାଲିକ ମାନଙ୍କୁ ନେଇ ଏକ ସଂଘ ଗଠନ କରାଯାଇଛି। ଉକ୍ତ ସଂଘର ନାମ ମାଁ ଠାକୁରାଣୀ ଟ୍ରାକ୍ଟର ମାଲିକ ସଂଘ ନାମରେ ନାମିତ ହୋଇଛି। ଗ୍ରାମାଞ୍ଚଳରେ ଟ୍ରାକ୍ଟର ମାଲିକ ମାନଙ୍କର ବିଭିନ୍ନ ସମସ୍ୟା ଉପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସଂଘର ଲକ୍ଷ୍ୟ। ଟ୍ରାକ୍ଟର ମାଲିକ ସଂଘର ସଭାପତି ଭାବେ କର୍ଣ୍ଣ କଲାର, ଉପସଭାପତି ଦାମୋଦର ଭତ୍ରା, ସମ୍ପାଦକ ଚୈତନ୍ୟ ପନକା, ସହ ସମ୍ପାଦକ ରଇନୁ ଭତ୍ରା। ବୈଠକରେ କୋଇଲାରୀ ଗ୍ରାମର ଦୁର୍ଜନ ମାଝୀ, ଖଗପତି ପୂଜାରୀ, ଭକଚନ୍ଦ ମାଝୀ, କୁମାକାନ୍ତ ପନକା, ନିଳାମ୍ବର ଭତରା, ବୈଦ୍ୟ ଭତରା, ରାମସିଂ ମାଝିଙ୍କ ସମେତ ୨ଟି ପଞ୍ଚାୟତର ୭୪ ଜଣ ଟ୍ରାକ୍ଟର ମାଲିକ ମାନେ ଉପସ୍ଥିତ ଥିଲେ ।



## ଜାମଗୁଡ଼ା ଓ ବାରଝୋଲାରେ ପାନୀୟ ଜଳ ପ୍ରକଳ୍ପ ଅଚଳ

### ମରାମତି ପାଇଁ ଗ୍ରାମବାସୀଙ୍କ ଦାବି

ନନ୍ଦପୁର, ୩୧ା୫ (ସମିସ): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ପାନୀୟ ଜଳ ସମସ୍ୟା ନନ୍ଦପୁର ବ୍ଲକର ପାଡୁଆ ପଞ୍ଚାୟତ ଅଧୀନ ଜାମଗୁଡ଼ା ଓ ବାରଝୋଲା ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢ଼ାଇ ଦେଇଛି। ଉଭୟ ଗ୍ରାମରେ ଶତାଧିକ ପରିବାର ବସବାସ କରୁଥିବା ବେଳେ ପାନୀୟ ଜଳଯୋଗାଣ ପାଇଁ ନିର୍ମିତ “ଫ୍ରି ଫ୍ଲୋ’ (ଗ୍ରାଭିଟି ଭିତ୍ତିକ) ପ୍ରକଳ୍ପ ବର୍ଷ ବର୍ଷ ଧରି ଅଚଳ ହୋଇ ପଡ଼ିଥିବାରୁ ଜଳ ସଙ୍କଟ ଉତ୍କଟ ରୂପ ନେଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଅଞ୍ଚଳରେ ନଳକୂପ ସଂଖ୍ୟା ଅ ପର୍ଯ୍ୟାପ୍ତ ଥିବାରୁ ପାନୀୟ ଜଳର ଚାହିଦା ପୂରଣ ହୋଇପାରୁନାହିଁ। ଏହି ସମସ୍ୟାର ସମାଧାନ ପାଇଁ ପୂର୍ବରୁ ବ୍ଲକ ପ୍ରଶାସନ ପକ୍ଷରୁ ପାହାଡ଼ ଉପରେ ଥିବା ଝରଣାରୁ ଜଳ ଆଣିବା ନିମନ୍ତେ ଏକ “ଫ୍ରି ଫ୍ଲୋ’ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ତେବେ ଦୀର୍ଘଦିନ ଧରି ପ୍ରକଳ୍ପଟି ଅଚଳ ରହିଥିବାରୁ ଗ୍ରାମବାସୀମାନେ ବିଭିନ୍ନ ସ୍ରୋତରୁ ପାଣି ସଂଗ୍ରହ କରିବାକୁ ବାଧ ହେଉଛନ୍ତି। ବର୍ତ୍ତମାନର ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁଁ ପାଣି ଅଭାବ ଅଧିକ ଗୁରୁତର ହୋଇଥିବା ବେଳେ ଗ୍ରାମବାସୀମାନେ ଅଚଳ ପ୍ରକଳ୍ପର ତୁରନ୍ତ ମରାମତି ଓ ଜଳ ଯୋଗାଣ ବ୍ୟବସ୍ଥା ସ୍ୱାଭାବିକ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ନନ୍ଦପୁର ଗ୍ରାମ୍ୟ ଜଳଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ କାହ୍ନୁ ଚରଣ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଅଚଳ ପାନୀୟ ଜଳ ପ୍ରକଳ୍ପର ସମସ୍ୟା ସମ୍ପର୍କରେ ବିଭାଗ ଅବଗତ ଅଛି ଏବଂ ଖୁବ୍ ଶୀଘ୍ର ଏହାର ମରାମତି କାର୍ଯ୍ୟ କରାଯାଇ ଗ୍ରାମବାସୀଙ୍କୁ ପାନୀୟ ଜଳ ସୁବିଧା ଯୋଗାଇ ଦିଆଯିବ।



# ଚିଲିକାରୁ ହ୍ରାସ ପାଉଛି ମତ୍ସ୍ୟ ଉତ୍ପାଦନ

ବାଲୁଗାଁ, ୩୧।୫(ସମିସ): ଚିଲିକା ହ୍ରଦରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଉଥିବା ନେଇ ଚିଲିକା ଉନ୍ନୟନ ପରିଷଦ 'ସିଡ଼ିଏ' ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରି ଆସୁଥିବା ବେଳେ ଏହାର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା। ପ୍ରକୃତ ପକ୍ଷେ ଚିଲିକାରୁ ମତ୍ସ୍ୟ ଉତ୍ପାଦନ କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। କିଛି ବର୍ଷ ଧରି ଚିଲିକାରେ ମତ୍ସ୍ୟ ଉତ୍ପାଦନ ହ୍ରାସ ପାଇ ଆସୁ ଥିବାରୁ ମତ୍ସ୍ୟଜୀବୀ ମାନେ ଜୀବିକା ହରାଇ ବାଧ ହୋଇ ରାଜ୍ୟ ବାହାରକୁ ତଥା ବିଦେଶକୁ ଦାଦନ ଖଟିବା ପାଇଁ ଯାଉଥିବା ଦେଖିବାକୁ ମିଳୁଛି। ଚିଲିକାରୁ ଯେଉଁ ସ୍ୱଳ୍ପ ପରାମାଣରେ ମତ୍ସ୍ୟ ଉତ୍ପାଦନ ହେଉଛି ତାହା କଲିକତା, ମୁମ୍ବାଇ, ଚେନ୍ନାଇ, ହାଇଦ୍ରାବାଦ ଓ ବାଙ୍ଗାଲୋର ଆଦି ସହରରେ ଉକ୍ତ ଚିଲିକା ମାଛ ଚିଙ୍ଗୁଡିର ଅଧିକା ଚାହିଦା ଥିବାରୁ ସେସବୁ ରପ୍ତାନୀ ହୋଇ ଯାଉଛି। ଯାହା ଫଳରେ ଅଞ୍ଚଳରେ ଖାଉଟିଙ୍କୁ ଚିଲିକା ମାଛ ଚିଙ୍ଗୁଡି ଚାହିଦା ଅନୁଯାଇ ମିଳୁ ନଥିବା ସହ ଦିନକୁ ଦିନ ଦର ବୃଦ୍ଧି ଘଟି ବିଗତ ବର୍ଷ ତୁଳନାରେ ଦର ଦୁଇଗୁଣ ହୋଇ ପଡୁଛି। ସମୟ ଥିଲା ବିଗତ ବର୍ଷରେ ଚିଲିକାରେ ଏତେ ପରିମାଣରେ ଚିଙ୍ଗୁଡ଼ି ଉତ୍ପାଦନ ହେଉଥିଲା ଯେ ଜ୍ୟେଷ୍ଠ ମାସରେ ଚିଲିକା କୂଳ ମାଛ ବଜାରରେ ସବୁ ବିକ୍ରୀ ହୋଇ ନପାରିବାରେ ବେପାରୀ ଓ ଖାଉଟି ସେସବୁକୁ ଶୁଖୁଆ କରିବାରେ ଅଞ୍ଚଳ ଗନ୍ଧରେ ଫାଟି ପଡୁଥିଲା। ବର୍ତ୍ତମାନ ଜ୍ୟେଷ୍ଠ ପୂର୍ଣ୍ଣମା ରବିବାର ଜୁଆର ସମୟରେ ମାଛ ଚିଙ୍ଗୁଡ଼ି ଗୋଦାମରେ ହାଉଯାଉ ହେବା ବଦଳରେ ଏବେ ମାଛ ଚିଙ୍ଗୁଡି ସ୍ୱପ୍ନ ହେବାକୁ ବସିଲାଣି।

ଚିଲିକା ହେଉଛି ପୁରୀ, ଖୋର୍ଦ୍ଧା ଓ ଗଂଜାମ ଜିଲ୍ଲାର ଲକ୍ଷ ଲକ୍ଷ ମତ୍ସ୍ୟଜୀବୀଙ୍କ ଭାତ ହାଣ୍ଡି। ଚିଲିକାର ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟ ସରକାର ଚିଲିକା ଉନ୍ନୟନ ପରିଷଦ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଉକ୍ତ ଟଙ୍କାର ସଠିକ ବିନିଯୋଗ କରାଯାଉ ନଥିବାରୁ ବର୍ତ୍ତମାନ ଚିଲିକାରୁ ମତ୍ସ୍ୟ ଉତ୍ପାଦନ ହ୍ରାସ ପାଇ ଚାଲିଥିବା ବେଳେ ବିଭାଗ ପକ୍ଷରୁ ଚିଲିକାରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଉଥିବା ନେଇ ସରକାରଙ୍କୁ ଭୁଲ ରିପୋର୍ଟ ପ୍ରଦାନ କରାଯାଉଛି। ଚିଲିକାରେ ବର୍ଷ ତମାମ ମାଛ ଧରା ଯାଉଥିବା ସହ ମତ୍ସ୍ୟଜିବୀ ମାନେ ଜିରୋ ନେଟର ବହୁଳ ବ୍ୟବହାର ଯୋଗୁଁ ମାଛ ଯାଆଁଳ ଓ ଛୋଟରୁ ମାଛ ସବୁ ଧରି ନେଉଥିବାରୁ ଦିନ କୁ ଦିନ ମତ୍ସ୍ୟ ଉତ୍ପାଦନ ହ୍ରାସ ପାଉଥିବାର ପ୍ରମୁଖ କାରଣ ବୋଲି ଜଣାଯାଇଛି। ବାଗଦା ଚିଙ୍ଗୁଡି, ବେକ୍ଟି, ସାହାଳ, ବୋରଗ, ସୋରଡ଼ି, ଚଗଲା, ପାତୁଆ, ବଳିଙ୍ଗି, ଜାଗଲା, ଖୁରାଣ୍ଡି, ମେଂଜିଆ, କୁଣ୍ଡଳ, ଖଇଙ୍ଗା ଓ ତାହାର ମଂଜି ଆଦି ଚିଲିକା ମାଛ ସ୍ୱାଦିଷ୍ଟ ଥିବାରୁ ରାଜ୍ୟ ଓ ରାଜ୍ୟ ବାହାରେ ତଥା ବିଦେଶରେ ଏହାର ଅଧିକା ଚାହିଦା ରହିଥିବାରୁ ଚିଲିକାରୁ ଦୈ÷ନଦିନ ଟନ୍ ଟନ୍ ମାଛ ରପ୍ତାନୀ କରାଯାଉଛି। ମାଛ ଚିଙ୍ଗୁଡି ବାହାରକୁ ପଠାଯିବା ଫଳରେ ଉକ୍ତ ମାଛକୁ ସ୍ଥାନୀୟ ଖାଉଟିମାନେ ଚଢା ଦରରେ କିଣିବାକୁ ବାଧ ହେଉଛନ୍ତି। ଚିଲିକାରେ ଚିଙ୍ଗୁଡ଼ି ଆମଦାନୀ ହ୍ରାସ ହେବା ଫଳରେ ଆନ୍ଧ୍ରରୁ ବେନାମୀ ଚିଙ୍ଗୁଡି ଆସିବା ସହ କିଛି ଅଣ ମତ୍ସ୍ୟଜୀବୀ ଚିଲିକା ଅବବାହିକା ଅଞ୍ଚଳରେ ବେନାମୀ ଚିଙ୍ଗୁଡ଼ି ଚାଷ କରି ବଜାରକୁ ବିକ୍ରି ପାଇଁ ପଠାଉ ଥିବା ବେଳେ ଦୋକାନୀ ବେନାମୀ କୁ ଚିଲିକା ଚିଙ୍ଗୁଡି କହି ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ମତ୍ସ୍ୟଜୀବୀ ଦାଦନ ଖଟିବାକୁ ବାଧ ହେଉଛନ୍ତି। ଚିଲିକାରେ ମତ୍ସ୍ୟ ଉତ୍ପାଦନ ବହୁ ମାତ୍ରାରେ ହ୍ରାସ ପାଇଥିବା ଯୋଗୁଁ ସ୍ଥାନୀୟ ଖାଉଟିଙ୍କ ଚାହିଦା ମେଣ୍ଟାଇବା ପାଇଁ ଆନ୍ଧ୍ରପ୍ରଦେଶରୁ ଆସୁଥିବା ରୋହି, ଭାକୁର ଆଦି ମିଠା ମାଛ ଏବଂ ବେନାମୀ ଚିଙ୍ଗୁଡି ଉକ୍ତ ଚାହିଦାକୁ ପୂରଣ କରୁଛି। ଚିଲିକାର ମାଛ ଓ ଚିଙ୍ଗୁଡ଼ି ର ଚାହିଦା ଅଧିକା ଥିବାରୁ ଏଠାକୁ ଆସୁଥିବା ପର୍ଯ୍ୟଟକ ମାନେ ମାଛ କିଣିବା ପାଇଁ ମାଛ ଗୋଦାମ ଓ ବଜାରକୁ ଯାଉଥିବା ବେଳେ କେତେକ ମୁନାଫା ଖୋର ବ୍ୟବସାୟୀ ଚିଲିକା ମାଛ ପରିବର୍ତ୍ତେ ଆନ୍ଧ୍ର ସମେତ ବାଲେଶ୍ୱର, ପାରାଦ୍ୱୀପ, ଗୋପାଳପୁର ଆଦି ବିଭିନ୍ନ ପ୍ରାନ୍ତରୁ ସମୁଦ୍ର ମାଛ ଆଣି ଚିଲିକା ମାଛ କହି ଉଚ୍ଚ ଦରରେ ବିକ୍ରି କରିବାକୁ ପଛାଉ ନାହାଁନ୍ତି। ତେବେ ଚିଲିକା ଉପରେ ନିର୍ଭର କରି ଆସୁଥିବା ଲକ୍ଷ ଲକ୍ଷ ମତ୍ସ୍ୟଜୀବୀ ଓ ଅଣ ମତ୍ସ୍ୟଜୀବୀ ମତ୍ସ୍ୟ ଉତ୍ପାଦନ ହ୍ରାସ ଯୋଗୁଁ ବେଉସା ହରାଇ ପରିବାର ପ୍ରତିପୋଷଣ ନିମନ୍ତେ ଦାଦନ ଖଟିବା ପାଇଁ ବାଧ ହୋଇ ରାଜ୍ୟ ବାହାର ତଥା ବିଦେଶ ମୁହାଁ ହେଉଥିବା ଦେଖିବାକୁ ମିଳୁଛି। କେନ୍ଦ୍ର ଓ ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ନେଇ ଚିଲିକାରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ଦୃଷ୍ଟି ଦେବାକୁ ମତ୍ସ୍ୟଜୀବୀ ମହାସଂଘ ଦୃଢ଼ ଦାବି କରିଛନ୍ତି।

## ସାହି ରାସ୍ତାରେ ନାହିଁ ଡ୍ରେନେଜ୍ ବ୍ୟବସ୍ଥା

ବୋଲଗଡ଼, ୩୧।୫ (ସମିସ): ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ଠାରୁ ଅନତି ଦୂରରେ ବୋଲଗଡ଼ ଗ୍ରାମରେ ଦଳବେହେରା ସାହି ଓ ପ୍ରଧାନ ସାହି ମଧ୍ୟରେ ଥିବା ରାସ୍ତା ରେ ଡ୍ରେନେଜ ବ୍ୟବସ୍ଥା ନାହିଁ । ଫଳରେ ଉକ୍ତ ରାସ୍ତା ରେ ବର୍ଜ୍ୟ ଜଳ ନିଷ୍କାସିତ ହୋଇ ନପାରି ଅସ୍ୱାସ୍ଥ୍ୟକର ଅବସ୍ଥା ସୃଷ୍ଟି ହେଉଛି । ଗ୍ରାମର ରାମଲୀଳା ମନ୍ଦିର ଠାରୁ ଆରମ୍ଭ କରି ପୂର୍ବ ଦିଗରେ ପ୍ରଧାନସାହି ମୁଣ୍ଡ ପର୍ଯ୍ୟନ୍ତ ପ୍ରାୟ ଏକ ସହ ମିଟର ଏହି ରାସ୍ତାରେ ବର୍ଜ୍ୟ ଜଳ



ନିଷ୍କାସିତ ନହୋଇ ପାରିବା ସହିତ ଅଳିଆ ଜମି କର୍ଦ୍ଦମାକ୍ତ ହେବା ସହିତ ଆବର୍ଜନା ମୟ ହୋଇଛି । ଉକ୍ତ ସମସ୍ୟା ର ସମାଧାନ ପାଇଁ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ସ୍ଥାନୀୟ ସଧାରଣ ଜନତା ଙ୍କୁ ଚଳପ୍ରଚଳ ରେ ଅସୁବିଧା ଭୋଗିବାକୁ ପଡୁଛି । ଏପରି ଏହି ସମସ୍ୟା ଉକ୍ତ ସାହି ଅଞ୍ଚଳରେ ଏଭଳି ସମସ୍ୟା ଲାଗି ରହୁଛି । ଘର ଆଗରେ ଗାଁ ଦାଣ୍ଡ ରେ ବର୍ଜ୍ୟଜଳ ଜମିରହିବା ପୁଣି ସେଥିରେ ଭିଜୁଥିବା ବର୍ଜ୍ୟ ବସ୍ତୁ ପଚି ସଢ଼ି ପଙ୍କ କାଦୁଅ ସାଥୀକୁ ଦୁର୍ଗନ୍ଧମୟ ହେବା ଫଳରେ ଜଳ ଜମିବା ସ୍ଥାନରେ ମଶା ମାଛି ବଂଶ ବିସ୍ତାର ସଂକ୍ରମଣ ର ଆଶଙ୍କାକୁ ଏଡାଇଦେଇହେବ ନାହିଁ । ଏଭଳି ଅସ୍ୱାସ୍ଥ୍ୟକର ପରିସ୍ଥିତି ରେ ସାହି ର ଲୋକେ ଏଥିରେ ଚଳପ୍ରଚଳ କରିବାଲାଗି ଅସୁବିଧା ର ସମ୍ମୁଖୀନ ହେଉଛନ୍ତି ।ବର୍ଜ୍ୟ ତଥା ବର୍ଷା ଜଳ ଜମିରହୁଥିବା ସ୍ଥାନଟି ଖାଲୁଆ ରହିବା ସାଥୀକୁ ଏଠାରୁ ଜଳ ନିଷ୍କାସନ ପାଇଁ ଡ୍ରେନେଜର କୌଣସି ସୁବିଧା କରାଯାଇ ନାହିଁ । ଏହି ଜମି ରହୁଥିବା ଜଳ ମଧ୍ୟରେ ସାହିର ଛୋଟ ଛୋଟ ପିଲା ଏବଂ ବୃଦ୍ଧବୃଦ୍ଧା ମାନେ ଚଳପ୍ରଚଳ ସମୟରେ ବହୁ ଅସୁବିଧା ଭୋଗୁଛନ୍ତି । ଉକ୍ତ ସାହି ରାସ୍ତାରୁ ବର୍ଜ୍ୟ ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା କରିବାକୁ ବ୍ଲକ ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି କରୁଛନ୍ତି।

## ଶରଧାପୁର ଖଣିରୁ ୨ ଜେସିବି, ୨ ହାଇୱା ଜବତ

ଖୋର୍ଦ୍ଧା, ୩୧।୫ (ସମିସ): ଆକ୍ସନ ମୁଡରେ ପୁଲିସ। ଖଣି ମାଫିଆଙ୍କୁ ମିଳିବନି ମାଫ୍। ପୁଲିସ ପକ୍ଷରୁ ବେଆଇନ ପଥର ମାଫିଆ ଏବଂ ଖଣିଖାଦନ ଉପରେ ଚଢାଉ ଜାରୀ ରହିଛି। ଶନିବାର ରାତିରେ ଖୋର୍ଦ୍ଧା ଏସ୍‌ଡିପିଓଙ୍କ ନେତୃତ୍ୱରେ ଏକ ଟିମ୍ ଆଦର୍ଶଥାନା ଅନ୍ତର୍ଗତ ଶରଧାପୁର ଖଣିରେ ଚଢଉ କରି ବେଆଇନ ମୋରୋମ ଖନନରେ ନିୟୋଜିତ ୨ଟି ଜେସିବି ଓ ଚାଲାଣରେ ବ୍ୟବହୃତ ୨ଟି ହାଇୱା କୁ ଜବତ କରିଥିବା ଜଣାଯାଇଛି। ଏହି ଘଟଣାରେ ୪ଜଣଙ୍କୁ ଗିରଫ କରାଯାଇଛି। ଗିରଫମାନେ ହେଲେ ଆଦର୍ଶଥାନା ଅନ୍ତର୍ଗତ ଅର୍ଜୁନପୁର ର ସୁନୀଲ ପାଣ୍ଡ୍ୟା (୨୭), ଗୁରୁଜଙ୍ଗ ଉଇଲକିଶନ ନଗର ର ସୂର୍ଯ୍ୟ ପ୍ରକାଶ ମହାରଣା (୧୯), ବେଗୁନିଆ ଥାନା ଗୋଡା ଗ୍ରାମର ସତ୍ୟଜିତ୍ ସୁନ୍ଦରାୟ (୨୩) ଏବଂ କଟକ ବଡମ୍ବା ର ସେକ ମହମ୍ମଦ ଜାହିଦ୍ (୧୯)।

ପ୍ରକାଶ ଥାଉକି, ଶରଧାପୁର ଅଞ୍ଚଳରେ ବେଧଡକ ଖଣି ଚାଲିଥିବାବେଳେ ପୂର୍ବରୁ ଏହା ଉପରେ ଚଢଉ କରାଯାଇ ବହୁ



ସଂଖ୍ୟାରେ ଗାଡିମାନ ଜବତ ହୋଇଥିଲା। ଏହାପରେ ଉକ୍ତ ଖଣି କୁ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇ ଶିଳ୍ପ ଲାଗି ଉକ୍ତ ଜମିକୁ ଦିଆଯାଇଥିଲା। ମାତ୍ର ତତ୍କାଳୀନ ଅଧିକାରୀମାନେ ବଦଳିବା ପରେ ପୁଣି ଉତ୍ପାତ ଆରମ୍ଭ କରିଥିଲେ ଖଣି ମାଫିଆ। ଉକ୍ତ ଖଣିର ଅନ୍ୟପାଶ୍ୱର୍ରେ ଆରମ୍ଭ ହୋଇଥିଲା ମୋରୋମ ଚୋରି। ଦୀର୍ଘଦିନ ହେବ ଶରଧାପୁର ଅଂଚଳରୁ ଦୈନିକ ରାତିରେ ଶହ ଶହ ଟ୍ରିପ୍ ମୋରମ ଚୋରା ଚାଲାଣ ହେଉଥିବାବେଳେ ପୁଲିସ କି ଖଣି ବିଭାଗ କିପରି ଜାଣୁନଥିଲେ ତାକୁ ନେଇ ଉଠିଥିଲା ପ୍ରଶ୍ନ। ଲଘୁ ଖଣିଜ ଚୋରା ଚାଲାଣକୁ ରୋକିବା ଲାଗି ଜିଲ୍ଲା ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଗତକାଲି ଏସ୍‌ଡିପିଓ ପଙ୍କଜ କୁମାର ମାଝିଙ୍କ ନେତୃତ୍ୱରେ ଏକ ଟିମ୍ ଶରଧାପୁର ର ବେଆଇନ୍ ମୋରୋମ ଖଣିରେ ଚଢଉ କରିଥିଲେ। ଚଢଉବେଳେ ମୋରୋମ ଉତୋଳନରେ ବ୍ୟବହୃତ ଓଡିଶା୩ଏଭି-୩୮୨୮ ଏବଂ ଓଡିଶା୩ଏସି-୨୦୪୩ ନଂ ବିଶିଷ୍ଟ ଦୁଇଟି ଜେସିବି ଓ ମୋରୋମ ଚାଲାଣ ରେ ନିୟୋଜିତ ଓଡି ୦୨ଏଏଚ୍-୦୬୫୦ ଏବଂ ଓଡି ୦୨ ବିୱାଇ-୩୬୦୨ ନଂ ବିଶିଷ୍ଟ ଦୁଇଟି ହାଇୱାକୁ ଜବତ କରିଥିଲେ। ଏହି ଘଟଣାରେ ଆଦର୍ଶଥାନାରେ ୩୨୨/୨୬ରେ ଏକ ମାମଲା ରୁଜୁ ହୋଇ ଗିରଫ ୪ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷରେ ବେଆଇନଭାବେ ଖଣି ଚଳାଉଥିବା ମାଫିଆଙ୍କୁ ସାବାଡ କରିବା ଲାଗି ଜିଲ୍ଲା ପ୍ରଶାସନ ଧରପଗଡ କୁ ଜୋର ସୋର କରାଯିବା ଫଳରେ ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣ କମିବ ବୋଲି ସ୍ଥାନୀୟ ଜନସାଧାରଣ ଆଶା କରିଛନ୍ତି।

## ମଦ ଓ ସ୍କୁଟି ଜବତ, ଜଣେ ଗିରଫ

ଖୋର୍ଦ୍ଧା,୩୧।୫(ସମିସ): ଶିଳ୍ପାଞ୍ଚଳ ପୁଲିସ ଶନିବାର ରାତିରେ ଚଢଉ କରି ଜଣେ ମଦ ବେପାରୀକୁ ଗିରଫ କରିଛି। ଗିରଫ ଜଣକ ହେଲେ ମୁକ୍ତାପୁର କାଚେରାସାହିର ପ୍ରଭାତ କିଶୋର ସାହୁ (୫୫)। ପ୍ରଭାତ ଠାରୁ ପୁଲିସ ବିଭିନ୍ନ ପ୍ରକାର ର ୨୫ଲିଟର ବିଦେଶୀ ମଦ ସମେତ ଏକ ସ୍କୁଟି କୁ ଜବତ କରିଛି। ପ୍ରଭାତ ବାଙ୍କୀ ଅଂଚଳରୁ ବିଭିନ୍ନ ପ୍ରକାର ନାମିଦାମି ବିଦେଶୀ ମଦ ଆଣି ସ୍ଥାନୀୟ ଅଂଚଳରେ ଗ୍ରାହକଙ୍କୁ ଯୋଗାଉଥିଲା। ଏହି କ୍ରମରେ କାଲି ରାତିରେ ସ୍କୁଟି ଯୋଗେ ମାଲ ଧରି ଆସୁଥିବା ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ତାକୁ ଧରିବାକୁ ଏସ୍‌ପି ପରମାର ସ୍ମିଥ ପର୍ଶୋତମଦାସଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ପଙ୍କଜ କୁମାର ମାଝି ଓ ଥାନା ଅଧିକାରୀ ଉମେଶ ସାହୁଙ୍କ ତତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଗାଁ ନିକଟ ରାସ୍ତାରେ ଛପି ରହିଥିଲେ। ପ୍ରଭାତ ସ୍କୁଟିଯୋଗେ ବାଙ୍କୀ ଦିଗରୁ ଗାଁ ଅଭିମୁଖେ ମଦ ଧରି ଆସିବାବେଳେ ଚଢଉ କରି ତାକୁ ଧରିବା ସହ ଚାଲାଣରେ ବ୍ୟବହୃତ ସ୍କୁଟି ଓ ମଦକୁ ଜବତ କରିଥିଲେ। ବେଆଇନ୍ ମଦବିକ୍ରି ଅଭିଯୋଗରେ ପୁଲିସ ୧୫୨/୨୬ରେ ଏକ ମାମଲା ରୁଜୁ କରି ପ୍ରଭାତ କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶ୍ରୀ ସାହୁ ପ୍ରକାଶ କରିଛନ୍ତି।

## ଟାଙ୍ଗୀ ବ୍ଲକସ୍ତରୀୟ ମାଟ୍ରିକ ପରୀକ୍ଷା ମେଧାବୀ ସମ୍ବର୍ଦ୍ଧନା ସମାରୋହ

ଟାଙ୍ଗୀ,୩୧।୫ (ସମିସ): ରାମଚନ୍ଦ୍ର ପାଇକରାୟ ସ୍ମାରକୀ ଶିକ୍ଷା ଟ୍ରଷ୍ଟ ତରଫରୁ ଟାଙ୍ଗୀ ବ୍ଲକ ସ୍ତରୀୟ ଏକାଦଶ ତମ ମାଟ୍ରିକ ପରୀକ୍ଷା ମେଧାବୀ ସମ୍ବର୍ଦ୍ଧନା ସମାରୋହ ଟାଙ୍ଗୀ ବ୍ଲକ ଅଧିନସ୍ଥ ନୂଆପଡ଼ା ପଦ୍ମାକୁମୁଦ ବିଦ୍ୟାନିକେତନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦିବଂଗତ ରାମଚନ୍ଦ୍ର ପାଇକରାୟ ଓ ଟ୍ରଷ୍ଟର ପ୍ରତିଷ୍ଠାତା ତାଙ୍କର ସୁପୁତ୍ର ଦିବଂଗତ ସୁରେଶ ଚନ୍ଦ୍ର ପାଇକରାୟ ପ୍ରମୁଖଙ୍କ ଫଟୋରେ ପୁଷ୍ପ ପ୍ରଦାନ କରାଯାଇଥିଲା। ଛାତ୍ରୀ ମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯିବା ପରେ ମାନେଜିଙ୍ଗ ଟ୍ରଷ୍ଟି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତା ରେ ସଭା କାର୍ଯ୍ୟରେ ଟ୍ରଷ୍ଟର ଅଧ୍ୟକ୍ଷ ଇଂ ଶିବରାମ ପ୍ରଧାନ, ଇଂ ସୁରେଶ ଚନ୍ଦ୍ର ବେହେରା, ସନ୍ତୋଷ ଚନ୍ଦ୍ର କର, କୁମର ପ୍ରଧାନ, ଶିକ୍ଷାନିକେତନ ପ୍ରଧାନ ଶିକ୍ଷକ ସରୋଜ କୁମାର ଆଚାର୍ଯ୍ୟ, ପ୍ରମୁଖ ଉଦବୋଧନ ଦେଇ ମେଧାବୀ ଛାତ୍ରଛାତ୍ରୀ ମାନେ ଭବିଷ୍ୟତରେ ଭଲ ମଣିଷ ହୋଇ ଦେଶ ଓ ଦଶର ଉର୍ନ୍ନତି କରିବା ସହିତ ପିତାମାତା ଗୁରୁଜନଙ୍କ ପ୍ରତି ଭକ୍ତି ଭାବ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଟ୍ରଷ୍ଟର ସଦସ୍ୟ ସୁରେନ୍ଦ୍ର ରାଉତ ଅତିଥି ପରିଚୟ ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ବ୍ଲକର ୨୬ଟି ଶିକ୍ଷାନୁଷ୍ଠାନ ର ମାଟ୍ରିକ ପରୀକ୍ଷାରେ ଏ ଓ୍ୱାନ ନିଜନିଜ ବିଦ୍ୟାଳୟ ରେ ସର୍ବୋଚ୍ଚ ନମ୍ବର ରଖିଥିବା ୨୮ ଜଣଛାତ୍ର ଛାତ୍ରୀଙ୍କୁ ପ୍ରଶସ୍ତି ପତ୍ର ସହ ଏକହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଟ୍ରଷ୍ଟି ସୁରେଶ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ସଫଳ କରିବା ପାଇଁ ଦେବ ଚହଟ ରାୟ, ପ୍ରତାପ କୁମାର ପ୍ରଧାନ, ରଞ୍ଜୁବାଳା ଚମ୍ପତିରାୟ ଙ୍କ ସମେତ ସ୍କୁଲର ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନେ ସକ୍ରିୟ ସହଯୋଗ କରିଥିଲେ।

● ସାଂସଦଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼ ଘଟଣା

## ଦୁଇଜଣଙ୍କୁ କୋର୍ଟରେ ହାଜର କଲା ପୁଲିସ

ଖୋର୍ଦ୍ଧା, ୩୧।୫ (ସମିସ): ଗତ ୧୭ତାରିଖରେ ବୋଲଗଡ଼ ବ୍ଲକ ଅଂଚଳକୁ ଏକ ଗସ୍ତ ସମୟରେ ଭୁବନେଶ୍ୱର ସାଂସଦ ଅପରାଜିତ ଷଡ଼ଙ୍ଗୀଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼ ଘଟଣାରେ ପୁଲିସ ୨ଜଣଙ୍କୁ ଧରି କୋର୍ଟରେ ହଜାର କରିଛି। ଏଥିରେ ଜଣେ ନାବାଳକ ଥିବାର ସୁଚନା ମିଳିଛି। ଅନ୍ୟଜଣେ ଏଯାଏଁ ଫେରାର ରହିଥିବା ଜଣାଯାଇଛି। ବୋଲଗଡ଼ ଫ୍ଲାଏଓଭର ନିକଟରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼ ହୋଇଥିଲା। ଏନେଇ ସାଂସଦଙ୍କ ବ୍ୟକ୍ତିଗତ ସୁରକ୍ଷାକର୍ମୀ ଧନେଶ୍ୱର ବାରିକଙ୍କ ଲିଖିତ ଅଭିଯୋଗକ୍ରମେ,୧୯ ତାରିଖରେ ବୋଲଗଡ଼ ଥାନା ନଂ ୨୩୦ରେ ବିଏନ୍‌ଏସ୍‌ର ଧାରା ୧୨୬(୨)/୧୩୨/୩(୫)/୩ ୨୪(୪)/୩୫୨/୬୧(୨) ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ୍, ସିଡିଆର ବିଶ୍ଳେଷଣ ଏବଂ ସ୍ଥାନୀୟ ତଦନ୍ତ ଆଧାରରେ ଅଭିଯୁକ୍ତ ପ୍ରକାଶ କୁମାର ସାହୁ ଓ ଅଭିଯୁକ୍ତ ନାବାଳକ (୧୭)କୁ ୩୧ ତାରିଖରେ ଥାନାକୁ ଆଣି ପଚରାଉଚରା କରାଯାଇଥିଲା।ଏହି ଘଟଣାରେ ବ୍ୟବହୃତ ମୋଟରସାଇକଲ, ମୋବାଇଲ୍ ଫୋନ୍ କୁ ମଧ୍ୟ ଜବତ କରାଯାଇଥିଲା। ତଦନ୍ତ ପରେ ବିଏନ୍‌ଏସ୍ ର ଧାରା ୧୨୬(୨)/୧୩୨/୩୨୪(୪)/୩୫୨/୬୧(୨)/୧୦୯/୩(୫) ରେ କୋର୍ଟରେ ହାଜର କରାଯାଇଛି। ଅଭିଯୁକ୍ତ ପ୍ରକାଶ ଅଣ୍ଡା ଫୋପାଡ଼ିଥିବା ନାବାଳକ ଓ କାଳିଆ ବେହେରାକୁ ଉସକାଇଥିଲା। ଅଭିଯୁକ୍ତ ପ୍ରକାଶ ଙ୍କୁ ଖୋର୍ଦ୍ଧା ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯାଇଥିବା ବେଳେ ନାବାଳକ ଅଭିଯୁକ୍ତକୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହାଜର କରାଯାଇଛି। ତଦନ୍ତରେ ଉକ୍ତ ନାବାଳକ ଅଭିଯୁକ୍ତ ବିରୋଧରେ ବୋଲଗଡ଼ ଥାନାରେ ଦୁଇଟି ମାମଲା ପୂର୍ବରୁ ରହିଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ବ୍ରହ୍ମାକୁମାରୀ ସେବା କେନ୍ଦ୍ରରେ ବିଶ୍ୱ ତମାଖୁ ବର୍ଜନ ଦିବସ




ଖୋର୍ଦ୍ଧା,୩୧।୫(ସମିସ): ସ୍ଥାନୀୟ ଗୋଡିପୋଖରୀ ସ୍ଥିତ ବ୍ରହ୍ମାକୁମାରୀ ସେବା କେନ୍ଦ୍ର ପରିସରରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। କେନ୍ଦ୍ର ସଂଚାଳିକା ବ୍ରହ୍ମାକୁମାରୀ ଅନୁରାଧା ଭଉଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀ ଯୋଗଦେଇ ତମାଖୁର ଭୟାଭୟତାକୁ ଅନୁଭବକରି ତମାଖୁ ବର୍ଜନ ଉପରେ ସମସ୍ତେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ତେଣୁ ତମାଖୁର ବ୍ୟବହାର ଉପରେ ରୋକ ଲଗାଇବା ଲାଗି ଗ୍ରାମ ଓ ସହରାଂଚଳରେ ସଚେତନତା କରିବା ଆବଶ୍ୟକତା ରହିଛି ବୋଲି କହିଥିଲେ। ବ୍ରହ୍ମକୁମାର ଜୟକୃଷ୍ଣ ଭାଇ ନିଶା ମୁକ୍ତି ପାଇଁ ମାନସିକ ଦୃଢତା ଜରୁରୀ ବୋଲି କହିଥିଲେ। ଏହାପରେ ଖୋର୍ଦ୍ଧା ଜିଲ୍ଲା କାରାଗାର ପରିସରରେ ଅଧିକ୍ଷକ ରାଜିବ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ନିଶାମୁକ୍ତ ସଭାରେ ୨୦୦ରୁ ଉର୍ଦ୍ଧ୍ୱ କାରାଗାରରେ ଥିବା ଅନ୍ତେବାସୀ ଯୋଗଦାନ କରି ନିଶା ବର୍ଜନ କରିବା ପାଇଁ ଶପଥ ନେଇଥିଲେ। ବ୍ରହ୍ମାକୁମାରୀ ଖୋର୍ଦ୍ଧା ସେବା କେନ୍ଦ୍ର ତରଫରୁ ଜ୍ଞାନ ଦର୍ପଣ ମାସିକ ଆଧ୍ୟାତ୍ମିକ ପତ୍ରିକା ସମସ୍ତଙ୍କୁ ବଂଟନ କରାଯିବା ସହିତ ନିଶାମୁକ୍ତିର ଶିକ୍ଷା ଦିଆଯାଇଥିଲା। ଏଥିସହିତ ପଲ୍ଲାରେ ଥିବା ନିଶା ନିବାରଣ ସଂସ୍ଥା ମୁକ୍ତି ଫାଉଣ୍ଡେସନରେ ୨୫ଜଣ ଓ ଗୋଡିପୋଖରୀ ଠାରେ ଥିବା ନିଶା ନିବାରଣ ସଂସ୍ଥା ଜୀବନ ଆଶା ରେ ୧୫ଜଣ ଅନ୍ତେବାସୀ ନିଶାମୁକ୍ତ ହେବାର ଶିକ୍ଷା ପ୍ରଦାନ କରାଯାଇଥିଲା।

## ଭୂଷଣ୍ଡପୁର ଦାରୁବ୍ରହ୍ମଙ୍କ ରଥଯାତ୍ରା ପାଇଁ ରାଜାଙ୍କୁ ନିମନ୍ତ୍ରଣ




ଭୂଷଣ୍ଡପୁର,୩୧।୫(ସମିସ): ଟାଙ୍ଗୀ ବ୍ଲକ ଭୂଷଣ୍ଡପୁର ଠାରେ ପ୍ରତିଷ୍ଠିତ ଦାରୁବ୍ରହ୍ମ ରଥଯାତ୍ରା କମିଟି ତରଫରୁ ଆଗାମୀ ରଥଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଶ୍ରୀଶ୍ରୀ ଦାରୁବ୍ରହ୍ମ ରଥଯାତ୍ରା କମିଟି ଚାରିଟ୍ରେବୁଲୁ ଟ୍ରଷ୍ଟ ପକ୍ଷରୁ ପାରିକୁଦଗଡ ରାଜା ଙ୍କୁ ରଥଯାତ୍ରା ପାଇଁ ପ୍ରଥମେ ନିମନ୍ତ୍ରଣ କରାଯାଇଛି। ଦାରୁବ୍ରହ୍ମ ରଥଯାତ୍ରାର ମୁଖ୍ୟ ଆବାହକ ବିଜୟ ବାବାଙ୍କ ସହିତ କମିଟି ସଦସ୍ୟ ଯାଇ ରାଜାଙ୍କୁ ନିମନ୍ତ୍ରଣ କରିଛନ୍ତି।

## ୨୦୦୫ ମାଟ୍ରିକ୍ ବିଦ୍ୟାର୍ଥୀଙ୍କ ବନ୍ଧୁ ମିଳନ

ବାଲୁଗାଁ, ୩୧।୫(ସମିସ) : ବାଲୁଗାଁ ନିକଟସ୍ଥ ବଡକୂଳ ଚିଲିକା ଉଚ୍ଚ ବିଦ୍ୟାଳୟର ୨୦୦୫ ମସିହା ଦଶମ ଶ୍ରେଣୀ ବ୍ୟଚର ପୁରାତନ ଛାତ୍ରଛାତ୍ରୀମାନଙ୍କର ଏକ ବନ୍ଧୁ ମିଳନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ପିନାକି ପାଇକରାୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ବିଘ୍ନନାଶ ପାଣିଗ୍ରାହୀ, ଭାଗୀରଥୀ ସ୍ୱାଇଁ, ସୁରେଶ ଶତ୍ରୁଷଲ୍ୟ, ବିଜୟକୁମାର ତ୍ରିପାଠୀ, ଅଶୋକ କୁମାର ପ୍ରଧାନ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ସାହୁଙ୍କ ସମେତ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ଯୋଗଦେଇ ଥିଲେ। ପୂର୍ବତନ ଛାତ୍ରୀ ସସ୍ମିତା ପ୍ରଧାନ ଓ ଅର୍ଚ୍ଚନା ଜାଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଶ୍ୱିନୀ ବେହେରା, ସୁନୀଲ ପଲେଇ ଓ ବବିରାଣୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ଶେଷରେ ବାବୁନା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଟାଙ୍ଗୀ, ୩୧।୫ (ସମିସ): ଟାଙ୍ଗୀ ଶିକ୍ଷା ମଣ୍ଡଳ ଅଧିନସ୍ଥ ଅଚ୍ୟୁତପୁର ଆଞ୍ଚଳିକ ସାଧନ କେନ୍ଦ୍ର ରାତାମାଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ମୀନକେତନ ଦାସ ତାଙ୍କ ବୃତ୍ତିଗତ ଜୀବନରୁ ସେବା ଅବସର ନେଇଛନ୍ତି । ଏହି ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭାରେ ବିଶିଷ୍ଟ ଶିକ୍ଷବିତ ରମେଶ ଚନ୍ଦ୍ର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ଓଡ଼ିଶାର ସୁନାମଧନ୍ୟ ଶିକ୍ଷାବିତ ବଇଁଶୀଧର ଜଗଦେବ ମୁଖ୍ୟ ଅତିଥି ଓ କୃଷକ ନେତା କୃଷ୍ଣ ଚନ୍ଦ୍ର



ଜଗଦେବ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସହ ଶିକ୍ଷାଧିକାରୀ ନିରୁପମା ମହାପାତ୍ର, ଟାଙ୍ଗୀ ମଣ୍ଡଳ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସଲିଳ କୁମାର ସ୍ୱାଇଁ, ସମ୍ପାଦକ ସନ୍ତୋଷ କୁମାର ବେହେରା, ଜିଲ୍ଲା ସଂଗଠନ ସମ୍ପାଦକ ସମରେଶ ବେହେରା, ଶ୍ରୀରଞ୍ଜନ ମଙ୍ଗରାଜ, ଖୋର୍ଦ୍ଧା ବ୍ଲକ ପୂର୍ବତନ ସହ ଶିକ୍ଷାଧିକାରୀ ସତ୍ୟବାନ ପ୍ରଧାନ, ଖୋର୍ଦ୍ଧା ବିଧାୟକଙ୍କ ପ୍ରତିନିଧି ବାବୁ ସାମନ୍ତରାୟ, ଶିକ୍ଷକ ବଳରାମ ବେହେରା, ସୁଦର୍ଶନ ସାହୁ, ଅମର ଜୟସିଂହ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅମ୍ଲାନ ପ୍ରହରାଜ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ନୀଳାଦ୍ରି କୁମାର ସିଂହ ମଞ୍ଚ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ସେବା ସମବାୟ ସମିତି କର୍ମଚାରୀ ସଂଘର ବାର୍ଷିକ ସାଧାରଣ ସଭା

ଖୋର୍ଦ୍ଧା, ୩୧।୫ (ସମିସ): ସ୍ଥାନୀୟ ଜୟୀରାଜଗୁରୁ ଟାଉନ ହଲ ପରିସରରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ସେବା ସମବାୟ ସମିତି କର୍ମଚାରୀ ସଂଘର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି କେଳୁଚରଣ ଜଗଦେବଙ୍କ ସଭାପତିତ୍ୱରେ ବେଗୁନିଆ ର ଅନାଦି ସାହୁ, ଭୁବନେଶ୍ୱରର ଅନ୍ନପୂର୍ଣ୍ଣା ମିଶ୍ର, ବାଲିଅନ୍ତାର ରବୀନ୍ଦ୍ର କୁମାର ଜେନା, ପୂର୍ବତନ ସମବାୟ କର୍ମଚାରୀ ପର୍ଶୁରାମ ଦାଶ, ସୁନ୍ଦରପୁର ସମବାୟ ସମିତିର ପୂର୍ଣ୍ଣଚନ୍ଦ୍ର କଳସ, ବାଣପୁରର ମନୋଜ କୁମାର ପ୍ରଧାନ, ବାଲିପାଟଣାର ଅଭିମନ୍ୟୁ ନାୟକ, ହରି ବାବୁ, ରାଜ୍ୟ ସମବାୟ ସମିତି କର୍ମଚାରୀ ମହାସଂଘର କୋଷାଧ୍ୟକ୍ଷ ଲିଟନ କୁମାର ଦାସ ପ୍ରମୁଖ ମଂଚାସୀନ ଥିଲେ। ସେବା ସମବାୟ ସମିତି ଗୁଡ଼ିକ ଜନସାଧାରଣଙ୍କ ହିତ ପାଇଁ କାର୍ଯ୍ୟ କରୁଅଛି ୭୦ଭାଗ ରୁ ଉଦ୍ଧ୍ୱର୍ କୃଷକ ଙ୍କୁ କୃଷି ଋଣ ଲଗାଣ, ବିଭିନ୍ନ ପ୍ରକାର ଅନକୃଷି ଋଣ ଲଗାଣ, ସାର ବିହନ କୃଷି ଯନ୍ତ୍ରପାତି ଇତ୍ୟାଦି ବିକ୍ରି କରାଯାଉଛି। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ନୀତି ନିୟମ ଅନୁଯାୟୀ ସମସ୍ତ କାର୍ଯ୍ୟ




କରୁଛନ୍ତି। ସେବା ସମବାୟ ସମିତି କୁ ଏକ ଜନହିତକର ସଂସ୍ଥା ବୋଲି ସରକାର ଘୋଷଣା କରିଛନ୍ତି।

ଏହି ପରିପେକ୍ଷୀରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ର ୧୭୨ଟି ସମିତି କାର୍ଯ୍ୟ କରୁଅଛି ସେଥିମଧ୍ୟରୁ ୮୦ଭାଗ ରୁ ଉଦ୍ଧ୍ୱର୍ ସମିତି କ୍ଷତିରେ ଚାଲୁଛି। ତେଣୁ ବିଭାଗୀୟ ଅଧିକାରୀ ମାନେ ଯେଉଁ କ୍ୟାଡ଼ର ଫଣ୍ଡ କୁ ୬୦ଭାଗ ଟଙ୍କା ସମିତିର ଲାଭାଂଶରୁ ଦେବା ପାଇଁ ରହିଛି ସେଥିପାଇଁ ସମିତି ସମ୍ପୂର୍ଣ୍ଣ ଅକ୍ଷମ ଅଟେ ବୋଲି ବକ୍ତାମାନେ କହିଥିଲେ। ତେଣୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଜିର ସଭା ରେ ୫ଦଫା ସମ୍ବଳିତ ଏକ ଦାବି ପତ୍ର ପ୍ରଦାନ କରାଯିବ ପାଇଁ ସଂଘ ପକ୍ଷରୁ ନିଷ୍ପତ୍ତି କରାଗଲା। ଦାବିଗୁଡିକ ମଧ୍ୟରେ ସମିତି ରେ କାର୍ଯ୍ୟ କରୁଥିବା ସମସ୍ତ ବର୍ଗ ର କର୍ମଚାରୀ ମାନଙ୍କୁ ସମବାୟ ବିଭାଗର ତତ୍ୱାବଧାନରେ ସରକାରୀ କ୍ୟାଡ଼ର ଭୂକ୍ତ କରି ସରକାର ଙ୍କ ବଜେଟ୍ ରେ ସେମାନଙ୍କର ଦରମା ବ୍ୟବସ୍ଥା କରାଯିବା, ସମିତି ର ନିର୍ବାଚିତ ପ୍ରତିନିଧି ମାନଙ୍କ ପାଇଁ ଗ୍ରାମ ପଂଚାୟତ ର ପ୍ରତିନିଧିମାନଙ୍କ ପରି ଦରମା ର ବ୍ୟବସ୍ଥା କରାଯିବା, ସମିତି ର କର୍ମଚାରୀ ଙ୍କ ପାଇଁ ଗ୍ରାଚ୍ୟୁଟି, ଲିଭ୍ ସାଲେରି, ପେନସନ ଇତ୍ୟାଦି ବ୍ୟବସ୍ଥା କରାଯିବା, ସମିତି ର କର୍ମଚାରି ମାନଙ୍କ ପାଇଁ ୨୦ଲକ୍ଷ୍ୟ ଟଙ୍କା ର ଜୀବନ ବୀମା କରାଯିବା, ସମିତିକୁ ୨ଏକର ସରକାରୀ ଜମି ଲିଜ୍ ସୂତ୍ର ରେ ଯୋଗାଇ ଦିଆଯାଉ ପ୍ରମୁଖ ଦାବି ରହିଛି। ଶେଷରେ ସଂଘର ସହ ସଭାପତି ନିତ୍ୟାନନ୍ଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସଂଘର ସାଧାରଣ ସମ୍ପାଦକ ବିଶ୍ୱନାଥ ମହାରଣା ଓ ଝଜ ସାମନ୍ତରାୟ, ମାନସ ଛୋଟରାୟ, ସୌମ୍ୟ ରଞ୍ଜନ ରାଉତରାୟ, କୁନୁ ପଟ୍ଟନାୟକ, ପାତଞ୍ଜଳି ପ୍ରଧାନ, ନରେଶ ମହାନ୍ତି, ବାଙ୍କନିଧି ପ୍ରଧାନ, ନିରାମାଖି ସାହୁ, ପରମାନନ୍ଦ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ସୋରଡ଼ା,୩୧।୫(ସମିସ):** ସୋରଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବିଧାୟକ ନୀଳମଣି ବିଷୋୟୀ, ତହସିଲଦାର ଗୋପାଳ କୃଷ୍ଣ ରାଉତରାୟ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲ୍ଲୀପ କୁମାର ସ୍ୱାଇଁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ମଣ୍ଡଳ, ପୀତାମ୍ବର ନାୟକ, ସୁଶିଳା ପାତ୍ର, ବରିଷ୍ଠ ସମାଜସେବୀ ଲକ୍ଷ୍ମୀ ଚରଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଶିକ୍ଷକଙ୍କୁ କିଛି ନା କିଛି ଭଲ ପାଇବାର ବାର୍ତ୍ତା ସହିତ ନିଜର ସୁନ୍ଦର ବ୍ୟବହାର ନିଜ କାର୍ଯ୍ୟାଳୟ କର୍ମଚାରୀ ଠାରୁ ଆରମ୍ଭ କରି ଶିକ୍ଷକଙ୍କୁ ଚିରଦିନ ପାଇଁ ମନେ ରହିବ ବୋଲି ଉପସ୍ଥିତ ଶିକ୍ଷକ ମାନେ କହିଥିଲେ। ଏହି ଅବସରରେ ସୋରଡ଼ା ଓଏଭି ଟପ୍ପର ଅଂଶୁମାନ ପଣ୍ଡା ଏବଂ ଓଏଏସ ପାଇଥିବା କାହ୍ନୁଚରଣ ବେହେରାଙ୍କୁ ଉପଢୌକନ ସହ ଶୁଭେଚ୍ଛା ଜଣାଇଛନ୍ତି। କାର୍ଯ୍ୟକ୍ରମକୁ ସିଆରସିସି ସନ୍ତୋଷ କୁମାର ମହାନ୍ତି, ସୀମାଞ୍ଚଳ ଦଳେଇ, କାହ୍ନୁ ଚରଣ ପ୍ରଧାନ, ରାଜେନ୍ଦ୍ର କୁମାର ବିଷୋୟୀ ପ୍ରମୁଖ ସଞ୍ଚାଳନ କରିଥିବା ବେଳେ ଅଞ୍ଚଳର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଂଶଗ୍ରହଣ କରିଥିଲେ।

## କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଛତ୍ରପୁର,୩୧।୫(ସମିସ):** ଗଞ୍ଜାମ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟରତ ରେଡିଓ ଇନ୍ସପେକ୍ଟର ରାଜେନ୍ଦ୍ର କୁମାର ପାତ୍ର ଏବଂ ଭଞ୍ଜନଗର ସୂଚନା କେନ୍ଦ୍ର ଓ ପାଠାଗାରର ଗ୍ରନ୍ଥାଗାରିକ ପ୍ରଦୀପ କୁମାର ପାତ୍ର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଛତ୍ରପୁର ସ୍ଥିତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଗୀତା, ଛତା ଓ ଉତ୍ତରୀୟଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ ଉଭୟଙ୍କର କର୍ତ୍ତବ୍ୟପରାୟଣତା, ସାଧୁତା ଓ ସହୃଦୟତା ଗୁଣର ଉଚ୍ଚ ପ୍ରଶଂସା କରିବା ପୂର୍ବକ ଉଭୟଙ୍କ ସହିତ ବିତାଇଥିବା ପୁରୁଣା ଦିନ ଗୁଡିକର ସ୍ମୃତିଚାରଣ କରିଥିଲେ। ଅବସର ଗ୍ରହଣ କରିଥିବା ଉଭୟ କର୍ମଚାରୀ ତାଙ୍କର ଦୀର୍ଘ ଚାକିରି ଜୀବନର ଅଭିଜ୍ଞତା ବଖାଣିବା ସହିତ ନିଷ୍ଠା ଓ ଶୃଙ୍ଖଳାକୁ ପ୍ରାଧାନ୍ୟ ଦେଇ ବିଭାଗର ସୁନାମକୁ ଅକ୍ଷୁର୍ଣ୍ଣ ରଖିବାକୁ ପରାମର୍ଶ ଦେଇଥିଲେ। ଅଳ୍ପ ଦିନପରେ ଅବସର ଗ୍ରହଣ କରୁଥିବା ଦିଗପହଣ୍ଡି କାର୍ଯ୍ୟାଳୟର ରାତ୍ର ଜଗୁଆଳ କମଳ ଲୋଚନ ଦଳବେହେରାଙ୍କୁ ମଧ୍ୟ ଏ ଅବସରରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଭଞ୍ଜନଗର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ନାୟକଙ୍କ ସମେତ ଶ୍ୟାମଘନ ପାତ୍ର, ଜଗନ୍ନାଥ ବେହେରା, ରୂପଶ୍ରୀ କବି, ରଜାକ ହୁସେନ, ରାମ ଆଚେରୀ, ପଦ୍ମଚରଣ ନାୟକ, ତାରିଣୀ ସାହୁ, ଭାଗ୍ୟଲକ୍ଷ୍ମୀ ପାତ୍ର, ମମତା ମହାନ୍ତି, ରବୀନ୍ଦ୍ର ସାହୁ, ଏସ ବଳରାମ ରେଡ୍ଡୀ, ତୁଷାର ବେହେରା ପ୍ରମୁଖ ଆଜିର ସଭାରେ ଯୋଗ ଦେଇଥିଲେ।

# ପାଣି ଟାଙ୍କି ଅଧା ଗଢ଼ି ଟଙ୍କା ନେଇଗଲା ଠିକାଦାର

## ଲୋକେ ହନ୍ତସନ୍ତ; ପ୍ରଶାସନ ନିରବ

**ଆସିକା,୩୧।୫(ସମିସ):**

୭୨ ଲକ୍ଷ୍ୟ ଟଙ୍କାରେ ନିର୍ମାଣାଧୀନ ପାଣିଟାଙ୍କି ଲୋକଙ୍କ କାମରେ ଆସୁନାହିଁ। ଠିକାଦାର ଅଧାପନ୍ତରିଆ ଭାବେ କାମ ସାରି ଲକ୍ଷାଧିକ ଟଙ୍କା ନେଇଯାଇଛନ୍ତି। ଏବେ ପାଣି ପାଇଁ ରାମନାପୋଲି ଓ ରାଙ୍କୁଡ଼ାରେ ପାଖାପାଖି ଶହେରୁ ଉର୍ଦ୍ଧ୍ୱ ପରିବାର ଡହଳ ବିକଳ ହେଉଛନ୍ତି। ଗତ କିଛିଦିନ ହେଲା ତାପମାତ୍ରା ବୃଦ୍ଧି ଯୋଗୁ ଗାଁ ଗାଁରେ ପିଇବା ପାଣି ସଂକଟ ଦେଖାଦେଇଛି ଓ ଲୋକେ ପାଣି ପାଇଁ ନାହିଁ ନଥିବା ହୀନସ୍ତା ହେଉଛନ୍ତି। ଗାଁ ଶେଷ ମୁଣ୍ଡରେ ପାଣି ଟାଙ୍କି ନିର୍ମାଣ ହୋଇଛି, ଘରକୁ ଘର ପାଣି ପାଇପ ଲାଇନ ଯାଇଛି, କିନ୍ତୁ ପାଣି ଆସୁନାହିଁ। ଏହାବାଦ୍





ଗାଁରେ ହ୍ୟାଣ୍ଡପମ୍ପ ଥାଇ ମଧ୍ୟ ଖରାଦିନେ ପ୍ରର୍ଯ୍ୟାପ୍ତ ପାଣି ବାହାରୁ ନାହିଁ। ଲୋକେ ବାଧ ହୋଇ ଗାଁଠାରୁ ଏକ କିଲୋମିଟର ଦୂରରେ ଥିବା ଅପରିଷ୍କାର ପୋଖରୀରୁ ପାଣି ଛାଣି ଆଣି ବ୍ୟବହାର କରୁଛନ୍ତି। ପାଖାପାଖି ଷାଠିଏ ପରିବାର ଏପରି ପାଣି ସମସ୍ୟାରେ ସନ୍ତୁଳି ହେଉଥିବାବେଳେ ବାରମ୍ବାର ବିଧାୟକଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନକୁ ଜଣାଇଥିଲେ ମଧ୍ୟ ଆଦିବାସୀ ଲୋକ ବୋଲି କେହି ଗୁହାରି ଶୁଣୁ ନାହାନ୍ତି। ଠିକାଦାର ଓ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗର ମଧୁଚନ୍ଦ୍ରିକା ପାଇଁ ଲୋକେ ଏବେ ତ୍ରାହି ତ୍ରାହି ଡାକୁଛନ୍ତି। ଠିକାଦାରଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନାହିଁ ତାହା ଏବେ ସନ୍ଦେହ ଘେରରେ। ୨୦୨୩ ମସିହାରେ ପାଣିଟାଙ୍କି ନିର୍ମାଣ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଟାଙ୍କିରୁ ପାଣି ବାହାରୁ ନାହିଁ।

ପ୍ରକାଶ ଯେ, ରାମନାପୋଲି ଓ ରାଙ୍କୁଡ଼ାରେ ପାଣି ସମସ୍ୟା ଲାଗି ରହିଥିଲା। କେନ୍ଦୁପଦର ସରପଞ୍ଚ ଭବାନୀ ଶଙ୍କର ମଲିକଙ୍କ ପ୍ରଚେଷ୍ଟାରେ ପୂର୍ବ ସରକାରଙ୍କ ସମୟରେ ପାଣି ଟାଙ୍କି ନିର୍ମାଣ କାମ ଆରମ୍ଭ ହୋଇଥିଲା। ଠିକାଦାର କାମ ନେଇ ପାଣି ଟାଙ୍କି ତିଆରି କରି ଅଧାପନ୍ତରିଆ ଭାବେ ଛାଡି ଛୁ' ହୋଇଯାଇଥିବାବେଳେ ସରପଞ୍ଚ ଏ ସମସ୍ୟା ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ପଞ୍ଚାୟତର ଜନଶୁଣାଣିରେ ଅଭିଯୋଗ କରିଥିଲେ। ଆଜି ପର୍ଯ୍ୟନ୍ତ ଟାଙ୍କି ଲୋକଙ୍କ କାର୍ଯ୍ୟରେ ଆସୁନାହିଁ କି ବିଧାୟକଙ୍କୁ ଅଭିଯୋଗ କରିଲେ ମଧ୍ୟ ଗ୍ରାମବାସୀମାନେ ଶୁଣୁ ନାହାନ୍ତି। ସେପଟେ ସରପଞ୍ଚ ପିଇବା ପାଣି ପାଇଁ ପାଣି ଟ୍ୟାଙ୍କର ମାଧ୍ୟମରେ ଲୋକଙ୍କୁ ଯୋଗାଉ ଦିଆଯାଉଥିବା କହିଛନ୍ତି ସରପଞ୍ଚ ଭବାନୀ ଶଙ୍କର ମଲିକ।

## ଚାଷୀଙ୍କୁ ଜୈବିକ ଖତ ଯୋଗାଇବ ଚିନିଶିଳ୍ପ

**ଆସିକା,୩୧।୫(ସମିସ):** ଆସିକା ଚିନି କାରଖାନା ପକ୍ଷରୁ ଆଖୁ ଚାଷୀମାନଙ୍କୁ କାରଖାନାରୁ ବାହାରୁଥିବା ଜୈବିକ ଖତକୁ ସୁଲଭ ଦରରେ ଯୋଗାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ଆଖୁରେ ଜୈବ ସାର, ଜୈବ-କମ୍ପୋଷ୍ଟ ବ୍ୟବହାର ଅତ୍ୟନ୍ତ ପ୍ରଭାବଶାଳୀ। ଏହା ମାଟିର ଜୈବ କାର୍ବନକୁ ଉନ୍ନତ କରେ, ଜଳ ସଂରକ୍ଷଣକୁ ବୃଦ୍ଧି କରେ ଏବଂ ଆବଶ୍ୟକୀୟ ସୂକ୍ଷ୍ମ ପୋଷକ ତତ୍ତ୍ୱ ପ୍ରଦାନ କରେ। ଯାହା ଚାଷୀମାନଙ୍କୁ ଶସ୍ୟ ଉତ୍ପାଦନ ଏବଂ ମାଟି ସ୍ୱାସ୍ଥ୍ୟ ବୃଦ୍ଧି କରିବ। ଏଥିସହିତ ଚାଷୀକୁ ପର୍ଯ୍ୟାପ୍ତ ସାର ସଠିକ ସମୟରେ ମିଳୁ ନଥିବା ଦେଖାଦେଇଛି। ଏହି ରାସାୟନିକ ସାର ଅଭାବ ହେତୁ କୃଷି ଉତ୍ପାଦନ ହ୍ରାସ ହେଉଛି। କୃଷକ ଚାଷ କାର୍ଯ୍ୟରେ ଅନେକ କ୍ଷତି ସହୁଛି। ଗତକାଲି ଚିନିଶିଳ୍ପ ଠାରେ ଏନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଚିନି କାରଖାନାର ସଭାପତି ରବୀନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଶିଳ୍ପର ଏମଡି ଡ଼ା. ସୁଶାନ୍ତ କୁମାର ପଣ୍ଡା, ଆସିକା ବ୍ଲକର ଏକାଉଣ୍ଟେଣ୍ଟ ପ୍ରିୟମ୍ବଦା କଅଁର, ସମ୍ପାଦକ ସନ୍ତୋଷ କୁମାର ମଲ୍ଲିକ,




କାରଖନାର ପରିଚାଳନା ନିର୍ଦ୍ଦେଶକ ନିରଞ୍ଜନ ପ୍ରଧାନ, ବସନ୍ତ ଦଳାଇ, ସନ୍ତୋଷ ପ୍ରଧାନ, ପୂର୍ଣ୍ଣ ବରାଡ଼ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଆସିକା ଚିନି କାରଖାନାକୁ ଗଞ୍ଜାମ ଜିଲ୍ଲାର ୧୬ଟି ବ୍ଲକ, ନୟାଗଡ ଓ ଖୋର୍ଦ୍ଧା ଜିଲ୍ଲାର ୩ ଗୋଟି ବ୍ଲକର ୧୨ ହଜାରରୁ ଉର୍ଦ୍ଧ୍ୱ ଏକର ଜମିରେ ଆଖୁ ଚାଷ କରୁଥିବା ପାଖାପାଖି ୧ ହଜାର ଚାଷୀ ମାନଙ୍କ ନିମନ୍ତେ କାରଖାନାରୁ ବାହାରୁଥିବା ପ୍ରେସ ମଡ (ଜୈବିକ ଖତ)କୁ କେବଳ ଆଖୁ ଚାଷୀଙ୍କୁ ସୁଲଭ ଦରରେ ଦେବା ପାଇଁ ସ୍ଥିର ହୋଇଛି। ଜୈବିକ ଖତ ଟନ ପିଛା ୪୦୦ ଟଙ୍କା ଦରରେ ଦେବାକୁ ନିଷ୍ପତ୍ତି ହୋଇଛି ବୋଲି ପରିଚାଳନା ନିର୍ଦ୍ଦେଶକ ଡ଼. ସୁଶାନ୍ତ କୁମାର ପଣ୍ଡା ପ୍ରକାଶ କରିଛନ୍ତି।

## କାଳବୈଶାଖୀରେ ଭାଙ୍ଗିଲା ସ୍କୁଲ୍ ପାଚେରି

**ବେଲଗୁଣ୍ଠା,୩୧।୫(ସମିସ):** ଶନିବାର ସନ୍ଧ୍ୟାରେ କାଳବୈଶାଖୀ ବର୍ଷା ହେବା ଫଳରେ ବେଲଗୁଣ୍ଠା ସହର ବାଙ୍କୀ ବଜାର ସ୍ଥିତ ପଟେଲ୍ ରୋଡ ପ୍ରାଥମିକ ବିଦ୍ୟାଳୟ ପାଚେରୀ ଭାଙ୍ଗି ଯାଇଛି। ସେହିପରି ନିକଟରେ ଯାଇଥିବା ବିଦ୍ୟୁତ୍ ତାର ମଧ୍ୟ ଓହଳି ରହିଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ବେଲଗୁଣ୍ଠାରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଛି। ତେବେ ବାଙ୍କୀ ବଜାର ବେଲଗୁଣ୍ଠା ସହରର ମୁଖ୍ୟ ବାଣିଜ୍ୟ ପେଣ୍ଠସ୍ଥଳୀ ହୋଇଥିବା ବେଳେ ସନ୍ଧ୍ୟାରୁ ଗଛ ପଡ଼ିବା ସହ ବିଦ୍ୟୁତ୍ ତାରଗୁଡ଼ିକ ଓହଳି ରହିଥିଲା। ହେଲେ ଏଗୁଡ଼ିକୁ ରାସ୍ତାରୁ ହଟାଇବାକୁ କୌଣସି ପଦକ୍ଷେପ ନିଆଯାଇନଥିବା ଯୋଗୁଁ ଯାତାୟାତ ସମ୍ପୂର୍ଣ୍ଣ ରୂପେ ଠପ୍ ହୋଇଥିଲା।

## ଦୁଇ ୱାରେଣ୍ଟିଙ୍କୁ କୋର୍ଟଚାଲାଣ

**ଦିଗପହଣ୍ଡି,୩୧।୫(ସମିସ):** ଦିଗପହଣ୍ଡି ପୁଲିସ ରବିବାର ଦୁଇ ୱାରେଣ୍ଟିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଦିଗପହଣ୍ଡି ଥାନା କୁକୁଡ଼ାଖଣ୍ଡି ବ୍ଲକ ମହୁଡ଼ା ଗ୍ରାମର ଲକ୍ଷ୍ମୀକାନ୍ତ ମାଝୀ ଏକ ହତ୍ୟା ମାମଲାରେ ଅଭିଯୁକ୍ତ ଥାଇ ଫେରାର ଥିଲେ। ବ୍ରହ୍ମପୁର ଏସଡିଜେଏମ କୋର୍ଟର ଜି.ଆର୍ ମାମଲା ନଂ.୧୩୧୨/୨୩ ଅନୁଯାୟୀ ଅଭିଯୁକ୍ତ ଲକ୍ଷ୍ମୀକାନ୍ତଙ୍କ ନାଁରେ ମାଜିଷ୍ଟ୍ରେଟ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ। ସେହିପରି ପଦ୍ମନାଭପୁର ଗ୍ରାମର ନୀଳମାଧବ ବେହେରାଙ୍କ ନାଁରେ ଦିଗପହଣ୍ଡି ଜେଏମଏଫସି କୋର୍ଟର ମାମଲା ନଂ.୮/୨୪ ଅନୁଯାୟୀ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ଉଭୟ ଅଭିଯୁକ୍ତଙ୍କୁ ୱାରେଣ୍ଟ ବଳରେ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

### ଜିଲ୍ଲାସ୍ତରୀୟ ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ

## କନିଷ୍ଠରେ ସିନ୍ଧୁଜା, ବରିଷ୍ଠରେ ଗୋରାଚନ୍ଦ ପ୍ରଥମ



**କବିସୂର୍ଯ୍ୟନଗର,୩୧।୫(ସମିସ):** କବିସୂର୍ଯ୍ୟନଗର ଚେସ ଏକାଡେମୀ ପକ୍ଷରୁ ଜୁନିଅର ଏବଂ ସିନିଅର ବର୍ଗର ଜିଲ୍ଲାସ୍ତରୀୟ ଚେସ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏଥିରେ ୧୭ ବର୍ଷରୁ କମ ଜୁନିଅରରେ ୧୫ ଜଣ ଓ ସିନିଅର ବର୍ଗରେ ୧୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏହାକୁ କବିସୂର୍ଯ୍ୟନଗର ଚେସ ଏକାଡେମୀ ସଭାପତି ପ୍ରଭାସ ଚନ୍ଦ୍ର ନାୟକ ଉଦଘାଟନ କରିଥିଲେ। ଅରବିଟର ସୁରେଶ ମାଧବ କର ଖେଳ ପରିଚାଳନା କରିଥିଲେ। ଜୁନିଅର ବର୍ଗରେ ସିନ୍ଧୁଜା ଚର୍ଚ୍ଚି ପ୍ରଥମ, ପ୍ରତ୍ୟୁଷାରାଣୀ କର ଦ୍ୱିତୀୟ, ନୃସିଂହନାଥ କର ତୃତୀୟ, ହିମାଂଶୁ ଜେନା ଚତୁର୍ଥ, ପ୍ରୟାସରାଣୀ କର ପଞ୍ଚମ ସ୍ଥାନ ଅଧିକାର କରି ସମ୍ବର୍ଦ୍ଧିତ ହୋଇଛନ୍ତି। ସେହିପରି ସିନିଅର ବର୍ଗରେ ଏସ. ଗୋରାଚନ୍ଦ ରେଡି ପ୍ରଥମ, ପୂର୍ଣ୍ଣଚନ୍ଦ୍ର ପାତ୍ର ଦ୍ୱିତୀୟ, ଶରତ ଚନ୍ଦ୍ର ଦାସ ତୃତୀୟ, ପ୍ରମୋଦ କୁମାର ସେନାପତି ଚତୁର୍ଥ ଓ ଏସ. ଶ୍ରୀନିବାସ ରାଓ ପଞ୍ଚମ ସ୍ଥାନ ଅଧିକାର କରି ସମ୍ବର୍ଦ୍ଧିତ ହୋଇଛନ୍ତି। କବିସୂର୍ଯ୍ୟନଗର ଚେସ୍ ଏକାଡେମୀର ଉପଦେଷ୍ଟା ସଂଜୀବ କୁମାର ଚର୍ଚ୍ଚି ସଫଳ ପ୍ରତିଯୋଗୀଙ୍କୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଅଜୟ କୁମାର ଜେନା, ଶଶାଙ୍କ କୁମାର ସାହୁ, ରାମେଶ୍ୱର ସାହୁ, ଏସ. ଆକାଶ ରେଡି ପ୍ରମୁଖ ସହଯୋଗ କରିଥିଲେ।

## ଠିକାଦାର ସଂଘର ବୈଠକ

**ଧରାକୋଟ,୩୧।୫(ସମିସ):** ସରକାରଙ୍କ ଦ୍ୱାରା ବିଜ୍ଞପ୍ତି ପ୍ରକାଶ ପାଉଥିବା ଠିକା କାମ ଗୁଡ଼ିକର କିପରି ସଫଳ ରୂପାୟନ ହୋଇପାରିବ ଏବଂ ଏଥିରେ କିପରି ସହମତି ଭିତ୍ତିରେ ସମସ୍ତେ ଅଂଶ ଗ୍ରହଣ କରିପାରିବେ ସେଥିପାଇଁ ବ୍ଲକ ଠିକାଦାର ସଂଘର ଏକ ବୈଠକ ସଭାପତି ଦେବରାଜ ଭୂୟାଁଙ୍କ ସଭାପତିତ୍ୱରେ ନିକଟସ୍ଥ ମୁକ୍ତେଶ୍ୱର ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂପ୍ରତି ସରକାରଙ୍କ ଜଳସେଚନ, ହରଭଙ୍ଗି ପ୍ରକଳ୍ପ ସହ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ବିଭାଗର ଟେଣ୍ଡର କାର୍ଯ୍ୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଧରାକୋଟ ବ୍ଲକ ପରିସୀମା ଅଞ୍ଚଳର ସଦ୍ୟ ପ୍ରକାଶିତ ଟେଣ୍ଡର ଗୁଡିକରେ ମୂଳ ବା ସେଡୁଲ ମୂଲ୍ୟରେ ଇଚ୍ଛୁକ ଠିକାଦାର ଅଂଶଗ୍ରହଣ କରିବା ପାଇଁ ସଙ୍ଘ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସଂଘର ସାଂଗଠନିକ କାର୍ଯ୍ୟର ସମୀକ୍ଷା ସହ ପଞ୍ଜୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସଭାପତିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବୈଠକରେ ଉପସଭାପତି ପିଣ୍ଟୁ ପଟ୍ଟନାୟକ, ସମ୍ପାଦକ ସୁଦାମ ଗୌଡ଼, କୋଷାଧ୍ୟକ୍ଷ ପବିତ୍ର ମୁନି, ରୁଦ୍ର ପ୍ରସାଦ ଗୌଡ଼, ଶିବ ସୁଆର, ଦିବାକର ଜେନା, ଶ୍ୟାମ ସୁନ୍ଦର ପାଢ଼ୀ, ସମୀର ସ୍ୱାଇଁ, କାହ୍ନୁଚରଣ ଚୌଧୁରୀ, ଆକାଶ ଦାସ, ସୁଶାନ୍ତ ମହାପାତ୍ରଙ୍କ ସମେତ ବହୁ ଠିକାଦାର ଉପସ୍ଥିତ ରହି ସଂଘର ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ।



## ଓସିଏସ୍ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା




**ବୁଗୁଡ଼ା,୩୧।୫(ସମିସ):** ଓସିଏସ ପରୀକ୍ଷାରେ ବୁଗୁଡା ଏନ୍‌ଏସି ଅନ୍ତର୍ଗତ ନୂଆସାହି ନିବାସୀ ଧ୍ରୁବଚରଣ ପାତ୍ର ଓ ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ପାତ୍ରଙ୍କ ଝିଅ ସଂଘମିତ୍ରା ପାତ୍ର ୧୮୭ ର୍‌ୟାଙ୍କରେ ପାସ୍ ହୋଇ ବୁଗୁଡା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ତାଙ୍କୁ ସ୍ଥାନୀୟ ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ଦ୍ୱିତୀକୃଷ୍ଣ ପାତ୍ର ସମ୍ବର୍ଦ୍ଧିତ କରିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ସଂଘମିତ୍ରାଙ୍କ ବୁଗୁଡା ବାସଭବନରେ ପହଞ୍ଚି ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପ୍ରକାଶଯୋଗ୍ୟ ଭଞ୍ଜନଗର ସିଭିଲ କୋର୍ଟରେ ଜୁନିୟର କ୍ଲର୍କ ଭାବେ କାର୍ଯ୍ୟରତ ସଂଘମିତ୍ରା ତାଙ୍କର ବାଲ୍ୟ ଶିକ୍ଷା ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ଆରମ୍ଭ କରି ଷଷ୍ଠରୁ ଦ୍ୱାଦଶ ଯାଏଁ ଗଞ୍ଜାମର ସୁରଙ୍ଗି ନବୋଦୟ ବିଦ୍ୟାଳୟ ଏବଂ ଶଶିଭୂଷଣ ମହିଳା ମହାବିଦ୍ୟାଳୟରେ ପ୍ରାଣୀ ବିଜ୍ଞାନରେ ସ୍ନାତକ ଶିକ୍ଷା ସମାପ୍ତ ପରେ ଓଡିଶା ପ୍ରଶାସନିକ ସେବା ପରୀକ୍ଷା ନିମନ୍ତେ ପ୍ରସ୍ତୁତି ଚଳାଇଥିଲେ। ତେବେ ସେଥିରେ ତାଙ୍କର ସଫଳତା ହାସଲକୁ ନେଇ ତାଙ୍କୁ ବୁଗୁଡା ମିଡିଆ କ୍ଲବ ସମେତ ଅଞ୍ଚଳର ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିଥିବା ଜଣାଯାଇଛି।

### ପ୍ରଥମ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା

# 'ରୁପା ଶଗଡ଼ରେ ସୁନା କନିଆଁ' ମଞ୍ଚସ୍ଥ

**ରମ୍ଭା,୩୧।୫(ସମିସ):**

ସୁବଳୟା ଗୋପାଳକୃଷ୍ଣ ମହାବିଦ୍ୟାଳୟ ଷ୍ଟାଡିୟମ ପରିସରରେ ଶ୍ରୀଜଗନ୍ନାଥ ସାଂସ୍କୃତିକ କଳାମଞ୍ଚ ପକ୍ଷରୁ ପ୍ରଥମ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ଆରମ୍ଭ ହୋଇଛି। ପ୍ରଥମ ରଜନୀରେ ମା' ନାରାୟଣୀ ନାଟ୍ୟ ସଂସଦ ଖଲ୍ଲିକୋଟ ପକ୍ଷରୁ "ରୁପା ଶଗଡ଼ରେ ସୁନା କନିଆଁ' ନାଟକ ମଞ୍ଚସ୍ଥ ହୋଇଥିଲା। ମୁଖ୍ୟ ଉଦ୍‌ଘାଟକ ଭାବେ ଗଞ୍ଜାମ ଜିଲ୍ଲା ବିଜେପି ଏସ୍‌ସି ମୋର୍ଚ୍ଚା ସଭାପତି କୀର୍ତ୍ତନ ଦାସ ଉଦ୍‌ଘାଟନ କରିବା ସହ କଳାକାରଙ୍କୁ ଉତ୍ସାହିତ କରିଥିଲେ। ଏଥିସହ ପୁରପଲ୍ଲୀ ତଥା ଗାଁ ଗହଳିରେ ଲୁଚି ରହିଥିବା କଳାକୁ ଏହି ମୁକ୍ତମଞ୍ଚ ମାଧ୍ୟମରେ ଲୋକଲୋଚନକୁ ଆଣିବା ପାଇଁ ଏହା ଏକ ମାଧ୍ୟମ ବୋଲି ଦର୍ଶାଇଥିଲେ। ତତ୍‌ସହିତ ଗଞ୍ଜାମ




ଜିଲ୍ଲାର ଗୋଟିପୁଅ ନାଚ, ଦାସକାଠିଆ, ବାଘନାଚ ଏପରି ଲୁପ୍ତ ହେବାକୁ ଯାଉଥିଲା ବେଳେ ଏହି ମୁକ୍ତ ମଞ୍ଚ ନାଟକ କଳା ପ୍ରଦର୍ଶନ ଗ୍ରାମାଞ୍ଚଳରୁ ଆରମ୍ଭ ହୋଇ ଦେଶ ବିଦେଶରେ ଏହାର ପ୍ରଦର୍ଶନ ଯେପରି ସ୍ଥାନ ପାଇପାରିବ ଓ ନାମ ରହିବ ସେପରି ଦୃଷ୍ଟି ଦେବାକୁ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବଳୟା ଗୋପାଳକୃଷ୍ଣ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ତଥା ରାଜ୍ୟପାଳ ପୁରସ୍କୃତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ଶାନ୍ତି କମିଟି ସଭାପତି ରାମହରି ଦାସ, ଜଗନ୍ନାଥ କଳା ମଞ୍ଚର ସଭାପତି ଶଙ୍କର ବାରିକ, ଜଗନ୍ନାଥ କଳା ମଞ୍ଚ ସମ୍ପାଦକ ଉମାକାନ୍ତ ବେହେରା, ଅକ୍ଷୟ କୁମାର ସାହୁ ଓ କହ୍ନେଇ ନାହାକ, ବୈରାଗୀ ଦାସ, କୈଳାସ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ। ନାଟ୍ୟ ନିର୍ଦ୍ଦେଶକ ନିରଞ୍ଜନ ମୁଦୁଲି ସଭା ପରିଚାଳନା କରିଥିଲେ।

## ବିଶ୍ୱ ତମ୍ବାଖୁ ବର୍ଜନ ଦିବସ ପାଳିତ



**ଆସିକା,୩୧।୫(ସମିସ):** ଆସିକା ଉପକାରାଗାରରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ବିଶ୍ୱ ତମ୍ବାଖୁ ବର୍ଜନ ଦିବସ ଉପଲକ୍ଷେ ଏକ ସଚେତନତା ସଭା ଆୟୋଜିତ ହୋଇଯାଇଛି। ଉପକାରାଗାର ଅଧ୍ୟକ୍ଷ ଖଗେଶ୍ୱର ସିଂହଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ସମଗ୍ର ବିଶ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ରଖିବା ଉଦ୍ଦେଶ୍ୟରେ ପ୍ରକାଶ କରିଥିଲେ। ଶେଷରେ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ତରଫରୁ ନିଶାମୁକ୍ତି ଲଘୁ ନାଟିକ ପରିବେଷଣ କରାଯାଇଥିଲା। ବ୍ରହ୍ମାକୁମାରୀ ସୁଜ୍ଞାନୀ ସହଜ ରାଜ ଯୋଗ ଅଭ୍ୟାସ କରାଇଥିଲେ। କାର୍ଯ୍ୟକ୍ରମରେ ଭାରତୀୟ ଇସ୍ପାତ ନିଗମର ବରିଷ୍ଠ ଯନ୍ତ୍ରୀ ବ୍ରହ୍ମାକୁମାର ରମେଶ, ଉପକାରାଗାରର ସବ ଆସିଷ୍ଟାଣ୍ଟ ଜେଲରଙ୍କ ସହ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସମସ୍ୟା ଘେରରେ ହରିଡ଼ାପଶି ପ୍ରାଥମିକ ବିଦ୍ୟାଳୟ

# ଭଙ୍ଗା ଚଟାଣରେ ପଢୁଛନ୍ତି ଛାତ୍ରଛାତ୍ରୀ

ତିଗିରିଆ,୩୧।୫(ସମିସ):

ତିଗିରିଆ ବ୍ଲକ ଶିକ୍ଷା ବିଭାଗର ଚରମ ଆନ୍ତରିକତା ଅଭାବ ଓ ପ୍ରଶାସନିକ ଉଦାସୀନତା ଯୋଗୁଁ ସ୍ଥାନୀୟ ପାହାଡ଼ ପର୍ବତ ଘେରା ଅଚଳକୋଟ ପଞ୍ଚାୟତ ଅନ୍ତର୍ଗତ ହରିଡାପଶି ପ୍ରାଥମିକ ବିଦ୍ୟାଳୟଟି ବର୍ଷ ବର୍ଷ ଧରି ନାନାଦି ସମସ୍ୟା ଦେଇ ଗତି କରୁଛି। ବିଦ୍ୟାଳୟର ଭିତ୍ତିଭୂମି ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ଏହାର ସିଧାସଳଖ ପ୍ରଭାବ କୋମଳମତି ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ଓ ଭବିଷ୍ୟତ ଉପରେ ପଡୁଛି। ଏହାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ସ୍ଥିତିରେ ଗ୍ରାମର ଯୁବ ସମାଜସେବୀ ଧର୍ମାନନ୍ଦ ବେହେରା କ୍ଷୋଭ ପ୍ରକାଶ କରିବା ସହ ସମସ୍ୟାର ଆଶୁ ସମାଧାନ ନେଇ ସୋସିଆଲ ମିଡିଆ ପ୍ଲାଟଫର୍ମ "ଟୁଇଟର' (ଏକ୍ସ) ମାଧ୍ୟମରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ଶ୍ରୀ ବେହେରାଙ୍କ ଅଭିଯୋଗ ଅନୁଯାୟୀ, ଦୁର୍ଗମ ଅଞ୍ଚଳରେ ଅବସ୍ଥିତ ଏହି ବିଦ୍ୟାଳୟରେ



ଶିଶୁବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୮୬ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ସେମାନଙ୍କ ମଧ୍ୟରୁ ୩୧ ଜଣ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଅଟନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ସ୍କୁଲ ପରିସରରେ ଦୁଇଟି ଅଙ୍ଗନବାଡ଼ି କେନ୍ଦ୍ର ଓ ଗୋଟିଏ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟ ପରିଚାଳିତ ହେଉଛି। ମାତ୍ର ଦୁଃଖର ବିଷୟ, ଏଭଳି ଏକ ସମ୍ବେଦନଶୀଳ ଶିକ୍ଷାନୁଷ୍ଠାନ ଚାରିପାଖେ ସୁରକ୍ଷା ପ୍ରାଚୀର ବା ବାଉଣ୍ଡ୍ରି ୱାଲ୍ ନାହିଁ। ଯାହାଫଳରେ ରାତ୍ରି ସମୟରେ ସ୍କୁଲ ପରିସରରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି ଏବଂ ଦିନବେଳେ ବୁଲା ପଶୁ ସହଜରେ ଭିତରକୁ ପଶି ଆସୁଛନ୍ତି। ଶ୍ରେଣୀଗୃହଗୁଡ଼ିକ ଭାଙ୍ଗିରୁଜି ଯାଇଥିବା ବେଳେ ପିଲାଙ୍କ ବସିବା ପାଇଁ ଆବଶ୍ୟକ ଡେସ୍କ ଓ ବେଞ୍ଚର ସୁବିଧା ନାହିଁ। ଫଳରେ କଂକ୍ରିଟ୍ ଓ ସିମେଣ୍ଟ ଉଠିଯାଇଥିବା ସେହି ଶୀତଳ ତଥା ଓଦାଳିଆ ଚଟାଣ ଉପରେ ବସି ପିଲାମାନେ ପାଠ ପଢ଼ିବାକୁ ବାଧ ହେଉଛନ୍ତି। ଏହାବ୍ୟତୀତ ବିଦ୍ୟାଳୟରେ ଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ନାହିଁ ଏବଂ ଥିବା ୩ଟି ଶୌଚାଳୟ ମଧ୍ୟରୁ ମାତ୍ର ଗୋଟିଏ କାର୍ଯ୍ୟକ୍ଷମ ଥିବାରୁ ଛାତ୍ରଛାତ୍ରୀ ଓ ଶିକ୍ଷୟିତ୍ରୀମାନେ ଚରମ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍କୁଲରେ ବିଦ୍ୟୁତ ସଂଯୋଗ ବା ଆଲୋକର ବ୍ୟବସ୍ଥା ନାହିଁ କି କୌଣସି ଡିଜିଟାଲ୍ ଭିତ୍ତିଭୂମି ବା ସ୍ମାର୍ଟ କ୍ଲାସରୁମ୍‌ର ବ୍ୟବସ୍ଥା କରାଯାଇ ନାହିଁ। ଆଜିର ଆଧୁନିକ ଯୁଗରେ ହ୍ୱାଇଟ୍ ବୋର୍ଡ ବଦଳରେ ଏଠାରେ ଏବେ ମଧ୍ୟ ପୁରୁଣା କଳାପଟା ବ୍ୟବହାର ହେଉଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ବିଦ୍ୟାଳୟର ଶିକ୍ଷାଦାନର ମାନ ଏଭଳି

### ଟୁଇଟ୍ ଯୋଗେ ଗଣଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ

ସ୍ତରକୁ ଖସିଯାଇଛି ଯେ ଚତୁର୍ଥ ଓ ପଞ୍ଚମ ଶ୍ରେଣୀର କିଛି ଛାତ୍ରଛାତ୍ରୀ ଆଜି ପର୍ଯ୍ୟନ୍ତ ସାଧାରଣ ଓଡ଼ିଆ ଅକ୍ଷର ପଢ଼ିବା କିମ୍ବା ଲେଖିବାରେ ସମର୍ଥ ହେଉନାହାନ୍ତି, ଯାହା ଶିକ୍ଷାଦାନ ପଦ୍ଧତି ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହିପରି ଭାବେ ଅବହେଳିତ ହୋଇ ରହିଥିବା ଦୁର୍ଗମ ଅଞ୍ଚଳର ପିଲାମାନେ ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଥିବାରୁ, ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଭିତ୍ତିଭୂମିର ବିକାଶ ସହ ସ୍ୱାଭାବିକ ପାଠପଢ଼ା ପରିବେଶ ସୃଷ୍ଟି କରିବାକୁ ଜନସାଧାରଣରେ ଦୃଢ଼ ଦାବି ହେଉଛି।

## ସାଲେପୁରରେ ବିଜେଡିର ସାଙ୍ଗଠନିକ ବୈଠକ



ସାଲେପୁର,୩୧।୫(ସମିସ): ସାଲେପୁର ମଧୁମଣ୍ଡପ ପରିସରରେ ରବିବାର ବିଜୁ ଜନତା ଦଳର ଏକ ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ବୈଠକ ବିଧାୟକ ପ୍ରଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ପଞ୍ଚାୟତ ଓ ଏନ୍‌ଏସି ନିର୍ବାଚନକୁ ଆଖି ଆଗରେ ରଖି ଆୟୋଜିତ ଏହି ସମ୍ମିଳନୀରେ ସାଲେପୁର ବ୍ଲକର ୩୯ଟି ପଞ୍ଚାୟତର ଜନପ୍ରତିନିଧି ଏବଂ ଦଳୀୟ କାର୍ଯ୍ୟକର୍ତ୍ତାମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ବୈଠକରେ ବିଧାୟକ ଶ୍ରୀ ବେହେରା ଦଳୀୟ ସଂଗଠନକୁ ଅଧିକ ମଜଭୁତ କରିବା ସହ ସରକାରଙ୍କ ଉଦାସୀନତା ଓ ଅବହେଳା ବିରୋଧରେ ଲୋକଙ୍କ ମଧ୍ୟରେ ଜନଚେତନା ସୃଷ୍ଟି କରିବାକୁ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ଆଲୋଚନା ଚକ୍ରରେ ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ବିଜେଡି କାର୍ଯ୍ୟକାରୀ ସଭାପତି ନାରାୟଣ ପତି, ସାଲେପୁର ଏନ୍‌ଏସି ବିଜେଡି କମିଟି ସଭାପତି ନବକିଶୋର କର, ମହିଳା ସଭାପତି ସରସ୍ୱତୀ ବେହେରା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବିଶ୍ୱଜିତ ଦାଶ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି ଏବଂ ଯୁବନେତା ଧନକିଶୋର ଭୂୟାଁ ମତ ରଖିଥିଲେ। ଆଗାମୀ ଦିନରେ ବିଜେଡି ସଂଗଠିତ ଭାବେ ସାଧାରଣ ଲୋକଙ୍କ ସୁଖଦୁଃଖରେ ସାମିଲ ହୋଇ କାର୍ଯ୍ୟ କରିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ସପନପୁରରେ ବିଭିନ୍ନ ଜନ କଲ୍ୟାଣ କାର୍ଯ୍ୟକ୍ରମ




ଟାଙ୍ଗୀ,୩୧।୫(ସମିସ): ରୋଟାରୀ କ୍ଲବ କଟକ ସନସାଇନ୍ ଆନୁକୂଲ୍ୟରେ ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ସପନପୁର ଉପ୍ରା ବିଦ୍ୟାଳୟ ପରିସରରେ ରବିବାର ଏକ ନିଃଶୁଳ୍କ ଦନ୍ତ ପରୀକ୍ଷା ଶିବିର, ପାନୀୟ ଜଳ ଟାଙ୍କି ଉଦ୍‌ଘାଟନ ଓ ଚାରାରୋପଣ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ନାଏବ ସରପଞ୍ଚ ମାନସ କୁମାର ଭଗତଙ୍କ ପୌରହିତ୍ୟରେ ଆୟୋଜିତ ଏହି ଉତ୍ସବରେ ଯୋରନ୍ଦା ମହିମା ଧର୍ମର ସଭାପତି ଶୁକଦେବ ବାବା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରୋଟାରୀ କ୍ଲବର ସଭାପତି ସମ୍ବିତ ଲେଙ୍କା, ସମ୍ପାଦକ ରାମକୃଷ୍ଣ ମହାନ୍ତି, ସ୍ଥାନୀୟ ସରପଞ୍ଚ ଦୀପ୍ତିମୟୀ ବେହେରା ଓ ଯୁବ ସମାଜସେବୀ ଗଙ୍ଗାଧର ବେହେରା କ୍ଲବର ଏଭଳି ଜନକଲ୍ୟାଣକାରୀ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଶିବିରରେ ବଡ଼ ମେଡିକାଲର ଅଭିଜ୍ଞ ଚିକିତ୍ସକ ଡା. ପ୍ରାଚୀ କର, ଡା. ପାୟଲ ମହାରଣା ଓ ଡା. ସତ୍ୟପ୍ରଭା ରାଉତଙ୍କ ଦ୍ୱାରା ୪୫ ଜଣ ରୋଗୀଙ୍କ ଦନ୍ତ ପରୀକ୍ଷା କରାଯିବା ସହ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଏହି ଅବସରରେ କ୍ଲବ ପକ୍ଷରୁ ସ୍କୁଲରେ କରାଯାଇଥିବା ସ୍ୱତନ୍ତ୍ର ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଓ ଟାଙ୍କିର ଲୋକାର୍ପଣ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ପରମାନନ୍ଦ ଭୋଇ ସମସ୍ତଙ୍କୁ ଧନ୍ୟବାଦ ଦେଇଥିବା ବେଳେ ସିଆରସିସି ମଧୁସୂଦନ ନାୟକ, ସ୍କୁଲ ପରିଚାଳନା କମିଟିର ସଦସ୍ୟ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

## ଲକ୍ଷେଶ୍ୱର ନିର୍ମାଣ ଶ୍ରମିକ ସଂଘର ବାର୍ଷିକ ଉତ୍ସବ



ଫୁଲନଖରା,୩୧।୫(ସମିସ): କଟକ ସଦର ଥାନା ଅନ୍ତର୍ଗତ ସଇନ୍ଧାସ୍ଥିତ ଶ୍ରୀ ଲକ୍ଷେଶ୍ୱର ନିର୍ମାଣ ଶ୍ରମିକ ସଂଘର ୭ମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଉପଦେଷ୍ଟା କାନନ ବିହାରୀ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଓଡ଼ିଶା ହିନ୍ଦ୍ ମଜଦୁର ସଭାର ରାଜ୍ୟ ସମ୍ପାଦକ ମନୋରଞ୍ଜନ ମହାରଣା ମୁଖ୍ୟଅତିଥି ଏବଂ ଅଧ୍ୟାତ୍ମିକ ସ୍ତମ୍ଭକାର ଶ୍ରୀସନ୍ନ୍ୟାସୀ ଜୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ଶାନ୍ତି କମିଟି ସମ୍ପାଦକ ସୁରେନ୍ଦ୍ର ମହାପାତ୍ର, ଆଇନଜୀବୀ ଦିଲ୍ଲୀପ ମହାରଣା ଓ ଉପଦେଷ୍ଟା ରମେଶଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ସମ୍ପାଦକ ବିଭୂତି ଭୂଷଣ ତରାଇ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ମହାମାରୀ ସମୟରେ ସାନିଟାଇଜେସନ ଓ ପରିବେଶ ସୁରକ୍ଷା ପାଇଁ ସଂଘ ପକ୍ଷରୁ କରାଯାଇଥିବା ବୃକ୍ଷରୋପଣ ଭଳି ସାମାଜିକ କାର୍ଯ୍ୟକୁ ଅତିଥିମାନେ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଆଦର୍ଶ କର୍ମକର୍ତ୍ତାମାନଙ୍କୁ ମାନପତ୍ର ଓ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଭାଗ୍ୟଶ୍ରୀ ନାଥଙ୍କୁ ଆଦର୍ଶ ସଂଯୋଜିକା ସମ୍ମାନ ପ୍ରଦାନ କରାଯାଇଥିଲା। ସଂଘର ସଭାପତି ରବୀନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ।

## ପୋଖରୀ ହୁଡ଼ାରୁ ୬ ଗାଈ ବାଛୁରିଙ୍କ ଶବ ଉଦ୍ଧାର

ନିଶ୍ଚିନ୍ତକୋଇଲି,୩୧।୫(ସମିସ): ନିଶ୍ଚିନ୍ତକୋଇଲି ଥାନା ସୁକରପଡ଼ାସ୍ଥିତ ଦେ ପୋଖରୀ ହୁଡାରେ ଗତ ଦୁଇ ଦିନ ହେବ ୬ଟି ଗାଈ ଓ ବାଛୁରି ମୃତ ଅବସ୍ଥାରେ ପଡ଼ିରହିଥିବା ଦେଖିବାକୁ ମିଳିଛି। ଏହି ମୃତ ଗୋରୁଗୁଡ଼ିକ କାହାର ଏବଂ ସେମାନଙ୍କର ମୃତ୍ୟୁ କିପରି ହେଲା, ସେନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଗଭୀର ସନ୍ଦେହ ଓ ଆଲୋଚନା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଗତ ୨୬ ତାରିଖରେ ଏହି ଅଞ୍ଚଳରୁ ବାହାର ରାଜ୍ୟକୁ ବେଆଇନ ଭାବେ ଚାଲାଣ କରାଯାଉଥିବା ୪୭୪ଟି ଗାଈ ବାଛୁରୀଙ୍କୁ ପୁଲିସ ଉଦ୍ଧାର କରିଥିଲା। ତେବେ ଉଦ୍ଧାର ସମୟରେ ଆଉ କିଛି ଗୋରୁଙ୍କୁ ଖୋଲାରେ ଛାଡ଼ି ଦିଆଯାଇଥିବା ନେଇ ସ୍ଥାନୀୟ ଲୋକେ ଚର୍ଚ୍ଚା କରୁଛନ୍ତି। ବର୍ତ୍ତମାନର ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଏହି ବୁଲା ଗୋରୁଗୁଡ଼ିକ ଖାଦ୍ୟ ଓ ପାଣି ନ ପାଇ ଛଟପଟ ହୋଇ ମୃତ୍ୟୁବରଣ କରିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ଏ ସମ୍ପର୍କରେ ଥାନାଧିକାରିଣୀ ଅନୀତା ସାହୁଙ୍କୁ ପଚାରିବାରୁ, ସେ ଉଦ୍ଧାର କରିଥିବା ସମସ୍ତ ଗାଈ ବାଛୁରିଙ୍କୁ ବିଭିନ୍ନ ଗୋଶାଳାରେ ଜିମ୍ମା ଦେଇ ସାରିଥିବା ପ୍ରକାଶ କରିଛନ୍ତି। ପୁଲିସର ଏଭଳି ସୂଚନା ପରେ, ଏହି ମୃତ ୬ଟି ଗାଈ ବାଛୁରି ପ୍ରକୃତରେ କାହାର ଏବଂ ଏଠାକୁ କେଉଁ ପରିସ୍ଥିତିରେ ଆସିଲେ, ସେ ନେଇ ଏକ ନିରପେକ୍ଷ ତଦନ୍ତ କରିବାକୁ ସାଧାରଣରେ ଦୃଢ଼ ଦାବି ହୋଇଛି।

## ଅସୁସ୍ଥ ଯାଦବ ନେତାଙ୍କୁ ଭେଟିଲେ ପୂର୍ବତନ ମନ୍ତ୍ରୀ



ନେମାଳ,୩୧।୫(ସମିସ): କଟକ ସଦର ନିର୍ବାଚନ ମଣ୍ଡଳୀ ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ନେମାଳ ଗ୍ରାମର ବିଶିଷ୍ଟ ଗାୟକ ତଥା ଯାଦବ ସଂଘର ବରିଷ୍ଠ ସଦସ୍ୟ ନଟବର ଦାସ (୭୨) ଦୀର୍ଘ ଦିନ ହେବ ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ଘରେ ଚିକିତ୍ସିତ ହେଉଛନ୍ତି। ଏହି ଖବର ପାଇ ପୂର୍ବତନ ମନ୍ତ୍ରୀ, ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଚନ୍ଦ୍ର ସାରଥୀ ବେହେରା ରବିବାର ନେମାଳସ୍ଥିତ ଶ୍ରୀ ଦାସଙ୍କ ବାସଭବନରେ ପହଞ୍ଚିଥିଲେ। ସେ ସ୍ଥାନୀୟ ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ପିତା ନଟବରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। କ୍ଷମତାରେ ନ ଥାଇ ମଧ୍ୟ ପୂର୍ବତନ ମନ୍ତ୍ରୀଙ୍କ ଏଭଳି ଜନସମ୍ପର୍କ ଓ ସାଧାରଣ ଲୋକଙ୍କ ସୁଖଦୁଃଖରେ ସାମିଲ ହେବା ଚର୍ଚ୍ଚାର ବିଷୟ ପାଲଟିଛି। ଶ୍ରୀ ବେହେରାଙ୍କ ଏହି ଗସ୍ତ ସମୟରେ ଅଞ୍ଚଳର ବରିଷ୍ଠ ବିଜେଡି ନେତା ବିଶ୍ୱେନ୍ଦୁ ମହାରଣା, ଅଚ୍ୟୁତାନନ୍ଦ ଦାସ, ଜାନକୀ ବଲ୍ଲଭ ମହାନ୍ତି, ଶରତ ସାମଲ, ନିରଞ୍ଜନ ଭୂୟାଁ, ସୁନୀଲ ଦାସ, ହିମାଂଶୁ ଶେଖର ଦାସ, ରଘୁନାଥ ସେଠୀ, ପ୍ରମୋଦ ନାୟକ ଓ ବିଷ୍ଣୁ ଚରଣ ଦାସଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ବିଜେଡି ଯୁବ କର୍ମୀ ଉପସ୍ଥିତ ଥିଲେ।

## ଗାଡ଼ି ଧକ୍କାରେ ନଳକୂପ ପିଣ୍ଡି ଚୂରମାର୍

### ପିଇବା ପାଣି ପାଇଁ ଡହଳବିକଳ ୧୫ ପରିବାର

ନିଶ୍ଚିନ୍ତକୋଇଲି,୩୧।୫(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ବୁହାଳ ପଞ୍ଚାୟତର ୩ ନମ୍ବର ୱାର୍ଡରେ ଥିବା ଏକ ପ୍ରଧାନ ନଳକୂପକୁ କୌଣସି ଏକ ଚାରିଚକିଆ ଯାନ ଧକ୍କା ଦେବା ଫଳରେ ଏହାର ପିଣ୍ଡିଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ୮ ନମ୍ବର କେନାଲ ବନ୍ଧ ରାସ୍ତା ପାଶ୍ୱର୍ରେ ଥିବା ଏହି ନଳକୂପଟି ଦୀର୍ଘ ଏକ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଭଗ୍ନ ଅବସ୍ଥାରେ ପଡ଼ିରହିଛି। ଏହାକୁ ପଞ୍ଚାୟତ କର୍ତ୍ତୃପକ୍ଷ କିମ୍ବା ଦୁର୍ଘଟଣା ଘଟାଇଥିବା ଗାଡ଼ି ମାଲିକଙ୍କ ପକ୍ଷରୁ ମରାମତି କରାଯାଉ ନ ଥିବାରୁ ଏବେ ନଳକୂପରୁ ପାଣି ବାହାରିବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏହି



ନଳକୂପ ଉପରେ ନିର୍ଭର କରୁଥିବା ସ୍ଥାନୀୟ ଅଞ୍ଚଳର ପ୍ରାୟ ୧୫ଟି ଦଳିତ ପରିବାର ପିଇବା ପାଣି ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମ୍ବେଦନଶୀଳ ଘଟଣାକୁ ଦୃଷ୍ଟିରେ ରଖି ତୁରନ୍ତ ଉକ୍ତ ନଳକୂପଟିର ମରାମତି କରାଯିବା ସହ ପ୍ରଭାବିତ ପରିବାରଗୁଡ଼ିକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ସ୍ଥାନୀୟ ବାସିନ୍ଦା ଦୃଢ଼ ଦାବି କରିଛନ୍ତି।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବଡ଼ମ୍ବା,୩୧।୫(ସମିସ): ବଡ଼ମ୍ବା ସଦର ମହକୁମା ନିଜିଗଡ଼ସ୍ଥିତ ସର୍ବପୁରାତନ ରାଣୀ ସୁଶୀଳା କୁମାରୀ ଦେବୀ ବାଳିକା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତିରାଣୀ ଦେଇ ରବିବାର କର୍ମକ୍ଷେତ୍ରରୁ ଅବସର ଗ୍ରହଣ କରିଛନ୍ତି। ୧୯୮୭ ମସିହାରେ ବାଙ୍କୀର କୁରୁମୁଚଇନି ବିଦ୍ୟାଳୟରୁ ନିଜର ଶିକ୍ଷକତା ଜୀବନ ଆରମ୍ଭ କରିଥିବା ଶ୍ରୀମତୀ ଦେଇ ପରବର୍ତ୍ତୀ ସମୟରେ ଆଠଗଡ଼ର ସଠିଲୋ ବାସୁଦେବପୁର, ମାଣିଆବନ୍ଧ ଓ ବିଶ୍ୱମ୍ବରପୁର ଆଦି ବିଭିନ୍ନ ବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି ନିଷ୍ଠାର ସହ ସେବା ପ୍ରଦାନ କରିଥିଲେ। ଅଞ୍ଚଳରେ ଜଣେ କର୍ତ୍ତବ୍ୟପରାୟଣା, ସ୍ନେହୀ ଓ ଛାତ୍ରବତ୍ସଳା ଶିକ୍ଷୟିତ୍ରୀ ଭାବେ ସେ ବେଶ୍ ପରିଚିତ। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ସଗୁପ୍ତା କୌଶରୀଙ୍କ ସଭାପତିତ୍ୱ ଏବଂ କଟକ ଜିଲ୍ଲା ନୂତନ ପ୍ରାଥମିକ ଶିକ୍ଷକ ସଂଘର ଉପସଭାପତି ରମେଶ ଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ଏକ ଭାବପୂର୍ଣ୍ଣ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବଡ଼ମ୍ବା ମଣ୍ଡଳ ଶିକ୍ଷାଧିକାରୀ ତ୍ରିଲୋଚନ ଜେନା, ମୁଖ୍ୟବକ୍ତା ଭାବେ ପୂର୍ବତନ ବିଇଓ ପ୍ରକାଶ ଚନ୍ଦ୍ର ମତ୍ତଗଜ ସିଂହ ଏବଂ ସହ-ଶିକ୍ଷାଧିକାରୀ ବିବେକାନନ୍ଦ ସାହୁ ଓ ନିର୍ମଳା ବେହେରା ଯୋଗଦେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଶିକ୍ଷାଦାନ ଶୈଳୀ ଓ ଅବଦାନର ଉଚ୍ଚ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଶିବପ୍ରସାଦ ବ୍ରହ୍ମା ଓ କୈଳାଶ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। ଏହି ବିଦାୟ ପ୍ରଦାନ ଉତ୍ସବରେ ପ୍ରାଥମିକ ଶିକ୍ଷକ ସଂଘର ବ୍ଲକ ସଭାପତି ଚିତ୍ତରଞ୍ଜନ ପ୍ରଧାନ, ଶିକ୍ଷକ ନେତା ପ୍ରମୋଦ ଧଳ, ସତୀଶ ମହାନ୍ତି, ସମାଜସେବୀ ପ୍ରସନ୍ନ ଧଳ ଏବଂ ବହୁ ଶିକ୍ଷକଶିକ୍ଷୟିତ୍ରୀ ତାଙ୍କର ଉତ୍ତରୋତ୍ତର ସୁସ୍ଥ ଜୀବନ କାମନା କରିଥିଲେ। ଶିକ୍ଷୟିତ୍ରୀ ବିନୋଦିନୀ ରାଉତ ଧନ୍ୟବାଦ ଦେଇଥିଲେ।

## କୃତୀ ବିଦ୍ୟାର୍ଥୀଙ୍କୁ ପ୍ରତିଭା ବିକାଶ ପ୍ରତିଷ୍ଠାନର ସମ୍ବର୍ଦ୍ଧନା



କନ୍ଦରପୁର,୩୧।୫(ସମିସ): ଅଗ୍ରଣୀ ସାମାଜିକ ସଂଗଠନ ପ୍ରତିଭା ବିକାଶ ପ୍ରତିଷ୍ଠାନ, କଟକ ସଦର ପକ୍ଷରୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀମାନଙ୍କ ପାଇଁ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୪୨ ମୌଜା ବେଣ୍ଟକାରସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୪୦ରୁ ଊର୍ଦ୍ଧ୍ୱ କୃତୀ ଛାତ୍ରଛାତ୍ରୀଙ୍କୁ "ବଟକୃଷ୍ଣ ମେମୋରିଆଲ ମେଧା ପ୍ରତିଭା ସମ୍ମାନ-୨୦୨୬' ପ୍ରଦାନ କରାଯାଇଛି। ଏଥିସହ ୪୨ ମୌଜା ସ୍ତରରେ ସର୍ବୋଚ୍ଚ ନମ୍ବର ରଖିଥିବା ବେଣ୍ଟକାର ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ତଥା ଶିକ୍ଷାବିତ୍ ମନୋରଞ୍ଜନ ଶତପଥୀଙ୍କୁ ପ୍ରତିଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଷ୍ଠାନର ସଭାପତି ତଥା ବଟକୃଷ୍ଣ ମେମୋରିଆଲ ଟ୍ରଷ୍ଟର ଆବାହକ ବରିଷ୍ଠ ସମାଜସେବୀ ଇଂ. ଅଶୋକ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମାନବାଧିକାର କମିଶନ ସଦସ୍ୟ ଅସୀମ ଅମିତାଭ ଦାଶ ମୁଖ୍ୟଅତିଥି ଏବଂ ହୋପ୍ ଫାଉଣ୍ଡେସନର ଅଧ୍ୟକ୍ଷ ମନସ୍ତତ୍ତ୍ୱବିତ୍ ସମ୍ବିତ୍ ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମାକୁମାରୀ ରୀନା ଭଉଣୀ, ସନ୍ଧ୍ୟା ଭଉଣୀ, ସାମ୍ବାଦିକ ଚିତ୍ତ ରଞ୍ଜନ ଦାସ, ବରିଷ୍ଠ ସମାଜସେବୀ ପୁଷ୍ପରାଜ ପ୍ରଧାନ, ଶିକ୍ଷାବିତ୍ ଚୈତନ୍ୟ ପ୍ରସାଦ ରାଉତ, ପ୍ରାଧ୍ୟାପକ ଡ. କଲିମୁଲ୍ଲା ଓ ନାଟ୍ୟକାର ଅଶୋକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ଅଭୟ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ ସମ୍ପାଦକ ରୁଦ୍ର ନାରାୟଣ ଦାସ ସମସ୍ତ ବୁଦ୍ଧିଜୀବୀ ଓ ଅଭିଭାବକଙ୍କୁ ଧନ୍ୟବାଦ ଦେଇଥିଲେ।

## ମାଫିଆଙ୍କ ଟାର୍ଗେଟରେ ସାମ୍ବାଦିକ

ଭଦ୍ରେଶ୍ୱର,୩୧।୫(ସମିସ): ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଅଞ୍ଚଳରେ ଜଣେ ମାଟି ମାଫିଆର ଦୌରାତ୍ମ୍ୟ ଦିନକୁ ଦିନ ଅଣାୟତ୍ତ ହେବାରେ ଲାଗିଛି। ସ୍ଥାନୀୟ ମଦନମୋହନ ଶତପଥି (ଟୁଲନ) ନାମକ ଜଣେ ମାଫିଆ ବେଆଇନ ଭାବେ ଜେସିବି ସାହାଯ୍ୟରେ ମାଟି ତାଡ଼ି ଟ୍ରାକ୍ଟର ଯୋଗେ ବିକ୍ରି କରୁଥିବା ନେଇ ସଂଘାତିକ ଅଭିଯୋଗ ହୋଇଛି। ଏହି ଘଟଣାର ଖବର ସଂଗ୍ରହ କରିବାକୁ ଯାଇଥିବା ସ୍ଥାନୀୟ ସାମ୍ବାଦିକ ବସନ୍ତ କୁମାର ସାମଲଙ୍କ ଉପରେ ମାଫିଆ ଜଣକ ମରଣାନ୍ତକ ଆକ୍ରମଣ କରିଥିଲା। ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲେ ସୁଦ୍ଧା ପୁଲିସର ଶୂନ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଅଭିଯୁକ୍ତ ସହଜରେ ଖସିଯିବାକୁ ସକ୍ଷମ ହୋଇଛି। ପରବର୍ତ୍ତୀ ସମୟରେ ଗଣମାଧ୍ୟମରେ ଏହି ଖବର ପ୍ରକାଶ ପାଇବା ପରେ ମାଫିଆ ଜଣକ ଅଧିକ ରକ୍ତମୁଖା ହୋଇପଡ଼ିଛି। ସାମ୍ବାଦିକଙ୍କୁ ରାସ୍ତାରୁ ହଟାଇବା ପାଇଁ ସେ ଏକ ଭିଡିଓ ପ୍ରସ୍ତୁତ କରି ସାମାଜିକ ଗଣମାଧ୍ୟମରେ ଛାଡ଼ିଛି, ଯେଉଁଥିରେ ଅନ୍ୟ ଜଣେ ସାମ୍ବାଦିକ ଅଶୋକ ପ୍ରହରାଜଙ୍କୁ ଜୀବନରୁ ମାରିଦେବାକୁ ସ୍ପଷ୍ଟ ଧମକ ଦିଆଯାଇଛି। ଏହି ଭୟାନକ ଭିଡିଓ ଭାଇରାଲ ହେବା ପରେ ଶ୍ରୀ ପ୍ରହରାଜ ମଧ୍ୟ ଭଦ୍ରେଶ୍ୱର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ତେବେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୁଲିସ ମାଫିଆ ବିରୋଧରେ କୌଣସି ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସ୍ଥାନୀୟ ସାମ୍ବାଦିକ ମହଲରେ ତୀବ୍ର ପ୍ରତିକ୍ରିୟା ସହ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି।

ଭଦ୍ରେଶ୍ୱର ପୁଲିସର ନିଷ୍କ୍ରିୟତାକୁ ନେଇ ଅସନ୍ତୋଷ

## ତିଗିରିଆ ବିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ତିଗିରିଆ,୩୧।୫(ସମିସ): ତିଗିରିଆ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପରିସରରେ ବ୍ଲକ ଶିକ୍ଷା ଅଧିକାରୀ ଅମର କୁମାର ମହାରଣାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ରବିବାର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ଶିକ୍ଷା ଭିତ୍ତିଭୂମିର ବିକାଶ ଓ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ପାରିଦର୍ଶିତା କ୍ଷେତ୍ରରେ ଶ୍ରୀ ମହାରଣାଙ୍କ କାର୍ଯ୍ୟଦକ୍ଷତା ଓ ନିଷ୍ଠାକୁ ଉପସ୍ଥିତ ଅତିଥିମାନେ ଉଚ୍ଚ ପ୍ରଶଂସା କରିଥିଲେ। ବ୍ଲକ ସାଧନକେନ୍ଦ୍ର ସଂଯୋଜକ ତଥା ସହ ଶିକ୍ଷା ଅଧିକାରୀ ମାଧବ ଚନ୍ଦ୍ର ଦେଉରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ କଟକ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ମୁଖ୍ୟଅତିଥି ଏବଂ ସହ-ଜିଲ୍ଲା ଶିକ୍ଷାଧିକାରୀ ମନୋରଞ୍ଜନ ବାରିକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ବିଦାୟ ସମାରୋହରେ ସମ୍ମାନିତ ଅତିଥି ଭାବେ ସହ-ଶିକ୍ଷାଧିକାରୀ ସନ୍ତୋଷ ସେଠୀ, ସୌଦାମିନୀ ମିଶ୍ରଙ୍କ ସମେତ ବାଙ୍କୀ ବିଇଓ ଜ୍ୟୋତି ଷଡ଼ଙ୍ଗୀ, ଡମପଡ଼ା ବିଇଓ କାମରାଜ ସାହୁ, ବଡ଼ମ୍ବା ବିଇଓ ତ୍ରିଲୋଚନ ଜେନା ଏବଂ ସାଲେପୁର ବିଇଓ କୁନ୍ତଳା ଖଟୁଆ ଉପସ୍ଥିତ ରହି ଶ୍ରୀ ମହାରଣାଙ୍କ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ମାଧ୍ୟମିକ ଶିକ୍ଷକ ସଂଘ, ପ୍ରାଥମିକ ଶିକ୍ଷକ ସଂଘ, ଏକ୍ସ-କ୍ୟାଡର ସଂଘ ଓ କନିଷ୍ଠ ଶିକ୍ଷକ ସଂଘର ପ୍ରମୁଖ ନେତୃବୃନ୍ଦ ଯଥା ରବୀନ୍ଦ୍ର ନାଥ ବିଶ୍ୱାଳ, ସୁଶାନ୍ତ ପଣ୍ଡା, ବାରିଦ ବରଣ ମହାପାତ୍ର, ମାୟାଧର ସାହୁ, ଚନ୍ଦ୍ରକାନ୍ତ ମଣି ମିଶ୍ର, ସୁବାସ ପ୍ରଧାନ ଓ ସୌମ୍ୟରଞ୍ଜନ ମହାରଣା ପ୍ରମୁଖଙ୍କ ସମେତ ବିଭିନ୍ନ ଅଞ୍ଚଳର ସାଧନକେନ୍ଦ୍ର ସଂଯୋଜକ ଓ ଶିକ୍ଷକଶିକ୍ଷୟିତ୍ରୀମାନେ ଯୋଗଦେଇ ବିଦାୟୀ ଶିକ୍ଷା ଅଧିକାରୀଙ୍କ ସୁସ୍ଥ ଓ ନିରାମୟ ଭବିଷ୍ୟତ ଜୀବନ କାମନା କରିଥିଲେ।

### କେନାଲ କଂକ୍ରିଟ୍ ଲାଇନିଂରେ ଠିକାଦାରଙ୍କ ମନମୁଖୀ

# ଏଷ୍ଟିମେଟ୍ ନିୟମର ଉଲ୍ଲଙ୍ଘନ; ସ୍ଥାୟିତ୍ୱ ନେଇ ସନ୍ଦେହ

ନିଶ୍ଚିନ୍ତକୋଇଲି,୩୧।୫(ସମିସ):

କେନାଲର ଶେଷ ମୁଣ୍ଡରେ ଥିବା ଚାଷ ଜମିଗୁଡ଼ିକୁ ସଠିକ୍ ଭାବେ ଜଳସେଚନ ସୁବିଧା ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟରେ କେନାଲଗୁଡ଼ିକର କଂକ୍ରିଟ୍ ଲାଇନିଂ କାର୍ଯ୍ୟ କରାଯାଉଛି। ମାତ୍ର କେନ୍ଦୁପାଟଣା ଜଳସେଚନ ବିଭାଗ ଅଧୀନସ୍ଥ ୮(ଏ) ଶାଖା କେନାଲର ପ୍ରକଳ୍ପ କାର୍ଯ୍ୟରେ ବ୍ୟାପକ ଠକେଇ ଓ ମହାଦୁର୍ନୀତି ଚାଲିଥିବା ନେଇ ସ୍ଥାନୀୟ ଅଞ୍ଚଳବାସୀ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଫଙ୍ଗୋଳ ପଞ୍ଚାୟତ ଝାରପଡ଼ା ପୋଲ ନିକଟରୁ ଆରମ୍ଭ ହୋଇଥିବା ଏହି କଂକ୍ରିଟ୍ ଲାଇନିଂ ନିର୍ମାଣ କାର୍ଯ୍ୟ ଉପରେ ଜଳସେଚନ ବିଭାଗର କୌଣସି ନିୟନ୍ତ୍ରଣ ବା ବିଧିବଦ୍ଧ ତଦାରଖ ନ ଥିବାରୁ, ସମ୍ପୃକ୍ତ ଠିକାଦାର ସରକାରୀ ନୀତି ନିୟମକୁ ଆଖିଠାର ମାରି ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ଜାରି ରଖିଛନ୍ତି। କେନାଲର ଉଭୟ ପାଶ୍ୱର୍ରେ ନିର୍ମାଣ ହେଉଥିବା ସୁରକ୍ଷା ପାଚେରୀ ସମ୍ପୂର୍ଣ୍ଣ ଗାଇଡଲାଇନ ବାହାରେ କରାଯାଉଥିବାରୁ ଏହାର ସ୍ଥାୟିତ୍ୱ ନେଇ ସାଧାରଣରେ ଗଭୀର ସନ୍ଦେହ ପ୍ରକାଶ ପାଇଛି। ସରକାରୀ ଅଟକଳ ବା ଏଷ୍ଟିମେଟ୍ ଅନୁଯାୟୀ, ସୁରକ୍ଷା ପାଚେରୀର ଦୃଢ଼ତା ପାଇଁ ଲମ୍ବ ଏବଂ ଓସାରରେ ପ୍ରତି ୪ ଇଞ୍ଚ ବ୍ୟବଧାନରେ ଲୁହା ରଡ୍ ବନ୍ଧାଯିବା ଅନିବାର୍ଯ୍ୟ। ମାତ୍ର ଠିକାଦାର ଜଣକ ବ୍ୟକ୍ତିଗତ ମୁନାଫା ପାଇଁ ଏଥିରେ ଚରମ ବ୍ୟତିକ୍ରମ କରିବା ସହ ପାଚେରୀର ଉପର ଭାଗକୁ ପ୍ରାୟ ୨ ଫୁଟ୍ ପର୍ଯ୍ୟନ୍ତ କେବଳ ଗୋଟିଏ ଲେଖାଏଁ ରଡ୍ ଦେଇ ବିପଜ୍ଜନକ ଭାବେ ଢଳେଇ କରୁଥିବା ଦେଖାଯାଇଛି। ସଠିକ୍ ପରିମାଣର ଲୁହା ରଡ୍ ବ୍ୟବହାର କରାଯାଉ ନ ଥିବାରୁ ପାଣିର ସ୍ରୋତରେ ଏହି ପାଚେରୀ ଯେକୌଣସି ମୁହୂର୍ତ୍ତରେ ଭୁଷୁଡ଼ି ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ଏହାବ୍ୟତୀତ, ଢଳେଇରେ ବ୍ୟବହୃତ ସିମେଣ୍ଟ, ବାଲି ଓ ଗୋଡ଼ିର ସରକାରୀ ଭାଗମାପ ୧:୧.୫:୩

### ଉଚ୍ଚସ୍ତରୀୟ ତଦନ୍ତ ଦାବି

ରହିବା କଥା, ମାତ୍ର ଠିକାଦାର ଏହି ମାପଦଣ୍ଡକୁ ନ ମାନି ନିଜ ମନଇଚ୍ଛା କମ୍ ସିମେଣ୍ଟରେ କାର୍ଯ୍ୟ କରୁଛନ୍ତି। ସ୍ଥାନୀୟ ଗ୍ରାମବାସୀ ଏହି ମାତ୍ରାଧିକ ଦୁର୍ନୀତି ସମ୍ପର୍କରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ, ସେ କେବଳ ଠିକାଦାରଙ୍କୁ କହି ଠିକ୍ ଭାବେ କାମ କରାଇବେ ବୋଲି ପ୍ରତିଶ୍ରୁତି ଦେଇ ନିଜ ଦାୟିତ୍ୱ ସାରିଦେଇଛନ୍ତି। ବାସ୍ତବ କ୍ଷେତ୍ରରେ କୌଣସି ବିଭାଗୀୟ ଉଚ୍ଚପଦସ୍ଥ ଯନ୍ତ୍ରୀ ସରଜମିନ ତଦନ୍ତ ପାଇଁ ଆସୁନାହାନ୍ତି। ଚର୍ଚ୍ଚା ହେଉଛି ଯେ, ଏହି ପ୍ରକଳ୍ପର ତଦାରଖ ଦାୟିତ୍ୱରେ ଥିବା ମୁଖ୍ୟ ଯନ୍ତ୍ରୀଙ୍କର ନିକଟରେ ପଦୋନ୍ନତି ବା ପ୍ରମୋସନ ହୋଇଥିବାରୁ ସେ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ପ୍ରତି ସମ୍ପୂର୍ଣ୍ଣ ଉଦାସୀନ ରହିଛନ୍ତି। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ଥିବା ଏହି ମଧୁଚନ୍ଦ୍ରିକାର ସୁଯୋଗ ନେଇ ସରକାରୀ ପାଣ୍ଠିର ଖୋଲାଖୋଲି ବାଟମାରଣା ଚାଲିଛି। ତେଣୁ ଚାଷୀଙ୍କ ସ୍ୱାର୍ଥ ରକ୍ଷା ଏବଂ କାର୍ଯ୍ୟର ସ୍ୱଚ୍ଛତା ପାଇଁ ରାଜ୍ୟ ଜଳସେଚନ ବିଭାଗର ଏକ ସ୍ୱତନ୍ତ୍ର ବୈଷୟିକ ଦଳ ଦ୍ୱାରା ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି।



## କାଶୀବିଶ୍ୱେଶ୍ୱର ମନ୍ଦିରର ବାର୍ଷିକ ଉତ୍ସବ

**ବନ୍ତ/ଆଗରପଡ଼ା,୩୧।୫(ସମିସ):** ବନ୍ତ ବ୍ଲକ୍ ଗଣିଜାଙ୍ଗ ପଞ୍ଚାୟତ କାଶୀପୁର ଛକ ନିକଟରେ ଅବସ୍ଥିତ କାଶୀବିଶ୍ୱେଶ୍ୱର ମନ୍ଦିରର ୧୦ମ ବାର୍ଷିକ ଉତ୍ସବ ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ନିକଟସ୍ଥ ଲକ୍ଷ୍ମୀନାରାୟଣ ମନ୍ଦିର ପୁଷ୍କରିଣୀରୁ ୨୧ଟି କଳସ ଘଟୋତ୍ତୋଳନ କରାଯାଇ ବାଜା ବାଣ ରୋଷଣୀରେ ଗ୍ରାମ ବଜାର ପରିକ୍ରମା ପରେ ଯଜ୍ଞ ସ୍ଥଳକୁ ଅଣାଯାଇଥିଲା। ପୂଜକ ନାରାୟଣ ଶତପଥୀ, ଶାନ୍ତନୁ ପଣ୍ଡା, ଗୋବିନ୍ଦ ଚନ୍ଦ୍ର ପଣ୍ଡା, କମଳାକାନ୍ତ ପାଢ଼ୀ, ବିନିତ୍ ଦାଶ ପ୍ରମୁଖ ଘଟଉତ୍ତୋଳନ, ସୂର୍ଯ୍ୟପୂଜା, ଚଣ୍ଡୀ ପୂଜା, ରୁଦ୍ରାଭିଷେକ, ଗୋ-ପୂଜା, ଯଜ୍ଞ ଆଦି ପୂଜା କାର୍ଯ୍ୟ ତୁଲାଇଥିବାବେଳେ



ଜଗନ୍ନାଥ ନାୟକ, ସୋମନାଥ ନାୟକ, ପ୍ରିୟନାଥ ନାୟକ, ସନ୍ଧ୍ୟାରାଣୀ ନାୟକ, ମମତା ନାୟକ, ଲିପିକା ନାୟକ ପ୍ରମୁଖ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଶନିବାର ଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ହଜାର ହଜାର ଭକ୍ତ ଉପସ୍ଥିତ ରହି ପ୍ରଭୁକୃପା ଲାଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବଗଦା କାଶୀପୁର ଗ୍ରାମର ଗ୍ରାମବାସୀ ସହଯୋଗ କରିଥିଲେ।

## ଦଲାଲଙ୍କ ହାତରେ ରବି ଧାନ

**ବାରିକପୁର,୩୧।୫(ସମିସ):** ଖରିଫ ଧାନ କ୍ରୟ ବେଳେ ଯେଉଁ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା ଏବେ ରବି ଧାନ ସମୟରେ ମଧ୍ୟ ସେମିତି କିଛି ପରିଲକ୍ଷିତ ହେଉଛି। ଚାଷୀମାନେ ଅର୍ଦ୍ଧାଧିକ ଶସ୍ୟ ଅମଳ କରିଥିବାବେଳେ ଏଯାଏଁ ମଣ୍ଡି ଶୁଭାରମ୍ଭ ହୋଇନାହିଁ। ଏହାର ସୁଯୋଗ ନେଇ କିଛି ଦଲାଲ ମିଲର ରବି ଧାନ କ୍ରୟ କରିବେ ନାହିଁ ବୋଲି କହି ଚାଷୀଙ୍କଠାରୁ ଶାଗ ମାଛ ଦରରେ ଶସ୍ୟ କିଣିବାକୁ ବ୍ୟଗ୍ର ହେଉଛନ୍ତି। ଏପରିକି ଅନେକ ଚାଷୀ ମଧ୍ୟ ୧୨୦୦ ଓ ୧୩୦୦ ଟଙ୍କାରେ ଧାନ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ କରିଛନ୍ତି, ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳର କିଛି ଚାଷୀ। ସୂଚନା ମୁତାବକ, ଚଳିତ ବର୍ଷ ଭଦ୍ରକ ଜିଲ୍ଲାରେ ମୋଟ୍ ୨୯୦୬ ଜଣ ଚାଷୀ ରବି ଧାନ ବିକ୍ରି ପାଇଁ ସରକାରୀ ଭାବେ ନାମ ପଞ୍ଜୀକରଣ କରିଛନ୍ତି। ତନ୍ମଧ୍ୟରୁ ଭଣ୍ଡାରିପୋଖରୀ ବ୍ଲକ୍‌ରେ ସର୍ବାଧିକ ୮୮୯ ଜଣ ଚାଷୀ ରହିଥିବାବେଳେ ଭଦ୍ରକ ବ୍ଲକ୍‌ରେ ୯୨, ବାସୁଦେବପୁରରେ ୪୮୨, ଧାମନଗରରେ ୯୫୨, ବନ୍ତରେ ୪୨୮, ତିହିଡ଼ିରେ ୫୭ ଓ ଚାନ୍ଦବାଲିରେ ୬ ଜଣ ଚାଷୀ ଧାନ ବିକିବାକୁ ନାମ ପଞ୍ଜୀକରଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୩୧ ହଜାର ୨୫୦ କ୍ୱିଣ୍ଟାଲ ଧାନ କ୍ରୟ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏପରିସ୍ଥଳେ ମିଲର ଓ ଦଲାଲମାନେ ଚାଷୀମାନଙ୍କୁ ଶୋଷଣ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିବା ଜଣାଯାଇଛି। ଏନେଇ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ମତାମତ ନେବାରୁ, ଜୁନ୍ ୧ ତାରିଖ ଦିନ ମଣ୍ଡି ଖୋଲିବାକୁ ସ୍ଥିର ହୋଇଛି। ଯଥାଶୀଘ୍ର ସରକାରୀ ଭାବେ ଧାନ କ୍ରୟ ହେବ ବୋଲି ସୂଚନା ଦେଇଛନ୍ତି।

## କରଦା ସେବା ସମବାୟ ସମିତି ପକ୍ଷରୁ ଋଣ ବିତରଣ କାର୍ଯ୍ୟକ୍ରମ



**ଦୋବଲ,୩୧।୫(ସମିସ):** ଧାମନଗର ବ୍ଲକ୍ ଅନ୍ତର୍ଗତ କରଦା ସେବା ସମବାୟ ସମିତି ପକ୍ଷରୁ ଏକ ସାଧାରଣ ସଭା ସହ ଋଣ ବିତରଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ସଭାରେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଗଣେଶ ପ୍ରସାଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମବାୟ ସମିତିର ଅଧିକାରୀଙ୍କ ସୂଚନା ଅନୁଯାୟୀ, କୃଷକମାନଙ୍କୁ ସୁବିଧାରେ ଋଣ ଯୋଗାଇଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ଭଦ୍ରକର ଉପ-ସହ ନିବନ୍ଧକ ପ୍ରାଚୀତା ଜେନା, ମଣ୍ଡଳ ଅଧିକାରୀ ସଞ୍ଜୟ ମହାନ୍ତି, ଏରିଆ ଅଫିସର ସୁବ୍ରତ ତ୍ରିପାଠୀ, ଉପସଭାପତି ମଧୁସ୍ମିତା ସାମଲ ଏବଂ ଧାମନଗର ଶାଖା ପରିଚାଳକ ସୁଶାନ୍ତ ପୁହାଣ ସମ୍ମାନିତ ଅତିଥି ଭାବେ ଯୋଗଦେଇ କରଦା ସେବା ସମବାୟ ସମିତିର ସଫଳତା ସମ୍ପର୍କରେ କହିଥିଲେ। ସୂଚନା ଥାଉକି, ଭଦ୍ରକ ଜିଲ୍ଲାର ୧୦୮ଟି ସମିତି ମଧ୍ୟରୁ ୬ଟି ସମିତି ଲାଭାଂଶରୁ କରଦା ସମିତି ପ୍ରଥମ ହୋଇଛି। ଉକ୍ତ ସମିତିରେ ୬୧ କୋଟି ୮୮ ଲକ୍ଷ ୮୧ ହଜାର ୮୦୦ ଟଙ୍କା ଲାଭାଂଶ ହୋଇଥିବାବେଳେ ସମିତିର ୨୨୮୯ ଜଣ ଚାଷୀଙ୍କୁ ୭ ଲକ୍ଷ ୮୫ ହଜାର ୬୫୯ ଲାଭାଂଶ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମିତିର ସହ ସମ୍ପାଦକ ବିକାଶ ମହାପାତ୍ର ସ୍ୱାଗତ ଭାଷଣ ଓ ମଞ୍ଚ ଆମନ୍ତ୍ରଣ କରିଥିବାବେଳେ ସମ୍ପାଦକ ଜ୍ୟୋତି ଶଙ୍କର ଦାସ ସମିତିର ବିବରଣୀ ପାଠ କରିଥିଲେ। ସମିତିର ସଭାପତି ଦାଶରଥି ଜେନା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ପରିଚାଳନା କମିଟିର ସଦସ୍ୟ, ପୂର୍ବତନ ସଭାପତି ଓ ପ୍ରତିଷ୍ଠାତା ସଦସ୍ୟଙ୍କୁ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଶାସକ ଦଳର ରାଜନୈତିକ ଚକ୍ରାନ୍ତ

# ଗଡ଼ିବା ଆଗରୁ ଅଟକିଗଲା 'ଲକ୍ଷ୍ମୀ ବସ୍'; ତୀବ୍ର ଜନଅସନ୍ତୋଷ

**ଦୋବଲ,୩୧।୫(ସମିସ):**

ରାଜ୍ୟ ସରକାର ଗ୍ରାମାଞ୍ଚଳ ପରିବହନର ବିକାଶ ପାଇଁ 'ମୁଖ୍ୟମନ୍ତ୍ରୀ ବସ୍ ସେବା' (ଲକ୍ଷ୍ମୀ ବସ୍) ଯୋଜନା ଆରମ୍ଭ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଶାସକ ଦଳର ସଂକୀର୍ଣ୍ଣ ରାଜନୀତି ଓ ଚକ୍ରାନ୍ତ ଯୋଗୁଁ ଏହା ଏବେ କାଗଜପତ୍ରରେ ସୀମିତ ରହିଯାଇଛି। କଂଗ୍ରେସ ନେତା ଶ୍ରେୟ ନେଇଯିବା ଭୟରେ ଏବଂ ଶାସକ ଦଳର ଛବି ମଳିନ ପଡ଼ିବା ଆଶଙ୍କାରେ ଉପରୁ ନିର୍ଦ୍ଦେଶ ଆଣି ରବିବାରଠାରୁ ଚାଲିବାକୁ ଥିବା ବସ୍ ସେବାକୁ ଏ ରୁଟ୍‌ରେ ବନ୍ଦ କରିଦିଆଯାଇଛି। ସରକାରୀ ବାବୁ ଓ ନେତାଙ୍କ ଏଭଳି ମନ୍ଦ ଉଦ୍ଦେଶ୍ୟର ଶିକାର ହୋଇ ଆନନ୍ଦପୁର ପଞ୍ଚାୟତ ସମେତ ବାଲିପାଟଣା, ପାହାଡ଼ପୁର, ମାଲାପୁର ଓ ଉଦେଇପୁର ଗ୍ରାମର ସାଧାରଣ ଲୋକେ ଘୋର୍ ହଇରାଣ ହରକତ ହୋଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହ ଖଡ଼ିପଦା ଛକରେ ବସ୍‌କୁ ଅଟକାଇ ହୋ-ହଲ୍ଲା କରାଯାଇଛି। ପରିସ୍ଥିତି ନିୟନ୍ତ୍ରଣ ପାଇଁ ଧାମନଗର ପୁଲିସକୁ ଘଟଣାସ୍ଥଳରେ ପହଞ୍ଚି ହସ୍ତକ୍ଷେପ କରିବାକୁ ପଡ଼ିଛି।

ପରିବହନ ବିଭାଗ ପକ୍ଷରୁ ଏହି ରୁଟ୍ ପାଇଁ ଦିନକୁ ୪ଟି ସମୟରେ ବସ୍ ଚଳାଚଳ କରିବାକୁ ସମୟ ସାରଣୀ ଚୂଡ଼ାନ୍ତ ହୋଇଥିଲା। ନିର୍ଘଣ୍ଟ ଅନୁଯାୟୀ, ପ୍ରଥମ ବସ୍‌ଟି ସକାଳ ୭ଟା ୧୩ରେ ପଧାନିରୁ ବାହାରି ୮ଟା ୭ରେ ଆନନ୍ଦପୁର ହାଟିଡିଆ ଛକ ଓ ୮ଟା ୪୮ରେ ଧାମନଗର ବ୍ଲକ୍‌ରେ ପହଞ୍ଚିବାର ଥିଲା। ସେହିପରି ଦ୍ୱିତୀୟ ବସ୍ ସକାଳ ୧୦ଟା ୨୦ରେ ପଧାନିରୁ ବାହାରି ୧୧ଟା ୧ରେ ଆନନ୍ଦପୁର ଓ ୧୧ଟା ୫୪ରେ ଧାମନଗର ବ୍ଲକ୍‌ରେ ପହଞ୍ଚିଥା'ନ୍ତା। ତୃତୀୟ ବସ୍‌ଟି ଅପରାହ୍ଣ ୨ଟା ୩୪ରେ ଆନନ୍ଦପୁରରେ ପହଞ୍ଚି ୫ ମିନିଟ୍ ପରେ



ଛାଡ଼ି ୩ଟା ୧୪ରେ ଧାମନଗର ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚିବାକୁ ସମୟ ସ୍ଥିର ହୋଇଥିବାବେଳେ ଚତୁର୍ଥ ବସ୍‌ଟି ଅପରାହ୍ଣ ୪ଟା ୨୫ରେ ପଧାନିରୁ ବାହାରି ସନ୍ଧ୍ୟା ୫ଟା ୧୯ରେ ଆନନ୍ଦପୁର ଓ ୫ଟା ୫୮ରେ ଧାମନଗରରେ ପହଞ୍ଚିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଗ୍ରାମାଞ୍ଚଳବାସୀଙ୍କ ସୁବିଧା ପାଇଁ ଏଭଳି ସୁନ୍ଦର ସମୟ ନିର୍ଘଣ୍ଟ କରାଯାଇଥିଲେ ହେଁ ରାଜନୈତିକ କାରଣରୁ ଏହାକୁ କାର୍ଯ୍ୟକାରୀ କରାଗଲାନାହିଁ। ଧାମନଗରରୁ ଆନନ୍ଦପୁର ହୋଇ ସୋହଡ଼ା ଓ ଖଡ଼ିପଦା ଦେଇ ବସ୍ ଚଳାଚଳ ପାଇଁ ଦୀର୍ଘ ୩ ବର୍ଷ ହେବ ଦାବି ହୋଇଆସୁଥିଲା। ସ୍ଥାନୀୟ କଂଗ୍ରେସ ନେତା ସଞ୍ଜୟ ମିଶ୍ର, ଅରୁଣ ପରିଡ଼ା ଓ ରାଜେଶ ମିଶ୍ରଙ୍କ ନେତୃତ୍ୱରେ ଗ୍ରାମବାସୀ ବାରମ୍ବାର ପ୍ରଶାସନ ପାଖରେ ଗୁହାରି କରିବା ସହ ଖଡ଼ିପଦାରେ ପୂର୍ବରୁ ୨ଥର ଆନ୍ଦୋଳନ କରିଥିଲେ। ଶେଷରେ ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପ ପରେ ଭଦ୍ରକ ଆର୍‌ଟିଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଶନିବାର ରୁଟ୍ ଚାର୍ଟ ଓ ସମୟ ସାରଣୀ ସହ ଆନୁଷ୍ଠାନିକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ବସ୍ ସେବା ଯୋଗାଉଥିବା ଶାସକ ଦଳର ଜଣେ ପ୍ରଭାବଶାଳୀ କର୍ମୀ ଓ କିଛି ସ୍ଥାନୀୟ ନେତାଙ୍କ ପେଟକୁ ଏହା ହଜମ ହୋଇ ନ ଥିଲା।

କଂଗ୍ରେସ ନେତାଙ୍କ ଦାବି ଯୋଗୁଁ ବସ୍ ଚାଲିଲେ ଶାସକ ଦଳର ଭୋଟ୍ ବ୍ୟାଙ୍କ ପ୍ରଭାବିତ ହେବ। ଏହି ସ୍ୱାର୍ଥପର ଚିନ୍ତାଧାରା ରଖି ରାତାରାତି ରାଜନୈତିକ ଚାପ ପ୍ରୟୋଗ କରାଯାଇ ଉପରୁ ନିର୍ଦ୍ଦେଶ ବଳରେ ବସ୍ ଚଳାଚଳକୁ ସ୍ଥଗିତ ରଖାଯାଇଥିବା ଚର୍ଚ୍ଚା ହେଉଛି। କିଛିଦିନ ପରେ ଏହାକୁ ଏକ ନୂଆ ରୂପ ଦେଇ ଶାସକ ଦଳ ନିଜେ ଶ୍ରେୟ ନେବାକୁ ଏଭଳି ହୀନ ଚକ୍ରାନ୍ତ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବସ୍ ଚାଲିବା ଖବର ପାଇ ଆନନ୍ଦପୁରବାସୀ ଦୀର୍ଘ ଦିନର ସମସ୍ୟାର ଅନ୍ତ ହେବ ଭାବି ରବିବାର ସକାଳୁ ହାଟିଡିଆ ଛକରେ ଭୋର୍‌ରୁ ପ୍ରସ୍ତୁତ ହୋଇ ରହିଥିଲେ। ବସ୍‌ର ଡ୍ରାଇଭର ଓ କର୍ମଚାରୀଙ୍କୁ ସ୍ୱାଗତ କରିବା ପାଇଁ ଫୁଲମାଳ ଓ ମିଠା ମଧ୍ୟ କିଣା ସରିଥିଲା। ମାତ୍ର ବସ୍ ନ ଆସିବା ଏବଂ ଉପରୁ ନିର୍ଦ୍ଦେଶ ଯୋଗୁଁ ଆନନ୍ଦପୁରକୁ ଗାଡ଼ି ଯିବନାହିଁ ବୋଲି ବସ୍ ସୁପରଭାଇଜର ସୁମନ ଦେ ପ୍ରକାଶ କରିବା ପରେ ଲୋକଙ୍କ ଆଶା ଧୂଳିସାତ୍ ହୋଇଯାଇଥିଲା। ମାତ୍ର

- **ବସ୍ ଡ୍ରାଇଭର ଓ କର୍ମଚାରୀଙ୍କୁ ସ୍ୱାଗତ ପାଇଁ ଫୁଲମାଳ ଓ ମିଠା କିଣା ସରିଥିଲା**
- **ଖଡ଼ିପଦା ଛକରେ ବସ୍‌କୁ ଅଟକାଇ ହୋହଲ୍ଲା; ପରିସ୍ଥିତି ନିୟନ୍ତ୍ରଣ କଲା ପୁଲିସ**

୫ ଟଙ୍କାରେ ବ୍ଲକ୍ କାର୍ଯ୍ୟାଳୟକୁ ଯିବାର ଯେଉଁ ସ୍ୱପ୍ନ ସରକାର ଦେଖାଇଥିଲେ, ତାହା ନିଜ ଦଳର ନେତାଙ୍କ ପାଇଁ ପାଣିଚିଆ ହୋଇଗଲା। କ୍ଷୁବ୍ଧ ଗ୍ରାମବାସୀ ତୁରନ୍ତ ଖଡ଼ିପଦା ଛକକୁ ଯାଇ ପଧାନିରୁ ଆସୁଥିବା ବସ୍‌କୁ ଅଟକାଇ ଉଗ୍ର ରୂପ ଧାରଣ କରିଥିଲେ। ଶେଷରେ ଧାମନଗର ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ବସ୍‌କୁ ଥାନାକୁ ନେଇଯିବା ପରେ ପରିସ୍ଥିତି ସାମାନ୍ୟ ଶାନ୍ତ ପଡ଼ିଥିଲା। ରାଜନୈତିକ ଆକ୍ରୋଶରୁ ଜନସାଧାରଣଙ୍କୁ ଏଭଳି ସେବାରୁ ବଞ୍ଚିତ କରାଗଲେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ ହେବ ବୋଲି ଚେତାବନୀ ଦିଆଯାଇଛି।

## ୨ ମାସରୁ ଊର୍ଦ୍ଧ୍ୱ ହେବ ଭତ୍ତା ଅପେକ୍ଷାରେ ୬୨ ହଜାର ହିତାଧିକାରୀ

**ଭଦ୍ରକ,୩୧।୫(ସମିସ):** ଗତ ୨ମାସରୁ ଅଧିକ ହେବ ଭଦ୍ରକ ଜିଲ୍ଲାର ୬୨ ହଜାର ହିତାଧିକାରୀ ସେମାନଙ୍କ ଭତ୍ତା ପାଇବାକୁ ପ୍ରତିକ୍ଷାରେ ରହିଛନ୍ତି। ଏମାନଙ୍କ ଅର୍ଥ ଆକାଉଣ୍ଟକୁ ଆସି ନ ଥିବାରୁ ଏମାନେ ନିୟମିତଭାବେ ଜନସେବା କେନ୍ଦ୍ରକୁ ଯାଇ ସେମାନଙ୍କ ଟିପ ଚିହ୍ନ ଦେଇ ଆକାଉଣ୍ଟ ଯାଞ୍ଚ କରି ନିରାଶରେ ଫେରୁଛନ୍ତି।

ସୂଚନାନୁଯାୟୀ, ଇନ୍ଦିରା ଗାନ୍ଧୀ ନ୍ୟାସ୍‌ନାଲ ଓଲ୍ଡଏଜ୍ ଯୋଜନାରେ ଭଦ୍ରକ ଜିଲ୍ଲାର ସାମିଲ୍ ହୋଇଥିବା ଏହି ୬୨ହଜାର ହିତାଧିକାରୀ ଏବେ ଭତ୍ତା ଅର୍ଥକୁ ଚାହିଁ ରହିଛନ୍ତି। ଏମାନଙ୍କ ଆକାଉଣ୍ଟକୁ ପ୍ରତି ମାସ ଡାଟା ବେସ୍ ଟ୍ରାଞ୍ଜାକ୍ସନ(ଡିବିଟି) ଦ୍ୱାରା ଟଙ୍କା ପ୍ରେରଣ କରାଯାଇଥାଏ। ହେଲେ ଗତ ୨ମାସରୁ ଅଧିକ ହେବ ଏହି ଅର୍ଥ ଆସି ନ ଥିବା ଜଣାପଡ଼ିଛି। ପ୍ରତି ମାସ ଦ୍ୱିତୀୟ ସପ୍ତାହରେ ହିତାଧିକାରୀ ଉକ୍ତ ଅର୍ଥ ପାଇଥା'ନ୍ତି। ଗତ ଏପ୍ରିଲ ଓ ମେ' ମାସର ଟଙ୍କା ନ ଆସିବା ନେଇ ବିଭିନ୍ନ ମହଲରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏବେ ପୁଣି ଜୁନ୍ ମାସ ଆରମ୍ଭ ହେଲାଣି। ଭଦ୍ରକ ଜିଲ୍ଲାର ମଧୁବାବୁ ଭତ୍ତା ଯୋଜନାରେ ୧ ଲକ୍ଷ ୩୩ ହଜାର ହିତାଧିକାରୀ ଭତ୍ତା ପାଉଛନ୍ତି। ଯାହାଙ୍କୁ ସିଧାସଳଖ ହାତାହାତି ପଞ୍ଚାୟତର ପିଇଓମାନେ ବାଣ୍ଟୁଛନ୍ତି। ଏହି ଅର୍ଥ ବି ସମ୍ପୃକ୍ତ ବରିଷ୍ଠ, ଅସହାୟମାନେ ପାଇ ନ ଥିଲେ। ତେବେ ତୀବ୍ର ଅସନ୍ତୋଷ

### ବର୍ଦ୍ଧିତ ଭତ୍ତା ପାଇନାହାନ୍ତି ୪୨୦୦ ହିତାଧିକାରୀ

ହେବାରୁ ଶେଷରେ ୨ମାସର ଭତ୍ତା ଚଳିତ ମାସ ଏକାବେଳେ ବଣ୍ଟନ ଚାଲିଛି। ଅଫ୍‌ଲାଇନ୍ ଭତ୍ତା ମିଳୁଥିବାବେଳେ ଡିବିଟି ମୋଡ୍‌ରେ ପେମେଣ୍ଟ ନେଇ ବାଧା ଦେଖାଦେଇଛି। ମଧୁ ବାବୁ ଭତ୍ତା ଯୋଜନାକୁ ରାଜ୍ୟ ସରକାର ବହନ କରୁଥିବାବେଳେ ଇନ୍ଦିରା ଗାନ୍ଧୀ ଭତ୍ତା ଯୋଜନାକୁ କେନ୍ଦ୍ର ସରକାର ଅର୍ଥ ଦେଇ ଆସୁଛନ୍ତି। ଏହି କେନ୍ଦ୍ରୀୟ ଯୋଜନାରେ ସାମିଲ୍ ହିତାଧିକାରୀ ସେମାନଙ୍କ ଭତ୍ତା ଅର୍ଥ ନ ପାଇ ବଡ଼ ଦୁର୍ଦ୍ଦଶା ଭୋଗୁଛନ୍ତି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀଙ୍କ ସୂଚନାନୁଯାୟୀ, ଏବେ ୮୦ ବର୍ଷରୁ ଊର୍ଦ୍ଧ୍ୱ ପାଖାପାଖି ୧୭ ହଜାର ହିତାଧିକାରୀ ୩ ହଜାର ଟଙ୍କା ଭତ୍ତା ପାଉଛନ୍ତି। ଏହି ତାଲିକାରେ ଆହୁରି ୪୨୦୦ ଅପେକ୍ଷାରେ ରହିଛନ୍ତି। ପୁଣି ଏହାର ଅପ୍‌ଡେଟ୍ ତାଲିକା ପ୍ରସ୍ତୁତି ଚାଲିଛି। ୭ଟି ବ୍ଲକର ବିଡିଓ, ୨ ପୌରପାଳିକା ଓ ୨ ଏନ୍‌ଏସି କାର୍ଯ୍ୟନିର୍ବାହୀଙ୍କୁ ବର୍ଦ୍ଧିତ ଭତ୍ତା ତାଲିକା ମଗାଯାଇଛି। ସରକାର ୮୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ଓ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ ନେଇ ନିଷ୍ପତ୍ତି ନେଇଛନ୍ତି। ଜିଲ୍ଲାରେ ୪୨୦୦ ହିତାଧିକାରୀ ବର୍ଦ୍ଧିତ ଭତ୍ତା ଲାଗି ଅପେକ୍ଷାରତ ଥିବାବେଳେ ଆଉ କିଛି ବଢ଼ିପାରେ ବୋଲି ଜଣାଯାଇଛି। ତେବେ ୨ ମାସରୁ ଅଧିକ ହେବ ୬୨ହଜାର ଭଳି ହିତାଧିକାରୀ ଭତ୍ତା ପାଇ ନ ଥିବା ନେଇ ଏବେ ଜିଲ୍ଲାତମାମ ଅସନ୍ତୋଷ ପ୍ରକାଶ ପାଇଛି।

## ଋଣ ଟଙ୍କା ହଡ଼ପ ଅଭିଯୋଗ

**ବାରିକପୁର,୩୧।୫(ସମିସ):** ବିବିସିସି ବ୍ୟାଙ୍କ ଅଧୀନସ୍ଥ ମାଳଦା ସମବାୟ ସମିତିରୁ ଋଣ ଟଙ୍କା ହଡ଼ପ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଷୋଳମପୁର ପଞ୍ଚାୟତ ମୁଢ଼ାପଦା ଗାଁର ଲକ୍ଷ୍ମୀଧର ବଳ ଓ ରବୀନ୍ଦ୍ର ମହାନ୍ତିଙ୍କ ନାମରେ ଋଣ କରି ଅର୍ଥ ଆତ୍ମସାତ୍ କରାଯାଇଛି। ଚତୁରତାର ସହିତ ୨୦୨୦ରେ ଏଭଳି ବେଆଇନ ଭାବେ ଋଣ ହୋଇଥିବା ଜଣାଯାଇଛି। ଯେଉଁମାନଙ୍କ ଅଗୋଚରରେ ଋଣ ହୋଇଛି ସେମାନଙ୍କ ନିକଟକୁ ନୋଟିସ୍ ଆସିବା ପରେ ଘଟଣା ସମ୍ପର୍କରେ ଖୋଳତାଡ଼ ଆରମ୍ଭ ହୋଇଛି। କିଏ ଏହି ଋଣ କରି ଟଙ୍କା ଆତ୍ମସାତ୍ କରିଛି ତାହା ଏଯାଏଁ ସ୍ପଷ୍ଟ ଜଣାପଡ଼ିନାହିଁ। ବ୍ୟକ୍ତି ୨ ଜଣ ସମିତିରୁ ଋଣ ବାବଦରେ କୌଣସି ଅର୍ଥ ନେଇ ନ ଥିବାବେଳେ ସେମାନେ ଏବେ ଆଇନର ଆଶ୍ରୟ ନେଇଛନ୍ତି। ଏନେଇ ବିଭାଗୀୟ ଅଧିକାରୀମାନେ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଥିଲେ ମଧ୍ୟ ଘଟଣା ସମ୍ପର୍କରେ ସତ୍ୟାସତ୍ୟ ଜଣାପଡ଼ିନାହିଁ। ୫ବର୍ଷ ପୂର୍ବରୁ କେହି ଠକ୍କତା କରି ସେମାନଙ୍କ ନାମରେ ଋଣ ଟଙ୍କା ହଡ଼ପ କରିଥିବା ଶ୍ରୀ ମହାନ୍ତି ଓ ଶ୍ରୀ ବଳ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ମତାମତ ମିଳିପାରିନାହିଁ।

## କଂଗ୍ରେସର ନୂତନ କର୍ମକର୍ତ୍ତାଙ୍କ କାର୍ଯ୍ୟକାରିଣୀ ବୈଠକ



**ଭଣ୍ଡାରିପୋଖରୀ,୩୧।୫(ସମିସ):** ଆଗକୁ ପଞ୍ଚାୟତ ନିର୍ବାଚନ ଥିବାବେଳେ କଂଗ୍ରେସର ନୂତନ ଯୋଦ୍ଧାମାନଙ୍କୁ ନେଇ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୨୦ରୁ ୩୦ ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ସାମ୍ବାଦିକ ସଂଘ ସଭାପତି ନିତ୍ୟାନନ୍ଦ ଜେନାଙ୍କ ସମେତ ଅନ୍ୟ ସାମ୍ବାଦିକମାନଙ୍କୁ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ସେ ନିଜ ବକ୍ତବ୍ୟରେ କହିଥିଲେ ମନୋମାଳିନ୍ୟକୁ ଭୁଲି ମିଳିମିଶି କାର୍ଯ୍ୟ କଲେ ଦଳ ଆଗକୁ ସୁଦୃଢ଼ ହେବ ବୋଲି ନୂତନ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ନିର୍ବାଚନମଣ୍ଡଳୀରେ ଶ୍ରୀ ପଟ୍ଟନାୟକ ବିଜେଡି ଶାସନରେ ଥିବା ସମୟରେ ଦୁଇ ଥର ପରାସ୍ତ ହେଲାପରେ ନିର୍ବାଚନମଣ୍ଡଳୀରେ ଯୁବକମାନଙ୍କୁ ଆଗକୁ ଆଣି ପଞ୍ଚାୟତ ନିର୍ବାଚନରେ କିପରି ନୂତନ ଭାବେ ସରକାର କରିଥିବା ବିଜେପି ଦଳକୁ ଚେକ୍ ଦିଆଯାଇପାରିବ ସେଥିନିମନ୍ତେ ଯୋଦ୍ଧା ପ୍ରସ୍ତୁତି କରୁଛନ୍ତି ବୋଲି ଚର୍ଚ୍ଚା ହେଲାଣି। ଭଣ୍ଡାରିପୋଖରୀର ଯୁବ ଚର୍ଚ୍ଚିତ ଚେହେରା ବିଜୟ ଶଙ୍କର ମହାନ୍ତିଙ୍କୁ ଭଣ୍ଡାରିପୋଖରୀ ବ୍ଲକ୍‌ର ୨୩ ନମ୍ବର ଜୋନ୍‌ର ସଭାପତି ଭାବରେ ବ୍ଲକ୍ କଂଗ୍ରେସ ସଭାପତି ଓ ଜିଲ୍ଲା ସଭାପତି ଦଳୀୟ ମୋହର ମାରିବା ପରେ ଭଣ୍ଡାରିପୋଖରୀ ଅଞ୍ଚଳରେ ଯୁବ କଂଗ୍ରେସ ପ୍ରେମୀମାନଙ୍କର ଉତ୍ସାହ ବଢ଼ିଯାଇଥିବା ଦେଖିବାକୁ ମିଳିଛି।

### ଯୁବକଙ୍କ ମହାନତା

## ରାସ୍ତାରୁ ୧୧ ହଜାର ଟଙ୍କା ପାଇ ମହିଳାକୁ ଫେରାଇଲେ

**ଧାମନଗର,୩୧।୫(ସମିସ):** ରାସ୍ତାରୁ ଭ୍ୟାନିଟି ବ୍ୟାଗ୍ ସହିତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ନଗଦ ୧୧ହଜାର ଟଙ୍କା ପାଇ ମହିଳାଙ୍କୁ ଫେରସ୍ତ କରି ମହାନତା ଦେଖାଇବା ସହ ଚର୍ଚ୍ଚାରେ ଯୁବକ ରଘୁନାଥ ବେହେରା। ସୂଚନାଯୋଗ୍ୟ, ଧାମନଗର ଥାନା ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତ ମଲିକସାହି ଗାଁର କୃଷ୍ଣଚନ୍ଦ୍ର ମଲିକଙ୍କ ପତ୍ନୀ ସୀତା ମଲିକଙ୍କ ହଜିଯାଇଥିବା ଭ୍ୟାନିଟି ବ୍ୟାଗ୍ ସହ ନଗଦ ୧୧ ହଜାର



ଟଙ୍କା ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଫେରିପାଇଛନ୍ତି। ଗତ ୨୭ ତାରିଖରେ ସୀତା ଧାମନଗରସ୍ଥିତ ଇକୋ ବ୍ୟାଙ୍କରୁ ଟଙ୍କା ଉଠାଇ ବାଇକ୍‌ରେ ଘରକୁ ଫେରୁଥିବାବେଳେ ରାମେଶ୍ୱରପୁର ଗେଟ୍ ନିକଟରେ ତାଙ୍କ ଭ୍ୟାନିଟି ବ୍ୟାଗ୍‌ଟି ଅଜାଣତରେ ରାସ୍ତାରେ ପଡ଼ିଯାଇଥିଲା। ବ୍ୟାଗ୍‌ରେ ନଗଦ ୧୧ ହଜାର ଟଙ୍କା ସହ ଆଧାର କାର୍ଡ, ପାନ୍ କାର୍ଡ ଓ ବ୍ୟାଙ୍କ ପାସ୍ ବହି ରହିଥିଲା। ଏତିକିବେଳେ ଧାମନଗର ମହାନ୍ତିସାହିର ରଘୁନାଥ ବେହେରା ରାସ୍ତାରେ ପଡ଼ିଥିବା ବ୍ୟାଗ୍‌ଟି ପାଇଥିଲେ। ବ୍ୟାଗ୍ ଭିତରେ ଥିବା ପରିଚୟପତ୍ର ଆଧାରରେ ସେ ପ୍ରକୃତ ମାଲିକଙ୍କ ସନ୍ଧାନ କରି ସୂଚନା ପାଇଥିଲେ। ଧାମନଗର ବିଜେପି କାର୍ଯ୍ୟାଳୟରେ ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ମହାପାତ୍ର, ନଗର ସଭାପତି ପ୍ରଶାନ୍ତ ପରିଡ଼ା, ବରିଷ୍ଠ ସାମ୍ବାଦିକ କୃଷ୍ଣ ଚନ୍ଦ୍ର ଜେନାଙ୍କ ଉପସ୍ଥିତିରେ ସୀତାଙ୍କୁ ବ୍ୟାଗ୍ ସହ ସମସ୍ତ ଟଙ୍କା ଓ କାଗଜପତ୍ର ଫେରାଇ ଦେଇଛନ୍ତି। ହଜିଥିବା ସମସ୍ତ ସାମଗ୍ରୀ ଫେରିପାଇ ସୀତା ଖୁସିବ୍ୟକ୍ତ କରିବା ସହ ରଘୁନାଥଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ପୀରହାଟ ସର୍କଲରେ ଏସ୍‌ଆଇଆର୍ କାର୍ଯ୍ୟକ୍ରମ



**ଦୋଳସାହି,୩୧।୫(ସମିସ):** ତିହିଡ଼ି ବ୍ଲକ୍ ଅଧୀନ ପୀରହାଟ ସର୍କଲରେ ହରସିଂପୁର ପଞ୍ଚାୟତ, ବାମନବିନ୍ଧା ପଞ୍ଚାୟତ ଓ ଦୌଲତପୁର ପଞ୍ଚାୟତର ଏସ୍‌ଆଇଆର୍ କାର୍ଯ୍ୟକ୍ରମରେ ନିୟୋଜିତ ସମସ୍ତ ବିଏଲ୍‌ଓ, ସୁପରଭାଇଜର, ସ୍ୱେଚ୍ଛାସେବୀମାନଙ୍କୁ ନେଇ ରବିବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତିହିଡ଼ି ବ୍ଲକ୍ ଏବିଡିଓ ମୀନକେତନ ବାରିକ, ଏସ୍‌ଆଇଆର୍ କାର୍ଯ୍ୟକ୍ରମର ପ୍ରଶିକ୍ଷକ ବିଶ୍ୱନାଥ ଦାସ, ପ୍ରାକ୍ତନ ସୁପରଭାଇଜର ମାୟାଧର ସାହୁ, ଶିକ୍ଷକ ସଂଗଠନ ନେତା ରମାକାନ୍ତ ଦାସ, ସୁରେନ୍ଦ୍ର ଧଳ, କୃପାସିନ୍ଧୁ ମହାନ୍ତି, ଶରତ ଜେନା, ସଞ୍ଜୀବନୀ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଏଲ୍‌ଓ ସନାତନ ପାଢ଼ୀ, ମୀନାକ୍ଷୀ ପଣ୍ଡା, ଜ୍ୟୋତିର୍ମୟୀ ଦାଶ, ମାନସୀ ଦାସ, ପଦ୍ମାବତୀ ସେଠୀ, ଗୀତାରାଣୀ ଜେନା, ସାଗରିକା ମିଶ୍ର, ସଙ୍ଗୀତା ବଳ, ନିର୍ଲିପ୍ତା ବଳ ଓ ଗୀତାରାଣୀ ମହାପାତ୍ର କାର୍ଯ୍ୟକ୍ରମର ସହଜ ସମାଧାନର ନିର୍ଦ୍ଦେଶ ଉପସ୍ଥାପନ କରିଥିଲେ।

### ଶେଷ ପର୍ଯ୍ୟାୟରେ ନିର୍ମାଣ

# କାର୍ଯ୍ୟକ୍ଷମ ହେବାକୁ ଯାଉଛି ଗୋଷ୍ଠୀ ପରିମଳ କେନ୍ଦ୍ର

**ବନ୍ତ/ଆଗରପଡ଼ା,୩୧।୫(ସମିସ):**

ଗତ ମାର୍ଚ୍ଚ ୧୮ ତାରିଖରେ 'ନିର୍ମାଣକୁ ୬ ବର୍ଷ ପୂରିଲାଣି; କାର୍ଯ୍ୟକ୍ଷମ ହେଉନି ଗୋଷ୍ଠୀ ପରିମଳ କେନ୍ଦ୍ର; ୭ଲକ୍ଷ ବ୍ୟୟ ପରେ ବି ଲକ୍ଷ୍ୟ ପୂରଣ ହେଉନି' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଗୋଷ୍ଠୀ ପରିମଳ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଥିବା ଜଣାପଡ଼ିଥିଲା। ବର୍ତ୍ତମାନ ଉକ୍ତ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବା ସହ ଖୁବ୍‌ଶୀଘ୍ର ଏହା କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଜବରଦଖଲ ଉଚ୍ଛେଦ ପରେ ପରିମଳ କେନ୍ଦ୍ରର ସମ୍ମୁଖ ଭାଗକୁ ଆବର୍ଜନାମୁକ୍ତ କରାଯାଇ ପେଭର୍ ବ୍ଲକ୍‌ରେ ପରିଣତ କରାଯିବା ସହ ଏକ ପ୍ରଶସ୍ତ ରାସ୍ତା ସୃଷ୍ଟି କରାଯାଇଛି। ଯଦ୍ୱାରା ଗମନାଗମନରେ ବାଧା ସୃଷ୍ଟି କରୁଥିବା ସଙ୍କୁଚିତ ଆଗରପଡ଼ା-କୁପାରି ପୂର୍ତ୍ତ ବିଭାଗ ରାସ୍ତା ନିମନ୍ତେ ସହାୟତା ପ୍ରଦାନ କରିବ। ତତ୍‌ସହିତ ପରିମଳ କେନ୍ଦ୍ରରେ ପଥଚାରୀଙ୍କ ନିମନ୍ତେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ପାଇଁ ପ୍ରସ୍ତୁତି ମଧ୍ୟ ସରିଯାଇଥିବା ଜଣାପଡ଼ିଛି। ଅପରପକ୍ଷରେ ଜନନାୟକଙ୍କ ମଧ୍ୟରେ ମତଭେଦରୁ ଉକ୍ତ ସ୍ଥାନରେ ନିର୍ମିତ ହେବାକୁ ଥିବା ଅନ୍ୟ କିଛି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରି ନ ଥିବା ଜଣାପଡ଼ିଛି।




ଯାହାକି ବଡ଼ ଦୁଃଖ ଓ ଅନୁତାପର ବିଷୟ। ସେହିପରି ଆଗରପଡ଼ା-କୁପାରି ପୂର୍ତ୍ତ ବିଭାଗ ରାସ୍ତାକୁ ଲାଗି ଥିବା ବିଦ୍ୟୁତ୍ ଖୁଣ୍ଟ ପରିମଳ କେନ୍ଦ୍ରର ସମ୍ମୁଖ ଭାଗରେ ଥିବାରୁ ଏହା କେନ୍ଦ୍ରର ମୁଖ୍ୟ ପ୍ରବେଶ ପଥରେ ବାଧା ସୃଷ୍ଟି କରୁଛି। ତେଣୁ ପରିମଳ କେନ୍ଦ୍ର କାର୍ଯ୍ୟକ୍ଷମ ହେବା ଆଗରୁ ବିଭାଗ ପକ୍ଷରୁ ଏହାର ସ୍ଥାନାନ୍ତରଣ ଜରୁରୀ ହୋଇପଡ଼ିଛି। ଆଗରପଡ଼ା ବଜାର ଅଞ୍ଚଳରେ ଲାଗିରହିଥିବା ପରିମଳ ସମସ୍ୟାକୁ ନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ବନ୍ତ ବ୍ଲକ୍ ବିଟିପୁର ପଞ୍ଚାୟତ ତରଫରୁ ଆଗରପଡ଼ା ବଜାରରେ ୨୦୨୦-୨୧ ଆର୍ଥିକ ବର୍ଷରେ ଗରିବ ରୋଜଗାର ଯୋଜନାରେ ୩ ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ଗୋଷ୍ଠୀ ପରିମଳ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଉକ୍ତ ଅର୍ଥରେ ଏହା ସମ୍ପୂର୍ଣ୍ଣ ହୋଇ ନ ପାରିବାରୁ ପରବର୍ତ୍ତି ମୁହୂର୍ତ୍ତରେ ୨୦୨୧-୨୨ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ପଞ୍ଚଦଶ ଆର୍ଥ କମିଶନ ଯୋଜନାରେ ୪ ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ପୁନଃ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଉକ୍ତ କେନ୍ଦ୍ର ନିର୍ମାଣକୁ ଇତି ମଧ୍ୟରେ ୪ ବର୍ଷ ପୂରିବା ଓ ୭ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ବ୍ୟୟ ହେବା ପରେ ମଧ୍ୟ ଏହା ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଥିଲା। ଜବରଦଖଲକାରୀଙ୍କ କବ୍‌ଜାରେ ବିଟିପୁର ମୌଜାର ମୁଖ୍ୟ ପିଡବ୍ଲ୍ୟୁଡି ସଡ଼କକୁ ସଂଲଗ୍ନ କରୁଥିବା ବିଟିପୁର ମୌଜା, କିସମ-ଗ୍ରାମ୍ୟ ରାସ୍ତା ସରକାରଙ୍କ ସର୍ବସାଧାରଣ ଖାତା ନଂ ୨୭୦, ପ୍ଲଟ୍ ନଂ ୭୧୩ରେ ନିର୍ମିତ ହେଉଥିବା ସୁଲଭ ଶୌଚାଳୟ ଥିବାରୁ ଏହା ସମ୍ପୂର୍ଣ୍ଣ ହେବାରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହେଉଥିଲା।

ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ଜବରଦଖଲକୁ ଉକ୍ତ ସ୍ଥାନରୁ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦକୁ ୩ ମାସରୁ ଅଧିକ ସମୟ ବିତିବାକୁ ବସିଥିବାବେଳେ ପାରିପାର୍ଶ୍ୱିକ ପରିସ୍ଥିତିକୁ ଆକଳନକୁ ନେଲେ ଏହାର ପୂର୍ଣ୍ଣତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ସରକାରଙ୍କ ଯୋଜନାର ସଫଳ ରୂପାୟଣ ହୋଇପାରୁ ନ ଥିବା ଉକ୍ତ ଗୋଷ୍ଠୀ କେନ୍ଦ୍ରକୁ ଦେଖିଲେ ପ୍ରତିଫଳିତ ହୋଇଥିଲା। କାର୍ଯ୍ୟାଦେଶ ଆଣିବା ପରେ ଅର୍ଥ ବ୍ୟୟ କରି କୌଣସି ଯୋଜନାକୁ ଅଧପନ୍ତରିଆ ଅବସ୍ଥାରେ ଛାଡ଼ି ଦେବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଥିଲା। ଜିଲ୍ଲାର ଅନ୍ୟତମ ପ୍ରମୁଖ ବ୍ୟାବସାୟିକ କେନ୍ଦ୍ର ଆଗରପଡ଼ା। ଏଥି ସହିତ ବାଲେଶ୍ୱର, କେନ୍ଦୁଝର ଓ ଭଦ୍ରକ ଜିଲ୍ଲାର ସୀମାନ୍ତବର୍ତ୍ତୀ ସ୍ଥାନରେ ଆଗରପଡ଼ା ଅବସ୍ଥିତ ହୋଇଥିବାରୁ ପ୍ରତିଦିନ ଏହି ଅଞ୍ଚଳ ଦେଇ ବିଭିନ୍ନ ସ୍ଥାନକୁ ଯାନବାହନ ଚଳାଚଳ କରିଥାଏ। ମାତ୍ର ଏଠାରେ ଆଜିଯାଏ ଗୋଷ୍ଠୀ ପରିମଳ କେନ୍ଦ୍ର ନ ଥିବାରୁ ବସ୍ ଯାତ୍ରୀ, ଦୋକାନୀଙ୍କ ସମେତ ବଜାରକୁ ଆସୁଥିବା ଲୋକମାନେ ପରିମଳ ପାଇଁ ନାନାଦି ହଇରାଣ ହରକତ ହେଉଥିବାର ପରିଲକ୍ଷିତ ହେଉଥିଲା। ତେଣୁ ଏହିସବୁ ସମସ୍ୟାର ଖୁବ୍‌ଶୀଘ୍ର ସମାଧାନ ହେବାକୁ ଯାଉଛି।

# ଗୋଶାଳା ଅଞ୍ଚଳରେ ଅବାଧରେ ଦେଶୀ ମଦ ବିକ୍ରି

**ସମ୍ବଲପୁର, ୩୧।୫(ସମିସ)**

ବୁର୍ଲା ଥାନା ଅନ୍ତର୍ଗତ ଗୋଶାଳା ଅଞ୍ଚଳରେ ବେଆଇନ ନିଶା କାରବାର ଏବେ ଚରମ ସୀମାରେ ପହଞ୍ଚିଛି। ଅଞ୍ଚଳରେ ଅବାଧରେ ଏବଂ ବେଆଇନ ଭାବେ ଦେଶୀ ମଦ ବିକ୍ରି ହେଉଥିବା ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷ କରି ବିଭିନ୍ନ ଗଳିକନ୍ଦିରେ 'କୁଟିଆ'ଙ୍କ ମାଧ୍ୟମରେ ପ୍ରଚୁର ପରିମାଣରେ ମହୁଲି ମଦ ବିକ୍ରି ଚାଲିଛି। ଏହି ବେଆଇନ ନିଶା କାରବାର ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବା ସହ ଅପରାଧିକ ମାମଲା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି।

ଉଗ୍ର ରୂପ ନେଉଛି ନିଶାର ପ୍ରଭାବ। ଏହି ବେଆଇନ ମଦ କାରବାରର ଭୟାବହତା କେତେ ଉଗ୍ର, ତାହା କିଛି ଦିନ ପୂର୍ବେ ଘଟିଥିବା ଏକ ସ୍ୱର୍ଶକାତର ଘଟଣାରୁ ସ୍ପଷ୍ଟ ଜଣାପଡୁଛି। ମଦ୍ୟପାନ କରି ସାମାନ୍ୟ ବଚସାରୁ ଜଣେ ବ୍ୟକ୍ତିଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ନିଶାଗ୍ରସ୍ତ ଅବସ୍ଥାରେ ଅପରାଧୀମାନେ ନିଜର ବିବେକ ହରାଇ ବସୁଛନ୍ତି, ଯାହାର ପରିଣାମସ୍ୱରୂପ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟୁଛି। କୁଟିଆ ମଦ ଦୋକାନଗୁଡ଼ିକ ହିଁ ଅପରାଧୀଙ୍କ ଆ‡ାସ୍ଥଳୀ ପାଲଟିଛି ଏବଂ ଏହିଠାରୁ ହିଁ ଛୋଟ ବଡ଼ ଅପରାଧର ସୂତ୍ରପାତ ହେଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

**ମାଫିଆଙ୍କ କବଜାରେ ଶିକ୍ଷା ହବ**
**କୁଟିଆରେ ବିକ୍ରି ପାଇଁ ଘଟୁଛି ଅପରାଧ**
**କିଛି ଦିନ ପୂର୍ବରୁ ସାମାନ୍ୟ କଥାରୁ ହତ୍ୟା**

ସବୁଠାରୁ ଉଦ୍‌ବେଗର ବିଷୟ ହେଉଛି, ବୁର୍ଲା ଗୋଶାଳା ଅଞ୍ଚଳକୁ ଏକ ଶିକ୍ଷା ହବ୍ ଭାବେ ଗଣାଯାଏ। ଏଠାରେ ଅନେକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଏବଂ ସରକାରୀ କାର୍ଯ୍ୟାଳୟ ରହିଛି। ଗୋଶାଳାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଆଇଆଇଏମ, ଜବାହାର ନବୋଦୟ ବିଦ୍ୟାଳୟ, ଓଏସଓୟୁ, ସିଆରପିଏଫ ଟ୍ରେନିଂ ସେଣ୍ଟର, ସୈନିକ ସ୍କୁଲ, କୃଷି ବିଜ୍ଞାନ କେନ୍ଦ୍ର, ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର ଇତ୍ୟାଦି ରହିଛି। ଗୋଶାଳା ଛକ ଦେଇ ଶହ ଶହ ଛାତ୍ରଛାତ୍ରୀ ପ୍ରତିଦିନ ଯାତାୟାତ କରନ୍ତି। କିନ୍ତୁ ଶିକ୍ଷାନୁଷ୍ଠାନଗୁଡ଼ିକଠାରୁ ମାତ୍ର କିଛି ଦୂରତାରେ ଏଭଳି ବେଆଇନ ମଦ କାରବାର ଚାଲିଥିବାରୁ, ଏହା କୋମଳମତି ଶିକ୍ଷାର୍ଥୀଙ୍କ ମାନସିକତା ଉପରେ କୁପ୍ରଭାବ ପକାଉଛି। ସନ୍ଧ୍ୟା ହେଲେ ମଦ୍ୟପଙ୍କ ପ୍ରାଦୁର୍ଭାବ ଯୋଗୁଁ ଛାତ୍ରଛାତ୍ରୀ ଓ ସ୍ଥାନୀୟ ମହିଳାମାନେ ରାସ୍ତାରେ ଯିବାଆସିବା କରିବାକୁ ଭୟ କରୁଛନ୍ତି। ମଦ ଭାଟିରୁ ମାଫିଆମାନେ ମଦ ଆଣି ଖୁଚୁରାରେ ବେଆଇନ ଭାବେ ବିକ୍ରି କରୁଛନ୍ତି। ଯାହାର ପ୍ରଭାବରେ ଅପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ନିୟମ ଅନୁସାରେ ଶିକ୍ଷା ଅନୁଷ୍ଠାନର ପାଞ୍ଚ ଶହ ମିଟର ଭିତରେ କୌଣସି ନିଶା ଦ୍ରବ୍ୟ ବିକ୍ରି ହୋଇପାରିବ ନାହିଁ। କିନ୍ତୁ ଗୋଶାଳାରେ ଏହି ନିୟମକୁ ଖୁଲମଖୁଲା ଅବମାନନା କରାଯାଉଛି। ଶିକ୍ଷା ଅନୁଷ୍ଠାନ ପାର୍ଶ୍ୱରେ ନିଶା କାରବାର ଚାଲୁଛି। ଏପରିକି ମଦ, ଗଞ୍ଜେଇ ଓ କଫସିରପ ନେଇ ଉକ୍ତ ଅଞ୍ଚଳରେ ସେବନ କରାଯାଉଛି। ପ୍ରଶାସନର ଏହି ନୀରବତା କୁଟିଆ ମଦ ବ୍ୟବସାୟୀଙ୍କୁ ଅଧିକ ପ୍ରୋତ୍ସାହନ ଯୋଗାଉଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

# ବାଲୁଙ୍କେଶ୍ୱର ବାବାଙ୍କ ଜଳଶାୟୀ

**ସମ୍ବଲପୁର, ୩୧।୫(ସମିସ):** ସମ୍ବଲପୁରର ପ୍ରସିଦ୍ଧ ଦେବ ବିବାହ ଧାର୍ମିକ ଉତ୍ସବ ଶୀତଳଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି ଯୋରସୋରରେ ଚାଲିଥିବା ବେଳେ ଏଥି ନିମନ୍ତେ ପାରମ୍ପରିକ ରିତିନିତିରେ ବିଭିନ୍ନ ବିଧି କାର୍ଯ୍ୟ ଗୁଡିକର ଶୁଭାରମ୍ଭ ହୋଇ ଯାଇଛି। ଏହିକ୍ରମରେ ରବିବାର ସମ୍ବଲପୁରର ନନ୍ଦପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି ଓ ଚିତ୍ରୋତ୍ପଳା ଯୁବକ ସଂଘର ମିଳିତ ଉଦ୍ୟମରେ ବରାଡ ବାଲୁଙ୍କେଶ୍ୱର ବାବାଙ୍କ ଜଳଶାୟୀ ନିତି ସମ୍ପନ୍ନ ହୋଇଯାଇଛି। ମନ୍ଦିର ପୂଜକ ଲକ୍ଷପତି ମହାପାତ୍ରଙ୍କ ପୌରୋହିତ୍ୟରେ ପ୍ରଥମେ ବାବାଙ୍କ ପାରମ୍ପରିକ ରିତିନିତି ଅନୁଯାୟୀ, ପୂଜାର୍ଚ୍ଚନା ପରେ ଦୀପ, ଧୂପ, ନୈବେଦ୍ୟ, ବେଲପତ୍ର, ଫଳ, ମିଷ୍ଟାନ୍ନ ପ୍ରଦାନ କରାଯାଇ ରୁଦ୍ରାଭିଷେକ ଘଣ୍ଟ, ଶଙ୍ଖ, ହୁଳହୁଳିର ପବିତ୍ର ଧ୍ୱନି ସହିତ ପୂଜାର୍ଚ୍ଚନା କରାଯାଇଥିଲା। ଦିନ ପ୍ରାୟ ୧୧ ଟାରେ ଜଳସେଇ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ପୂଜାର୍ଚ୍ଚନା ଓ ଆଳତୀ ପରେ ଜଳ ଅବତରଣ କରାଯାଇଥିଲା। ପ୍ରତି ବର୍ଷ ଜଳସେଇ କାର୍ଯ୍ୟକ୍ରମ ଦେବ ବିବାହ ଓ ଧରା ପୃଷ୍ଠକୁ ଶୀତଳ ରଖିବା ନିମନ୍ତେ ଅନୁଷ୍ଠିତ ହୋଇଥାଏ। ସାଧାରଣତଃ ଦେବ ବିବାହ ଦିନ ସକାଳ ସମୟରେ ଏହି ଜଳଶାୟୀ କାର୍ଯ୍ୟକ୍ରମ କରାଯାଉଥିବା ବେଳେ ଜଗତ କଲ୍ୟାଣ ଓ ସଫଳ ଶୀତଳଷଷ୍ଠୀ ଯାତ୍ରାର ଆୟୋଜନ ଏବଂ ଏବେ 'ନ ତପା' ଚାଲିଥିବାରୁ ପୂର୍ବରୁ ଏହି କାର୍ଯ୍ୟକ୍ରମକୁ ଆୟୋଜିତ କରାଯାଇଥିଲା ବୋଲି ନନ୍ଦପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି ଓ ଚିତ୍ରୋତ୍ପଳା ଯୁବକ ସଂଘ ତରଫରୁ ସୂଚନା ଦିଆଯାଇଛି।



# ବିଜେଡି ପକ୍ଷରୁ ଅସହାୟ ପରିବାରକୁ ସହାୟତା



**ସମ୍ବଲପୁର, ୩୧।୫(ସମିସ):** ସମ୍ବଲପୁର ମହାନଗରର ୩୨ ନମ୍ବର ୱାର୍ଡ ଅନ୍ତର୍ଗତ ମାୟାବଗିଚା ଅଞ୍ଚଳରେ ବିଜେଡି ପକ୍ଷରୁ ଅସହାୟ ଓ ଆବଶ୍ୟକତାସମ୍ପନ୍ନ ପରିବାରକୁ ସହାୟତା ପ୍ରଦାନ କରାଯାଇଥିଲା। ସମାଜସେବୀ ହରଦୀପ ସିଂ ଭୁର୍ଜିଙ୍କ ସୌଜନ୍ୟରେ ଏବଂ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସମ୍ବଲପୁର ଜିଲ୍ଲା ସଭାପତି ଇଂ. ରୋହିତ ପୂଜାରୀଙ୍କ ଉପସ୍ଥିତିରେ ବବିତା ଗୁପ୍ତାଙ୍କୁ ଏକ ସିଲାଇ ମେସିନ ପ୍ରଦାନ କରାଯାଇଥିଲା। ବବିତାଙ୍କ କହିବା ଅନୁଯାୟୀ, ନିଜସ୍ୱ ସିଲାଇ ମେସିନ ନଥିବାରୁ ସେ ଅନ୍ୟତ୍ର ଯାଇ କାମ କରିବାକୁ ବାଧ୍ୟ ହେଉଥିଲେ। ଏହି ସହାୟତା ପାଇବା ପରେ ସେ ସ୍ୱାବଲମ୍ବୀ ଭାବେ ନିଜ ଘରେ ରହି କାମ କରି ଜୀବିକା ନିର୍ବାହ କରିପାରିବେ ବୋଲି ଖୁସି ବ୍ୟକ୍ତ କରିଥିଲେ। ଏହାସହ ଅନ୍ୟ ଦୁଇଟି ଅସହାୟ ପରିବାରଙ୍କୁ ରାସନ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ସେମାନଙ୍କୁ ବିଭିନ୍ନ ସରକାରୀ ଯୋଜନା ଓ ସୁବିଧା ଉପଲବ୍ଧ କରାଇବା ପାଇଁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ସତ୍ୟେନ୍ଦ୍ର ଦାଶ, ବେଣୁଧର ଦାଶ, ବସନ୍ତ ମିଶ୍ର, ପ୍ରଫୁଲ୍ଲ ଦାଶ, ସୁରୁ ବାବୁ ମେହେର, ପୂର୍ବତନ ସଂଖ୍ୟାଲଘୁ ଜିଲ୍ଲା ସଭାପତି ସବିର ଭାଇ, ଯୁବ ଜିଲ୍ଲା ସଭାପତି ପ୍ରଦୋଷ ମହାନ୍ତି, ଧର୍ମରାଜ ମରେଇ, ଶାହାବୁଦ୍ଦିନ ଭାଇ, ଅନମୋଲ ଦାଶ, ହରିହର ପାଣି, ଭୁଟୋ ଭାଇ, ବିଜେଡି ସାଧାରଣ ଗଣମାଧ୍ୟମ ଜିଲ୍ଲା ସଂଯୋଜକ ଦୁଲାଲ ଚନ୍ଦ୍ର ରାୟ, ପ୍ରଶାନ୍ତ ନାୟକ, ବିଶ୍ୱାମିତ୍ର ସାହୁ, ରୁଦ୍ରନାରାୟଣ ଷଡ଼ଙ୍ଗୀ, ପ୍ରହଲ୍ଲାଦ ଗୁରୁ, ଶୁକେସ ସିଂ, ରମା ଭାଇ, ଗିରୀଶ ଭାଇ, ଧୀରଜ ଭାଇ, ମହିଳା ଜିଲ୍ଲା ସଭା ନେତ୍ରୀ ସଂଯୁକ୍ତା ମେହେର, ସସ୍ମିତା ଦୀପ, ମମତା ପଣ୍ଡା, ମୁନି ବେଗମ, ଆମିନା ଖାତୁନ, ଲିଲିମା ମାଲିକ୍, ରେଣୁବାଳା ମରେଇ, ସରିତା ଦାଶ, ମଞ୍ଜୁ ଗୁପ୍ତା, ସାବିତ୍ରୀ ବେହେରା ପ୍ରମୁଖଙ୍କ ସମେତ ବହୁ ପଡ଼ାବାସୀ ଉପସ୍ଥିତ ଥିଲେ।

# ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣ ; ଯୁବକ କୋର୍ଟ ଚାଲାଣ

**ଜମନକିରା, ୩୧।୫(ସମିସ):** ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କ ସହ ସମ୍ପର୍କ ରଖିବା ଏବଂ ପରେ ବିବାହକୁ ମନା କରିବା ଅଭିଯୋଗରେ ଜମନକିରା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।ପୁଲିସ ସୂଚନା ଅନୁଯାୟୀ, ମହୁଲପାଲି ଥାନା ବାବୁନିକ୍ତିମାଲ ଗ୍ରାମର ନରେନ୍ଦ୍ର ପରୁଆ (୨୫) ଏବଂ ଜମନକିରା ଥାନା ଅନ୍ତର୍ଗତ ଗ୍ରାମର ପ୍ରାପ୍ତ ବୟସ୍କ ଯୁବତୀଙ୍କ ମଧ୍ୟରେ ୨୦୨୩ ମସିହାରୁ ପ୍ରେମ ସମ୍ପର୍କ ରହିଥିଲା। ନରେନ୍ଦ୍ର ଯୁବତୀଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ସମ୍ପର୍କ ରଖିଥିଲେ। ତେବେ ବର୍ତ୍ତମାନ ଯୁବତୀ ଜଣକ ଛଅ ମାସର ଗର୍ଭବତୀ ଥିବା ବେଳେ ସେ ବିବାହ ପାଇଁ ନରେନ୍ଦ୍ରଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ଅଭିଯୋଗ ଅନୁସାରେ ନରେନ୍ଦ୍ର ତାଙ୍କୁ ଏଡ଼ାଇ ଯିବା ସହ ବିବାହ କରିବାକୁ ମନା କରିଦେଇଥିଲେ। ଏନେଇ ଜମନକିରା ଥାନାରେ କେସ୍ ନଂ୧୦୫/୨୬ ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ପୁଲିସ ତଦନ୍ତ ପରେ ଗତ ୨୯ ତାରିଖରେ ଅଭିଯୁକ୍ତ ନରେନ୍ଦ୍ର ପରୁଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

**ଏପିକେ ଫାଇଲରେ କ୍ଲିକ୍ କରିବା ପଡ଼ିଲା ମହଙ୍ଗା**

# ସମିତି ସଭ୍ୟଙ୍କ ହ୍ୱାଟ୍ସଆପ୍ ହ୍ୟାକ୍; ଆକାଉଣ୍ଟରୁ ଟଙ୍କା ଗାଏବ

**କୁଚିଣ୍ଡା, ୩୧।୫ (ସମିସ):** ସାଇବର ଠକମାନେ ଦିନକୁ ଦିନ ନୂଆ ନୂଆ ଉପାୟ ଅବଲମ୍ବନ କରି ସାଧାରଣ ଲୋକଙ୍କୁ ଠକୁଥିବା ବେଳେ ବର୍ତ୍ତମାନ ଏକ ଏପିକେ ଫାଇଲ ମାଧ୍ୟମରେ ହ୍ୱାଟ୍ସଆପ୍ ହ୍ୟାକିଂ ଘଟଣା ସାମ୍ନାକୁ ଆସିଛି। ବାମରା ବ୍ଲକ କୁଟାରିମାଲ ପଞ୍ଚାୟତର ସମିତି ସଭ୍ୟ ଭିକାରୀ ବୁଦୁଲାଙ୍କ ହ୍ୱାଟ୍ସଆପ୍ ହ୍ୟାକ୍ ହୋଇ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା କଟିଯାଇଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ସେ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ସାନ ଫିନିଙ୍ଗିବାହାଲ ଗ୍ରାମର ବାସିନ୍ଦା ତଥା ସମିତି ସଭ୍ୟ ଭିକାରୀ ବୁଦୁଲାଙ୍କ ହ୍ୱାଟ୍ସ ଆପ୍‌କୁ ଏକ ସନ୍ଦେହଜନକ ଏପିକେ ଫାଇଲ ଆସିଥିଲା। ଏହା କଣ ଜାଣିବା ପାଇଁ ସେ ଉକ୍ତ ଫାଇଲ ଉପରେ କ୍ଲିକ୍ କରିଥିଲେ। ତେବେ ଏହା ପରଠାରୁ ତାଙ୍କ ହ୍ୱାଟ୍ସ ଆପ୍ ଆକାଉଣ୍ଟ ହ୍ୟାକ୍ ହୋଇଯାଇଥିବା ସନ୍ଦେହ କରାଯାଉଛି। ଅଭିଯୋଗ ଅନୁଯାୟୀ, ଫାଇଲଟିରେ କ୍ଲିକ୍ କରିବା ପରେ ତାଙ୍କ ହ୍ୱାଟ୍ସ ଆପ୍‌ରେ ସଂରକ୍ଷିତ ଥିବା ବିଭିନ୍ନ କଣ୍ଟାକ୍ଟଙ୍କ ପାଖକୁ ସେହି ଏପିକେ ଫାଇଲ ଆପେଆପେ ପଠାଯାଇଥିଲା। ଏହା ଫଳରେ ଅନ୍ୟମାନେ ମଧ୍ୟ ସାଇବର ଠକଙ୍କ ଜାଲରେ ଫସିବାର ଆଶଙ୍କା ସୃଷ୍ଟି ହୋଇଛି। ପରେ ତାଙ୍କ ଆକାଉଣ୍ଟରୁ ପ୍ରାୟ ୧୧୦୦ ଟଙ୍କା କଟିଯାଇଥିବା ସେ ଜାଣିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ଅବଗତ ହେବା ପରେ ଭିକାରୀ ବୁଦୁଲା ତୁରନ୍ତ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି ପୁଲିସ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ସାଇବର ବିଶେଷଜ୍ଞଙ୍କ ମତାନୁସାରେ ଏପିକେ ଫାଇଲ ହେଉଛି ଆଣ୍ଡ୍ରଏଡ୍ ଆପ୍ଲିକେସନର ଇନଷ୍ଟଲେସନ ଫାଇଲ।ଅଜଣା ଉତ୍ସରୁ ଆସୁଥିବା ଏପିକେ ଫାଇଲରେ ମାଲୱେର କିମ୍ବା ଭାଇରସ୍ ଲୁଚିଥାଇପାରେ। ଏଥିରେ କ୍ଲିକ୍ କରିବା ମାତ୍ରେ ମୋବାଇଲର ବ୍ୟକ୍ତିଗତ ତଥ୍ୟ, ହ୍ୱାଟ୍ ଆପ୍ ଆକାଉଣ୍ଟ, ବ୍ୟାଙ୍କିଂ ସୂଚନା ଓ ଓଟିପି ପର୍ଯ୍ୟନ୍ତ ଠକମାନଙ୍କ ହାତକୁ ଚାଲିଯାଇପାରେ।ଗୋଟିଏ ଅଜଣା ଫାଇଲରେ ଅସାବଧାନତାବଶତଃ କ୍ଲିକ୍ କରିବା ଦ୍ୱାରା ବ୍ୟକ୍ତିଗତ ତଥ୍ୟ ସହ ଆର୍ଥିକ କ୍ଷତି ମଧ୍ୟ ହୋଇପାରେ। ସେଥିପାଇଁ ସାଧାରଣ ଲୋକମାନେ ଏପରି ସନ୍ଦେହଜନକ ଫାଇଲ ଓ ଲିଙ୍କ ପ୍ରତି ସର୍ବଦା ସତର୍କ ରହିବା ଆବଶ୍ୟକ।

**ରାଜନୈତିକ କାର୍ଯ୍ୟକ୍ରମରେ ସରକାରୀ ଶିକ୍ଷକ ସାମିଲ**

# ତଦନ୍ତ ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଦାବି

**କୁଚିଣ୍ଡା, ୩୧।୫(ସମିସ):** କେଶାଇବାହାଲସ୍ଥିତ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜ ପରିସରରେ ଆୟୋଜିତ ବିଜେପିର ଜିଲ୍ଲା ପ୍ରଶିକ୍ଷଣ ଶିବିରକୁ ନେଇ ଚାଲିଥିବା ବିବାଦ ମଧ୍ୟରେ ଏବେ ଆଉ ଏକ ନୂଆ ପ୍ରସଙ୍ଗ ଚର୍ଚ୍ଚାକୁ ଆସିଛି। ଗଡ଼ପୋଷ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ରାଜେନ୍ଦ୍ର ପୃଷେଠ ଉକ୍ତ ରାଜନୈତିକ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଯୋଗଦେଇଥିବା ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ବିରୋଧୀ ଦଳଗୁଡ଼ିକ ଏହାକୁ ଗୁରୁତର ବିଷୟ ବୋଲି ଦର୍ଶାଇ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ତଦନ୍ତ ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସୂଚନା ଅନୁଯାୟୀ, କେଶାଇବାହାଲ ବିଜିଡି କଲେଜ୍‌ରେ ଗତ ୨୬ ଓ ୨୭ ତାରିଖ ୨ ଦିନ ଧରି ବିଜେପି ପକ୍ଷରୁ ଜିଲ୍ଲାସ୍ତରୀୟ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ଦଳୀୟ ନେତା ଓ କର୍ମୀଙ୍କ ସହ ଶିକ୍ଷକ ରାଜେନ୍ଦ୍ର ପୃଷେଠ ମଧ୍ୟ ଉପସ୍ଥିତ ଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ଏହି ସମୟର ଏକ ଫଟୋ ମଧ୍ୟ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି। ଏହାପରେ ସରକାରୀ କର୍ମଚାରୀ, ବିଶେଷକରି ଜଣେ ଶିକ୍ଷକ, କୌଣସି ରାଜନୈତିକ ଦଳର ସଂଗଠନାତକ କାର୍ଯ୍ୟକ୍ରମରେ ଯୋଗଦେଇପାରିବେ କି ନାହିଁ, ସେନେଇ ପ୍ରଶ୍ନ ଉଠିଛି। ସରକାରୀ ସେବା ଆଚରଣବିଧି ଅନୁଯାୟୀ, ସରକାରୀ କର୍ମଚାରୀମାନେ ରାଜନୈତିକ ଦଳର ସକ୍ରିୟ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବା, ଦଳୀୟ ପ୍ରଚାର କରିବା କିମ୍ବା କୌଣସି ରାଜନୈତିକ ଦଳର ସଂଗଠନାତକ କାର୍ଯ୍ୟରେ ସକ୍ରିୟ ଭୂମିକା ନେବା ଉପରେ କଟକଣା ରହିଛି। ସରକାରୀ କର୍ମଚାରୀଙ୍କ ରାଜନୈତିକ ନିରପେକ୍ଷତା ବଜାୟ ରଖିବାକୁ ଏହି ନିୟମ ପ୍ରଣୟନ କରାଯାଇଛି। ବିରୋଧୀ ଦଳର ନେତାମାନେ ଅଭିଯୋଗ କରିଛନ୍ତି ଯେ, ଯଦି ଜଣେ ସରକାରୀ ଶିକ୍ଷକ କୌଣସି ରାଜନୈତିକ ଦଳର ପ୍ରଶିକ୍ଷଣ ଶିବିରରେ ସକ୍ରିୟ ସଦସ୍ୟ ଭାବେ ଯୋଗ ଦେଇଥାନ୍ତି, ତେବେ ତାହା ସେବା ନିୟମର ପରିପନ୍ଥୀ ହୋଇପାରେ। ସେମାନେ ଏହି ଘଟଣାର ନିରପେକ୍ଷ ତଦନ୍ତ ସହ ଶିକ୍ଷା ବିଭାଗର ହସ୍ତକ୍ଷେପ ଦାବି କରିଛନ୍ତି। ଅନ୍ୟପଟେ, ଏନେଇ ସମ୍ପୃକ୍ତ ଶିକ୍ଷକ କିମ୍ବା ଶିକ୍ଷା ବିଭାଗ ପକ୍ଷରୁ କୌଣସି ଔପଚାରିକ ପ୍ରତିକ୍ରିୟା ମିଳିନାହିଁ। ତେଣୁ ସେ କେଉଁ ପରିପ୍ରେକ୍ଷୀରେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ଓ ତାଙ୍କ ଭୂମିକା କଣ ଥିଲା, ତାହା ସ୍ପଷ୍ଟ ହୋଇନାହିଁ।ଶିକ୍ଷା ବିଭାଗ ଏହାର ନିରପେକ୍ଷ ତଦନ୍ତ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



# ଶୀତଳଷଷ୍ଠୀ ପାଇଁ ପୁଲିସର କଡ଼ା ସୁରକ୍ଷା

**ବିଭିନ୍ନ ସ୍ଥାନରେ ନାକା ବନ୍ଦି, ରାତିରେ ଗାଡ଼ି ଚେକିଂ**



**ସମ୍ବଲପୁର, ୩୧।୫(ସମିସ):** ଆଉ କିଛି ଦିନ ପରେ ଶୀତଳଷଷ୍ଠୀ ଯାତ୍ରା। ଏ ନେଇ ସମ୍ବଲପୁର ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି।ଅପରାଧୀକ କାର୍ଯ୍ୟକଳାପ ରୋକିବା ପାଇଁ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ନାକା ବନ୍ଦି ସହ ଆଉଟ୍‌ପୋଷ୍ଟ ନିର୍ମାଣ ହୋଇଛି। ନନ୍ଦପଡ଼ା (ଜଗନ୍ନାଥ ମନ୍ଦିର), ଠେଲକୋପଡ଼ା (ପାଣି ଟାଙ୍କି ନିକଟରେ), ଜି.ଏମ. ବିଶ୍ୱବିଦ୍ୟାଳୟ, ବଡ଼ବଜାର, ଗୋପାଳମାଳ-କତରଧୁଆଁ, ଭୀମଭୋଇ ପାର୍କ (ଶାନ୍ତିନଗର), ରେଳବାଇ ଷ୍ଟେସନ, ଧନୁପାଲି, ନେଲସନ ମାଣ୍ଡେଲା ଛକ, ଧନକଉଡ଼ା ଛକ, ଆଦର୍ଶ ମାର୍ଗ, ରେମେଡ୍ ଛକ, ଲକ୍ଷ୍ମୀଡୁଙ୍ଗୁରୀ ଛକ, ବିହାରୀପଡ଼ା (ହୀରାକୁଦ), ଶାସନ ବାଇପାସ୍ ଏବଂ ପଥର ଗେଟ୍ (ବୁର୍ଲା) ଠାରେ ସ୍ଥାପନ କରାଯାଇଛି। ବିଶେଷ କରି ସନ୍ଧ୍ୟା ଏବଂ ରାତି ସମୟର ପାଟ୍ରୋଲିଂ ଉପରେ ଗୁରୁତ୍ୱ ଦିଆଯାଉଛି, ଯାହାଦ୍ୱାରା ମଦ୍ୟପାନ କରି ବିଶୃଙ୍ଖଳା ସୃଷ୍ଟି କରୁଥିବା ଲୋକଙ୍କୁ ରୋକାଯାଇପାରିବ। ସନ୍ଦେହଜନକ କାର୍ଯ୍ୟକଳାପ ଉପରେ ନଜର ରଖାଯିବା ସହ ଜନଗହଳି ପୂର୍ଣ୍ଣ ତଥା ସମ୍ବେଦନଶୀଳ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇପାରିବ।ନାକାବନ୍ଦିରେ ନିୟମିତ ଗାଡ଼ି ଯାଞ୍ଚ କରାଯିବ। ଯେକୌଣସି ଅପ୍ରୀତିକର ପରିସ୍ଥିତିରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାରେ ଯୁବକ ଗିରଫ

**ଜମନକିରା, ୩୧।୫ (ସମିସ):** ଜମନକିରା ଥାନା ପୁଲିସ ଜଣେ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଗତ ମେ ୨ ତାରିଖରେ ମହୁଲପାଲି ଥାନା ଲାଇଗୁରା ଗ୍ରାମର ଗୋପାଳ ପେଣ୍ଟେଇ (୨୩) ଲେଦିମହୁଲ ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ କରି ନେଇଥିଲେ। ପରେ ନାବାଳିକାଙ୍କ ଇଚ୍ଛା ବିରୋଧରେ ଓ ବିନା ସମ୍ମତିରେ ସମ୍ପର୍କ ରଖିଥିବା ଅଭିଯୋଗ ହୋଇଥିଲା। ଏନେଇ ଜମନକିରା ଥାନାରେ କେସ୍ ନମ୍ବର୮୬/୨୦୨୬ ରୁଜୁ ହୋଇଥିଲା। ପୁଲିସ ତଦନ୍ତ ଚଳାଇ ଶୁକ୍ରବାର ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଗୋପାଳ ପେଣ୍ଟେଇଙ୍କୁ ଗିରଫ କରିଥିଲା। ପରେ ତାଙ୍କୁ କୋର୍ଟକୁ ପଠାଯାଇଥିବା ଜଣାପଡ଼ିଛି। ପୁଲିସ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

# ବିଶ୍ୱ ତମାଖୁ ବର୍ଜନ ଦିବସରେ ସଚେତନତା ରାଲି



**ସମ୍ବଲପୁର, ୩୧।୫(ସମିସ):** ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ରୋଟାରୀ ଇଣ୍ଟରନ୍ୟାସନାଲ ଡିଷ୍ଟ୍ରିକ୍ଟ ୩୨୬୧ ଅନ୍ତର୍ଗତ ସମ୍ବଲପୁର ଓ ବୁର୍ଲାର ସମସ୍ତ ରୋଟାରୀ କ୍ଲବ ପକ୍ଷରୁ ରବିବାର ସଚେତନତା ରାଲିର ଆୟୋଜନ କରାଯାଇଛି। ରାଲି ଲକ୍ଷ୍ମୀ ଟକିଜ୍ ଛକରୁ ଆରମ୍ଭ ହୋଇ ଜିଏମ୍ କଲେଜ ଛକ ପର୍ଯ୍ୟନ୍ତ ଯାଇଥିଲା। ତମାଖୁ ସେବନର କୁପ୍ରଭାବ ସମ୍ପର୍କରେ ସାଧାରଣଜନତାଙ୍କୁ ସଚେତନ କରିବା ଏବଂ ଯୁବପିଢ଼ିଙ୍କୁ ତମାକୁ ମୁକ୍ତ ଜୀବନ ଅପନାଇବାକୁ ପ୍ରେରିତ କରିବା ରାଲିର ମୁଖ୍ୟ ଉଦ୍ଦେଶ୍ୟ। ଜିଲ୍ଲା ଗଭର୍ନର ୨୦୨୫-୨୬ ରୋଟାରିଆନ ଅମିତ ଜୟସ୍ୱାଲଙ୍କ ମାର୍ଗଦର୍ଶନରେ ଏବଂ ପିପି ରୋଟାରିଆନ ଏମ୍‌ଡି. ପରୱେଜ ଅଲି ଖାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଯୁଥ ପ୍ରୋଟେକ୍ସନ ସବ୍-କମିଟିର କୋ-ଚେୟାର ରୋଟାରିଆନ ଲିପିକା ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି ରାଲିରେ ପିଡିଜି ଶମ୍ଭୁ ଜଗତରାମକା, ସିଟି କୋ-ଅର୍ଡିନେଟର ରାଜ କିଶୋର ଦାସ, ଏଜି ଶିବ ପାଢ଼ୀ, ବିଭିନ୍ନ କ୍ଲବର ସଭାପତି ରାଜୀବ ଜୈନ, ରଶ୍ମି ରଞ୍ଜନ ମହାପାତ୍ର, ସୁରେଶ ମୁନ୍ଦ୍ରା, ସୁମନ୍ତ ନାୟକ, ଅରୁଣ ପଟୱାରୀଙ୍କ ସହ ବହୁ ରୋଟାରିଆନ ଯୋଗଦେବେ। ଏହା ସହିତ ପିପି ଆନନ୍ଦ କୁମାର ଅଗ୍ରୱାଲ, ପ୍ରଶାନ୍ତ ରଥ, ଦାମୋଦର କର, ରବି ମିଶ୍ର, ଭଗତ ସିଂହ, ବିଲାଲ ମଲ୍ଲିକ, ପ୍ରବୀଣ ସୁରୀ, ତୃଷ୍ଣା ବାଗ, ନୀଲମ ଆନନ୍ଦ, ଗୀତମ ସିଂହ, ଲକ୍ଷ୍ମୀ ମହାପାତ୍ର, ଜିଜି ଜୋସେଫ ଓ ଅନ୍ୟାନ୍ୟ ସଦସ୍ୟ, ଛାତ୍ରଛାତ୍ରୀ, ସମାଜସେବୀ ଏବଂ ସ୍ୱାସ୍ଥ୍ୟକର୍ମୀମାନେ ଯୋଗ ଦେଇଥିଲେ।

**ରେଙ୍ଗାଲି ବ୍ଲକ୍ ସମିତି ଅଧ୍ୟକ୍ଷ ବିଜେଡିରୁ ନିଲମ୍ବିତ ଘଟଣା**

# 'ଜନନେତା ନବୀନଙ୍କ ପାଇଁ ସେବା କରିବି'

**ସମ୍ବଲପୁର, ୩୧।୫(ସମିସ)**

ସମ୍ବଲପୁର ରେଙ୍ଗାଲି ବ୍ଲକ ସମିତି ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲଙ୍କୁ ବିଜେଡିରୁ ଦୁଇଦିନ ପୂର୍ବରୁ ନିଲମ୍ବନ କରାଯାଇଛି। ଦଳବିରୋଧି କାର୍ଯ୍ୟକଳାପ ଯୋଗୁଁ ତାଙ୍କୁ ନିଲମ୍ବନ କରାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି। କିନ୍ତୁ ତାଙ୍କୁ କାହିକି ନିଲମ୍ବନ କଲେ ତାର ଜବାବ ସେ ମାଗିଛନ୍ତି। ନିଲମ୍ବନ ପରେ ମଧ୍ୟ ସେ ନବୀନଙ୍କ ନୀତି ଆଦର୍ଶରେ ସେବା ଜାରି ରଖିବେ ବୋଲି ଶ୍ରୀ ଅଗ୍ରୱାଲ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ବିଜେଡି ସୁପ୍ରିମୋ ଦଳ ସଭାପତି ନବୀନ ପଟ୍ଟନାୟକଙ୍କୁ ନିଲମ୍ବନ ଆଦେଶ ଉପରେ ପୁନବିଚାର କରିବା ପାଇଁ ନିଜ ସମର୍ଥିତ ଜନପ୍ରତିନିଧି ସହ ଅନୁରୋଧ କରିଛନ୍ତି। ସେମାନେ ଅନୁରୋଧ କରିଛନ୍ତି ଯେ, ଏହି ନିଲମ୍ବନ ଖବର ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ସକ୍ରିୟ କର୍ମୀ, ନିର୍ବାଚିତ ଜନପ୍ରତିନିଧି, ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲାପରିଷଦ ସଭ୍ୟ, ଏବଂ ସମର୍ଥକବୃନ୍ଦଙ୍କୁ ମର୍ମାହତ କରିଛି। ସମସ୍ତେ କହିଛନ୍ତି, ବିଗତ ଆଠ ବର୍ଷ ହେଲା, ଶ୍ରୀ ଅଗ୍ରୱାଲ ଦଳର ସଂଗଠନକୁ ସୁଦୃଢ଼ କରିବା ଏବଂ ତୃଣମୂଳ ସ୍ତରରେ ବିଜୁ ଜନତା ଦଳର ବାର୍ତ୍ତା ପହଞ୍ଚାଇବା ପାଇଁ ନିଜକୁ ସମ୍ପୂର୍ଣ୍ଣ ରୂପେ ଉତ୍ସର୍ଗ କରିଛନ୍ତି। ସେ ସଦାବେଳେ ବିଜୁ ଜନତା ଦଳର ଆଦର୍ଶ ଏବଂ ଆପଣଙ୍କ ନେତୃତ୍ୱ ପ୍ରତି ପୂର୍ଣ୍ଣ ନିଷ୍ଠା, ଶୃଙ୍ଖଳା ଓ ଆନୁଗତ୍ୟର ସହ କାର୍ଯ୍ୟ କରିଆସିଛନ୍ତି। ପଦ୍ମପୁର, ବାଲେଶ୍ୱର, ବ୍ରଜରାଜନଗର ଓ ଝାରସୁଗୁଡ଼ା ଉପନିର୍ବାଚନ ହେଉ କିମ୍ବା ୨୦୨୪ ସାଧାରଣ ନିର୍ବାଚନର କଠିନ ସମୟ, ସେ ଦଳର ବିଜୟ ପାଇଁ ନିଜର ସମୟ, ଶ୍ରମ ଓ ସମ୍ବଳ ନିରନ୍ତର ବିନିଯୋଗ କରିଛନ୍ତି। ତାଙ୍କର ଏହି ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ରେଙ୍ଗାଲି ନିର୍ବାଚନ ମଣ୍ଡଳୀରେ ଏକ ଶକ୍ତିଶାଳୀ ସାଙ୍ଗଠନିକ ଢାଞ୍ଚା ଗଠନ ହୋଇପାରିଛି। ଏହି ନିଲମ୍ବନ ନିଷ୍ପତ୍ତି ତୃଣମୂଳସ୍ତରର କର୍ମୀମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଓ ନିରାଶା ସୃଷ୍ଟି କରିଛି, ଯାହା ନିର୍ବାଚନ ମଣ୍ଡଳୀରେ ଦଳର ସାଙ୍ଗଠନିକ ମନୋବଳ ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ ଓ ଏଭଳି ଏକ ସମୟରେ ଯେତେବେଳେ ଦଳକୁ ଏକତା ଓ ସାମୂହିକ ଶକ୍ତିର ଆବଶ୍ୟକତା ରହିଛି।ଏହି ନିଷ୍ପତ୍ତି ପୁନର୍ବିଚାର କରନ୍ତୁ ଏବଂ ଶ୍ରୀ ସତ୍ୟନାରାୟଣ ଅଗ୍ରୱାଲଙ୍କୁ ନିଜର ପକ୍ଷ ରଖିବା ପାଇଁ ଗୋଟିଏ ସୁଯୋଗ ପ୍ରଦାନ କରିବା ପାଇଁ ସମସ୍ତେ ଅନୁରୋଧ କରିଛନ୍ତି। ଉକ୍ତ ବୈଠକରେ ରେଙ୍ଗାଲି ବ୍ଲକ ଓ ଧନକଉଡ଼ା ବ୍ଲକର ଜନପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।



**ପୁନର୍ବିଚାର ପାଇଁ ରେଙ୍ଗାଲି ଓ ଧନକଉଡ଼ା ବ୍ଲକ୍ ଜନପ୍ରତିନିଧିଙ୍କ ଅନୁରୋଧ**



ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ତୃତୀୟ ସ୍ଥାନ ହାସଲ କରିଥିବା ବରଗଡ଼ର ଜିତାମିତ୍ର ସାହୁଙ୍କୁ ନାଗରିକ ମଞ୍ଚ ତରଫରୁ ସମ୍ବର୍ଦ୍ଧିତ କରାଯାଉଛି।

# ବିଏଲ୍ଓ, ବିଏଲ୍ଏ ଓ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ

ପାଇକମାଳ, ୩୧।୫(ସମିସ)



ପଦ୍ମପୁର-୧ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ସ୍ୱତନ୍ତ୍ର ସଂଘନ ସଂଶୋଧନ (ଏସ୍ଆଇଆର) କାର୍ଯ୍ୟକ୍ରମକୁ ସଫଳ ଓ ସୁଚାରୁ ଭାବେ ପରିଚାଳନା କରିବା ଲକ୍ଷ୍ୟରେ ପାଇକମାଳ ବ୍ଲକ କାର୍ଯ୍ୟାଳୟରେ ବୁଥ୍ସ୍ତରୀୟ ବିଏଲଓ, ବିଏଲଏ, ସ୍ୱେଚ୍ଛାସେବୀ ଏବଂ ସୁପରଭାଇଜରଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଏଇଆରଓ) ତଥା ପାଇକମାଳ ବ୍ଲକ ଉନ୍ନୟନ ଅଧିକାରୀ ପ୍ରଫୁଲ୍ଲ କୁମାର ଉଦ୍ଦୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ଶ୍ରୀ ଉଦ୍ଦୁ କହିଥିଲେ ଯେ, ଏକ ସୁସ୍ଥ, ସ୍ୱଚ୍ଛ ଏବଂ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତ କରିବା ନିର୍ବାଚନ ପ୍ରକ୍ରିୟାର ମୂଳଆଧାର। ଏହି ଉଦ୍ଦେଶ୍ୟରେ ମେ' ୩୦ ତାରିଖରୁ ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ଘରକୁ ଘର ସର୍ଭେ କାର୍ଯ୍ୟକ୍ରମ ଚାଲିବ। ଏହା ସହିତ ଘରକୁ ଘର ସର୍ଭେ ସମୟରେ ସାଧାରଣ ଲୋକଙ୍କ ସହ ସୁସମ୍ପର୍କ ରଖି ସଠିକ୍ ତଥ୍ୟ ସଂଗ୍ରହ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁନିଲ କୁମାର ଭୋଇ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁରଞ୍ଜନ ହୋତା, ବିଏଲଓ ସୁପରଭାଇଜର ଉଗ୍ରସେନ ପ୍ରଧାନ, ରଞ୍ଜନ ବାଗ ଓ ଜିଲ୍ଲାପରିଷଦ ସୁରେନ୍ଦ୍ର ବରିହା ପ୍ରମୁଖ ଉପସ୍ଥିତ ରହିଥିଲେ। ଉଲ୍ଲେଖନୀୟ ଯେ, ପାଇକମାଳ ବ୍ଲକ ଅଧୀନ ସମସ୍ତ ବୁଥସ୍ତରୀୟ ଅଧିକାରୀ, ବିଏଲଓ ସୁପରଭାଇଜର, ବୁଥସ୍ତରୀୟ ଏଜେଣ୍ଟ ଓ ସ୍ୱେଚ୍ଛାସେବୀମାନେ ଏହି ପ୍ରଶିକ୍ଷଣରେ ଯୋଗଦେଇ ଥିଲେ।

# ନିମ୍ନମାନର ଛତୁଆ ଯୋଗାଣକୁ ଖଣ୍ଡନ



ବରଗଡ଼, ୩୧।୫(ସମିସ): ବରଗଡ଼ରେ ନିମ୍ନମାନର ଛତୁଆ ଯୋଗାଣ ଅଭିଯୋଗ ଏବେ ନୂଆ ମୋଡ଼ ନେଇଛି। କିଛି ମହିଳା ଛତୁଆ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ। ନିମ୍ନମାନର ଛତୁଆ ଦିଆଯାଇଥିବା ସେମାନେ ଅଭିଯୋଗ କରିଥିଲେ। ଛତୁଆରେ ପୋକ ସାଲୁବାଲୁ ହେଉଥିବା ମଧ ଦେଖାଇଥିଲେ; କିନ୍ତୁ ଏହି ଅଭିଯୋଗ ମିଛ ବୋଲି ଛତୁଆ ପ୍ରସ୍ତୁତ କରୁଥିବା ସୂର୍ଯ୍ୟ ମୁଖୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ କହିଛନ୍ତି। ୨୫ରୁ ୩୦ ତାରିଖ ମଧ୍ୟରେ ଛତୁଆ ବଣ୍ଟନ କରାଯାଉଛି। ତା ପୂର୍ବରୁ ଅଭିଯୋଗକାରୀ କେଉଁଠାରୁ ଛତୁଆ ଆଣିଛନ୍ତି ବୋଲି ସୂର୍ଯ୍ୟ ମୁଖୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ପ୍ରଶ୍ନ କରିଛନ୍ତି। କେବଳ ବଦନାମ କରିବା ପାଇଁ ଏହି ଚକ୍ରାନ୍ତ କରାଯାଇଥିବା ସୂର୍ଯ୍ୟ ମୁଖୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଅଭିଯୋଗ କରିଛନ୍ତି। ଯେ କୌଣସି ସମୟରେ ଯାହା କିଛି ବି ତଦନ୍ତ ହେବ ସେମାନେ ପ୍ରସ୍ତୁତ ବୋଲି ଦୃଢ଼ ଭାବେ କହିଛନ୍ତି।

## ସର୍ଗିପାଲି-ଭାଲୁଡୁଙ୍ଗୁରି ରାସ୍ତାର ଭିତ୍ତିପ୍ରସ୍ତର

ପଦ୍ମପୁର, ୩୧।୫ (ସମିସ): ଦାହିତା ପଞ୍ଚାୟତ ସର୍ଗିପାଲି-ଭାଲୁଡୁଙ୍ଗୁରି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ବିଧାୟିକା ବର୍ଷା ସିଂ ବରିହା, ବିଜେଡି ବ୍ଲକ ସଭାପତି ଦୁଷ୍ମନ୍ତ ପଟେଲ ଯୋଗ ଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥଲେ। ଏହି ରାସ୍ତା ନିର୍ମାଣ କାର୍ଯ୍ୟକୁ ଲୋକେ ସ୍ୱାଗତ କରିବା ସହ ଏହା ଅଞ୍ଚଳର ସାମଗ୍ରିକ ବିକାଶରେ ସହାୟକ ହେବ ବୋଲି ମତ ପ୍ରକାଶ କରିଛନ୍ତି। ରାସ୍ତା ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହୋଇ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ସ୍ଥାନୀୟ ଲୋକମାନେ ଆଶା ବ୍ୟକ୍ତ କରିଛନ୍ତି।



## ମଦ ଜବତ; ଦୁଇ ଗିରଫ

ପାଇକମାଳ, ୩୧।୫(ସମିସ): ପାଇକମାଳ ଥାନା ପୁଲିସ ପକ୍ଷରୁ ପୃଥକ୍ ସ୍ଥାନରେ ଚଢ଼ଉ କରାଯାଇ ବିପୁଳ ପରିମାଣର ମଦ ଜବତ କରାଯିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗୌରଜୁରିସ୍ଥିତ ଢାବାରେ ଅଚାନକ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ଢାବାରୁ ୩୦ ବୋତଲ ବିଦେଶୀ ମଦ (ଏଫ୍ଏଲ୍) ଜବତ କରାଯାଇଥିଲା। ଜବତ ମଦ ୧୭ ଲିଟର ୨୬୫ ମିଲିଲିଟର ଥିବା ଜଣାପଡ଼ିଛି। ଢାବା ମାଲିକ କିଶୋର ବାଗ (୩୦)ଙ୍କୁ ପୁଲିସ ଗିରଫ କରିଛି। ଅନ୍ୟ ଏକ ଘଟଣାରେ ପୁଲିସ ମୁଣ୍ଡେଲା ଗ୍ରାମରେ ବେଆଇନ ମଦ ବିକ୍ରି ହେଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଚଢ଼ଉ କରିଥିଲା। ଚଢଉ ବେଳେ ସେଠାରୁ ୬ ଲିଟର ୬୦୦ ମିଲିଲିଟର ଓଡ଼ିଶା ସ୍ପେଶାଲ୍ (ଓଏସ୍) ମଦ ଜବତ କରାଯାଇଥିଲା। ଏଥିସହ ମଦ ବିକ୍ରିରୁ ସଂଗୃହୀତ ୯, ୯୦୦ ଟଙ୍କା ନଗଦ ଅର୍ଥ ମଧ୍ୟ ଜବତ କରାଯାଇଛି। ଏହି ଘଟଣାରେ ମୁଣ୍ଡେଲା ଗ୍ରାମର ଜୟଦେବ ବାଗ (୩୮)ଙ୍କୁ ପୁଲିସ ଗିରଫ କରିଛି। ଏନେଇ ପାଇକମାଳ ଥାନାରେ ମାମଲା ରୁଜୁ କରାଯାଇଛି।

## ଟେମରୀରୁ ଅଜଗର ଉଦ୍ଧାର

ବରଗଡ଼, ୩୧।୫(ସମିସ): ମେଲଛାମୁଣ୍ଡା ଥାନା ଘେଁସ ରେଞ୍ଜର ଟେମରୀ ଗ୍ରାମରୁ ଏକ ୭ ଫୁଟ ଲମ୍ବର ଅଜଗର ଉଦ୍ଧାର ହୋଇଛି। ଟେମରୀ ଗ୍ରାମର କିଛି ଯୁବକ ଗୁଦେରପାଲିଠାରୁ ଟେମରୀ ଫେରୁଥିବା ବେଳେ ଉଡା ଡୁଙ୍ଗୁରିଠାରେ ରାସ୍ତା ଅବରୋଧ କରି ଏକ ଅଜଗର ପଡ଼ିଥିଲା। ଗାଁର ଯୁବକମାନେ ସାପକୁ ଉଦ୍ଧାର କରି ବସ୍ତିକୁ ଆଣିବା ସହ ବନ ବିଭାଗକୁ ଖବର ଦେଇଥିଲେ।

## ସମ୍ବଲପୁରୀ ବସ୍ତ୍ରାଳୟ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ବରଗଡ଼, ୩୧।୫(ସମିସ): ବରଗଡ଼ସ୍ଥିତ ସମ୍ବଲପୁରୀ ବସ୍ତ୍ରାଳୟର ରଙ୍ଗଘର ପରିସରରେ ସମ୍ବଲପୁରୀ ବସ୍ତ୍ରାଳୟର ଦିଲ୍ଲୀପ ଭୋଇ, ଚିତ୍ତରଞ୍ଜନ ଦାସ, ଦେବେନ୍ଦ୍ର ଭୋଇ, ପ୍ରଦୀପ୍ତ ରାଉତ, ବିଶ୍ୱନାଥ ପ୍ରଧାନ, ଅନନ୍ତ ରାମ ପଟ୍ଟନାୟକ, ଅଶ୍ୱିନୀ ମେହେର ଓ ଶୁକଦେବ ପୋଢ ଅବସର ଗ୍ରହଣ କରିଛନ୍ତି। ଏମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି ବସ୍ତ୍ରାଳୟ କର୍ମଚାରୀ ସଂଘର ସଭାପତି ବିଜୟ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମିତିର ସଭାପତି ସମ୍ବିତ୍ ଆଚାର୍ଯ୍ୟ, ସମ୍ପାଦକ ଶରତ୍ ଲାଲ୍ ସିଂ ଓ ପୂର୍ବତନ ମାର୍କେଟିଂ ଅଫିସର ହେମନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅବସରଗ୍ରହଣ କରୁଥିବା କର୍ମଚାରୀଙ୍କ ଡିଏ ଚାକିରି କାଳ ସମୟସୀମା ମଧ୍ୟରେ ବୃଦ୍ଧି ପାଇ ନ ଥିବାରୁ ସମସ୍ତ କର୍ମଚାରୀଙ୍କ ମନରେ କ୍ଷୋଭ ପ୍ରକାଶ ପାଇଛି। ଏହି ଡିଏ ନିଶ୍ଚିତ ଦିଆଯିବ ବୋଲି ସମସ୍ତ କର୍ମଚାରୀଙ୍କ ସମ୍ମୁଖରେ ସଭାପତି ସମ୍ବିତ୍ ଆଚାର୍ଯ୍ୟ ପ୍ରକାଶ କରିଥିଲେ।

## ସତ୍ୟନେନ୍ଦୁ ସାମଲ ଦହିତା ମଣ୍ଡଳ ସଭାପତି

ପଦ୍ମପୁର, ୩୧।୫ (ସମିସ): ପଦ୍ମପୁର ନିର୍ବାଚନ ମଣ୍ଡଳୀ ଦହିତା ମଣ୍ଡଳରେ ଭାରତୀୟ ଜନତା ପାର୍ଟି (ବିଜେପି) ପକ୍ଷରୁ ଏକ ମଣ୍ଡଳସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମଣ୍ଡଳର ନୂତନ ସଭାପତି ଓ ସାଧାରଣ ସମ୍ପାଦକଙ୍କ ଚୟନ କରାଯାଇଥିଲା। ପୂର୍ବତନ ମଣ୍ଡଳ ସଭାପତି ଜନକ ସାହୁ ନିଜ ପଦବୀରୁ ଇସ୍ତଫା ଦେଇଥିଲେ। ସତ୍ୟନେନ୍ଦୁ ସାମଲଙ୍କୁ ଦହିତା ମଣ୍ଡଳର ନୂତନ ସଭାପତି ଭାବେ ନିର୍ବାଚିତ କରାଯାଇଛି। ସେହିପରି ନିତେଶ ବାଗ୍ ଓ ଗୀତେନ୍ ସାହୁଙ୍କୁ ମଣ୍ଡଳର ସାଧାରଣ ସମ୍ପାଦକ ଭାବେ ଚୟନ କରାଯାଇଛି।

## ନୃସିଂହନାଥରେ ବାରମ୍ବାର ବିଦ୍ୟୁତ କାଟ୍

# ପାଣି ପାଇଁ ହଇରାଣ ଶ୍ରଦ୍ଧାଳୁ



ପାଇକମାଳ, ୩୧।୫(ସମିସ): ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ଅଧୀନ ପ୍ରସିଦ୍ଧ ନୃସିଂହନାଥ ମନ୍ଦିର ଅଞ୍ଚଳରେ ବାରମ୍ବାର ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହେଉଥିବାରୁ ଶ୍ରଦ୍ଧାଳୁମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିଦିନ ହଜାରହଜାର ଶ୍ରଦ୍ଧାଳୁ ମନ୍ଦିରକୁ ଦର୍ଶନ ପାଇଁ ଆସୁଥିବାବେଳେ ବିଦ୍ୟୁତ କାଟ ଯୋଗୁଁ ପାଣି ଯୋଗାଣ ବ୍ୟବସ୍ଥା ପ୍ରଭାବିତ ହେଉଛି। ବିଦ୍ୟୁତ ନଥିବା ସମୟରେ ଜଳ ପମ୍ପ କାର୍ଯ୍ୟକ୍ଷମ ନ ହେବାରୁ ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହେଉଛି। ଫଳରେ ଆସୁଥିବା ଭକ୍ତମାନେ ପାଣି ପାଇଁ ହଇରାଣ ହେଉଥିବା ଦେଖାଯାଉଛି। ଏଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ମନ୍ଦିର ଅଞ୍ଚଳରେ ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ସୁନିଶ୍ଚିତ କରିବା ସହ ପାନୀୟ ଜଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସମ୍ପୃକ୍ତ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଶ୍ରଦ୍ଧାଳୁ ଓ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ବଗେଇବିରାରେ ଅଷ୍ଟପ୍ରହର ନାମଯଜ୍ଞ

ବରଗଡ଼, ୩୧।୫ (ସମିସ): ବରଗଡ଼ ବ୍ଲକ ବଗେଇବିରାରେ ରାଇଦାମୋଦର ମନ୍ଦିର କମିଟି ସଂକୀର୍ତ୍ତନ୍ୟ ମଣ୍ଡଳୀ ଆନୁକୂଲ୍ୟରେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ସମ୍ପନ୍ନ ହୋଇଛି। ଏହି ନାମଯଜ୍ଞରେ ମୁଖ୍ୟଅତିଥି ଭାବେ ବରଗଡ଼ର ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ ନାଏକଙ୍କ ସହ ଯମୁର୍ଡା ସରପଞ୍ଚ ପଦ୍ମଲୋଚନ ପଧାନ ଯୋଗ ଦେଇଥିଲେ। ଏହି ଅବସରରେ ଏକ କଳସ ଶୋଭାଯାତ୍ରା ବାହାରି ନିକଟସ୍ଥ ପୁଷ୍କରିଣୀରେ ପହଞ୍ଚିଥିଲା। ସେଠାରେ ପୂଜାର୍ଚ୍ଚନା ପରେ ପୂର୍ଣ୍ଣ କଳସ ଆଣି ପୂଜା ନାମ ମଣ୍ଡଳୀରେ ସ୍ଥାପନ କରାଯାଇଥିଲା। କଳସ ଶୋଭାଯାତ୍ରାରେ ଶଙ୍ଖ, ସଙ୍କୀର୍ତ୍ତନ ସାମିଲ ହୋଇଥିଲା। ପଣ୍ଡିତ ମୁରଲୀ ରାଜହଂସ ପୂଜାର୍ଚ୍ଚନା ସମ୍ପାଦନ କରିଥଲେ। ଶିବାସ ତାଣ୍ଡି ଓ ତାଙ୍କ ପତ୍ନୀ ସଲିନା ତାଣ୍ଡି କର୍ତ୍ତା ଥିଲେ। ସୋନପୁର ଅନ୍ତର୍ଡା ଗ୍ରାମର ରିତୁ ସୁନା ଓ ବରପାଲି ବ୍ଲକ ଅଇଁଠାପାଲିର ଅମ୍ବିକା ନାଗ କୀର୍ତ୍ତନ ପରିବେଷଣ କରିଥିଲେ।

## ଥୁଆପାଲି ଲାୟନ୍ସ କ୍ଲବ୍ ପକ୍ଷରୁ ନିଃଶୁଳ୍କ ଦନ୍ତ ପରୀକ୍ଷା ଶିବିର




ଥୁଆପାଲି, ୩୧।୫ (ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଝରାପାଲି ମାର୍କେଟ, ଥୁଆପାଲି ଗାନ୍ଧୀ ମେଡିକାଲ ପରିସରରେ ଥୁଆପାଲି ଲାୟନ୍ସ କ୍ଲବ ପକ୍ଷରୁ ନିଃଶୁଳ୍କ ଦନ୍ତ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା. ସୁରଜ ମାହାର ଓ ଟେକ୍ନିସିଆନ ବର୍ଷା ବନଛୋର ଯୋଗ ଦେଇ ୪୫ ଜଣଙ୍କ ଦନ୍ତ ପରୀକ୍ଷା କରିଥିଲେ। ଏହି ସମୟରେ ଲାୟନ୍ସ କ୍ଲବର ଭୈରବ ଚରଣ ହୋତା, ଅମୀୟ ମେହେର, କୁଶ ପ୍ରଧାନ, ସନ୍ତୋଷ ପ୍ରଧାନ, ରାଜେଶ ହୋତା ପ୍ରମୁଖ ସହଯୋଗ କରିଥିଲେ। ଶଙ୍କର ଲାଲ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

## ଝରାପାଲି ଓ ଖୁଣ୍ଟୁଲିପାଲି ମାର୍କେଟ ଇନଚାର୍ଜଙ୍କୁ ସ୍ୱାଗତ

ଥୁଆପାଲି, ୩୧।୫(ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଝରାପାଲି ମାର୍କେଟ ପରିସରରେ ନୂତନଭାବେ ଯୋଗ ଦେଇଥିବା ଝରାପାଲି ମାର୍କେଟ ଇନ୍‌ଚାଜ ଲିଙ୍ଗରାଜ ସୁନା ଓ ଖୁଣ୍ଟୁଲିପାଲି ମାର୍କେଟ ଇନ୍‌ଚାଜ ଭରତ ଚନ୍ଦ୍ର ବାରିକଙ୍କୁ ସଂକ୍ରିଡା ପ୍ରାଥମିକ କୃଷି ସେବା ସମବାୟ ସମିତି ତରଫରୁ ସଭାପତି ସୁବ୍ରତ ଚାନ୍ଦ, ସମ୍ପାଦକ ସୁବାସ ଚନ୍ଦ୍ର ପୁରୋହିତ, ଆରଏମ୍‌ସି କର୍ମଚାରୀ ଓ ସମବାୟ ସମିତିର ଡାଇରେକ୍ଟର, କର୍ମଚାରୀ ଓ ବହୁ ଚାଷୀ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିରେ ଚାଷୀ ଗିରିନଇ ରାମକୃଷ୍ଣ, ସଚିନ ପୁରୋହିତ, ଛିନୁ ବାବୁ, ରବିନାରାୟଣ ଦୀପ, ଗୋକୁଳ ସେଠ ଓ ଅନ୍ୟମାନେ ସ୍ୱାଗତ କରିଥିଲେ।

## ଠିକାଦାର ସଂଘର ସାଧାରଣ ପରିଷଦ ବୈଠକ

ବରଗଡ଼, ୩୧।୫(ସମିସ): ବରଗଡ଼ ସହରର ଏକ ହୋଟେଲରେ ପଶ୍ଚିମ ଓଡ଼ିଶା ବୈଦ୍ୟୁତିକ ଠିକାଦାର ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ନୂଆପଡ଼ା, ସୋନପୁର ଏବଂ କଳାହାଣ୍ଡି ଭଳି ପ୍ରମୁଖ ଜିଲ୍ଲାରୁ ବୈଦ୍ୟୁତିକ ଠିକାଦାରମାନେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ରାଜ କୁମାର ରାୟ, କାର୍ଯ୍ୟକାରୀ ସଭାପତି ପ୍ରଦୋଷ ପଣ୍ଡା, ଉପସଭାପତି ଦେବାନନ୍ଦ ବାବୁ, ସମ୍ପାଦକ ଶିଶିର ରଥ, କୋଷାଧ୍ୟକ୍ଷ ସୁବ୍ରତ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଚନ୍ଦ୍ରଶେଖର ବାଗ, ହିମାଂଶୁ ପଣ୍ଡାଙ୍କ ସହିତ ସଂଘର ଅନ୍ୟ ସଦସ୍ୟମାନେ ବୈଠକରେ ଉପସ୍ଥିତ ରହି ବୈଦ୍ୟୁତିକ ଠିକାଦାରମାନଙ୍କ ସମସ୍ୟା ଓ ସମାଧାନ ଦିଗରେ ନିଜର ମତ ରଖିଥିଲେ।

## ବରପାଲିରେ ନାରୀ ଅଧିକାର ଅଭିଯାନ

ବରପାଲି, ୩୧।୫(ସମିସ): ବରପାଲିରେ ନାରୀ ଅଧିକାର ଓ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି। ରାଜ୍ୟରେ ନାରୀ ନିର୍ଯ୍ୟାତନା, ବଳାତ୍କାର ଓ ଅତ୍ୟାଚାର ବୃଦ୍ଧି ପାଉଥିବା ବେଳେ ଆଇନ ଶୃଙ୍ଖଳା ଦିନକୁଦିନ ଅଣାୟତ୍ତ ହେବାକୁ ଲାଗିଲାଣି। ରାଜ୍ୟ ସରକାର ମହିଳାଙ୍କୁ ସୁରକ୍ଷା ଦେବା ଦିଗରେ ସମ୍ପୂର୍ଣ୍ଣ ବିଫଳ ବୋଲି ବିଜେଡି ପକ୍ଷରୁ ଅଭିଯୋଗ ଆଣିଥିଲେ। ପୂର୍ବତନ ମନ୍ତ୍ରୀ ରୀତା ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ବିଜେଡି ଜିଲ୍ଲା ସଭାପତି ଜାପାନ ମହାପାତ୍ର, ସୁଶାନ୍ତ ମିଶ୍ର, ଟିକାୟତ ମହରମ, ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ହିମାଞ୍ଚଳ ସାହୁ, ବିକ୍ରମ ସିଂହ ଦେଓ, ମଧୁ ପ୍ରଧାନ, ତରଣୀ ଦେବତା, ପ୍ରକାଶ ବାରିକଙ୍କ ସମେତ ବହୁ ସରପଞ୍ଚ, ଜିଲ୍ଲା ପରିଷଦ ସଭ୍ୟ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ ଏକ ବିରାଟ ଶୋଭାଯାତ୍ରାରେ ବିଭିନ୍ନ ସ୍ଲୋଗାନ ଦେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବରପାଲି ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।



# ଶିକ୍ଷକ ପ୍ରଦୀପ ସାହୁଙ୍କୁ ନାଗରିକ ସମ୍ବର୍ଦ୍ଧନା



ବରଗଡ଼, ୩୧।୫(ସମିସ): ଜିଲ୍ଲାର ବରିଷ୍ଠ ହିନ୍ଦୀ ଶିକ୍ଷକ ପ୍ରଦୀପ ସାହୁ ଭଟଲି ବ୍ଲକ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ (ଉର୍ଦ୍ଦୁନା)ରୁ ଅବସର ଗ୍ରହଣ କରିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ଅବସରରେ ସରପଞ୍ଚ ଗୋବିନ୍ଦ ପ୍ରଧାନ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରୀନା ଭୂୟାଁ, ପରିଚାଳନା କମିଟିର ସଭାପତି ଓ ସଦସ୍ୟ, ପ୍ରାକ୍ତନ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏଥି ସହ ବରଗଡ଼ ସ୍ୱୟଂସିଦ୍ଧା ଭବନରେ ନାଗରିକ ସମ୍ବର୍ଦ୍ଧନା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହିନ୍ଦୀ ଶିକ୍ଷକ ସଂଘ ପକ୍ଷରୁ ସଭାପତି ଲଳିତ ବିଶ୍ୱାଳ, ରାଜ୍ୟ ସଂସ୍କୃତ ଶିକ୍ଷକ ମହାସଂଘ କାର୍ଯ୍ୟକାରୀ ସଭାପତି ପଣ୍ଡିତ ଗୋପବନ୍ଧୁ ପୁରୋହିତ, ଜିଲ୍ଲା ବିଜେପି ସଭାପତି ଅରୁପାନନ୍ଦ ସାହୁ, ସଂସ୍କୃତି ସୁରକ୍ଷା ମଞ୍ଚ ଆବାହକ କପିଳେଶ୍ୱର ବାଗ, ବରିଷ୍ଠ ସାମ୍ବାଦିକ ନରସିଂହ ସାହୁ, ବିବେକାନନ୍ଦ ଲୋକ ସଂସଦର ଜିଲ୍ଲା ଉପାଧ୍ୟକ୍ଷ ଡ. ଶେଷନ ବିଶି, ଅଭିଭାବକ ସଂଘ ପକ୍ଷରୁ ମାମରାଜ ସ୍ୱାଇଁ, ସମ୍ବଲପୁରୀ ସାହିତ୍ୟ ପରିଷଦ ତରଫରୁ ନରେନ୍ଦ୍ର ମହାନ୍ତି, ଆମର୍ ଦମ୍ ସମ୍ପାଦକ ସୁରେଶ ଚନ୍ଦ୍ର ଭୋଇ, ମାଁ ସେବା ସଂସ୍ଥାର ସଭାପତି ଉମେଶ ପ୍ରଧାନଙ୍କ ସମେତ ବିଭିନ୍ନ ବ୍ୟକ୍ତି ବିଶେଷ ଓ ସଂଗଠନ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ତେଜରୁ ବାରିକ ଓ ବଳରାମ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କୁଳତା ସମାଜର ମେଧାବୀ ସମ୍ବର୍ଦ୍ଧନା

ଭଟଲି, ୩୧।୫(ସମିସ)

ଭଟଲି ବ୍ଲକ ଶ୍ରୀ ଶ୍ରୀ ରଣେଶ୍ୱର ରାମଚଣ୍ଡୀ କୁଳତା ସମାଜ ତରଫରୁ ଭଟଲିଠାରେ ଏକ ମେଧାବୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଟଲି ବ୍ଲକ କୁଳତା ସମାଜ ସଭାପତି ସଞ୍ଜୟ ପ୍ରଧାନ ସଭାପତିତ୍ୱ କରିଥିଲେ। ଶିକ୍ଷକ ଆନନ୍ଦ ସାହୁ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବରେ ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଭଟଲି ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ, ସୌରୀଚରଣ ବାରିକ ଏବଂ ଡା. ଅରୂପାନନ୍ଦ ସାହୁ ସମ୍ମାନିତ ଅତିଥି ଭାବରେ ମଞ୍ଚାସିନ ଥିଲେ। ମାଧବ ପ୍ରସାଦ ସାହୁ ସ୍ୱାଗତ ଭାଷଣ ସହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷକ ଉପେନ୍ଦ୍ର ଖମାରୀଙ୍କ ସଂଯୋଜନାରେ ଅନୁଷ୍ଠିତ ମେଧାବୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୦୨୫-୨୬ ଶିକ୍ଷା ବର୍ଷରେ ବିଭିନ୍ନ ସ୍ତରରେ କୃତକାର୍ଯ୍ୟ ହୋଇଥିବା



କୁଳତା ସମାଜର ୨୫ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଲୋପାମୁଦ୍ରା ସାହୁ ଏବଂ ଲୋକେଶ ପ୍ରଧାନ, ସିବିଏସଇ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାଚୀ ସାହୁ, ଦୀପ୍ତିମୟୀ ସାହୁ, ତୃପ୍ତି ସାହୁ, ସୁହାନା ପ୍ରଧାନ, ଶ୍ୟାମଶଙ୍କର ଗଡ଼ତିଆ, ପ୍ରେୟସ ସାହୁ, ଆରୟନ୍ ପ୍ରଧାନ ଓ ମନୀଷା ପଧାନଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଦ୍ୱାଦଶ ବୋର୍ଡ଼ ପରୀକ୍ଷାରେ ସଫଳତା ହାସଲ ପାଇଁ ଲିପିମୟୀ ଗଡ଼ତିଆ, ଜାଗୃତି ଗଡ଼ତିଆ, ଜାଦବ ସାହୁ, ବବିତା ବୁଧିଆ, ପବିତ୍ର ଭୋଇ, ଶ୍ଳୋକାନନ୍ଦ ସାହୁ, ଶ୍ରଦ୍ଧାଞ୍ଜଳି ଦେହେରୀ, ପିୟୁଷ ପଧାନ, ସୋମନାଥ ସାହୁ, ତୁଷାର ସାହୁ, ଈଶ୍ୱରୀ ପ୍ରଧାନ, ପ୍ରତ୍ୟୁଷ ସାହୁ, ପୁଣ୍ୟପ୍ରଭା ସାହୁ ଓ ରେଶ୍ମା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ନାତକ ବିଭାଗ ହିନ୍ଦୀ ସମ୍ମାନରେ ନବମ ସ୍ଥାନ ହାସଲ କରିଥିବା ବିନି ବୁଧିଆଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। କ୍ଷୀରଧର ସାହୁ, ରାଜାରାମ ସାହୁ, ଦୁଃଖନାସନ ସାମଲ, ରୂପରାଜ ସାହୁ, ଲୋକନାଥ ସାହୁ, ସାନପ୍ରସାଦ ସାହୁ, ମାଧବ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ବୈରାଗୀ ସାହୁ ଧନ୍ୟବାଦ ଦେଇଥିଲେ।

# ସାମ୍ବାଦିକ ସମ୍ମିଳନୀରେ ବର୍ଷିଲା ବରଗଡ଼ ନାଗରିକ ମଞ୍ଚ

ବରଗଡ଼, ୩୧।୫(ସମିସ): ଧନୁଯାତ୍ରା ସ୍ମାରକୀ ତୋରଣ ଭୁଶୁଡିଯିବା ଘଟଣାରେ ବରଗଡ଼ ନାଗରିକ ମଞ୍ଚ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ବରଗଡ଼ ଅଗ୍ରଗାମୀ ଯୁବକ ସଂଘଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସଭାପତି ଭୀଷ୍ମଦେବ ସରାଫ ଏହାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି। ଏହି ତୋରଣ ନିର୍ମାଣରେ ନିମ୍ନମାନର କାର୍ଯ୍ୟ କରାଯାଇଛି। ବ୍ୟାପକ ଦୁର୍ନୀତି ହୋଇଛି। ଅର୍ଥ ଆତ୍ମସାତ ହୋଇଥିବା ସେ ଅଭିଯୋଗ କରିଛନ୍ତି। ଏଥିରେ ସମ୍ପୃକ୍ତ ଅଧିକାରୀ, କାର୍ଯ୍ୟକାରୀ ସଂସ୍ଥା ଏବଂ ଜଡିତ ବ୍ୟକ୍ତି ବିଶେଷଙ୍କ ବିରୋଧରେ ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି। ସେହିପରି ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରା ନଦୀ ବ୍ରିଜ ରାସ୍ତାର ପ୍ରଶସ୍ତୀକରଣ ପ୍ରସଙ୍ଗକୁ ପ୍ରଶାସନ ଭୁଲି ଯାଇଛି। ପ୍ର।।ସନ ଅନ୍ୟତ୍ର ଜବର ଦଖଲ ଉଚ୍ଛେଦ କରିବାରେ ଲାଗିଛି। ତେଣୁ ପ୍ରଶାସନର ଏହି ନୀତିକୁ ନାଗରିକ ମଞ୍ଚ ନିନ୍ଦା କରଛି। ଏହି ଜବର ଦଖଲ ଉଚ୍ଛେଦକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ମଞ୍ଚ ଦାବି କରିଛି। ଏହା ସହ ସରକାରୀ ଜମି, ବନ୍ଧକଟା ଜବରଦଖଲ କରିଥିବା ଲୋକଙ୍କ ବିରୋଧରେ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଉ ବୋଲି କହିଛି। ବରଗଡ଼ ସହରର ଉଚ୍ଛେଦ କରାଯାଇଥିବା ଛୋଟ ଦୋକାନୀ, ବ୍ୟବସାୟୀ, ଚା ଦୋକାନୀ, ଉଠା ଦୋକାନୀଙ୍କୁ ଥଇଥାନ କରାଯାଉ। ସହର ମଧ୍ୟରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୧୦୦ ଶଯ୍ୟା ବିଶିଷ୍ଟ ସିଟି ହସ୍ପିଟାଲ ଓ ମୁଖ୍ୟ ଚିକିତ୍ସାଳୟରେ ଖାଲି ପଡ଼ିଥିବା ଡାକ୍ତର, ନର୍ସ, ଷ୍ଟାଫ ନିଯୁକ୍ତି କରି କାର୍ଯ୍ୟକ୍ଷମ କରିବାକୁ ଦାବି କରିଛି। ସେହିପରି ବହୁ ପ୍ରତୀକ୍ଷିତ କ୍ୟାନ୍ସର ହସ୍ପିଟାଲକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ନାଗରିକ ମଞ୍ଚ ଦାବି କରିଛି। କେନାଲର ସୌନ୍ଦର୍ଯ୍ୟକରଣକୁ ଅଗ୍ରାଧିକାର ଦେବା ସହ ଚାଷୀଙ୍କ ଜମିକୁ ପାଣି ପହଞ୍ଚାଇବା ଓ ପାଣିର ସ୍ୱଚ୍ଛତା ଓ ସୁରକ୍ଷାର ବ୍ୟବସ୍ଥା କରିବାକୁ ଦାବି କରିଛି। ବରଗଡ଼ରେ ବନ୍ଦ ହୋଇ ପଡ଼ିଥିବା ଶିଳ୍ପ ସଂସ୍ଥାକୁ ପୁନଃରୁଦ୍ଧର କରି ଯୁବକ ଯୁବତୀଙ୍କୁ ରୋଜଗାର ଦେବାକୁ ନାଗରିକ ମଞ୍ଚ ଦାବି କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ କିଶୋର ସାହୁ, ସମୀର ପ୍ରଧାନ, ଭବାନୀ ସାହୁ, ଶୟନ ପଣ୍ଡା ଉପସ୍ଥିତ ଥିଲେ।

# ଭୁବନେଶ୍ୱର ସିଟି





## କାର୍ ଧକ୍କାରେ ଜଣେ ମୃତ; ଡ୍ରାଇଭର ଗିରଫ

ଭୁବନେଶ୍ୱର, ୩୧ା୫ (ସମିସ): ପୁରୀ ବାଇପାସ୍ ଅଞ୍ଚଳରେ ଏକ ଦୁର୍ଘଟଣା ଘଟିଛି। କାର୍ ଧକ୍କା ଦେବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତ ହେଉଛନ୍ତି ଶିବରାମ ମହାନ୍ତି (୫୧)। ଅଭିଯୋଗ ପାଇବା ପରେ ଅଭିଯୁକ୍ତ ଡ୍ରାଇଭରକୁ ଗିରଫ କରିବା ସହ କାର୍ ଜବତ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବଡ଼ଗଡ଼ ଉପର ସାହିର ଅଭିଷେକ ନାୟକ (୨୯)।

ପୁଲିସ ସୂଚନା ଅନୁସାରେ, ଶିବରାମ ଶନିବାର ସନ୍ଧ୍ୟା ସମୟରେ ପୁରୀ ବାଇପାସ୍ ରାସ୍ତାରେ ଥିବା ଏସ୍‌ଆର୍ ଭ୍ୟାଲି ନିକଟରେ ଛିଡ଼ା ହୋଇଥିଲେ। ସେହି ସମୟରେ ଅଭିଷେକ କାରରେ ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ଶିବରାମ ଘଟଣାସ୍ଥଳରେ ଛିଟିକି ପଡ଼ିବା ସହ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କ୍ୟାପିଟାଲ ଡାକ୍ତରଖାନାକୁ ପଠାଇଥିଲେ। ଉତ୍ତମ ଚିକିତ୍ସା ସେଠାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ବେଳେ ଅଧା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ବଡ଼ଗଡ଼ ଥାନା ପୁଲିସ ଦୁର୍ଘଟଣା ଜନିତ ମାମଲା ରୁଜୁ କରିଥିଲା। ଆଜି ଅଭିଷେକକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବାର୍‌ରେ ଗଣ୍ଡଗୋଳ, ପୁଲିସକୁ ଆକ୍ରମଣ

ଭୁବନେଶ୍ୱର, ୩୧ା୫ (ସମିସ): ଶନିବାର ରାତିରେ ଏମ୍ବାସି ବାରରେ ଗଣ୍ଡଗୋଳ ହୋଇଛି। ବୁଝାସୁଝା କରିବାକୁ ଯାଇ ପୁଲିସ ମଧ୍ୟ ଆକ୍ରମଣର ଶିକାର ହୋଇଛି। ଚନ୍ଦ୍ରଶେଖରପୁର ଥାନା ପୁଲିସ ନିଜ ଆଡୁ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ଇନଫୋସିଟି ଥାନା ପ୍ରଶାନ୍ତି ବିହାରର ସୁଜିତ କୁମାର ପରିଡ଼ା (୩୪)। ଗତକାଲି ରାତିରେ କୌଣସି କାରଣରୁ ଏମ୍ବାସି ବାରରେ ଦୁଇ ପକ୍ଷ ମାରପିଟ୍ ହେଉଥିଲେ। ଖବରପାଇ ଚନ୍ଦ୍ରଶେଖରପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସକୁ ଦେଖି ଅନେକ ଲୋକ ଛତ୍ରଭଙ୍ଗ ଦେଇଥିଲେ। ହେଲେ ସୁଜିତ ଅନ୍ୟମାନଙ୍କୁ ମାରପିଟ୍ କରିବା ସହ ଭଙ୍ଗାରୁଜା କରିଥିଲା। ଏମିତିକି ଜଣେ ମହିଳା ପୁଲିସ ଅଧିକାରୀଙ୍କୁ ଗାଳିଗୁଲଜ କରିବା ସହ ଠେଲାପେଲା କରିଥିଲା। ପୁଲିସ ବୁଝାଇବାକୁ ଚେଷ୍ଟା କରି ବିଫଳ ହେବାପରେ ସୁଜିତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଭାଇଭାଉଜଙ୍କ ସହ ଝଗଡ଼ା; ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୩୧ା୫ (ସମିସ): ଭାଇକୁ ଆକ୍ରମଣ ଓ ଭାଉଜଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଲକ୍ଷ୍ମୀକାନ୍ତ ସିଂହ (୪୨)।

ପୁଲିସ ସୂଚନାନୁସାରେ, ଲକ୍ଷ୍ମୀକାନ୍ତ ନିଜ ଭାଇ ଓ ଭାଉଜଙ୍କ ସହ ବଡ଼ଗଡ଼ ଥାନା ଅଞ୍ଚଳରେ ରହୁଛନ୍ତି। ହେଲେ ଅନେକ ସମୟରେ ସେମାନଙ୍କ ମଧ୍ୟରେ କରି ଝଗଡ଼ା ଲାଗି ରହିଥିଲା। ନିକଟରେ କୌଣସି କଥାକୁ ନେଇ ଲକ୍ଷ୍ମୀକାନ୍ତ ତାଙ୍କ ଭାଇଙ୍କୁ ଆକ୍ରମଣ କରିଥିଲେ। ଭାଉଜ ହସ୍ତକ୍ଷେପ କରିବାରୁ ତାଙ୍କୁ ମଧ୍ୟ ଟଣାଓଟରା କରିଥିଲେ। ଏନେଇ ବଡ଼ଗଡ଼ ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଲକ୍ଷ୍ମୀକାନ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ମାଟ୍ରିମୋନି ସାଇଟ୍‌ରେ ବୋହୂ ଖୋଜି ଫସିଲେ ପୂର୍ବତନ ଡିଜି

**ଫଟୋ ଦେଖିବାକୁ ୩ ହଜାର, ଯୋଗାଯୋଗ ପାଇଁ ୫ ହଜାର**

**ରାଜ୍ୟରୁ ଫସିଛନ୍ତି ୧୫୦: ରାଜଧାନୀରୁ ୩୦**

**ଧଉଳିରୁ ଧରାପଡ଼ିଲା ଧୂର୍ତ୍ତ**

**ମୋବାଇଲ୍, ନକଲି ରସିଦ୍, ଷ୍ଟାମ୍ପ୍, ବାୟୋଡାଟା ଓ ଭିଜିଟିଂ କାର୍ଡ ଜବତ**



ଭୁବନେଶ୍ୱର, ୩୧ା୫ (ସମିସ):

ଖବରକାଗଜରୁ ବିଜ୍ଞାପନ ଦେଖିବା ମହଙ୍ଗା ପଡ଼ିଛି। ମ୍ୟାଟ୍ରିମୋନି ସାଇଟରେ ବୋହୂ ଖୋଜିବାକୁ ଯାଇ ଫସିଛନ୍ତି ପୂର୍ବତନ ପୁଲିସ ଡିଜି। ଝିଅ ଫଟୋ ଯୋଗାଇବା ସହ ଅଭିଭାବକଙ୍କ ନମ୍ବର ଦେବା ଆଳରେ ଚୂନ ଲଗାଇଛି ଠକ। ଅଭିଯୋଗ ପାଇବା ପରେ ଧଉଳିସ୍ଥିତ କଳିଙ୍ଗ ଅଶୋକ ସିଟିରୁ ଧୂର୍ତ୍ତକୁ ଗିରଫ କରିଛି ସାଇବର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଯାଜପୁର ଜିଲ୍ଲା ପାଣିକୋଇଲିର ରାକେଶ ଚକ୍ରବର୍ତ୍ତୀ ଓରଫ୍ ରାଜା (୩୧)।

ପୁଲିସ ସୂଚନାନୁସାରେ, ପୂର୍ବତନ ପୁଲିସ ଡିଜି ମନମୋହନ ପ୍ରହରାଜ ନିଜ ପୁଅର ବିବାହ ପାଇଁ କନ୍ୟା ଖୋଜୁଥିଲେ। ଗତ ୧୭ ତାରିଖ ଦିନ ଖବରକାଗଜରେ ପ୍ରକାଶିତ ବିବାହ ପ୍ରସ୍ତାବ ସମ୍ବନ୍ଧୀୟ ବିଜ୍ଞାପନ ଦେଖି ସେଥିରେ ଥିବା ମୋବାଇଲ ନମ୍ବରକୁ ଯୋଗାଯୋଗ କରିଥିଲେ। ଜଣେ ମହିଳା ନିଜକୁ ମ୍ୟାଟ୍ରିମୋନିଆଲ ଏଜେଣ୍ଟ ବୋଲି ପରିଚୟ ଦେଇ ବାୟୋଡାଟା ଓ ଫଟୋ ପଠାଇଥିଲେ। କନ୍ୟା ପସନ୍ଦ ଓ ପ୍ରସ୍ତାବରେ ଆଗକୁ ବଢ଼ିବାକୁ ଇଚ୍ଛା ପ୍ରକାଶ କରିବାରୁ ମନମୋହନଙ୍କୁ ୩ ହଜାର ଟଙ୍କା ମଗା ଯାଇଥିଲା। ବିବାହ ପ୍ରସ୍ତାବକୁ ସତ ବୋଲି ବିଶ୍ୱାସ କରି ମନମୋହନ ତା'କୁ ଟଙ୍କା ପଠାଇବା ପରେ ରାଜା ନିଜକୁ କନ୍ୟାର ପିତା ବୋଲି ପରିଚୟ ଦେଇ କଥା ହୋଇଥିଲା। ଦେଖା ଚାହାଁ ହବାକୁ କଥାବାର୍ତ୍ତା ହୋଇଥିଲେ ମଧ ଟଙ୍କା ପାଇବା ପରେ ରାଜା ଓ ସମ୍ପୃକ୍ତ ମହିଳା ଏଜେଣ୍ଟ ଯୋଗାଯୋଗ ବନ୍ଦ କରିବା ସହ ଧରାଛୁଆଁ ଦେଇନଥିଲେ। ମ୍ୟାଟ୍ରିମୋନିଆଲ ଠକେଇର ଶିକାର ହୋଇଥିବା ସନ୍ଦେହ କରି ମନମୋହନ ସାଇବର ଥାନାରେ ଏତଲା ଦେବାପରେ ତଦନ୍ତ ଆରମ୍ଭ କରିଥିଲା ପୁଲିସ।

ମୋବାଇଲ୍ ନମ୍ବର ଆଧାରରେ ଚଢ଼ଉ କରି ଧଉଳି ଅଞ୍ଚଳରୁ ରାଜାକୁ ଉଠାଇ ଆଣି ପଚରାଉଚରା କରିବା ପରେ ପୁରା ଘଟଣା ପଦାକୁ ଆସିଥିଲା। ରାଜା କନ୍ୟା ବିବାହ ଲାଗି ବିଭିନ୍ନ ଖବରକାଗଜରେ ମିଛ ବିଜ୍ଞାପନ ଦେଉଥିଲା। ବିଜ୍ଞାପନ ଦେଖି ଲୋକମାନେ ଯୋଗାଯୋଗ କରିବା ପରେ, ରାଜା ବିଭିନ୍ନ ସୋସିଆଲ ମିଡିଆରୁ ଭିନ୍ନ ଭିନ୍ନ ଯୁବତୀଙ୍କ ଫଟୋ ସଂଗ୍ରହ କରି ନକଲି ବାୟୋଡାଟା ପ୍ରସ୍ତୁତ କରୁଥିଲା। ପୁଅର ପରିଚୟ ଜାଣିବା ପରେ ଝିଅର ସାଙ୍ଗିଆ ବଦଳାଇ କନ୍ୟା ଖୋଜୁଥିବା ବ୍ୟକ୍ତିଙ୍କୁ ପଠାଉଥିଲା। ସେମାନେ କନ୍ୟାର ପିତା ସହ ଯୋଗାଯୋଗ କରିବାକୁ ଚାହିଁବା ବେଳେ ରାଜା ସେମାନଙ୍କ ଠାରୁ ୩ ହଜାର ଟଙ୍କା ଆଦାୟ କରୁଥିଲା। ଶୁଭ ମିଳନ, ଆରପି ସଲ୍ୟୁସନ୍ ଆଦି ନାମରେ ନକଲି ମାଟ୍ରିମୋନିଆଲ ଏଜେନ୍ସି ଚଳାଉଥିଲା। ଲୋକମାନେ ଟଙ୍କା ପଠାଇବା ପରେ ବିଶ୍ୱାସ ଜିଣିବା ଲାଗି ନକଲି ରସିଦ୍ ଫଟୋ ପଠାଉଥିଲା। ଟଙ୍କା ଦେବାପରେ ଭେଟିବାକୁ କହୁଥିବା ଲୋକମାନଙ୍କୁ ଗାଳିଗୁଲଜ କରିବା ସହ ବ୍ଲକ୍ କରି ଦେଉଥିଲା।

ରାଜା ବର୍ଷରୁ ଅଧିକ ଧରି ମାଟ୍ରିମୋନିଆଲ୍ ଠକେଇ ସାମ୍ରାଜ୍ୟ ଚଳାଉଥିବା ପୁଲିସ ଆଗରେ ସ୍ୱୀକାର କରିଛି। ଖାଲି ମନମୋହନ ନୁହଁନ୍ତି, ରାଜ୍ୟର କୋଣ ଅନୁକୋଣର ପ୍ରାୟ ୧୦୦ରୁ ଅଧିକ ଲୋକ କନ୍ୟା ଖୋଜିବାକୁ ଯାଇ ରାଜା ଜାଲରେ ଫସିଛନ୍ତି। କେବଳ ରାଜଧାନୀର ୩୦ରୁ ଅଧିକ ଲୋକଙ୍କୁ ରାଜା ଚୂନ ଲଗାଇଥିବା କଥା ତଦନ୍ତ ବେଳେ ଜଣାପଡ଼ିଛି। ରାଜା ରୁମରୁ ୨ଟି ମୋବାଇଲ, ନକଲି ରସିଦ୍, ଷ୍ଟାମ୍ପ୍, ବାୟୋଡାଟା, ଫଟୋ ଓ ଭିଜିଟିଂ କାର୍ଡ ଜବତ କରିଛି। ରାଜାର ଆହୁରି ୫ ଜଣ ସହଯୋଗୀ ଏଥିରେ ସଂପୃକ୍ତ ଥିବା ଜଣାପଡ଼ିବା ପରେ ସେମାନଙ୍କୁ ଧରିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଛି।

## ଜନଜାଗରଣ ଭାଷାକୁ ସମୃଦ୍ଧ କରେ: ପଦ୍ମଶ୍ରୀ ମହେନ୍ଦ୍ର ମିଶ୍ର

**ଭାଷା ଆନ୍ଦୋଳନ ଓ ଉତ୍କଳ ସାମ୍ବାଦିକ ସଙ୍ଘ ପକ୍ଷରୁ ସମ୍ବର୍ଦ୍ଧନା**



ଭୁବନେଶ୍ୱର, ୩୧ା୫(ସମିସ): ଓଡ଼ିଆ ଭାଷା ସାହିତ୍ୟ କ୍ଷେତ୍ରରେ ଅନନ୍ୟ ଅବଦାନ ପାଇଁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିବା ଡ. ମହେନ୍ଦ୍ର କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଶା ଭାଷା ଆନ୍ଦୋଳନ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଅବସରରେ ଡ. ମିଶ୍ର କହିଛନ୍ତି ଯେ ଭାଷାକୁ ସମୃଦ୍ଧ କରିବାକୁ ହେଲେ ବ୍ୟାପକ ଜନଜାଗରଣ ସହ ବୌଦ୍ଧିକ ସଂକିର୍ଣ୍ଣତା ଦୂର କରିବାକୁ ହେବ। ଭାଷା ଆନ୍ଦୋଳନ ସଭାପତି ଜାନକୀଶ ବଡ଼ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସହ ଅଧ୍ୟକ୍ଷ ଇଂ ଚକ୍ରଧର ମହନ୍ତ ଓ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଡ. ମିଶ୍ରଙ୍କ ଜୀବନ ଯାତ୍ରା ସମ୍ପର୍କରେ ଆଲୋକପାତ କରିଥିଲେ। ଭାଷା ଆନ୍ଦୋଳନ ଆବାହକ ପବିତ୍ର ମହାରଥା ଧନ୍ୟବାଦ୍ ଅର୍ପଣ କରିଥିବାବେଳେ ବିଜେପି ମୁଖପାତ୍ର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଡ.ଉଦୟନାଥ ସାହୁ, ଡ.ମିହିର୍ ସାହୁ, ସହଦେବ ଜୟସିଂହ, ହିମାଂଶୁ ଖଟୁଆ, ପଣ୍ଡିତ ହରିଶଙ୍କର ମିଶ୍ର, ଡମ୍ବରୁଧର ହରଣସିଂ, କିଶନ୍ ବରାଇ, ଉପେନ୍ଦ୍ର ସାମନ୍ତସିଂହାର, ସନତ ମିଶ୍ର, ରୁତୁରାଜ ପଟ୍ଟନାୟକ, ସୁପ୍ରିୟା ଦାସ, ଅଶୋକ ସାହୁ,ମନୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ନୃତ୍ୟ ନିଗମ ଏକାଡେମୀ ପକ୍ଷରୁ ପ୍ରଥମ ନୃତ୍ୟଶୃଙ୍ଗାର ଉତ୍ସବ



ଭୁବନେଶ୍ୱର,୩୧ା୫(ସମିସ): ନୃତ୍ୟ ନିଗମ ଏକାଡେମୀ ପକ୍ଷରୁ ଆୟୋଜିତ ପ୍ରଥମ ନୃତ୍ୟଶୃଙ୍ଗାର ଉତ୍ସବ-୨୦୨୬ ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ରିସର୍ଚ୍ଚ ସେଣ୍ଟରଠାରେ ଅନୁଷ୍ଠିତ ହୋଇଛି। ଉତ୍ସବରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଗୁରୁ ପ୍ରଫେସର ରତିକାନ୍ତ ମହାପାତ୍ର ମୁଖ୍ୟ ଅତିଥି, ଓଡିଶୀ ନୃତ୍ୟ ବିଶାରଦ ମଧୁସ୍ମିତା ମହାନ୍ତି ଓ ମର୍ଦ୍ଦଳ ବାଦକ ଧନେଶ୍ୱର ସ୍ୱାଇଁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଓଡିଶୀ ଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟଙ୍କୁ 'ନୃତ୍ୟଶୃଙ୍ଗାର ସମ୍ମାନ', ଗୁରୁ ନିରଞ୍ଜନ ରାଉତଙ୍କୁ 'ନୃତ୍ୟଶୃଙ୍ଗାର ଗୌରବ ସମ୍ମାନ', ଗୁରୁ ଅରୂପା ଗାୟତ୍ରୀ ପଣ୍ଡାଙ୍କୁ 'ନୃତ୍ୟଶୃଙ୍ଗାର କଳା ସମ୍ମାନ', ନୃତ୍ୟ ଶିଳ୍ପୀ ଅରୁଣିମା ଆଚାର୍ଯ୍ୟଙ୍କୁ 'ନୃତ୍ୟଶୃଙ୍ଗାର ଯୁବ ଜ୍ୟୋତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ। ଶେଷରେ ଅନୁଷ୍ଠାନର ମୁଖ୍ୟ ଗୁରୁ ଅଭିଶ୍ରୀ ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ତବଲା ବାଦ୍ୟ, ଓଡିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

**ଥର୍ ଚଢ଼ାଇ ହତ୍ୟା ମାମଲାରେ ନୂଆ ଟୁଇଷ୍ଟ**

## ଗିରଫ ଅଭିଯୁକ୍ତଙ୍କ ସରୋଜ ସ୍ୱସ୍ତିକ ଭରତଦ୍ୱାଜ ଓଲିଉଡ୍ ହିରୋ



ଭୁବନେଶ୍ୱର, ୩୦ା୬(ସମିସ): ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏକ ତ୍ରିକୋଣୀୟ ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ହୋଇଥିବା ହତ୍ୟାକାଣ୍ଡ ମାମଲାର ନୂଆ ଟୁଇଷ୍ଟ। ପୁଲିସ ଦ୍ୱାରା ଗିରଫ ହୋଇଥିବା ଅନ୍ୟତମ ଅଭିଯୁକ୍ତ ସରୋଜ ସ୍ୱସ୍ତିକ ଭରତଦ୍ୱାଜ ଜଣେ ଓଲିଉଡ୍ ଅଭିନେତା ବୋଲି ଜଣାପଡ଼ିଛି। ଏକାଧିକ ଓଡ଼ିଆ ସିନେମାରେ ଦର୍ଶକ ତାଙ୍କୁ ହିରୋ ଭାବେ ଅଭିନୟରେ କରୁଥିବା ଦେଖୁଥିଲେ। ରିଲ୍ ଲାଇଫ୍‌ରେ ସେ ହିରୋ ହୋଇଥିଲା ବେଳେ ରିୟଲ ଲାଇଫ୍‌ରେ ସେ ଜଣେ ଭିଲେନ୍ ବନିଗଲେ। ଚନ୍ଦ୍ରଶେଖରପୁର ଥାନା ପୁଲିସ ତାଙ୍କୁ ବରୁଣ ରାଉତରାୟ ହତ୍ୟା ମାମଲାରେ ଗିରଫ କରି କୋର୍ଟଚାଲାଣ କରିଛି।

ତେବେ ପ୍ରଥମ ଦିନ ପୁଲିସ ତାଙ୍କ ଓଲିଉଡ୍ ପରିଚୟକୁ ଗୋପନ କରି ରଖିଥିଲା ବେଳେ ଏବେ ଏସବୁ ସାମ୍ନାକୁ ଆସିଯାଇଛି। ତାଙ୍କ ଏଭଳି କାରନାମା ଅନେକ ଚଳଚିତ୍ରପ୍ରେମୀଙ୍କ ମନରେ ଆଘାତ ସୃଷ୍ଟି କରିଛି। ତାଙ୍କ ଇନ୍‌ଷ୍ଟା ଆକାଉଣ୍ଟରୁ ମିଳିଥିବା ସୂଚନା ମୁତାବକ, ସେ ଓଲିଉଡ୍ ଚଳଚିତ୍ର ଯାଯାବରରେ ହିରୋ ଭାବେ ଅଭିନୟ କରିଥିଲେ। ଏହାସହ ଜଗନ୍ନାଥ ତୁମେ ଜଗନ୍ନାଥ ଭଜନରେ ଭିକାରୀ ଚରିତ୍ରରେ ଅଭିନୟ କରିଥିଲେ। ଏହାସହ ତୋତେ କାହିଁ ଏତେ ଭଲପାଏ ନାମକ ଆଲବମରେ ସେ ଲିଡ୍ ରୋଲ୍ କରିଥିଲେ। ଏହାସହ ଏକାଧିକ ଓଡ଼ିଆ ଆଲବମ୍ ଏବଂ ଭଜନରେ ବି ସେ ଅଭିନୟ କରିଥିଲେ।

ସୂଚନାଯୋଗ୍ୟ, ଚନ୍ଦ୍ରଶେଖପୁର ଥାନା ହରିହର କଲେଜ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟଣା ସାମ୍ନାକୁ ଆସିଥିଲା। ଏଥିରେ ଜଣେ ନାବାଳକଙ୍କ ସମେତ ୬ଜଣ ମିଶି ବରୁଣଙ୍କୁ ପ୍ରଥମେ ଆକ୍ରମଣ କରିଥିଲେ। ପରେ ଥର୍ ଚଢାଇ ହତ୍ୟା କରିଥିଲେ। ଜଣେ ଯୁବତୀଙ୍କୁ ନେଇ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ସୂରଜ ବିଶ୍ୱକର୍ମା ଓ ମୃତ ବରୁଣଙ୍କ ମଧ୍ୟରେ ଦୀର୍ଘ ଦିନର ବିବାଦ ଲାଗି ରହିଥିଲା। ତେବେ ବରୁଣଙ୍କୁ ୬ଜଣ ପ୍ରଥମେ ଆକ୍ରମଣ କରିଥିଲେ। ଏହାପରେ ତାଙ୍କୁ ଥର୍ ଚଢାଇ ହତ୍ୟା କରାଯାଇଥିଲା।

ମାଷ୍ଟରମାଇଣ୍ଡ ସୂରଜ ଏବଂ ଓଲିଉଡ୍ ହିରୋ ସରୋଜ ଘନିଷ୍ଠ ସହଯୋଗୀ। ଏମାନଙ୍କ ମଧ୍ୟରେ ଦୀର୍ଘ ଦିନର ବନ୍ଧୁତା ରହିଛି। ଏମାନେ ସାଙ୍ଗ ହୋଇ ଖଟି କରନ୍ତି। ତେବେ ଆକ୍ରମଣ ବେଳେ ସରୋଜଙ୍କ ହାତ ଥିବା ନେଇ ପୁଲିସକୁ ସ୍ପଷ୍ଟ ପ୍ରମାଣ ମିଳିଛି। ହତ୍ୟାକାଣ୍ଡ ନେଇ ଭୁବନେଶ୍ୱର ଡିସିପି ପ୍ରେସ୍‌ମିଟ୍ ବି କରିଥିଲେ। ହେଲେ ସରୋଜ ଜଣେ ଅଭିନେତା ବୋଲି ଗଣମଧ୍ୟମ ସାମ୍ନାରେ କହିବାକୁ ପୁଲିସ କଣ ପାଇଁ ଆଟଟୁଳ ନୀତି ଆପାଣାଇଲା ତାହା ସ୍ପଷ୍ଟ ହେଉନାହିଁ।

## ଜୟ ଜଗନ୍ନାଥ ସେବା ସଙ୍ଘ ପକ୍ଷରୁ ଜଳସେବା ଶିବିର

ଭୁବନେଶ୍ୱର,୩୧ା୫(ସମିସ):ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜୟ ଜଗନ୍ନାଥ ସେବା ସଙ୍ଘ ପକ୍ଷରୁ ରାମ ମନ୍ଦିରଠାରେ ଜଳ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରବଳ ଗ୍ରୀଷ୍ମରେ ଗୁଳୁଗୁଳିରେ ପଥଚାରୀ ମାନଙ୍କ ସୁବିଧା ପାଇଁ ଅନୁଷ୍ଠାନ ପକ୍ଷରୁ ଦହି, ଅଦା, ପୋଦିନା, ଲଙ୍କା ଇତ୍ୟାଦି ମିଶ୍ରଣରେ ପ୍ରସ୍ତୁତ ସୁସ୍ୱାଦୁ ପାନୀୟ ବଣ୍ଟନ କରାଯାଇଥିଲା। ଜଗତସିଂହପୁର ଜିଲ୍ଲାର ଅନ୍ୟତମ ସାମାଜିକ ଅନୁଷ୍ଠାନ ଦିଲ୍ଲୀପ ମେମୋରିଆଲ କ୍ଲବର ସୌଜନ୍ୟରେ ଏହି ସେବା ଅନୁଷ୍ଠାନ ଚଳିତ ବର୍ଷ ଗ୍ରୀଷ୍ମ ଆରମ୍ଭରୁ ପ୍ରତ୍ୟେକ ରବିବାର ବିଭିନ୍ନ ସ୍ଥାନରେ ଏଭଳି ଜଳ ସେବା କାର୍ଯ୍ୟ ଆୟୋଜନ କରିଆସୁଛି। ଜୟଜଗନ୍ନାଥ ସେବା ସଙ୍ଘ ପକ୍ଷରୁ ଅଭୟ ମାଝୀ, ନିରଞ୍ଜନ ପ୍ରଧାନ, ବାପୁ ସ୍ୱାଇଁ, ମୁନା ପ୍ରଧାନ, ରଞ୍ଜନ ପ୍ରଧାନ ସହଯୋଗ କରିଥିଲେ।

## ପ୍ରଥମ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ଭୁବନେଶ୍ୱର,୩୧ା୫(ସମିସ): ନିୟୁ ଏଜି କଲୋନୀ ରେସିଡେଣ୍ଟ କମିଟି ଆନୁକୂଲ୍ୟରେ ଛାତ୍ରଛାତ୍ରୀମାନଙ୍କ ଆୟୋଜିତ ପ୍ରଥମ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର କଲୋନୀ ପଡିଆଠାରେ ଉଦଯାପିତ ହୋଇଛି। ବିଦ୍ୟାଳୟସ୍ତରୀୟ ଛାତ୍ରଛାତ୍ରୀମାନଙ୍କର ଶାରୀରିକ, ମାନସିକ ଏବଂ ସୃଜନଶୀଳ ପ୍ରତିଭାକୁ ବିକଶିତ ଓ ପ୍ରୋତ୍ସାହିତ କରିବା ସହ କ୍ରୀଡାପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ନିଃଶୁଳ୍କ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ୮ରୁ ୧୫ ବର୍ଷର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ବ୍ୟାୟାମ, ଯୋଗାସନ, ଜୁମ୍ବା ପ୍ରଶିକ୍ଷଣ ସହ ଫୁଟବଲ ଆଦି ଅଭ୍ୟାସ କରିଥିଲେ। ଉଦଯାପନୀ ସମାରୋହରେ ଏଜି କାର୍ଯ୍ୟାଳୟର ବରିଷ୍ଠ ଉପ ମହାଲେଖାକାର ଭରତଚନ୍ଦ୍ର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ଶାରୀରିକ ଓ ମାନସିକ ବିକାଶ ପାଇଁ ବ୍ୟାୟାମ, ଯୋଗ ଓ କ୍ରୀଡାର ପ୍ରମୁଖ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ସମାପନୀ ସମାରୋହରେ ରେସିଡେଣ୍ଟ କମିଟିର ସଭାପତି ଅଭିଷେକ କୁମାର, ସମ୍ପାଦକ ଧୀରଜ ସୋନକାର, ଅନ୍ତର୍ଜାତୀୟ ଭଲିବଲ ଖେଳାଳି ସୁଦର୍ଶନ ପଟ୍ଟନାୟକ, ପୁଲିନ ବିହାରୀ ବେହୁରାଏ, କ୍ରୀଡା ପ୍ରଶିକ୍ଷକ ସୁଶାନ୍ତ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କ୍ରୀଡା ପ୍ରଶିକ୍ଷକମାନଙ୍କୁ ରେସିଡେଣ୍ଟ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

**କମିଯାଉଛି ଦୁଗ୍ଧର ଗୁଣବତ୍ତା**

# ଅପମିଶ୍ରଣକୁ ରୋକିବ କିଏ ?



**ଆଜି ବିଶ୍ୱ ଦୁଗ୍ଧ ଦିବସ**

ଭୁବନେଶ୍ୱର, ୩୧ା୫(ସମିସ): କ୍ଷୀରରେ ରହିଥିବା ସ୍ୱାସ୍ଥ୍ୟକର ପୁଷ୍ଟିଜନିତ ଉପାଦାନ ପାଇଁ ଏହା ରୋଗୀଠାରୁ ଭୋଗୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଦରକାର। ଚା'ବାଲାଠାରୁ ନେଇ ମେଡିକାଲ ପର୍ଯ୍ୟନ୍ତ ସବୁ ସ୍ଥାନରେ କ୍ଷୀରର ଦରକାର ପଡୁଛି। ହେଲେ ବଜାରରେ ଉପଲବଧ ଏହି କ୍ଷୀରର ଶୁଦ୍ଧତା ଏବଂ ଗୁଣବତ୍ତା ଠିକ୍ ଅଛି ନା ନାହିଁ ଏହାକୁ କେହି କେବେ ଜାଣିବାକୁ ଚେଷ୍ଟା କରୁନାହାନ୍ତି। ଫଳରେ ଦିନକୁ ଦିନ କ୍ଷୀରର ଗୁଣବତ୍ତା କମିବାରେ ଲାଗିଛି।

ଓଡ଼ିଶାରେ ପ୍ରତିଦିନ ହାରାହାରି ୭୫ ଲକ୍ଷ ଲିଟର କ୍ଷୀର ଉତ୍ପାଦନ କରାଯାଉଛି। ହେଲେ ଓଡ଼ିଶାରେ ଦୈନିକ ୧୧୦ ଲକ୍ଷ ଲିଟରରୁ ୧୧୫ ଲକ୍ଷ ଲିଟର କ୍ଷୀର ଦରକାର ପଡୁଛି। ଫଳରେ ୪୦ ଲକ୍ଷ ଲିଟର କ୍ଷୀର ଅଭାବ ରହୁଛି ବୋଲି ଓଡ଼ିଶା ଦୁଗ୍ଧ ଚାଷୀ ମହାସଂଘ ପକ୍ଷରୁ କୁହାଯାଇଛି। ଦୈନିକ ଜଣେ ବ୍ୟକ୍ତିକୁ ୩ଶହ ମିଲି ଲିଟର କ୍ଷୀର ଆବଶ୍ୟକ ହେଉଥିବା ବେଳେ ଏବେ ଜଣେ ଲୋକ ୧୪୮ ମିଲିଲିଟରରୁ ୧୬୮ ମିଲିଲିଟର କ୍ଷୀର ପାଉଛନ୍ତି। ଯେଉଁଥିପାଇଁ କଳାବଜାର ବଢ଼ିବା ସହିତ ଅନ୍ୟ ପାଉଡ଼ର ମିଶା କ୍ଷୀର ସହିତ ଅମୁଲ୍, ମଦର ଡ଼ାଇରୀ, ମିଲ୍‌କି ମୁ, ଓମ୍‌ଫେଡ୍, ପ୍ରଗତି ପରି ପ୍ୟାକେଟ୍ ଆଦି କ୍ଷୀର ଉପରେ ନିର୍ଭର କରିବାକୁ ପଡୁଛି।

ସରକାର ୨୦୩୦ ମସିହା ସୁଦ୍ଧା ୧୫୦ ଲକ୍ଷ ଲିଟର କ୍ଷୀର ଉତ୍ପାହନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିସହିତ କାମଧେନୁ ଯୋଜନା ମାଧ୍ୟମରେ ଏହି କ୍ଷୀର ଅଭାବ ଦୂର ହୋଇପାରିବ ବୋଲି କୁହାଯାଉଛି। ହେଲେ ଆଗାମୀ ଦିନରେ ସରକାର ଏ ଦିଗରେ ସଫଳ ହୋଇପାରୁଛନ୍ତି ନା ନାହିଁ ତାହା ଦେଖିବାକୁ ବାକି ରହିଲା। ରାଜଧାନୀରେ ମଧ୍ୟ ୪ ଲକ୍ଷ ୫୦ ହଜାର ଲିଟର କ୍ଷୀର ଦରକାର ହେଉଥିବା ବେଳେ ଏବେ ୨ ଲକ୍ଷ ଲିଟର କ୍ଷୀର ରାଜଧାନୀବାସୀ ପାଉଛନ୍ତି। ଯେଉଁଥିପାଇଁ ବିଭିନ୍ନ ପ୍ୟାକେଟ୍ କ୍ଷୀର ରାଜଧାନୀବାସୀଙ୍କ ଆବଶ୍ୟକତାକୁ ମେଣ୍ଟାଉଛି।

ପର୍ବପର୍ବଣୀ ଆଦି ସମୟରେ କ୍ଷୀର ଅଧିକ ଦରକାର ପଡ଼ିଥାଏ। ଯାହାଫଳରେ ବର୍ତ୍ତମାନ ସମୟରେ କ୍ଷୀରର ଚାହିଦା ମେଣ୍ଟାଇବା ପାଇଁ ଅପମିଶ୍ରଣ ଜୋରଦାର ଭାବେ ଚାଲିଛି। ନା ଏହି ଅପମିଶ୍ରଣକୁ କେହି ରୋକୁଛନ୍ତି ନା ତଦାରଖ କରିବାକୁ ଅଛନ୍ତି। ଯାହାଫଳରେ କଳାବଜାରୀ ସକ୍ରିୟ ହୋଇ ପଡୁଛି ବୋଲି ଓଡ଼ିଶା ଦୁଗ୍ଧ ଚାଷୀ ମହାସଂଘର ସାଧାରଣ ସଂପାଦକ ନାରାୟଣ ଡ଼ାଲୁଆ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି କି ଏବେ ଗୋଚର ଭୂମିର ସୁରକ୍ଷା ସହିତ ଗୋଖାଦ୍ୟର ସରକାରୀ ମୂଲ୍ୟ ଧାର୍ଯ୍ୟ କରାଯାଉ। ଏଥିସହିତ କ୍ଷୀର ପ୍ରତି ଲିଟର ପିଛା ଚାଷୀକୁ ସର୍ବନିମ୍ନ ୪୫ ଟଙ୍କା ମିଳିଲେ ଜଣେ ଚାଷୀକୁ ଉଚିତ୍ ମୂଲ୍ୟ ମିଳିବା ସହିତ କ୍ଷୀର ଉତ୍ପାଦନ ବଢ଼ିପାରିବ ବୋଲି ସେ କହିଛନ୍ତି।

**ପୁରୁଣା ଫଟୋ ପୁରୁଣା ସ୍ମୃତି**



ଭୁବନେଶ୍ୱର, ୩୧ା୫ (ସମିସ): ମନ୍ଦିରମାଳିନୀ ସହର ଭୁବନେଶ୍ୱରରେ ଅନେକ କୀର୍ତ୍ତିରାଜି ସାଇତା ହୋଇ ରହିଛି। ଯାହା ସହର ପାଇଁ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ। ଏଠାରେ ରହିଛି ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର। ସେଥିପାଇଁ କେବଳ ଅନ୍ୟ ରାଜ୍ୟ ନୁହଁ ବରଂ ଅନ୍ୟ ଦେଶରୁ ମଧ ପର୍ଯ୍ୟଟକ ଏଠାକୁ ବୁଲିବାକୁ ଆସିଥାନ୍ତି। ସେହିଭଳି ପୁରୁଣା ଭୁବନେଶ୍ୱରରେ ଏପରି ଅନେକ ଛୋଟ ବଡ ଐତିହ୍ୟ ମନ୍ଦିର ପରିଲକ୍ଷିତ ହୋଇଥାଏ। ହେଲେ ସେଠାକାର ମୁଖ୍ୟ ଆକର୍ଷଣ ହେଉଛି ତ୍ରୟୋଦଶ ଶତାବ୍ଦୀର ଲିଙ୍ଗରାଜ ମନ୍ଦିର। ସମୟ ସହ ତାର ଭିତର ଏବଂ ବାହାର ପରିବେଶର ରୂପରେଖରେ ଅନେକ ପରିବର୍ତ୍ତନ ଆସିଛି। ହେଲେ ପୁରୁଣା ସମୟରେ କେମିତି ଦିଶୁଥିଲା ଲିଙ୍ଗରାଜ ମନ୍ଦିର ତାର ଏକ ଝଲକ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଛି।

ପାଖାପାଖି ୫୦ ବର୍ଷରୁ ଅଧିକ ପୁରୁଣା ଏକ ଫଟୋରେ ଲିଙ୍ଗରାଜ ମନ୍ଦିର ଭିତର ପାଶ୍ୱର୍ର ଦୃଶ୍ୟ ଦେଖିବାକୁ ମିଳିଛି। ଯେଉଁଥିରେ କିଛି ଭକ୍ତ ଏବଂ ସେବାୟତଙ୍କ ସମାଗମ ଦେଖିବାକୁ ମିଳୁଛି। ଏହି ଫଟୋଟି ୧୯୬୮ ମସିହାରେ କ୍ୟାମେରାରେ କଏଦ ହୋଇଥିଲା। ଏକାମ୍ର କ୍ଷେତ୍ରର ଆକର୍ଷଣ ତଥା ଲିଙ୍ଗରାଜ ମନ୍ଦିର ଏକାଦଶ ଶତାବ୍ଦୀ ବେଳକୁ କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ରାଜା ଯଯାତି କେଶରୀଙ୍କ ସମୟରେ ନିର୍ମାଣ ହୋଇଥିବା ଇତିହାସ ପୃଷ୍ଠାରୁ ଜାଣିବାକୁ ମିଳେ।



# ଭୁବନେଶ୍ୱର ସିଟି

# ବିଶ୍ୱ ତମାଖୁ ବର୍ଜନ ଦିବସ

## ଏଫ୍ଏଫ୍ସି



**ଭୁବନେଶ୍ୱର,୩୧।୫(ସମିସ):** ୱାକର୍ସ ଇଣ୍ଟରନ୍ୟାସନାଲ ଦ୍ୱାରା ଅନୁବନ୍ଧିତ ଫନ୍ ଆଣ୍ଡ ଫିଟନେସ୍ ୱାକର୍ସ କ୍ଲବ ଏନ-୩ ପାର୍କରେ ସଭାପତି ସୁଧାକର ଷଡଙ୍ଗୀଙ୍କ ପୌରୋହିତ୍ୟରେ "ବିଶ୍ୱ ତମାଖୁ ବର୍ଜନ ଦିବସ' ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ପ୍ରଫେସର ଡା. ସନତ୍ ଭୂୟାଁ, ଡେଣ୍ଟାଲ ସାଇନ୍ସ ବିଭାଗ, ସୋଆ ୟୁନିଭର୍ସିଟି ଏବଂ ସମ୍ମାନିତ ଅତିଥି ଭାବେ ରୋଟାରୀ କ୍ଲବ ପ୍ରେସିଡେଣ୍ଟ ସଞ୍ଜୟ ଚୌଧୁରୀ ଯୋଗ ଦେଇଥିଲେ। ଡାକ୍ତର ଭୂୟାଁ ନିଜ ବକ୍ତବ୍ୟରେ କହିଥିଲେ ଯେ ବିଶ୍ୱରେ ୧୬ ପ୍ରତିଶତ ଲୋକ କ୍ୟାନ୍ସରରେ ପୀଡ଼ିତଙ୍କ ମଧ୍ୟରୁ ୧୧ପ୍ରତିଶତ ରୋଗୀ ମୁଖ ଗହ୍ୱର କ୍ୟାନ୍ସରରେ ପୀଡ଼ିତ। ପ୍ରତିବର୍ଷ ତମାଖୁ ସେବନ ଦ୍ୱାରା ଆଠ ମିଲିୟନରୁ ଅଧିକ ଲୋକ ପ୍ରାଣ ହରାଉଛନ୍ତି। ଏଫଏଫସିର ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ନିଜେ ତମାଖୁମୁକ୍ତ ରହିବା ସହିତ ଏକ ସୁସ୍ଥ ଓ ନିଶାମୁକ୍ତ ସମାଜ ଗଠନ ପାଇଁ ବଜ୍ରଶପଥ ନେଇଥିଲେ। ୱାକର୍ସ କ୍ଲବ ସଦସ୍ୟମାନେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ସମ୍ପାଦକ ସୌଭାଗ୍ୟ ନାୟକ, କୋଷାଧ୍ୟକ୍ଷ ପ୍ରଦୀପ୍ତ ପଣ୍ଡା, ଜୋନ ଚେୟାରପର୍ସନ କେଦାର ପଟ୍ଟନାୟକ, ପ୍ରାକ୍ତନ ସଭାପତି ଆଶିଷ ପଟ୍ଟନାୟକ, ଉପସଭାପତି ଭବାନୀ ପଟ୍ଟନାୟକ ପ୍ରମୁଖ କର୍ମକର୍ତ୍ତା ନିବେଦନ କରିଥିଲେ।

## ସ୍ୱର୍ଣ୍ଣକାର ସଂଘ



ସ୍ୱର୍ଣ୍ଣକାର ସଂଘ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ ଅବସରରେ ଜନସଚେତନତା ଏବଂ ନିଶାନିବାରରଣ କା ର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଧଉଳି ଥାନାଧିକାରୀ ସ୍ମୃତିରଞ୍ଜନ ମହାନ୍ତି ଓ ସମାଜସେବୀ ମଦମୁକ୍ତ ବାହିନୀର କାର୍ଯ୍ୟକର୍ତ୍ତା ଅରୁଣ ସାମନ୍ତରାୟ ବୈରାଗୋଶ୍ୱର ମନ୍ଦିରଠାରୁ ଧଉଳି ଶାନ୍ତିସ୍ତୁପ ପର୍ଯ୍ୟନ୍ତ ପଦଯାତ୍ରାରେ ସାମିଲ ହୋଇଥିଲେ। ଏଥିସହିତ ନିଶାମୁକ୍ତ ଭାରତ ଗଠନର ଶପଥ ପାଠ କରିବା ସହ ଜୀବନକୁ ନିଶାଠାରୁ ଦୂରେଇ ରଖିବାକୁ ସମସ୍ତଙ୍କୁ ଆହ୍ୱାନ ଦିଆଯାଇଥିଲା। ବୃକ୍ଷରୋପଣ, ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଭୁବନେଶ୍ୱର ପ୍ରାୟ ୫୦ରୁ ଅଧିକ ସ୍ୱର୍ଣ୍ଣକାର ଯୋଗଦେଇଥିଲେ। ସଂଘର ସଭାପତି ବାଳକୃଷ୍ଣ ସାହୁ, ସମ୍ପାଦକ ଡମ୍ବରୁଧର ମାଝୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସାମ୍ବାଦିକ ଜ୍ଞାନରଞ୍ଜନ ସାଥୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କର ଫାଉଣ୍ଡେସନ୍




ସାମାଜିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର ଫାଉଣ୍ଡେସନ, ୟୁଥ୍ ଫର ଭଲ୍ୟୁଣ୍ଟାରୀ ୱାର୍କ ତରଫରୁ ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶିଶୁଭବନ ଛକରୁ ମାଷ୍ଟରକ୍ୟାଣ୍ଟିନ୍ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପଦଯାତ୍ରାରେ ସ୍ୱେଚ୍ଛାସେବୀମାନେ ବିଭନ୍ନ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। ତମାଖୁ ଦ୍ୱାରା ହେଉଥିବା ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ଲୋକଙ୍କୁ ବୁଝାଇଥିଲେ। ଯକ୍ଷ୍ମା, କର୍କଟ ଭଳି ବ୍ୟାଧିରୁ ବଞ୍ଚିବା ପାଇଁ ତମାଖୁ ପରିତ୍ୟାଗ କରିବା ନିହାତି ଆବଶ୍ୟକ ଓ ଯୁବ ସମାଜ ଏଥିରୁ ଦୂରେଇ ରହିବା ପାଇଁ ଫାଉଣ୍ଡେସନର ଅଧ୍ୟକ୍ଷ ତଥା ସମାଜସେବୀ, ଅଭିନେତା ଚନ୍ଦନ କର, ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ମତବ୍ୟକ୍ତ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ସମାଜସେବୀ ମୀର ଅହମ୍ମଦ ଅଲ୍ଲୀ, ହରପ୍ରସାଦ ମହାପାତ୍ର, ଯୁବନେତା ନଳିନୀକାନ୍ତ ନାୟକ, ସମାଜସେବୀ ଜ୍ୟୋତ୍ସ୍ନା ରାଉତ, ଜଗନ୍ନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ଅନୁଷ୍ଠାନ ତରଫରୁ ରାଜ୍ୟ ସରକାରଙ୍କୁ ଅବିଳମ୍ବେ ନିଶାଦ୍ରବ୍ୟ ନିଷିଦ୍ଧ ଘୋଷଣା କରିବା ସହ କୋଟ୍ପା ଆଇନ୍କୁ କ୍ରିୟାଶୀଳ କରାଇବା ପାଇଁ ଦାବି କରାଯାଇଥିଲା।

## 'ସଲାମ ଜୀବନ'



ସାମାଜିକ ସଂଗଠନ ସଲାମ ଜୀବନ ପକ୍ଷରୁ ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ତଥା 'ସଲାମ ଜୀବନ'ର ସହସଂସ୍ଥାପକ ଡ. ମହମ୍ମଦ ଇମ୍ରାନ ଅଲ୍ଲୀ ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ଭୁବନେଶ୍ୱରର ଜଲିମୁଣ୍ଡା ସାହିରେ କୁନି କୁନି ପିଲାମାନଙ୍କ ସହ ମିଶି ତମାଖୁ ତଥା ନିଶାର ଭୟାବହ ପରିଣାମ ଏବଂ ଏହାର ସାମାଜିକ କୁପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। 'ତମାଖୁ ତଥା ନିଶାମୁକ୍ତ ଶୈଶବ'ର ଆହ୍ୱାନ ଦେଇ ସେ ପିଲାମାନଙ୍କୁ ନିଜେ ତମାଖୁ ଏବଂ ନିଶାଠାରୁ ଦୂରେଇ ରହିବା ସହ ପରିବାର ଏବଂ ସମାଜରେ ସଚେତନତାର ବାର୍ତ୍ତା ପହଞ୍ଚାଇବାକୁ ପ୍ରେରିତ କରିଥିଲେ। ଶୈଶବରୁ ସଠିକ୍ ଶିକ୍ଷା, ମୂଲ୍ୟବୋଧ ଏବଂ ସଚେତନତା ଗଢ଼ି ଉଠିଲେ ଆଗାମୀ ପିଢ଼ିକୁ ତମାଖୁ ତଥା ନିଶା କବଳରୁ ସୁରକ୍ଷିତ ରଖାଯାଇପାରିବ ବୋଲି ଶ୍ରୀ ଅଲ୍ଲୀ କହିଛନ୍ତି। 'ସଲାମ ଜୀବନ'ର ନିର୍ଦ୍ଦେଶକ ଅନୁଜ ଦାସ ନିଆରା ଢଙ୍ଗରେ ପିଲାମାନଙ୍କୁ ତମାଖୁ ସେବନ କିପରି ଜଣେ ବ୍ୟକ୍ତିଙ୍କୁ ଶାରୀରିକ, ମାନସିକ ଓ ଆର୍ଥିକ ଭାବେ ଦୁର୍ବଳ କରିଦିଏ ସେ ବିଷୟରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଜଲିମୁଣ୍ଡା ସାହିରେ ପିଲାମାନଙ୍କୁ ନିୟମିତ ପାଠ ପଢ଼ାଉଥିବା ଶିକ୍ଷକ ଉଦୟ ସିଂ ଯୋଗଦେଇ ସଚେତନତାମୂଳକ ବାର୍ତ୍ତା ପ୍ରଦାନ କରିଥିଲେ।

## ପିକକ୍



ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲସ୍ କଲଚରାଲ୍ ସେଣ୍ଟର (ପିକକ୍) ପକ୍ଷରୁ 'ଆକର୍ଷଣର ଅସଲି ଚେହେରାକୁ ପ୍ରକାଶ କରିବା: ନିକୋଟିନ ଓ ତମାଖୁ ଆସକ୍ତିକୁ ପ୍ରତିରୋଧ କରିବା' ଶୀର୍ଷକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି, ଯୁବ ନେତା ଏବଂ ସ୍ୱାସ୍ଥ୍ୟ ବିଶେଷଜ୍ଞ ତମାଖୁ ଜନିତ ସ୍ୱାସ୍ଥ୍ୟ ସମସ୍ୟାକୁ ହ୍ରାସ କରିବା ପାଇଁ ବିଭିନ୍ନ କୌଶଳ ଉପରେ ଆଲୋଚନା କରିଥିଲେ। ପିକକ୍ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇ କିପରି ଆମେ ନିକୋଟିନ ଓ ତମାଖୁଜାତ ଉତ୍ପାଦର କ୍ଷତିକାରକ ପ୍ରଭାବ ସମ୍ପର୍କରେ ସଚେତନତା ବୃଦ୍ଧି କରିବା ସହ ଶିଶୁ ଓ କିଶୋରମାନଙ୍କୁ ଏହାର ପ୍ରଭାବରୁ ସୁରକ୍ଷିତ ରଖିବା ପାଇଁ ଦୃଢ଼ ପଦକ୍ଷେପକୁ ପ୍ରୋତ୍ସାହିତ କରିବା ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଏନ୍ସିଡି ଅଧୀନ ତମାଖୁ ନିୟନ୍ତ୍ରଣ ସେଲ୍ର ରାଜ୍ୟ ପରାମର୍ଶଦାତା ଡା. ଗିରିଜା ଶଙ୍କର ମିଶ୍ର କହିଥିଲେ ଯେ ତମାଖୁର କୁପ୍ରଭାବ ସମ୍ପର୍କରେ ଜାଣିଥିଲେ ମଧ୍ୟ ଅନେକ ଲୋକ ଏହାର ବ୍ୟବହାର ଜାରି ରଖୁଛନ୍ତି। ସେ ଯୁବପିଢ଼ିଙ୍କୁ ତମାଖୁ ନିଶାର କବଳରୁ ରକ୍ଷା କରିବା ପାଇଁ ସମସ୍ତଙ୍କୁ ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। କମ୍ୟୁନିଟି ମେଡିସିନ ବିଭାଗ, ଚିକିତ୍ସା ବିଜ୍ଞାନ ପ୍ରତିଷ୍ଠାନ ଏବଂ ସମ୍ ହସ୍ପିଟାଲ ଡ. ନେଲ୍ସି ଶତପଥୀ, ପ୍ରତିମା ନଳିନୀ, ସୁକାନ୍ତ ନାୟକ, ଇକୋସେଭର୍ ୟୁଥ ନେଟୱାର୍କର ରାଜ୍ୟ ସଭାପତି ସ୍ମୃତି ରଞ୍ଜନ ପ୍ରଧାନ ପ୍ରମୁଖ କୋଟପା ଆଇନର ଦୃଢ଼ କାର୍ଯ୍ୟକାରିତା ଓ ତମାଖୁ ନିୟନ୍ତ୍ରଣ ପାଇଁ ବିଭିନ୍ନ ପଦକ୍ଷେପ ସମ୍ପର୍କିତ ଆଲୋଚନା କରିଥିଲେ। ପିକକ୍ର ଅଧ୍ୟକ୍ଷା ମୀନାକ୍ଷୀ ପଣ୍ଡା ଶିଶୁ ଓ କିଶୋର-କିଶୋରୀମାନଙ୍କୁ ତମାଖୁ ଓ ନିକୋଟିନ ଉତ୍ପାଦର ସଂସ୍ପର୍ଶରୁ ସୁରକ୍ଷିତ ରଖିବା ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିବା ବେଳେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଯୁବ ଓ ଶିଶୁମାନଙ୍କୁ ତମାଖୁ ବିରୋଧୀ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମକୁ ପିକକ୍ର ମିସ୍ ପୂଜା ପଣ୍ଡା ସଂଚାଳନ କରିଥିଲେ।

## ପିଏମ୍ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୧




ବିଶ୍ୱ ତମାଖୁ ନିରୋଧ ଦି ବସ ଅବସରରେ ପିଏମ୍ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ରେ "ନିଶାମୁକ୍ତ ଭା ରତ' ପାଇଁ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ୬(ଓ) ବିଏନ୍ ଏନ୍ସିସି ସମେତ ପୁରୀର କ୍ୟାଡେଟମାନେ ତମାଖୁ ଓ ନିକୋଟିନ୍ ଆସକ୍ତିର କୁପ୍ରଭାବ ସମ୍ପର୍କରେ ସଚେତନ କରିଥିଲେ। "ଆକର୍ଷଣର ମୁଖୋଟା ହଟାଇ, ନିକୋଟିନ୍ ଏବଂ ତମାଖୁ ଆସକ୍ତିର ମୁକାବିଲା' ଶିର୍ଷକରେ ଶିଶୁ ଓ କିଶୋରମାନଙ୍କୁ ଆକର୍ଷିତ କରିବା ପାଇଁ ତମାଖୁ ଏବଂ ନିକୋଟିନ୍ ଶିଳ୍ପ ଦ୍ୱାରା ବ୍ୟବହୃତ ଭ୍ରାମାତ୍ମକ ବିଜ୍ଞାପନ ଓ ପ୍ରଚାର କୌଶଳକୁ ଉଜାଗର କରାଯାଇଥିଲା। ଇ-ସିଗାରେଟ୍, ଫ୍ଲେଭର୍ଡ ଭେପ୍ ଓ ନିକୋଟିନ୍ ପାଉଚ୍ ପରି ଉତ୍ପାଦଗୁଡ଼ିକୁ ଯୁବପିଢ଼ିଙ୍କ ନିକଟରେ ସୁରକ୍ଷିତ, ଆଧୁନିକ ଓ ଆକର୍ଷଣୀୟ ଭାବେ ଉପସ୍ଥାପନ କରାଯାଉଥିବା ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ବିଦ୍ୟାଳୟରୁ ଏହି ରାଲି ଆରମ୍ଭ ହୋଇ ୟୁନିଟ୍-୯ ଅଞ୍ଚଳରେ ତମାଖୁ ସେବନ, ନିକୋଟିନ୍ ନିର୍ଭରଶୀଳତା ଏବଂ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହାସହ ଏକ ସୁସ୍ଥ ଓ ନିଶାମୁକ୍ତ ସମାଜ ଗଠନ ପାଇଁ ଛାତ୍ରଛାତ୍ରୀମାନେ ଦୃଢ଼ ସଂକଳ୍ପ ନେଇଥିଲେ।

# ନାଟକ 'ମୁଁ ଗରିବ ହେବି' ମଞ୍ଚସ୍ଥ

**ଭୁବନେଶ୍ୱର, ୩୧।୫(ସମିସ):** ଶିକ୍ଷିତ ମଧ୍ୟବିତ୍ତ ଯୁବକ ପିତାମାତାଙ୍କୁ ବୃଦ୍ଧାଶ୍ରମରେ ରଖି ଜମିବାଡ଼ି ବିକି ଗରିବ ହୋଇଯାଇଛି। କିନ୍ତୁ ପ୍ରକୃତରେ ସେ ଶେଷରେ ଗରିବ ହେବାର ଯନ୍ତ୍ରଣା ବେଶ୍ ଅନୁଭବ କରିପାରିଛି। ଏହାକୁ ନେଇ ନାଟକ 'ମୁଁ ଗରିବ ହେବି' ଆଗକୁ ଗତିଶୀଳ ହୋଇଛି। ପରେ ନିଜର ପିତାମାତାଙ୍କୁ ବୃଦ୍ଧାଶ୍ରମରୁ ଫେରାଇଆଣି ନିଜେ ଖଟି ପିତାମାତାଙ୍କୁ ସୁଖରେ ରଖିବାପାଇଁ ଶପଥ ନେଇଛି। ଏମିତି କିଛି ଦେଖିବାକୁ ମିଳିଛି ନାଟକରେ। ରବିବାର ବିଜୁ ନାଟ୍ୟକେନ୍ଦ୍ରଠାରେ ସାତ୍ତ୍ୱିକ ରାଜାଙ୍କ ରଚିତ ଓ ନିର୍ଦ୍ଦେଶିତ ଏହି ନାଟକରେ ଶତାବ୍ଦୀର କଳାକାର ଅଭିନୟଶିକ୍ଷା ବିଦ୍ୟାଳୟର ୩୫ ବ୍ୟାଚ୍ର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏହି ନାଟକ ପରିବେଷିତ ହୋଇଥିଲା। ଅତିଥି ଭାବେ ଅଭିନେତ୍ରୀ ପିଙ୍କି ପ୍ରଧାନ, ସିଦ୍ଧାର୍ଥ ଟିଭିର ଅଧିକାରୀ ବସନ୍ତ ସାହୁ ଓ ଜୀ ସାର୍ଥକର ଅଧିକାରୀ ଶ୍ରୀଜିତ୍ ଶତପଥୀ, ଚାଟାଡର୍ ଆକାଉଣ୍ଟାଣ୍ଟ ପିକେ ସାହୁ ଉପସ୍ଥିତ ଥିଲେ। ଅନୁଷ୍ଠାନର ସଭାପତି ଡା. ଗୌରହରି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାକୁ ସାଧାରଣ ସଂପାଦକ ଧୀର ମଲ୍ଲିକ୍ ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।



# ବିଶ୍ୱ ରତୁସ୍ରାବ ଦିବସ ଅବସରରେ ସଚେତନତା



**ବାଲିଅନ୍ତା,୩୧।୫(ସମିସ):** ବିଶ୍ୱ ରତୁସ୍ରାବ ଦିବସ ଅବସରରେ ଶୈଳବାଳା ଫାଉଣ୍ଡେସନ ଓ ଚାଇଲ୍ଡ ହେଲ୍ପ ଫାଉଣ୍ଡେସନ, ଭୁବନେଶ୍ୱର ତରଫରୁ ଯଶୁଆପୁର ଗ୍ରାମରେ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ସାଧାରଣ ଜ୍ଞାନ ଓ ସ୍ଲୋଗାନ ପ୍ରତିଯୋଗିତା କରାଯାଇ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଚାଇଲ୍ଡ ହେଲ୍ପ ଫାଉଣ୍ଡେସନର ଓଡ଼ିଶା ଶାଖା ମୁଖ୍ୟ ନମ୍ରତା ପ୍ରସାଦ, ଜୟନ୍ତ କୁମାର ପରିଡା ଓ ଶୈଳବାଳା ଫାଉଣ୍ଡେସନର ଫାଉଣ୍ଡର ସଦସ୍ୟା ବେବି ନାୟକ, ମୁଖ୍ୟ ଅତିଥି ଭାବେ ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ, ସମ୍ମାନିତ ଅତିଥି ଭାବେ ରଞ୍ଜନ କୁମାର ମହାପାତ୍ର ଯୁବ ସମାଜସେବୀ, ସସ୍ମିତା ଚୌଧୁରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

# କଳାକାର ଭିନ୍ନ ଅନ୍ୟ ବ୍ୟକ୍ତିଙ୍କୁ ଓଏଫ୍ଡିସି ଅଧ୍ୟକ୍ଷ ନିଯୁକ୍ତି ଦାବି

**ଭୁବନେଶ୍ୱର,୩୧।୫(ସମିସ):** ଅଲ ଓଡ଼ିଶା ଫିଲ୍ମ ଡାଇରେକ୍ଟର୍ସ ଆସୋସିଏସନ ଏବଂ ଓଡ଼ିଶା ପ୍ରୋଡ୍ୟୁସର୍ସ ଗିଲ୍ଡ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ସଂଗଠନର ନିର୍ଦ୍ଦେଶକ ପଦ୍ମଶ୍ରୀ ଶିଶିର ମିଶ୍ର, ସଞ୍ଜୟ ନାୟକ ଓ ପ୍ରଯୋଜକ ଗିଲଡ଼ର ଅରୁଣ ମହାନ୍ତିଙ୍କ ସମେତ ସଂଗଠନର ଅନ୍ୟ ସଦସ୍ୟ ଉପସ୍ଥିତ ରହି ଓଡିଶା ଦୁର୍ନୀତି ନିବାରଣ ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କୁ କଳିଙ୍ଗ ଷ୍ଟୁଡିଓରେ



ହୋଇଥିବା ଦୁର୍ନୀତି ସମ୍ବନ୍ଧରେ ଦିଆଯାଇଥିବା ଅଭିଯୋଗପତ୍ର ବିଷୟରେ ବିବରଣୀ ପ୍ରଦାନ କଲେ। ଏହାସହିତ ଏହି ଧାରାରେ ଆଗକୁ ହେବାକୁ ଥିବା କାର୍ଯ୍ୟଧାରା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିରେ ନୂତନ ଓଡ଼ିଆ ଫିଲ୍ମ ପଲିସି, କଳିଙ୍ଗ ଷ୍ଟୁଡିଓର ବାକିଥିବା କାମ କିପରି ସମ୍ପୂର୍ଣ୍ଣ ହେବ ବା କେମିତି ତାହାକୁ ପୁନଃ ନିର୍ମାଣ ହେବ ତାହା ବିଷୟରେ ଆଲୋଚନା ହୋଇଥିଲା। ଯଥାଶୀଘ୍ର ଓଏଫଡିସି ଅଧ୍ୟକ୍ଷ ଭାବରେ କଳାକାର ଭିନ୍ନ ଉପଯୁକ୍ତ ବ୍ୟକ୍ତିଙ୍କୁ ଚୟନ କରିବା ପାଇଁ ଉପସ୍ଥାପନା କରାଯିବା ସହ ମୁଖ୍ୟମନ୍ତ୍ରୀ ଯଥାଶୀଘ୍ର ଉଭୟ ସଂଗଠନ ସହ ବିସ୍ତୃତ ଆଲୋଚନା କରିବା ପାଇଁ ଆହ୍ୱାନ ଦିଆଯାଇଛି।

# ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ସଂଗୀତ ସନ୍ଧ୍ୟା



**ଭୁବନେଶ୍ୱର,୩୧।୫(ସମିସ):** ଶାଶ୍ୱତୀ ସାମାଜିକସାଂସ୍କୃତିକକେନ୍ଦ୍ର ପକ୍ଷରୁ 'ସମର୍ପଣ' ସଙ୍ଗୀତ ସନ୍ଧ୍ୟା ରବିବାର ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବରେ ସଂସ୍ଥାର ସଭାପତି ଭାଷାବିତ ଡ଼. ଦେବାଶିଷ ମହାପାତ୍ର, ସମ୍ପାଦିକା ତନୟା ଦାସଗୋସ୍ୱାମୀ ଓ ଅବସରପ୍ରାପ୍ତ ପ୍ରସାଶନିକ ଅଧିକାରୀ ମନୋଜ କୁମାର ପରିଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ଡ. ବିଶ୍ୱଜିତ ମହାନ୍ତି ଓ ସୁକନ୍ୟା ମହାନ୍ତିଙ୍କୁ 'ଗୁରୁ ଆଚାର୍ଯ୍ୟ ନଳିନୀକାନ୍ତ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପରେ ପରେ ଅନୁଷ୍ଠାନର କଳାକାରମାନେ ସୃଷ୍ଟି ପାଳନକର୍ତ୍ତାଙ୍କ ବନ୍ଦନାରେ ଗୁଞ୍ଜରିତ 'ପାଳନ ହାରେ' ପରିବେଶଣ କରିଥିଲେ। ସେହିପରି ନୂତନ ଓ ପୁରାତନ ଛାତ୍ରୀଛାତ୍ରଙ୍କ କଣ୍ଠରୁ ଝୁମକା ଗିରା, ଚୁରାଲିଆ ହୈ ତୁମନେ, ଆଜ୍ ଇବାଦତ୍, ଯାଯାବର ମନ ମୋର, ମାୟାବିନୀ ବନ, ହୃଦୟର ଏଇ, ପଲ୍ ପଲ୍ ଦିଲ କେ ଭଳି ସୁମଧୁର କଣ୍ଠ ସଂଗୀତ ରୋମାଞ୍ଚ ଭରିଦେଇଥିଲା। ସମ୍ପାଦିକା ତନୟା ଦାସଗୋସ୍ୱାମୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦିଲ୍ଲୀପ ଦାଶଶର୍ମାଙ୍କ 'ସ୍ଥିତପ୍ରଜ୍ଞ' ଉନ୍ମୋଚିତ

**ଭୁବନେଶ୍ୱର,୩୧।୫(ସମିସ):** ନିଜ ଜନ୍ମଦିନ ଉପଲକ୍ଷେ ଦିଲ୍ଲୀପ ଦାଶଶର୍ମାଙ୍କ ଲିଖିତ ପୁସ୍ତକ 'ସ୍ଥିତପ୍ରଜ୍ଞ' ଭିଏସଏସନଗର ଦୁର୍ଗାପୂଜା ମଣ୍ଡପରେ ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଶତାୟୁ ପୁରୁଷ ପଦ୍ମ ଚରଣ ନାୟକ, ପୂର୍ବତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ପ୍ରମୁଖ ଯୋଗଦେଇ ପୁସ୍ତକଟିକୁ ଉନ୍ମୋଚନ କରିବା ସହ ଶ୍ରୀ ଦାଶଶର୍ମାଙ୍କ ଦିର୍ଘାୟୁ କାମନା କରିଥିଲେ। ଏହି ପୁସ୍ତକଟିର ମହତ୍ୱ ବେଶ୍ ଅଧିକ ରହିଥିବା ବେଳେ କ୍ରିୟା ଓ କର୍ତ୍ତାଙ୍କୁ ସଂଯୋଗ କରିବାରେ ସହାୟକ ହେବ। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ଉପଦେଷ୍ଟା କୃପାସିନ୍ଧୁ ସାହୁ, ଦୁର୍ଗାପୂଜା ସମିତିର ସଭାପତି ଡ. ଜୟନ୍ତ ପରିଡ଼ା, ଉତ୍କଳ ସମ୍ମିଳନୀ ସଭାପତି ଅନନ୍ତ ପ୍ରସାଦ ଜେନା ପ୍ରମୁଖ ଥିଲେ। ଶ୍ରୀ ଦାଶଶର୍ମା ବରିଷ୍ଠ ନାଗରିକଙ୍କ ବୟସସୀମା ୬୫କୁ ବୃଦ୍ଧି କରିବା ଉଚିତ୍ ବୋଲି କହିଥିଲେ। ଏହି ଅବସରରେ କଳାକାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍କଳ ସମ୍ମିଳନୀର ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖାର ଉପସଭାପତି ଶିତଳ ଚନ୍ଦ୍ର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ।

# ସତ୍ୟବିହାର ସାହିତ୍ୟ ସଂସଦର ଆଧ୍ୟାତ୍ମିକ ଆଲୋଚନା

## ଓଡ଼ିଆ ଜନଜୀବନର ସାଥୀ ଶ୍ରୀଜଗନ୍ନାଥ: ଡ ବିଜୟଲକ୍ଷ୍ମୀ ପଟ୍ଟନାୟକ



**ଭୁବନେଶ୍ୱର, ୩୧।୫(ସମିସ):** ସତ୍ୟବିହାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ସତ୍ୟବିହାରସ୍ଥିତ ବରିଷ୍ଠ ନାଗରିକ କ୍ଲବ ସଭା ଗୃହରେ ଆଧ୍ୟାତ୍ମିକ ଆଲୋଚନାଚକ୍ର ଅଧ୍ୟକ୍ଷ ଡ. ଅଭୟ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସାହିତ୍ୟିକା, ଜଗନ୍ନାଥ ସଂସ୍କୃତି ଗବେଷିକା, ବାଗ୍ମୀ ଡ ବିଜୟଲକ୍ଷ୍ମୀ (ମହାନ୍ତି) ପଟ୍ଟନାୟକ ଯୋଗ ଦେଇଥିଲେ। 'ଓଡିଆ ସାହିତ୍ୟ ଓ ଜନଜୀବନରେ ଶ୍ରୀଜଗନ୍ନାଥ' ଉପରେ ଆଲୋଚନା କରି ମୁଖ୍ୟଅତିଥି କହିଲେ ଯେ ଶ୍ରୀଜଗନ୍ନାଥ ସଂସ୍କୃତି ଓଡିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି। ମହାପ୍ରଭୁଙ୍କୁ ନେଇ ସୃଷ୍ଟ ଓଡିଆ ସାହିତ୍ୟରେ ଥିବା ଦିବ୍ୟଚେତନା ଓଡିଶାର ଜନଜୀବନ ଉପରେ ପ୍ରଭାବ ପକାଏ ଓ ଭଗବତ୍ ଉନ୍ମୁକ୍ତ କରାଏ। ସଭାର ପ୍ରାରମ୍ଭରେ ଶ୍ରୀଜଗନ୍ନାଥଷ୍ଟକମ୍ ପାଠ କରାଯାଇଥିଲା। ଏହି ସଭାରେ ସଂସଦର ସଂପାଦକ ରବି ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ସୁସାହିତ୍ୟକ ତଥା କବି କାହ୍ନୁଚରଣ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ପରେ ଭକ୍ତିଧାରାର କବିତା ପାଠୋତ୍ସବ ମଧ୍ୟ ଅନୁଷ୍ଠିତ ହବା ସହିତ ଏହାକୁ କବୟିତ୍ରୀ ମଧୁସ୍ମିତା ସ୍ୱାଇଁ ସଂଚାଳନ କରିଥିଲେ। ବରିଷ୍ଠ ନାଗରିକ କ୍ଲବର ସଭାପତି ଗଗନ ବିହାରୀ ମହାପାତ୍ର ଅନଷ୍ଠାନ ତରଫରୁ କାର୍ଯ୍ୟକ୍ରମର ଉପକାରିତା ଉପରେ ଆଲୋକପାତ କରିଥିଲେ ଓ ଶେଷରେ ସମ୍ପାଦକ ଲକ୍ଷ୍ମୀଧର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ତମାଣ୍ଡୋ ପ୍ରଥମ ଟେନିସ ପ୍ରିମିୟର ଲିଗ୍ କ୍ରିକେଟ୍

# ଶମ୍ଭୁ ୱାରିୟର୍ସ କାଶିପୁର ଚାମ୍ପିଅନ

**ଝାଁଳା, ୩୧।୫(ସମିସ):** ତମାଣ୍ଡୋ କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ଟେନିସ୍ ପ୍ରିମିୟର ଟୁର୍ଣ୍ଣାମେଣ୍ଟରେ ଆଜିର ଫାଇନାଲ ମ୍ୟାଚରେ ବାଲୁଙ୍କେଶ୍ୱର ୱାରିୟର୍ସ ତମାଣ୍ଡୋକୁ ୬୯ ରନ୍ ପରାସ୍ତକରି କାଶୀପୁର ଶମ୍ଭୁ ୱାରିର୍ସ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିବା ଶମ୍ଭୁ ୱାରିୟର୍ସ ନିର୍ଦ୍ଧାରିତ ୧୫ ଓଭରରେ ୭ ବିକେଟ୍ ହରାଇ ୧୫୨ ରନ୍ ସଂଗ୍ରହ କରିଥିଲା। ଦଳପକ୍ଷରୁ ଗଣେଶ କୁମାର ସର୍ବାଧିକ ୪୩ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ବୋଲର ଦିପୁନା ବେହେରା ୩ ଓଭର ବୋଲିଂ କରି ୩ଟି ୱିକେଟ ନେଇଥିଲେ। ୧୫୩ ରନ୍ ବିଜୟ ଲକ୍ଷ୍ୟର ପିଛା କରିଥିବା ବାଲୁଙ୍କେଶ୍ୱର ୱାରିୟସ ଦଳ ୧୨.୩ ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୮୩ ରନ୍ କରିବାକୁ ସକ୍ଷମ ହୋଇଥିଲେ। ମ୍ୟାଚ୍ ଶେଷରେ ତମାଣ୍ଡୋ କ୍ରିକେଟ୍ କ୍ଲବ ସଭାପତି ଆଶିଷ କୁମାର ପଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଅବିନାଶ ପଟନାୟକ, ସମ୍ମାନିତ ଅତିଥିଭାବେ ସମାଜସେବୀ ପ୍ରଭାତ କୁମାର ବେହେରା, କୁବେର ନେଷ୍ଟ ପ୍ରା.ଲିଃର ପରିଚାଳନା ନିର୍ଦ୍ଦେଶକ ଶିଶିର କୁମାର ବେହେରା ପ୍ରମୁଖ ଚାମ୍ପିଅନ୍ ଦଳକୁ ତମାଣ୍ଡୋ କପ୍ ସହ ୨୫ ହଜାର ଟଙ୍କା ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ। ସଂପାଦକ ଅମୂଲ୍ୟ ଜେନା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଦୁର୍ଗା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



# ଓଡ଼ିଶା ରକ୍ତଦାତା ମହାସଂଘ ପକ୍ଷରୁ ସାନ୍ଧ୍ୟ ଶିବିର

**ଭୁବନେଶ୍ୱର,୩୧।୫(ସମିସ):** ଓଡ଼ିଶା ରକ୍ତଦାତା ମହାସଂଘ ତରଫରୁ ଗ୍ରୀଷ୍ମ ପ୍ରବାହ ଦୃଷ୍ଟିରୁ ସନ୍ଧ୍ୟାକାଳୀନ ସ୍ୱତନ୍ତ୍ର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭ୍ରାମ୍ୟମାଣ ରକ୍ତ ସଂଗ୍ରହକାରୀ ବସ୍ ଦ୍ୱାରା ସିଆରପି ଛକଠାରେ ଓ ସନ୍ଧ୍ୟାରେ ରୁଚିକା ମାର୍କେଟ ପୂଜା ମଣ୍ଡପଠାରେ ଏହି ଶିବିରକୁ ଗତକାଲି ଓଡ଼ିଶା ରକ୍ତଦାତା ମହାସଂଘର କାର୍ଯ୍ୟକାରି ସଭାପତି ଡ. ନରେଶଚନ୍ଦ୍ର ସାହୁ ଏବଂ ସମ୍ପାଦକ ଅକ୍ଷୟ କୁମାର ରାଉତ ଉଦଘାଟନ କରିଥିଲେ। କଟକସ୍ଥିତ କେନ୍ଦ୍ରୀୟ ରେଡ୍କ୍ରସ ରକ୍ତକେନ୍ଦ୍ରର ଡା. ରାମପ୍ରାସାଦ ରାୟଙ୍କ ତତ୍ତ୍ୱାବଧାନରେ ଉଭୟ ଶିବିରରୁ ମୋଟ ୨୭ ୟୁନିଟ୍ ଓ ୧୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଓଡ଼ିଶା ରକ୍ତଦାତା ମହାସଂଘର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ରାଉତ, ତ୍ରିଲୋଚନ ଦାସ, ସମରେନ୍ଦ୍ର ଜେନା ଓ ରୁଚିକା ମାର୍କେଟ ଦୁର୍ଗା ପୂଜା କମିଟି ସଭ୍ୟମାନେ ସହଯୋଗ କରିଥିଲେ। ଭ୍ରାମ୍ୟମାଣ ବସ ସମ୍ମୁଖରେ ମାଇକ୍ ଯୋଗେ ଡ. ସାହୁ ଓ ଶ୍ରୀ ରାଉତଙ୍କ ସଚେତନା ଓ ପ୍ରେରଣା ଦ୍ୱାରା ଅନୁପ୍ରାଣୀତ ହୋଇ ପ୍ରଥମଥର ପାଇଁ ରକ୍ତଦାନ କରୁଥିବା ଯୁବ ସ୍ୱେଚ୍ଛାସେବୀମାନଙ୍କ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଓଡ଼ିଶା ରକ୍ତଦାତା ମହାସଂଘ ତରଫରୁ ଆୟୋଜିତ ଏହି ଶିବିରରେ ରୁଚିକା ମାର୍କେଟ ଦୁର୍ଗା ପୂଜା ସମିତିର ସ୍ୱେଚ୍ଛାସେବୀମାନେ ମଧ୍ୟ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ବୈଠକ

# ସଜାଗ ରହିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ବଲାଙ୍ଗିର, ୩୧।୫(ସମିସ)**

ବଲାଙ୍ଗିର ଓସ୍ୱାନ ସମ୍ମିଳନୀକକ୍ଷରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଓ ପରିଚାଳନା ବୈଠକ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିୱାଜୀ ଇସଲୱାର ଏଥିରେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ବର୍ଷା ମୌସୁମୀରେ ସମ୍ଭାବ୍ୟ ବନ୍ୟା, ବାତ୍ୟା, ବଜ୍ରପାତ ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଜିଲ୍ଲାସ୍ତରରେ ପ୍ରସ୍ତୁତି ସମୀକ୍ଷା କରାଯାଇଛି। ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପକେନ୍ଦ୍ରରେ ସ୍ୱତନ୍ତ୍ର ମେଡିକାଲ୍ ଟିମ୍ ଗଠନ କରାଯିବା ସହ ସାପ କାମୁଡା ଇଞ୍ଜେକ୍ସନ୍ ଓ ଓଆରଏସ ପର୍ଯ୍ୟାପ୍ତ ମାତ୍ରାରେ ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସମ୍ଭାବ୍ୟ ବିପର୍ଯ୍ୟୟ ସମୟରେ ପ୍ରତି ବ୍ଲକରେ ଶୁଖିଲା ଖାଦ୍ୟ, କିରୋସିନ, ପଲିଥିନ ଓ ଜୀବନରକ୍ଷାକାରୀ ଔଷଧର ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରଖିବା ସହ ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନଦୀ ଓ କେନାଲ ବନ୍ଧର ଦୁର୍ବଳ ସ୍ଥାନଗୁଡ଼ିକୁ ଚିହ୍ନଟ କରି ତୁରନ୍ତ ମରାମତି କରିବା, ଡ୍ରେନେଜ ବ୍ୟବସ୍ଥାକୁ ସଚଳ ରଖିବା ଏବଂ ବର୍ଷାଜଳର ଅବାଧ ପ୍ରବାହ ସୁନିଶ୍ଚିତ କରିବା ପାଇଁ ଜଳସେଚନ, ପଞ୍ଚାୟତିରାଜ ଓ ସହରାଞ୍ଚଳ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଜାରି କରାଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଜିଲ୍ଲା, ବ୍ଲକସ୍ତରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ୧୫ ଜୁନ୍‌ରୁ କାର୍ଯ୍ୟକ୍ଷମ କରାଯିବ। ଜନସାଧାରଣଙ୍କ ସୁବିଧା ପାଇଁ ଜିଲ୍ଲା ଜରୁରୀକାଳୀନ ହେଲ୍ପଲାଇନ୍ ନମ୍ବର ୦୬୬୫୨-୨୩୦୯୬୯ ଓ ୯୪୩୮୭୭୬୩୯୭ ଜାରି କରାଯାଇଛି।




ପଶୁ ସମ୍ପଦ ବିଭାଗକୁ ପଶୁ ଟୀକାକରଣ ଓ ଚିକିତ୍ସା ସେବା ପାଇଁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। କୃଷି ବିଭାଗକୁ ବନ୍ୟା ପରବର୍ତ୍ତୀ କୃଷି ସହାୟତା ଯୋଜନା ପ୍ରସ୍ତୁତ କରିବା ସହିତ ଚାଷୀଙ୍କ ପାଇଁ ବିହନ, ସାର ଓ କୀଟନାଶକର ଉପଲବ୍ଧତା ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି। ଆବଶ୍ୟକ ସ୍ଥଳରେ ଅସ୍ଥାୟୀ ଆଶ୍ରୟସ୍ଥଳ ଚିହ୍ନଟ କରିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା, ଜରୁରୀକାଳୀନ ପରିସ୍ଥିତି ଓ ରାସ୍ତା ଅବରୋଧ ନିରାକରଣ ପାଇଁ ଓଡ୍ରାଫ, ଅଗ୍ନିଶମ ବାହିନୀ, ପୋଲିସ୍ ଟିମ୍ ଓ ପୌର ସଂସ୍ଥାଙ୍କୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମ ସ୍ତରରେ ପଞ୍ଚାୟତ ବୈଠକ ଓ ସ୍କୁଲ ମାଧ୍ୟମରେ ବଜ୍ରପାତ ଓ ବନ୍ୟା ସମୟରେ କରଣୀୟ କର୍ତ୍ତବ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବ। ଅଯଥା ଗୁଜବ ଓ ଅପ୍ରଚାରୁ ଦୂରେଇ ରହିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଜିଲ୍ଲାପାଳ କହିଛନ୍ତି, ଜନଜୀବନ ସୁରକ୍ଷା ଆମର ପ୍ରଥମ ପ୍ରାଥମିକତା। କୌଣସି ପ୍ରକାର ଅବହେଳା ଗ୍ରହଣୀୟ ନୁହେଁ। ସମସ୍ତ ବିଭାଗ ନିଜ ନିଜ ଦାୟିତ୍ୱ ତୁରନ୍ତ ସମ୍ପନ୍ନ କରିବାକୁ ପଡ଼ିବ। ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ନିଜ-ନିଜ କାର୍ଯ୍ୟକ୍ଷେତ୍ରରେ ସତର୍କ ରହି ସ୍ଥିତି ଉପରେ ନିରନ୍ତର ନଜର ରଖିବା ଓ ପ୍ରତିଦିନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପବିତ୍ର ବେହେରା, ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ତରଣୀ ସୁନା, ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ ପଟେଲ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମୃତ ପଣ୍ଡା, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରିୟବ୍ରତ ମହାନ୍ତି, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶୋଭିନା ଭୋଇ, ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ବିଭାଗର ନିର୍ବାହୀ ଯନ୍ତ୍ରୀ ଗଗନ କିଶାନ, ବିଦ୍ୟୁତ୍ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁବ୍ରତ ସେଠ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝିଙ୍କ ସହ ଜନସ୍ୱାସ୍ଥ୍ୟ ବିଭାଗ, ଜଳ ସେଚନ ବିଭାଗ, ଜଳ ସମ୍ପଦ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟ ପ୍ରସ୍ତୁତି ଓ ପରିଚାଳନା ବୈଠକରେ ଆଭାସୀ ମାଧ୍ୟମରେ ସମସ୍ତ ଉପଜିଲ୍ଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଅନାନ୍ୟ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ମନମୁଣ୍ଡା ଡାକ୍ତରଖାନାରେ ୨ ପ୍ରକାରର ପ୍ରେସକ୍ରିପସନ

**ଶଗଡ଼ା, ୩୧।୫ (ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଡାକ୍ତରଖାନାରେ ଏକ ଅଜବ ବ୍ୟବସ୍ଥା ଚାଲିଥିବା ଦେଖିବାକୁ ମିଳିଛି। ଚିକିତ୍ସା ପାଇଁ ଆସୁଥିବା ରୋଗୀଙ୍କ ପାଇଁ ୨ଟି ପ୍ରେସକ୍ରିପସନର ବ୍ୟବସ୍ଥା କରାଯାଇଛି। ଗୋଟିଏ ପ୍ରେସକ୍ରିପସନରେ ଡାକ୍ତରଖାନାର ନିରାମୟ କେନ୍ଦ୍ରରୁ ମାଗଣା ଔଷଧ ସହ ଅନ୍ୟଟି ବାହାର ଔଷଧ ଦୋକାନରୁ ଆଣିବା ପାଇଁ ଡାକ୍ତର କହୁଥିବା ଅଭିଯୋଗ ହୋଉଛି। ସରକାର ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ପାଇଁ ମାଗଣା ଔଷଧର ବ୍ୟବସ୍ଥା କରିଥିବା ବେଳେ ମନମୁଣ୍ଡା ଡାକ୍ତରଖାନାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଆଜି ଚନ୍ଦନିଆ ମୁଣ୍ଡା ଗ୍ରାମର ସ୍ୱାଧୀନ ଭୋଇ ବାଇକ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସା ପାଇଁ ମନମୁଣ୍ଡା ଡାକ୍ତରଖାନାକୁ ଆସିଥିଲେ। ଡାକ୍ତର ଅଙ୍କିତ ପ୍ରଧାନ ତାଙ୍କୁ ଚିକିତ୍ସା କରିବା ପରେ ଦୁଇଟି ପ୍ରେସକ୍ରିପସନ ଦେଇଥିଲେ। ଗୋଟିଏ ନିରାମୟ କେନ୍ଦ୍ରରୁ ଓ ଅନ୍ୟଟି ବାହାର ଔଷଧ ଦୋକାନରୁ ଆଣିବା ପାଇଁ କହିଥିଲେ। ସେହିପରି ଆଜି ବିଚିକା ଗ୍ରାମର ଦେବାଂଶୀ ସାହୁ ଜ୍ୱରରେ ପୀଡିତ ହୋଇ ମନମୁଣ୍ଡା ଡାକ୍ତରଖାନାକୁ ଆସିଥିବା ବେଳେ ତାଙ୍କୁ ମଧ୍ୟ ଏଭଳି ୨ଟି ପ୍ରେସକ୍ରିପସନ ଦିଆଯାଇଥିଲା। ସରକାର ଡାକ୍ତରଖାନା ଗୁଡିକରେ ଅତ୍ୟାବଶ୍ୟକୀୟ ଔଷଧ ମହଜୁଦ ରହିଥିବା କହୁଥିବା ବେଳେ ମନମୁଣ୍ଡା ଡାକ୍ତରଖାନାରେ ଦୁର୍ଘଟଣା ଓ ଜ୍ୱର ଭଳି ସାଧାରଣ ଔଷଧ ମହଜୁଦ ନ ଥିବାରୁ ରୋଗୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଘଟଣା ସମ୍ପର୍କରେ ଡାକ୍ତର ଅଙ୍କିତ ପ୍ରଧାନଙ୍କୁ ପଚାରିବାରୁ ନିରାମୟରେ ଔଷଧ ନ ଥିବାରୁ ବାହାରୁ କିଣିବା ପାଇଁ ଦୁଇଟି ପ୍ରେସକ୍ରିପସନ ଦେଇଥିବା କହିଥିଲେ। ଅନ୍ୟପଟେ ଜିଲ୍ଲା ମୁଖ୍ୟ ଚିକିତ୍ସାଧାରୀ ମହେନ୍ଦ୍ର ସାହୁଙ୍କୁ ପଚାରିବାରୁ ଗୋଟିଏ ପ୍ରେସକ୍ରିପସନ ଦେବା କଥା ବୋଲି କହିବା ସହ ନିରାମୟ କର୍ମଚାରୀ ନ ଥିବା ଔଷଧ ବାହାରୁ ଆଣିବାକୁ କହିଥିବା କହିଥିଲେ।

## ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ଅବସର ଗ୍ରହଣ



**ବଲାଙ୍ଗିର, ୩୧।୫(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ କରନପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି କାର୍ଯ୍ୟରତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୁଶଲେଶ୍ୱର ବିଶ୍ୱାଳ ଅବସର ଗ୍ରହଣ କରିଛନ୍ତି। ପୂର୍ବତନ ବିଆର୍‌ସିସି ରାଜେନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ରବୀନ୍ଦ୍ର ମନହୀରା, ମୁଖ୍ୟବକ୍ତା ଭାବେ ସୋମନାଥ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ସିଆରସିସି କାହ୍ନା ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ କରୁଣାକର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ।

## ଉପରଝରରେ ଅଜଣାବ୍ୟକ୍ତି ଉଦ୍ଧାର

**ଦେଓଗାଁ, ୩୧।୫(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଉପରଝର ନିକଟରେ ଜଣେ ଅଜଣାବ୍ୟକ୍ତି ଅସହାୟ ତଥା ଅସୁସ୍ଥ ଅବସ୍ଥାରେ ପଡ଼ିରହିଥିଲାବେଳେ ସ୍ଥାନୀୟ ଯୁବ ସଂଗଠନର କର୍ମକର୍ତ୍ତା ଉଦ୍ଧାର କରିଛନ୍ତି। ରମେଶ ମହାପାତ୍ରଙ୍କ ନଜରରେ ଆସିବା ପରେ ଦିନେଶ ପଧାନ, ରାଜା ପଧାନ, ଧନମାଳି ଭୋଇ, ରଞ୍ଜନ ପଧାନ, କାଶୀ ବିଶ୍ୱାଳ, ସୁଧୀର ପଧାନ, ଆଲୋକ ପଧାନ ପ୍ରମୁଖ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଦେଓଗାଁ ଗୋଷ୍ଠୀ ଚିକିତ୍ସାଳୟକୁ ପ୍ରାଥମିକ ଚିକିତ୍ସା ପାଇଁ ପଠାଇଥିଲେ। ତେବେ ସମ୍ପୃକ୍ତ ଯୁବକଙ୍କ ପରିଚୟ ମିଳି ନ ଥିବା ଜଣାପଡ଼ିଛି।

## ୨ ମାସ ହେଲା ମିଳିନି ଭତ୍ତା

**ଦେଓଗାଁ, ୩୧।୫(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକରେ ୨ମାସ ହେଲା ବୃଦ୍ଧ, ବିଧବା ଓ ଭିନ୍ନକ୍ଷମ ହିତାଧିକାରୀଙ୍କୁ ପ୍ରଶାସନ ଭତ୍ତା ଟଙ୍କା ଦେଇନି। ଏହାଫଳରେ ଏମାନେ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ଏନେଇ ପ୍ରତ୍ୟେକ ଗାଁରେ ହିତାଧିକାରୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ବ୍ଲକର ୫୫୧୭ ଜଣ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଗତ ଏପ୍ରିଲ ଓ ମେ ମାସ ମିଶାଇ ୨ମାସକୁ ପ୍ରାୟ ୧କୋଟି ୩୦ଲକ୍ଷ ଟଙ୍କା ଭତ୍ତା ପ୍ରଦାନ କରାଯାଇ ନାହିଁ। ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ ଯୋଜନାରେ ହିତାଧିକାରୀଙ୍କୁ ଠିକ୍ ଭାବେ ଭତ୍ତା ପ୍ରଦାନ କରାଯାଉଛି। ତେବେ କେନ୍ଦ୍ର ସରକାରଙ୍କ ତରଫରୁ ଦିଆଯାଉଥିବା ଇନ୍ଦିରା ଗାନ୍ଧୀ ଭତ୍ତା ଯୋଜନାରେ କାହିଁକି ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ଠିକ୍ ଭାବେ ହୋଇପାରୁନାହିଁ ବୋଲି ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରକାରଙ୍କ ଏଭଳି ଅବହେଳାକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି। ଏନେଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସିଦ୍ଧାର୍ଥ ସେଠଙ୍କୁ ପଚାରିବାରୁ ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ ଯୋଜନା ଠିକ୍ ଭାବେ ଚାଲିଛି; ହେଲେ କେନ୍ଦ୍ର ସରକାରଙ୍କ ଇନ୍ଦିରା ଗାନ୍ଧୀ ଭତ୍ତା ଯୋଜନାରେ ବ୍ୟାଙ୍କ ମାଧ୍ୟମରେ ଜମାଖାତାକୁ ଦିଆଯାଉଥିବାରୁ ତାହା ୨ମାସ ହେଲା ଆସିନାହିଁ। ଆଉ ୨/୩ ଦିନ ମଧ୍ୟରେ ଠିକ୍ ହୋଇଯିବ ବୋଲି କହିଛନ୍ତି।

## ଶ୍ରମିକ ଯାଉଛି ଦାଦନ; ମେସିନ କରୁଛି କାମ

**କଣ୍ଟାମାଳ, ୩୧।୫ (ସମିସ):** ଭିବିରାମଜି ଯୋଜନା ମାଧ୍ୟମରେ ଶ୍ରମିକମାନଙ୍କୁ କାମ ଯୋଗାଇଦେବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଘୋଷଣା କରିଛନ୍ତି। ରାଜ୍ୟକୁ ଦାଦନମୁକ୍ତ କରିବା ଲାଗି ରାଜ୍ୟ ସରକାର ସବୁବେଳେ ଭାଷଣ ମାରୁଛନ୍ତି। ଲୋକେ କିନ୍ତୁ କାମ ପାଉ ନାହାନ୍ତି। ଏଣୁ ପରିବାର ପୋଷଣ ପାଇଁ ଦାଦନ ଯାଉଛନ୍ତି। ସେଠାରେ ସର୍ଦ୍ଦାର କବ୍‌ଜାରେ ପଡ଼ି ଅତ୍ୟାଚାରର ସମ୍ମୁଖୀନ ହେଉଛନ୍ତି। ସେଠାରୁ ପୁଣି କିଏ ଶବ ହୋଇ ଆସୁଛି। ସରକାରୀ କର୍ମଚାରୀ, ରାଜନେତା ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକାରେ ସବୁ ଚାଲିଛି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଲମ୍ବସରୀ ପଞ୍ଚାୟତରେ ମେସିନ୍‌ରେ କାମ ଚାଲିଥିବା ଅଭିଯୋଗ ହୋଇଛି। ଲୋକେ କିନ୍ତୁ କାମ ପାଉ ନାହାନ୍ତି। ମୁଖ୍ୟ ରାସ୍ତାଠାରୁ ପୁରମୁଣ୍ଡା ରାସ୍ତା, ପୁରମୁଣ୍ଡା ପୋଖରୀ ଖନନ, ତୁଳାବାଲି ଛକଠାରୁ ମୁର୍ଡା ରାସ୍ତା, ଝାରମୁଣ୍ଡାଠାରୁ ବଡ ଫେସଫେଡି ରାସ୍ତା, ଲାଖ ପାର୍ବତଠାରୁ ବଡ଼ ଝାରମୁଣ୍ଡା କେନାଲ, ସାଲେପାଲି ପୋଖରୀ ଖନନ, ଅରକପଦରଠାରୁ ଗୋଇରକନା ରାସ୍ତା, ମୁଖ୍ୟରାସ୍ତାଠାରୁ ସେଲାମାକ ରାସ୍ତା ଆଦି ବିନା ସୂଚନାଫଳକରେ ଓ ମେସିନ ଦ୍ୱାରା କାମ ଚାଲିଛି।

## ମୁଦଲସର ଗାଁ ସଫେଇ ଅଭିଯାନ

**ପାଟଣାଗଡ଼ଁ, ୩୧।୫(ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଭରତବାହାଲ ପଞ୍ଚାୟତ ଅଧୀନ ମୁଦଲସର ଗାଁରେ ରାଇଜିଂ ୟୁଥ୍ କ୍ଲବ୍ ପକ୍ଷରୁ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ରବିବାର ଗାଁ ସଫେଇ ଅଭିଯାନ କରାଯାଇଛି। ଗାଁ ସ୍କୁଲ ପରିସରରୁ ଗାଁ ଶେଷ ମୁଣ୍ଡ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଅଳିଆ ଆବର୍ଜନା ଗଦା ହୋଇ ପଡ଼ିରହିଥିଲା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗାଁ କଲ୍ୟାଣ ସମିତି ପାଣ୍ଠି ତରଫରୁ ହେଉଥିବା ସଫେଇ କାର୍ଯ୍ୟକ୍ରମ ମଧ୍ୟ ହେଉ ନ ଥିଲା। ଗାଁ ପରିବେଶକୁ ଦୃଷ୍ଟିରେ ରଖି ଗାଁର ଯୁବ ଗୋଷ୍ଠୀଙ୍କୁ ନେଇ କିଛି ଦିନ ତଳେ ଗଠନ ହୋଇଥିବା ରାଇଜିଂ ୟୁଥ୍ କ୍ଲବ୍ ଓ ଗାଁ ବାସୀଙ୍କ ମିଳିତ ସହଯୋଗରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ସଫେଇ ଅଭିଯାନରେ ୟୁଥ୍ କ୍ଲବ ସଭାପତି ରବି ମାଝୀ, ସମ୍ପାଦକ ଚୈତନ୍ୟ ତ୍ରିପାଠୀ, ଉପ ସଭାପତି ରୁଦ୍ର ଧରୁଆ, ହେମନ୍ତ ଭୁଏ, ହେମସାଗର ମଲ୍ଲିକ, ଗୋପାଳ ବନଛୋର, ଗୋପାଳ ପୋଡ଼, ଶିବାନନ୍ଦ ଜେନା, ସୁଶିଲ ଜେନା, ଆବାସ ତ୍ରିପାଠୀ, ଅଜିତ ବଗର୍ତ୍ତୀ, ସୁବଳ ତ୍ରିପାଠୀ, ତୋଳାମଣି ଜାଲ, ହିରୋଜ ଜେନା, ବସନ୍ତ ଭୁଏ, ବଜରଙ୍ଗ ପଧାନ, ମନୋଜ ବନଛୋର, ସସ୍ମିତ ମିଶ୍ରଙ୍କ ସହ ଅନ୍ୟାନ୍ୟ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

### କାଦୋପଡ଼ାରେ ନିମ୍ନମାନର କଂକ୍ରିଟ ନାଳ କାମ ଘଟଣା

## ଅସରାଏ ବର୍ଷାରେ ଘର ଭିତରକୁ ପଶିଲା ପାଣି

**ପାଟଣାଗଡ଼, ୩୧।୫ (ସମିସ):** ପାଟଣାଗଡ଼ ସହରର କାଦୋପଡ଼ାରେ ଡ୍ରେନ ନିର୍ମାଣ କାମ ଚାଲିଛି। ନିମ୍ନମାନର କାମକୁ ନେଇ ପଡ଼ାବାସୀ ଘୋର ଅସନ୍ତୋଷ ବ୍ୟକ୍ତ କରିଆସୁଛନ୍ତି। ଏହି ଅସନ୍ତୋଷ ଶନିବାର ଉଗ୍ରରୂପ ନେଇଥିଲା। ସକା ପଡ଼ାର ଯୁବଗୋଷ୍ଠୀ ଏନଏସି କାର୍ଯ୍ୟାଳୟକୁ ଯାଇ ତଦାରଖ ଦାୟିତ୍ୱରେ ଥିବା ଜେଇ ଓ ଇଓଙ୍କୁ ଘେରିଥିଲେ। ସଙ୍ଗେ ସଙ୍ଗେ ଇଓ ନାରାୟଣ ଦଣ୍ଡସେନା ଓ ଜେଇ କାଦୋପଡ଼ାକୁ ଆସି ସ୍ଥିତି ପରଖିଥିଲେ। ୩ ଦିନମଧ୍ୟରେ ସମସ୍ୟାର ସମାଧାନ ପ୍ରତିଶ୍ରୁତି ଦେଲାପରେ ପଡ଼ାବାସୀ ଚୁପ୍ ରହିଥିଲେ। ଅନ୍ୟପଟେ ଶନିବାର ବିଳମ୍ବିତ ରାତ୍ରିରେ ହୋଇଥିବା ଅସରାଏ ବର୍ଷାରେ କଦୋପଡ଼ାବାସୀଙ୍କ ଘର ଭିତରକୁ ପାଣି ପଶିଥିଲା। ଏହି ଘଟଣାକୁ ନେଇ ରବିବାର ପୁଣି ଘର ଭିତରକୁ ପାଣି ପଶିଥିବା ଦୃଶ୍ୟ ଦେଖାଇବା ପାଇଁ ଲୋକେ ତଦାରଖ ଦାୟିତ୍ୱରେ ଥିବା ଜେଇଙ୍କୁ ପଡ଼ାକୁ ଡାକି ଘେରିଥିଲେ। ନିମ୍ନମାନର କାମ ହୋଇଥିବା ଜେଇ ଓ ଇଓଙ୍କୁ ଜଳ ଜଳ ଦିଶୁଥିଲେ ହେଁ ଠିକାଦାର ପ୍ରତି କି ପ୍ରୀତି ରହିଛି ଯେ ଏ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ୍ ରହିଛନ୍ତି ବୋଲି ପଡ଼ାବାସୀ ଅଭିଯୋଗ ଆଣିଛନ୍ତି। ଅନ୍ୟପଟେ ଡ୍ରେନ ନିର୍ମାଣ ପାଇଁ ଖୋଲାଯାଇଥିବା ଗାତରେ ଆଣ୍ଠୁଏ ପାଣି ଥାଇ ମଧ୍ୟ କଂକ୍ରିଟ କରଣ କରାଯାଉଛି। ତେବେ ନିମ୍ନମାନର କାମ ପାଇଁ ଏତେ ପ୍ରମାଣ ସତ୍ତ୍ୱେ ଏନଏସି ପ୍ରଶାସନ କାହିଁକି ଏ ପର୍ଯ୍ୟନ୍ତ ଠିକାଦାର ବିରୋଧରେ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ସାହସ ଜୁଟାଇ ପାରୁନାହିଁ ଏହାର ଭିତିରି ରହସ୍ୟକୁ ନେଇ ପ୍ରଶ୍ନ ଉଠିଛି। ତେବେ ଠିକାଦାର ଜଣକ ଶାସକ ଦଳର ହୋଇଥିବାରୁ ଡ୍ରେନ କାମ ଯେଉଁଳି କଲେ ମଧ୍ୟ ପ୍ରଶାସନ ହାତ ମାରିପାରୁନାହିଁ ବୋଲି ଗୁରୁତର ଅଭିଯୋଗ ମଧ୍ୟ ଆସିଛି। ସ୍ଥାନୀୟ ବିଧାୟକ କେଭି ସିଂ ଦେଓଙ୍କ ପ୍ରଚେଷ୍ଟାରେ କାଦୋପଡ଼ାବାସୀଙ୍କ ହିତ ପାଇଁ ପ୍ରାୟ ଦୁଇ କୋଟି ଟଙ୍କା ଡ୍ରେନ ନିର୍ମାଣ ପାଇଁ ମଞ୍ଜୁର ହୋଇଛଇ; କିନ୍ତୁ ଠିକାଦାରଙ୍କ ନିମ୍ନମାନର କାମ ଯୋଗୁଁ ଓ କାର୍ଯ୍ୟାନୁଷ୍ଠାନ ନ ହେବା ଯୋଗୁଁ ପଡ଼ାର କିଛି ଯୁବକ ବିଧାୟକଙ୍କ ପ୍ରତି ଅସନ୍ତୋଷ ପ୍ରକାଶ କରିଲେଣି। ଏହି ଘଟଣାରେ ତୁରନ୍ତ ଠିକାଦାରଙ୍କ ଟେଣ୍ଡର ବାତିଲ ସହ ବିଲ୍ ସମ୍ପୂର୍ଣ୍ଣ ବନ୍ଦ କରାଯାଇ ନୂତନ ଭାବେ ଡ୍ରେନ ନିର୍ମାଣ କାମ କରିବା ପାଇଁ ପଡ଼ାବାସୀ ଦାବି କରୁଛନ୍ତି। ଏହି ଘଟଣାରେ ଏନଏସି ଇଓ ନାରାୟଣ ଦଣ୍ଡସେନାଙ୍କୁ ଅବଗତ କରିବାରୁ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପଟେ ଏହି ନିମ୍ନମାନର ଡ୍ରେନ କାମକୁ ନେଇ ପଡ଼ାବାସୀ ରାଜ ରାସ୍ତାକୁ ଓହ୍ଲାଇବା ପାଇଁ ସଜବାଜ ହେଉଛନ୍ତି।

**ଜେଇଙ୍କୁ ପୁଣି ଘେରିଲେ ପଡ଼ାବାସୀ**

## ବୁଢ଼ାବାହାଲରେ ଜିଲ୍ଲା ଷାଠିଏ ଘର ଡୁମାଲ ସମାଜର ବୈଠକ

**ଦେଓଗାଁ, ୩୧।୫(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ବନ୍ଧପଡ଼ା ପଞ୍ଚାୟତ ଫଂସୀ କେନ୍ଦ୍ର ବୁଢ଼ାବାହାଲ ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଜିଲ୍ଲା ଷାଠିଏ ଘର ଡୁମାଲ ସମାଜର ଏକ ଜିଲ୍ଲାସ୍ତରୀୟ ସାଂଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଶରତ ମହାକୁର ଏଥିରେ ସଭାପତିତ୍ୱ କରିଥିଲେ। ନୂତନ ଜିଲ୍ଲା ସମ୍ପାଦକ ରୂପେ ସୁବଳ ଖମାରୀ, ଉପସଭାପତି ଭାବେ ପୁରୁଷୋତ୍ତମ କଲତା, ସହସମ୍ପାଦକ ଭାବେ ଶଙ୍କର୍ଷଣ ଭୋଇ, କୋଷାଧ୍ୟକ୍ଷ ଭାବେ ନାରାୟଣ କମ୍ପ, ସଭ୍ୟ ରୂପେ ମାଳିକ ମହାକୁର, ଦୟାନିଧି ଖମାରୀ, ଚକାନନ୍ଦ କମ୍ପ, ବୁଦ୍ଧଦେବ ମହାକୁର, ସଞ୍ଜୟ ମହାକୁର, ମଧୁସୂଦନ ଖେତି ଓ ବୁଦ୍ଧଦେବ ମେର୍ଲି, ଉପଦେଷ୍ଟା କମିଟିରେ ପୂର୍ବ ଜିଲ୍ଲା ସଭାପତି ଲମ୍ବୋଦର ମହାକୁର, ଧରଣୀଧର ପାତ୍ର, ସଦାନନ୍ଦ ଗୁରାଣ୍ଡି, ବିଶ୍ୱାମିତ୍ର ବଘାର, ଚମରା ମହାକୁର, ଶୁକ୍ଳାମ୍ବର ନାଏକ ଓ ଗଙ୍ଗାଧର ବାରିକଙ୍କୁ ମନୋନୀତ କରାଯାଇଥିଲା। ବୈଠକରେ ଚକ୍ ସଭାପତି ହରେକୃଷ୍ଣ ମହାକୁର, ବୃଷଭ ଦନ୍ତା, ପ୍ରଫୁଲ୍ଲ ବଘାର, ବନମାଳୀ ଖମାରୀ, ଗୋପବନ୍ଧୁ କର୍ମୀ, ଭୋପାଳ ଚନ୍ଦ୍ର ମହାକୁର, କନ୍ଦର୍ପ ଦନ୍ତା, ଲଛମନ ମହାକୁର, ଜଗମୋହନ କର୍ମୀ, ଶଶିଭୂଷଣ ମହାକୁର, ଗୋରେଖ ପଧାନ, ରଜନୀକାନ୍ତ ଡାଙ୍ଗ, ସତ୍ୟବାଦୀ ମହାକୁରଙ୍କ ସହ ଚକ୍ ସମ୍ପାଦକ ଫକୀର ମୋହନ ଖମାରୀ, ନିରଞ୍ଜନ କର୍ମୀ ଓ ଦୁର୍ଗାନନ୍ଦ ମହାକୁରଙ୍କ ସମେତ ଜିଲ୍ଲାର ସମସ୍ତ ଚକ୍ ସଭାପତି, ସମ୍ପାଦକ ଓ ଜିଲ୍ଲା କମିଟିକୁ ମନୋନୀତ ହୋଇଥିବା ସଦସ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଫଂସୀ କେନ୍ଦ୍ର ସମ୍ପାଦକ ନାରାୟଣ କର୍ମୀଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ କନ୍ଦେଧନବାହାଲି ଚକ୍ ସମ୍ପାଦକ ଭୋଜରାଜ କଲତା ଧନ୍ୟବାଦ୍ ଦେଇଥିଲେ।

## ଜିଲ୍ଲାସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ଉଦ୍‌ଯାପିତ



**ବଲାଙ୍ଗିର, ୩୧।୫(ସମିସ):** ବଲାଙ୍ଗିର ଜିଲ୍ଲା ତାଏକ୍ୱୋଣ୍ଡୋ ସଂଘ ତରଫରୁ ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗିର ଜିଲ୍ଲା ସଂଘର ସମ୍ପାଦକ ଅସୀମ ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ସମ୍ମାନୀତ ଅତିଥି ଭାବେ ସବ୍ ଜିଭିଜୋନାଲ ପୁଲିସ ଅଫିସର ସରୋଜ ଉପାଧ୍ୟାୟ ଏବଂ ଓଡ଼ିଶା ସଂଘର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ମେଡାଲ ସହ ପୁରସ୍କୃତ କରିଥିଲେ। ଆଜି ଦିନରେ ଝିଅମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ ଶିଖିବା ଅତ୍ୟନ୍ତ ଜରୁରୀ; ଯାହାକି ତାଏକ୍ୱୋଣ୍ଡୋର ଏହା ଏକ ଅଂଶ ବୋଲି ମୁଖ୍ୟ ଅତିଥି ଶ୍ରୀ ବେହେରା କହିଥଲେ। ପୁଲିସ ବିଭାଗର ତାଲିମ ସମୟରେ ଶାରୀରିକ ଖେଳକୁ ଅଧିକ ପ୍ରାଧାନ୍ୟ ଦିଆଯାଇଥାଏ ବୋଲି ସମ୍ମାନିତ ଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ। ମାନସିକ ଓ ଶାରିରୀକ ସ୍ତରରେ ବିକାଶ ଆଣିବାକୁ କ୍ରୀଡାର ଆବଶ୍ୟକତା ରହିଥିବା କୋଚ୍ ଅସୀମ ଭୋଇ କହିଥିଲେ। ଏଥିରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ କୋଣରୁ ଶତାଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଆନନ୍ଦ ପାଢ଼ୀ, ଭୁବନେଶ୍ୱର ଭୋଇ ଓ ପ୍ରଫୁଲ୍ଲ ପଧାନ ସହଯୋଗ କରିଥିଲେ।

## କଲେଜ ଅଧ୍ୟକ୍ଷ, କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ସଇଁତଲା, ୩୧।୫(ସମିସ):** ସଇଁତଲା ପଞ୍ଚାୟତ ସମିତି କଲେଜ ଅଧ୍ୟକ୍ଷ ସରୋଜ ବାରିକ ଏବଂ ସୁରେଶ ମିଶ୍ର ଅବସର ଗ୍ରହଣ କରିଛନ୍ତି। କଲେଜ ପକ୍ଷରୁ ଉଭୟଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଅନୁଷ୍ଠିତ ବିଦାୟ ସମ୍ବର୍ଦ୍ଧନା ସଭାରେ ଅଧ୍ୟାପକ ଶଶୀଭୂଷଣ ପଧାନ ସଂଯୋଜନା କରିଥିଲେ। ଅଧ୍ୟାପକ ଡିଲେଶ୍ୱର ଭୋଇ, ଅଧ୍ୟାପକ ସୁରେଶ ଚନ୍ଦ୍ର ବାଗ, ଘନଶ୍ୟାମ ମାଝୀ, ଭବାନୀ ଶଙ୍କର ବାରିକ, ଲମ୍ବୁଧର ଟାକ୍ରୀ, ରାଜକୁମାର ବଗର୍ତି, ଆଶିଷ ମନ୍ତର ଦର୍ଜୀ, ବନମାଳୀ ବାଗ, ଦେବବ୍ରତ ରଥ, ନିରଞ୍ଜନ ସାହୁ, ଲକ୍ଷ୍ମୀକାନ୍ତ ପୋଡ଼, ଲକ୍ଷ୍ମୀଧର କିସାନ, ଗୌରୀ ଭୋଇ, ମିତ୍ରଭାନୁ ଭୋଇ, ମଦନ ସାହୁ, ଅମି କୁମ୍ଭାର, ଦୀପକ ସେଲମା, ଜଗମୋହନ ସାହୁ, ରତ୍ନାକର ଭୋଇ, ରାନୀ ବଗର୍ତି, ଅଧ୍ୟାପକ ଭବାନୀଶଙ୍କର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବଗୋଷ୍ଠୀଙ୍କୁ କବଳିତ କରିଛି ଗଞ୍ଜେଇ ସିଗାରେଟ

### ବେଧଡକ ବିକ୍ରି, ଜାଣି ଅଜଣା ପୁଲିସ ଓ ଅବକାରୀ

**ବଲାଙ୍ଗିର, ୩୧।୫(ସମିସ)**

ବଲାଙ୍ଗିର ସହର ସମେତ ଜିଲ୍ଲାର ପ୍ରାୟ ସବୁଆଡେ ଯୁବଗୋଷ୍ଠୀଙ୍କୁ ଗଞ୍ଜେଇ ସିଗାରେଟ କିମିଆ କରିଛି। ଗଞ୍ଜେଇ କାରବାର ସମ୍ପୂର୍ଣ୍ଣ ଭାବେ ବେଆଇନ ହୋଇଥିବା ବେଳେ ଏହି ବ୍ୟବସାୟ ଚଳାଇବା ପାଇଁ ଏବେ ବଜାରରେ ଗଞ୍ଜେଇ ସିଗାରେଟର ବେଶ୍ ଚାହିଦା ରହିଛି। ଏନେଇ ଅବକାରୀ ବିଭାଗ ଓ ପୁଲିସ ପାଖରେ ସୂଚନା ସତ୍ତ୍ୱେ ଏହାର ଯାଞ୍ଚ କରାଯାଉନି। ଏହା ଏବେ ପ୍ରତି ଚା ଦୋକାନ, ଗ୍ରୋସରୀ ଦୋକାନରେ ବେଧଡକ ବିକ୍ରି ହେଉଛି। ସହର ତଥା ଗାଁ ଅଞ୍ଚଳରେ ଏବେ ଚା ଆଡ୍ଡା ନାଁରେ ଯୁବଗୋଷ୍ଠୀ ଘଣ୍ଟା ଘଣ୍ଟା ବସି ଏହି ଗଞ୍ଜେଇ ସିଗାରେଟ ଟାଣୁଛନ୍ତି। ସବୁ ଜାଣି ଅଜଣା ସାଜିଛି ଜିଲ୍ଲା ଅବକାରୀ ଓ ପୁଲିସ ବିଭାଗ। ଗୋଟିଏ ପଟେ ପୁଲିସ ଗଞ୍ଜେଇ ଧରିବାକୁ ଉଦ୍ୟମ ଚଳାଇଥିବା ବେଳେ ଅନ୍ୟପଟେ ଗଞ୍ଜେଇକୁ ଆଉ ଏକ ଉପାୟରେ ବିକ୍ରି କରାଯାଉଛି।

ବଲାଙ୍ଗିର ଜିଲ୍ଲାରେ ବେଧଡକ ଭାବେ ଚାଲିଛି ବେଆଇନ ନିଶା କାରବାର। ଗଞ୍ଜେଇ, ନିଶା ବଟିକା, କଫସିରପ, ଅପମିଶ୍ରିତ ଦେଶୀ ମଦ, ନକଲି ବିଦେଶୀ ମଦ କାରବାର ଚାଲିଥିବା ବେଳେ ଏବେ ଗଞ୍ଜେଇ ସିଗାରେଟର ଚାହିଦା ରହିଛି। ଗଞ୍ଜେଇ କାରବାର ବିରୋଧରେ ପୁଲିସ ଓ ଅବକାରୀ ବିଭାଗର ଧରପଗଡ଼ ହେବା ପରେ ଆଉ ଗଞ୍ଜେଇ ପୁଡିଆ ବିକ୍ରୀ ହେଉନାହିଁ; କିନ୍ତୁ ଏବେ ନୂଆ କୌଶଳରେ ଗଞ୍ଜେଇ ବ୍ୟବସାୟ ଚାଲିଛି। ବଲାଙ୍ଗିର ସହର ସମେତ ଜିଲ୍ଲାର ପ୍ରାୟ ଛୋଟ ସହର, ଗାଁରେ ଗଞ୍ଜେଇ ସିଗାରେଟର ବେଶ୍ ଚାହିଦା ରହିଛି। ସିଗାରେଟ ଭିତରେ ଥିବା ସାମଗ୍ରୀ କାଢି ଦେଇ ଭିତରେ ଗଞ୍ଜେଇ ଭରି କରି ବିକ୍ରି ହେଉଛି। ଏପରିକି କିଛି କମ୍ପାନୀ ସିଗାରେଟ ଭଳି କାଗଜ ବିକ୍ରୀ କରୁଛି।



ସେଥିରେ ନିଶାଡି ଗଞ୍ଜେଇ ବିକ୍ରି କରୁଛନ୍ତି। ଆଉ କିଛି ସ୍ଥାନରେ ସିଧାସଳଖ ଗଞ୍ଜେଇ ସିଗାରେଟ ସ୍ଥାନୀୟ ଅଞ୍ଚଳରେ ତିଆରି କରି ବିକ୍ରି କରାଯାଉଛି। ଏହାଦ୍ୱାରା ନା କାହାକୁ କିଛି ସନ୍ଦେହ ହେବ ନା ପୁଲିସ କି ଅବକାରୀ ବିଭାଗର ଦୃଷ୍ଟି ପଡ଼ିବ। ଏହିଭଳି ଭାବେ ବେଶ୍ ଚାଲାକିର ସହ ବଲାଙ୍ଗିର ଜିଲ୍ଲାରେ ଗଞ୍ଜେଇ କାରବାର ଚାଲିଛି। ସତରେ ଏ ବିଷୟରେ ପୁଲିସ କି ଅବକାରୀ ବିଭାଗ ପାଖରେ ଖବର ନାହିଁ ନା ଜାଣିଶୁଣି ଚୁପ୍ ବସିଛି ତାକୁ ନେଇ ପ୍ରଶ୍ନ ଉଠିଛି। ଛୋଟ ପାନ ଦୋକାନଠାରୁ ଆରମ୍ଭ କରି ବଡ ପାନ ମସଲା ହୋଲସେଲର ଦୋକାନ ପର୍ଯ୍ୟନ୍ତ ଏହି ଗଞ୍ଜେଇ ସିଗାରେଟ କାରବାର ଚାଲିଥିବା ଅଭିଯୋଗ ହୋଇଛି। ଚା ଦୋକାନରେ ସିଗାରେଟ ପିଇବା ପାଇଁ ବ୍ୟବସ୍ଥା କରାଯାଉଛି। ଖଟି ନାମରେ ଯୁବକମାନେ ଘଣ୍ଟା ଘଣ୍ଟା ଧରି ଚା ପିଇବା ସହ ସିଗାରେଟ ଟାଣୁଛନ୍ତି। ଏହାର ସୁଯୋଗ ନେଇ ଏହି ଗଞ୍ଜେଇ ସିଗାରେଟ କାରବାର ମଧ୍ୟ ଜୋରସୋରରେ ଚାଲିଛି।

## ମୁଖ୍ୟମନ୍ତ୍ରୀ ଟ୍ରଫି ପାଇଁ ପ୍ରସ୍ତୁତି ବୈଠକ

**ବଲାଙ୍ଗିର, ୩୧।୫(ସମିସ):** ବଲାଙ୍ଗିରରେ ଆଗାମୀ ମୁଖ୍ୟମନ୍ତ୍ରୀ ଟ୍ରଫି-୨୦୨୬ (ବାଳିକା) ଅଣ୍ଡର-୧୪ ଦ୍ୱିତୀୟ ଆନ୍ତଃ-ଜିଲ୍ଲା ସ୍ତରୀୟ ଫୁଟବଲ୍ ଚାମ୍ପିୟନସିପ୍ ଆୟୋଜନ ପାଇଁ ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଜିଲ୍ଲା କ୍ରିଡା ସଂସଦର ସଭାପତି ଡଃ ଶ୍ରୀକର ମିଶ୍ର, ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ, ବଲାଙ୍ଗିର ପୌରପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ଜିଲ୍ଲା କ୍ରିଡା ଅଧିକାରୀ ହରିଓମ ଶମ୍ଭୁ ନାରାୟଣ ଦାସ, କ୍ରୀଡା ଛାତ୍ରାବାସ ଅଧୀକ୍ଷକ ପରାସର ବାଗ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଫୁଟବଲ୍ ଆସୋସିଏସନ୍ ଅଫ୍ ଓଡ଼ିଶା ପକ୍ଷରୁ ଆଗାମୀ ମୁଖ୍ୟମନ୍ତ୍ରୀ ଟ୍ରଫି୨୦୨୬ (ବାଳିକା) ଅଣ୍ଡର-୧୪ ଦ୍ୱିତୀୟ ଆନ୍ତଃ-ଜିଲ୍ଲା ସ୍ତରୀୟ ଫୁଟବଲ୍ ଚାମ୍ପିୟନସିପ୍‌ର ସୂଚୀ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ଟୁର୍ଣ୍ଣାମେଣ୍ଟ ସୂଚୀ ଅନୁଯାୟୀ, ସୋମବାର ଜୋନାଲ୍ ମ୍ୟାଚ୍‌ଗୁଡ଼ିକ ଆରମ୍ଭ ହେବ; ଯେଉଁଠାରେ ଜିଲ୍ଲାର ଅଗ୍ରଣୀ ଯୁବା ବାଳିକା ଫୁଟବଲ୍ ପ୍ରତିଭା ନିଜର କ୍ରୀଡ଼ା କୌଶଳ ପ୍ରଦର୍ଶନ କରିବେ। ଦ୍ୱିତୀୟ ଆନ୍ତଃ-ଜିଲ୍ଲା ସ୍ତରୀୟ ଫୁଟବଲ୍ ଚାମ୍ପିୟନସିପ୍‌ର ଜୋନାଲ୍ ପର୍ଯ୍ୟାୟ ମ୍ୟାଚ୍‌ଗୁଡ଼ିକ ବଲାଙ୍ଗିର ସଦେଇପାଲିସ୍ଥିତ ପଲ୍ଲୀଶ୍ରୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ମୋଟ ୮ଟି ଜିଲ୍ଲା ଦଳ ଭାଗ ନେବେ। ଦଳଗୁଡ଼ିକୁ ଦୁଇଟି ଗ୍ରୁପରେ ବିଭକ୍ତ କରାଯାଇଛି। ଗ୍ରୁପ -ଏ ରେ ବଲାଙ୍ଗିର, ନୟାଗଡ଼, ଦେବଗଡ଼ ଓ ବୌଦ୍ଧ ଓ ଗ୍ରୁପ - ବିରେ ବରଗଡ଼, ସମ୍ବଲପୁର, ସୋନପୁର (ସୁବର୍ଣ୍ଣପୁର) ଓ ନୂଆପଡ଼ା ଦଳ ରହିଛନ୍ତି। ଗ୍ରୁପ ପର୍ଯ୍ୟାୟର ସମସ୍ତ ମ୍ୟାଚ୍ ୧ରୁ ୬ ପର୍ଯ୍ୟନ୍ତ ପଲ୍ଲୀଶ୍ରୀ ଷ୍ଟାଡିୟମ୍‌ରେ କ୍ରମାଗତ ଭାବେ ଅନୁଷ୍ଠିତ ହେବ। ପ୍ରଚଣ୍ଡ ଗ୍ରୀଷ୍ମ ଲହରୀକୁ ଦୃଷ୍ଟିରେ ରଖି, ପ୍ରତିଦିନ ସକାଳ ୬ଟା ୩୦ ଓ ସନ୍ଧ୍ୟା ୫ରେ ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ଷଡ଼ଦିନିଆ କଡ଼ା ମୁକାବିଲା ପରେ ଦୁଇଟି ଗ୍ରୁପର ଶୀର୍ଷ ଦଳ ଆଗକୁ ବଢ଼ିବେ। ଗ୍ରୁପ ଏର ବିଜେତା ଓ ଗ୍ରୁପ ବିର ବିଜେତାଙ୍କ ମଧ୍ୟରେ 'ଜୋନ୍ କ୍ୱାଲିଫାଇ ମ୍ୟାଚ୍' ୭ ତାରିଖ ସକାଳ ସାଢେ ୬ଟାରେ ଗାନ୍ଧୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ଜୋନାଲ୍ କୋ-ଅର୍ଡିନେଟର ଡ. ଶ୍ରୀକର ମିଶ୍ର ଓ ଶରତ ନନ୍ଦଙ୍କ ତତ୍ତ୍ୱାବଧାନରେ ମ୍ୟାଚ୍ ପରିଚାଳିତ ହେବ।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା; ଜଣେ ଗୁରୁତର

**ଭବାନୀପାଟଣା, ୩୧।୫ (ସମିସ):** ଭବାନୀପାଟଣା ସହର ଶ୍ରୀକୃଷ୍ଣ ନଗର ନିକଟସ୍ଥ ଜାତୀୟ ପଥ୨୬ରେ ରବିବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହେବାଫଳରେ ଜଣେ ଗୁରୁତର ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି।ସୂଚନା ଅନୁସାରେ, ଓଡି୦୮ଆର୮୬୮୫ ଏବଂଓଡି୦୮ ଏକ୍ସ୦୮୫୦ ନମ୍ବର ଦୁଇଟି ବାଇକ୍ ମଧ୍ୟରେ ଜୋରଦାର ଧକ୍କା ଘଟିଥିଲା। ଦ୍ରୁତ ଗତିରେ ଆସୁଥିବା ବାଇକ୍ ଧକ୍କାର ପ୍ରଭାବରେ ଛିଟିକିହୋଇ ଦୂରରେ ପଡ଼ିଥିଲା। ଦୁର୍ଘଟଣାରେ ଗୁରୁତର ଆହତ ବ୍ୟକ୍ତିଙ୍କୁ ତୁରନ୍ତ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନୀୟ ଲୋକମାନେ ନେଇ ଭର୍ତ୍ତି କରାଇଥିଲେ। ତାଙ୍କର ନାମ କାବେରୁ ରଣା, ସେ କଷାକେନ୍ଦୁ କୁମାରପଡ଼ାର ବୋଲି ଜଣାପଡ଼ିଛି। ଦୁର୍ଘଟଣା ଫଳରେ କିଛି ସମୟ ପର୍ଯ୍ୟନ୍ତ ଜାତୀୟ ରାଜ ପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ବାରମ୍ବାର ସଡକ ଦୁର୍ଘଟଣା ଘଟୁଥିଲେ ମଧ୍ୟ ପୁଲିସର ଭୂମିକା ନିଷ୍କ୍ରିୟ ମନେ ହେଉଛି। ବେପୁରୁଆ ଗାଡ଼ି ଚାଳନା ଓ ମଦ୍ୟପାନ କରି ଯାନ ବାହାନ ଚଳାଇବା ଉପରେ ପୁଲିସ ଅଧିକ କଡା ଆଭିମୁଖ୍ୟ ଗ୍ରହଣ କରିବା ଜରୁରୀ ବୋଲି କୁହାଯାଇଛି।

## ବିଜେପି କିଷାନ ମୋର୍ଚ୍ଚା ରାଜ୍ୟ ସଭାପତିଙ୍କ ଗସ୍ତ

# ପତୋରା କ୍ଷତିଗ୍ରସ୍ତଙ୍କୁ ନ ଭେଟି ଚାଲିଗଲେ



**ନୂଆପଡ଼ା, ୩୧।୫(ସମିସ):** ବିଜେପି ରାଜ୍ୟ କିଷାନ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ଦୁଇଦିନିଆ ନୂଆପଡ଼ା ଜିଲ୍ଲା ଗସ୍ତରେ ଆସିଥିଲେ। ବିଭିନ୍ନ ଅଞ୍ଚଳ ବୁଲି କୁକୁଡ଼ା ଚାଷୀ, ପାମ ଚାଷୀଙ୍କୁ ଭେଟି ଅର୍ଥକାରୀ ଫସଲ ଚାଷ କରିବା ଉପରେ ଗୁରୁତ୍ୱ ଦେଇଥିବା ବେଳେ ଜିଲ୍ଲାର ବହୁ ଚର୍ଚ୍ଚିତ ପତୋରା ଡ୍ୟାମ୍ କ୍ଷତିଗ୍ରସ୍ତଙ୍କୁ ନଭେଟି ଚାଲି ଯାଇଛନ୍ତି। ନୂଆପଡ଼ା ଜିଲ୍ଲାରେ ବିଭିନ୍ନ ଚାଷ ପାଇଁ ଉନ୍ନତ କ୍ଷେତ୍ର ରହିଛି। ଜିଲ୍ଲାରେ ବହୁଳ ଭାବେ ଧାନଚାଷ ହେଉଛି। ଧାନ ସହ ପନିପରିବା, ମାଛ, କୁକୁଡ଼ା, ପାମ ଚାଷ ଉପରେ ବେଶୀ ଗୁରୁତ୍ୱ ଦେଲେ ଚାଷୀଙ୍କ ଆର୍ଥିକ ମାନ ଦଣ୍ଡ ସୁଧୁରିବବୋଲି ସ୍ଥାନୀୟ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଆହୁତ ସାମ୍ବାଦିକ ସମ୍ମିଳନୀରେ ବିଜେପି କିଷାନ ମୋର୍ଚ୍ଚା ରାଜ୍ୟ ସଭାପତି ପାଢ଼ୀ କହିଛନ୍ତି।ଜିଲ୍ଲାର ଭାତ ହାଣ୍ଡି କୁହାଯାଉଥିବା ପତତୋରା ଡ୍ୟାମ୍ ପାଣି ସମସ୍ୟା ଯୋଗୁଁ ଚାଷୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। କଂଗ୍ରେସ ଏବଂ ବିଜେଡି ଏହାକୁ ନେଇ ଆନ୍ଦୋଳନ ମଧ୍ୟ କରିଛନ୍ତି। ବିଜେପିର କୌଣସି ନେତୃବୃନ୍ଦ ଯାଉନଥିବା ଏହି ଦଳ ତରଫରୁ ଅଭିଯୋଗ ହେଉଥିବା ସାମ୍ବାଦିକମାନେ କହିବାରୁ ରାଜ୍ୟ ସଭାପତି ଏହାକୁ ହାଲୁକା ଭାବେ ନେଇ ମୋତେ ସର୍କିଟ ହାଉସରେ ଜିଲ୍ଲା ସଭାପତି ସବୁ ବିଷୟ କହିଛନ୍ତି ବୋଲି କହିଲେ। କେବଳ ପତୋରା ଅଞ୍ଚଳ ଯାଇ କ୍ଷତି ଗ୍ରସ୍ତ ଚାଷୀଙ୍କୁ ଭେଟିବା ବଦଳରେ କିଛି କୁକୁଡ଼ା ଚାଷୀଙ୍କୁ ଭେଟିଥିଲେ। ଚାଷୀଙ୍କୁ କ୍ଷତି ପୂରଣ ଦେବା ପାଇଁ ଜିଲ୍ଲାପାଳଙ୍କୁ କହିବା ବଦଳରେ ମଣ୍ଡିରେ ଧାନ ବିକ୍ରି କଥା କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଜେପି କିଷାନ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଆର୍ତ୍ତବନ୍ଧୁ ପୃଷ୍ଟି, ସମ୍ପାଦକ ଦିର୍ଯ୍ୟକିଶୋର ଭୋଇ, କିଷାନ ମୋର୍ଚ୍ଚା ଜିଲ୍ଲା ସଭାପତି ରତନ ଚନ୍ଦ୍ରକାର, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଅଭିନନ୍ଦନ ପଣ୍ଡା, ମଣ୍ଡଳ ସଭାପତି ଗୋବିନ୍ଦ ଦଣ୍ଡସେନା, ସଦାନନ୍ଦ ଯୋଷୀ, ସୁନୀଲ ସାହୁ, ଲୋହିତ ଶବର, ରତନ ଚନ୍ଦ୍ରକାର ପ୍ରମୁଖ ଉପସ୍ଥିତ ଥିଲେ।

# ମାନବାଧିକାର ପରିଷଦ ପକ୍ଷରୁ ଘୋଳ ଦହି ବଣ୍ଟନ




**ଭବାନୀପାଟଣା, ୩୧।୫ (ସମିସ):** ଆଜି କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ଗୁଣପୁର ପଞ୍ଚାୟତ ସାଇସୁରଣୀ ସାପ୍ତାହିକ ରବିବାର ହାଟରେ ଭାରତୀୟ ମାନବ ଅଧିକାର ପରିଷଦର ଅଧକ୍ଷ ଡ଼ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶ ରେ ରାଜ୍ୟ ସଭାପତି ମହମ୍ମଦ ମୁସ୍ତାଫା ଏବଂ କଳାହାଣ୍ଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ଯୋଗେଶ୍ୱର ସାହୁ ଏବଂ ସ୍ୱେଚ୍ଛାସେବୀ ରାଇଦାସ୍ ରେଳି, କେଦାର ଚରଣ ବାଗ୍, ସିମାନ ରେଳିଙ୍କ ତତ୍ତ୍ୱାବଧାନରେ ଘୋଳଦହି ବଣ୍ଟନ କରା ଯାଇଥିଲା। ହାଟର ପ୍ରାୟ ୭ଶହଲୋକଙ୍କୁ ଘୋଳଦହି ବଣ୍ଟନ କରା ଯାଇଥିଲା।

## ଶ୍ରୀବାଲାଜୀ ନର୍ସିଂ ହୋମ ଠକେଇ ଅଭିଯୋଗ ପ୍ରସଙ୍ଗ

# ଜିଲ୍ଲାପାଳଙ୍କ କାର୍ଯ୍ୟାନୁଷ୍ଠାନ ଉପରେ ସମସ୍ତଙ୍କ ନଜର

**ଭବାନୀପାଟଣା, ୩୧।୫(ସମିସ)**

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଶ୍ରୀବାଲାଜି ନର୍ସିଂ ହୋମ ନାଁରେ ଆସିଛି ସାଂଘାତିକ ଅଭିଯୋଗ। ସ୍ୱାସ୍ଥ୍ୟମନ୍ତ୍ରୀ କହୁଛନ୍ତି ଆୟୁଷ୍ମାନ କାର୍ଡରେ ଦେୟମୁକ୍ତ ଚିକିତ୍ସା ସେବା ଯୋଗାଇଦେବା ପାଇଁ ସରକାରୀ ବ୍ୟବସ୍ଥା କାର୍ଯ୍ୟକରୁଛି। କିନ୍ତୁ ସମ୍ପୃକ୍ତ ନର୍ସିଂ ହୋମରେ ଏହି ସୁବିଧା ନ ଥିବା କହି ଜଣେ ରୋଗୀଙ୍କ ଠାରୁ ୪୧ ହଜାର ୩୭୮ ଟଙ୍କା ଠକି ନେଇଥିବା ଘଟଣା ସାମ୍ନାକୁ ଆସିଛି। ଏ ନେଇ ରୋଗୀଙ୍କ ସମ୍ପର୍କୀୟ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପାଖରେ ଅଭିଯୋଗ କରିଥିଲେ ପରେ ଠକେଇ କରିଥିବା ଟଙ୍କାର ତିନିଗୁଣା ଫେରସ୍ତ କରିଛନ୍ତି ନର୍ସିଂ ହୋମ କର୍ତ୍ତୃପକ୍ଷ। ଯାହାକୁ ନେଇ ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରକାଶ ଯେ, ନୂଆପଡ଼ା ଜିଲ୍ଲା ଗୋଡାଲ ଗାଁର ସବିତା ମୁଣ୍ଡ (୭୦) ଗତ କିଛି ଦିନ ତଳେ ଏହି ନର୍ସିଂ ହୋମକୁ ଚିକିତ୍ସା ପାଇଁ ଆସିଥିଲେ। ବୃଦ୍ଧାଙ୍କ ଗୋଡ଼ରେ ଅପରେସନର ଆବଶ୍ୟକତା ରହିଥିଲା। ଇତିମଧ୍ୟରେ ପ୍ରାଥମିକ ଶରୀରର ପରୀକ୍ଷା ନିରୀକ୍ଷା କରାଯାଇ ଗୋଡର ଅପରେସନ କରାଯାଇଥିଲା। ଅପରେସନ ସରିବା ଭିତରେ ନର୍ସିଂ ହୋମ କର୍ତ୍ତୃପକ୍ଷଙ୍କୁ ରୋଗୀଙ୍କ ଭାଇ ତ୍ରିବିକ୍ରମ ଯୋଶୀ ଆୟୁଷ୍ମାନ କାର୍ଡ ଜରିଆରେ ଏହା କରିଦେବା ପାଇଁ କହିଥିଲେ। ହେଲେ ନର୍ସିଂ ହୋମ କର୍ତ୍ତୃପକ୍ଷ ଆୟୁଷ୍ମାନ କାର୍ଡକୁ ମନା କରିବାରୁ ବାଧ୍ୟ ହୋଇ ଭିନ୍ନ ଭିନ୍ନ ସମୟରେ ସେ ଚିକିତ୍ସା ବାବଦକୁ ୪୧ ହଜାର ୩୭୮ ଟଙ୍କା ଡିପୋଜିଟ କରିଥିଲେ। ପରେ ସମୁଦାୟ ଖର୍ଚ୍ଚ ଅର୍ଥର ବିଲ ମାଗିବାରୁ ନର୍ସିଂ ହୋମ କର୍ତ୍ତୃପକ୍ଷ ମନା କରିଦେଇଥିଲେ। ଏହାକୁ ନେଇଁ ତ୍ରିବିକ୍ରମ କଳାହାଣ୍ଡି ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ଜିଲ୍ଲା ମୁଖ୍ୟ




ଚିକିତ୍ସାଧିକାରୀ ଓ ଜିଲ୍ଲାପାଳଙ୍କ ତଦନ୍ତ ପରେ ସତ୍ୟ ସାମ୍ନାକୁ ଆସିଥିଲା। ନର୍ସିଂ ହୋମରେ ଠକେଇର ଧାରା ଧରାପଡ଼ିଥିଲା। ଏହାପରେ ଠକେଇ କରିଥିବା ଟଙ୍କାର ୩ ଗୁଣ ଟଙ୍କା ବୃଦ୍ଧାଙ୍କ ଭାଇ ତ୍ରିବିକ୍ରମଙ୍କୁ ନର୍ସିଂ ହୋମ କର୍ତ୍ତୃପକ୍ଷ ଫେରସ୍ତ କରିଥିବା ଜଣାପଡ଼ିଛି। ଏଭଳି ସଙ୍ଗୀନ ଅଭିଯୋଗ ଜିଲ୍ଲାର ହଜାର ହଜାର ପରିବାରଙ୍କୁ ବ୍ୟଥିତ କରିଛି। ସେପଟେ ସ୍ୱାସ୍ଥ୍ୟ ମନ୍ତ୍ରୀ ଅତି ଦମ୍ଭୋକ୍ତିର ସହ ନିଜ ମନ୍ତବ୍ୟ ରଖିଛନ୍ତି ଯେ ଆୟୁଷ୍ମାନ ଭାରତ କାର୍ଡ ସହ ରୋଗୀ ହସ୍ପିଟାଲରେ ଭର୍ତ୍ତି ହେବା ପରେ ତାହାର ଯାବତୀୟ ଚିକିତ୍ସା ଖର୍ଚ୍ଚ ସମ୍ପୃକ୍ତ ହସ୍ପିଟାଲ ବୁଝିବ। ଏବଂ କାର୍ଡରୁ କାଟିବା ଉଚିତ୍। ମୂଳ ଚିକିତ୍ସା ପୂର୍ବରୁ ଯେଉଁ ସବୁ ଆନୁଷଙ୍ଗିକ ସମସ୍ୟା କିମ୍ବା ଟେଷ୍ଟର ଆବଶ୍ୟକତା ରହୁଛି ତାହା କ୍ୟାସଲେସ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ଚିକିତ୍ସା ହେବବୋଲି ଖୋଦ୍ ମନ୍ତ୍ରୀ ପ୍ରକାଶ କରୁଛନ୍ତି। ଏ ନେଇ ନର୍ସିଂ ହୋମର ମାଲିକ ପ୍ରଦୀପ ମିଶ୍ରଙ୍କୁ ପଚାରିବାରୁ ୩ଗୁଣା ଟଙ୍କା ଫେରେଇ ଥିବା ଘଟଣାକୁ ସ୍ୱୀକାର କରିଥିଲେ। ତେବେ ଆୟୁଷ୍ମାନ କାର୍ଡ ଠକେଇ ଘଟଣାକୁ ଅସ୍ୱୀକାର କରିଥିଲେ। ଯେଉଁ ଟଙ୍କା ନିଆଯାଇଥିଲା ତାହା କେବଳ ସେବା ପାଇଁ ଓ ରୋଗୀଙ୍କୁ ରକ୍ତ ଦିଆଯିବା ସହ ହାର୍ଟ ଓ ସାଇକାଟିକ ସମସ୍ୟାର ଆଶୁ ଚିକିତ୍ସା ପାଇଁ ନିଆଯାଇଥିଲା ବୋଲି କହିଥିଲେ। ତତ୍ ସହିତ ସେ କହିଥିଲେ ୨୯, ୯୦୦ଟଙ୍କା ରୋଗୀଙ୍କ କାର୍ଡରୁ କଟିଛି। ଦୀର୍ଘ ୯ବର୍ଷ ଧରି ସେବା ଯୋଗାଇ ଆସୁଛନ୍ତି। ବ୍ୟବସାୟିକ ଶତ୍ରୁତା କାରଣରୁ ଶ୍ରୀବାଲାଜୀ ନର୍ସିଂ ହୋମର ଛବିକୁ ନଷ୍ଟ କରିବାକୁ ଏହା ଏକ ଅପଚେଷ୍ଟା ହୋଇଥାଇପାରେ ବୋଲି ଶ୍ରୀ ମିଶ୍ର ନିଜ ମତ ରଖିଛନ୍ତି। କଥା ଉଠୁଛି ତେବେ ୩ଗୁଣା ଟଙ୍କା ଦେଲେ କାହିଁକି? କେଉଁଠି ନା କେଉଁଠି ଭୁଲ ରହିଛି। ଇତିମଧ୍ୟରେ ଶ୍ରୀ ବାଲାଜୀ ନର୍ସିଂ ହୋମରେ ଆୟୁଷ୍ମାନ ଭାରତ କାର୍ଡରେ ୫୪୫ଜଣ ରୋଗୀଙ୍କ ଚିକିତ୍ସା ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟରୁ ସୂଚନା ମିଳିଛି।ଜିଲ୍ଲାପାଳ କେବଳ ତିନି ଗୁଣା ଟଙ୍କା ଆଦାୟର ଆଦେଶ ଦେଇ ଚୁପ୍ ରହିବେ ନା ଆଗାମୀ ଦିନରେ ବଡ଼ କାର୍ଯ୍ୟାନୁଷ୍ଠାନ ହେବ ତାହା ଜାଣିବା ପାଇଁ ସମସ୍ତଙ୍କ ଅପେକ୍ଷା। ଜିଲ୍ଲାର ୧୦ଟି ହସ୍ପିଟାଲରେ ଆୟୁଷ୍ମାନ ଭାରତ କାର୍ଡରେ ହଜାର ହଜାର ରୋଗୀ ଚିକିତ୍ସିତ ହୋଇଥିବା ପ୍ରକାଶ। ତେବେ କେତେକ ହସ୍ପିଟାଲରେ ଚଢ଼ା ଦରର ବିଲ (ହାଇବିଲ୍) କରାଯାଉଥିବା ଅଭିଯୋଗ ହେଉଛି। ସେ ଦିଗରେ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଜିଲ୍ଲା

### ମହଙ୍ଗା ପଡ଼ିବ କି ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ମନ୍ତବ୍ୟ

ପ୍ରଶାସନ ନୀରବ କାହିଁକି ? ଜିଲ୍ଲାରେ କାର୍ଡଧାରୀମାନେ ସ୍ୱାସ୍ଥ୍ୟସେବା ନାଁରେ ବାସ୍ତବରେ ଉପକୃତ ହେଉଛନ୍ତି କି ନାହିଁ ତାହା ଜାଣିବା ପାଇଁ ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକ ପଡୁଛି। ରେଣ୍ଡୋମାଝି ମେଡିକାଲ କଲେଜ୍ ଅଥଚ ନର୍ସିଂ ହୋମ ଗୁଡିକରେ ଅସମ୍ଭବ ଭିଡ ପଛର ରହସ୍ୟକୁ ମଧ୍ୟ ଉନ୍ମୋଚନ କରିବାର ସମୟ ଆସିଛି। ଜିଲ୍ଲା ପ୍ରଶାସନ ଏ କ୍ଷେତ୍ରରେ ଗମ୍ଭୀରତାର ସହିତ ବିଚାର କରିବା ଉଚିତ୍। ନଚେତ୍ ଆୟୁଷ୍ମାନ କାର୍ଡ ପ୍ରତି ଆଗ୍ରହ କମି କମି ଯିବ ରୋଗୀକୁ ରୋଗ ମୁକ୍ତ କରି ସେବା ଯୋଗାଇବା କେବଳ ଅର୍ଥ ରୋଜଗାରର ମାଧ୍ୟମ ପାଲଟିବ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି।

# ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

**ଧର୍ମଗଡ଼, ୩୧।୫(ସମିସ):** ଧର୍ମଗଡ଼ ବ୍ଲକ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଡାକ୍ତର ଓ ବିଶେଷଜ୍ଞଙ୍କ ଘୋର ଅଭାବ ଯୋଗୁଁ ସ୍ଥାନୀୟ ଅଞ୍ଚଳବାସୀ ଉଚିତ ଚିକିତ୍ସା ନପାଇ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ସରକାର ଏହି ଚିକିତ୍ସାଳୟକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ଦେଇଥିଲେ ମଧ୍ୟ ଆବଶ୍ୟକୀୟ ଭିତ୍ତିଭୂମି ଓ ନିଯୁକ୍ତି ଯୋଗାଇବାରେ ସମ୍ପୂର୍ଣ୍ଣ ଅବହେଳା କରିଛନ୍ତି। ପର୍ଲା ଡାକ୍ତରଖାନା ଉପରେ କେବଳ ସ୍ଥାନୀୟ ଦଣ୍ଡପାଟ ଅଞ୍ଚଳ ନୁହେଁ, ବରଂ ପଡ଼ୋଶୀ ରାଜ୍ୟ ଛତିଶଗଡ଼ର ଶତାଧିକ ରୋଗୀ ମଧ୍ୟ ନିର୍ଭର କରିଥାନ୍ତି। ଚିକିତ୍ସାଳୟରେ ୧୦୦ପ୍ରତିଶତ ଗରିବ ଶ୍ରେଣୀର ଲୋକ ଚିକିତ୍ସିତ ହେବାକୁ ଆସୁଥିବା ବେଳେ ଏଠାରେ ସାଧାରଣ ରୋଗର ଉପଚାର ମଧ୍ୟ ମିଳିପାରୁ ନାହିଁ। ଫଳରେ ରୋଗୀମାନଙ୍କୁ ବାଧ୍ୟ ହୋଇ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନା ଉପରେ ନିର୍ଭର କରିବାକୁ ପଡୁଛି। ଅନେକ ସମୟରେ ପ୍ରାଥମିକ ଚିକିତ୍ସା ଅଭାବରୁ ରୋଗୀଙ୍କ ମୃତ୍ୟୁ ଘଟୁଥିବା ଭଳି ସଂଗୀନ ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ସରକାରୀ ନିୟମ ଅନୁଯାୟୀ, ଏକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ଲକ ପବ୍ଲିକ ହେଲଥ ଅଫିସର, ସୁପରିଣ୍ଟେଣ୍ଡେଣ୍ଟ, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, ମେଡ଼ିସିନ ବିଶେଷଜ୍ଞ, ସର୍ଜରି ବିଶେଷଜ୍ଞ ଏବଂ ୨ ଜଣ ଆସିଷ୍ଟାଣ୍ଟ ସର୍ଜନ ରହିବା କଥା। ମାତ୍ର ବର୍ତ୍ତମାନ ଏଠାରେ କେବଳ ଜଣେ ମେଡ଼ିକାଲ ଅଫିସର ଓ ୪ ଜଣ ଏମବିବିଏସ ଡାକ୍ତର କାର୍ଯ୍ୟ କରୁଛନ୍ତି। ସବୁଠାରୁ ଦୁଃଖଦ ବିଷୟ ହେଉଛି, ଗର୍ଭବତୀ ଓ ପ୍ରସୂତିଙ୍କ ଚିକିତ୍ସା ପାଇଁ ଏଠାରେ ଅନେକ ଆଧୁନିକ ଯନ୍ତ୍ରପାତି ରହିଛି, ହେଲେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ନଥିବାରୁ ସେହି ସବୁ ଦାମୀ ଯନ୍ତ୍ରପାତି ବ୍ୟବହାର ନହୋଇ ଖତ ଖାଉଛି। ଫଳରେ ଅଞ୍ଚଳର ଗର୍ଭବତୀ ମହିଳାମାନେ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଏବଂ ମାନସିକ ଓ ଅର୍ଥନୈତିକ ସ୍ତରରେ ଶୋଷଣର ଶିକାର ହେଉଛନ୍ତି। ସରକାର ଲୋକଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇ ଦେବାକୁ ଡିଣ୍ଡିମ ପିଟୁଥିବା ବେଳେ, ପର୍ଲା ସ୍ୱାସ୍ଥ୍ୟ କେନ୍ଦ୍ରର ଏହି ଚିତ୍ର ସରକାରଙ୍କ ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟରେ ସରକାର ବଦଳିଛି ସତ, ହେଲେ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାଗ୍ୟ କେବେ ବଦଳିବ ଏବଂ ଏଠାରେ କେବେ ସ୍ଥାୟୀ ବିଶେଷଜ୍ଞ ଡାକ୍ତର ନିଯୁକ୍ତ ହେବେ, ତାହା ଦେଖିବାକୁ ବାକି ରହିଲା।

## ଆମପାଣି ଘାଟିରେ ମର୍ମନ୍ତୁଦ ଦୁର୍ଘଟଣା

# ମୁହାଁମୁହିଁ ଧକ୍କାରେ ଜଳିଗଲା ଟ୍ରେଲର ଓ ପିକ୍ଅପ୍

**କୋକସରା, ୩୧।୫(ସମିସ):** କଳାହାଣ୍ଡି-ନବରଙ୍ଗପୁର ଜିଲ୍ଲା ସୀମାନ୍ତ ଆମପାଣି ଘାଟିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରେଲର ଓ ପିକଅପ୍ ଭ୍ୟାନ୍ ମୁହାଁମୁହିଁ ଧକ୍କା ହୋଇଥିବା ବେଳେ ମଝି ରାସ୍ତାରେ ଦୁଇଟି ଗାଡ଼ି ହୁ ହୁ ହୋଇ ଜଳିଯାଇ ପାଉଁଶ ହୋଇଯାଇଛି।ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ୨୬ ନମ୍ବର ଜାତୀୟ ରାଜପଥର ଆମପାଣି ଘାଟି ରାସ୍ତାର ବିରିମୁହାଣ ନିକଟରେ ଘଟିଛି ଏହି ଭୟାବହ ସଡ଼କ ଦୁର୍ଘଟଣା। ଏକ ଟ୍ରେଲର ଏବଂ କୁକୁଡ଼ା ବୋଝେଇ ପିକଅପ୍ ଭ୍ୟାନ୍ ମଧ୍ୟରେ ହୋଇଥିଲା ମୁହାଁମୁହିଁ ଜୋରଦାର ଧକ୍କା। ଧକ୍କା ଏତେ ଜବରଦସ୍ତ ଥିଲା ଯେ, ଦୁର୍ଘଟଣା ପରେ ପରେ ଉଭୟ ଗାଡ଼ିରେ ନିଆଁ ଲାଗିଯାଇଥିଲା। ଖବର ପାଇ ତୁରନ୍ତ ଆମପାଣି ଥାନା ପୁଲିସ ଓ କୋକସରା ଅଗ୍ନିଶମ





ବିଭାଗର କର୍ମଚାରୀ। ଅଗ୍ନିଶମ ବାହିନୀର କଠିନ ପରିଶ୍ରମ ଓ ତତ୍ପରତା ଯୋଗୁଁ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇଥିଲେ ହେଁ ଉଭୟ ଦୁର୍ଘଟଣା ଗ୍ରସ୍ତଗାଡି ଜଳିଯାଇଛି। ତେବେ ସବୁଠାରୁ ବଡ଼ ଆଶ୍ୱାସନାର କଥା ଦୁର୍ଘଟଣାରେ କିଛି ମାତ୍ରାରେ କୁକୁଡ଼ା ଜଳିଥିବା ବେଳେ ଗାଡ଼ି ଚାଳକ ଓ ସହଯୋଗୀମାନେ ସୁରକ୍ଷିତ ଥିବା ଜଣାପଡ଼ିଛି। ଦୁର୍ଘଟଣା କେମିତି ଏବଂ କେଉଁ ପରିସ୍ଥିତିରେ ଘଟିଲା ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିବା ଆମପାଣି ଥାନା ପକ୍ଷରୁ ସୂଚନା ମିଳିଛି।

# ବଢୁଛି ଚୋରା ଚାଲାଣ; ସଙ୍କଟରେ ହାତୀନଦୀ

**କଲମପୁର, ୩୧।୫(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅଞ୍ଚଳର କେନ୍ଦ୍ରସ୍ଥଳରେ ପ୍ରବାହିତ ହେଉଛି ହାତୀନଦୀ। ହାତୀନଦୀର ବାଲି ଉତ୍କୃଷ୍ଟମାନର ହୋଇଥିବାରୁ ବିଗତ ଦିନରେ ବହୁଳ ଭାବେ ଚୋରା ଚାଲାଣ ହୋଇ ଆସୁଥିଲା। ଏଥିପାଇଁ ରାଜସ୍ୱ ବିଭାଗ ନିଲାମ ପ୍ରକ୍ରିୟା ଆରମ୍ଭ କଲେ। ଏହି ହିସାବରେ ଅନେକ ଘାଟ ଚିହ୍ନଟ ହୋଇଥିଲେ ମଧ୍ୟ ବ୍ୟକ୍ତିଗତ ଜମି ବିବାଦରୁ କେତେକ ଘାଟକୁ ବାଦ ଦିଆଯାଇଥିଲା। ସେ ମଧ୍ୟରେ ଦେପୁର, କର୍ମେଲ, ବଡକୁଟ୍ରୁ, ପାତ୍ରବସା, ମଣ୍ଡଳ ଓ ଖଣ୍ଡିଡଙ୍ଗରିଗୁଡା ବାଲିଘାଟ ନିଲାମ ହୋଇଥିଲା। ଦେପୁର, କର୍ମେଲ ଓ ବଡକୁଟ୍ରୁ ବାଲିଘାଟର ନିଲାମ ଅବଧି ଆସନ୍ତା ଜୁନ ମାସ ୧୫ତାରିଖରେ ସରିବାକୁ ଥିବା ବେଳେ ଅନ୍ୟସବୁ ଘାଟର ପଲ୍ୟୁସନ ସାର୍ଟିଫିକେଟ ହାସଲ କରି ନ ଥିବାରୁ ବନ୍ଦ ପଡ଼ିଛି। ଏମାନେ ସ୍ୱଳ୍ପ ସମୟ ପାଇଁ ପଲ୍ୟୁସନ ସାର୍ଟିଫିକେଟ ଆଣି ପାଞ୍ଚ ବର୍ଷ ଅତିବାହିତ କରିଦେଲେ। ଖଣ୍ଡି ଡଙ୍ଗରିଗୁଡା ବାଲିଘାଟ ମାମଲା କିନ୍ତୁ ଭିନ୍ନ ପ୍ରକାରର ହୋଇଛି। ଏହି ବାଲିଘାଟକୁ ଗ୍ରାମବାସୀ ତୀବ୍ର ବିରୋଧ କରି ଆସୁଛନ୍ତି, ଫଳରେ ଏଠାରୁ ଆରମ୍ଭରୁ ହିଁ ବାଲି ଉଠାଣ ହୋଇ ପାରିନାହିଁ। ବାଲି ପାଇଁ ଦେପୁର, କର୍ମେଲ ଓ ବଡକୁଟ୍ରୁ ଏହି ତିନୋଟି ଘାଟ ଉପରେ ଲୋକେ ନିର୍ଭର କରି ଆସୁଥିଲେ ମଧ୍ୟ ଆବଶ୍ୟକତା ଅନୁସାରେ ବାଲି ମିଳି ପାରୁନାହିଁ। ଏଥିପାଇଁ ଅଞ୍ଚଳରେ ଚୋରା କାରବାର ହୁହୁ ହୋଇ ବଢ଼ିବାରେ ଲାଗିଛି। ପରୁଆଗୁଡା, ଟେମରା, ତେନ୍ତୁଲିଖୁଣ୍ଟି, ପାତ୍ରବସା, ସାନକୁଟ୍ରୁ, ମଣ୍ଡଳ, ବିରିପୁର, ବାଲିଛଡା, ବଙ୍କାପଲା ଆଦି ଘାଟରୁ ବାଲି ଚୋରା ଚାଲାଣ ହେବାରେ ଲାଗିଛି। ଏହି ବାଲି ସ୍ଥାନୀୟ ଅଞ୍ଚଳ ସମେତ ବ୍ଲକ ବାହାରକୁ ମଧ୍ୟ ଚାଲାଣ ହେଉଛି। ସରକାର ବାଲି ମାଫିଆମାନଙ୍କ ଉପରେ ଅଙ୍କୁଶ ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ଏହି ଅଞ୍ଚଳରେ ଏହାର ପ୍ରଭାବ ପରିଲକ୍ଷିତ ହେଉନାହିଁ। ଏଥିପାଇଁ ଜନୈକ ପ୍ରଭାବଶାଳୀ ମାଫିଆ ପାହାଡର ପାଦ ଦେଶରୁ ମାଟି ଆଣି ଶାଖା କେନାଲ ଉପରେ ରାସ୍ତା ନିର୍ମାଣ କରୁଛି। ଏନେଇ ବନ ବିଭାଗ ଓ କେନାଲ ବିଭାଗ କାହାରି ପାଖରେ ଖବର ନାହିଁ। ଏବେ ବାଲିଘାଟ ନିଲାମ ଅବଧି ଶେଷ ହେବା ସହ କଟକଣା ଲାଗି ରୁହେ ତେବେ ଅଞ୍ଚଳର ବିକାଶରେ ମଧ୍ୟ ଏହାର ପ୍ରତିକୂଳ ପ୍ରଭାବ ପରିଲକ୍ଷିତ ହେବ। ପ୍ରଧାନମନ୍ତ୍ରୀ ଆବାସ, ରାସ୍ତାଘାଟ, କୋଠାବାଡ଼ି ନିର୍ମାଣ ଏକ ପ୍ରକାର ଠପ ହୋଇଯିବାର ଆଶଙ୍କା ରହିଛି। ଏସବୁକୁ ଦୃଷ୍ଟିରେ ରଖି ଉଚ୍ଚ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଜନସାଧାରଣରେ ମତ ପ୍ରକାଶ ପାଇଛି।

**୨ର ପଲ୍ୟୁସନ ଅବଧି ଶେଷ**

**ଗୋଟିଏକୁ ଗ୍ରାମବାସୀଙ୍କ ବିରୋଧ**

**ନିଲାମ ହୋଇଥିଲା ୬ ବାଲିଘାଟ, ୩ର ନିଲାମ ଅବଧି ଜୁନ ୧୫**

## ମଉଳି ଯାଉଛି କୋଣାର୍କ ସୂତାକଳ ପୁନରୁଦ୍ଧାର ସ୍ୱପ୍ନ

# କଳଙ୍କି ଖାଉଛି ଉପକରଣ

**କେସିଙ୍ଗା, ୩୧।୫(ସମିସ)**

କଳାହାଣ୍ଡି ଜିଲ୍ଲାର କେସିଙ୍ଗା ସହରରେ ଥିବା କୋଣାର୍କ ସୂତାକଳ ଆଜକୁ ୪ ଦଶନ୍ଧି ଧରି ବନ୍ଦ ରହିଛି। ସରକାରଙ୍କ ଅଣଦେଖା ସାଙ୍ଗକୁ ନିର୍ବାଚିତ ପ୍ରତିନିଧିଙ୍କ ପ୍ରତିଶ୍ରୁତି ପାଣିର ଗାର ଭଳି ଲାଗୁଛି। ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଦୂରଦୃଷ୍ଟି ଓ ଅଞ୍ଚଳର ପାରିପାର୍ଶିକ ବିକାଶର ପରିକଳ୍ପନା ନେଇ ତିଆରି ହୋଇଥିବା ଉକ୍ତ ସୂତାକଳ ବର୍ତ୍ତମାନ ଭୂତକୋଠିରେ ପରିଣତ ହୋଇ ଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ପ୍ରାୟ ୫୦ ଏକର ବହୁମୂଲ୍ୟ ଜମି ଅଧିଗ୍ରହଣ ହୋଇ ଆଜି ପର୍ଯ୍ୟନ୍ତ ପଡ଼ିରହିଛି ଯାହାର ଆଜିର ବଜାରରେ ଆନୁମାନିକ ମୂଲ୍ୟ ପ୍ରାୟ ୫୦୦କୋଟି ଟଙ୍କା ହେବ ବୋଲି ବେସରକାରୀ ଭାବରେ କୁହାଯାଇଛି। ସରକାର ବଦଳିଲା କିନ୍ତୁ ବଦଳାନି କେସିଙ୍ଗା ସୂତାକଳର ଭାଗ୍ୟ। ଏବେ ବି ସରକାର



ଆନ୍ତରିକତା ଦେଖାଇ ଅଞ୍ଚଳବାସୀଙ୍କ ଓ ଅଞ୍ଚଳର ବିକାଶ ପାଇଁ ଧ୍ୟାନ ଦେଲେ ମିଲ ପୁଣି ଥରେ ଚାଲିବ। ସେପଟେ ୨୦୨୬ କଳାହାଣ୍ଡି ଉତ୍ସବର ଉଦ୍ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କଳାହାଣ୍ଡିଆ କପାକୁ ପ୍ରଶଂସା କରି ଜିଲ୍ଲାକୁ ଟେକ୍ସଟାଇଲ ହବ କରାଯିବ ବୋଲି କହି ଚୁପ ରହିଗଲେ। ସେପଟେ ମାସେ ତଳେ ବଲାଙ୍ଗିର ରେ ନୂତନ କପା ମିଲ ନିର୍ମାଣ ପାଇଁ ଏମଓୟୁ ସ୍ୱାକ୍ଷର ହୋଇଛି। ନୂତନ କପା ମିଲ ନିର୍ମାଣ ପାଇଁ ସରକାର ରୁଚି ଦେଖାଉଥିବା ବେଳେ ପୁରୁଣା ମିଲ ଗୁଡ଼ିକର ପୁନରୁଦ୍ଧାର ପାଇଁ କାହିଁକି କୌଣସି ପଦକ୍ଷେପ ନିଆଯାଇନାହିଁ ଜାଣି ହେଉନାହିଁ। ସେପଟେ ବଲାଙ୍ଗିର ରେ ଥିବା ବିଜୟାନନ୍ଦ ଚିନି କଳ ପୁଣିଥରେ ଚାଲିବ ବୋଲି ପୁରୁଣା ଚିନି କଳକୁ କିଛିଦିନ ତଳେ ଉପମୁଖ୍ୟ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କ୍ଷେତ୍ର ପରିଦର୍ଶନ କରି ଚିନି

### ପ୍ରତିଶ୍ରୁତି ପାଣିର ଗାର

କଳର ପୁନରୁଦ୍ଧାର ହେବ ବୋଲି କହିଥିଲେ ଯାହାକି ସ୍ୱାଗତ ଯୋଗ୍ୟ ପଦକ୍ଷେପ। ସେହିପରି କେସିଙ୍ଗା ବାସୀ, ବୁଦ୍ଧିଜିବୀ ଓ ଅନେକ ସଂଗଠନ ମଧ୍ୟ ଚାହିଁ ବସିଛନ୍ତି ଯେ କେବେ କେସିଙ୍ଗାରେ ଥିବା କୋଣାର୍କ ସୂତାକଳକୁ କୌଣସି ମନ୍ତ୍ରୀ ଆସି କ୍ଷେତ୍ର ପରିଦର୍ଶନ କରି କୋଣାର୍କ ସୂତାକଳର ପୁନରୁଦ୍ଧାର ହେବ ବୋଲି କହି ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ କରିବେ ଦେଖିବାକୁ ବାକି ରହିଲା।

## ବୋଡେନ ଧାନ ମଣ୍ଡି ଆରମ୍ଭରୁ ଅବ୍ୟବସ୍ଥା

# କାଳବୈଶାଖୀ ବର୍ଷାରେ ହନ୍ତସନ୍ତ ଚାଷୀ

**ଧର୍ମଗଡ଼, ୩୧।୫(ସମିସ):** ଧର୍ମଗଡ଼ ବ୍ଲକ ବୋଡ଼େନସ୍ଥିତ ଧାନ ମଣ୍ଡିରେ ଆରମ୍ଭରୁ ହିଁ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗତ ୨୦ ତାରିଖରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ମଣ୍ଡି ଆରମ୍ଭ ଏବଂ ୨୫ ତାରିଖରେ ବୋଡ଼େନ ମଣ୍ଡିରେ ଧାନ କ୍ରୟ ଶୁଭାରମ୍ଭ ହୋଇଥିଲା। କିନ୍ତୁ ଉଦଘାଟନର ଏକ ସପ୍ତାହ ବିତିଯାଇଥିଲେ ମଧ୍ୟ ଧାନ ଉଠାଣ ହୋଇପାରି ନାହିଁ। ବର୍ତ୍ତମାନ ସୁଦ୍ଧା ମଣ୍ଡିରେ ୨୪ ଜଣ ଚାଷୀଙ୍କ ପ୍ରାୟ ୨୫ଶହ କ୍ୱିଣ୍ଟାଲ ୪୫ କିଲୋ ଧାନ ପଡ଼ି ରହିଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗୋଟିଏ ପଟେ ୪୫ ଡିଗ୍ରୀ ଅସହ୍ୟ ତାପମାତ୍ରା ଏବଂ ଅନ୍ୟପଟେ କାଳବୈଶାଖୀର ପ୍ରକୋପରେ ଚାଷୀ ପେଷି ହେଉଛି। ଗତ ଶନିବାର ପ୍ରବଳ ଧୂଳିଝଡ଼ ସହ ବର୍ଷା ଯୋଗୁଁ ଖୋଲା ଆକାଶ ତଳେ ଥିବା ଧାନକୁ ବଞ୍ଚାଇବା ପାଇଁ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଆରଏମସି ଏବଂ ପ୍ୟାକ୍ସ ଚାଷୀଙ୍କୁ ପଲିଥିନ ଯୋଗାଇବାରେ ବିଫଳ ହୋଇଥିବା ଅଭିଯୋଗ ହୋଇଛି। ମାତ୍ର ୬ ଜଣ ଚାଷୀଙ୍କୁ ପଲିଥିନ ମିଳିଥିବା ବେଳେ ବାକି ଚାଷୀ ଭଗବାନଙ୍କ ଭରସାରେ ରହିଥିଲେ। ପ୍ରଶାସନର ଏଭଳି ନୀରବତାକୁ ବିଭିନ୍ନ ମହଲରେ ତୀବ୍ର ନିନ୍ଦା କରାଯାଇଛି। ଖବର ପାଇ ବିଜେଡିର ଏକ ପ୍ରତିନିଧି ଦଳ ମଣ୍ଡିରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଯୁବନେତା ତଥା ସକ୍ରିୟ କର୍ମୀ ଭବାନୀ ବଣିଆ, ଜିଲ୍ଲା ପରିଷଦ ସଭ୍ୟ ପ୍ରଣବ କୁମାର ଭଇସାଲ, ଆଦିତ୍ୟ ବଣିଆ, ସଞ୍ଜୟ କୁମାର ପଟେଲ ଓ କାହ୍ନୁ ଗୋପାଳ ପ୍ରମୁଖ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ସେମାନେ ଫୋନ ଯୋଗେ ଜିଲ୍ଲା ଯୋଗାଣ ଅଧିକାରୀ, ଆରଏମ୍ସି ଅଧିକାରୀ ଏବଂ ଉପଜିଲ୍ଲାପାଳଙ୍କ ସହ ସିଧାସଳଖ ଯୋଗାଯୋଗ କରି ସମସ୍ୟା ବାବଦରେ ଅବଗତ କରାଇଥିଲେ। ନେତାଙ୍କ ହସ୍ତକ୍ଷେପ ପରେ ବାକି ଚାଷୀଙ୍କୁ ପଲିଥିନ ଯୋଗାଇ ଦିଆଯାଇଛି। ସୂଚନା ଅନୁଯାୟୀ, ବୋଡ଼େନ ମଣ୍ଡିରେ ଧାନ ବିକ୍ରି ପାଇଁ ମୋଟ ୧୫୩୬ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଏପର୍ଯ୍ୟନ୍ତ ୧୫୦୧ ଜଣ ଚାଷୀଙ୍କ ଟୋକନ ଆସିସାରିଛି। ପ୍ରଥମ ପର୍ଯ୍ୟାୟରେ ୭୯୦୦ କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ବ୍ୟବସ୍ଥା କରାଯାଇଛି ଏବଂ ଏଥିପାଇଁ ୫ ଜଣ ମିଲର୍ସଙ୍କୁ ନିୟୋଜିତ କରାଯାଇଛି।ଅନ୍ୟପଟେ ଧାନ ଉଠାଇବାରେ ବିଳମ୍ବ ଏବଂ ଚାଷୀ ହନ୍ତସନ୍ତ ହେବା ଘଟଣା ପ୍ରତି ପ୍ରଶାସନ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି ଯୁବନେତା ଭବାନୀ ବଣିଆ ପ୍ରକାଶ କରିଛନ୍ତି। ଅନ୍ୟପଟେ, ଆସନ୍ତା ସୋମବାର ଠାରୁ ଚାଷୀଙ୍କ ଧାନ ସମ୍ପୂର୍ଣ୍ଣ ଭାବେ ଉଠାଯିବ ବୋଲି ପକ୍ସ ପରିଚାଳକ ନରେନ୍ଦ୍ର ସା ସୂଚନା ଦେଇଛନ୍ତି।

## କାଦୁଅ ଭର୍ତ୍ତି ସଡ଼କ ସଫାକଲେ ଗ୍ରାମବାସୀ



ଜଳେଶ୍ୱର,୩୧।୫(ସମିସ): ରବି ଧାନ ଫସଲ ଅମଳରେ ବ୍ୟବହୃତ ମେସିନ୍ ଓ ଟ୍ରାକ୍ଟର ଯୋଗୁଁ ଅଞ୍ଚଳରେ ସମସ୍ତ ଗ୍ରାମ ଉନ୍ନୟନ ସଡ଼କ କୁଢ଼ କୁଢ଼ କାଦୁଅରେ ଭର୍ତ୍ତି ହୋଇ ପଡ଼ିରହିଛି। ଫଳରେ ଯାତାୟାତ କରୁଥିବା ପଥଚାରୀ ଦୁର୍ଘଟଣାର ଶୀକାର ହେବା ସହ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବର୍ତ୍ତନା ପଞ୍ଚାୟତ ଅନ୍ତର୍ଗତ ସରିସିଦା-ଖରିଦା ୩ କିମି ରାସ୍ତା କାଦୁଅରେ ଭର୍ତ୍ତି ହୋଇ ମାଟି ରାସ୍ତା ଭଳି ଦେଖାଯାଉଥିଲା।ବର୍ଷା ହେଲେ କୌଣସି ଯାନ ଦ୍ୱାରା ଚଳାଚଳ ସମ୍ପୂର୍ଣ ଠପ୍ ହୋଇଯାଉଥିଲା। ସରକାରୀ ମରାମତିକୁ ଅପେକ୍ଷା ନ କରି ଗ୍ରାମବାସୀମାନଙ୍କ ଦ୍ୱାରା ରାସ୍ତା ଉପରେ ପଡ଼ିଥିବା କୁଢ଼ କୁଢ଼ କାଦୁଅ କୁ ପର୍ଯ୍ୟାୟ କ୍ରମେ ସଫା କରାଯାଇଛି। ବାସୁଦେବ ହୁଇଙ୍କ ନେତୃତ୍ୱରେ ଗ୍ରାମବାସୀ ମାନେ କୋଦାଳ ଦ୍ୱାର ଶୁଖିଲା ଢ଼ିପ ହୋଇଥିବା ମାଟିକୁ ପରିଷ୍କାର କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି।

# ସ୍ୱାଗତ ଫାଟକ ସମ୍ମୁଖରେ ଗର୍ତ୍ତ ଓ ଅଳିଆ ଗଦା

ବାଲେଶ୍ୱର, ୩୧।୫(ସମିସ)




ବାଲେଶ୍ୱର ଜିଲ୍ଲା ରେମୁଣା ସହରକୁ ପ୍ରବେଶ କରିବା ମାତ୍ରେ ଯେଉଁ ସ୍ୱାଗତ ଫାଟକ ରେମୁଣାର ପରିଚୟ ବହନ କରିବା କଥା, ସେହି ଫାଟକ ନିକଟରେ ପ୍ରଶାସନର ଚରମ ଅବହେଳାର ଜୀବନ୍ତ ନମୁନା ପାଲଟିଛି। ଗୋଟିଏ ପଟେ ବଡ଼ ବଡ଼ ଅକ୍ଷରରେ "ରେମୁଣା ବିଜ୍ଞାପିତ ଅଞ୍ଚଳ ପରିଷଦ ଆପଣଙ୍କୁ ସ୍ୱାଗତ ଜଣାଉଛି' ଲେଖା ହୋଇ ସହରର ଗୌରବ ଜାହିର କରାଯାଉଥିବା ବେଳେ ଅନ୍ୟପଟେ ଠିକ୍ ସେହି ଫାଟକ ସମ୍ମୁଖରେ ପୂର୍ତ୍ତ ବିଭାଗର ରାସ୍ତାରେ ଏକ ବଡ଼ ଗର୍ତ୍ତ ସୃଷ୍ଟି ହେବା ସହ ରାସ୍ତା କଡ଼ରେ ଅଳିଆ ଆବର୍ଜନାର ଗଦା ହେବା ପ୍ରଶାସନର ଅସଲ ଚେହେରାକୁ ପଦାରେ ପକାଇ ଦେଇଛି। ରେମୁଣା ଏନଏସି କୋଟି କୋଟି ଟଙ୍କାର ବିକାଶ, ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟକରଣର ଦାବି କରୁଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ। ଫାଟକ ସମ୍ମୁଖରେ ରାସ୍ତା କଡ଼ରେ ସୃଷ୍ଟି ହୋଇଥିବା ଗଭୀର ଗାତଗୁଡ଼ିକ ମାସ ମାସ ଧରି ପୂର୍ତ୍ତ ବିଭାଗ ମରାମତି କରୁନାହିଁ। ବରଂ ସେହି ଗାତଗୁଡ଼ିକ ଏବେ ଆବର୍ଜନା ଫିଙ୍ଗିବାର ସ୍ଥାୟୀ ସ୍ଥାନ ପାଲଟିଛି। ପ୍ଲାଷ୍ଟିକ, ପଲିଥିନ, ପଚା ଖାଦ୍ୟ, ଘରୋଇ ବର୍ଜ୍ୟବସ୍ତୁ ଓ ବିଭିନ୍ନ ପ୍ରକାରର ଅଳିଆ ଏଠାରେ ପଡ଼ି ରହିଛି। ପୌର ପ୍ରଶାସନର ଫାଟକ ସମ୍ମୁଖ ରାସ୍ତାରେ ଏଭଳି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିଲେ ମଧ୍ୟ କାହାର ନଜର ପଡୁନାହିଁ। ସବୁଠାରୁ ଚିନ୍ତାଜନକ କଥା ହେଲା, ଏହା କୌଣସି ଗଳିକନ୍ଦି କିମ୍ବା ଜନଶୂନ୍ୟ ସ୍ଥାନ ନୁହେଁ। ଏହା ହେଉଛି ରେମୁଣା ଏନଏସିର ମୁଖ୍ୟ ପ୍ରବେଶ ପଥ। ପ୍ରତିଦିନ ହଜାର ହଜାର ଲୋକ, ଯାତ୍ରୀ, ପର୍ଯ୍ୟଟକ ଏବଂ ଶ୍ରୀକ୍ଷୀରଚୋରା ଗୋପୀନାଥଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତମାନେ ଏହି ରାସ୍ତା ଦେଇ ଯାତାୟାତ କରୁଛନ୍ତି। ସହରକୁ ପ୍ରବେଶ କରିବା ମାତ୍ରେ ସେମାନଙ୍କୁ ରେମୁଣାର ସଂସ୍କୃତି କିମ୍ବା ବିକାଶ ନୁହେଁ, ବରଂ ଅଳିଆର ପାହାଡ଼ ସ୍ୱାଗତ କରୁଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘଦିନ ଧରି ଏହି ଅଞ୍ଚଳରେ ସଫେଇ କାର୍ଯ୍ୟ ନାମକୁ ମାତ୍ର ହେଉଛି। ଗାତ ମରାମତି ହେଉନାହିଁ କି ସେଥିରୁ ଅଳିଆ ଉଠାଯାଉନାହିଁ। ଫଳରେ ଆବର୍ଜନା ପଚି ଦୁର୍ଗନ୍ଧ ସୃଷ୍ଟି କରୁଥିବା ବେଳେ ମଶା, ମାଛି ଓ ବିଭିନ୍ନ ରୋଗଜୀବାଣୁଙ୍କ ପାଇଁ ପ୍ରଜନନ ସ୍ଥଳୀ ପାଲଟିଛି। ବର୍ଷା ଋତୁ ଆସିଲେ ପରିସ୍ଥିତି ଆହୁରି ଭୟଙ୍କର ହେବାର ଆଶଙ୍କା ରହିଛି। ପ୍ରଶ୍ନ ଉଠୁଛି, ସ୍ୱଚ୍ଛତା ପାଇଁ ସରକାରୀ ଅନୁଦାନ ଆସୁଛି କେଉଁଠିକୁ ? ସଫେଇ ନାମରେ ଖର୍ଚ୍ଚ ହେଉଥିବା ଅର୍ଥର ହିସାବ କିଏ ଦେବ? ଯଦି ଏନଏସି ନିଜ ସ୍ୱାଗତ ଫାଟକ ସମ୍ମୁଖର ପରିବେଶକୁ ସଫା ରଖିପାରୁନାହିଁ, ତେବେ ସମଗ୍ର ସହରର ସ୍ୱଚ୍ଛତା ନେଇ କରାଯାଉଛି ବୋଲି ହେଉଥିବା ଦାବୀ କେତେ ସତ୍ୟ ତାହା ସହଜରେ ଅନୁମାନ କରାଯାଇପାରେ। ରେମୁଣାର ମୁଖ୍ୟ ପ୍ରବେଶ ପଥରେ ଏଭଳି ଦୃଶ୍ୟ କେବଳ ପୌର ପ୍ରଶାସନର ବିଫଳତା ନୁହେଁ, ବରଂ ସହରର ସମ୍ମାନ ଓ ଭାବମୂର୍ତ୍ତି ପ୍ରତି ଏକ ପ୍ରକାର ଉପହାସ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତୁରନ୍ତ ପୂର୍ତ୍ତ ରାସ୍ତା ପାଶ୍ୱର୍ରେ ହୋଇଥିବା ଗାତ ମରାମତି, ଅଳିଆ ସଫେଇ କରାଯିବାକୁ ଦାବି ହେଉଛି।

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ପଥପ୍ରାନ୍ତ ସଭା




ବାଲେଶ୍ୱର,୩୧।୫(ସମିସ): ଶିକ୍ଷା ସୁରକ୍ଷା ମଞ୍ଚ ପକ୍ଷରୁ ଚଳିତ ବର୍ଷ ନିଟ୍ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ କାରଣରୁ ପରୀକ୍ଷାକୁ ବାତିଲ କରିବା ଘଟଣାକୁ ନେଇ ଗତ ୯ ଦିନ ଧରି ବାଲେଶ୍ୱର ସହରର ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହେଉଛି। ଏ ନେଇ ବିଚାରଗଞ୍ଜ ଛକ ପାଶ୍ୱର୍ରେ ପଥପ୍ରାନ୍ତ ସଭା ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବାଲେଶ୍ୱର ଓକିଲ ସଂଘର ସଭାପତି ମନୋଜ ନାୟକ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା ସଂପାଦକ ଭାଗବତ ପ୍ରତିହାରୀ, ସମାଜସେବୀ ସଲିମ୍ ରାଜା, ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ଆଇନଜୀବୀ ମହମ୍ମଦ ଇସଲାମ, ନାରୀନେତ୍ରୀ ମିନତୀ ସେଠୀ, ଜ୍ୟୋତ୍ସ୍ନା ସେନାପତି ଓ ବନ୍ଦନା ବିଶ୍ୱାସଙ୍କ ସମେତ ମଞ୍ଚର ଅନ୍ୟତମ ଆବାହକ ପ୍ରତିମା ପଣ୍ଡା ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଏକ ଜାତୀୟସ୍ତରର ପରୀକ୍ଷାରେ ଦେଶର ପ୍ରାୟ ୨୩ ଲକ୍ଷ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାର କହିଥିଲେ। ଏହି ପ୍ରଶ୍ନପତ୍ର ପ୍ରଘଟ କାରଣରୁ ୩୨ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କ ଆତହତ୍ୟା ଘଟଣାରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ସେମାନେ ଦାବି କରିଥିଲେ। ପ୍ରଶ୍ନପତ୍ର ପ୍ରସ୍ତୁତି ଓ ପରୀକ୍ଷା ପରିଚାଳନାରେ ଥିବା ସମସ୍ତ ବ୍ୟକ୍ତିଙ୍କୁ ଗିରଫ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଓ ପୁନଶ୍ଚ ଏହି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ନହେବା ନିମିତ୍ତ କେନ୍ଦ୍ରସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଘୋଷଣା କରିବାକୁ ବକ୍ତାମାନେ ଦାବି କରିଥିଲେ। ଡାକ୍ତର ହେବାପାଇଁ ଆଶା କରି ଅକ୍ଳାନ୍ତ ପରିଶ୍ରମ କରୁଥିବା ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକମାନଙ୍କ ମାନସିକତାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ବିଚାରକୁ ନିଅନ୍ତୁ ବୋଲି ସେମାନେ କହିଥିଲେ। ପଥପ୍ରାନ୍ତ ସଭାରେ ରଘୁନାଥ ଲେଙ୍କା ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ୟୋତିରଞ୍ଜନ ବାରିକ, ଯଦୁନାଥ ସେଠୀ, ଶଙ୍ଖ ମାରାଣ୍ଡି, ମଦନ ଜେନା, ପ୍ରସନ୍ନ ପାତ୍ର, ସେକ୍ ଲତିଫ୍, କୁନ୍ଦନ ଦାସ, ଶ୍ୟାମ ସୁନ୍ଦର ଜେନା, ଭରତ ଚନ୍ଦ୍ର ସେଠୀ, ଗୌତମ ଦାସ ଓ ଏସ୍.କେ. ତାଲିବ ପ୍ରମୁଖ ଉପସ୍ଥିତ ଥିଲେ। ଆଜି ସକାଳେ ନୂଆ ବଜାରରେ ଶିକ୍ଷା ସୁରକ୍ଷା ମଞ୍ଚ ପକ୍ଷରୁ ପ୍ରଚାର ପତ୍ର ପ୍ରଦାନ କରାଯାଇଛି।

## ସୋର ଏବିଭିପି ପକ୍ଷରୁ ମେଧାବୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା



ସୋର, ୩୧।୫ (ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସୋର ନଗର ଶାଖା ଆନୁକୂଲ୍ୟରେ ସୋର ଓ ଆଖପାଖ ଅଞ୍ଚଳରେ +୨ ଓ ଦଶମ ଶ୍ରେଣୀରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ "ମେଧାବୀ ଅଭିନନ୍ଦନ' କାର୍ଯ୍ୟକ୍ରମ ମାଧ୍ୟମରେ ସମ୍ବର୍ଦ୍ଧନା କରାଯାଇଛି। ଏହି ପରିପ୍ରେକ୍ଷୀରେ ଦଶମ ଶ୍ରେଣୀରେ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଆଶୁତୋଷ ନାୟକ (୫୮୮) ଓ ଯୁକ୍ତ ୨ ବିଜ୍ଞାନ ରେ ମଧୁସ୍ମିତା କମିଳା (୫୮୨) ଙ୍କୁ ସମ୍ମାନିତ କରାଯିବା ସହିତ ସୋର ବ୍ଲକରେ ଶତାଧିକ ମେଧାବୀ ବିଦ୍ୟାର୍ଥୀ ମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ଶିଶୁ ରୋଗ ବିଶେଷଜ୍ଞ ଡା. ବ୍ରଜ ସୁନ୍ଦର ସ୍ୱାଇଁ, ମୁଖ୍ୟ ବକ୍ତା ଭାବେ ଗଣିତ ଅଧ୍ୟାପକ ମନିନ୍ଦ୍ର କୁମାର ଦୀକ୍ଷିତ, ସମ୍ମାନିତ ଅତିଥି ଭାବେ ଭାରତୀୟ ଜନତା ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ର, ଅନ୍ୟାନ୍ୟ ଅତିଥି ଭାବରେ ପ୍ରଦୀପ କୁମାର ବିଶ୍ୱାଳ, ଅଧିବକ୍ତା କାହ୍ନୁ ଚରଣ ବେହେରା, ସତ୍ୟ ପ୍ରକାଶ ମହାପାତ୍ର ପ୍ରମୁଖ ଯୋଗ ଦେଇ " ଛାତ୍ର ଶକ୍ତି ରାଷ୍ଟ୍ର ଶକ୍ତି'ର ଉଦବୋଧନ ଦେଇଥିଲେ। ଅନ୍ୟାନ୍ୟ କାର୍ଯ୍ୟ ଦାୟିତ୍ୱରେ ଉତ୍ତମ ମହାନ୍ତି, ନାରାୟଣ, ସରୋଜ, ପ୍ରତାପ,ଜୀବନ, ମୁନା,ନୀଳାଦ୍ରି, ସୌମ୍ୟା ପ୍ରମୁଖ ଯୋଗ ଦେଇ ଏହାକୁ ସଫଳ ମଣ୍ଡିତ କରାଇଥିଲେ। ସୋରନଗର ସମ୍ପାଦକ ସୁଜିତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଅନୁସୂଚିତ ଜାତି ଓ ଜନଜାତିର ମିଳିତ ସମ୍ମିଳନୀ



ଜଳେଶ୍ୱର, ୩୧।୫ (ସମିସ): ଅନୁସୂଚିତ ଜାତି ଓ ଜନଜାତିର କର୍ମଚାରୀ, ଚାଷୀ ଓ ଖଟିଖିଆ ମଜଦୁର ମାନଙ୍କର ଏକ ମିଳିତ ସମ୍ମିଳନୀ ଜଳେଶ୍ୱର ଭଂଜଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ଓଡିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବି ରାମଚନ୍ଦ୍ର ଜେନା ସଭାପତିତ୍ୱ କରି ଅନୁସୂଚିତ ଜାତି ଓ ଜନଜାତି ମାନଙ୍କର ସାମ୍ବିଧାନିକ ଅଧିକାର ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଉପସ୍ଥିତ ସଦସ୍ୟ ସଦସ୍ୟାମାନେ ସଂଗଠନକୁ ମଜବୁତ କରିବା ପାଇଁ ସମସ୍ତ ପ୍ରକାରର ପ୍ରଚେଷ୍ଟା କରିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରିଥିଲେ। ଅନୁସୂଚିତ ଜାତି ଓ ଜନଜାତିର କର୍ମଚାରୀ ମାନଙ୍କର ଚାକିରୀ କ୍ଷେତ୍ରରେ ପଦୋନ୍ନତିରେ ଅଣଦେଖାକୁ ନେଇ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ନିବେଦନ ପତ୍ର ଦେବାପାଇଁ ସିଦ୍ଧାନ୍ତ ନେବା ସହିତ ଗ୍ରାମ ପଞ୍ଚାୟତ ତ୍ରିସ୍ତରୀୟ ନିର୍ବାଚନ ନିମନ୍ତେ ଅନୁସୂଚିତ ଜାତି ଓ ଜନଜାତିର ପ୍ରାର୍ଥୀ ଚୟନ ସମୟରେ ରୋଟେସନ ପ୍ରକ୍ରୀୟାକୁ ଠିକ ମାନ୍ୟତା ଦିଆଯାଉ ନଥିବାରୁ ମୁଖ୍ୟମନ୍ତ୍ରୀ ଓ ପଂଚାୟତରାଜ ସଚିବଙ୍କ ଉଦ୍ଦେଶ୍ୟରେ ନିବେଦନ ପତ୍ର ଦେବାର ସିଦ୍ଧାନ୍ତ ନିଆଯାଇଥିଲା। ଉକ୍ତ ସମ୍ମିଳନୀରେ ଏହି ଅନୁସୂଚିତ ଜାତି ଓ ଜନଜାତର କଲ୍ୟାଣ ଓ ପ୍ରଗତି ତଥା ସାମ୍ବିଧାନିକ ଅଧିକାର ସାବସ୍ତ କରିବା ନିମନ୍ତେ ଏହି ସଂଗଠନ କାର୍ଯ୍ୟକରିବ ବୋଲି ସର୍ବସମ୍ମତି କ୍ରମେ ସିଦ୍ଧାନ୍ତ ନିଆଯାଇଥିଲା। ଏହି ସମ୍ମିଳନୀରେ ଶିକ୍ଷକ ନେତା ପ୍ରଦୀପ କୁମାର ସିଂ, ହେମନ୍ତ କୁମାର ଦଲାଇ, ସମାଜସେବୀ ପ୍ରଭାକର ହାଁସଦା, ଜିଲ୍ଲା ମଜଦୂର ସଂଗଠନର ସଭାପତି ଲକ୍ଷ୍ମଣ ବେହେରା, ସମାଜସେବୀ ନିରଂଜନ ମାରାଣ୍ଡି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥରଲେ। ସଭା ପ୍ରାରମ୍ଭରେ ଶିକ୍ଷକ ଶିବଶଙ୍କର ଜେନା ଅତିଥି ପାରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ନେତା ବୁଦ୍ଧଦେବ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଉପେନ୍ଦ୍ରନାଥ ହାଇସ୍କୁଲ ୧୯୮୨ ବ୍ୟାଚ୍ ବନ୍ଧୁମିଳନ

ସୋର, ୩୧।୫(ସମିସ): ସୋର ଷ୍ଟେସନ ଛକସ୍ଥିତ ଗଜେନ୍ଦ୍ର ପ୍ଲାଜା ରୟାଲ ହୋଟେଲ ସଭା ଗୃହରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଅନନ୍ତପୁର ଉପେନ୍ଦ୍ରନାଥ ହାଇସ୍କୁଲର ୧୯୮୨ ମ୍ୟାଟ୍ରିକ ଛାତ୍ରଛାତ୍ରୀଙ୍କୁ ଏକତ୍ରିତ କରାଇବା ସହ ପରସ୍ପର ମଧ୍ୟରେ ପିଲାଦିନର ସ୍ମୃତିକୁ ଉଜୀବିତ କରାଇ ସାମାଜିକ ସ୍ତରରେ ଅନ୍ୟମାନଙ୍କୁ ସହଯୋଗ କରିବା ଉଦ୍ଦେଶ୍ୟରେ ଅବସରପ୍ରାପ୍ତ ଇଂ.ରଘୁନାଥ ବେହେରା ଏବଂ ଇଣ୍ଡିଆନ ବ୍ୟାଙ୍କର ସହକାରୀ ମହା ପ୍ରବନ୍ଧକ ଅକ୍ଷୟ କୁମାର କରଙ୍କ ଆବାହକତ୍ୱରେ ଏହି ବନ୍ଧୁ ମିଳନ ଅନୁଷ୍ଠିତ ହୋଇ ଯାଇଛି। ବରିଷ୍ଠ ଆଇନଜୀବୀ ଜିତେନ୍ଦ୍ର କୁମାର ଉପାଧ୍ୟାୟଙ୍କ ପ୍ରସ୍ତାବ କ୍ରମେ ଜୈବ ବିବିଧତା, ଜଳବାୟୁ ପରିବର୍ତ୍ତନ, ଅପମିଶ୍ରଣ ଖାଦ୍ୟ, ଶିଳ୍ପାୟନ ଏବଂ ସହରୀ ଚାକଚକ୍ୟ ମଧ୍ୟରେ ରାତିରେ ବ୍ୟାପକ ଏଲଇଡି ଲାଇଟ ଜଳିବା, ଯୋଗୁଁ ପ୍ରକୃତିର ଦାନ, ମାନବ ସଭ୍ୟତାର ଉପକାରୀ ବିଭିନ୍ନ କୀଟପତଙ୍ଗ, ବାଦୁଡ଼ି, ବିଭିନ୍ନ ପଶୁ ପକ୍ଷୀ ମାନଙ୍କ ବଂଶ ଧୀରେ ଧୀରେ ଲୋପ ହୋଇ ଯାଉଛି। ଏମାନଙ୍କ ସୁରକ୍ଷା ପାଇଁ,ଉଜ୍ଜ୍ୱଳ ଆଲୋକକୁ ବନ୍ଦ କରାଯାଇ ଶୀତଳ ଆଲୋକ ପ୍ରଚଳନ ଦିଗରେ ସଚେତନତା ସୃଷ୍ଟି ପାଇଁ ଆଜିର ବନ୍ଧୁ ମିଳନରେ ଆହ୍ୱାନ ଦେଇଥିଲେ। ସମସ୍ତ ବରିଷ୍ଠ ନାଗରିକ ମାନେ ସୁସ୍ଥ ଜୀବନ ଯାପନ ପାଇଁ ବିଭିନ୍ନ ସଦସ୍ୟ ସଦସ୍ୟା ମାନେ ନିଜ ନିଜର ମତ ପୋଷଣ କରିଥିଲେ। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ, ବସନ୍ତ ପଣ୍ଡା, ବନଲତା ପୁହାଣ, ସୁକାନ୍ତି ପାଣିଗ୍ରାହୀ, ମନରଞ୍ଜନ ବେହେରା, ଲକ୍ଷ୍ମୀକାନ୍ତ ଦାଶ, ଉମାକାନ୍ତ ମଲିକ, ସୁମତି ପାଣିଗ୍ରାହୀ, ମହେନ୍ଦ୍ର ପରିଡା, ଭାସ୍କର ଚନ୍ଦ୍ର ଶିଅଳ, ଗିରିଜା ଶଙ୍କର ସାହୁ, ବ୍ରଜକିଶୋର ରଥ, ନରେନ୍ଦ୍ର ପୁଥାଲ, ମିନତୀ କର, ପ୍ରହଲ୍ଲାଦ ଅଗସ୍ତି, ରମାକାନ୍ତ ପଲାଇ, ଶାନ୍ତିଲତା ନାୟକ, ଧରଣୀ ଧର ବାରିକ, ଭାବ ଗ୍ରାହୀ ରାଉତ, ନିରଞ୍ଜନ ଜେନା, ଉଷାରଣୀ ସାହୁ, ରଞ୍ଜିତା ଜେନା, ଅଣାକାର ବିଶ୍ୱାଳ, ଚନ୍ଦ୍ରଧ୍ୱଜ ନାୟକ, କମଳା ପାଣିଗ୍ରାହୀ, ଜୟନ୍ତୀ ମହାପାତ୍ର, ରାଜେନ୍ଦ୍ର ମଲିକ ପ୍ରଭୃତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମୁକ୍ତିକାନ୍ତ ପାଣିଗ୍ରାହୀ ସମସ୍ତଙ୍କୁ ଦାନ୍ୟବାଦ ପ୍ରଦାନ କରିଥିଲେ।



## ସ୍ୱାଧୀନତା ସଂଗ୍ରାମୀ ବିନାୟକ ଦାମୋଦର ସବରକରଙ୍କ ଜୟନ୍ତୀ




ଲଙ୍ଗଳେଶ୍ୱର, ୩୧।୫ (ସମିସ): ବାଲିଆପାଳ ବ୍ଲକ କୁମ୍ଭାରୀ ପଞ୍ଚାୟତରେ ମେରା ଯୁବା ଭାରତର ବାଲେଶ୍ୱର ଶାଖା ଏବଂ ସ୍ୱର୍ଶ ଏନଜିଓ ମିଳିତ ସହଯୋଗ ରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିନାୟକ ଦାମୋଦର ସଭରକର ଜୀଙ୍କ ୧୪୩ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ସମାଜସେବୀ ରବିନ୍ଦ୍ର ନାଥ ଅଣ୍ଡିଆ ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିବା ବେଳେ ମୁଖ୍ୟବକ୍ତା ଭାବେ କୁମ୍ଭାରୀ ପଞ୍ଚାୟତ ର ସରପଞ୍ଚ ଙ୍କ ପ୍ରତିନିଧୀ ଜୟନାରାୟଣ ମହାପାତ୍ର ଯୋଗଦେଇ ବିନାୟକ ଦାମୋଦର ସଭରକର ଜୀଙ୍କ ତ୍ୟାଗ, ବଳିଦାନ ଏବଂ ସଙ୍ଘର୍ଷମୟ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ, ସମ୍ମାନିତ ଅତିଥୀ ଭାବରେ ସମାଜସେବୀ ଚନ୍ଦନ ଜେନା, ଗୌରାଙ୍ଗ ମଙ୍ଗରାଜ, ରାମକୃଷ୍ଣ ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚିତ୍ରାଙ୍କନ, ଭାଷଣ ପ୍ରତିଯୋଗୀତା ଅନୁଷ୍ଠିତ ହେବା ସହ ମହିଳା ମାନଙ୍କର ଝୋଟି ଏବଂ ଚିତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଭୂଦାନକର୍ମୀ ଶରତଚନ୍ଦ୍ର ମହାରଣାଙ୍କ ଶ୍ରାଦ୍ଧଦିବସ



ରେମୁଣା, ୩୧।୫ (ସମିସ): ଓଡ଼ିଶାର ଭୂଦାନକର୍ମୀ ସ୍ୱାଧୀନତା ସଂଗ୍ରାମୀ ଗାନ୍ଧିବାଦୀ ସ୍ୱର୍ଗତ ଶରତଚନ୍ଦ୍ର ମହାରଣାଙ୍କର ୧୯ ତମ ଶ୍ରାଦ୍ଧଦିବସ ରେମୁଣା ବ୍ଲକ ଅଧିନସ୍ଥ ଦହପଡା ପଞ୍ଚାୟତର ଗମ୍ଭାରିଆସ୍ଥିତ ଗାନ୍ଧୀ ପାଠଶାଳାରେ ଗ୍ରାମ ପୁନର୍ଗଠନ ଟ୍ରଷ୍ଟର ସଭାପତି ଚକ୍ରଧର ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱର୍ଗତ ମହାରଣାଙ୍କ ଜ୍ୟେଷ୍ଠ ପୁତ୍ର ବୈଜ୍ଞାନିକ ପ୍ରଫେସର ଜ୍ଞାନଦେବ ମହାରଣା ଯୋଗଦେବା ସହିତ ସାହିତ୍ୟିକ ଡ଼. ଭାଗବତ ପ୍ରସାଦ ଦାସ, ପଣ୍ଡିତ ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାରଣାଙ୍କ ତ୍ୟାଗପୁତ ଜୀବନ ଦର୍ଶନ ଉପରେ ଉଦବୋଧନ ଦେଇଥିଲେ। ଅନ୍ୟତମ ବକ୍ତା ଭାବେ ଟ୍ରଷ୍ଟି ନାମଦେବ କମିଳା, ଲକ୍ଷ୍ମୀନାରାୟଣ କମିଳା, କରୁଣାକର ଜେନା, ଗଣେଶ ଚନ୍ଦ୍ର କମିଳା, ମୃତ୍ୟୁଞ୍ଜୟ ପ୍ରଧାନ, ଗଗନ ରଣା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାରଣାଙ୍କ ତ୍ୟାଗପୁତ୍ର ଜୀବନ ଦର୍ଶନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ୱର୍ଗତ ମହାରଣାଙ୍କ ସ୍ମାରକୀ ସ୍ୱରୂପ ଟ୍ରଷ୍ଟ ତରଫରୁ ଅସହାୟ ବରିଷ୍ଠ ନାଗରିକଙ୍କୁ ପ୍ରଚଣ୍ଡ ରୌଦ୍ର ତାପରୁ ରକ୍ଷା ପାଇଁ ଛତା, ଜୋତା ଓ ଗାମୁଛା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପାଠଶାଳାର ଗୁରୁମା ଗାୟତ୍ରୀ ନାୟକ, ସଂଯୋଜକ ସନ୍ତୋଷ କୁମାର ଦାସ, ତପନ କୁମାର ସାମଲ, ପ୍ରଦୀପ ଜେନା, ଦୀପୁ ସାମଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବାବେଳେ ପାଠଶାଳାର ଅଧ୍ୟକ୍ଷ ଅଜୟ କୁମାର ବାରିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଫକୀରମୋହନ କଲେଜ ପୁରାତନ ଛାତ୍ର ସଂସଦର ପ୍ରତିବାଦ ସଭା

ବାଲେଶ୍ୱର, ୩୧।୫ (ସମିସ)




ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତି ଅଶୋଭନୀୟ ଓ ଅପମାନଜନକ ମନ୍ତବ୍ୟକୁ ନେଇ ସାରା ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ବାଲେଶ୍ୱରର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ପକ୍ଷରୁ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଅଭିଳାଷ ପଣ୍ଡା ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ପୁରୋଧା ତଥା କଥାସମ୍ରାଟ ଫକୀର ମୋହନଙ୍କୁ "ଇଂରେଜଙ୍କ ଦଲାଲ' ବୋଲି ଆକ୍ଷେପ କରିଥିବା ଭଳି ଏକ ଅତ୍ୟନ୍ତ ଅପରିପକ୍ୱ ତଥା ଦୁର୍ଭାଗ୍ୟଜନକ ମନ୍ତବ୍ୟ ଦେଇଛନ୍ତି, ଯାହାକୁ ନେଇ ସାରସ୍ୱତ ଜଗତ ଓ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ପ୍ରବଳ ଜନଅସନ୍ତୋଷ ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ପୁରାତନ ଛାତ୍ର ସଂସଦ ସଭାପତି ଡାକ୍ତର ପ୍ରଭାତ ଚନ୍ଦ୍ର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଉପସ୍ଥିତ ସଦସ୍ୟମାନେ ଅଭିଳାଷ ପଣ୍ଡାଙ୍କ ଏଭଳି ଅଜ୍ଞାନତାପୂର୍ଣ୍ଣ ମନ୍ତବ୍ୟକୁ କଠୋର ଭାଷାରେ ନିନ୍ଦା କରିବା ସହ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରତିବାଦ ସଭାରେ ବକ୍ତାମାନେ ମତ ପ୍ରକାଶ କରିଥିଲେ ଯେ, ଫକୀରମୋହନ ସେନାପତି ବାଲେଶ୍ୱର ମାଟିରୁ ପ୍ରେସ ପ୍ରତିଷ୍ଠା କରିବା ଠାରୁ ଆରମ୍ଭ କରି ପତ୍ରପତ୍ରିକା ପ୍ରକାଶନ ଏବଂ କାଳଜୟୀ ସାହିତ୍ୟ ସୃଷ୍ଟି ମାଧ୍ୟମରେ ଓଡ଼ିଆ ଜାତୀୟତାକୁ ନୂତନ ଦିଶା ଦେଇଥିଲେ। ମାତ୍ର ତାଙ୍କର ଏହି ମହାନ ଉତ୍ସର୍ଗୀକୃତ ଜୀବନୀ ଓଡ଼ିଶାର ସାଂସ୍କୃତିକ ଇତିହାସର ଏକ ଗୌରବୋଜ୍ଜଳ ଅଧ୍ୟାୟ ହୋଇଥିବା ବେଳେ, ଓଡ଼ିଆ ଭାଷା-ସାହିତ୍ୟର ସାଧାରଣ ଜ୍ଞାନ ନଥିବା ଭଳି ବ୍ୟକ୍ତି "ଅଳ୍ପ ବିଦ୍ୟା ଭୟଙ୍କରୀ' ନ୍ୟାୟରେ ଏଭଳି କୁତ୍ସାରଟନା କରିବା ଜାତି ପାଇଁ ବଡ଼ ବିଡ଼ମ୍ବନା। ନିଜର ସଂକୀର୍ଣ୍ଣ ମାନସିକତା ତଥା ଶସ୍ତା ପ୍ରସିଦ୍ଧି ପାଇଁ ଇତିହାସକୁ ବିକୃତ କରି ବ୍ୟାସକବିଙ୍କ ଭଳି ଯୁଗପୁରୁଷଙ୍କ ପ୍ରତି ଏଭଳି ଅପଶବ୍ଦ ପ୍ରୟୋଗ କରିବା ଦ୍ୱାରା ସାରା ଓଡ଼ିଆ ଜାତି ମର୍ମାହତ ହୋଇଛି। ସଂସଦ ପକ୍ଷରୁ ସ୍ୱଷ୍ଟ ଚେତାବନୀ ଦିଆଯାଇଛି ଯେ, ଯଦି ସମ୍ପୃକ୍ତ ବ୍ୟକ୍ତି ନିଜର ଏହି କୁତ୍ସିତ ମନ୍ତବ୍ୟ ପାଇଁ ସାର୍ବଜନୀନ ଭାବେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ନ କରନ୍ତି, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ଏବଂ ଓଡ଼ିଆ ଜାତି କେବେହେଲେ ତାଙ୍କୁ କ୍ଷମା ଦେବ ନାହିଁ। ବ୍ୟାସକବିଙ୍କ ସ୍ମୃତିପୂତ ଏହି ପୁରାତନ ଛାତ୍ରମାନେ ତାଙ୍କ ସମ୍ମାନର ସୁରକ୍ଷା ପାଇଁ ଆଇନଗତ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ପଛାଇବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ସଭାରେ ସଂସଦର ସମ୍ପାଦକ ଅନୀଲ କୁମାର ପଟ୍ଟନାୟକଙ୍କ ସମେତ ପ୍ରମୁଖ ସଦସ୍ୟ ଅଧ୍ୟାପକ ଶତ୍ରୁଘ୍ନ ମଲ୍ଲିକ, ପୀତମ୍ବର ଦାସ, ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ଡ. ରାଧାରଞ୍ଜନ ପଟ୍ଟନାୟକ, ଡ. ସୁଧାଂଶୁ ପରିଡା, ବିନୟ କୁମାର ମହାପାତ୍ର, ଦେବାଶିଷ ଦାସ, ରାଜେନ୍ଦ୍ର କିଶୋର ରାୟ, ଅମୃତାଂଶୁ ପଟ୍ଟନାୟକ, ଶ୍ୟାମ ଜେନା, ଦେବାଶିଷ ପାଣି, ଜୟ କୃଷ୍ଣ ମହାନ୍ତି, ପଦ୍ମଲୋଚନ ଦତ୍ତ, ଓମ ପ୍ରକାଶ ରଣା ଏବଂ ଭାଗ୍ୟଜ୍ୟୋତି ଦେ ପ୍ରମୁଖ ଉପସ୍ଥିତ ରହି ଏହି ଭାଷା-ବିରୋଧୀ ମାନସିକତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ। ଶେଷରେ ସଦସ୍ୟ ବିନୟ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।